# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୮/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, March 18/2020 | ★★★★★★

୪୬ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



DADLS-114

ସତ୍ୟମେବ ଜୟତେ

ଓଡ଼ିଶା ଶାସନ

Help us to help you



## କରୋନା ଭାଇରସ୍
## (COVID-19)

## କରୋନା କୁ ନା,
## ରେଜିଷ୍ଟ୍ରେସନ କୁ ହଁ



### ବିଦେଶରୁ ଫେରିଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସୂଚନା :

**ରେଜିଷ୍ଟ୍ରେସନ**

- ମାର୍ଚ୍ଚ ୪ ତାରିଖ ବା ତା'ପରଠାରୁ ବିଦେଶରୁ ଓଡ଼ିଶାକୁ ଆସୁଥିବା ସବୁ ବ୍ୟକ୍ତିମାନଙ୍କ ପାଇଁ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ । (ଏହି ସମୟ ମଧ୍ୟରେ ବିଦେଶକୁ ବୁଲିବାକୁ ଯାଇଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ)
- 104 Helpline ଏବଂ Online Portal https://covid19.odisha.gov.in ରେ ରେଜିଷ୍ଟ୍ରେସନ କରାଯାଇପାରିବ ।
- ବିଦେଶରୁ ଆସିଥିବା ସବୁ ବ୍ୟକ୍ତି ପହଞ୍ଚିବାର ୨୪ ଘଣ୍ଟା ମଧ୍ୟରେ ସେମାନଙ୍କ ଟେଲିଫୋନ ନମ୍ବର ସହିତ ସମସ୍ତ ଆବଶ୍ୟକ ସୂଚନା ଦେଇ ରେଜିଷ୍ଟ୍ରେସନ କରିବା ଜରୁରୀ ।
- ଓଡ଼ିଶା ଆସିବା ପୂର୍ବରୁ ଆଗୁଆ ଏହି ରେଜିଷ୍ଟ୍ରେସନ ମଧ୍ୟ କରାଯାଇପାରିବ ।
- ପରିବାର ଓ ବନ୍ଧୁମାନେ ମଧ୍ୟ ବିଦେଶାଗତ ବ୍ୟକ୍ତିଙ୍କ ପାଇଁ ରେଜିଷ୍ଟ୍ରେସନ କରିପାରିବେ । ୨୦୨୦ ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ ଜାରି ରହିବ ।

**ପୃଥକବାସ (Home Isolation)**

ବିଦେଶରୁ ଫେରିଥିବା ସମସ୍ତ ବ୍ୟକ୍ତି ନିଜ ଘରେ ୧୪ ଦିନ ପର୍ଯ୍ୟନ୍ତ ଅଲଗା ରହିବା ପାଇଁ ଅନୁରୋଧ । କାହା ସହିତ ମିଳାମିଶା ନ କରିବା ପାଇଁ ଅନୁରୋଧ ।

ସଂକ୍ରମଣ ରୋକିବା ପାଇଁ ପୃଥକବାସରେ ରହୁଥିବା ବିଦେଶାଗତ ବ୍ୟକ୍ତିମାନଙ୍କ ପାଇଁ ପନ୍ଦର ହଜାର ଟଙ୍କାର ପ୍ରୋତ୍ସାହନ ଏବଂ ମାଗଣା ଡାକ୍ତରୀ ପରାମର୍ଶ ।

**ଦଣ୍ଡ ବ୍ୟବସ୍ଥା**

ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ଉଦ୍ୟମରେ ବିଦେଶାଗତ ବ୍ୟକ୍ତିମାନେ ସହଯୋଗ ନ କଲେ ଭାରତୀୟ ପିଙ୍ଗଳକୋର୍ଡ ଏବଂ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

**ଆପଣଙ୍କ ସହଯୋଗ ହିଁ ଆପଣଙ୍କ ପରିବାର ଓ ବନ୍ଧୁମାନଙ୍କୁ ସୁରକ୍ଷା ଦେଇପାରିବ ।**

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0159/1920

## ଇରାନରେ କରୋନା ମୃତ୍ୟୁସଂଖ୍ୟା ୯୮୮

ଇରାନରେ କରୋନା ଭୟଙ୍କର ସ୍ଥିତି ଧାରଣ କରିଛି। ଏଠାରେ ୯୮୮ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୧୬,୧୬୯ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୫,୩୮୯ ଜଣ ଆରୋଗ୍ୟ ଲାଭ କରିଥିବା ଜଣାପଡ଼ିଛି। ସୋମବାର ସୁଦ୍ଧା ଦେଶର ମୋଟ ୧୪ ନିୟୁତ ଲୋକଙ୍କ ସ୍କ୍ରିନିଂ କରାଯାଇଥିବା ଇରାନ ସ୍ୱାସ୍ଥ୍ୟମନ୍ତ୍ରୀ ସଇଦ ନମାକି କହିଛନ୍ତି।

# ସିନେମାକୁ କରୋନା ମାଡ଼

**ଚାଇନାର ଉହାନ ସହରରୁ ବିଶ୍ୱର ୧୬୨ ଦେଶକୁ କାୟା ମେଲାଇ ସାରିଲାଣି ଘାତକ ଭୂତାଣୁ କରୋନା। 'କୋଭିଡ୍-୧୯' ନାମରେ ପରିଚିତ ଏହି ଭାଇରସ୍ ୭,୫୦୦ ଲୋକଙ୍କ ଜୀବନ ନେବା ସହ ବିଶ୍ୱ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଫିଲ୍ମ, ସିରିଏଲ୍ ଓ ଟିଭି ଶୋ ଭଳି ମନୋରଞ୍ଜନର ଅନ୍ୟ ମାଧ୍ୟମଗୁଡ଼ିକ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ହଲିଉଡ୍ ଓ ବଲିଉଡ୍‌ରେ ଫିଲ୍ମ ଶୁଟିଂକୁ ବନ୍ଦ କରାଯାଇଛି। ଏହାସହ ପ୍ରେକ୍ଷାଳୟଗୁଡ଼ିକରେ ସିନେମା ରିଲିଜ ଉପରେ କଟକଣା ଜାରି କରାଯାଇଛି। କେବଳ ଏତିକି ନୁହେଁ, ଓଡ଼ିଶା ସମେତ କର୍ଣ୍ଣାଟକ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଥିଏଟରଗୁଡ଼ିକୁ ବନ୍ଦ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) କରୋନା ଭାଇରସ୍‌କୁ ମହାମାରୀ ଘୋଷଣା କରିବା ପରେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ନିଆଯାଉଥିବା ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ଏଣ୍ଟରଟେନମେଣ୍ଟ ଇଣ୍ଡଷ୍ଟ୍ରିରେ ଏକପ୍ରକାର ତାଲା ଝୁଲାଇ ଦେଇଛି।**

## ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରିରେ ତାଲା



କରୋନା ଭାଇରସ୍ ଯୋଗୁ ହଲିଉଡ୍ ଅଦ୍ୟାବଧି ୭ ବିଲିୟନ୍ ଡଲାର କ୍ଷତି ସହି ସାରିଥିବା ଏକ ଆକଳନରୁ ଜଣାପଡ଼ିଛି। ଥିଏଟରଗୁଡ଼ିକ ଏପରି ବନ୍ଦ ରହିଲେ ଆଗାମୀ କିଛି ମାସ ମଧ୍ୟରେ କ୍ଷତିର ପରିମାଣ ଆହୁରି ୧୦ ବିଲିୟନ୍ ଡଲାର ବୃଦ୍ଧି ପାଇବ ବୋଲି ଟ୍ରେଡ୍ ଆନାଲିଷ୍ଟମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ମୁମ୍ବାଇ/ଲସ୍ ଏଞ୍ଜେଲସ୍,୧୭।୩

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯ର ପ୍ରଭାବ ଚଳଚ୍ଚିତ୍ର ଶିଳ୍ପ ଉପରେ ମଧ୍ୟ ଦେଖିବାକୁ ମିଳିଛି। କରୋନା ଭୂତାଣୁ ସଂକ୍ରମଣର ଭୟରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଭାରତରେ ପୂର୍ବରୁ କେତେକ ସମୟରେ ମନୋରଞ୍ଜନ ଟିକସକୁ ନେଇ ସରକାର ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଫିଲ୍ମ ହଲଗୁଡ଼ିକ ସ୍ୱେଚ୍ଛାକୃତ ଓ ଯୋଜନାବଦ୍ଧ ଭାବେ ବନ୍ଦ ଥିଲା। କିନ୍ତୁ ଏବେ କରୋନା ଭୟ ଯୋଗୁ ଅଭୂତପୂର୍ବ ଅଚଳାବସ୍ଥା ଦେଖିବାକୁ ମିଳିଛି। ବାଣିଜ୍ୟ ପ୍ରଦର୍ଶନୀ, ଷ୍ଟୁଡିଓ, ଟିଭି ଚ୍ୟାନେଲ ଏବଂ ଓଭର ଦି ଟ୍ୟାପ୍ (ଓଟିଟି) ପ୍ଲାଟଫର୍ମଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଆସୋସିଏଶନଗୁଡ଼ିକ ମାର୍ଚ୍ଚ ୧୯ଠାରୁ ୩୧ ପର୍ଯ୍ୟନ୍ତ ସମସ୍ତ ଶୁଟିଂ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କରୋନା ଯୋଗୁ ଫିଲ୍ମ ଇଣ୍ଡଷ୍ଟ୍ରି ଏବେ ସର୍ବକାଳୀନ ଦୁର୍ବଳ ସ୍ଥିତିକୁ ଚାଲିଆସିଛି । ପ୍ରେକ୍ଷାଳୟଗୁଡ଼ିକରେ ଗହଳି ଲାଗିରହିଲେ ସଂକ୍ରମଣ ବୃଦ୍ଧିପାଇବା ଆଶଙ୍କା ଥିବାରୁ ସେଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଯଶରାଜ ଫିଲ୍ମସ, ଧର୍ମା ପ୍ରଡକ୍ସନ୍ସ, ନାଡିଆଡ୍‌ୱାଲା ଓ ଭିଆକମ୍ ଭଳି ବଡ଼ ବଡ଼ ପ୍ରଡକ୍ସନ ହାଉସ୍ ସେମାନଙ୍କ ଅଫିସ ବନ୍ଦ କରିସାରିଲେଣି। ଫିଲ୍ମ ବ୍ୟବସାୟ କରୁଥିବା ସମସ୍ତ କର୍ପୋରେଟ ହାଉସ୍ ମଧ୍ୟ ସେମାନଙ୍କ ଅଫିସ ବନ୍ଦ ପାଇଁ ଘୋଷଣା କରିଛନ୍ତି। ଏଥିଯୋଗୁ ସପ୍ତାହକୁ ବକ୍ସ ଅଫିସର ରାଜସ୍ୱ କ୍ଷତି ୧୦୦-୧୨୫ କୋଟି ଟଙ୍କା ହେବ ବୋଲି 'କମ୍ପ୍ଲିଟ୍ ସିନେମା' ମାଗାଜିନ ସମ୍ପାଦକ ଅତୁଲ ମୋହନ ଆକଳନ କରିଛନ୍ତି। ସନ୍ଦୀପ ଔର ପିଙ୍କି ଫରାର, ଜୟେଶଭାଇ ଜୋରଦାର୍, ତୁଫାନ, ଉଧମ ସିଂ, କେଜିଏଫ୍: ଚାପ୍ଟର ୨ ଏବଂ ସୂର୍ଯ୍ୟବଂଶୀ ଭଳି ବଲିଉଡ୍ ଫିଲ୍ମଗୁଡ଼ିକର ଶୁଟିଂ ବନ୍ଦ କରାଯାଇଛି। ମୁମ୍ବାଇରେ ଟ୍ରେଡ୍ ଅନାଲିଷ୍ଟ କୋମଲ ନହାଟା କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସାରା ଦେଶର ୩୫୦୦ରୁ ଊର୍ଦ୍ଧ୍ୱ ସ୍କ୍ରିନ ବନ୍ଦ ହେଲାଣି ଓ ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ। ଏଥିଯୋଗୁ ଥିଏଟର ମାଲିକମାନଙ୍କ ସାପ୍ତାହିକ କ୍ଷତି ୪୦ରୁ ୫୦ କୋଟି ଛୁଇଁବ। ମୋଟାମୋଟି ଭାବେ କରୋନା ଯୋଗୁ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିକୁ ୮୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି କୋମଲ ଆଶଙ୍କା ବ୍ୟକ୍ତ କରିଛନ୍ତି।

- ଭାରତର ୩୫୦୦ ହଲ ବନ୍ଦ
- ସପ୍ତାହକୁ ଥିଏଟର ମାଲିକଙ୍କ ୪୦-୫୦ କୋଟି କ୍ଷତି
- ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର କ୍ଷତି ୮୦୦ କୋଟି

କରୋନା ସଂକ୍ରମଣକୁ ରୋକିବା ପାଇଁ ବିଶ୍ୱର ଅନେକ ଦେଶରେ ଫିଲ୍ମ ଓ ଟିଭି ଶୋ ଶୁଟିଂକୁ ସ୍ଥଗିତ ରଖାଯାଇଛି। ଡିସେମ୍ବର ଶେଷ ଆଡ଼କୁ ଚାଇନାର ଉହାନ ସହରରେ ଆରମ୍ଭ ହୋଇଥିବା ଏହି ଭୂତାଣୁ ବର୍ତ୍ତମାନ ସୁଦ୍ଧା ୧୬୨ଟି ରାଷ୍ଟ୍ରକୁ ବ୍ୟାପିସାରିଥିବାରୁ ଅନ୍ୟ ଶିଳ୍ପ ଭଳି ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ମଧ୍ୟ ସାଙ୍ଗରେ ନେଇ ଆସିଛି ଦୁଃସମ୍ବାଦ। ବିଶ୍ୱର ଦ୍ୱିତୀୟ ବକ୍ସ ଅଫିସ ରିଜିୟନ ଚାଇନାର ୭୦ ହଜାର ଫିଲ୍ମ ଥିଏଟର ବନ୍ଦ ପଡ଼ିଛି। ହଲିଉଡ୍ ଫିଲ୍ମଗୁଡ଼ିକର ରିଲିଜ ସ୍ଥଗିତ ରଖାଯାଇଛି। କେବଳ ହଲିଉଡ୍ କି ବଲିଉଡ୍ ନୁହେଁ, ଓଡ଼ିଶା ସମେତ କର୍ଣ୍ଣାଟକ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଥିଏଟରଗୁଡ଼ିକୁ ବନ୍ଦ କରାଯାଇଛି।

## ଆମେରିକାରେ ଅନ୍‌ଲାଇନ୍ ରିଲିଜ

ଆମେରିକାରେ କରୋନା ଭାଇରସ୍ ପ୍ରାୟ ୫ ହଜାର ଲୋକଙ୍କୁ ସଂକ୍ରମିତ କରିଥିବାବେଳେ ଏଥିରେ ୯୬ ଜଣଙ୍କ ଜୀବନ ଗଲାଣି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁ କାମକୁ ବନ୍ଦ କରାଯାଇଛି। ଫଳରେ ଦେଶର ସବୁଠୁ ପୁରୁଣା ଷ୍ଟୁଡିଓ ୟୁନିଭର୍ସାଲ ପିକ୍‌ଚର୍ସ ଏହାର ପରବର୍ତ୍ତୀ ଫିଲ୍ମ 'ଦି ଇନ୍‌ଭିଜିବଲ ମ୍ୟାନ୍' ଓ 'ଦି ହଣ୍ଟ'ର ଅନ୍‌ଲାଇନ ରିଲିଜ କରିବାକୁ ଯାଉଛି। ଫିଲ୍ମ ହଲଗୁଡ଼ିକ ବନ୍ଦ ପଡ଼ିଥିବାବେଳେ ଆସନ୍ତା ୨୦ ତାରିଖରେ ଅନ୍‌ଲାଇନରେ ଏହା ମୁକ୍ତିଲାଭ କରିବ। ସେହିପରି 'ଟ୍ରୋଲ୍ସ ୱାର୍ଲ୍ଡ ଟୁର' ଶୀର୍ଷକ ଆନିମେଟେଡ୍ କମେଡିକୁ ମଧ୍ୟ ଇଣ୍ଟରନେଟରେ ରିଲିଜ କରାଇ ଫିଲ୍ମର ପଇସା ଉଠାଇବାକୁ ଉଦ୍ୟମ ଚାଲିଛି। ଏହି ଧାରାରେ ଆଉ କେତେକ ପ୍ରଯୋଜନା ସଂସ୍ଥା ମଧ୍ୟ ଅନ୍‌ଲାଇନରେ ଫିଲ୍ମ ରିଲିଜ କରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଆମେରିକାର ଫିଲ୍ମ ଇଣ୍ଡଷ୍ଟ୍ରିରେ ୨୦ ବର୍ଷ ମଧ୍ୟରେ ଏପରି ଅବସ୍ଥା କେବେ ଦେଖିବାକୁ ମିଳି ନ ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।



ଆମେରିକାର ମାନ୍‌ହାଟ୍ଟାନ୍ ବିଚ୍‌ରେ ଥିବା ଆର୍କଲାଇଟ୍ ମୁଭି ଥିଏଟରରେ ଫିଲ୍ମଗୁଡ଼ିକର ପୋଷ୍ଟର ଦେଖୁଛନ୍ତି ଜଣେ କିଶୋର।

## 'କରୋନା ପ୍ୟାର ହୈ'

### କୋଭିଡ୍-୧୯କୁ ନେଇ ଫିଲ୍ମ

ଚଳଚ୍ଚିତ୍ର ପ୍ରଯୋଜକମାନେ ଘାତକ କୋଭିଡ୍-୧୯ ଉପରେ ଆଧାରିତ ଫିଲ୍ମ ନିର୍ମାଣ ପାଇଁ ଟାଇଟଲ ପଞ୍ଜୀକରଣ କରିବାରେ ଧାଡ଼ି ବାନ୍ଧିଛନ୍ତି। ଏରୋସ୍ ଇଣ୍ଟରନ୍ୟାଶନାଲ ଏହି କ୍ଷେତ୍ରରେ ଟିକେ ଆଗୁଆ ରହିଛି। ୨୦୦୦ରେ ମୁକ୍ତିଲାଭ କରିଥିବା ହ୍ରିତିକ ରୋଶନ ଓ ଅମିଷା ପଟେଲଙ୍କ ଅଭିନୀତ 'କହୋନା ପ୍ୟାର ହୈ' ଟାଇଟଲ ଶୈଳୀରେ 'କରୋନା ପ୍ୟାର ହୈ' ନାମରେ ଏକ ଫିଲ୍ମ ପ୍ରସ୍ତୁତି ପାଇଁ ଅନୁମତି ହାସଲ କରିଛି। ଏରୋସ୍‌ର ପ୍ରଡ୍ୟୁସର କ୍ରିଷ୍ଣା ଲୁଲ୍ଲା କହିଛନ୍ତି, ସେମାନେ ଏବେ ଉକ୍ତ ଫିଲ୍ମର ପଟ୍ଟକଥା ଲେଖୁଛନ୍ତି। ଏହି ପ୍ରେମ କାହାଣୀରେ ମହାମାରୀ କରୋନା ବିଷୟବସ୍ତୁ ଗତିଶୀଳ ହୋଇଛି। ସ୍ଥିତି ସୁଧୁରିବା ମାତ୍ରେ ଏହାର ଶୁଟିଂ ଆରମ୍ଭ କରିବେ। ସେହିପରି କରୋନା ଉପରେ ପର୍ଯ୍ୟବସିତ ଆଉ କେତୋଟି ଫିଲ୍ମ ନିର୍ମାଣ ପାଇଁ ଅନ୍ୟ କେତେଜଣ ପ୍ରଯୋଜକ ପଞ୍ଜୀକରଣ କରିଥିବା ଇଣ୍ଡିଆନ୍ ମୋଶନ ପିକ୍‌ଚର୍ସ ପ୍ରଡ୍ୟୁସର୍ସ ଆସୋସିଏଶନ (ଆଇଏମ୍‌ପିପିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଉ ଜଣେ ପ୍ରଯୋଜକ 'ଡେଡ୍‌ଲି କରୋନା' ଟାଇଟଲକୁ ବୁକ୍ କରିଛନ୍ତି।




ଖାଁ ଖାଁ ପଡ଼ିଛି କୋଲକାତାର ଏକ ସିନେମା ହଲ୍।




ଇର୍‌ଫାନ ଖାନ୍‌ଙ୍କ ଅଭିନୀତ 'ଅଂଗ୍ରେଜୀ ମିଡିୟମ' ରିଲିଜ ପରେ ବନ୍ଦ। ଅକ୍ଷୟ କୁମାରଙ୍କ 'ସୂର୍ଯ୍ୟବଂଶୀ'ର ରିଲିଜ ସ୍ଥଗିତ।

---

ଇତିହାସର ଆଇନାରେ

## ମାର୍ଚ୍ଚ ୧୮ର ପ୍ରମୁଖ ଘଟଣା

୧୯୫୩ ମାର୍ଚ୍ଚ ୧୮ରେ ତୁର୍କୀରେ ଭୟଙ୍କର ଭୂକମ୍ପ ହେବାରୁ ୧,୦୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୫ ଥିଲା।

୧୯୯୬ ମାର୍ଚ୍ଚ ୧୮ରେ ଫିଲିପାଇନ୍ସର କ୍ୱେଜନ ସହରରେ ଥିବା ଏକ ନାଇଟ କ୍ଲବରେ ଅଗ୍ନିକାଣ୍ଡ ଘଟିବାରୁ ପ୍ରାୟ ୧୬୭ ଲୋକ ପ୍ରାଣ ହରାଇଥିଲେ। ୯୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

## ସଭରକରଙ୍କ ନାଁରେ ଜେଏନ୍‌ୟୁ ମାର୍ଗ

- କ୍ୟାମ୍ପସ୍‌ରେ ଉତ୍ତେଜନା
- ବିକୃତ କଲେ ସାଇନ୍‌ବୋର୍ଡ

**ନୂଆଦିଲ୍ଲୀ, ୧୭।୩:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ପ୍ରଶାସନ ପକ୍ଷରୁ ହିନ୍ଦୁତ୍ୱ ବିଚାରଧାରାରେ ବିଶ୍ୱାସ ରଖିଥିବା ନେତା ଭି.ଡି. ସଭରକରଙ୍କ ଏକ ସାଇନ୍‌ବୋର୍ଡ ମରାଯାଇ ତାଙ୍କ ନାମରେ କ୍ୟାମ୍ପସ୍ ଭିତରେ ଏକ ରାସ୍ତାର ନାମକରଣ କରାଯିବା ପରେ ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। କେତେକ ଏହି ସାଇନ୍‌ବୋର୍ଡକୁ ବିକୃତ କରିଦେବା ସହ ଆମ୍ବେଡକରଙ୍କ ନାମ ସ୍ପ୍ରେ ପେଣ୍ଟ ଦ୍ୱାରା ଲେଖିଛନ୍ତି। ଏବିଭିପି ଅଧ୍ୟକ୍ଷ ଶିବମ୍ ଚୌରାସିଆ ଏଭଳି କାର୍ଯ୍ୟ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସେପଟେ କଂଗ୍ରେସ ସମର୍ଥିତ ପିଏଚ୍‌ଡି ଛାତ୍ର ସନି ଧୀମାନ୍ ପ୍ରଶାସନର ଏଭଳି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ଦେଶ କରୋନା ଭାଇରସ୍ ମୁକାବିଲା ଦିଗରେ କାମ କରୁଥିବା ବେଳେ ଏଭଳି ହୀନ ରାଜନୀତି କରାଯିବା ଆଦୌ ଉଚିତ ନୁହେଁ। ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ଲାଗି ଚାହୁଁଥିବା ଜଣେ ନେତାଙ୍କ ନାମରେ ଏହି ମାର୍ଗର ନାମକରଣ କରାଯିବା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି।

## ଆସାମ ମଡେଲଙ୍କୁ ବଳାତ୍କାର: ୪ ଗିରଫ

କାନପୁର, ୧୭।୩

ଆସାମର ଜଣେ ମଡେଲ କାନପୁରରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆସିଥିବାବେଳେ ତାଙ୍କୁ ସେଠାରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୫ ସହଯୋଗୀଙ୍କ ଉପସ୍ଥିତିରେ ଏକ ପ୍ରମୁଖ କ୍ଲବର ପୂର୍ବତନ ନିର୍ଦ୍ଦେଶକ ମଡେଲଙ୍କୁ ବଳାତ୍କାର କରିଥିବା ପୋଲିସ ମଙ୍ଗଳବାର ସୂଚନା ଦେଇଛି। ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତର ପୋଲିସ ଟେର୍ ପାଇନାହିଁ। ଘଟଣାରୁ ପ୍ରକାଶ ଯେ, ଗତ ରବିବାର ରାତି ୧୦ଟାରେ ପୋଲିସ ଚଢାଉ କରିବା ଏଭଳି ଘଟଣା ସାମ୍ନାକୁ ଆସିଥିଲା। ହେଲେ ବଙ୍ଗଳାରୁ ସମସ୍ତ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ମାର୍ଚ୍ଚ ୧୩ରେ ମଡେଲ ଜଣକ କାନପୁରରେ ପହଞ୍ଚିଥିବା ବେଳେ ସକ୍ଷମ ସାହୁ ନାମକ ଇଭେଣ୍ଟ ଅର୍ଗାନାଇଜର ମାର୍ଚ୍ଚ ୧୫ରେ ହେବାକୁ ଥିବା କାର୍ଯ୍ୟକ୍ରମ ଲାଗି ତାଙ୍କୁ ନେଇଥିଲେ। ଇକ୍‌ବଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଟିକେଟ ବୁକ୍ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷହେବା ପରେ ବ୍ୟବସାୟୀ ଅମିତ୍ ଅଗ୍ରୱାଲ ତାଙ୍କ କାର୍‌ରେ ମଡେଲଙ୍କୁ ସମୀର ଅଗ୍ରୱାଲଙ୍କ ବଙ୍ଗଳାକୁ ନେଇଯାଇଥିଲେ। ଅମିତ୍ ବଳାତ୍କାର ଉଦ୍ୟମ କରିଥିବା ବେଳେ ବିରୋଧ କରିବାରୁ ନିସ୍ତୁକ ମାଡ଼ ଦିଆଯାଇଥିଲା ବୋଲି ମଡେଲ ଅଭିଯୋଗ କରିଛନ୍ତି। ପୋଲିସ ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ମୁଖ୍ୟ ଅଭିଯୁକ୍ତ ଅମିତ୍ ଏପର୍ଯ୍ୟନ୍ତ ଫେରାର୍ ଅଛନ୍ତି। ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଯାଇଥିବା ଏସ୍‌ପି ଅନିଲ କୁମାର କହିଛନ୍ତି।

## ଦୋଷୀ ମୁକେଶଙ୍କ ନୂଆ ଚାଲ୍

**ନୂଆଦିଲ୍ଲୀ, ୧୭।୩ :** ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ଦୋଷୀଙ୍କୁ ଆସନ୍ତା ୨୦ରେ ଫାଶୀ ଦିଆଯିବା ଲାଗି ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୁକେଶ ସିଂ ଘଟଣା ଦିନ ଦିଲ୍ଲୀରେ ନ ଥିଲେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ଗଣବଳାତ୍କାର ପରଦିନ ଅର୍ଥାତ୍ ୧୭ରେ ରାଜସ୍ଥାନରୁ ଗିରଫ କରାଯାଇ ଦିଲ୍ଲୀ ଅଣାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଫାଶୀଦଣ୍ଡକୁ ଖାରଜ କରିବା ଲାଗି ମୁକେଶ୍ ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣାଙ୍କ ଆଗରେ ଗୁହାରି କରିଛନ୍ତି।ମାମଲାଟି ଏବେ କୋର୍ଟରେ ବିଚାରାଧୀନ ରହିଛି।

# 'ଭୁଶୁଡ଼ିଗଲା କି ଶେଷ ଦୁର୍ଗ'

**ନୂଆଦିଲ୍ଲୀ,୧୭।୩(ପି.ଟି.):** ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଜ୍ୟ ସଭାକୁ ମନୋନୀତ କରିବା ପରେ ବିବାଦ ଉଠିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ପୂର୍ବତନ ସିଜେଆଇ ଗୋଗୋଇଙ୍କୁ ଉଚ୍ଚ ସଦନକୁ ପଠାଇବା ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଏକ ଆକ୍ରମଣ। ଏହା ନ୍ୟାୟପାଳିକାର ସ୍ୱାଧୀନତାକୁ ନ୍ୟୁନ କରିଦେବ ବୋଲି କଂଗ୍ରେସ କହିଛି। ତେବେ ସେ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେବା ପରେ ହିଁ ଗଣମାଧ୍ୟମକୁ ମନ୍ତବ୍ୟ ଦେବେ ବୋଲି ଜଷ୍ଟିସ୍ ଗୋଗୋଇ ସ୍ପଷ୍ଟ କରିଛନ୍ତି। ଏହାସହ ପୂର୍ବତନ ଆଇନମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ମନ୍ତବ୍ୟର ଅବତାରଣା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଷ୍ଟିସ୍ ଗୋଗୋଇଙ୍କୁ ମନୋନୀତ କରିବା ପୂର୍ବରୁ ଅନ୍ତତଃ ନିଜ ଭାଜପା ନେତା ଜେଟ୍‌ଲୀ କ'ଣ କହିଥିଲେ ତାକୁ ମନେପକାଇବା ଉଚିତ ଥିଲା। କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂହଭୀ କହିଛନ୍ତି, ଜଣେ ଅବସରପ୍ରାପ୍ତ ସିଜେଆଇ ରାଜ୍ୟ ସଭାକୁ ମନୋନୀତ ହୋଇ ଯିବା ଦେଶରେ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଏହା ଏକ ଅକ୍ଷମଣୀୟ କାର୍ଯ୍ୟ। ସେହିପରି ମୋଦି ତାଙ୍କ ପ୍ରାକ୍ତନ ସହଯୋଗୀ ତଥା ପୂର୍ବତନ ଆଇନ ଓ ଅର୍ଥମନ୍ତ୍ରୀ ଜେଟ୍‌ଲୀଙ୍କ ପରାମର୍ଶକୁ ଗ୍ରହଣ କରିଥିଲେ କି ବୋଲି କଂଗ୍ରେସର ଆଉ ଜଣେ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଟୁଇଟରରେ ପ୍ରଶ୍ନ କରିଛନ୍ତି । ଏହାସହ ଗୋଗୋଇ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମଦନ ଭୀମରାଓ ଲୋକୁର ଏହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗୋଗୋଇଙ୍କୁ



୨୦୧୮ ଜାନୁୟାରୀ ୧୨ରେ ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ବିରୋଧରେ ୪ ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଜେ. ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ଏମ୍.ବି. ଲୋକୁର ଓ କୁରିଏନ୍ ଜୋଶେଫଙ୍କ ବିଦ୍ରୋହ ବେଳର ଫାଇଲ ଫଟୋ।

### ବିବାଦରେ ଜଷ୍ଟିସ୍ ଗୋଗୋଇଙ୍କ ରାଜ୍ୟ ସଭା ମନୋନୟନ

ରାଷ୍ଟ୍ରପତିଙ୍କ ମନୋନୟନ ନ୍ୟାୟପାଳିକାର ନିରପେକ୍ଷତା ଓ ସ୍ୱାଧୀନତାକୁ ପୁନଃ ପରିଭାଷିତ କରିବ। ଶେଷ ଦୁର୍ଗ ଭୁଶୁଡ଼ିପଡ଼ିଲା କି ବୋଲି ଲୋକୁର ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଟୁଇଟରରେ ସୁର୍ଜେୱାଲା ପୁଣିଥରେ ସମାନ ପ୍ରଶ୍ନକୁ ଦୋହରାଇଛନ୍ତି। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ କୁରିଏନ୍ ଜୋସେଫ କହିଛନ୍ତି, ଦେଶ ପ୍ରତି ଆମେ ଆମର ଋଣ ଶୁଝିସାରିଛୁ ବୋଲି ୨୦୧୮ ଜାନୁୟାରୀ ୧୨ରେ ଜଷ୍ଟିସ୍ ଗୋଗୋଇ ଏକ ବିବୃତିରେ କହିଥିଲେ। ନ୍ୟାୟପାଳିକା ପାଇଁ ଲଢ଼େଇ କରିଥିବା ଗୋଗୋଇ ଏବେ ଏହାର ନିରପେକ୍ଷ ଓ ସ୍ୱାଧୀନ ସିଦ୍ଧାନ୍ତ ସହ ସାଲିସ କରିବା ଭଳି କାର୍ଯ୍ୟ କରିବା ପାଇଁ କିପରି ସାହସ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ସେହି ସମୟରେ ଜଷ୍ଟିସ୍ ଦୀପକ ମିଶ୍ର ସିଜେଆଇ ଥିବାବେଳେ ସୁପ୍ରିମକୋର୍ଟର ୩ ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଜେ. ଚେଲାମେଶ୍ୱର, ଲୋକୁର ଓ ଜୋଶେଫ ତାଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ କରିଥିଲେ। ନ୍ୟାୟପାଳିକା ଇତିହାସରେ ଏହା ଥିଲା ଏହି ଧରଣର ପ୍ରଥମ ଘଟଣା। ଜଷ୍ଟିସ୍ ଗୋଗୋଇ ବୁଧବାର ନୂଆଦିଲ୍ଲୀ ଯିବେ। ସେ କାହିଁକି ଏହି ପଦକୁ ସ୍ୱୀକାର କରିଛନ୍ତି ସେନେଇ ଶପଥ ନେବା ପରେ ସ୍ପଷ୍ଟ କରିବେ।

### କ'ଣ କହିଥିଲେ ଜେଟ୍‌ଲୀ

ପ୍ରଧାନମନ୍ତ୍ରୀ ମୋଦି ଏହି ପ୍ରସଙ୍ଗରେ ଅରୁଣ ଜେଟ୍‌ଲୀଙ୍କ ପରାମର୍ଶ ମାନିବା ଥିଲା। ୨୦୧୨ରେ ଜେଟ୍‌ଲୀ ଆଇନମନ୍ତ୍ରୀ ଥିବାବେଳେ ବିଚାରପତିମାନଙ୍କ ବିଷୟରେ କହିଥିଲେ। ଟ୍ରିବ୍ୟୁନାଲରେ ଅଧ୍ୟକ୍ଷତା କରିବାକୁ ଯାଉଥିବା ବିଚାରପତିମାନଙ୍କ କୁଲିଙ୍ଗ୍ ଅଫ୍ ପିରିୟଡ୍ ରହିବା ଉଚିତ ବୋଲି ଜେଟଲୀ କହିଥିବା ସିଂଘଭୀ ପ୍ରକାଶ କରିଛନ୍ତି। ଜେଟ୍‌ଲୀ ବିଚାରପତିଙ୍କ ଅବସର ପରବର୍ତ୍ତୀ ଉଦାରତା ବିରୋଧରେ କିଛି କହି ନ ଥିଲେ କି ଲେଖି ନ ଥିଲେ? ଏହି ବିଷୟକୁ ମୋଦି ସରକାର ମନେରଖିଛନ୍ତି କି ବୋଲି ସିଂଘଭୀ ସ୍ମରଣ କରାଇଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୮/୨୦୨୦ | Bhubaneswar, Wednesday, March 18/2020 | ପୃଷ୍ଠା-୧




## ୩୦ରେ ପଦାର୍ପଣ କଲେ ସାଇନା

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ମଙ୍ଗଳବାର ୩୦ବର୍ଷରେ ପଦାର୍ପଣ କରିଛନ୍ତି।


୧୭ ୦୯


## ଟେନିସ କୋର୍ଟରେ ନୀନା ଗୁପ୍ତା

ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତାଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଲନ୍‌ରେ ଟେନିସ ଖେଳୁଥିବାର ଦେଖିବାକୁ ମିଳିଛି।



# ଓଡ଼ିଆ ପାଇଁ ଲଜ୍ଜା

ଓଡ଼ିଆ, ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼ ଏବଂ ମାଲୟାଲମ୍ ଭାଷାକୁ ଭାରତରେ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି। କିନ୍ତୁ ସବୁ ଭାଷାକୁ ସମାନ ଦୃଷ୍ଟିରେ ଦେଖାଯାଉ ନାହିଁ। କେନ୍ଦ୍ର ସରକାର ଏ ଦିଗରେ ପାତରଅନ୍ତର କରୁଥିବା ବିଷୟ ଏବେ ଜଣାପଡ଼ିଛି। କଂଗ୍ରେସ ଏମ୍‌ପି ଜୟରାମ ରମେଶ ୧୬ ମାର୍ଚ୍ଚରେ ରାଜ୍ୟ ସଭାରେ 'କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଲ୍, ୨୦୧୯'ରେ ଭାଗ ନେଇ କହିଛନ୍ତି ଯେ, ଭାରତରେ ଅନ୍ୟ ଆଞ୍ଚଳିକ ଭାଷା ଅପେକ୍ଷା ସଂସ୍କୃତକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ତଥ୍ୟକୁ ଉଦ୍ଧାର କରି ସେ ଦର୍ଶାଇଛନ୍ତି ଯେ, ଗତ ୩ ବର୍ଷରେ ସଂସ୍କୃତ ଭାଷାକୁ ଲୋକପ୍ରିୟ କରିବା ସକାଶେ ୬୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ତାମିଲ ଲାଗି ୨୪ କୋଟି ଟଙ୍କା, କନ୍ନଡ଼ ଓ ତେଲୁଗୁ ସକାଶେ ୩ କୋଟି ଟଙ୍କା ଲେଖାଏ ବ୍ୟୟ କରାଯାଇଛି। ଅପରପକ୍ଷରେ ଓଡ଼ିଆ ଓ ମାଲୟାଲମ୍ ପାଇଁ ଏକ ଟଙ୍କା ବ୍ୟୟ କରାଯାଇ ନାହିଁ ବୋଲି ଜୟରାମ ରମେଶ ଗୃହରେ କହିଛନ୍ତି। ଏଥିପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ। ଅନ୍ୟପକ୍ଷରେ ଏହି ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳ (ବିଜେଡି)ର ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ସଂସ୍କୃତକୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି କହିଥିବା ବେଳେ ଓଡ଼ିଆ ଭାଷାକୁ କାହିଁକି ପ୍ରୋତ୍ସାହନ ମିଳୁନାହିଁ, ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାକୁ ଉଚିତ ମନେକଲେ ନାହିଁ। ଆଶ୍ଚର୍ଯ୍ୟ ଏ ଓଡ଼ିଆ ଜାତି ଏବଂ ଏଭଳି ଲୋକ ପ୍ରତିନିଧି, ଯେଉଁମାନେ ଅବହେଳାକୁ ଅଥାନରେ ବଥ ଭଳି ଲୁଚାଇ ରଖିବାକୁ ଚାହାନ୍ତି। କାହିଁକି କେଜାଣି ଓଡ଼ିଆଙ୍କୁ ଓଡ଼ିଆ ଭାବେ ପରିଚିତ ହେବାକୁ ଲଜ୍ଜିତ ଲାଗୁଛି।

ତଥାଗତ ସତପଥୀ

# ରାୟ ଦେଲା ପୁରସ୍କାର

ଭାରତର ପାର୍ଲାମେଣ୍ଟକୁ ଦେଖିଲେ ରାଜ୍ୟ ସଭା ରାଜନୀତିରେ ଅନୁଗତଙ୍କ ପାଇଁ ଏକ ଥଇଥାନ କେନ୍ଦ୍ର ପାଲଟିଗଲାଣି। ଆମ ସମ୍ବିଧାନରେ ଏହି ଗୃହର ଏକ ବିରାଟ ଗୁରୁଦାୟିତ୍ୱ ରହିଛି। କିନ୍ତୁ ନିକଟ ଅତୀତକୁ ଦେଖିଲେ ଏହି ଗୃହରେ ନା ଯେ କେବଳ ରାଜନୈତିକ ଅନୁଗତଙ୍କ ଭିଡ଼ ଲାଗିରହିଛି, ତା' ସହ ବ୍ୟବସାୟୀ/ଶିଳ୍ପପତିମାନଙ୍କର ମଧ୍ୟ ଲମ୍ବା ଧାଡ଼ି ପରିଲକ୍ଷିତ ହେଉଛି। ତେଣୁ ଏହି ଗୃହକୁ କେବଳ ରାଜନୈତିକ ବ୍ୟକ୍ତି ପଠାଯିବେ ବୋଲି ଭାବିବା ଅନୁଚିତ। ଅପରହାଉସ ବା ରାଜ୍ୟମାନଙ୍କ ସଭା ଭାବେ ଏଠାରେ ବିଭିନ୍ନ କ୍ଷେତ୍ର ବା ଚିନ୍ତାଧାରାରୁ ମତ ଆସିବା ଆବଶ୍ୟକ। ଦେଶର ନୀତି ପ୍ରଣୟନ ବେଳେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମନି ବିଲ୍ ବା ଅର୍ଥ ବିଲ୍‌ର ଆଖ୍ୟା ଦିଆଯାଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ରାଜ୍ୟ ସଭା ବାଟ ଦେଇ ଯାଉନାହିଁ। ୨୫୦ ଆସନ ବିଶିଷ୍ଟ ଏହି ଗୃହରେ ୧୨ ଜଣ ସଦସ୍ୟଙ୍କୁ ସିଧାସଳଖ ରାଷ୍ଟ୍ରପତି ମନୋନୀତ କରିଥାନ୍ତି। ଏହି ସଂରକ୍ଷିତ ଆସନ ପାଇଁ ରାଷ୍ଟ୍ରପତି କାହାକୁ ମନୋନୀତ କଲେ ସେ ସମ୍ପର୍କରେ ପ୍ରଶ୍ନ ପଚାରିବାର କୌଣସି ବିଧିବଦ୍ଧ ବ୍ୟବସ୍ଥା ରଖାଯାଇନାହିଁ। ଯେଉଁଥିପାଇଁ ସଦ୍ୟ ଅବସର ନେଇଥିବା ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ରାଷ୍ଟ୍ରପତି ରାଜ୍ୟ ସଭାକୁ ମନୋନୀତ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି। ଏହି ପରିସ୍ଥିତିରେ କୌଣସି ପ୍ରଶ୍ନ ପଚରାଯାଇପାରିବ ନାହିଁ ବୋଲି ଭାବିଲା ବେଳକୁ ଅଧିକ ପ୍ରଶ୍ନ ମନକୁ ଆସୁଛି। ଜାତୀୟ ନାଗରିକ ପଞ୍ଜିକା ବା ଏନ୍‌ଆର୍‌ସିକୁ ସୁପ୍ରିମକୋର୍ଟ ନିଜ ତଦାରଖରେ ଆସାମରେ କାର୍ଯ୍ୟକାରୀ କରାଇବା ଏବଂ ଅଯୋଧ୍ୟାର ରାମମନ୍ଦିର ମାମଲାରେ ଏକ ବିବାଦୀୟ ରାୟ ଦେବାରେ ଗୋଗୋଇଙ୍କ ପ୍ରଧାନ ବିଚାରପତି ଭାବେ ଭୂମିକା ଆଲୋଚନା ପରିସରକୁ ଆସିଥିଲା। ଭାରତୀୟ ଜନତା ପାର୍ଟି (ଭାଜପା)ର ସୀମିତ କାର୍ଯ୍ୟସୂଚୀ ମଧ୍ୟରୁ ଏହି ଦୁଇଟି ଅଧିକ ଗୁରୁତ୍ୱ ବହନ କରୁଥିଲା। ସେଥିପାଇଁ ଦେଶରେ ଅନେକ ଜାଣିବା ଶୁଣିବା ବ୍ୟକ୍ତିଙ୍କ ମତରେ ଗୋଗୋଇ ଏକ ରାଜନୈତିକ ଚିନ୍ତାଧାରାକୁ ସମର୍ଥନ କରିବାକୁ ଯାଇ, ସମ୍ଭବତଃ, ଦେଶର ଦୀର୍ଘମିଆଦୀ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ଏହାର ଭଲ ମନ୍ଦ ଇତିହାସ କହିବ, କିନ୍ତୁ ସମ୍ପ୍ରତି ଦେଶବ୍ୟାପୀ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବାରେ ସେହି ଦୁଇ ରାୟର ଉଲ୍ଲେଖନୀୟ ଭୂମିକା ରହିଛି।

ପୂର୍ବରୁ ଭାରତର ପ୍ରଧାନ ବିଚାରପତି ଭାବେ ଦୀପକ ମିଶ୍ର କାର୍ଯ୍ୟ କରୁଥିବା ବେଳେ ଗୋଗୋଇଙ୍କ ନେତୃତ୍ୱରେ ଅନ୍ୟ କେତେକ ବିଚାରପତି ଖୋଲାଖୋଲି ବିରୋଧ କରି ଗଣମାଧ୍ୟମରେ ମିଶ୍ରଙ୍କ ସମ୍ପର୍କରେ କଠୋର ମନ୍ତବ୍ୟ ଦେଇଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ଇତିହାସରେ ଏଭଳି ଖୋଲାଖୋଲି ବିଦ୍ରୋହ କେବେ ଦେଖାଯାଇ ନ ଥିଲା। ଅନେକ ସମୟରେ ଆଇନ ବ୍ୟବସ୍ଥାର ସଂସ୍କାର ସମ୍ପର୍କରେ ଉଲ୍ଲେଖ କରି ଗୋଗୋଇ ଏକ ଭାବମୂର୍ତ୍ତି ଜନ୍ମାଇ ପାରିଥିଲେ। ହେଲେ ନିଜେ ଯେତେବେଳେ ସର୍ବୋଚ୍ଚ ସ୍ଥାନରେ ବସି ପରିବର୍ତ୍ତନ ଆଣିବାର ସୁଯୋଗ ପାଇଲେ ସେତେବେଳେ ରୋଷ୍ଟର ବ୍ୟବସ୍ଥା ମଧ୍ୟ ବଦଳାଇଲେ ନାହିଁ। କେବଳ ସେତିକି ନୁହେଁ, ନିଜ ଅଫିସରେ କାର୍ଯ୍ୟ କରୁଥିବା ତରୁଣୀଙ୍କ ପ୍ରତି ଅସଦାଚରଣ କରିଥିବାର ସମ୍ପୃକ୍ତା ଯୁବତୀଙ୍କଠାରୁ ଅଭିଯୋଗ ଆସିଥିଲା। ସମସ୍ତେ ବୁଝିଲେ ଯେ ସେହି ଅଭିଯୋଗରେ ସତ୍ୟାସତ୍ୟ ନ ଥିଲେ ଯୁବତୀଙ୍କର ଏତେ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ମିଛ ଅଭିଯୋଗ ଆଣିବାର ଆସ୍ପର୍ଦ୍ଧା କେବେହେଲେ ରହି ନ ଥାଆନ୍ତା। 'ସ୍ୱର୍ଗକୁ ନିଶୁଣି ନାହିଁ, ବଡ଼ ଲୋକଙ୍କୁ ଉତ୍ତର ନାହିଁ' ନ୍ୟାୟରେ ସେହି ରଞ୍ଜନ ଗୋଗୋଇ ରାଜ୍ୟ ସଭାରେ ବସି ନିରୀହ ଦେଶବାସୀଙ୍କୁ ଛୁଇଁଲା ଭଳି ନୀତି ସୃଷ୍ଟି କରିବାରେ ସାମିଲ ହେବେ।

# ଆଉ ଜଣଙ୍କ ମୁଣ୍ଡ ନେଲା କରୋନା

- ଭାରତରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି
- ସଂକ୍ରମିତଙ୍କ ସଂଖ୍ୟା ୧୩୭ ଛୁଇଁଲା



ନୂଆଦିଲ୍ଲୀ, ୧୭।୩

ଭାରତରେ କରୋନା ଭାଇରସ୍ କ୍ରମଶଃ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ମଙ୍ଗଳବାର ମୁମ୍ବାଇରେ ଜଣେ ୬୪ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇବା ପରେ ଭାରତରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଛି। ଦୁବାଇରୁ ମାର୍ଚ୍ଚ ୫ରେ ଭାରତ ଆସିବା ପରେ ମୁମ୍ବାଇର ବୃଦ୍ଧଜଣକ ଗସ୍ତ ସମ୍ପର୍କରେ ନ ଜଣାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ତ୍ରୀ କରୋନା ସଂକ୍ରମିତ ଥିବା ଜଣାପଡ଼ିବା ପରେ ଏବେ ତାଙ୍କୁ ଚିକିତ୍ସା ଜାରି ରହିଛି। ପୂର୍ବରୁ କର୍ଣ୍ଣାଟକ ଓ ଦିଲ୍ଲୀରେ ୨ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଭାରତରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ମଙ୍ଗଳବାର ସୁଦ୍ଧା ଦେଶରେ ୧୩୭ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ୟୁରୋପ ସମେତ ଅନ୍ୟ କେତେକ ଦେଶରୁ ଭାରତ ଆସିବା ବନ୍ଦ କରାଯାଇଥିବା ବେଳେ ଏନେଇ ସରକାରୀ ତତ୍ପରତା ବୃଦ୍ଧିପାଇବାରେ ଲାଗିଛି। ଅଧିକରୁ ଅଧିକ ଲୋକଙ୍କୁ ପରୀକ୍ଷାନିରୀକ୍ଷା ଲାଗି ପ୍ରୟାସ କରାଯାଉଥିବା ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ମହାନିର୍ଦ୍ଦେଶକ ଡା. ବଳରାମ ଭାର୍ଗବ ପ୍ରକାଶ କରିଛନ୍ତି। ଭାରତ ଏବେ କରୋନା ଭାଇରସ୍ ଷ୍ଟେଜ୍-୨ରେ ରହିଛି। କରୋନା ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏବେସୁଦ୍ଧା ଆଇସିଏମ୍‌ଆର୍‌ର ୭୨ ପରୀକ୍ଷାଗାର ରହିଛି। ମାସକ ମଧ୍ୟରେ ଅଧିକ ୪୯ ସରକାରୀ ଲ୍ୟାବ୍ ପ୍ରସ୍ତୁତ ହୋଇଯିବ ବୋଲି ସେ ମତ ଦେଇଛନ୍ତି। ଭ୍ରମଣ ଇତିହାସ ନ ଥିବା ସନ୍ଦିଗ୍ଧ ଲୋକଙ୍କୁ ଏହି ପରୀକ୍ଷା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଭାରତରେ କରୋନା ଭୟ ସମସ୍ତଙ୍କୁ ଘାରୁଥିବା ବେଳେ ନୋଏଡାରେ ୨, ଲଦାଖରେ ୩, କେରଳରେ ୩ ଅଧିକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୩୯ ଓ କେରଳରେ ୨୪ ସଂକ୍ରମିତ ☞ ପୃଷ୍ଠା-୨

# ସତର୍କତା ଅବଧି ଏପ୍ରିଲ ୧୫କୁ ବୃଦ୍ଧି

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କରୋନା ଭୂତାଣୁକୁ କିଭଳି ପ୍ରତିରୋଧ କରିହେବ ସେନେଇ ରାଜ୍ୟ ସରକାର ସତର୍କତାମୂଳକ କେତେକ ପଦକ୍ଷେପ ଏବଂ କଟକଣା ମାର୍ଚ୍ଚ ୩୧ ଯାଏ ଲାଗୁ କରିଥିଲେ। ଏହି ରେଗୁଲେଶନ ଅବଧିକୁ ଆସନ୍ତା ଏପ୍ରିଲ ୧୫ ଯାଏ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି ଯେ, ରୋଗ ଯେଭଳି ନ ବ୍ୟାପିବ ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ହେଲେ ପୁଣି ଅବଧି ବୃଦ୍ଧି କରାଯିବ। ଏହି ରେଗୁଲେଶନର ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଲୋକମାନଙ୍କୁ କରୋନାର କବଳରୁ ରକ୍ଷା କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ କହିଛନ୍ତି। ରାଜ୍ୟ ସରକାର ମାର୍ଚ୍ଚ ୧୩ରେ ଦେଇଥିବା ନିର୍ଦ୍ଦେଶନାମାରେ ଶିକ୍ଷାନୁଷ୍ଠାନ, ସିନେମା ହଲ୍, ସୁଇମିଂ ପୁଲ, ଜିମ୍ ଆଦିକୁ ବନ୍ଦ ଘୋଷଣା କରିଥିଲେ।

# ଆଗୁଆ ମିଳିବ ୩ ମାସ ରାଶନ, ୪ ମାସର ଭତ୍ତା

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

**କରୋନା ସତର୍କତା**

- କ୍ଷମତା ଏକ୍ସପ୍ରେସ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର ବାତିଲ
- ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ
- କଳାବଜାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ

କରୋନା(କୋଭିଡ-୧୯)ର କରାଳ ପ୍ରକୋପରେ ସମଗ୍ର ବିଶ୍ୱ ଅସ୍ତବ୍ୟସ୍ତ। ଏହି ମହାମାରୀର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସାମାଜିକ ମିଳାମିଶାଠାରୁ ଆରମ୍ଭ କରି ଶପିଂମଲ, ସିନେମା ହଲ, ସୁଇମିଂ ପୁଲ, ପାର୍କ, ଶିକ୍ଷାନୁଷ୍ଠାନ ଆଦିକୁ ବନ୍ଦ କରି ଦିଆଯାଇଛି। ଏହିକ୍ରମରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଆଗୁଆ ୩ ମାସର ରାଶନ ଯୋଗାଇ ଦିଆଯିବ। ଆସନ୍ତା ୧ ତାରିଖରୁ ମେ ୧୫ ତାରିଖ ଯାଏ ରାଶନ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହିତ ସାମାଜିକ ନିରାପତ୍ତା ହିତାଧିକାରୀଙ୍କୁ ଏକକାଳୀନ ୪ ମାସର ଆଗୁଆ ଭତ୍ତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଖାଦ୍ୟଶସ୍ୟର ଅଭାବ ନେଇ ଗୁଜବ ପ୍ରଚାର ହେଉଛି। ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ନାହିଁ ବୋଲି ମଙ୍ଗଳବାର ରାଜ୍ୟ ସରକାର ନିଶ୍ଚିତ କରିଛନ୍ତି। ☞ ପୃଷ୍ଠା-୨

# ୫ ଓଡ଼ିଆ ମୃତ, ୩ ଗୁରୁତର

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

**ପଶ୍ଚିମବଙ୍ଗରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା**



- ୧୦୦ ଫୁଟ ଖାତକୁ ଖସିଲା କାର୍
- ମୃତକମାନେ ଗୋଟିଏ ପରିବାରର
- ବୁଲିବାକୁ ଯାଇଥିଲେ ଦାର୍ଜିଲିଂ

ପଶ୍ଚିମବଙ୍ଗର ସିଲିଗୁଡ଼ି କଲିମ୍‌ପଙ୍ଗ ଘାଟିରେ ମଙ୍ଗଳବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଭୁବନେଶ୍ୱର ଅଞ୍ଚଳର ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ସ୍ଥାନୀୟ ରେଳବିହାରରେ ରହୁଥିବା ରତିକାନ୍ତ ନନ୍ଦ, ଶକୁନ୍ତଳା ନନ୍ଦ, ସୁଲୋଚନା ପଣ୍ଡା, ଅଭିଜିତ ରଥ, ସବିତା ନନ୍ଦ। ଆହତମାନେ ହେଲେ ୯ବର୍ଷୀୟା ସାଇ ସ୍ନେହା ରଥ, ଶ୍ୱେତପଦ୍ମା ନନ୍ଦ ଏବଂ ଡଲି ଦାସ। ମୃତକ ଓ ଆହତମାନେ ସମସ୍ତେ ଗୋଟିଏ ପରିବାରର ଏବଂ ନିକଟ ☞ ପୃଷ୍ଠା-୨






# ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀ ମାନ୍ୟତା

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ମିଳିଛି ଆଇକନିକ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସମ୍ପ୍ରସାରିତ ଆଇକନିକ୍ ପର୍ଯ୍ୟଟନସ୍ଥଳୀ ତାଲିକାରେ କୋଣାର୍କ ମନ୍ଦିରକୁ ସାମିଲ କରାଯାଇଛି। ମଙ୍ଗଳବାର ରାଜ୍ୟସଭା ଅଧିବେଶନରେ ବିଜେଡି ଏମ୍‌ପି ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରଦେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏନେଇ ସୂଚନା ଦେଇଛନ୍ତି। ଓଡ଼ିଶା ଏନେଇ ବାରମ୍ବାର ଦାବି କରି ଆସୁଥିବାବେଳେ ଶେଷରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏପରି ବଡ଼ ନିଷ୍ପତ୍ତି ନେଇଥିବା କୁହାଯାଉଛି।



ପୂର୍ବରୁ ଅର୍ଥାତ୍ ୨୦୧୯ ଜୁଲାଇରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୭ ପର୍ଯ୍ୟଟନସ୍ଥଳୀକୁ ଆଇକନିକ୍ ସାଇଟ୍‌ର ମାନ୍ୟତା ଦିଆଯାଇଥିଲା। ହେଲେ ଏଥିରେ ଓଡ଼ିଶାର କୌଣସି ଗୋଟିଏ ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ବହୁ ବିବାଦ ହେବାସହ ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଦାବି ଜୋର୍ ଧରିଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ରମନ୍ତ୍ରୀ ପଟେଲଙ୍କୁ ଚିଠି ଲେଖିଥିଲେ। ନିକଟରେ କୋଣାର୍କରେ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେଇ ପଟେଲ କୋଣାର୍କ ମନ୍ଦିରକୁ ଯଥାଶୀଘ୍ର ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ନୂଆକରି ଆଉ ୨ ପର୍ଯ୍ୟଟନସ୍ଥଳୀକୁ ଆଇକନିକ୍ ତାଲିକାରେ ସାମିଲ୍ କରାଯାଇଥିବାରୁ ସଂଖ୍ୟା ୧୯ରେ ପହଞ୍ଚିଛି। ଏହାମଧ୍ୟରେ କୋଣାର୍କ ସୂର୍ଯ୍ୟ ମନ୍ଦିର ରହିଥିବା ଓ ମୁଖ୍ୟମନ୍ତ୍ରୀଙ୍କ ଚିଠି ପାଇଁ ସେ ☞ ପୃଷ୍ଠା-୨




**ଆଜିର ମନ୍ତବ୍ୟ**
କରୋନା ଭାଇରସ୍ ଭାରତରେ ଘୋର ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି କରିବ।
–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ସୁଦ୍ଧା ଆୟକର ବିଭାଗ ୧୦୫୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।
– ଅର୍ଥମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୫% ବଢ଼ିଲା ମହଙ୍ଗା ଭତ୍ତା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ନିକଟରେ ଲାଗୁ କରାଯାଇଥିଲା। ଗତ ଜାନୁୟାରୀରୁ ସରକାର କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିସାରିଛନ୍ତି। ମାତ୍ର ଏହା ଜୁଲାଇରୁ ଲାଗୁ କରିବା ପରିବର୍ତ୍ତେ ସରକାର ଚଳିତ ବର୍ଷ ଜାନୁୟାରୀରୁ ଲାଗୁ କରାଇଥିଲେ। ଫଳରେ ବକେୟା ଅର୍ଥାତ୍ ୨୦୧୯ ଜୁଲାଇ ୧ତାରିଖରୁ କର୍ମଚାରୀଙ୍କ ଲାଗି ୫ ପ୍ରତିଶତ ବର୍ଦ୍ଧିତ ମହଙ୍ଗା ଭତ୍ତା ସରକାର ପିଛିଲା ଭାବେ ଲାଗୁ କରିଛନ୍ତି। ଏନେଇ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ୨୦୧୯ ଜୁଲାଇ ୧ଠାରୁ ୩୧ ଡିସେମ୍ବର ୨୦୧୯ ମଧ୍ୟରେ ସରକାରୀ କର୍ମଚାରୀମାନେ ପାଇବାକୁ ଥିବା ବକେୟା ମହଙ୍ଗା ଭତ୍ତାକୁ ଆସନ୍ତା ୨୬ ତାରିଖ ସୁଦ୍ଧା ଉଠାଣ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୧୨ରୁ ୧୭ ପ୍ରତିଶତରେ ପହଞ୍ଚିଛି। ଦେଶବ୍ୟାପୀ ରାଜ୍ୟ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରାଯାଇଛି। ଏହାସହିତ ଓଆର୍‌ଏସ୍‌ପି ରୁଲ୍ ୨୦୧୭ ଅନୁଯାୟୀ ସ୍ଥାୟୀ ଚାକିରି କରିଥିବା କର୍ମଚାରୀଙ୍କୁ ମଧ୍ୟ ଏହା ମିଳିବ। ଅନ୍ୟପଟେ ଶିକ୍ଷକ ଏବଂ ଅଣଶିକ୍ଷକ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏହି ସୁବିଧା ଦିଆଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିବା ଶିକ୍ଷକ ଏବଂ ଅଣଶିକ୍ଷକ ଯେଉଁମାନେ ଓଆର୍‌ଏସ୍‌ପି ରୁଲ୍‌ସ ୨୦୧୭ ଅନୁଯାୟୀ ସ୍ଥାୟୀ ଚାକିରି କରିଛନ୍ତି ସେମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁ ହୋଇଛି। ସରକାରଙ୍କ ଏହି ଘୋଷଣା ପରେ ସଚିବାଳୟ କର୍ମଚାରୀ ମହାସଂଘ ସରକାରଙ୍କୁ କୃତଜ୍ଞତା ଜଣାଇଛି।

# ୩ଦିନରେ ୨ଲକ୍ଷ କଇଁଛ ଅଣ୍ଡାଦେଲେ

ରାଜନଗର, ୧୭।୩(ଡି.ଏନ.ଏ.)

**ଗହୀରମଥାରେ ଅଲିଭ ରିଡଲେଙ୍କ ସମୂହ ଅଣ୍ଡାଦାନ ଜାରି**



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଏବେ ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିଛି। ୩ଦିନରେ ୨ଲକ୍ଷ କଇଁଛ ଅଣ୍ଡାଦାନ କରିଛନ୍ତି। କଇଁଛମାନଙ୍କୁ ବାହ୍ୟ ଶତ୍ରୁଠାରୁ ସୁରକ୍ଷା ଦେବା ପାଇଁ ରାଜନଗର ବନ ବିଭାଗ କର୍ମଚାରୀମାନେ ସେଠାରେ ଅସ୍ଥାୟୀ କ୍ୟାମ୍ପ କରି କଇଁଛମାନଙ୍କ ଅଣ୍ଡାଦାନ ସମୟରେ ସୁରକ୍ଷା ପ୍ରଦାନ କରିଛନ୍ତି। ପାଗ ଅନୁକୂଳ ଥିବାରୁ କଇଁଛମାନେ ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ୩/୪ ଦିନ ଜାରି ରଖିବେ ବୋଲି କଇଁଛ ବିଶାରଦମାନେ ଆଶାବ୍ୟକ୍ତ କରିଛନ୍ତି। ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ପ୍ରମୁଖ ମୁଖ୍ୟ ବନସରଂକ୍ଷକ ସନ୍ଦୀପ ତ୍ରିପାଠୀ, ଆଞ୍ଚଳିକ ରାଜ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ଡିଏଫଓ ବିକାଶ ରଞ୍ଜନ ଦାସ ପ୍ରମୁଖ ଗହୀରମଥାର ବାବୁବାଲି ଦ୍ୱୀପରେ ପହଁଚି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଛନ୍ତି। ପ୍ରତ୍ୟହ ସନ୍ଧ୍ୟା ପରଠୁଁ ବିଳମ୍ବିତ ରାତ୍ରି ଯାଏଁ କଇଁଛମାନେ ସମୁଦ୍ରର ଢେଉକୁ ଅତିକ୍ରମ କରି ବାବୁବାଲି ଦ୍ୱୀପର ବାଲୁକା ରାଶିରେ ଅଣ୍ଡାଦାନ କରୁଛନ୍ତି। ଅପରପକ୍ଷେ ସମୂହ ଅଣ୍ଡାଦାନଠାରୁ ଅଳ୍ପ ଦୂରରେ ଥିବା ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକକୁ ଅଣ୍ଡାଦାନ ସମୟରେ ବନ୍ଦ ରଖାଯାଉଛି। ସମୁଦ୍ରକୂଳଠାରୁ ୫ କିଲୋମିଟର ପରିଧି ଭିତରେ ଲକ୍ଷ ଲକ୍ଷ କଇଁଛ ଏବେ ଅଣ୍ଡାଦାନ ଅପେକ୍ଷାରେ ରହିଛନ୍ତି। ବାବୁବାଲି ଦ୍ୱୀପର ସୀମା ସରହଦ ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ଦ୍ୱୀପରେ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦେବା ସମୟରେ ବିଘଟଣ ଘଟୁଥିବା ଦୃଷ୍ଟିକୁ ଆସିଛି।

**ପ୍ରଥମ ପୃଷ୍ଠାରୁ...**

## ଆଗୁଆ ମିଳିବ ୩ ମାସ ...

ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣର ମହଜୁଦ ରହିଛି। ଏ ନେଇ ଚିନ୍ତା କରିବାର ଆବ୍ୟଶ୍ୟକତା ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ବ୍ୟବସାୟୀମାନେ କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ବିଭାଗ ସହଯୋଗରେ କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ ଜିଲାପାଳଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ବଜାର ସ୍ଥିତି ଉପରେ ଆଲୋଚନା କରାଯାଉଛି। ବାଜାରରେ ମାସ୍କର ଘୋର ଅଭାବ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଅଧିକ ମାସ୍କ ତିଆରି ପାଇଁ ପଦକ୍ଷେପ ନିଆଯାଉଛି। ଏହି ଜରୁରୀ ପରିସ୍ଥିତିରେ ଆମ ସମସ୍ତଙ୍କୁ ସଚେତନ ହୋଇ ମୁକାବିଲା କରିବା ଦରକାର ବୋଲି ସେ କହିଥିଲେ।

ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ହିତାଧିକାରୀଙ୍କୁ ଏପ୍ରିଲ, ମେ , ଜୁନ, ଜୁଲାଇ ମାସର ଭତ୍ତା ପ୍ରଦାନ କରାଯିବ। ସାମାଜିକ ନିରାପତ୍ତା ବ୍ୟବସ୍ଥା ଅଧୀନରେ ଥିବା ରାଜ୍ୟର ୪୮ ଲକ୍ଷ ହିତାଧିକାରୀ ଏହି ଆଗୁଆ ଭତ୍ତା ପାଇବେ। ସେମାନଙ୍କ ମଧ୍ୟରେ ମଧୁବାବୁ ପେନ୍‌ସନ ଯୋଜନା(ଏମ୍‌ବିପିୱାଇ) ଏବଂ ଜାତୀୟ ସାମାଜିକ ସୁରକ୍ଷା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ୨୪ ଲକ୍ଷ ହିତାଧିକାରୀ ରହିଛନ୍ତି। କରୋନାର ଭୟାବହତାକୁ ଦେଖି ଏଭଳି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ବୃଦ୍ଧାବୃଦ୍ଧଙ୍କୁ କୋଭିଡ–୧୯ର ବିପଦ ରହିବ ନାହିଁ। ସରକାର ଏହି ରୋଗର ମୁକାବିଲା ପାଇଁ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ସରକାର ମାସିକ ୭୦୦ ଟଙ୍କା ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୭୦ ବର୍ଷରୁ କମ୍ ହିତାଧିକାରୀଙ୍କୁ ୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ପ୍ରଦାନ କରାଯାଉଛି।

ଅନ୍ୟପକ୍ଷରେ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କରୋନା ପ୍ରତିରୋଧ ଗାଇଡଲାଇନ ଜାରି କରାଯାଇଛି। ବିଭାଗ ପକ୍ଷରୁ ଚାଲିଥିବା କ୍ଷମତା ଏକ୍ସପ୍ରେସ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ଅନ୍ୟାନ୍ୟ ହିତାଧିକାରୀ ସମ୍ପୃକ୍ତ ଥେରାପି, ଫିଟମେଣ୍ଟ, କାଉନସିଲିଂ କେନ୍ଦ୍ରଗୁଡ଼ିକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବାତିଲ କରାଯାଇଛି। ଏ ନେଇ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଉ ଜଣଙ୍କ ମୃତ୍ୟୁ ...

ଥିବା ବେଳେ ବିଭିନ୍ନ ରାଜ୍ୟରେ କରୋନା କାୟାବିସ୍ତାର କରିବାରେ ଲାଗିଛି। ଏହାକୁ ରୋକିବା ଲାଗି କେରଳ ସରକାରଙ୍କ ପକ୍ଷରୁ ସମୂହ ହାତଧୁଆ ଅଭିଯାନ 'ବ୍ରେକ୍ ଦ ଚେନ୍' ଆରମ୍ଭ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏନେଇ ଭାରତର ପଦକ୍ଷେପକୁ ପ୍ରଶଂସା କରାଯାଇଛି। ତେବେ ଇରାନରେ ୨୫୦ ଭାରତୀୟ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ମଙ୍ଗଳବାର ସରକାରଙ୍କ ତରଫରୁ ଏହା ସ୍ପଷ୍ଟ କରାଯାଇଛି। ବିଶ୍ୱରେ ଅଦ୍ୟାବଧି କରୋନା ମୃତ୍ୟୁସଂଖ୍ୟା ୭,୪୯୯ରେ ପହଞ୍ଚିଥିବା ବେଳେ ୧.୮୩ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ଅଛନ୍ତି। ଚାଇନା ପରେ ଏବେ ୟୁରୋପ କରୋନା ସଂକ୍ରମଣରେ ସର୍ବାଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

## ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ...

ଏପରି ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଆଇକନିକ୍ ମାନ୍ୟତା ପାଇବା ପରେ କୋଣାର୍କର ଭିତ୍ତିଭୂମି ବିକାଶ ସହ ଯୋଗାଯୋଗ ସହ ପର୍ଯ୍ୟଟକଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ହେବ। ପର୍ଯ୍ୟଟନସ୍ଥଳୀର ବ୍ରାଣ୍ଡିଂ ଓ ପ୍ରମୋଶନକୁ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅନ୍ୟପକ୍ଷରେ ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ଟିକିନିଖି ଖବର ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ସଂରକ୍ଷଣରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି କେନ୍ଦ୍ରର ତତ୍ତ୍ୱାବଧାନରେ ହେବ। ଏନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବେ। ବର୍ତ୍ତମାନ ମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ନିୟମିତଭାବେ ଆଲୋଚନା ହେବ ବୋଲି କେନ୍ଦ୍ରମନ୍ତ୍ରୀ ପଟେଲ ନିକଟରେ ଓଡ଼ିଶାଗସ୍ତରେ ଆସିଥିବା ବେଳେ ସୂଚନା ଦେଇଥିଲେ।

## ୫ ଓଡ଼ିଆ ମୃତ, ...

ସମ୍ପର୍କୀୟ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ କଟକ ସାଲେପୁର ଅଞ୍ଚଳର ରତିକାନ୍ତ ପରିବାର ସହ ରେଳବିହାରରେ ରୁହନ୍ତି। ରତିକାନ୍ତ, ତାଙ୍କ ସ୍ତ୍ରୀ, ଝିଅ, ଜ୍ୱାଇଁ, ନାତୁଣୀ ଓ ଜଣେ ସମ୍ପର୍କୀୟ ଏକ ଟାଟା ସୁମୋରେ ଦାର୍ଜିଲିଂ ବୁଲିବାକୁ ଯାଇଥିଲେ। ମଙ୍ଗଳବାର ଗାଙ୍ଗ୍‌ଟକରୁ ସିଲିଗୁଡ଼ି ଯିବା ବାଟରେ ଘାଟି ରାସ୍ତାରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ୧୦୦ ଫୁଟ ତଳ ଏକ ଖାତ ମଧ୍ୟକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ମୃତକ ଓ ଆହତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଷଷ୍ଠାଧିପ ବୁଧ ଯୋଗୁ ପିଲାଙ୍କ ସ୍ୱାସ୍ଥ୍ୟ, ବନ୍ଧୁଙ୍କ କାରନାମା, ଋଣଦାତାଙ୍କ ଭାଷଣବାଜିରୁ ଚିନ୍ତିତ ରହିବେ। ଭଲ ସମ୍ପର୍କ ନ ଥିବା ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ବୃଷ** ଚତୁର୍ଥାଧିପ ସ୍ୱଗୃହରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ କଳହ, ଯାନବାହନରେ ସମସ୍ୟା, ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆକସ୍ମିକ ଭାବରେ ମୋଟାଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ଯାନବାହନ, ଦୋକାନବଜାରରୁ ଉପକୃତ ହୋଇପାରନ୍ତି।

**ମିଥୁନ** ଶନି ଅଷ୍ଟମଭାବରେ ରହି ପ୍ରାପ୍ୟଧନକୁ ଭିନ୍ନ ବାଟରେ ପୁନଶ୍ଚ ଫେରାଇ ନେଇପାରନ୍ତି। ପ୍ରତ୍ୟେକ ସ୍ତରରେ କିଛି ଅସୁବିଧା ନ ଥିଲେ ମଧ୍ୟ ଅହେତୁକ କଳ୍ପନା ମାନସିକସ୍ଥିତିକୁ ଅସ୍ଥିର କରାଇବ। ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ଶତ୍ରୁତା କରି କେତେକ କାମ ପାଇଁ ପ୍ରତିବନ୍ଧକ ସାଜିପାରନ୍ତି। ସଭାସମିତି, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ବ୍ୟୟଭାବକୁ ଏକାଧିକ ଗ୍ରହ ଦୃଷ୍ଟିପ୍ରଦାନ କରି ଅପବ୍ୟୟ, ସ୍ଥାନାନ୍ତର, ଅଶାନ୍ତିରୁ ନିଦ୍ରାହୀନତାଜନିତ ମନସ୍ତାପ କରାଇବେ। କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ କଷ୍ଟକର ହେବ। ଟଙ୍କା ପଇସା ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ।

**ସିଂହ** ତୃତୀୟାଧିପ ଭାଗ୍ୟସ୍ଥାନରୁ ସ୍ୱଗୃହକୁ ଅବଲୋକନ କରୁଥିବାରୁ ସମ୍ପର୍କୀୟା ଭଗିନୀଙ୍କ ସାହାଯ୍ୟରୁ ସମସ୍ୟା ସୁଧୁରିବ। କେନ୍ଦ୍ରାଧିପଙ୍କ କୋଣଭାବ ମଣ୍ଡନ ଯୋଗୁ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବୁଧଙ୍କ ଦୁର୍ବଳତାଜନିତ ଆର୍ଥିକ ଅନଟନ କାମକୁ କେତେକାଂଶରେ ଅଟକାଇ ଦେଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ଆପଣଙ୍କ ଅର୍ଥନୀତିର ଅଭିବୃଦ୍ଧି, ମନୋରଞ୍ଜନର ମଉକା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମ୍ମାନ ପ୍ରଦାନ କରିବ। ଶନି ଓ ବୁଧଙ୍କ ସ୍ଥିତି ପ୍ରଭାବରୁ କେତେକ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ହିତୈଷୀଙ୍କ ପରାମର୍ଶରେ ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା** ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି ଓ ପାରିବାରିକ ଶାନ୍ତି ଆଜିର ଜୀବନଯାତ୍ରାକୁ କୁସୁମିତ କରିବ। ଉପଚୟଭାବସ୍ଥ ପାପଯୁକ୍ତ ମଙ୍ଗଳ ଯୋଗୁ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। କିନ୍ତୁ ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ଶିଳ୍ପ, ଯାତ୍ରା ଓ କଚେରି ମାମଲା ବିଷୟରେ ଚିନ୍ତିତ ରହିବାକୁ ପଡ଼ିପାରେ।

**ବିଛା** ମୁଖଭାବରେ ଏକାଧିକ ଗ୍ରହଜନିତ ବିବାଦୀୟ ମନ୍ତବ୍ୟ ଆପଣଙ୍କୁ ଦୋଷୀ ସାବ୍ୟସ୍ତ କରିପାରେ। ଅଭାବ ନ ଥିଲେ ମଧ୍ୟ ଅପବ୍ୟୟର ସୀମା ଟପିଯିବା କାରଣରୁ ପରିବାରରେ ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଯାନବାହନ, ଗୃହସୀମା, ସଭାସମିତି, ଜମିଜମା, ନିକଟ ସମ୍ପର୍କୀୟଙ୍କ ସହ କଳହ ହେତୁ ମନ ଭଲ ରହି ନ ପାରେ।

**ଧନୁ** ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ପାଖପଡୋଶୀଙ୍କ ନିକଟରୁ ଶୁଣାକଥା ମନକୁ ସନ୍ଦେହାଚ୍ଛନ୍ନ କରିପାରେ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ସକାଳର ଖୁସି ଅପରାହ୍ନକୁ ରହିବ ନାହିଁ। କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**ମକର** ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ଅଣ୍ଡାଜନିତ ବ୍ୟାଧିର ପୀଡାନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ତଥାପି କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି, ଆନୁଷ୍ଠାନିକ କାର୍ଯ୍ୟରୁ ଖୁସି ରହିପାରନ୍ତି।

**କୁମ୍ଭ** ଶୁକ୍ର ତୃତୀୟ ଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି କଳହର ସୂତ୍ରପାତ ହୋଇପାରେ। ଆକସ୍ମିକ ଭାବେ ପରିବାରରେ କେତେକ ସମସ୍ୟା ଦେଖାଦେଇପାରେ। ଧନିଷ୍ଠା ନକ୍ଷତ୍ର ପ୍ରବାସରେ ନିଃସଙ୍ଗତା ବୋଧ କରି ମନସ୍ତାପ କରିପାରନ୍ତି। ସଭାସମିତି, ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**ମୀନ** ଅଷ୍ଟମାଧିପ ଦ୍ୱିତୀୟ ଭାବରେ ଥିବାରୁ ଆଜି ଦିନଟିରେ ବହୁତ ଚିନ୍ତା କରିବା ପରେ କୌଣସି ପଦକ୍ଷେପ ନେବା ଠିକ୍ ହେବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ। ଲେଖାପଢା, ଆନୁଷ୍ଠାନିକ କାମ, ପ୍ରଶାସନ ତଥା ସଭାସମିତିରେ ସଫଳତା ହାସଲ କରିବେ। ଭୁଲ୍ ବୁଝାମଣାରୁ ପଡୋଶୀଙ୍କ ସହ ସମ୍ପର୍କ ହାନି ଘଟିପାରେ।

ଆଜି ଚୈତ୍ର କୃଷ୍ଣ ଦଶମୀ ବୁଧବାର, ମାର୍ଚ୍ଚ ୧୮ ତାରିଖ, ରାଶି ନକ୍ଷତ୍ର– ସକାଳ ଦିବା ଘ୧ ।୪୬ମି. ଗତେ, ଉତ୍ତରାଷାଢା/ଧନୁ, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣ, ସକାଳ ଘ୭ ।୩୨ମି. ମଧ୍ୟେ ଘ୯ ।୫୪ମି. ଗତେ, ଘ୧୧ ।୩୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦ ।୧୫ମି. ଗତେ ଘ୧୧ ।୪୩ମି. ମଧ୍ୟେ ଘ୪ ।୨୭ମି. ଗତେ ଘ୫ ।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧ ।୫୪ମି. ଗତେ ଘ୧ ।୨୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Brahmin boy 1985, 5'10" MS USA working Software Engineer in USA required Brahmin bride. 7008217619. D-68798

Brahmin boy 1986/ 5'7", own Transport Business Bhubaneswar. 6370270992, 9238578590. D-69306

Son age 31 B.Tech NIT Rourkela MBA IIM Lucknow work Chief Manager 25lakhs salary at Bangalore 7008986003. D-17183

Now Matrimonial ads. only on Wednesday & Sunday Book 1 Get 1 FREE

32ବର୍ଷ, ବ୍ରାହ୍ମଣ, ଗୌରବର୍ଣ୍ଣ, ଉଚ୍ଚତା 5'4", IIT ଇଂଜିନିୟର, MNCରେ କାର୍ଯ୍ୟରତ ଡିଭୋର୍ସ ହୋଇସାରିଥିବା ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ଘରୋଇ କନ୍ୟା ଆବଶ୍ୟକ। ଯୋଗାଯୋଗ: 8917504548, 8249541844. D-17114

**GROOM WANTED**

Girl age 28 B.Tech IGIT Sarang MBA IBS Hyderabad work MNC Bangalore caste-no-bar 6372748613. D-17182

35ବୟସ୍କା, ଚାକିରିଆ, କରଣ ଜାତିର divorcee ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7381366103. D-67938

**real estate**

**SALE**

Demarcated plots under CMC, 800 mtr from NH Balikuda- 8658182243. D-68076

Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68797

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

Own gharabari plot 2400 sqft. near Hanspal Chhack, Bhubaneswar. Contact: 7327043914. D-69249

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952. D-68497

2BHK ready to move flat sale at Patrapada Market, Bhubaneswar. 6370292040. D-69109

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

Plot for sale near 2nd Infosys road, Janla, Bhubneswar.3900 Sqft. gharabari with boundary. Contact owner. 9238699541. D-53651

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner- 9090963952. D-69112

**GENERAL**

**SALE**

Sale your old gold ornaments at original market price. Please contact 166-Bapuji Nagar, Bhubaneswar. Mobile- 9437033691. D-68342

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

Ground floor with bedroom, drawing cum dining, bathroom, kitchen and garage for rent at Jagamara. Contact: 8895529789, 6372496582. D-17178

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-17135

**healthcare**

Full body herbal massage with refreshment expert therapist. 7381239385, 06742540855. D-69243

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Relaxing body massage by trend lady, gents therapist. 9861193818. D-60879

Body massage @ 1099 at mystic Unisex Salon and Spa. 9556978408. D-69248

Monalisa massage: All types body massage with hiprofile smart lady air condition rooms available. 9708545108. D-17180

Rejuvenate and Ayurvedic full body massage by smart therapist. 9114402304. D-69247

**AFFIDAVIT**

By virtue of an affidavit before the Executive Magistrate, Cuttack Sadar, on dt. 03.03.2020, I Quareena E Rahman, aged about 22 years, D/o- Dr. Sayed Enamur Rahman, of at- Plot No- D/134, Sector-7, CDA, PS- Markat Nagar, Dist- Cuttack, Pin-753014. have changed my name to Quareena Enamur Rahman. Henceforth I shall be known as Quareena Enamur Rahman for all purposes. D-17181

By virtue of an affidavit before the Executive Magistrate, Bhubaneswar, I Saiyed Farid Qaderi, S/o- Saiyed Allamuddin Qaderi, Residing at MIG-06 (K9A) Kalinga Vihar, PO - Patrapada, Bhubaneswar-751019, do hereby state that in my all public documents my Father's name has been mentioned correctly as Saiyed Allamuddin Qaderi, But in my Board of Secondary Education Certificate and in my passports, my Father's name has been mentioned as Saiyed Allamuddin Ahmed Shah Qaderi, instead of Saiyed Allamuddin Qaderi. That Saiyed Allamuddin Qaderi and Saiyed Allamuddin Ahmed Shah Qaderi is one and same person only. D-17179

By affidavit before Executive Magistrate, Puri, Civil Suit No-41/19, dated 30.04.2029. I have been changed my surname with Father's name & Address from Abinash Mohanty, S/o- Ardhendu Sekhar Mohanty resident of Village- Kamagada, PO- Kamagada, PS- Jajpur, Dist- Jajpur to Abinash Bhanja, S/o- Bijaya Kumar Bhanja at present Bank Colony (lane-2) Sidhamahavir, PO- Puri-2, PS- Talabania, Dist- Puri. I have been recognized, identified of known as Abinash Bhanja with change of Father's name & Address for all purposes. D-68823

## ଆଇସ୍କ୍ରିମ ଦ୍ୱାରା କରୋନା ସଂକ୍ରମଣ ସମ୍ଭାବନା ନାହିଁ: ଆଇଆଇସିଏମ୍ଏ

ଆଇସ୍କ୍ରିମ ଦ୍ୱାରା କରୋନା ସଂକ୍ରମଣ ହେବାର ଗୁଜବ ହେଉଛି। ଫଳରେ ଶିଳ୍ପ ବିକ୍ରି ପ୍ରଭାବିତ ହୋଇଛି। ଏହାକୁ ନେଇ ଶିଳ୍ପ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଇସ୍କ୍ରିମ ଦ୍ୱାରା କରୋନା ସଂକ୍ରମଣ ହେବାର ସମ୍ଭାବନା ନାହିଁ। ଖାଦ୍ୟ ସାମଗ୍ରୀ ଦ୍ୱାରା ଏହା ବ୍ୟାପି ନ ଥାଏ। ନିୟମିତ ବ୍ୟବଧାନରେ ହାତ ଧୋଇବା, ମାସ୍କ ପିନ୍ଧିବା ଦ୍ୱାରା ଏହାର ସଂକ୍ରମଣକୁ ରୋକାଯାଇ ପାରିବ। ଏଣୁ ଗୁଜବକୁ ବିଶ୍ୱାସ ନ କରିବାକୁ ଇଣ୍ଡିଆନ ଆଇସ୍କ୍ରିମ ମାନୁଫାକଚରର୍ସ ଆସୋସିଏଶନ (ଆଇଆଇସିଏମ୍ଏ) ପକ୍ଷରୁ ନିବେଦନ କରାଯାଇଛି।






## ପୋଖରୀରେ ଡଙ୍ଗା ବୁଡ଼ି ୨ ମୃତ

**ରାୟଗଡ଼ା ଅଫିସ,୧୭।୩:** ରାୟଗଡ଼ା ଜିଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ପୋଖରୀରେ ଡଙ୍ଗା ବୁଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟର ମନୁ କୁମାର ସାହୁ (୨୧) ଓ ଶିବାନୀ ନାୟକ (୧୦)। ଗୁରୁତର ଶୁଭମ ନାୟକ (୧୪ )ଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପ୍ରଧାନମନ୍ତ୍ରୀଙ୍କ ନାଁରେ କରୋନା ଗୁଜବ, ୪ ଗିରଫ

**କେନ୍ଦ୍ରାପଡା ଅଫିସ, ୧୭।୩:** କରୋନା ସମ୍ପର୍କରେ ଗୁଜବ ସୃଷ୍ଟି ନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆଡଭାଇଜରି ଜାରି କରିଛନ୍ତି। ତେବେ ଏହାକୁ ଅମାନ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ହ୍ୱାଟସ୍‌ଆପ୍‌ରେ ପୋଷ୍ଟ କରିବା ପରେ କେନ୍ଦ୍ରାପଡ଼ା ଜିଲାର ୪ ଜଣ ମଙ୍ଗଳବାର ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ା ଟାଉନ ଥାନାର ଏସ୍‌ଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଅଭିଯୁକ୍ତମାନଙ୍କ ବିରୋଧରେ ୪୩/୨୦ ନମ୍ବରରେ ମାମଲା ରୁଜୁ କରିଛନ୍ତି। ଏଥିସହିତ ଏହି ପୋଷ୍ଟକୁ ହ୍ୱାଟସ୍‌ଆପ୍‌ରେ ଶେୟାର କରିଥିବା ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପର୍କରେ ତନାଘନା ଚାଲିଛି। ଗିରଫ ବ୍ୟକ୍ତିମାନେ ହେଲେ ଏକ ୱେବ ମିଡିଆର ଖବରଦାତା ପ୍ରଫୁଲ୍ଲ ଦାସ, ହ୍ୱାଟସ୍ ଆପ୍ ଗ୍ରୁପ୍‌ରେ ଆଡମିନ୍ ଶିବାଶିଷ ମହାନ୍ତି, ଧୃତିରଞ୍ଜନ ବାରିକ ଓ ଗୁଜବକୁ ଅନ୍ୟ ଗ୍ରୁପ୍‌କୁ ଶେୟାର କରିଥିବା କଂସାର ଗ୍ରାମର ନିରଞ୍ଜନ ପରିଡା। ଏମାନଙ୍କ ବିରୋଧରେ ଆଇପିସି ଦଫା ୧୮୮, ୫୦୦, ୫୦୧, ୩୪ ଏବଂ ଆଇଟି ଆକ୍ଟ ୨୦୦୦ର ୬୬ ଏଫ୍(ଏ) ଲାଗୁ ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁଇଟି ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଉପରୋକ୍ତ ଗୁଜବ ପୋଷ୍ଟ ହୋଇଥିଲା। ଏହା ଲୋକଲୋଚନକୁ ଆସିବାର ପ୍ରାୟ ୮ ଘଣ୍ଟା ପରେ ତାହାକୁ ଡିଲିଟ କରାଯାଇଛି। ତେବେ ପୋଷ୍ଟଟି ଲୋକଲୋଚନକୁ ଆସିବା ପରେ ଜିଲା ଭାଜପା ପକ୍ଷରୁ ସମ୍ପୃକ୍ତ ଗୁଜବ ସୃଷ୍ଟିକାରୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ପୋଲିସକୁ ଫୋନଯୋଗେ ଅନୁରୋଧ ଆସିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ୪ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଏସ୍‌ଡିଜେଏମ୍ ନାକଚ କରିବା ପରେ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଯାଇଛି।






# ହୋମ୍ କ୍ୱାରାଣ୍ଟାଇନ୍‌ରେ ପୁରୀ ଗଜପତି

## କରୋନା ମୁକାବିଲା: ପଞ୍ଜୀକୃତ ହେଉଛନ୍ତି ବିଦେଶ ଫେରନ୍ତା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

■ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

■ ଭିଡିଓ ଦ୍ୱାରା ସଚେତନ କରାଇଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ, ଆଇଏଏସ୍ ଭିନିଲ୍ କ୍ରିଷ୍ଣା


ଗଜପତି ମହାରାଜା ଦିବ୍ୟସିଂହ ଦେବ

ଯୁକ୍ତରାଷ୍ଟ୍ର ଆମେରିକାରେ ଜଗନ୍ନାଥ ମନ୍ଦିର ସମ୍ପର୍କିତ କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଗତ ୧୫ରେ ଓଡ଼ିଶା ଫେରିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ବିଦେଶ ଫେରନ୍ତାଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ପୁରୀ ଗଜପତି ଅନୁପାଳନ କରି ନିଜ ସହ ପରିବାର ସଦସ୍ୟଙ୍କୁ ପଞ୍ଜୀକରଣ କରିଛନ୍ତି। ଗଜପତିଙ୍କ ଶ୍ରୀନଅର କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା ସମ୍ପର୍କିତ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିବା ପରେ ଗଜପତି ନିଜ ପରିବାର ଭୁବନେଶ୍ୱରସ୍ଥିତ ବାସଭବନରେ ୧୪ ଦିନ ରହିବେ। ଏହି ସମୟରେ ସରକାରଙ୍କ ପକ୍ଷରୁ କରୋନା ସମ୍ପର୍କିତ ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ ସମସ୍ତ ସହଯୋଗ କରିବେ। ଏଥିସହିତ ନିକଟରେ ବିଦେଶରୁ ଫେରୁଥିବା ସମସ୍ତଙ୍କୁ ପଞ୍ଜୀକରଣ କରି ସରକାରଙ୍କ ନିର୍ଦ୍ଦେଶାବଳୀ ମାନିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି। ଗଜପତି ଏବଂ ତାଙ୍କ ପରିବାର https://covid19.odisha.gov.in ୱେବ୍‌ପୋର୍ଟାଲରେ ନିଜକୁ ପଞ୍ଜୀକରଣ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଞ୍ଜୀକୃତ ହୋଇଥିବାରୁ ଗଜପତି ଏବଂ ପରିବାରକୁ ଧନ୍ୟବାଦ। ସମସ୍ତଙ୍କୁ ଅନୁରୋଧ ବିଦେଶରୁ ଫେରୁଥିବା ବ୍ୟକ୍ତିବିଶେଷ ନିଜକୁ ପଞ୍ଜୀକରଣ କରି ରାଜ୍ୟର କରୋନା ମୁକାବିଲା ଓ ନିୟନ୍ତ୍ରଣରେ ସହଯୋଗ କରନ୍ତୁ।

ଅନୁରୂପଭାବେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ନିର୍ଦ୍ଦେଶକ ତଥା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଆର. ଭିନିଲ୍‌କ୍ରିଷ୍ଣା ମଧ୍ୟ ବିଦେଶରୁ ଫେରି ନିଜକୁ ହୋମ୍ କ୍ୱାରଣ୍ଟାଇନ୍‌ରେ ରଖିଛନ୍ତି। ଏ ନେଇ ଏକ ଭିଡିଓ ବାର୍ତ୍ତା ଛାଡ଼ି ଭିନିଲ୍ କହିଛନ୍ତି ଯେ, ବିଦେଶରୁ ଫେରିବା ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ନିଜକୁ ପଞ୍ଜୀକୃତ କରିଛନ୍ତି। କରୋନା ସମ୍ପର୍କିତ କୌଣସି ଲକ୍ଷଣ ଦେଖା ନ ଯାଇ ଥିଲେ ବି ସେ ପଞ୍ଜୀକୃତ ହୋଇଛନ୍ତି। ତେଣୁ ସମସ୍ତେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ। ଏହା ଦ୍ୱାରା କରୋନାର ସଫଳ ମୁକାବିଲା ହୋଇପାରିବ ବୋଲି ଭିନିଲ୍‌କ୍ରିଷ୍ଣା କହିଛନ୍ତି। ସେହିଭଳି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ପୁଅ ଅଚିନ୍ କୁମାର ଦାସବର୍ମା ମଧ୍ୟ ନିକଟରେ ଲଣ୍ଡନରୁ ଫେରିଛନ୍ତି। ତାଙ୍କୁ ଘରେ ମଧ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଏକ ଭିଡିଓ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି। ସେ ମଧ୍ୟ କରୋନାର ସଫଳ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ରୋଚକ ମୋଡ଼ରେ ମଧ୍ୟପ୍ରଦେଶରେ କ୍ଷମତା ଯୁଦ୍ଧ

# ସୁପ୍ରିମକୋର୍ଟ ଗଲା କଂଗ୍ରେସ

**ନୂଆଦିଲ୍ଲୀ,୧୭।୩(ପି.ଟି.):** କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ମଧ୍ୟପ୍ରଦେଶ କଂଗ୍ରେସର ବିଦ୍ରୋହୀ ବିଧାୟକମାନେ ଅଛନ୍ତି। ସେମାନଙ୍କ ସହ ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ଦଳ (ଏମ୍‌ପିସିଏଲ୍‌ପି) ଯୋଗାଯୋଗ କରିପାରୁ ନାହିଁ। ଯୋଗାଯୋଗ ବ୍ୟବସ୍ଥା କରିବା ଲାଗି କେନ୍ଦ୍ର ଓ କର୍ନାଟକ ସରକାରଙ୍କୁ ନିର୍ଦ୍ଦେଶ ଦେବା ଦାବିରେ ଏମ୍‌ପିସିଏଲ୍‌ପି ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭାଜପା ବିଧାୟକ ଦଳ ନେତା ଶିବରାଜ ସିଂ ଚୌହାନ ତୁରନ୍ତ କମଲନାଥ ସରକାରଙ୍କୁ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଅନୁରୋଧ କରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିବାର ଦିନକ ପରେ ଏହାର ଜବାବରେ ଏପରି କରିଛି କଂଗ୍ରେସ।

ମୁଖ୍ୟ ସଚେତକ ଗୋବିନ୍ଦ ସିଂ ଦାଏର କରିଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି, ଦଳର ୨୨ ବିଧାୟକଙ୍କୁ କେନ୍ଦ୍ର ସରକାର ଓ କର୍ନାଟକ ସରକାର ବେଙ୍ଗାଲୁରୁରେ ବେଆଇନ ଭାବେ ଅଟକ ରଖିଛନ୍ତି। ଏହି ବିଧାୟକମାନେ ଇସ୍ତଫା ଦେଇଥିବାରୁ ବିଧାନସଭାର ୧୦% ଆସନ ଖାଲିହୋଇଯାଇଛି। ଏଭଳି ସ୍ଥିତିରେ ଆସ୍ଥାଭୋଟ କରାଇବା ସମ୍ପୂର୍ଣ୍ଣ ପ୍ରହସନ। ଶକ୍ତିପରୀକ୍ଷା ସମ୍ବିଧାନ ଏବଂ ପ୍ରତିନିଧିତ୍ୱ ଗଣତନ୍ତ୍ରର ସିଦ୍ଧାନ୍ତ ପାଇଁ ଅନୈତିକ ହେବ। ଖାଲିଥିବା ଆସନଗୁଡ଼ିକରେ ଉପନିର୍ବାଚନ କରାଯିବା ପରେ ହିଁ ଆସ୍ଥାଭୋଟ କରାଯାଉ। ଅନ୍ୟପକ୍ଷରେ ନିଖୋଜ ବିଧାୟକମାନଙ୍କ ଫେରିବା ସୁନିଶ୍ଚିତ କରିବା ଲାଗି ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କୁ ବାଚସ୍ପତି ଏନ୍.ପି. ପ୍ରଜାପତି ପତ୍ର ଲେଖିଛନ୍ତି। ଆସନ୍ତା ୨୬ରେ ଫ୍ଲୋରଟେଷ୍ଟ କରାଇବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିବାବେଳେ ବାଚସ୍ପତି କରୋନା ଭାଇରସ କଥା କହି ୨୬ ଯାଏ ଗୃହକୁ ସ୍ଥଗିତ ରଖିଦେଇଥିଲେ। ଭାଜପା ଯଥାଶୀଘ୍ର ସମ୍ଭବ ଶକ୍ତିପରୀକ୍ଷା କରାଯିବା ଦାବିରେ ରାଜ୍ୟପାଳ ଟଣ୍ଡନଙ୍କ ଆଗରେ ୧୦୬ ବିଧାୟକଙ୍କ ପରେଡ୍ କରାଇଥିଲା। ଭାଜପାର ପିଟିଶନ ଉପରେ ବୁଧବାର ୧୦ଟା ୩୦ରେ ଶୁଣାଣି ହେବ। ସେପଟେ ରାଜ୍ୟ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ଭାଜପା ପ୍ରାର୍ଥୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ତାଙ୍କ ବିରୋଧରେ ଥିବା ମାମଲା ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସର ଦୁଇ ରାଜ୍ୟ ସଭା ପ୍ରାର୍ଥୀ ଦିଗ୍‌ବିଜୟ ସିଂ ଓ ଫୁଲ ସିଂ ବୈୟା ସିନ୍ଧିଆଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କ ନାମାଙ୍କନପତ୍ର ରଦ୍ଦ ପାଇଁ ଦାବି କରିଛନ୍ତି।


Taste the difference!
Vencobb FRESH CHICKEN

17.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers


# ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ନାହିଁ ଟଙ୍କାଟିଏ କେନ୍ଦ୍ରୀୟ ଅନୁଦାନ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

■ ଅବହେଳା ପାଇଁ ବର୍ଷିଲେ କଂଗ୍ରେସ ଏମ୍‌ପି ଜୟରାମ

■ ପ୍ରସଙ୍ଗ ଉଠାଇଲେ ନାହିଁ ଓଡ଼ିଆ ଏମ୍‌ପି ପ୍ରଶାନ୍ତ ନନ୍ଦ

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଏବଂ ମାଲାୟଲମ୍ ପ୍ରଭୃତି ଭାଷାକୁ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଅପରପକ୍ଷରେ ମାତ୍ର ୧୫,୦୦୦ ଲୋକ କହୁଥିବା ସଂସ୍କୃତ ଭାଷାର ପ୍ରସାର ଲାଗି ଧ୍ୟାନ ଦିଆଯାଉଛି। କଂଗ୍ରେସ ନେତା ଜୟରାମ ରମେଶ ସୋମବାର ରାଜ୍ୟ ସଭାରେ ଏହା କହି ଚିନ୍ତା ପ୍ରକଟ କରିଛନ୍ତି।

ଉଚ୍ଚସଦନରେ 'କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଧେୟକ-୨୦୧୯' ସଂକ୍ରାନ୍ତ ଆଲୋଚନାରେ ବକ୍ତବ୍ୟ ରଖି ଜୟରାମ କହିଥିଲେ ଯେ, କେନ୍ଦ୍ର ସରକାର ସଂସ୍କୃତର ପ୍ରସାର ପାଇଁ ଲାଗିପଡ଼ିଛନ୍ତି। ଫଳରେ ଅନ୍ୟ ଆଞ୍ଚଳିକ ଭାଷା ଗୁରୁତ୍ୱ ପାଇପାରୁ ନାହିଁ, ଯାହା ସେଗୁଡ଼ିକ ପାଇଁ ବିପଦ ସୃଷ୍ଟି କରୁଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ଭିତ୍ତିକରି ଜୟରାମ କହିଥିଲେ ଯେ, ଗତ ୩ ବର୍ଷରେ ସଂସ୍କୃତକୁ ଲୋକପ୍ରିୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ସଂସ୍କୃତ ଅପେକ୍ଷା ବହୁଳ କଥିତ ଏବଂ ବ୍ୟବହାର ହେଉଥିବା ଓଡ଼ିଆ ଓ ମାଲାୟଲମ୍ ପାଇଁ ଟଙ୍କାଟିଏ ବିନିଯୋଗ କରାଯାଇନାହିଁ। ସଂସ୍କୃତ ପାଇଁ ୬୫୦ କୋଟି ଟଙ୍କା, ତାମିଲ ପାଇଁ ୨୪ କୋଟି, କନ୍ନଡ଼ ଓ ତେଲୁଗୁ ପାଇଁ ୩ କୋଟି ଲେଖାଏ ବ୍ୟୟ କରାଯାଇଥିବା ବେଳେ ଓଡ଼ିଆ ଓ ମାଲାୟଲମ୍ ପାଇଁ ଏକ ଟଙ୍କା ଖର୍ଚ୍ଚ ହୋଇ ନାହିଁ ବୋଲି ରମେଶ କହିଛନ୍ତି। ଭାରତରେ ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲମ୍ ଏବଂ ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି। ତାମିଲ କେବଳ ତାମିଲନାଡୁର ଭାଷା ନୁହେଁ; ଓଡ଼ିଆ ମଧ୍ୟ ଏକ ଜାତୀୟ ଭାଷା। କୋଟି କୋଟି ଲୋକଙ୍କ ଦ୍ୱାରା ଏହି ଭାଷା ବ୍ୟବହୃତ ହୋଇଆସୁଛି। ଅପରପକ୍ଷରେ ମାତ୍ର ୧୫,୦୦୦ ଲୋକ କହୁଥିବା ଭାଷା ପାଇଁ ୬୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ବିଶ୍ୱାସ କରି ହେଉ ନ ଥିଲେ ମଧ୍ୟ ତଥ୍ୟ ଆଧାରିତ ବୋଲି ଜୟରାମ କହିଥିଲେ।

ଅପରପକ୍ଷରେ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଏହି ଭାଷାର ପ୍ରସାର ନେଇ ଅଣାଯାଇଥିବା ବିଲ୍‌କୁ ସ୍ୱାଗତ କରିଥିଲେ। ସଂସ୍କୃତରେ ଭାଷଣ ଦେଇ ସେ କହିଥିଲେ, ସଂସ୍କୃତ ଏକ ପ୍ରାଚୀନ ଭାଷା ଓ ବିଶ୍ୱର କଲ୍ୟାଣ ପାଇଁ ଏହାର ରକ୍ଷଣାବେକ୍ଷଣ ହେବା ଦରକାର। ଏପରି କି ଭାରତୀୟ ଇତିହାସ ପାଇଁ ସଂସ୍କୃତର ଅବଶ୍ୟକତା ରହିଛି। ଲୋକେ ସଂସ୍କୃତକୁ କେବଳ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱ ଦେଇଥାଆନ୍ତି। ବାସ୍ତବରେ ପ୍ରାଚୀନ କାଳରେ ରଚିତ ବହୁ ଗ୍ରନ୍ଥ ଓ ବୈଜ୍ଞାନିକ କୃତି ସଂସ୍କୃତରେ ଲେଖାଯାଇଥିଲା ବୋଲି ନନ୍ଦ କହିଛନ୍ତି।




ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ସାଧାରଣ ଜନତାଙ୍କ ଉପରେ ନଜରଦାରି



କୁମାରସମ୍ଭବ ଶ୍ରୀବାସ୍ତବ

ଭାରତ ସରକାରଙ୍କ ବିବାଦୀୟ ସୋସିଆଲ ରେଜିଷ୍ଟ୍ରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଦାୟିତ୍ୱରେ ଥିବା ବରିଷ୍ଠ ବ୍ୟୁରୋକ୍ରାଟ ଚେତାବନୀ ଦେଇଥିଲେ ଯେ ଏତେ ବଡ଼ ଆକାରର ଏକ କେନ୍ଦ୍ରୀକୃତ ତଥା କ୍ରସ୍-ଲିଙ୍କ୍ଡ ଡାଟାବେସ ଶହେ କୋଟିରୁ ଅଧିକ ଭାରତୀୟଙ୍କ ଗୋପନୀୟତା ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। କିନ୍ତୁ ତାଙ୍କ ଚେତାବନୀକୁ ଅଣଦେଖା କରାଯାଇଥିଲା ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷିତ ଦଲିଲରୁ ଜଣାପଡ଼ିଛି। ହଫପୋଷ୍ଟ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଉକ୍ତ ସାମାଜିକ ରେଜିଷ୍ଟ୍ରି ନାଗରିକଙ୍କ ସାମାଜିକ ତଥା ଅର୍ଥନୈତିକ ଜୀବନକୁ ସ୍ୱୟଂଚାଳିତ ଭାବରେ ଟ୍ରାକ୍ କରିବା ପାଇଁ ଉଦ୍ଦିଷ୍ଟ- ଏହା ସାହାଯ୍ୟରେ ସରକାରୀ ସହାୟତା ପାଇବା ପାଇଁ ସ୍ୱୟଂଚାଳିତ ଭାବେ ନିରନ୍ତର ସେମାନଙ୍କର ଯୋଗ୍ୟତା ଆକଳନ କରାଯିବ। ରେଜିଷ୍ଟ୍ରି ଉପରେ କାର୍ଯ୍ୟ ଚାଲିଥିଲାବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶଦାତା ମନୋରଞ୍ଜନ କୁମାର ହୃଦୟଙ୍ଗମ କରିଥିଲେ ଯେ ଏହି ବ୍ୟବସ୍ଥାକୁ ସାଧାରଣ ଜନତାଙ୍କ ଉପରେ ନଜରଦାରି ପାଇଁ ସହଜରେ ବ୍ୟବହାର କରାଯାଇପାରିବ।

ନଭେମ୍ବର ୨୭, ୨୦୧୫ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶଦାତା ମନୋରଞ୍ଜନ କୁମାର ଜାତୀୟ ସାମାଜିକ ରେଜିଷ୍ଟ୍ରି ସମ୍ପର୍କରେ ଧାରଣା ଦେଉଥିବା ଏକ ନୋଟ ଲେଖିଥିଲେ, ଯେଉଁଥିରେ ସେ ଦର୍ଶାଇଥିଲେ ଯେ ଦେଶର ଗରିବ ନାଗରିକମାନଙ୍କୁ ସ୍ୱଚ୍ଛ ଭାବରେ ଲାଭ ପ୍ରଦାନ କରିବା ଏବଂ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଆକଳନ କରିବା ପାଇଁ ଏହା ହେଉଛି ଏକ ନୂତନ ଉପାୟ। କିନ୍ତୁ ବର୍ତ୍ତମାନ ପାଞ୍ଚବର୍ଷ ପରେ, ସୋସିଆଲ ରେଜିଷ୍ଟ୍ରି ସମାପ୍ତ ହେବାକୁ ଯାଉଥିବା ବେଳେ କୁମାର ଆଶଙ୍କା କରୁଛନ୍ତି ଯେ, ଉତ୍ତମ ଉଦ୍ଦେଶ୍ୟରେ ପରିକଳ୍ପିତ ଏହି ବ୍ୟବସ୍ଥା ଭାରତର ୧୨୦ କୋଟି ନାଗରିକଙ୍କ ଅଧିକାର ଓ ସ୍ୱାଧୀନତାକୁ କ୍ଷୁଣ୍ଣ କରିପାରେ।

ଶ୍ରୀନିବାସ କୋଡାଲିଙ୍କ ଦ୍ୱାରା ସୂଚନା ଅଧିକାର ଅଧିନିୟମ ଅନୁଯାୟୀ ପ୍ରାପ୍ତ ଦଲିଲଗୁଡିକ ଦର୍ଶାଏ ଯେ ସୋସିଆଲ ରେଜିଷ୍ଟ୍ରି ଏକ ବିଶାଳ ଇନ୍‌କ୍ଲୁସିଭ୍ ଡାଟାବେସ ହେବ ଯାହା ଭାରତର ୧୨୦ କୋଟି ନାଗରିକଙ୍କ ଜୀବନର ପ୍ରତ୍ୟେକ ଦିଗକୁ ଟ୍ରାକ୍ କରିବା ପାଇଁ ଆଧାର ନମ୍ବରକୁ ବ୍ୟବହାର କରିବ। ହଫ୍‌ପୋଷ୍ଟ ଇଣ୍ଡିଆ ରିପୋର୍ଟ ଅନୁସାରେ, ଯେତେବେଳେ ଜଣେ ନାଗରିକ ସହରରୁ ସହରକୁ ଯିବ, ଚାକିରି ବଦଳାଇବ, ନୂତନ ସମ୍ପତ୍ତି କ୍ରୟ କରିବ, ପରିବାରରେ କୌଣସି ସଦସ୍ୟ ଜନ୍ମ ହେବ ବା କେହି ମରିଯିବେ କିମ୍ବା କେହି ବିବାହ କରି ନିଜ ଶ୍ୱଶୁରଗୃହକୁ ଚାଲିଯିବେ, ସେତେବେଳେ ଜାତୀୟ ସାମାଜିକ ରେଜିଷ୍ଟ୍ରି ସ୍ୱୟଂଚାଳିତ ଭାବରେ ଏସବୁକୁ ଟ୍ରାକ୍ କରିବ। ଧର୍ମ, ଜାତି, ଆୟ, ସମ୍ପତ୍ତି, ଶିକ୍ଷା, ବୈବାହିକ ସ୍ଥିତି, ରୋଜଗାର, ଅକ୍ଷମତା ଏବଂ ବଂଶବୃକ୍ଷର ପ୍ରତ୍ୟେକ ତଥ୍ୟକୁ ଏକ ବିଶାଳ ଡାଟାବେସ୍‌ରେ ଏକତ୍ର କରିବାକୁ ଆଧାର ସଂଖ୍ୟା ବ୍ୟବହାର କରାଯିବ।

୨୦୧୯ରେ ଅବସର ନେବା ପରଠାରୁ ରେଜିଷ୍ଟ୍ରି ଉପରେ ତାଙ୍କର ପ୍ରଥମ ସାର୍ବଜନୀନ ମନ୍ତବ୍ୟରେ କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସେ ଚାହୁଁଥିଲେ ସାମାଜିକ ରେଜିଷ୍ଟ୍ରି ସିଷ୍ଟମ୍ ଗଠନ ହେଉ କାରଣ ସେ ଜନମଙ୍ଗଳ ଯୋଜନାରେ ସରକାରଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଚାହୁଁଥିଲେ। କେତେକ ଅଧିକାରୀ ଗ୍ରାମୀଣ ଯୋଜନାଗୁଡିକର ସଫଳତା ଉପରେ ଅତିରଞ୍ଜିତ ତଥ୍ୟ ପ୍ରଦାନ କରିଥାନ୍ତି ଏବଂ ଏହି ଡାଟାବେସ୍ ପ୍ରସ୍ତୁତି ପରେ ତାହା ବନ୍ଦ ହୋଇଯିବ ବୋଲି ସେ ବିଶ୍ୱାସ କରୁଥିଲେ। କାରଣ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଠିକ୍ ତଥ୍ୟ ସାମାଜିକ ରେଜିଷ୍ଟ୍ରିରୁ ପ୍ରତିଫଳିତ ହେବ। କିନ୍ତୁ ରେଜିଷ୍ଟ୍ରିର ଅନ୍ତିମ ରୂପ କୁମାରଙ୍କୁ ନିଶ୍ଚିତ କରିଛି ଯେ, ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କଲେ ଭାରତ ନିଜ ଲୋକଙ୍କ ଉପରେ ପୋଲିସିଂ କରୁଥିବା ଏକ ଦେଶରେ ପରିଣତ ହେବ। ତାଙ୍କର ବିଶ୍ୱାସ କୌଣସି ଦେଶର ବିକାଶ ପାଇଁ ଏହା ଘରୋଇ କ୍ଷେତ୍ର ତଥା ବ୍ୟବସାୟକୁ ଅଧିକ ସ୍ୱାଧୀନତା ଦେବା ଉଚିତ ଏବଂ କମ୍ ନିୟନ୍ତ୍ରଣ ଲାଗୁ କରିବା ଆବଶ୍ୟକ। କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଆମେ ସମସ୍ତ ସରକାରୀ ଓ ଅର୍ଦ୍ଧସରକାରୀ ସଂଗଠନକୁ ପୋଲିସ ଏଜେଣ୍ଟରେ ପରିଣତ କରିଛୁ। ବୀମା ନିୟମାବଳୀ, ବ୍ୟାଙ୍କିଙ୍ଗ୍, ଟିକସ କିମ୍ବା ସମ୍ପତ୍ତି ପଞ୍ଜୀକରଣ ହେଉ, ସମସ୍ତେ ଆପରାଧିକ ଦୃଷ୍ଟିରୁ ଦେଖୁଛନ୍ତି ଏବଂ ବ୍ୟକ୍ତିଗତ ଓ ବ୍ୟବସାୟ କ୍ଷେତ୍ରକୁ କମ୍ ସ୍ୱାଧୀନତା ଦିଆଯାଉଛି।

କୁମାର ଏକଦା ସୋସିଆଲ ରେଜିଷ୍ଟ୍ରିର ଜଣେ ବଳିଷ୍ଠ ସମର୍ଥକ ଥିଲେ। ୨୦୧୫ରେ ଏ ସମ୍ପର୍କରେ କନ୍‌ସେପ୍ଟ ନୋଟ ଲେଖିବା ବ୍ୟତୀତ ସେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସହିତ ବିଚାର ବିମର୍ଶ କରିଥିଲେ। ତା' ସହ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଅନ୍ୟ କେନ୍ଦ୍ର ମନ୍ତ୍ରଣାଳୟ, ବିଶ୍ୱ ବ୍ୟାଙ୍କ ଏବଂ ନୀତି ଆୟୋଗ ସହିତ ସମନ୍ୱୟ ରକ୍ଷା କରିଥିଲେ। ଅମଲାତନ୍ତ୍ରର ଶୁଷ୍କ ଭାଷା ମଧ୍ୟରେ କୁମାରଙ୍କ ଏହି ପ୍ରକଳ୍ପ ପ୍ରତି ଅତ୍ୟାଗ୍ରହ ପ୍ରକାଶ ପାଇଥିଲା।

ପ୍ରତ୍ୟେକ ଭାରତୀୟଙ୍କୁ ଟ୍ରାକ୍ କରିବା ପାଇଁ ସୋସିଆଲ ରେଜିଷ୍ଟ୍ରିକୁ ୩୬୦ ଡିଗ୍ରୀ ଡାଟାବେସରେ ପରିଣତ କରିବା ଲାଗି ମୋଦି ସରକାର ଏସ୍‌ଇସିସିକୁ ବ୍ୟବହାର କରୁଛନ୍ତି। ୨୦୧୬ ପର୍ଯ୍ୟନ୍ତ କୁମାର ଏହି ପ୍ରକଳ୍ପରେ ସକ୍ରିୟ ଭାବରେ ଜଡିତ ଥିଲେ, କିନ୍ତୁ ୨୦୧୭ରେ ସେ ଭୁଲ ଜିନିଷର ବିକାଶ କରୁଥିବା ପରି ତାଙ୍କର ମନେ ହୋଇଥିଲା। କୁମାର ଲେଖିଛନ୍ତି ଯେ, ଆମେ ଏପରି ଏକ ସାମାଜିକ ରେଜିଷ୍ଟ୍ରି ସିଷ୍ଟମ୍ ଖୋଜିବା ଉଚିତ ଯାହାକି ଗୋପନୀୟତା ଉପରେ ମଧ୍ୟ ଧ୍ୟାନ ଦେଇଥାଏ, ବିଶେଷକରି ପୋଲିସ ସିଷ୍ଟମ୍ ଏବଂ ଅମଲାତନ୍ତ୍ର ସହିତ ଯାହା ନୈତିକତା ଦେଖାଇବାକୁ କୁଣ୍ଠାବୋଧ କରେ ନାହିଁ। ସେ କହିଛନ୍ତି ଯେ, କେବଳ ଆମେରିକାର ସାମାଜିକ ସୁରକ୍ଷା ବ୍ୟବସ୍ଥା ଏହି ଭାବରେ କାମ କରିଛି କାରଣ ଏଥିରେ ସର୍ବୋଚ୍ଚ ଗୋପନୀୟତା ଚିନ୍ତାଧାରା ପ୍ରଭାବଶାଳୀ ଭାବରେ ରହିଥିଲା। ଫାଇଲରେ କୁମାରଙ୍କ ପର୍ଯ୍ୟବେକ୍ଷଣ ଉପରେ କେହି ଉତ୍ତର ଦେଇ ନାହାନ୍ତି।

ଇତିମଧ୍ୟରେ ସୁପ୍ରିମ୍‌କୋର୍ଟ ଗୋପନୀୟତା ଅଧିକାର ଉପରେ ଆବେଦନର ଶୁଣାଣି କରୁଥିଲେ ମଧ୍ୟ ଭାରତୀୟ ନାଗରିକଙ୍କୁ ବିଭିନ୍ନ ସରକାରୀ ଡାଟାବେସରେ ଆଧାର ନମ୍ବର ଦେବା ପାଇଁ ମୋଦି ସରକାର ନିର୍ଦ୍ଦେଶ ପରେ ନିର୍ଦ୍ଦେଶ ଜାରି କରିଥିଲେ। କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଥିଲେ ଯେ ଆଧାରର ଅପବ୍ୟବହାରକୁ ନେଇ ତାଙ୍କର ଚିନ୍ତା ବଢ଼ିବାରେ ଲାଗିଛି। ଆଜି ଯଦି ଆପଣ ଟଙ୍କା ଜମା କରିବାକୁ ଯାଆନ୍ତି, ନଗଦ ଅର୍ଥ ଫେରସ୍ତ ପାଇବା କିମ୍ବା ଜଣେ ଗୁରୁତର ରୋଗୀଙ୍କ ପାଇଁ ଡାକ୍ତରଖାନାରେ ନଗଦ ଅର୍ଥ ପ୍ରଦାନ କରିବାକୁ ଚାହାନ୍ତି, ପ୍ରତ୍ୟେକ ଥର ଆପଣଙ୍କ ଆଧାର ଦାବି କରାଯାଏ। ସେମାନେ ସମସ୍ତେ ପୋଲିସ ପରି କାର୍ଯ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ ଆଧାର ଏକ ବିପଜ୍ଜନକ ଉପକରଣ। ଏହା ଏତେ ସୂଚନା ବହନ କରେ ଏବଂ ଟେକ୍ନୋଲୋଜି ଏପରି ଯେ କିଛି ବି ଗୁପ୍ତ ରହିପାରେ ନାହିଁ।

ହଫ୍‌ପୋଷ୍ଟ ଇଣ୍ଡିଆର ପୂର୍ବ ରିପୋର୍ଟ ଅନୁସାରେ, ସରକାର ପ୍ରଥମେ ଆଧାର ବିନା ସାମାଜିକ ରେଜିଷ୍ଟ୍ରି ନିର୍ମାଣ ପାଇଁ ଉପାୟ ଖୋଜିଥିଲେ, କିନ୍ତୁ ଶେଷରେ ଏହା ବଦଳରେ ଆଧାର ଅଧିନିୟମ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଦି ଏହି ପରିବର୍ତ୍ତନଗୁଡିକ କାର୍ଯ୍ୟକାରୀ କରାଯାଏ, ଏହା ଆଧାର ଉପରେ କୋର୍ଟଙ୍କ ନିର୍ଦ୍ଦେଶିତ ସୁରକ୍ଷାକୁ ଅର୍ଥହୀନ କରିବ। ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟର ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ ନ ଥିବାରୁ ସୋସିଆଲ ରେଜିଷ୍ଟ୍ରି ପରି ଏକ ଲାଇଭ୍ ଡାଟାବେସକୁ ସରକାର ଅସଂଖ୍ୟ ଉପାୟରେ ଅପବ୍ୟବହାର କରିପାରିବେ ବୋଲି ଆର୍‌ଟିଆଇରେ ତଥ୍ୟ ହାସଲ କରିଥିବା କୋଡାଲି କୁହନ୍ତି। ସେ କହିଛନ୍ତି, ଏହି ତଥ୍ୟ ଦ୍ୱାରା କ୍ଷମତାରେ ଥିବା କୌଣସି ରାଜନୈତିକ ଦଳ ଭୋଟର ପ୍ରୋଫାଇଲ ସୃଷ୍ଟି କରି ନିର୍ବାଚନମଣ୍ଡଳୀର ପୁନର୍ଗଠନ କରିପାରିବେ ଯାହାଦ୍ୱାରା କେବଳ ସେମାନଙ୍କ ଦଳ କ୍ଷମତାକୁ ଆସିପାରିବ। (ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

ସହ-ପ୍ରତିଷ୍ଠାତା, ଲ୍ୟାଣ୍ଡ୍ କଣ୍ଟ୍ରୋଲ ୱାଚ୍, ନୂଆଦିଲ୍ଲୀ,
kumarsambhav.08@gmail.com

# ଟାଙ୍ଗୀ ବନାମ ଶାଳ

ଅଜିତ କୁମାର ଦାସ

ଟାଙ୍ଗୀ ଗୋଟିଏ ବିଷୁବ ମଣ୍ଡଳୀୟ ଉଦ୍ଭିଦ। ସିଙ୍ଗାପୁରରେ ଏହାକୁ ଜାତୀୟ ଐତିହ୍ୟର ମାନ୍ୟତା ଦିଆଯାଇଛି। ଶାଳଗଛ ବଂଶର ଏଇ ବୃକ୍ଷଟିର ନାମ ହୋପିଆ ସାଙ୍ଗାଲ। ସେଠାକାର ଲୋକେ ତାକୁ ଟେଙ୍ଗାଲ ପାସିର ନାମରେ ମଧ୍ୟ ଜାଣନ୍ତି। ବୃକ୍ଷଟିର କାଠ ଶାଳକାଠ ଭଳି ଶକ୍ତ ଓ ମଜଭୁତ। ପ୍ରଚୁର ଝୁଣା ଓ ଖଇର ଥିବାରୁ ଏଥିରେ ଘୁଣ କିମ୍ବା କବକ ଲାଗନ୍ତିନି। ଘରର କଡି, ବର୍ଗା, କବାଟବନ୍ଧ, ଝରକା ଫ୍ରେମ, ଶିଡିପାହାଚ, ଘରର ଚଟାଣଠୁଁ ନେଇ ଜାହାଜ ତିଆରି ପର୍ଯ୍ୟନ୍ତ ସବୁ କାମରେ ଏହାକୁ ବ୍ୟବହାର କରାଯାଉଥିଲା। ଟାଙ୍ଗୀ ବିମାନବନ୍ଦର, ଟାଙ୍ଗୀ ଯାଦୁଘର, ଟାଙ୍ଗୀ ଭିଲେଜ ପ୍ରଭୃତି ନାମରୁ ଏହାର ଲୋକପ୍ରିୟତା ଜଣାଯାଏ। ଏହା ବାଦ ନୂଆ ନୂଆ ଗଢିଉଠୁଥିବା ହୋଟେଲ, ରେସ୍ତୋରାଁ ଓ କ୍ଲବ୍‌ଘରମାନଙ୍କର ନାମ ମଧ୍ୟ ଟାଙ୍ଗୀ। ଏଇ ଲୋକପ୍ରିୟତା ହିଁ ଦିନେ ତା'ର କାଳ ହେଲା। ଆଧୁନିକ ସିଙ୍ଗାପୁର ନିର୍ମାଣ ସମୟରେ ଟାଙ୍ଗୀର ବଡ ବଡ ଅରଣ୍ୟ ନିର୍ବିଚାରରେ କାଟି ସଫା କରିଦିଆଗଲା। କାଁ ଭାଁ ଯେଉଁଠି ରହିଯାଇଥିଲା ଲୋକେ କାଟିନେଇ ଘର କାମରେ ଲଗାଇଦେଲେ। ଏମିତି ସମୟ ଆସିଲା ଖୋଜିଲେ ବି ଗଛଟିଏ ମିଳିଲାନି। ରେଡ ଡାଟା ବୁକ ଏହାର ୧୯୯୪ ମସିହା ସଂସ୍କରଣରେ ଟାଙ୍ଗୀକୁ ଏକ ବିଲୁପ୍ତ ଜାତି ବୋଲି ଘୋଷଣା କରିଥିଲା।

୨୦୦୨ ମସିହାରେ ଟାଙ୍ଗୀ ଭିଲେଜ ଅଞ୍ଚଳରେ କେତେକ ପ୍ରକୃତିପ୍ରେମୀ ସର୍ଭେ କରୁଥିବା ସମୟରେ ଅତି ଆକସ୍ମିକ ଭାବେ ଏକମାତ୍ର ଟାଙ୍ଗୀ ବୃକ୍ଷକୁ ଆବିଷ୍କାର କଲେ। ରାଜକୀୟ ଠାଣିରେ ଛିଡା ହୋଇଥିବା ଗଛଟିର ଉଚ୍ଚତା ଥିଲା ୩୫ ମିଟର। ଗଣ୍ଡିର ବେଢ ତିନି ମିଟରରୁ ଅଧିକ ଓ ବୟସ ଦେଢଶହ ବର୍ଷରୁ ଅଧିକ। ଗଛଟି ବେଶିଦିନ ତିଷ୍ଠି ପାରିଲାନି। ସିଙ୍ଗାପୁରରେ କାର୍ଯ୍ୟରତ ଏକ ଅନ୍ତର୍ଜାତୀୟ ନିର୍ମାଣ ସଂସ୍ଥା ବିନାନୁମତିରେ ଗଛଟିକୁ କାଟିଦେଲେ। ସମଗ୍ର ସିଙ୍ଗାପୁରବାସୀ ଚିହିଁକି ଉଠିଲେ। ସମାଜର ସବୁ ସ୍ତରରୁ ପ୍ରତିବାଦ ଆସିଲା। ରେଡିଓ, ଟିଭି ଓ ଖବରକାଗଜରେ ପ୍ରତିବାଦର ସ୍ୱର ଜୋରଦାର ହେବାରେ ଲାଗିଲା। ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇ ଆସିଲେ। ଗଳ୍ପ, କବିତା ଓ ଏକାଙ୍କିକା ମାଧ୍ୟମରେ ସମାଜ ତା'ର କ୍ରୋଧ ପ୍ରକାଶ କଲା। ଶେଷରେ ଜାତୀୟ ଉଦ୍ୟାନ ବିଭାଗ ନିର୍ମାଣ ସଂସ୍ଥାକୁ କାଠଗଡାରେ ଛିଡା କରାଇଲା। ନିର୍ମାଣ ସଂସ୍ଥା କହିଲା, ଚଡକମରା, ଉଈଖିଆ ଗଛଟି ତାଙ୍କ କର୍ମଚାରୀଙ୍କ ଘର ଉପରକୁ ଢଳି ରହିଥିଲା। ପଡିଗଲେ ଧନଜୀବନ କ୍ଷୟ ହୋଇ ଥାଆନ୍ତା। ଏ ପ୍ରକାର ବେପରୁଆ ଉତ୍ତରକୁ ନ୍ୟାୟାଳୟ ଗ୍ରହଣ କଲେନି। ୨୦୦୩ ମସିହାରେ ଗୋଟିଏ ଗଛ କାଟିଥିବାରୁ କମ୍ପାନୀକୁ ୮୪ ହଜାର ସିଙ୍ଗାପୁର ଡଲାର ପଇଠ କରିବାକୁ ନିର୍ଦ୍ଦେଶ ଦିଆଗଲା, ଯାହାର ଭାରତୀୟ ମୁଦ୍ରାରେ ମୂଲ୍ୟ ପ୍ରାୟ ୪୪ ଲକ୍ଷ ଟଙ୍କା।

ଏବେ ଆସିବା ଓଡିଶାର ଢେଙ୍କାନାଳ ଜିଲାର ଝିଙ୍କାରଗଡି ଜଙ୍ଗଲକୁ, ଯେଉଁଠାରେ ପୋଲିସ ସହାୟତାରେ ପ୍ରଶାସନ ଗୋଟିଏ ବିଅର ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଇବା ପାଇଁ ଏକ ଜଙ୍ଗଲ କାଟି ସଫା କରିଦେଲା ଯେଉଁଥିରେ ଥିଲା ପାଞ୍ଚ ଶହ ସରିକି କେବଳ ଶାଳଗଛ। କଥା ସେତିକିରେ ସରିଲାନି। ଗଛଗୁଡ଼ିକୁ କୁଣ୍ଢାଇ ଧରି ପ୍ରତିରୋଧ କରୁଥିବା ସ୍ତ୍ରୀ ଲୋକମାନଙ୍କୁ ପୋଲିସ ଉଠାଇନେଇ ବିଭିନ୍ନ ଦଫା ଲଗାଇ ଜେଲରେ ପୂରାଇଦେଲା। ଜାତୀୟ ଐତିହ୍ୟର ମାନ୍ୟତା ପାଇ ନ ଥିଲେ ବି ଶାଗୁଆନ ଭଳି ଶାଳ ମଧ୍ୟ ଏକ ବହୁଳ ବ୍ୟବହାର ଉପଯୋଗୀ ଗଛ। ଟାଙ୍ଗୀ ଯେଉଁ କାମରେ ଲାଗେ ଶାଳ ମଧ୍ୟ ସେଇ କାମରେ ଲାଗିଥାଏ। ମନଇଚ୍ଛା କଟାଯାଉଥିବାରୁ ଶାଳ ଏବେ ଦୁଷ୍ପ୍ରାପ୍ୟ। ଆଦିବାସୀମାନେ ଆମ୍ବ ଓ ବରଗଛ ଭଳି ଏହାକୁ ପୂଜା କରନ୍ତି। ପଶ୍ଚିମ ଓଡିଶାରେ ବିଭିନ୍ନ ପର୍ବପର୍ବାଣିରେ କଦଳୀପତ୍ର ସ୍ଥାନରେ ଶାଳପତ୍ର ବ୍ୟବହାର କରାଯାଇଥାଏ।

୧୯୭୨ ମସିହା ବେଳକୁ ଝିଙ୍କାରଗଡି କହିଲେ ଅନାବନା ଘାସ ଓ ଏଠିସେଠି ଉଠିଥିବା ବୁଦୁବୁଦୁକିଆ ଗଛର ଏକ ଉଜୁଡା ଜଙ୍ଗଲକୁ ହିଁ ବୁଝାଉଥିଲା। ନିକଟସ୍ଥ ବଳରାମପୁର ଗାଁ ଲୋକେ ନିଜ ତରଫରୁ ସେଠାରେ ଗଛ ଲଗାଇଲେ, ପାଣିଦେଲେ, ପାଳିକରି ରାତିରେ ଜଙ୍ଗଲ ଜଗିଲେ। ଚାଳିଶ ବର୍ଷର ନିରବଚ୍ଛିନ୍ନ ସେବା ଓ ଯତ୍ନରେ ଖୋଲାମେଲା ଜାଗାଟି ଘଞ୍ଚ ଜଙ୍ଗଲରେ ପରିଣତ ହେଲା। ଏମିତି କି ହାତୀପଲ ମଧ୍ୟ ଗାଁ ଗଣ୍ଡା ଭିତରେ ନ ପଶି ପୁଣିଥରେ ଏଇ ଜଙ୍ଗଲକୁ ନିଜ ଚଲାବାଟ ଭାବେ ବାଛି ନେଲେ। ଦେଖିବାକୁ ଗଲେ ପରିବେଶର ପ୍ରକୃତ ସୁରକ୍ଷା ବଳରାମପୁରବାସୀ ହିଁ କରୁଥିଲେ। ଜଙ୍ଗଲ ସହିତ ସେମାନଙ୍କର ଥିଲା ଏକ ଆତ୍ମିକ ସମ୍ପର୍କ। ତେବେ ଏହା ଭିତରେ ଇଡ୍‌କୋ ବିଭାଗ ଅବ୍ୟବହୃତ ସରକାରୀ ଜାଗାମାନଙ୍କୁ ସଂଗ୍ରହ କରି ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିଥିଲା। ଉଦ୍ଦେଶ୍ୟଥିଲା ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ଏହି ଲ୍ୟାଣ୍ଡବ୍ୟାଙ୍କରୁ ଜମି ଯୋଗାଇଦେବା। ଝିଙ୍କାରଗଡି ଜଙ୍ଗଲ ଲ୍ୟାଣ୍ଡ ବ୍ୟାଙ୍କ ପରିସରକୁ ଆସିଯିବା ମାତ୍ରେ କୋଲକାତାର P&A Bottles କମ୍ପାନୀ ୧୦୨ କୋଟି ଟଙ୍କା ବ୍ୟୟରେ ଏଠାରେ ଏକ ବିଅର କାରଖାନା ବସାଇବାର ପ୍ରସ୍ତାବ ଦେଲା। ଏହାକୁ ବିରୋଧ କରି ବଳରାମପୁର ଗ୍ରାମ୍ୟ ପରିଚାଳନା ପରିଷଦ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲକୁ ଜଣାଇବା ସହିତ ହାଇକୋର୍ଟରେ ଫେରାଦ ହେଲା। ନ୍ୟାୟାଳୟ ସରକାରଙ୍କୁ ଷ୍ଟାଟସ ରିପୋର୍ଟ ତୁରନ୍ତ ଦାଖଲ କରିବାର ନିର୍ଦ୍ଦେଶ ଦେଲେ, ମାତ୍ର କାର୍ଯ୍ୟବନ୍ଦ ରଖିବା ପାଇଁ କୌଣସି ନିର୍ଦ୍ଦେଶ ଏଥିରେ ନ ଥିଲା। ଏହାରି ସୁଯୋଗରେ ନଭେମ୍ବର ୨୦୧୮ ମସିହାରେ ଢେଙ୍କାନାଳ ପ୍ରଶାସନ ଅତି ଚତୁରତାର ସହିତ ଭୋର ସମୟରେ ଯନ୍ତ୍ରଚାଳିତ କରତରେ ଗଛଗୁଡିକ କାଟିପକାଇଲେ। ତଳେ ଲୋଟିଥିବା ଗଛଗୁଡିକୁ କୁଣ୍ଢାଇ ଧରିବାର ହୃଦୟ ବିଦାରକ ଦୃଶ୍ୟ ଗଣମାଧ୍ୟମରେ ପ୍ରଚାର ହେବା ଓ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ତୀବ୍ର ବିରୋଧ ପରେ ସରକାର ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ। କାହାକୁ ଦୋଷୀ ସାବ୍ୟସ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ସମୟାନୁକ୍ରମେ ଘଟଣାଟିକୁ ଆମେ ଭୁଲିଯିବୁ, ମାତ୍ର ସିଙ୍ଗାପୁରବାସୀ ଭୁଲି ନାହାନ୍ତି। ଏବେ ବି ବିଭିନ୍ନ ସମୟରେ ନାଟକ ମଞ୍ଚସ୍ଥ କରି ପୁରୁଣା ଦିନର ଘଟଣାକୁ ମନରେ ସବୁବେଳେ ତାଜା କରି ରଖିଛନ୍ତି।

ମୋ-୯୪୩୭୨୬୭୩୧୬

## ଏଇ ଭାରତରେ

ଝାଡ଼ଖଣ୍ଡର ଝିଅ ଶିଳ୍ପୀ ସିହ୍ନା। ଛାତ୍ର ଜୀବନରେ ସମସ୍ୟାକୁ ସାମ୍ନା କରି ତା' ସମାଧାନର ବାଟ ଖୋଜୁ ଖୋଜୁ ଜଣେ ବ୍ୟବସାୟୀ ପାଲଟିଯାଇଛନ୍ତି। ମାତ୍ର ୧୧ ହଜାର ଟଙ୍କାରେ ଆରମ୍ଭ କରିଥିବା ବ୍ୟବସାୟର କାରବାର ଏବେ ୨ କୋଟି ଟଙ୍କା ଛୁଇଁଛି। ଡାଲ୍‌ଟନଗଞ୍ଜନିବାସୀ ଶିଳ୍ପୀ ୨୦୧୨ରେ ବେଙ୍ଗାଲୁରୁ ପଢିବା ପାଇଁ ଯାଇଥିଲେ। ସେଠାରେ ଶୁଦ୍ଧ ଗାଈ କ୍ଷୀର ପାଇବା ଲାଗି ସମସ୍ୟା ହେବାରୁ ପଢିବା ସମୟରେ ସେ କ୍ଷୀର ବ୍ୟବସାୟ ଲାଗି ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେତେବେଳେ କନ୍ନଡ କି ତାମିଲ ଭାଷା ଜଣା ନ ଥିଲା। ତଥାପି ସେ କୃଷକଙ୍କ ପାଖକୁ ଯାଇ ଶୁଦ୍ଧ କ୍ଷୀର ପାଇବାର ଉପାୟ ସମ୍ପର୍କରେ ସେମାନଙ୍କୁ ଅବଗତ କରିଥିଲେ। ଆରମ୍ଭରୁ କ୍ଷୀର ସଂଗ୍ରହ କରିବା ଲାଗି ତାଙ୍କୁ କର୍ମଚାରୀ ମିଳି ନ ଥିଲେ। ନିଜେ ରାତି ୩ଟାରୁ ଉଠି କୃଷକଙ୍କ ଘରେ ପହଞ୍ଚି ଯାଉଥିଲେ। ସୁରକ୍ଷା ଲାଗି ପାଖରେ ଛୁରି ଓ ଲଙ୍କାଗୁଣ୍ଡ ନେଇ ଯାଉଥିଲେ ଶିଳ୍ପୀ। ସେଠାରୁ କ୍ଷୀର ସଂଗ୍ରହ କରି ଲୋକଙ୍କ ପାଖରେ ପହଞ୍ଚାଉଥିଲେ। ଧୀରେ ଧୀରେ ଗ୍ରାହକଙ୍କ ସଂଖ୍ୟା ୫୦୦ରେ ପହଞ୍ଚିଥିଲା। ପରେ ଜାନୁୟାରୀ ୨୦୧୮ରେ ସେ ୧୧ ହଜାର ଟଙ୍କା ଖର୍ଚ୍ଚ କରି ମିଲ୍କ ଇଣ୍ଡିଆ କମ୍ପାନୀ ଖୋଲିଥିଲେ। ପ୍ରଥମ ଦୁଇବର୍ଷରେ ଏହାର କାରବାର ୧ କୋଟିରେ ପହଞ୍ଚିଛି। ଶିଳ୍ପୀ ୧ରୁ ୯ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନେ କିଭଳି ଶୁଦ୍ଧ ଓ ସ୍ୱାସ୍ଥ୍ୟକର କ୍ଷୀର ପାଇବେ ସେଥିପ୍ରତି ଧ୍ୟାନ ଦେଉଛନ୍ତି। ଭଲ କ୍ଷୀର ପାଇବା ଲାଗି କମ୍ପାନୀ ଗାଈଙ୍କଠାରେ ସୋମାଟିକ ସେଲ୍ ଗଣନା କରିବା ପାଇଁ ମେସିନ ବ୍ୟବହାର କରୁଛି। ଏହି ସେଲ୍ ଯେତେ କମ୍ ରହିବ କ୍ଷୀର ସେତେ ସ୍ୱାସ୍ଥ୍ୟକର ହୋଇଥାଏ ବୋଲି କହନ୍ତି ଶିଳ୍ପୀ। ସେ ଲୋକମାନଙ୍କଠାରୁ ଅର୍ଡର ଗ୍ରହଣ କରିବା ସମୟରେ ପ୍ରଥମେ ଶିଶୁଙ୍କ ବୟସ ସମ୍ପର୍କରେ ବୁଝିଥାନ୍ତି। ଶିଳ୍ପୀଙ୍କ କଥାରେ କୃଷକମାନେ ଗାଈଙ୍କୁ ସବୁଜ ଘାସ ଖୁଆଉଛନ୍ତି। ଏବେ ଗାଈଙ୍କୁ ମକା ଖାଇବାକୁ ଦିଆଯାଉଛି।

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ।

(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆମ ଚଳଣିର ମହକ



ଡା. ବାସୁଦେବ ପ୍ରଧାନ

କରୋନା ଏବେ ସାରା ପୃଥିବୀରେ ଏକ ପ୍ରକାର ଆତଙ୍କ ଖେଳାଇଦେଇଛି। ତା' ପାଇଁ ସ୍କୁଲ୍, କଲେଜ, ପରୀକ୍ଷା ବନ୍ଦ। ବିମାନଯାତ୍ରା, ରେଳଯାତ୍ରା ବନ୍ଦ। ବିଦେଶୀମାନଙ୍କୁ ଓ ପର୍ଯ୍ୟଟକମାନଙ୍କୁ ଆସିବାକୁ ବାରଣ କରାଯାଉଛି। ବଡ଼ ବଡ଼ ମଲ୍‌ରେ ବେପାରବଣିଜ ବନ୍ଦ। କେତେକ ଦେଶ ସହ ଆମଦାନି, ରପ୍ତାନି କାରବାର ବି ବନ୍ଦ। ମୋଟାମୋଟି ଭାବେ ବେପାରବଣିଜ ଓ ଅର୍ଥନୀତି ଏକପ୍ରକାର ଠପ୍ ହୋଇଯାଇଛି। ଅର୍ଥନୀତି ଭୁଶୁଡ଼ି ପଡ଼ିଲାଣି। ବିଭିନ୍ନ ଧାର୍ମିକ ପର୍ବପର୍ବାଣି, ମେଳାମଉଛବ ଓ ମନ୍ଦିରରେ ଦିଅଁଦର୍ଶନ ବି ବନ୍ଦ ହୋଇଯାଇଛି। କେତେ ଶକ୍ତିଶାଳୀ ଏ କରୋନା ଭୂତାଣୁ ସତେ! ଏହାର କ'ଣ କିଛି ପ୍ରତିକାର ନାହିଁ? ବିଜ୍ଞାନାଗାରରେ ପରୀକ୍ଷିତ ଓ ପ୍ରମାଣିତ ପ୍ରତିକାର କିଛି ନ ଥିବାରୁ ଆମେ ସେ ବିଷୟରେ ଲେଖୁନାହୁଁ। କିନ୍ତୁ ପ୍ରତିକାର ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଏବେ ତାହାହିଁ କରିବାକୁ କହୁଛି। ଯେଉଁ ବିଜ୍ଞାନ ଦିନେ ଧାର୍ମିକ ରୀତିନୀତିକୁ ଅନ୍ଧବିଶ୍ୱାସ ବୋଲି କହୁଥିଲା, ସେ ଏବେ କହୁଛି ଧର୍ମ ପାଳନ କର- ହାତ ଧୋଇବ, ସଫାସୁତୁରା ରହିବ, ଛୁଆଁଛୁଇଁ କରିବନି, ଯୋଉଠି ଇଚ୍ଛା ସେଠି ଖାଇବନି, କାହା ଲୁଗା କେହି ପିନ୍ଧିବନି ଇତ୍ୟାଦି। ଏଗୁଡ଼ାକ ଆମ ଧର୍ମରେ ଅଛି ନା? ଆଚାରପ୍ରଭବୋ ଧର୍ମଃ- ସଦାଚାର ବା ସୁସ୍ଥ ରହିବାର ଆଚରଣକୁ ହିଁ ଧର୍ମ କହନ୍ତି। ଆଚରଣ ଠିକ୍ ନ ହେଲେ କରୋନା ପରି ବିପତ୍ତି ଆମକୁ କୋରଣା ପରି କୋରିପକେଇବ।

ଆମେ ଆମ ପୁରୁଣା ଆଚାର ଆଚରଣକୁ ଭୁଲିଯାଉଛେ। ଆଗରୁ ଗାଁଗହଳରେ ବାହାରୁ ଘରକୁ ଆସିଲେ ପୋଖରୀରେ ବା ଦାଣ୍ଡଦୁଆରେ ରଖାଯାଇଥିବା ପାଣିକୁଣ୍ଡରେ ପ୍ରଥମେ ଗୋଡ଼ ଧୋଇ ଲୋକମାନେ ଘରକୁ ଆସୁଥିଲେ। ଘରକୁ କୁଣିଆ ଆସିଲେ ସେମାନଙ୍କୁ ପାଣିଢାଳ ବଢ଼େଇ ଦିଆଯାଉଥିଲା। ଗୋଡ଼ ଧୋଇ ଗାମୁଛାରେ ଗୋଡ଼ ପୋଛି ଘରକୁ ଆସୁଥିଲେ। ଅବଶ୍ୟ ଏବେ ଗାଡ଼ି ମୋଟର ସଂଖ୍ୟା ବଢ଼ିଛି। ପାଦରେ ସମସ୍ତଙ୍କର ଜୋତା, ଚପଲ। ତେଣୁ ଧୂଳି ଲାଗିବା କମିଯାଇଛି। ତଥାପି ଉଡ଼ା ଧୂଳି ନିଶ୍ଚୟ ଲାଗିବ। ଚପଲ ବାହାର କରି ପାଦ ଧୋଇ ଘରକୁ ଗଲେ ପାଦରେ ଲାଗିଥିବା ଧୂଳି ଓ ଝାଳ ପ୍ରଭୃତି ସଫା ହୋଇପାରିବ। ଅତୀତରେ ବାହାରୁ ଆସିବା ପରେ ପିନ୍ଧା ଲୁଗା ଦାଣ୍ଡ ଘରେ ରଖାଯାଉଥିଲା। ଘର ଲୁଗା ଅଲଗା, ବାହାର ଲୁଗା ଅଲଗା। ସେହିପରି ଝାଡ଼ା ଯିବା ଲୁଗା ମଧ୍ୟ ଅଲଗା ଥିଲା। ବାଡ଼ିପଟେ ସେହି ଲୁଗା ଥାଏ। ସ୍ତ୍ରୀଲୋକମାନେ ସେହି ଲୁଗା ପିନ୍ଧି ବାହାରକୁ ଯାଉଥିଲେ (ସେତେବେଳେ ଆଜିକାଲି ଭଳି ପାଇଖାନା ନ ଥିଲା)। ଶୌଚ ହୋଇ ଲୁଗା ଧୋଇ ଘରକୁ ଆସୁଥିଲେ। ପୁରୁଷ ଲୋକମାନେ ସେମାନଙ୍କର ରାତି ପିନ୍ଧା ଲୁଗା ପିନ୍ଧି କ୍ଷେତବାଡ଼ିକୁ ଯାଉଥିଲେ। କ୍ଷେତରୁ ଫେରିବା ସମୟରେ ଗାଁ ପୋଖରୀ କିମ୍ବା ନଦୀରେ ଗାଧୋଇ ଲୁଗାଧୋଇ ଘରକୁ ଆସୁଥିଲେ। ଆମେ ଛିଙ୍କିଲେ ବା କାଶିଲେ ମୁହଁରେ ରୁମାଲ ବା ଗାମୁଛା ଦେଇଥାଉ। କାହା ଆଗରେ ବସିବା ବେଳେ କାନ, ନାକ ପାଟିରେ ହାତ ମାରିଲେ ଏହା ଖରାପ ଅଭ୍ୟାସ ବୋଲି ଗୁରୁଜନମାନେ ଆମକୁ ବାରଣ କରୁଥିଲେ।

ଗାଧୋଇସାରି ତୁଳସୀଗଛରେ ପାଣିଦେବା ଓ ଦୁଇଚାରିଟା ତୁଳସୀପତ୍ର ଖାଇବା ଆମର ଅଭ୍ୟାସ ଥିଲା। ପ୍ରତ୍ୟେକ ଘରେ ତୁଳସୀଗଛ ଓ ବେଲଗଛ ରହୁଥିଲା। ତୁଳସୀ ଥଣ୍ଡା, ସର୍ଦ୍ଦି ପାଇଁ କାମ କରୁଥିବା ବେଳେ ବେଲପତ୍ର ଏବଂ କଞ୍ଚା ଓ ପାଚିଲା ବେଲ ପେଟରୋଗର ଅମୋଘ ଔଷଧ। ଆମ ପୂଜାପୂଜି କାମରେ ପଞ୍ଚାମୃତ ବ୍ୟବହାର କରାଯାଏ, ଯାହା ପାଞ୍ଚଟି ଅମୃତର ସମାହାର- କ୍ଷୀର, ଘିଅ, ଦହି, ଗୁଡ଼ ଓ ମହୁ। ଏଗୁଡ଼ିକର ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ବିଷୟରେ କାହାକୁ ବୁଝାଇବା ଦରକାର ନାହିଁ। ଏହି ପଞ୍ଚାମୃତ ପ୍ରତିଦିନ ଅଳ୍ପ ଅଳ୍ପ ଖାଇଲେ ବଜାରରେ ମିଳୁଥିବା ଯେକୌଣସି ଟନିକ୍‌ଠାରୁ ମଧ୍ୟ ଭଲ କାମ କରେ।

ଅନ୍ୟ କାହାର ପୋଷାକପତ୍ର, ବିଛଣାଚଦର, ତକିଆ ଆଦି ବ୍ୟବହାର କରିବା ଆମ ଚଳଣିରେ ନାହିଁ। ପରିବାରର ସଦସ୍ୟ ହେଲେ ବି କାହା ଦେହରେ କେଉଁ ରୋଗ ଥିବ! ସେହିପରି ଏକା ସାଥୀରେ ଖାଇବା କିନ୍ତୁ ଏକ ପାତ୍ରରେ ନ ଖାଇବା, ସୁସ୍ଥ ଗୁରୁଜନଙ୍କ ବ୍ୟତୀତ ଅନ୍ୟ କାହାର ଅଇଁଠା ନ ଖାଇବା ହେଉଛି ଆମର ପ୍ରାଚୀନ ପରମ୍ପରା। ଏସବୁକୁ ପାଳନ କଲେ ଆମର ରୋଗ ହୋବାର ସମ୍ଭାବନା କମ୍ ରହିବ। ଆଗରୁ ଘରେ ଘରେ ଘୋରଣା, ପେଷଣା, ଢିଙ୍କି ଥିଲା। ସେସବୁ ବ୍ୟବହାର କରିବା ଫଳରେ ଶାରୀରିକ ଶ୍ରମ ହେଉଥିଲା। ତେଣୁ ଶରୀର ନୀରୋଗ ରହୁଥିଲା। ସମସ୍ତଙ୍କ ବାଡ଼ିରେ କଦଳୀ, ଅମୃତଭଣ୍ଡା, ସଜନା ଗଛ ଥିଲା। ଶାଗ ପଟାଳି, କଲରା, ପୋଟଳ ମନ୍ଦା ଥିଲା। ସାରୁ, ଖମ୍ବଆଳୁ, ଓଲୁଅ, ଶିମ୍ବ, ଜହ୍ନି, ଭେଣ୍ଡି, କାକୁଡି ଆଦି ପନିପରିବା ମିଳୁଥିଲା। ସେଥିରେ କେବଳ ଗୋବର ଖତ ଦିଆଯାଉଥିଲା। ଫଳରେ ସେସବୁ ସ୍ୱାସ୍ଥ୍ୟ ପାଇଁ ନିରାପଦ ଥିଲା।

ଅତୀତରେ ଶାରୀରିକ ଶ୍ରମ, ବାଡ଼ିବଗିଚାର ପନିପରିବା, ଢିଙ୍କିକୁଟା ଚାଉଳ, କାଠଚୁଲି, ମାଟିହାଣ୍ଡି ଭାତ, ବାସି ତୋରାଣି ମଣିଷକୁ ନୀରୋଗ ରଖୁଥିଲା। ସେହିଭଳି ଢିଙ୍କିକୁଟା ଚୁଡା, ମୁଢ଼ି, ହୁଡୁମ, ଛତୁଆ, ଗୁଡ଼, ନଡ଼ିଆ, ବାରି କଦଳୀ ମଣିଷକୁ ନୀରୋଗ ରଖୁଥିଲା। ଡାକ୍ତରଖାନା ଯିବାକୁ କ୍ୱଚିତ୍ ଦରକାର ପଡୁଥିଲା। ଏବେ ରୋଗ ବଢ଼ିଛି। ଡାକ୍ତରଖାନା ବଢ଼ିଛି। ବେଳକୁ ବେଳ କରୋନା ପରି ନୂଆ ନୂଆ ରୋଗ ଆସି ମଣିଷର ଆର୍ଥିକ ସ୍ଥିତିକୁ ଦୁର୍ବଳ କରୁଛି। ଧନଜୀବନ ନଷ୍ଟ କରୁଛି। ପ୍ରଗତିରେ ବାଧକ ହେଉଛି। ଅତୀତ ଏବଂ ଆଜି ଭିତରେ ଆକାଶପାତାଳ ଫରକ। ତେବେ ନିମ୍ନଲିଖିତ କଥାଗୁଡ଼ିକୁ ମାନି ଚଳିଲେ ଆମେ ସୁସ୍ଥସବଳ ରହିପାରିବା- ରୋଷେଇ ଘରକୁ ସଫାସୁତୁରା ରଖିବା। ଖାଇବା ବାସନକୁସନ ସମସ୍ତଙ୍କର ପୃଥକ୍ ହେବା ଉଚିତ। ଏକ ପାତ୍ରରେ ଖାଇବା ଅନୁଚିତ। ଘରେ ମୁକ୍ତ ବାୟୁ ଚଳାଚଳ ଏବଂ ସୂର୍ଯ୍ୟକିରଣ ପଡ଼ିବା ଆବଶ୍ୟକ।

ଅତୀତରେ କୁକୁରକୁ ଛୁଇଁଲେ ଏବଂ ମଳକୁ ମାଡ଼ିଲେ ଗାଧୋଇବାକୁ ପଡୁଥିଲା। ଏହାକୁ କୁକୁରଛୁଆଁ କୁହାଯାଉଥିଲା। କୁକୁର ମଳରେ ଅନେକ ପ୍ରକାର ଜୀବାଣୁ ଥାଆନ୍ତି। ଏବେ ଘରେ ଘରେ ପରିବାରର ସଦସ୍ୟ ପାଲଟିଛନ୍ତି କୁକୁର। ସେମାନେ ଘର ସାରା ବୁଲୁଛନ୍ତି। ଶେଯରେ ଶୋଉଛନ୍ତି। କାରରେ ଭ୍ରମଣ କରୁଛନ୍ତି। ଅତୀତରେ ଛୁଆଁଛୁତିକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଝିଅ ହେଉ କି ବୋହୂ ରଜସ୍ରାବ ସମୟରେ ରୋଷେଇଘରେ ପଶୁ ନ ଥିଲେ। ଏହା ଅତ୍ୟନ୍ତ ସୁସ୍ଥ ବ୍ୟବସ୍ଥା ଥିଲା। ପାଣି ପବନକୁ ନିର୍ମଳ ରଖିବା ଦରକାର। କାରଣ ପାଣି ପବନ ମାଧ୍ୟମରେ ଅନେକ ରୋଗ ବ୍ୟାପିଥାଏ। ପାଣି ମାଧ୍ୟମରେ ତରଳ ଝାଡ଼ା, କାମଳ, ଆମାଶୟ ଏବଂ ପବନ ମାଧ୍ୟମରେ ଭୂତାଣୁ ସଂକ୍ରମଣଜନିତ ଥଣ୍ଡା, କାଶ, ଜ୍ୱର ବ୍ୟାପିଥାଏ। ଏହିସବୁ ସଦାଚାର ହେଉଛି ଆମ ଚଳଣିର ମହକ, ଏସବୁକୁ ପାଳନ କଲେ ଆମେ ନୀରୋଗ ରହିପାରିବା।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 8 | 9 | 5 | | | | 1 | C | B | |
| | 6 | 5 | | 0 | | | | | | | 4 | | | |
| 9 | | 8 | | D | | 6 | | 4 | | | | 2 | 3 | A |
| | 4 | | | 3 | A | | | | | | | | | |
| | 1 | 3 | E | | 6 | A | | B | 2 | | | | | |
| | | | | | | | | 5 | 3 | 4 | | | C | |
| 6 | | | | | | 8 | C | | 0 | 2 | | | | |
| | A | 1 | | | | | D | 2 | E | | C | | 8 | |
| | C | | | 7 | | | 4 | | | | 5 | | | |
| | | | | A | D | 1 | | | | | | B | 9 | E |
| | D | | | | 5 | | | 7 | | | | | 1 | |
| C | | 0 | D | | 4 | | 1 | | | | 6 | 9 | | |
| | 3 | | | 1 | 0 | | | | | | A | | | |
| | 8 | 4 | | | 9 | | | D | | 0 | | | | |
| 1 | E | | | | | | 2 | 9 | | | | D | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | B | 5 | 3 | 7 | D | A | C | 6 | 8 | 1 | 4 | 0 | 9 |
| 1 | 9 | C | 8 | A | 2 | 5 | 3 | 6 | D | 0 | 4 | 7 | E | B |
| A | 4 | 3 | 6 | B | E | 9 | 0 | 1 | 5 | 7 | C | 8 | 2 | D |
| 6 | 8 | 0 | D | 1 | 4 | 7 | 2 | B | E | 9 | 3 | 5 | A | C |
| D | 7 | 5 | 9 | C | 0 | 4 | 8 | E | A | 2 | B | 6 | 1 | 3 |
| 9 | 6 | 4 | 7 | D | 5 | 2 | C | 0 | B | 1 | E | A | 3 | 8 |
| E | 3 | A | 2 | 9 | 6 | 8 | 1 | 7 | C | 4 | 0 | B | D | 5 |
| 8 | D | 1 | C | 4 | 3 | B | E | 5 | 9 | 6 | A | 2 | 7 | 0 |
| C | 0 | 7 | 1 | 8 | B | A | 9 | D | 2 | 3 | 5 | E | 6 | 4 |
| 5 | B | 2 | E | 0 | A | 6 | 4 | 3 | 8 | D | 7 | 9 | C | 1 |
| 0 | 2 | 8 | B | 5 | D | 3 | 6 | A | 1 | E | 9 | C | 4 | 7 |
| 7 | A | 9 | 4 | E | C | 1 | D | 2 | 3 | 5 | 8 | 0 | B | 6 |
| B | 1 | D | 0 | 2 | 9 | C | 7 | 8 | 4 | A | 6 | 3 | 5 | E |
| 4 | 5 | E | 3 | 6 | 1 | 0 | B | 9 | 7 | C | 2 | D | 8 | A |
| 3 | C | 6 | A | 7 | 8 | E | 5 | 4 | 0 | B | D | 1 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି ଛତୁଆ ପରିବହନ

ମହାଶୟ,

ସରକାର କୁନି କୁନି ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଅଙ୍ଗନୱାଡି କେନ୍ଦ୍ରମାନ ଖୋଲିଛନ୍ତି। କେନ୍ଦ୍ରଗୁଡ଼ିକରେ ସେମାନଙ୍କୁ ଅଣ୍ଡା ଓ ଛତୁଆ ଖାଇବା ପାଇଁ ଦିଆଯାଉଛି। ତେବେ ଛତୁଆର ମାନ ଯାହା ଥାଉନା କାହିଁକି ତା'ର ପରିବହନ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ। ସାଧାରଣ ଛତୁଆ ପ୍ୟାକେଟ୍‌ଗୁଡିକ ଆଳୁ କିମ୍ବା ପିଆଜ ଜାଲିବସ୍ତାରେ ଖୋଲା ଗାଡିରେ ଲଦା ହୋଇ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛି। ପରିବହନ ସମୟରେ ଧୂଳି ଓ ମାଟି ଛତୁଆ ପ୍ୟାକେଟରେ ପଡୁଛି। ଏହାଛଡା ଛତୁଆ ପ୍ୟାକେଟ୍‌ଗୁଡିକୁ ଗାଡିରେ ଚଢାଇବା ଓ ଓହ୍ଲାଇବା କାର୍ଯ୍ୟରେ ନିଯୁକ୍ତ ଖଲାସିମାନେ ମଇଳା ଜୋତା, ଚପଲ ପିନ୍ଧି ଉକ୍ତ ବସ୍ତା ଉପରେ ଚଳପ୍ରଚଳ କରି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଚପଲରୁ ନିଶ୍ଚିତ ମଇଳା ଝଡ଼ି ଛତୁଆ ପ୍ୟାକେଟ୍ ଉପରେ ପଡୁଥିବ। ଉକ୍ତ ଛତୁଆ ଖାଇ ପିଲାମାନେ ଯେ ରୋଗରେ ନ ପଡିବେ ଏ କଥାକୁ ଏଡ଼ାଯାଇ ନ ପାରେ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବିଷବଳୟରେ ମାନବ ସମାଜ

ଧରିତ୍ରୀ (୨୮।୨)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ବିଷ ମଣିଷ' ନିବନ୍ଧଟି ସମଗ୍ର ମାନବ ସମାଜକୁ ଏକ ଚେତାବନୀ। ସର୍ବତ୍ର ହିଂସା, ଦ୍ୱେଷ, ବିଭେଦ। ଭାଇର ତଣ୍ଟିଚିପି ରକ୍ତ ଶୋଷିଲାଣି ଭାଇ। ମନ ବିଷ, ଶରୀର ବିଷ, ଭାବନା ବିଷ। ପନିପରିବାରେ ରଙ୍ଗ, ମାଛ, ଶୁଖୁଆରେ ଫର୍ମାଲିନ୍ ପ୍ରୟୋଗ। ଗାଈ, ମଇଁଷି ଅଧିକ କ୍ଷୀର ଦେବା ପାଇଁ ଅକ୍ସିଟୋସିନ ଇଞ୍ଜେକ୍ସନ, ନକଲି ପାନମସଲା, ଖାଇବା ତେଲ- ସବୁ ଅପମିଶ୍ରିତ। ସମାଜ ପୂରା ବିଷମୟ ହୋଇଗଲାଣି। ଏଣୁ ଲେଖକଙ୍କ ଉଦ୍‌ବେଗ ଯଥାର୍ଥ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଏସ୍-୪ ଯାନ ବିକ୍ରି ଅବଧି ବଢ଼ାଇବାକୁ ସୁପ୍ରିମକୋର୍ଟରେ ଆବେଦନ

ବିଏସ୍-୪ ଯାନ ବିକ୍ରି ଏବଂ ପଞ୍ଜୀକରଣ ଅବଧି ଆସନ୍ତା ମେ ମାସ ଶେଷ ଯାଏ ବଢ଼ାଇବାକୁ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍ଏଡିଏ) ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଭିନ୍ନ ମଡେଲର ଷ୍ଟକର ବିକ୍ରି ସାରିବା ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରସଙ୍ଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ତ୍ୱରିତ ଭାବେ ବିଚାର କରିବା ନେଇ ଆଶା ରହିଛି ବୋଲି ସଂଘର ସଭାପତି ଆଶିଷ ହର୍ସରାଜ କାଲେ ସୂଚନା ଦେଇଛନ୍ତି।

# ୨୪ ଘଣ୍ଟାରେ ୧୨୩୯ ପଞ୍ଜୀକୃତ

## ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ

- ଫୋନ୍ ନମ୍ବରରେ ୫୫୪, ୱେବ୍‌ସାଇଟ୍‌ରେ ୬୮୫
- କଲ୍ ସେଣ୍ଟରର ହେବ କଳେବର ବୃଦ୍ଧି
- କ୍ରିଷନ୍ କୁମାରଙ୍କୁ ପରିଚାଳନା ଦାୟିତ୍ୱ


ଖବରଦାତା ସମ୍ମିଳନୀରେ ସୁବ୍ରତୋ ବାଗ୍‌ଚୀ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ସମ୍ଭାବ୍ୟ କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣକୁ କିପରି ସଫଳ ଭାବେ ମୁକାବିଲା କରାଯାଇପାରିବ ସେନେଇ ରାଜ୍ୟ ସରକାର ପ୍ରତ୍ୟହ ଉଦ୍ୟମ ଜାରି ରଖିଛନ୍ତି। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ବିଷୟରେ କିପରି ସମ୍ପୂର୍ଣ୍ଣ ତଥ୍ୟ ରଖିହେବ ସେଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏହିକ୍ରମରେ ବାହାରୁ ଓଡ଼ିଶାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଫୋନ୍ ନମ୍ବର ଓ ଅନ୍‌ଲାଇନ୍ ପୋର୍ଟାଲ୍‌ରେ ଗତ ୨୪ଘଣ୍ଟା ମଧ୍ୟରେ ୧୨୩୯ ଜଣ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ୧୦୪ ସହାୟତା ନମ୍ବର ଜରିଆରେ ୫୫୪ ଜଣ ଏବଂ 'covid19.odisha.gov.in' ୱେବ୍‌ସାଇଟ୍‌ରେ ୬୮୫ ଜଣ ପଞ୍ଜୀକରଣ କରିଛନ୍ତି। ଏପରିକି ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍‌ପଲାଇନ୍‌କୁ ୧୦ ହଜାରରୁ ଊର୍ଦ୍ଧ୍ୱ କଲ୍ ଆସିଛି। ଏହି କଲ୍ ସେଣ୍ଟରର କଳେବର ବୃଦ୍ଧି ସହ ଏହାକୁ ଅଧିକ ବ୍ୟାପକ କରିବାକୁ ସରକାର ଯୋଜନା କରିଛନ୍ତି। ସେଥିପାଇଁ ପୂର୍ତ୍ତ ବିଭାଗର ଶାସନ ସଚିବ କ୍ରିଷନ୍ କୁମାରଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ମଙ୍ଗଳବାର ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟିର ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ରାଜ୍ୟର ପ୍ରତ୍ୟେକ ଜିଲା ସଦର ମହକୁମାସ୍ଥିତ ଡାକ୍ତରଖାନା ଓ ମେଡିକାଲ୍ କଲେଜ୍-ହସ୍ପିଟାଲଗୁଡ଼ିକରେ ଆଇସୋଲେଶନ୍ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୪୦ଟି ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ରହିଛି। ଗ୍ରାମାଞ୍ଚଳରେ ପ୍ରତିଷେଧକ ବ୍ୟବସ୍ଥା ଭାବରେ ବ୍ଲକ୍‌ସ୍ତରରେ କ୍ୱାରାଣ୍ଟାଇନ୍‌ର ସୁବିଧା ନିମନ୍ତେ ଚିହ୍ନଟ ହୋଇଥିବା ସୁରକ୍ଷିତ ଗୃହଗୁଡ଼ିକ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରାଯାଇଥିବା ବାଗ୍‌ଚୀ କହିଛନ୍ତି।

### ଆଶ୍ରମ ସ୍କୁଲ ଛାତ୍ରାବାସ ଉପରେ ସ୍ୱତନ୍ତ୍ର ନିରୀକ୍ଷଣ

ଅନ୍ୟପଟେ ରାଜ୍ୟରେ ଆଶ୍ରମ ସ୍କୁଲଗୁଡ଼ିକର ଛାତ୍ରାବାସରେ ଥିବା ଅନ୍ତେବାସୀଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ନିରୀକ୍ଷଣରେ ରଖିଥିବା କହିଛନ୍ତି। ବର୍ତ୍ତମାନ ରାଜ୍ୟର ସମସ୍ତ ଆଶ୍ରମ ସ୍କୁଲରେ ମୋଟ ୫ ଲକ୍ଷ ୭୫ ହଜାର ଅନ୍ତେବାସୀ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। କରୋନା ସମ୍ପର୍କରେ ସେମାନଙ୍କୁ ସଚେତନତା କରାଯିବ। ଯଦି ପରିସ୍ଥିତିରେ କିଛି ପରିବର୍ତ୍ତନ ହୁଏ ତେବେ ଆବଶ୍ୟକ ପଡ଼ିଲେ ଅନ୍ୟତ୍ର ପଠାଇବା ପାଇଁ ଯୋଜନା କରାଯିବ।

### କରୋନା ଚିହ୍ନଟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଯୁବକ ଜଣଙ୍କ ଯେଉଁ ୧୨୯ଜଣଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ଠାବ କରାଯାଇସାରିଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୩୨ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ୩୧ଜଣଙ୍କୁ ନମୁନା ନେଗେଟିଭ ଆସିଥିବା ବେଳେ ଜଣଙ୍କର କରୋନା ପଜିଟିଭ୍ ଆସିଛି। ଖବରଦାତା ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ସଚିବ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ହସ୍ପିଟାଲରେ କରୋନା କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ

କରୋନା ମୁକାବିଲା ପାଇଁ ଘରୋଇ ହସ୍ପିଟାଲକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଚିକିତ୍ସାଳୟଗୁଡ଼ିକରେ କରୋନା କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଆବଶ୍ୟକ ପ୍ରୋଟୋକଲ୍ ପାଳନ ସହ ଅନାବଶ୍ୟକଭାବେ ଲୋକଙ୍କ ଯିବାଆସିବା ଉପରେ କଟକଣା ଲଗାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ବ୍ୟାଙ୍କଗୁଡ଼ିକରେ ଗହଳି କମାଇବାକୁ କୁହାଯାଇଛି। ସେହିପରି ନିୟମିତ ଭାବରେ ବ୍ୟାଙ୍କ ଓ ଏଟିଏମ୍‌ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେବା ସହ ହ୍ୟାଣ୍ଡ୍ ସାନିଟାଇଜର ରଖିବାକୁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନତା କରିବା ପାଇଁ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୧୯ରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତିସ୍ତରରେ ୨୦ ଏବଂ ଜିଲା ପରିଷଦ ପାଇଁ ୨୧ ତାରିଖ ତିନଦିନ ଧରି ସଚେତନତା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଭୂମିକା ସମ୍ପର୍କରେ ସେମାନଙ୍କୁ ସମ୍ପୂର୍ଣ୍ଣ ଅବଗତ କରାଯିବ। ବୟସ୍କ ଲୋକମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଘରେ ବିନା ବାୟୋମେଟ୍ରିକ୍‌ରେ ମଧ୍ୟ ରାଶନ୍ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।


## ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by: Apollo HOSPITALS BHUBANESWAR

**ଜରାୟୁ ଗ୍ରୀବା କର୍କଟର ଆଶଙ୍କାଗତ ଦିଗଗୁଡ଼ିକ କ'ଣ?**

**ଧୂମପାନ**

ଧୂମପାନ କରୁ ନ ଥିବା ମହିଳାଙ୍କ ତୁଳନାରେ ଧୂମପାନ କରୁଥିବା ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟ ହେବାର ସମ୍ଭାବନା ଦୁଇଗୁଣ ଅଧିକ ଥାଏ। ଗବେଷଣାରୁ ଜଣାପଡ଼େ ଯେ ସିଗାରେଟ୍ ଜରାୟୁ ଗ୍ରୀବାର କୋଷିକାଗୁଡ଼ିକୁ କ୍ଷତିଗ୍ରସ୍ତ କରି କର୍କଟ ରୋଗର କାରଣ ସାଜିପାରେ। ଧୂମପାନ ରୋଗ ପ୍ରତିରୋଧକ କ୍ଷମତାକୁ ମଧ୍ୟ ଦୁର୍ବଳ କରିଦେଇଥାଏ, ଯାହା କାରଣରୁ ଏଚ୍‌ପିଭି ଇନ୍‌ଫେକ୍ସନ୍ ସହ ଲଢ଼ିବା ଆହୁରି କଷ୍ଟକର ହୋଇଯାଏ।

**ବୟସ**

୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ସମ୍ଭାବନା ଅଧିକ ରହିଥାଏ।

**ଜରାୟୁ ଗ୍ରୀବା କର୍କଟର ଅନ୍ୟାନ୍ୟ ଆଶଙ୍କାଗତ ଦିଗଗୁଡ଼ିକ ହେଲା:**

ପୂର୍ବରୁ ଜରାୟୁ ଗ୍ରୀବା କର୍କଟ ଅଥବା ଅସ୍ୱାଭାବିକ କୋଷିକା ପାଇଁ ଚିକିତ୍ସା ହାସଲ କରିବା

ପାଞ୍ଚବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଜନ୍ମ ନିୟନ୍ତ୍ରଣ ବଟିକା ବ୍ୟବହାର କରିବା

ଏକାଧିକ ବ୍ୟକ୍ତିଙ୍କ ସହ ଯୌନ ସମ୍ପର୍କ

ଏଡ୍‌ସ ରୋଗ ସୃଷ୍ଟି କରୁଥିବା ଏଚ୍‌ଆଇଭି ଭୂତାଣୁ କିମ୍ବା ସଂକ୍ରମଣ ସହ ଲଢ଼ିବାରେ ଶରୀର ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅନ୍ୟ କୌଣସି ସ୍ୱାସ୍ଥ୍ୟାବସ୍ଥା।




**ମୋ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା ପାଇଁ ମୁଁ କ'ଣ କରିପାରିବି?**

କେତେକ ଆଶଙ୍କାଗତ ଦିଗ, ଯେପରିକି ବୟସ ନିୟନ୍ତ୍ରଣାଧୀନ ନୁହେଁ, କିନ୍ତୁ ଅନ୍ୟାନ୍ୟ କାରକଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ। ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତିରୋଧ କରିବା ପାଇଁ କେତୋଟି ଉପାୟ ହେଲା:

**ଟିକାକରଣ**

ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା କର୍କଟ ସୃଷ୍ଟି କରୁଥିବା ଅଧିକାଂଶ ପ୍ରକାରର ଏଚ୍‌ପିଭି ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ। ମହିଳାଙ୍କ କ୍ଷେତ୍ରରେ ଏଚ୍‌ପିଭି ଟିକା ଜରାୟୁ ଗ୍ରୀବା, ଯୋନି ଓ ଯୋନିମୁଖ କର୍କଟର ପ୍ରତିରୋଧରେ ସହାୟକ ହୋଇଥାଏ। ଏହା ମଳଦ୍ୱାର, ମୁଖ ଓ ଗଳା କର୍କଟ ବିରୁଦ୍ଧରେ ମଧ୍ୟ ସୁରକ୍ଷା ଯୋଗାଇଥାଏ।

**ସ୍କ୍ରିନିଂ**

ନିୟମିତ ସ୍କ୍ରିନିଂ ପରୀକ୍ଷା ଦ୍ୱାରା ସଅଳ ଚିହ୍ନଟ ହେଲେ ଜରାୟୁ ଗ୍ରୀବା କର୍କଟର ପ୍ରତିରୋଧ କରାଯାଇପାରିବ।

ଜରାୟୁ ଗ୍ରୀବା କର୍କଟ ସ୍କ୍ରିନିଂ ପାଇଁ ନିୟମିତ ଭାବେ ନିଜର ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସହ ଦେଖା କରନ୍ତୁ। ଆପଣଙ୍କର ସ୍କ୍ରିନିଂ ଫଳାଫଳ ସ୍ୱାଭାବିକ ନ ଥିଲେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ପରାମର୍ଶ କରନ୍ତୁ।

(କ୍ରମଶଃ...)

**ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,**
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ୪ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୧୭।୩:** ଆସନ୍ତା ସପ୍ତାହରେ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାଙ୍କଗୁଡ଼ିକ ୪ ଦିନ ରହିବ। ବ୍ୟାଙ୍କ ଧର୍ମଘଟ ଏବଂ ଛୁଟିଯୋଗୁ ଏହି ସମୟରେ ବ୍ୟାଙ୍କ ମୋଟ ୩ ଦିନ ଖୋଲା ରହିବ ବୋଲି ସୂଚନା ରହିଛି। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ) ଏବଂ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓଏ) ମାର୍ଚ୍ଚ ୨୭ରେ ଧର୍ମଘଟ ଡାକରା ଦେଇଛି। ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନ ଅଫ୍ ଇଣ୍ଡିଆ ଏହି ଧର୍ମଘଟରେ ଯୋଗଦେବ ବୋଲି ଜଣାପଡ଼ିଛି। ଆସନ୍ତା ସୋମବାର ଏବଂ ମଙ୍ଗଳବାର ବ୍ୟାଙ୍କ ଖୋଲା ରହିବ। ୨୫ ମାର୍ଚ୍ଚରେ ଗୁଡ଼ିପର୍ବ ଏବଂ ତେଲୁଗୁ ନୂଆବର୍ଷ ପଡୁଛି। ଏହି ସମୟରେ ବାଙ୍ଗାଲୋର ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ନାଗପୁର ଭଳି ସହରରେ ବ୍ୟାଙ୍କ ସେବା ବନ୍ଦ ରହିବ। ୨୮ ମାର୍ଚ୍ଚରେ ଚତୁର୍ଥ ଶନିବାର, ୨୯ ମାର୍ଚ୍ଚରେ ରବିବାର ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ଗୁରୁବାର ବ୍ୟାଙ୍କ ଖୋଲା ରହିବ। ଶୁକ୍ରବାର ଧର୍ମଘଟ ଯୋଗୁ ପୁଣି ଥରେ ସେବା ବାଧାପ୍ରାପ୍ତ ହେବ। ଓଡ଼ିଶା କଥା ବିଚାର କଲେ ଆସନ୍ତା ୨୭, ୨୮ ଏବଂ ୨୯ ତାରିଖରେ ବ୍ୟାଙ୍କ ବନ୍ଦ ରହିବ ବୋଲି ବ୍ୟାଙ୍କିଙ୍ଗ ଶିଳ୍ପ ପକ୍ଷରୁ ସୂଚନା ରହିଛି। ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବିରୋଧୀ ନୀତି ଏବଂ ଲୋକମାରଣ ନୀତି ନେଇ ଆଗକୁ ବଢୁଛନ୍ତି। ଏହା ବିରୋଧରେ ଧର୍ମଘଟ ଡାକରା ଦିଆଯାଇଥିବା ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଲମ ସୂଚନା ଦେଇଛନ୍ତି।

# କ୍ରାଲ୍‌ରେ ରହିବ 'ରାକେଶ': କପିଳାସ ଜୁ'ରେ ପ୍ରଥମ

**ଢେଙ୍କାନାଳ ଅଫିସ, ୧୭।୩:** ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟର ପରିସରରେ ବନ୍ଦୀ ଜୀବନ କାଟୁଥିବା ନରହନ୍ତା ଦନ୍ତା 'ରାକେଶ'କୁ କ୍ରାଲ (କାଠବାଡ଼)ରେ ଆବଦ୍ଧ କରି ରଖିବାକୁ ଯୋଜନା କରୁଛି ବନ ବିଭାଗ। କ୍ରାଲରେ ରହିବା ପରେ ହାତୀ ଶୃଙ୍ଖଳ ମୁକ୍ତ ହୋଇପାରିବ। ଏହା ଫଳରେ ଶିକୁଳି ଯୋଗୁ ଦନ୍ତା ଗୋଡ଼ରେ ସୃଷ୍ଟି ହୋଇଥିବା କ୍ଷତ ଶୁଖିବାରେ ସହାୟକ ହେବ ବୋଲି ଡିଏଫ୍ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କପିଳାସ ଚିଡ଼ିଆଖାନା ଇତିହାସରେ ଏପରି ବ୍ୟବସ୍ଥା ପ୍ରଥମ ବୋଲି ଜଣାପଡ଼ିଛି। ପରଜଙ୍ଗ-ତାଳଚେର ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ୧୦ରୁ ଊର୍ଦ୍ଧ୍ୱ ଜୀବନ ନେଇଥିବା ଉକ୍ତ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଗତ ଜାନୁୟାରୀ ୨୨ରେ କପିଳାସ ଜୁ'କୁ ଅଣାଯାଇଥିଲା। ଉନ୍ମତ୍ତ ହାତୀକୁ ରେସ୍‌କ୍ୟୁ ସେଣ୍ଟର ପରିସରରେ ଥିବା ଏକ ଖୋଲା ମଣ୍ଡପ ଚାରିପଟେ ଟ୍ରେଞ୍ଚ ଖୋଳାଯାଇ ରଖାଯାଇଛି।

# ୨ ସପ୍ତାହରେ ୨ କମ୍ପାନୀର ଶୁଭ କାର୍ଯ୍ୟକ୍ରମ ସ୍ଥଗିତ


ଡାର୍ସେଲ ଲଜିଷ୍ଟିକ ହବ୍‌କୁ ଜମି ହସ୍ତାନ୍ତର ସହ ଶୁଭକାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୭।୩**

- ଡାର୍ସେଲ ଲଜିଷ୍ଟିକ ହବ୍‌କୁ ବିରୋଧ କଲେ ଯଖପୁରା ଗ୍ରାମବାସୀ
- ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା, ଶିଳ୍ପ ଉପରୁ ତୁଟୁଛି ମୋହ

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୨ ସପ୍ତାହ ମଧ୍ୟରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ୨ କାରଖାନା ଶୁଭ ଦେଇ ନ ପାରି ଫେରିଯାଇଛି। ଗତ ୭ ତାରିଖରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ପାର୍କ ନିକଟରେ କେସିକା ମେଟାଲିକ୍ସ ଲିମିଟେଡର ଗ୍ରାଉଣ୍ଡ ବ୍ରେକିଂ ହୋଇପାରି ନଥିଲାବେଳେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ଡାର୍ସେଲ ଲଜିଷ୍ଟିକ ହବ୍‌କୁ ଜମି ହସ୍ତାନ୍ତର ସହ ଶୁଭକାର୍ଯ୍ୟ ସ୍ଥଗିତ ରହିଛି। ଦାନଗଦି ତହସିଲ ଅଧୀନ ୧୦ ଏକର ଜମିରେ ହେବାକୁ ଥିବା ଡାର୍ସେଲ କମ୍ପାନୀକୁ ସ୍ଥାନୀୟ ଯଖପୁରା ଗ୍ରାମବାସୀ ଗୋଚର ଓ ଖେଳପଡିଆ ପାଇଁ ଉଦ୍ଦିଷ୍ଟ ଜମିକୁ ଆଦୌ ହସ୍ତାନ୍ତର କରାଯିବ ନାହିଁ ବୋଲି କହି ବିରୋଧ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାବାଦ୍ ଯେତେ ଶିଳ୍ପ କମ୍ପାନୀ ଆସୁଥିଲେ ହେଁ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରୁଥିବାରୁ ଶିଳ୍ପ ପ୍ରତି ଲୋକଙ୍କ ମୋହ ତୁଟୁଥିବା ଏଥିରୁ ସ୍ପଷ୍ଟ ମନେହୋଇଛି। ତେବେ କରୋନା ଭୂତାଣୁ ମୁକାବିଲା ପାଇଁ ଜିଲାସାରା ୧୪୪ ଧାରା ଜାରି ହୋଇଥିବାବେଳେ ଦାନଗଦି ତହସିଲ ପକ୍ଷରୁ ଜମି ମାପଚୁପ ତଥା ଶୁଭକାର୍ଯ୍ୟ କରାଯିବା ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ଶିଳ୍ପ କାରଖାନା ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଉଥିବାରୁ ଶିଳ୍ପ ଓ ଖଣିସଂସ୍ଥାଗୁଡିକ ଉପରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ନିଯୁକ୍ତି ଆଶା କ୍ରମଶଃ ମଉଳି ଯାଇଥିବାରୁ ଶିଳ୍ପ ପ୍ରତି ଲୋକଙ୍କ ମୋହ ତୁଟିବାରେ ଲାଗିଛି। ନବେ ଦଶକରେ ଯେଉଁ ପରିମାଣରେ ଲୋକେ ଶିଳ୍ପକୁ ସ୍ୱାଗତ କରିଥିଲେ ସେଭଳି ପରିସ୍ଥିତି ଆଉ ଦେଖିବାକୁ ମିଳୁନାହିଁ। କେସିକା ସିମେଣ୍ଟ ଓ ଡାର୍ସେଲ ହବ କମ୍ପାନୀ ଉପରେ ଲୋକଙ୍କ ବିଦ୍ରୋହରୁ ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି। ଶିଳ୍ପ ସ୍ଥାନୀୟ ଗରିବ ଲୋକଙ୍କ ପାଇଁ ନୁହେଁ, ବରଂ ଧନୀ, ଦଲାଲ ଓ ରାଜ୍ୟ ବାହାରର ବିଭିନ୍ନ ଠିକାସଂସ୍ଥାଙ୍କର, କଳିଙ୍ଗନଗରରେ ବହୁତ ଶିଳ୍ପ ହେଲା, ଆଉ ଶିଳ୍ପର ଆବଶ୍ୟକତା ନାହିଁ ବୋଲି ନାରା ଶୁଣିବାକୁ ମିଳିଛି।

ଯାଜପୁର ଜିଲା କଳିଙ୍ଗନଗର ଏକ ବୃହତ୍ ଶିଳ୍ପ ହବ୍ ଭାବେ ପରିଗଣିତ ହେବ ବୋଲି ରାଜ୍ୟ ସରକାର ବିଭିନ୍ନ ସମୟରେ ନିଷ୍ପତ୍ତି ନେଉଛନ୍ତି। ଏଥିପାଇଁ ରାଜ୍ୟ ତଥା ଦେଶ ବାହାରୁ ଡାଉନଷ୍ଟ୍ରିମ ଶିଳ୍ପଗୁଡିକ ଆକର୍ଷିତ ହେଉଛନ୍ତି। ଏହିକ୍ରମରେ ଗତ ୭ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁସାରେ ୯ମ ପର୍ଯ୍ୟାୟରେ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ କେସିକା ମେଟାଲିକ୍ସ ଲିଃକୁ ବିରୋଧ କରାଯାଇଥିଲା। ସ୍ଥାନୀୟ ନେତା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦେଣନେଣ ନ ଛିଡିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ କାର୍ଯ୍ୟ ସମ୍ପନ୍ନ ହୋଇ ପାରି ନ ଥିବା ସେତେବେଳେ ଆଲୋଚନା ହୋଇଥିଲା। କିନ୍ତୁ ଡାର୍ସେଲ କମ୍ପାନୀକୁ ବିରୋଧ କରିବା ପଛରେ ଅନ୍ୟସବୁ କାରଣ ରହିଛି ବୋଲି କୁହାଯାଉଛି। ସ୍ଥାନୀୟ ଲୋକଙ୍କ ମଶାଣି, ଖେଳପଡ଼ିଆ ଓ ଗୋଚର ଜମିକୁ କମ୍ପାନୀ ହାତକୁ ଟେକି ଦିଆଯିବ ନାହିଁ ବୋଲି ପ୍ରଭାବିତ ଲୋକ ଅଟଳ ରହିଥିଲେ। ପ୍ରସ୍ତାବିତ ଡାର୍ସେଲ କମ୍ପାନୀ ଜମି ପାର୍ଶ୍ୱରେ ସାଇଜର ଲଜିଷ୍ଟିକ ପାର୍କ ନିର୍ମାଣ ଚାଲିଛି। ଜଙ୍ଗଲ ଜମିରେ ଏହି କମ୍ପାନୀ ନିର୍ମାଣ ଚାଲିଥିବା ଅଭିଯୋଗ କରି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୪୨/୨୦୧୯ (ଇଜେଡ) ନମ୍ବରରେ ଏକ ମାମଲା ରୁଜୁ ହୋଇଛି, ଯାହାକି ବିଚାରାଧୀନ ରହିଛି। ଏ ସଂକ୍ରାନ୍ତରେ ଦାନଗଦି ତହସିଲର ଅତିରିକ୍ତ ତହସିଲଦାର ନାରାୟଣ ଦୀକ୍ଷିତଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ମାପଚୁପ କରି ଡାର୍ସେଲ କମ୍ପାନୀକୁ ହସ୍ତାନ୍ତର କରିବାକୁ କାର୍ଯ୍ୟକ୍ରମ ଥିଲା। ତେବେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।






କର୍ମରେ ହିଁ ତୁମର ଅଧିକାର; କିନ୍ତୁ କର୍ମ ଫଳରେ ନୁହେଁ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ପୁରୀ କେନାଲରେ ଭାସିଯାଇ ଜଣେ ନିଖୋଜ

ବାଲକାଟୀ,୧୭।୩(ଡି.ଏନ୍.ଏ.): ବାଲକାଟୀ ଫାଣ୍ଡି ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲରେ ମଙ୍ଗଳବାର ଜଣେ ବ୍ୟକ୍ତି ଭାସିଯାଇ ନିଖୋଜ ଥିବା ଜଣାପଡିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ମୁଦୁଲି ସାହିର ନାଲୁ ମୁଦୁଲି(୫୦)। ନାଲୁ ସକାଳ ପ୍ରାୟ ୮ଟାରେ ଶୌଚ ପାଇଁ କେନାଲକୁ ଯାଇଥିଲେ। ଘରକୁ ଫେରିବାରେ ଡେରି ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ନାଲୁଙ୍କ ସାଇକେଲ ଓ ଚପଲ କେନାଲ ପାର୍ଶ୍ୱରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ଓ ବାଲିଅନ୍ତା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ରିପୋର୍ଟ ଲେଖା ହେବା ବେଳକୁ ତାଙ୍କର ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ସଦସ୍ୟ ନାଲୁଙ୍କ ନିଖୋଜ ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ୨ ବଖରା ଜଳିଗଲା

ବାଲିପାଟଣା,୧୭।୩(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରିପୁର ପଞ୍ଚାୟତର ବଦଳା କଳାମାଟି ଗ୍ରାମରେ ଅଗ୍ନିକାଣ୍ଡ ଘଟି ତ୍ରିନାଥ ବେହେରାଙ୍କ ୨ ବଖରା ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ଜଳିଯାଇଛି। ବାଲିପାଟଣା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ନରୋଦା ଆର୍ଆଇ ପହଞ୍ଚି ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ବାର୍‌ରେ ଡ୍ୟାନ୍ସ ବନ୍ଦ

ଭୁବନେଶ୍ୱର,୧୭।୩ (ବ୍ୟୁରୋ): କରୋନା ସଂକ୍ରମଣ ଏଡାଇବାକୁ ଭୁବନେଶ୍ୱରର ସମସ୍ତ ବାର୍‌ରେ ନୃତ୍ୟ ଓ ସମାଗମକୁ ବନ୍ଦ କରାଯାଇଛି। ପରିସ୍ଥିତିକୁ ନଜରରେ ରଖି ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ବାରଗୁଡକ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏପରି କଟକଣା ଲଗାଇଛନ୍ତି। ଡ୍ୟାନ୍ସ ବାରରେ ଏକାଧିକ ଯୁବତୀ ଡ୍ୟାନ୍ସ କରିବା ସହ ବହୁ ଲୋକଙ୍କ ସମାଗମ ହୋଇଥାଏ। ଖାଦ୍ୟପେୟ, ମଦ୍ୟପାନ ମଧ ହୋଇଥାଏ। ସେଠାରେ ସଂକ୍ରମଣର ଅଧିକ ସମ୍ଭାବନା ଥିବାରୁ ନୃତ୍ୟ ଉପରେ ରୋକ୍ ଲଗାଯାଇଥିବା କୁହାଯାଇଛି।

### ଏନ୍ଇଭିଏ କାର୍ଯ୍ୟକାରୀ ଲାଗି ବୁଝାମଣାପତ୍ର ଖୁବ୍‌ଶୀଘ୍ର

ଭୁବନେଶ୍ୱର,୧୭।୩ (ବ୍ୟୁରୋ): ନ୍ୟାଶନାଲ ଇ-ବିଧାନ ଆପ୍ଲିକେଶନ ପ୍ରକଳ୍ପ(ଏନ୍ଇଭିଏ) ଓଡ଼ିଶା ବିଧାନସଭାରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ଓଡ଼ିଶା ବିଧାନସଭା ଦେଶର ପ୍ରଥମ ବ୍ୟବସ୍ଥାପିକା ଭାବେ ଏହି ଅନୁମୋଦନ ଲାଭ କରିଛି। ଏନ୍ଇଭିଏ କାର୍ଯ୍ୟାନ୍ୱୟନ ନିମନ୍ତେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ଯଥାଶୀଘ୍ର ହେବ ବୋଲି ସୂଚନା ଦିଆଯାଇଛି। ଏଥିରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବ, ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଏବଂ ବିଧାନସଭା ସଚିବ ସ୍ୱାକ୍ଷର କରିବେ। ଏହାପରେ ଉକ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିମନ୍ତେ କେନ୍ଦ୍ର ଅଂଶଧନ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯିବ। ଏହି ପ୍ରକଳ୍ପରେ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ୪୦ପ୍ରତିଶତ ଅଂଶଧନ ରହିବ। ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିସାରିଛନ୍ତି। ଏହାସହ ଏ ସମ୍ପର୍କିତ କମିଟିରେ ଅନ୍ୟତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଗଞ୍ଜାମ ଜିଲା ଦିଗପହଣ୍ଡି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଭାଷ୍ମଗିରିଠାରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯିବା ଲାଗି ବ୍ୟବସ୍ଥା ସରିଛି। ଏହାର କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କୁ ପତ୍ର ଦେଇଛନ୍ତି।

### ଶ୍ରୀକ୍ଷେତ୍ର ସାହିଯାତ ନୀତି ହେବ, ଯାତ ବାହାରିବନି

ପୁରୀ ଅଫିସ,୧୭।୩: କରୋନାକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ରର ନିଆରା ପରମ୍ପରା ସାହିଯାତ କାର୍ଯ୍ୟକ୍ରମକୁ ଏଥର କାଣ୍ଟଛାଣ୍ଟ କରାଯାଇଛି। ଚଳିତବର୍ଷ ସାହିଯାତରେ ମନ୍ଦିର ନୀତି ସମ୍ପୃକ୍ତ କାର୍ଯ୍ୟକ୍ରମ କରାଯିବ। କିନ୍ତୁ କୌଣସି ସାହିରୁ ମେଢା, ନାଗା ଆଦି ଧରି ଯେଉଁ ଯାତ ବାହାରୁଥିଲା ତାହା ବାହାରିବନି। ଦକ୍ଷିଣକାଳୀ ମନ୍ଦିରରେ ସାତସାହି ଆଖଡ଼ାର ମୁରବିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ପ୍ରାଣଘାତୀ କରୋନା କବଳରୁ ବିଶ୍ୱକୁ ରକ୍ଷା ନିମନ୍ତେ ବିଶ୍ୱ କଲ୍ୟାଣ ଯଜ୍ଞ କରାଯିବାକୁ ପ୍ରସ୍ତାବ ରହିଛି। ଆସନ୍ତା ମାସ ୨ତାରିଖ ଶ୍ରୀରାମ ନବମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଶ୍ରୀରାମ ଲୀଳା ତଥା ସାହିଯାତ।

# ସତର୍କତା, ସଚେତନତା ନେଇ ବିଏମ୍‌ସିର ଚଢ଼ାଉ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କରୋନା ସଂକ୍ରମଣକୁ ଏଡାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବ୍ୟାପକ ସଚେତନତା କରୁଛି। ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଖାଦ୍ୟ ଦୋକାନ, ରେଷ୍ଟୁରାଣ୍ଟ ଓ ଡ୍ୟାନ୍ସ ବାର, କର୍ପୋରେଟ୍ ସେକ୍ଟର ପାଇଁ ଏସ୍‌ଓପି ଜାରି କରିଛି। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ର (ଏକ୍ସଏକ୍ସଆଇଆଇ) ଚ୍ୟାପ୍ଟର ଅଧୀନ ୫୮୩ ଓ ୫୯୯ ଧାରାରେ ଏହି ଏସ୍‌ଓପି ଜାରି କରାଯାଇଥିବା ବେଳେ ଉକ୍ତ ଏସ୍‌ଓପିକୁ ନାଗରିକ ତଥା ଅନୁଷ୍ଠାନମାନେ ପାଳନ କରୁଛନ୍ତି କି ନାହିଁ ତାର ତଦାରଖ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ଓପି ପାଳନ କରୁଥିବା ନାଗରିକ ତଥା ବ୍ୟବସାୟୀ ଓ ଅନୁଷ୍ଠାନଗୁଡ଼ିକୁ ତଦାରଖ କରିବାସହ ସଚେତନ କରାଯାଇଛି। କିଛି ସ୍ଥାନରେ ବ୍ୟବସାୟୀମାନେ ଏସ୍‌ଓପିକୁ ମାନୁ ନଥିବା



ବିଏମ୍‌ସି ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକ ଏକ ହୋଟେଲରେ ଚଢ଼ାଉ କରୁଛନ୍ତି।

ପରିଲକ୍ଷିତ ହୋଇଥିବାବେଳେ ପ୍ରଥମ ଥର ପାଇଁ ସେମାନଙ୍କୁ ବୁଝାଯାଇଛି। ପୁର୍ନବାର ଯଦି ସେମାନେ ସଚେତନ ନ ହେବା ସହ ଏସ୍‌ଓପି ନ ମାନନ୍ତି ତେବେ

**ପ୍ରାଥମିକ ପର୍ଯ୍ୟାୟରେ ବୁଝାଇଲେ, ଆଗକୁ କାର୍ଯ୍ୟାନୁଷ୍ଠାନ**

ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଅବନୀକାନ୍ତ ପଟ୍ଟନାୟକ, ହରିଶଚନ୍ଦ୍ର ନାୟକ ମଙ୍ଗଳବାର ସହରର ବିଭିନ୍ନ ଜୋନ ବୁଲିବା ସହ ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଖାଦ୍ୟ ଦୋକାନ, ରେଷ୍ଟୁରାଣ୍ଟ ଓ ଡ୍ୟାନ୍ସ ବାର, କର୍ପୋରେଟ୍ ସେକ୍ଟର ଆଦି ଅଞ୍ଚଳରେ ଯାଞ୍ଚ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ଘରେ ଢିଙ୍କି !**
**ନା ଚାଉଳ ଖାଏ ଫୁଙ୍କି ।**

ଯାହା ଘରେ ଧାନ ଥାଏ, ସେ କୁଟି ଚାଉଳ କରିବା ପାଇଁ ଢିଙ୍କି ରଖେ। ସାଧାରଣତଃ ଯୋଗୀ ଭିକ୍ଷା ମାଗି ଚଳିଥାଏ। ଢିଙ୍କିରେ ତାର କୌଣସି ପ୍ରୟୋଜନ ରହୁ ନ ଥିବା ସ୍ଥଳେ ତା' ଘରେ ଢିଙ୍କି ଖୋଜିଲେ ମିଳି ନ ଥାଏ। ଯେଉଁଠି ଯାହା ଆଶା କରିବା କଥା ନୁହଁ, ତାହା ସେଠି ଆଶା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ କଲି ଆପଣାର,**
**ସେ ପୁଣି ହେଲା ସାତ ପର ।**

ଯାହା ପ୍ରତି ମନରେ ଭଲପାଇବା, ସ୍ନେହ, ଆଦର ତଥା ଦରଦଭାବ ରହିଥାଏ, ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ, ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୨ବର୍ଷର ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ଏୟାରଫିଲ୍ଡ ଥାନା ସୁନ୍ଦରପଦା ଅଞ୍ଚଳରେ ଜଣେ ନାବାଳିକା ଝିଅକୁ ବଳାତ୍କାର କରାଯାଇଥିବାନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗଞ୍ଜାମର ଜଣେ ମହିଳା ସ୍ୱାମୀଙ୍କ ସହ ଝଗଡ଼ା କରି ୨୦୧୬ରେ ଝିଅକୁ ଧରି ଘରୁ ଭୁବନେଶ୍ୱର ପଳାଇ ଆସିଥିଲେ। ସେ ସୁନ୍ଦରପଦାରେ ଏକ ଘର ଭଡାନେଇ ଜଣେ ବ୍ୟକ୍ତିଙ୍କ ସହ ରହୁଥିଲେ। ସୋମବାର ମା'କୌଣସି କାମରେ ବାହାରକୁ ଯାଇଥିବାବେଳେ ବ୍ୟକ୍ତି ଜଣକ ଉକ୍ତ ନାବାଳିକାକୁ ବଳାତ୍କାର କରିଥିଲେ। ଏନେଇ ଏୟାରଫିଲ୍ଡ ଥାନାରେ ପୀଡିତାଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ ମାମଲା ନ ରଖିବାରୁ ସେମାନେ ମହିଳା ଥାନାରେ ଅଭିଯୋଗ କରିଛନ୍ତି।

# ଅନୁଗୋଳରେ ଭୁବନେଶ୍ୱର ସିଟିସିର ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କେନ୍ଦ୍ର ଟୁଲ୍ ରୁମ୍ ଏବଂ ତାଲିମ କେନ୍ଦ୍ର(ସିଟିସି)ର ଅନ୍ୟ ଏକ ସମ୍ପ୍ରସାରଣ କେନ୍ଦ୍ର ଅନୁଗୋଳଠାରେ ପ୍ରତିଷ୍ଠା ପାଇଁ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କୁ ମଙ୍ଗଳବାର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କ୍ଷୁଦ୍ର ଆଧାରିତ ଶିଳ୍ପ ପାଇଁ ଉତ୍ପାଦନ, ଡିଜାଇନ, କନ୍‌ସଲଟାନ୍ସି ପ୍ରଦାନ କରିବା ପାଇଁ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଟୁଲ୍ ରୁମ୍ ଏବଂ ଟୁଲ୍ ଡିଜାଇନ(ଟିଆର୍/ଟିଡି) କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଭୁବନେଶ୍ୱରରେ ଥିବା କେନ୍ଦ୍ର ଟୁଲ୍ ରୁମ୍ ଏବଂ ତାଲିମ କେନ୍ଦ୍ର (ସିଟିସି) ଦେଶର ୧୦ତମ ଟିଆର୍/ଟିଡି ମଧ୍ୟରେ ଥିବାବେଳେ ଏହାର ସମ୍ପ୍ରସାରଣ କେନ୍ଦ୍ର ଯାଜପୁର ଏବଂ ରାୟଗଡ଼ାରେ ରହିଛି। ଏହି କେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ବୈଷୟିକ ଦକ୍ଷତା ପ୍ରଦାନ କରି ମାନବ ସମ୍ବଳ ସହ ନିଯୁକ୍ତି

**ନୀତିନ୍ ଗଡ଼କରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

ସୃଷ୍ଟି କରୁଛି, ଯାହା କ୍ଷୁଦ୍ରଶିଳ୍ପର ବିକାଶରେ ସହାୟକ ହୋଇଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଓଡ଼ିଶାର ପ୍ରମୁଖ ଶିଳ୍ପ ପେଣ୍ଠସ୍ଥଳୀ ଅନୁଗୋଳଠାରେ ଭୁବନେଶ୍ୱର ସିଟିସିର ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ଧର୍ମେନ୍ଦ୍ର ପ୍ରସ୍ତାବ ଦେଇଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଏହି ପ୍ରସ୍ତାବିତ ତାଲିମ କେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିଭିତ୍ତିକ ଜ୍ଞାନକୌଶଳ ତାଲିମ ଦେବାର ସୁବିଧା ପ୍ରଦାନ କରିବ। ଅନୁଗୋଳ ସହରରେ ଛୋଟବଡ଼ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ସହ ଉଚ୍ଚମାନର ଟୁଲ୍‌ର ଡିଜାଇନ, ବିନିର୍ମାଣର ବିକାଶ କରିବା ସହ ଅନେକ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ ଦେବ। ଅନୁଗୋଳରେ ଶିଳ୍ପର ବିକାଶ ଏବଂ ସେଠାରେ ପ୍ରସ୍ତାବିତ ସିଟିସିର ସମ୍ପ୍ରସାରଣ କେନ୍ଦ୍ର ସ୍ଥାପନା ପାଇଁ ବିଚାର କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ଶ୍ରୀଲିଙ୍ଗରାଜ ସମେତ ଅନ୍ୟ ମନ୍ଦିରକୁ ବନ୍ଦ ପାଇଁ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର,୧୭।୩ (ଡି.ଏନ.ଏ.)

ସମଗ୍ର ବିଶ୍ୱ କରୋନା ଭୂତାଣୁ ସହ ଲଢ଼ିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କତା ଆଧାରରେ ପ୍ରତିଟି ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଏଏସ୍‌ଆଇ ପକ୍ଷରୁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନରେ ଜନଗହଳିକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ମନ୍ଦିର ମାଳିନୀ ଭୁବନେଶ୍ୱରରେ ରୁଦ୍ରଙ୍ଗଗଡ଼, ଶିଶୁପାଳଗଡ଼, ଶାନ୍ତିସ୍ତୂପ ଧଉଳି, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ପ୍ରାୟ ୨୨ଟି ଐତିହ୍ୟସ୍ଥଳରେ ବନ୍ଦ ପାଇଁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଯେଉଁ ମନ୍ଦିରଗୁଡ଼ିକରେ ଚଳନ୍ତି ପ୍ରତିମା ଥାଇ ପୂଜାର୍ଚ୍ଚନା ଚାଲିଛି ସେସବୁ ମନ୍ଦିରଗୁଡ଼ିକ ସକାଳ ୮ଟାରୁ ୯ଟା ଭିତରେ ପୂଜା ଶେଷ କରି ମନ୍ଦିର ପହଡ଼ ପକାଇବାକୁ ଏଏସ୍‌ଆଇ ପକ୍ଷରୁ ସେବାୟତମାନଙ୍କୁ ତାଗିଦ୍ କରାଯାଉଛି। ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କୁ ସଚେତନ କରାଯାଇଛି। ମଙ୍ଗଳବାର ରାଜ୍ୟର ଅନ୍ୟତମ ତନ୍ତ୍ରପୀଠ ହୀରାପୁରଠାରେ ଥିବା ୬୪ ଯୋଗିନୀ ମନ୍ଦିର, ମେଘେଶ୍ୱର ମନ୍ଦିରରେ ଅଧିକାରୀମାନେ ପହଞ୍ଚି ସେବାୟତଙ୍କୁ ସଚେତନ କରିଥିଲେ। ଭୁବନେଶ୍ୱରର ବହୁ ମନ୍ଦିର ସ୍ଥଳରେ ମେଳା ମହୋତ୍ସବ ଲାଗି ବାରଣ କରାଯାଇଛି ବୋଲି ଏଏସ୍‌ଆଇ ସଂରକ୍ଷଣ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର କହିଛନ୍ତି।

# କରୋନା ଭୟ: ଭିତ୍ତିଭୂମି ସଜାଡୁଛି ଏସ୍‌ସିବି

କଟକ ଅଫିସ,୧୭।୩

ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ପାଇଁ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉଛି। ସନ୍ଦିଗ୍ଧ କିମ୍ବା ଆକ୍ରାନ୍ତ ରୋଗୀ ଆସିଲେ ସେମାନଙ୍କୁ କିଭଳି ସେବା ଯୋଗାଇ ଦିଆଯିବ ସେ ନେଇ ଚିନ୍ତା ବଢ଼ିଛି। କରୋନା ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦୦ ଶଯ୍ୟାବିଶିଷ୍ଟ ଆଇସୋଲେଶନ ୱାର୍ଡ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ

**୧୦୦୦ ଶଯ୍ୟା ପାଇଁ ନିର୍ଦ୍ଦେଶ**

ଦିଆଯାଇଛି। ଏସ୍‌ସିବି ମେଡିକାଲ ଯକ୍ଷ୍ମା ଓ ଛାତି ରୋଗ ବିଭାଗର ନୂତନ ବିଲ୍ଡିଂରେ ଏହି ୱାର୍ଡ ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୧୦୦ ଶଯ୍ୟା ଖୋଲିବା ଲାଗି ଚାଲିଛି ଜୋରଦାର ପ୍ରୟାସ। ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ଲାଗି ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ନୋଡାଲ ଅଫିସର ଭାବେ ଛାତି ଓ ଯକ୍ଷ୍ମା ରୋଗ ବିଭାଗୀର ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ, ସଦସ୍ୟ ଭାବେ ଭେଷଜ, ନିଶ୍ଚେତକ, କମ୍ୟୁନିଟି ଭେଷଜ, ଇଏନ୍‌ଟି ବିଭାଗର ମୁଖ୍ୟଙ୍କ ସହିତ ଜରୁରିକାଳୀନ ଅଧିକାରୀ ଏବଂ ଷ୍ଟୋର ଅଫିସର ରହିଛନ୍ତି।

# ହୋର୍ଡିଂରେ ଖିଲାପକାରୀଙ୍କ ନାଁ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ବର୍ଷବର୍ଷ ଧରି ହୋଲଡିଂ ଟ୍ୟାକ୍ସ ଦେଇ ନ ଥିବା ୩୪୩ଜଣ ବଡ଼ ଖିଲାପକାରୀଙ୍କ ତାଲିକା ରାଜଧାନୀର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ହୋର୍ଡିଂରେ ଲଗାଯାଇଛି। ସେମାନଙ୍କ ନାମକୁ ସର୍ବ ସାଧାରଣରେ ପ୍ରକାଶ କରିବା ସହ ସେମାନେ ମୋଟ ୧୧ କୋଟି ଟଙ୍କାର ଟ୍ୟାକ୍ସ ବକେୟା ରଖିଥିବା ଭୁବନେଶ୍ୱର ମହାନଗର ନିଗମ ବିଏମ୍‌ସି ସୂଚନା ଦେଇଛି। ବର୍ଷ ବର୍ଷ ଧରି ଯେଉଁମାନେ ହୋଲ୍ଡିଂ ଟ୍ୟାକ୍ସ ଦେଇ ନାହାନ୍ତି ସେମାନଙ୍କ ନାମ ହୋର୍ଡିଂରେ ଉଲ୍ଲେଖ ରହିଛି ବୋଲି ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ଓ ୱାର୍ଡ ଅଫିସରମାନେ ଅନେକ ଚେଷ୍ଟା କରି ବକେୟା ଟଙ୍କା ଆଦାୟ କରିପାରୁ ନାହାନ୍ତି। ତେଣୁ ହୋର୍ଡିଂ ଜରିଆରେ ଖିଲାପକାରୀଙ୍କ ନାମ ଘୋଷଣା କରିବାକୁ ବିଏମ୍‌ସି ବାଧ୍ୟ ହୋଇଛି। ଟ୍ୟାକ୍ସ ବାବଦକୁ ବାକି ଥିବା ଟଙ୍କା ପଇଠ ନ କଲେ ଓପିଡିଆର୍ ଆଇନ ଅନୁଯାୟୀ ସେହି ଟଙ୍କା




**୩୪୩ ଦେଇନାହାନ୍ତି ୧୧ କୋଟିର ହୋଲ୍ଡିଂ ଟ୍ୟାକ୍ସ**

ଆଦାୟ ହେବ ବୋଲି ମଲ୍ଲିକ କହିଛନ୍ତି।

ଭୁବନେଶ୍ୱର ସହରର ପ୍ରମୁଖ ସ୍ଥାନ ବାଣୀବିହାର, ଜୟଦେବ ବିହାର, ଗଙ୍ଗନଗର, ମାଷ୍ଟରକ୍ୟାଣ୍ଟିନ୍ ଆଦି ସ୍ଥାନରେ ଟ୍ୟାକ୍ସ ଖିଲାପକାରୀଙ୍କ ନାମ ସହ ସମ୍ପୂର୍ଣ୍ଣ ତଥ୍ୟକୁ ବିଏମ୍‌ସି ଦ୍ୱାରା ଲଗାଯାଇଛି। ସ୍ମାର୍ଟ ସିଟିକୁ ଆହୁରି ସୁନ୍ଦର କରିବାକୁ ହେଲେ ସାଧାରଣ ଲୋକଙ୍କ ସହାୟତାର ଆବଶ୍ୟକ ରହିଛି। ଠିକ୍ ସମୟରେ ଟ୍ୟାକ୍ସ ଦେଇ ବିଏମ୍‌ସିକୁ ସାହାଯ୍ୟ କରିବାକୁ ପ୍ରତି ୱାର୍ଡ଼ରେ ସାଧାରଣ ଲୋକଙ୍କୁ କର୍ପୋରେଟରମାନେ ପୂର୍ବରୁ ସଚେତନ ମଧ କରାଉଥିଲେ। ତଥାପି କୋଟି କୋଟି ଟଙ୍କା ବାକି ପଡ଼ି ରହିଛି ବୋଲି ମଲ୍ଲିକ କହିଛନ୍ତି।


**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS
FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ସଚେତନତା-ସତର୍କତା







୧ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ବଜରଙ୍ଗ ଭେଣ୍ଡିଂ ଜୋନ୍ ପକ୍ଷରୁ ସଚେତନତା ସୃଷ୍ଟି ଓ ଭେଣ୍ଡିଂ ଜୋନ୍ ପରିଷ୍କାର ପରିଚ୍ଛନ୍ନତା ପାଇଁ ଡଷ୍ଟବିନ ବଣ୍ଟନ କରାଯାଉଛି।

୨ ଭୁବନେଶ୍ୱର ଶହୀଦନଗରର ଯୁବକମାନେ କରୋନା ଭାଇରସ୍ ସଂକ୍ରମଣ ରୋକିବା ନେଇ ସଚେତନ କରିବା ସହ ମାଗଣାରେ ସାନିଟାଇଜର ବଣ୍ଟନ କରୁଛନ୍ତି।

୩ ଭୁବନେଶ୍ୱରରେ ଜଣେ ବ୍ୟକ୍ତି ବାଇକ୍‌ରେ ବୁଲି ସଚେତନତା ସୃଷ୍ଟି କରିବା ସହ ଲୋୟର ପିଏମ୍‌ଜିଠାରେ ମାସ୍କ ପିନ୍ଧାଇ ବୁଝାଉଛନ୍ତି।

# ସ୍କୁଲ ଛୁଟି ବଢ଼ାଇଛି ଅଭିଭାବକଙ୍କ ଚିନ୍ତା

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଚାଇନାର ଉହାନରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ଭାରତ ସମେତ ୧୬୩ ରାଷ୍ଟ୍ରକୁ ଗ୍ରାସ କରିସାରିଲାଣି। ଓଡ଼ିଶାରେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାର ୩୧ ମାର୍ଚ୍ଚ ଯାଏ ସ୍କୁଲ ଛୁଟି କରିଦେଇଛନ୍ତି। ଘରୁ ବାହାରିବା ଅଧିକାଂଶଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିବା ବେଳେ ଲୋକେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଉଚିତ ମଣୁଛନ୍ତି। ସେହିଭଳି ମ୍ୟୁଜିୟମ୍, ସିନେମା ହଲ୍, ବାର୍, ରେଷ୍ଟୁରାଣ୍ଟ, ଶପିଂ ମଲ୍ ସବୁ ବନ୍ଦ ଥିବାରୁ ଘରେ ରହି ଲୋକେ ବୋର୍ ହୋଇଗଲେଣି। ତେବେ ସବୁଠାରୁ ମାତାପିତାଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛନ୍ତି ପିଲାମାନେ। ଘରେ ଅଧିକ ସମୟ ରହିବାକୁ ପଡୁଥିବାରୁ ସେମାନେ ଟେଲିଭିଜନ୍ ଦେଖିବା, ଭିଡିଓ ଗେମ୍ସ ଖେଳିବା, ମୋବାଇଲ ଦେଖିବାରେ ସମୟ କଟାଉଛନ୍ତି। ଦୀର୍ଘ ସମୟ ବସି ଏସବୁ କରୁଥିବାରୁ ମାତାପିତା ସେଥିରୁ ବିରତ ରହିବାକୁ କହିବାରୁ ପିଲେ ଚିଡ଼ିଚିଡ଼ା ହୋଇଯାଉଥିବା ଦେଖିବାକୁ ମିଳୁଛି।



କରୋନା ଭୟରେ କିଛିଦିନ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ୭୦ ପ୍ରତିଶତ ବଢିଯାଇଥିବା ବେଳେ ଲୋକେ ୱେବ୍ ସିରିଜ୍, ଟେଲିଭିଜନ ଓ ଫିଲ୍ମ ଦେଖି ସମୟ ଅତିବାହିତ କରୁଛନ୍ତି। ବୟସ୍କଙ୍କ ପାଇଁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଏବଂ ହଟ୍‌ଷ୍ଟାର୍ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ସାହାରା ପାଲଟିଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏବେ ଘରେ ରହି ସମୟ କାଟିବା କଷ୍ଟ ହୋଇଯାଇଛି। ଅଧିକାଂଶଙ୍କ ପରୀକ୍ଷା ଶେଷ ହୋଇଥିବାରୁ ପାଠପଢ଼ାର ଚିନ୍ତାନାହିଁ। ତେଣେ ମାତାପିତା ଓ ଅଭିଭାବକ ପିଲାଙ୍କୁ ବାହାରକୁ ବୁଲିବାକୁ ଦେଉନାହାନ୍ତି। ଫଳରେ ପିଲାମାନେ ଭିଡିଓ ଗେମ୍ସ, ପେଣ୍ଟିଂ, ଇଣ୍ଟରନେଟ୍ ବ୍ରାଉଜିଂ, ଟେଲିଭିଜନରେ କାର୍ଟୁନ୍ ଓ ୟୁଟ୍ୟୁବ୍ ଭିଡିଓ ଦେଖି ସମୟ କଟାଉଛନ୍ତି। ଖରାଛୁଟି ହେଲେ ସାଧାରଣତଃ ପିଲାମାନେ ମାମୁ ଘରକୁ କିମ୍ବା ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଆନ୍ତି। ଭ୍ରମଣ ଉପରେ କଟକଣା ଲାଗିଥିବାରୁ ସେମାନେ ଘରେ ରହି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଛୁଆଙ୍କ ଅଳିଅର୍ଦ୍ଦଳି ସହଜରେ ସହିପାରୁ ନ ଥିବା ମାତାପିତା ଓ ପରିବାରବର୍ଗ ସେମାନଙ୍କ ଉପରେ ବିରକ୍ତ ହୋଇ ଯାଉଥିବା ଦେଖିବାକୁ ମିଳୁଛି। କେତେ ଜଣ ମା' ପିଲାଙ୍କ ଛୁଟି କଟାଇବା ସମୟକୁ ନେଇ ନାନାଦି କଥା କହିଛନ୍ତି।



" ଘରେ ରହିବା ମାନେ ମା'ବାପାଙ୍କ ପାଇଁ ଅଧିକ ଟେନ୍‌ସନ୍।

ମୋ ପିଲାମାନେ ଘରେ ରହିବା ମାତ୍ରେ ସବୁବେଳେ କିଛି ନା କିଛି କରୁଥାନ୍ତି। ତାଙ୍କୁ ସମ୍ଭାଳିବା ବେଳେବେଳେ କଷ୍ଟ ହୋଇପଡ଼େ। ଏବେ ସବୁବେଳେ ଘରେ ରହୁଥିବାରୁ ମୁଁ ତାଙ୍କୁ ୟୁଟ୍ୟୁବ୍‌ରେ ପେଣ୍ଟିଂ ଓ କଲରିଂ ଭିଡ଼ିଓ ଦେଖିବାକୁ କହୁଛି। ଦେଖିସାରିବା ପରେ ନିଜେ ନିଜେ ଅଭ୍ୟାସ ବି କରୁଛନ୍ତି, ଯାହାକି ତାଙ୍କ କ୍ରିଏଟିଭିଟିକୁ ବଢାଉଛି। ସ୍କୁଲ୍ ବନ୍ଦ ହେବା ପୂର୍ବରୁ ସେମାନଙ୍କୁ ଉପର କ୍ଲାସ୍‌ର ବହି ମଧ ମିଳିଯାଇଛି। ନୂଆ ବହି ଯୋଗୁ ଏବେ ଘରେ ରହି ପଢିବାକୁ ସେମାନଙ୍କୁ ଭଲଲାଗୁଛି।

- ବେବୀରାଣୀ ସାହୁ



" ମୋ ଝିଅ ଫିଲ୍ମରେ ଆକ୍ଟିଂ କରେ। ଏବେ ଶୁଟିଂ ବନ୍ଦ ହୋଇଯାଇଥିବାରୁ ସେ ସବୁବେଳେ ଘରେ ରହୁଛି। ସ୍କୁଲ୍ ବି ଛୁଟି। ତେଣୁ ଘରେ ରହି ପାଠ ପଢ଼ିବାର ସୁଯୋଗ ମିଳିଛି। ଅନ୍ୟ ସମୟରେ ଶୁଟିଂରେ ବ୍ୟସ୍ତ ରହୁଥିବାରୁ ପଢ଼ିବାକୁ ସମୟ ପାଏନା। ଏବେ ସେ ଆସନ୍ତା ପରୀକ୍ଷା ପାଇଁ ପାଠ ପଢୁଛି। ଅଧିକାଂଶଙ୍କ ପାଇଁ ବର୍ତ୍ତମାନ ସମୟରେ ୨୪ଘଣ୍ଟା ଘରେ ରହିବା କଷ୍ଟକର ହୋଇଥିବା ବେଳେ ମୋ ଝିଅ ପାଇଁ କିନ୍ତୁ ଏହା ପଢ଼ିବାର ଭଲ ସୁଯୋଗ ଦେଇଛି।

- ରଶ୍ମି ମହାନ୍ତି



" ମୋର ଦୁଇଝିଅ ଅଛନ୍ତି। ବଡ଼ଝିଅ ପେଣ୍ଟିଂ କରିବାକୁ ଭଲପାଏ। ତେଣୁ ସେ ଏବେ ଫାଙ୍କା ସମୟରେ ବସି ପେଣ୍ଟିଂ କରୁଛି। ଏହାବ୍ୟତୀତ ଟେଲିଭିଜନରେ ଆଲ୍ଲାଦିନ ଶୋ' ତାର ଫେଭରାଇଟ୍। ପରୀକ୍ଷା ସରିଥିବାରୁ ପଢିବାକୁ କହିବାକୁ ଭଲଲାଗୁନି। ପିଲାମାନେ ସେମାନଙ୍କ ମନ ମୁତାବକ କାମ କରି ସମୟ କାଟୁଛନ୍ତି। ସାନ ଝିଅ ମୋର କାର୍ଟୁନ୍ ଛଡା ଆଉକିଛି ଦେଖେନା।

- ଶଶିକଳା ସାହୁ



" କରୋନା ଭୟ୍ ଯୋଗୁ ଏବେ ମୋ ପୁଅକୁ ମୁଁ ବାହାରକୁ ଛାଡୁନି। ସେ ପାର୍କ ଯିବାକୁ ପସନ୍ଦ କରେ ଓ ୪ଟା ହେଲେ ଘର ବାହାରେ ସାଇକେଲ ଚଲାଏ। ହେଲେ ଏବେ ସବୁକିଛି ବନ୍ଦ ହୋଇଯାଇଛି। ସ୍କୁଲ୍‌ରୁ ଏବେ ବହି ମଧ ମିଳିନି। ତେଣୁ ଘରେ ବସି କାର୍ଟୁନ ଦେଖିବା ଏବେ ତାର ଫେଭରାଇଟ୍ ହବି। ଏହାବ୍ୟତୀତ ଭିଡିଓ ଗେମ୍ ଖେଳୁଛି। ଚାହିଁଲେ ବି ଏବେ ମନାକରି ହେଉନି।

- ଲିପିକା ଦାସ

**M/S SHREE GOPAL CONSTRUCTION & DEVELOPERS**
**Regd. No. 592/2012**
**Office: At- Kalibihar, Khannagar, PO- Arunodaya Market, PS- Badambadi, Dist- Cuttack-12**

**GAZETTE NOTIFICATION**

The partnership firm MS Shree Gopal Construction & Developers bearing Registration No-592/2002, reconstituted on dtd 31.03.2015 due to retirement of the partner namely Smt. Trupty Rekha Mohanty with effect from dtd 31.03.2015 and on her place Sri Subrat Kumar Behera admitted as New partner.

**Date:** 14.03.2020, **Place:** Cuttack

**Sd./- M/S Shree Gopal Construction & Developers**

# ପାନ୍ଥନିବାସ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରିକଲା ଓଟିଡିସି

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଣ୍ଟା ଭିଡ଼ିଛି। ଓଟିଡିସି ଦ୍ୱାରା ପରିଚାଳିତ ହୋଟେଲଗୁଡ଼ିକ ଲାଗି ମଙ୍ଗଳବାର ସ୍ୱତନ୍ତ୍ର ଆଡ୍‌ଭାଇଜରି ଜାରି କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଓଟିଡିସିର ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ, ଅରଣ୍ୟ ନିବାସ, ପାନ୍ଥଶାଳା, ପାନ୍ଥିକା ଏବଂ ଏହାର ପରିବହନ ବିଭାଗ ପାଇଁ କଟକଣା ଲାଗୁ ହୋଇଛି। କରୋନା ମୁକାବିଲା ରାଜ୍ୟ ପର୍ଯ୍ୟଟନ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜଭାବେ ଉଭା ହୋଇଥିବାବେଳେ ନିଗମ ଏହାର ସମସ୍ତ ପାନ୍ଥନିବାସର ୟୁନିଟ୍ ମ୍ୟାନେଜର ଏବଂ ଏୟାର ଟିକେଟିଂ, ଟ୍ରାଭେଲ ଡେସ୍କ ଓ ଇଞ୍ଜିନିୟରିଂ ୟୁନିଟର ମ୍ୟାନେଜରଙ୍କୁ ସଚେତନ କରାଇଛି।

ଜାରି ଗାଇଡ୍‌ଲାଇନରେ ପ୍ରାକ୍

## ୟୁନିଟ୍ ମ୍ୟାନେଜରଙ୍କୁ କରୋନା ସମ୍ପର୍କରେ ସଚେତନତା




ସଚେତନତାମୂଳକ ପଦକ୍ଷେପ ସ୍ୱରୂପ ହୋଟେଲ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ନିୟମିତଭାବେ ଚଟାଣକୁ ଭଲଭାବେ ବିଶୋଧନ କରିବାକୁ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀ, ପର୍ଯ୍ୟଟକ ଏବଂ କର୍ମଚାରୀମାନେ ନିୟମିତ ହାତ ଧୋଇବା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଉପଲବ୍ଧ କରିବା ଏବଂ ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ ଏବଂ ପାନ୍ଥିକାଗୁଡ଼ିକରେ ଯଥେଷ୍ଟ ମାତ୍ରାରେ ସର୍ଜିକାଲ ମାସ୍କ, ପେପର ଟିସ୍ୟୁ ଆଦି ଗଚ୍ଛିତ ରଖିବାକୁ କୁହାଯାଇଛି। ଯଦି କୌଣସି ପର୍ଯ୍ୟଟକଙ୍କଠାରେ ଥଣ୍ଡା, କାଶ କିମ୍ବା ଜ୍ୱର ଦେଖାଯାଏ ତା'ହେଲେ ତୁରନ୍ତ ସେମାନଙ୍କୁ ମାସ୍କ ପିନ୍ଧିବାକୁ ଦେବାସହ ରିସେପ୍‌ସନ୍ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ଆଇସି ମ୍ୟାଟେରିଆଲ ତଥା କରୋନା ସଂକ୍ରମଣ ଏବଂ ସଚେତନତା ସମ୍ପର୍କିତ ପୋଷ୍ଟର ଲଗାଇବାକୁ କୁହାଯାଇଛି। ପର୍ଯ୍ୟଟକଙ୍କୁ ହ୍ୟାଣ୍ଡଶେକ୍ ପରିବର୍ତ୍ତେ ନମସ୍କାର ବା ନମସ୍ତେ କରିବା ସମ୍ପର୍କରେ ଶିଖାଇବାକୁ ମ୍ୟାନେଜରମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିଭଳି ପର୍ଯ୍ୟଟକମାନେ କେଉଁଠାରୁ ଆସିଛନ୍ତି, ବିଗତ ୧୪ଦିନରେ କୌଣସି ଅନ୍ତର୍ଜାତୀୟ ଭ୍ରମଣ କରିଛନ୍ତି କି ନାହିଁ, କେଉଁ ଦେଶକୁ ଏବଂ କେଉଁ ରାଜ୍ୟକୁ ଯାଇଛନ୍ତି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ୟୁନିଟ୍ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଇନା କିମ୍ବା ଇଟାଲୀ ଭଳି କରୋନା ସଂକ୍ରମିତ ରାଷ୍ଟ୍ରରୁ ଆସିଥିବା ଏବଂ ଥଣ୍ଡା, ଜ୍ୱର ଭଳି ଲକ୍ଷଣ ଥିବା ପର୍ଯ୍ୟଟକଙ୍କୁ ବୋର୍ଡିଂ ପୂର୍ବରୁ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ବାଧ୍ୟତାମୂଳକ କରାଯିବାକୁ ଗାଇଡ୍ ଲାଇନ୍‌ରେ ଉଲ୍ଲେଖ ରହିଛି।

### ପ୍ୟାକେଜ୍ ଟୁର୍ ବାତିଲ, ଉତ୍ସବ ଓ ମହୋତ୍ସବ ବନ୍ଦ

ଓଟିଡିସି ଏହାର ସମସ୍ତ ପ୍ୟାକେଜ୍ ଟୁର୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରିଛି। ଭୁବନେଶ୍ୱର ଓ ପୁରୀର ପରିବହନ ୟୁନିଟ୍, କଟକ, ଗୋପାଳପୁର, ସମ୍ବଲପୁର ଏବଂ ଚାନ୍ଦିପୁରର ପାନ୍ଥନିବାସ ମ୍ୟାନେଜରମାନଙ୍କୁ ସମସ୍ତ ପ୍ୟାକେଜ୍ ଟୁର୍, ସାଇଟ୍ ସିଇଙ୍ଗ୍ ଟୁର୍ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ, ଅରଣ୍ୟ ନିବାସ, ପାନ୍ଥଶାଳା ଓ ପାନ୍ଥିକରେ ଗେଟ୍‌ଟୁଗେଦର୍ ପାର୍ଟି ତଥା ବନ୍ଧୁମିଳନ ଉତ୍ସବ, ସାମାଜିକ କାର୍ଯ୍ୟକ୍ରମ, ବିବାହ ଓ ବ୍ରତଘର ଉତ୍ସବ ଆଦିର ଆୟୋଜନକୁ ବନ୍ଦ ରଖାଯାଇଛି। ଏ ସମ୍ପର୍କରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଏମ୍‌ଡି ହେମାକାନ୍ତ ସାଏ ସୂଚନା ଦେଇଛନ୍ତି।

# ଖୋଲାମେଲା ରେଳ ଷ୍ଟେଶନ

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

କରୋନା ଭାଇରସ୍‌କୁ ନେଇ ସବୁଠି ଭୟ ଓ ଆଶଙ୍କାର ବାତାବରଣ। ସଂକ୍ରମଣ ରୋକିବାକୁ କଡ଼ା ନିର୍ଦ୍ଦେଶ ଜାରି ପରେ ସବୁଠି କଟକଣା ଲଗାଯାଇଛି। ହେଲେ ଓଡ଼ିଶାର ଅନ୍ୟତମ ପ୍ରମୁଖ ପ୍ରବେଶ ପଥ ଭୁବନେଶ୍ୱର ରେଳ ଷ୍ଟେଶନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରେଳ ଷ୍ଟେଶନ ଖୋଲାମେଲା ରହିଥିବାବେଳେ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବାରୁ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଟିକେଟ କାଉଣ୍ଟର, ପ୍ରବେଶ ପଥ, ବସିବା ସ୍ଥାନ ଆଦି ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ସମାଗମ ଦେଖିବାକୁ ମିଳୁଛି। ଟିକେଟ ଓ ଟଙ୍କା ଦେଣନେଣବେଳେ ସଂକ୍ରମଣ ସମ୍ଭାବନା ରହୁଛି। ପ୍ରତିଦିନ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର ଲୋକ ଏହି ରେଳ ଷ୍ଟେଶନ ଦେଇ ଯାତାୟାତ କରୁଥିଲେ ମଧ୍ୟ କୌଣସି ଯାଞ୍ଚ କରାଯାଉନାହିଁ। ବିମାନ ବନ୍ଦର ଭଳି ଏଠାରେ ସ୍କ୍ରିନିଂ ବ୍ୟବସ୍ଥା ନାହିଁ। ଫଳରେ ଅନ୍ୟ ରାଜ୍ୟରୁ ଖସି ଆସୁଥିବା ସନ୍ଦିଗ୍ଧ କରୋନା ଆକ୍ରାନ୍ତ ଟ୍ରେନ୍ ଯୋଗେ ଭୁବନେଶ୍ୱର ଚାଲି ଆସିବାର ସମ୍ଭାବନାକୁ ଏଡାଇ ଦେଇ ହେଉନି। ଏହାକୁ ନେଇ ଷ୍ଟେଶନରେ କାର୍ଯ୍ୟରତ କର୍ମଚାରୀ ଓ ଯାତାୟାତ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଅନ୍ୟପକ୍ଷରେ ଷ୍ଟେଶନ ଦେଇ ଅଧିକ ସଂଖ୍ୟକ ଲୋକ ଯାତାୟାତ କରୁଥିବାରୁ ସମସ୍ତଙ୍କୁ



ଗୋଟିଗୋଟି କରି ସ୍କ୍ରିନିଂ କରିବା ସମ୍ଭବ ନୁହେଁ। ଏହାସହ ଯାଞ୍ଚବେଳେ କର୍ମଚାରୀଙ୍କୁ ମଧ୍ୟ ସଂକ୍ରମଣ ଭୟ ରହୁଛି। ଏପରିସ୍ଥଳେ ଷ୍ଟେଶନରେ କିଭଳି କରୋନା ସଂକ୍ରମଣ ରୋଗୀଙ୍କୁ ଚିହ୍ନଟ କରିହେବ ସେନେଇ ରେଳପଥ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ତେଣୁ ଷ୍ଟେଶନରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଇବା ପାଇଁ ଷ୍ଟେଶନ ଡାଇରେକ୍ଟର ଚିତ୍ତରଞ୍ଜନ ନାୟକ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଥିବା କହିଛନ୍ତି। ମଙ୍ଗଳବାର ବିଭାଗୀୟ ଅଧିକାରୀ ଭୁବନେଶ୍ୱର ଷ୍ଟେଶନ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଷ୍ଟେଶନରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଯିବ ବୋଲି ଚିତ୍ତରଞ୍ଜନ କହିଛନ୍ତି। ଗୋଟିଏ ଏକ ନମ୍ବର ପ୍ଲାଟ ଫର୍ମର ପ୍ରବେଶ ପଥ ଓ ଅନ୍ୟଟି ୬ ନମ୍ବର ପ୍ଲାଟ ଫର୍ମରେ ଲାଗିବ। ଷ୍ଟେଶନରେ ଥିବା ଅନ୍ୟସବୁ ବାଟକୁ ବନ୍ଦ କରି ଏହି ଦୁଇଟି ବାଟରେ ଯାତ୍ରୀ ଯିବା ଆସିବା କରିବେ। କୌଣସି କରୋନା ରୋଗୀ ଆସିଲେ କ୍ୟାମେରା ଚିହ୍ନଟ କରିନେବ। ୩୦ ମିଟର ରେଡିଏଶନରେ ଯେଉଁ ଯାତ୍ରୀ ଯିବେ ସେମାନଙ୍କ ଶରୀରର ତାପମାତ୍ରା ମାପିଦେବ ଏହି କ୍ୟାମେରା। କରୋନା ରୋଗୀ ଷ୍ଟେଶନ ଦେଇ ଆସିଲେ ତାପମାତ୍ରାରୁ ତୁରନ୍ତ ଚିହ୍ନଟ କରି ସୂଚନା ପ୍ରଦାନ ସହ ସତର୍କ କରାଇଦେବ। ଏହି କ୍ୟାମେରାର ଦାମ୍ ୯ ଲକ୍ଷ ୫୦ ହଜାର ଲେଖାଏ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କରୋନା ପ୍ରଭାବ ରେଳ ଯାତ୍ରୀ ଉପରେ ପଡିଛି। କରୋନାକୁ ଦେଖି ଲୋକମାନେ ଯାତ୍ରା କରିବାକୁ ରାଜି ହେଉନାହାନ୍ତି। ଯେଉଁମାନେ ବାହାରକୁ ଯିବା ପାଇଁ ଆଗୁଆ ଟିକେଟ କରିଥିଲେ ସେମାନେ ଟିକେଟ ବାତିଲ କରୁଛନ୍ତି। ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଟିକେଟ କରୁଥିବା ବ୍ୟକ୍ତିଙ୍କଠାରୁ ବାତିଲ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୩ ଗୁଣା ଅଧିକ ଥିଲା। ଆଗାମୀ ଦିନରେ ଏକାଧିକ ଟ୍ରେନ ବାତିଲ ହେବ ବୋଲି ରେଲ୍‌ୱେ କର୍ତ୍ତୃପକ୍ଷ କହିଛନ୍ତି।

ସେପଟେ ସଚେତନତା ପଦକ୍ଷେପ ସ୍ୱରୂପ ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏସି ବଗିରେ ଲାଗିଥିବା ଡୋର ସ୍କିନ୍ କାଢି ନିଆଯାଇଛି। ଏହାସହ ଶୌଚାଳୟର ହ୍ୟାଣ୍ଡେଲ ଓ ଏକାଧିକ ଯାତ୍ରୀ ସମାଗମ ହେଉଥିବା ସ୍ଥାନକୁ କେମିକାଲ ପାଣି ଦ୍ୱାରା ସଫା କରାଯାଉଛି।

### କରୋନା ଧରିବ କ୍ୟାମେରା

- ନାହିଁ ସ୍କ୍ରିନିଂ, କରୋନା ସଂକ୍ରମଣ ସମ୍ଭାବନା ଅଧିକ
- ଖୁବ୍‌ଶୀଘ୍ର ଲାଗିବ ଥର୍ମାଲ ଇମେଜିଂ କ୍ୟାମେରା
- ଟିକେଟ ବାତିଲ ପାଇଁ ଷ୍ଟେଶନରେ ଲମ୍ବା ଲାଇନ

## କରୋନା ପ୍ରଭାବ



କରୋନା ପାଇଁ ପୁରୀ ବେଳାଭୂମିସ୍ଥିତ ଗାନ୍ଧୀ ପାର୍କ ଫାଙ୍କା ପଡ଼ିଛି।






ଅପରାହ୍ନ ୨ଟା ପରଠାରୁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ପାର୍କ ଓ ଜୟଦେବ ବାଟିକାରେ ତାଲା ଝୁଲୁଛି।

# ପୁରୀ ଛାଡ଼ିବେ ୧୫ ହଜାର ପର୍ଯ୍ୟଟକ


ଏକ ହୋଟେଲରେ କର୍ମଚାରୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ଆଜି ସନ୍ଧ୍ୟା ସୁଦ୍ଧା ସବୁ ହୋଟେଲ ଖାଲି ନିର୍ଦ୍ଦେଶ
## ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୁକିଂ ରଖିବାକୁ ମନା

**ପୁରୀ ଅଫିସ,୧୭।୩**

କରୋନାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ବିଶେଷକରି ପର୍ଯ୍ୟଟନ ଶିଳ୍ପ ଉପରେ ଏବେ ବଡ଼ କଟକଣା ଲଗାଇଛି। ପୁରୀର ସମସ୍ତ ହୋଟେଲ, ଲଜିଂ, ଧର୍ମଶାଳା, ହଲିଡେ ହୋମ୍ ଆଦିରେ ରହୁଥିବା ପର୍ଯ୍ୟଟକଙ୍କୁ ବୁଧବାର ସନ୍ଧ୍ୟା ସୁଦ୍ଧା ସହର ଛାଡ଼ିବାକୁ କୁହାଯାଇଛି। ଏ ନେଇ ସମସ୍ତ ହୋଟେଲ, ଲଜ୍, ହଲିଡେ ହୋମ୍ ମାଲିକଙ୍କୁ ନିର୍ଦ୍ଦେଶ ଦେଇଛି ଜିଲା ପ୍ରଶାସନ। ମଙ୍ଗଳବାର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପୁରୀ ହୋଟେଲ ସଂଘ ସହ ଜିଲା ପ୍ରଶାସନ ଆଲୋଚନାବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି।

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି ସାଙ୍ଗକୁ ଏହାର ଆଖପାଖରେ ବହୁ ଦର୍ଶନୀୟ ସ୍ଥାନ ରହିଛି। କିନ୍ତୁ ପୁରୀରେ ରହିବାକୁ ପର୍ଯ୍ୟଟକ ପସନ୍ଦ କରିଥାନ୍ତି। ପୁରୀ ସହରରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ, ହଲିଡେ ହୋମ୍ ଆଦି ରହିଛି। ବର୍ତ୍ତମାନ ସୁଦ୍ଧା ପୁରୀରେ ପ୍ରାୟ ୧୫ ହଜାର ପର୍ଯ୍ୟଟକ ଥିବାବେଳେ ସେମାନଙ୍କୁ ବୁଧବାର ସନ୍ଧ୍ୟା ସୁଦ୍ଧା ସହର ଛାଡ଼ିବା ପାଇଁ କୁହାଯାଇଛି। ପର୍ଯ୍ୟଟକଙ୍କୁ ବୁଝାଶୁଝା କରି ଛାଡ଼ିବା ଲାଗି ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ କୌଣସି ବୁକିଂ ନ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପୁରୀ ହୋଟେଲ ସଂଘ ସଭାପତି ରାମକୃଷ୍ଣ ଦାସମହାପାତ୍ର, ସମ୍ପାଦକ ରାଜକିଶୋର ପାତ୍ରଙ୍କ ସମେତ ହୋଟେଲ ମାଲିକମାନେ ଯୋଗଦେଇଥିଲେ।

### ୪୪ ବିଦେଶୀଙ୍କୁ ପଠାଇବା ଲାଗି ବ୍ୟବସ୍ଥା ହେଉଛି

ପୁରୀରେ ଏବେ ୪୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ସେମାନଙ୍କୁ ଯଥାଶୀଘ୍ର ପୁରୀରୁ ପଠାଇବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏପରି କି ସମ୍ପୃକ୍ତ ଦେଶର ଦୂତାବାସଙ୍କୁ ମଧ୍ୟ ଅବଗତ କରାଯାଇଛି। ଯେଉଁ ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକ ଅଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ ବିଦେଶୀ ପର୍ଯ୍ୟଟକଙ୍କୁ ହୋମ୍ ଆଇସୋଲେଶନରେ ରଖାଯିବ। ବର୍ତ୍ତମାନ ସ୍ଥିତିରେ ପୁରୀକୁ ଜିରୋ ଟୁରିଷ୍ଟ ଏବଂ ବେଳାଭୂମିକୁ ନୋ ଟୁରିଷ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସମୁଦ୍ର କୂଳ ଅଞ୍ଚଳରେ ଥିବା ଦୋକାନ ବଜାର ଏବଂ ହୋଟେଲ ଆଦିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବନ୍ଦ ହେଲା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର

ମଙ୍ଗଳବାର ପ୍ରଶାସନ ପକ୍ଷରୁ ପ୍ରାୟ ୩୦ଟି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟରକୁ ବନ୍ଦ କରିଦିଆଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍ ସହରର ବିଭିନ୍ନ ସ୍ଥାନରେ ଥିବା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟରକୁ ଯାଇ ବନ୍ଦ କରିଛନ୍ତି। ସହରରେ ଅନେକ ଅଣପଞ୍ଜୀକୃତ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର ରହିଛି। ବର୍ତ୍ତମାନ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ଉପରେ କଟକଣା ଥିବାବେଳେ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରାଯାଇଛି। ତେଣୁ ବାହାର ପର୍ଯ୍ୟଟକ ଅଯଥା ବୁକିଂ କରି ଠକାମିର ଶିକାର ହେବେ। ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଉପଜିଲାପାଳ ସାହୁ କହିଛନ୍ତି।

# ମଲ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ

- ବାହାଘର କଟକଣା ମାନନ୍ତୁ
- ରିସେପ୍‌ଶନ ଘୁଞ୍ଚାଇବାକୁ ପରାମର୍ଶ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ):** କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଶପିଂ ମଲ୍‌ଗୁଡ଼ିକୁ ବନ୍ଦ କରାଯାଇଛି। ହେଲେ ମଲ୍ ଭିତରେ ରହିଥିବା ଗ୍ରୋସରୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରଖିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, କରୋନା ଭୟରେ ବ୍ୟବସାୟୀମାନେ ସବୁ ଦୋକାନ ବଜାର ବନ୍ଦ କରନ୍ତୁ ନାହିଁ। ଶପିଂ ମଲ୍ ବନ୍ଦ ପାଇଁ ନିର୍ଦ୍ଦେଶ ଥିବାବେଳେ ସେଠାରେ ଥିବା କ୍ଷୀର, ଫଳ, ପନିପରିବା, ଗ୍ରୋସରୀ ଦୋକାନ ଖୋଲା ରହିବ। ଏହାସହ ସହରରେ ଥିବା ଛୋଟ ଛୋଟ ଲୁଗା ଓ ଅନ୍ୟାନ୍ୟ ଦୋକାନ ଖୋଲା ରହିବ। କାରଣ ସେଠାରେ ଗହଳି ସେପରି ନ ଥିବାରୁ କରୋନା ଭାଇରସ୍ ସଂକ୍ରମଣ ସମ୍ଭାବନା କମ୍। ସାମାଜିକ ଦାଇତ୍ୱବୋଧ ଆମ ସମସ୍ତଙ୍କ ଉପରେ ନିର୍ଭର କରେ। ନିଜ ସହ ଅନ୍ୟମାନଙ୍କ ସୁରକ୍ଷା ସଂକ୍ରାନ୍ତରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ସତର୍କ ରହିଲେ ହିଁ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିପାରିବା। ଅଯଥା ଭୟଭୀତ ହୋଇ ଅଧିକ ସାମଗ୍ରୀ କିଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ଷଡ଼ଙ୍ଗୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

ସେହିଭଳି ବାହାଘର କଟକଣା ମାନିବାକୁ ପୋଲିସ କମିଶନର ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବାହାଘର କରୁଥିଲେ କେବଳ ନିଜ ସମ୍ପର୍କୀୟମାନଙ୍କୁ ବା କମ୍ ଲୋକଙ୍କୁ ସାମିଲ କରନ୍ତୁ। କରୋନା ପ୍ରଭାବ କମିବା ପର୍ଯ୍ୟନ୍ତ ରିସେପ୍‌ଶନକୁ ଘୁଞ୍ଚାଇ ଦିଅନ୍ତୁ। ଏହାସହ ନିଜ ଘରକୁ ଏକାଧିକ ଅତିଥିଙ୍କୁ ଡାକନ୍ତୁ ନାହିଁ। ଜରୁରୀ କାର୍ଯ୍ୟ ପାଇଁ ଆସୁଥିଲେ ଘରକୁ ଯିବା ପୂର୍ବରୁ ସେମାନଙ୍କ ହାତ ଧୋଇବାକୁ କୁହନ୍ତୁ। ସେହିଭଳି ଯେଉଁମାନେ ଜରୁରୀ ପାଇଁ ଆରଟିଓ ଅଫିସକୁ ଯାଉଛନ୍ତି ସେମାନେ ପରସ୍ପରଠାରୁ ଗୋଟିଏ ଫୁଟ ଦୂରତା ରଖନ୍ତୁ। ଏହାସହ ଅଯଥାରେ ମାସ୍କ ପିନ୍ଧନ୍ତୁ ନାହିଁ। ଯେଉଁମାନେ ଥଣ୍ଡା, କାଶ, ଜ୍ୱରରେ ପୀଡିତ ଅଛନ୍ତି ଓ କରୋନା ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସୁନ୍ତି ସେମାନେ ମାସ୍କ ପିନ୍ଧନ୍ତୁ। ଜଣେ ସୁସ୍ଥ ଲୋକ ମାସ୍କ ପିନ୍ଧି କଳାବଜାରିଙ୍କୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ। ଲୋକେ ନିଜେ ସଚେତନ ରହି ଭିଡ଼ରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ କମିଶନର କହିଛନ୍ତି, ଥାନାଗୁଡ଼ିକରେ ହାତ ଧୋଇବା ବ୍ୟବସ୍ଥା କରିବା ସହ କର୍ମଚାରୀଙ୍କୁ ସାନିଟାଇଜର ଓ ମାସ୍କ ଲଗାଇବା ପାଇଁ କୁହାଯାଇଛି। ଏଥପାଇଁ ଥାନାଗୁଡ଼ିକୁ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ମଧ୍ୟ ହାତ ଧୋଇ ପ୍ରବେଶ କରିବାକୁ କୁହାଯାଉଥିବା ସେ କହିଛନ୍ତି।

# ବିଦେଶ ଯାଇଥିବା କର୍ମଚାରୀଙ୍କୁ ଅଫିସ ମନା

## ଆଇଟି ଫାର୍ମଗୁଡ଼ିକୁ କମିଶନରେଟ ପୋଲିସର ନୋଟିସ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

ଇଟାଲୀରୁ ଫେରିଥିବା ଯୁବକ ରାଜ୍ୟର ପ୍ରଥମ କରୋନା ସଂକ୍ରମିତ ବୋଲି ଚିହ୍ନଟ ପରେ ବିଦେଶୀ ଓ ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ଆଇଟି ଫାର୍ମଗୁଡ଼ିକୁ ପୋଲିସ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଅଧିକାଂଶ ଆଇଟି ଫାର୍ମ ଭୁବନେଶ୍ୱର ଓ କଟକରେ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ସେଗୁଡ଼ିକୁ ମଧ୍ୟ ନୋଟିସ ହୋଇଛି। ବିଦେଶ ଯାଇଥିବା ଓ ଫେରିଥିବା କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେମାନେ ଅଫିସ ନ ଯାଇ ୧୪ ଦିନ ପାଇଁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାମ କରି ନ ପାରିଲେ କମ୍ପାନୀ ନିୟମ ଅନୁସାରେ ଛୁଟିରେ ରହିବେ। କୌଣସି କର୍ମଚାରୀଙ୍କୁ ଥଣ୍ଡା, କାଶ ହେଉଥିଲେ ଅଫିସ ନ ଯିବାକୁ ପରାମର୍ଶ ଦିଆଯାଇଛି। ଅତି ଆବଶ୍ୟକ ନ ପଡିଲେ କର୍ମଚାରୀଙ୍କୁ ବିଦେଶ ଯିବାକୁ ବାରଣ କରାଯାଇଥିବାବେଳେ ନିର୍ଦ୍ଦେଶ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଚେତାବନୀ ଦେଇଛନ୍ତି। ଏହାସହ ଯେଉଁ ବିଦେଶୀ ପର୍ଯ୍ୟଟକ ୧୦ଦିନ ପୂର୍ବରୁ ଆସିଛନ୍ତି ସେମାନଙ୍କୁ ପଚରାଉଚରା କରାଯିବା ସହ କଡ଼ା ନଜରରେ ରଖାଯାଉଛି। ସେମାନେ କେବେ ଓଡ଼ିଶାକୁ ଆସିଛନ୍ତି, ନିକଟରେ ସେମାନେ କେଉଁ ଦେଶକୁ ଯାଇଛନ୍ତି ସେନେଇ ତଥ୍ୟ ସଂଗ୍ରହ କରାଯାଉଛି। ଏହାସହ ରାଜଧାନୀରେ ବିଭିନ୍ନ ହୋଟେଲ ଉପରେ ନଜର ରଖାଯାଇଥିବା କମିଶନର ସୂଚନା ଦେଇଛନ୍ତି।

# ୩୧ ଯାଏ କୋର୍ଟ ଯିବେନି ଆଇନଜୀବୀ

## ହାଇକୋର୍ଟ ଓକିଲ ସଂଘର ନିଷ୍ପତ୍ତି

**କଟକ ଅଫିସ,୧୭।୩**

ରାଜ୍ୟରେ କରୋନା ଭୂତାଣୁକୁ ନେଇ ଭୟ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଆଇନଜୀବୀମାନେ ହାଇକୋର୍ଟ ନ ଯିବା ପାଇଁ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସଂଘର ଏକ୍ସଟ୍ରା ଅଡିନାରୀ ଜେନେରାଲ୍ ବଡି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘ ତରଫରୁ କୁହାଯାଇଛି। ଭିଡ ଯୋଗୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ରହିଥାଏ। ହାଇକୋର୍ଟରେ ସର୍ବଦା ଜନଗହଳି ରହୁଛି। ଏହାକୁ ଦୃଷ୍ଟିରେ ରଖି ସଂଘ ଏଭଳି ନିଷ୍ପତ୍ତି ନେଇଛି। ପୂର୍ବରୁ ରାଜ୍ୟ ସରକାର କରୋନା ଭୂତାଣୁକୁ ନେଇ ବିଧାନସଭାଠାରୁ ଆରମ୍ଭ କରି ଶପିଂମଲ୍ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ। ହେଲେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲୁ ରହିଥିଲା। ତେବେ ସୋମବାର ହାଇକୋର୍ଟ ପକ୍ଷରୁ ଏହା ଅଧୀନ ତଳକୋର୍ଟଗୁଡ଼ିକୁ ଆଡଭାଇଜରି ଜାରି କରାଯାଇଥିଲା। ଅତି ଆବଶ୍ୟକ ନ ଥିଲେ କୋର୍ଟ ପରିସରରେ ଉପସ୍ଥିତ ନ ରହିବାକୁ ଆଡଭାଇଜରିରେ କୁହାଯାଇଥିଲା। ଏହା ପୂର୍ବରୁ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ମଧ୍ୟ କରୋନା ଭୂତାଣୁ ସଂକ୍ରମଣ କମିବା ପର୍ଯ୍ୟନ୍ତ ସମସ୍ତ ଅଧୀନସ୍ଥ କୋର୍ଟ ବନ୍ଦ ରଖିବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଏଭଳି ସମୟରେ ହାଇକୋର୍ଟ ବାର୍ କାଉନସିଲ୍‌ର ଏହି ନିଷ୍ପତ୍ତି ପରେ ଏବେ ସମସ୍ତ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଛି।

# ଗିରଫ ଶିକ୍ଷକ ନିଲମ୍ବିତ

## କରୋନାରେ ଯୁବକ ଆକ୍ରାନ୍ତ ଗୁଜବ ଘଟଣା

**ଭବାନୀପାଟଣା/ଧର୍ମଗଡ଼,୧୭।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନି ଗାଁରେ କରୋନାରେ ଜଣେ ଯୁବକ ଆକ୍ରାନ୍ତ ହୋଇଥିବା ନେଇ ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି କରିବା ଅଭିଯୋଗରେ ଗୋଲାମୁଣ୍ଡା ବ୍ଲକ ଡୁଡକେଲ ଗ୍ରାମର ଶିକ୍ଷକ ବିନ୍ଧୁ ମହାନନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ରାତିରେ ତାଙ୍କୁ ଜିଲା ଶିକ୍ଷାଧିକାରୀ ଚାକିରିରୁ ନିଲମ୍ବିତ କରିଛନ୍ତି । ସୂଚନା ଅନୁଯାୟୀ, ଗତ ଶନିବାର ଖଲିଆକାନି ଗ୍ରାମର ଜଣେ ଯୁବକ ବାଙ୍ଗାଲୋରରୁ ଆସି କୋରୋନାରେ ଆକ୍ରାନ୍ତ ହୋଇ ନିଜ ଘରେ ରହିଥିବା ସୋସିଆଲ ମିଡିଆ ତଥା ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ଶିକ୍ଷକ ବିନ୍ଧୁ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ସମଗ୍ର ଗୋଲାମୁଣ୍ଡା ତଥା ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଗୋଲାମୁଣ୍ଡା ଥାନାଧିକାରୀ ପହଞ୍ଚି ତଦନ୍ତ କରିବା ପରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ. ୩୮/୨୦) ହୋଇଛି।


କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପରିସରରେ ଯାତ୍ରୀମାନେ ମାସ୍କ ପିନ୍ଧି ଯାଉଛନ୍ତି।

# ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ):** ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବାକୁ ବ୍ୟବହୃତ ହେଉଥିବା ବ୍ରେଥ୍ ଆନାଲାଇଜର ଟେଷ୍ଟକୁ ବନ୍ଦ କରିଦିଆଯାଇଛି। ଏହି ଟେଷ୍ଟରେ ମେଶିନଟିକୁ ଚାଳକ ଜଣକ ପାଟିରେ ରଖି ଫୁଙ୍କିଆନ୍ତି। ତେବେ କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ରହିଥିବାରୁ ପୋଲିସ ଡିଜି ଅଭୟ ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ କରିବା ପାଇଁ ମଙ୍ଗଳବାର ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସାମୂହିକଭାବେ ବନ୍ଦ ରଖିବାକୁ ପୋଲିସ ଡିଜି ଟୁଇଟରରେ ଉଲ୍ଲେଖ କରିଛନ୍ତି।



ଅନ୍ୟପକ୍ଷରେ ଡିଜିପି ରାଜ୍ୟ ସମସ୍ତ ଥାନାରେ ଥିବା ପୋଲିସ କର୍ମଚାରୀଙ୍କୁ ସତର୍କ ରହିବାକୁ କହିଛନ୍ତି। ଥାନାରେ ହାତ ଧୋଇବା ପାଇଁ ପାଣି ରଖିବା ସହ ସାନିଟାଇଜର ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି। ଯେଭଳି କୌଣସି ସ୍ଥାନରେ ଏକାଧିକ ଲୋକେ ଏକାଠି ନ ହେବେ ନାହିଁ ସେନେଇ ମଧ୍ୟ ଦୃଷ୍ଟି ଦେବା ପାଇଁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ ସଂକ୍ରାନ୍ତରେ ଆଇନଜୀବୀ ଦୁର୍ଗାମାଧବ ମିଶ୍ର କହିଛନ୍ତି, କରୋନା ବାହାନାରେ ଏବେ ଗାଡିମୋଟର ଯାଞ୍ଚ ହେଉନି। ବ୍ରେଥ୍ ଆନାଲାଇଜର ବନ୍ଦ ହେଲେ ମଦ୍ୟପଙ୍କ ଉତ୍ପାତ ବଢିଯିବ। ବେପରୁଆ ଗାଡ଼ି ଚାଳନା ସହ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବ। ତେଣୁ ଯେଉଁ ବ୍ୟକ୍ତି ମଦ ପିଇ ଗାଡି ଚଲାଉଥିବେ ବୋଲି ସେମାନଙ୍କୁ ଧରିବାର ଅନ୍ୟ କିଛି ବିକଳ୍ପ ଆପଣାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ କହିଛନ୍ତି।

# ୩୧ ପର୍ଯ୍ୟନ୍ତ ବନ୍ଦ ରହିଲା ଡିଏଲ୍, ଏଲ୍‌ଏଲ୍ ଟେଷ୍ଟ

## ଆର୍‌ଟିଓକୁ ଦୈନିକ ୫୦ଜଣ ଆସନ୍ତୁ: ମନ୍ତ୍ରୀ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ଆର୍‌ଟିଓ କାର୍ଯ୍ୟାଳୟରେ ବୁଧବାରଠାରୁ ଡିଏଲ୍ ଏବଂ ଏଲ୍‌ଏଲ୍ ଟେଷ୍ଟ ବନ୍ଦ ରହିବ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖିବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଏନେଇ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ସ୍ୱିକୃତି ମିଳିବାପରେ ଏନେଇ ସୂଚନା ଦିଆଯାଇଛି। କେବଳ ଗାଡ଼ିର ଫିଟ୍‌ନେସ, ପରମିଟ୍ ଏବଂ ଟ୍ୟାକ୍ସ ଆଦାୟ ଜାରି ରହିବ ବୋଲି ସୂଚନା ମିଳିଛି। ଆର୍‌ଟିଓରେ ଜନଗହଳି ହେଉଥିବା ଦେଖି ଏଭଳି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ପରିବହନ ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ କୁହାଯାଇଛି। କେନ୍ଦ୍ର ସରକାର ନୂଆ ମୋଟର ଯାନ ଆଇନ ଦେଶବ୍ୟାପୀ ଲାଗୁ କରିବାପରେ ଲାଇସେନ୍ସ ନେବା ପାଇଁ ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ହେଲେ ଏବେଠାରୁ ଆର୍‌ଟିଓ କାର୍ଯ୍ୟାଳୟଗୁଡିକରେ ୫୦ରୁ ଅଧିକ ଲୋକ ଏକାଠି ନ ହେବା ପାଇଁ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପରାମର୍ଶ ଦେବା ସହ ଭିଡ଼ ନ କରିବାକୁ କହିଛନ୍ତି। ମନ୍ତ୍ରୀ ବେହେରା ଆହୁରି କହିଛନ୍ତି ଯେ, ଗୋଟିଏ ଦିନରେ ୫୦ଜଣ ଆସନ୍ତୁ। ଯେଉଁମାନଙ୍କ ଲାଇସେନ୍ସ ପରୀକ୍ଷା ପାଇଁ ତାରିଖ ନ ରହୁଛି ସେମାନେ ନ ଆସନ୍ତୁ। ଏଥିଲାଗି ସବୁ ଆର୍‌ଟିଓକୁ ନିର୍ଦ୍ଦେଶ ଦେବା ସହ ସେମାନେ କିପରି ଏ ସମ୍ପର୍କରେ ଲୋକମାନଙ୍କୁ ଜଣାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ। ସେହିପରି ବସ୍‌ଷ୍ଟାଣ୍ଡରେ ମଧ୍ୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ। ବସ୍ କର୍ମଚାରୀଙ୍କୁ ମାସ୍କ ଓ ସାନିଟାଇଜର ଦିଆଯିବ। ବସ୍ ମାଲିକ ସଂଘ ଓ ପରିବହନ ବିଭାଗ ମିଳିତଭାବେ ମାସ୍କ ଯୋଗାଇବେ। ବସ୍‌ଷ୍ଟାଣ୍ଡଗୁଡ଼ିକୁ ମଧ୍ୟ ସାନିଟାଇଜ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏଏସ୍‌ଆଇ ସଂରକ୍ଷିତ ସମସ୍ତ ଐତିହ୍ୟସ୍ଥଳୀ ୩୧ ପର୍ଯ୍ୟନ୍ତ ବନ୍ଦ

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ସମ୍ଭାବ୍ୟ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଅଧୀନରେ ଥିବା ଦେଶର ସମସ୍ତ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସଂରକ୍ଷିତ ତଥା ପରିଚାଳିତ ସମସ୍ତ କୀର୍ତ୍ତିରାଜି, ଏତିହ୍ୟସ୍ଥଳୀ ଏବଂ ସଂଗ୍ରହାଳୟକୁ ବନ୍ଦ କରିବାକୁ ଏଏସ୍‌ଆଇର ସମସ୍ତ ସର୍କଲ ଏବଂ ମିନି ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ, ଡେପୁଟି ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟଙ୍କୁ ଏଏସ୍‌ଆଇ ଡିଜି ଚିଠି ଲେଖି ଜଣାଇଛନ୍ତି। ଏହି ସମୟ ମଧ୍ୟରେ ଐତିହ୍ୟସ୍ଥଳୀଗୁଡ଼ିକରେ ହେବାକୁ ଥିବା ଫିଲ୍ମ ଶୁଟିଂ, ଫଟୋଗ୍ରାଫି, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ଫ୍ରି ଏଣ୍ଟ୍ରି ବୁକିଂକୁ ରଦ୍ଦ କରାଯାଇଛି। ତେବେ କର୍ମଚାରୀମାନେ ନିୟମିତଭାବେ ସେମାନଙ୍କ କାର୍ଯ୍ୟ କରିବାକୁ କୁହାଯାଇଛି। ଓଡ଼ିଶାରେ ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ମୋଟ ୭୮ ଐତିହ୍ୟସ୍ଥଳୀ ରହିଥିବାବେଳେ ଏହାମଧ୍ୟରେ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାଜାରାଣୀ ଏବଂ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବାରବାଟୀ ଦୁର୍ଗ, ଯାଜପୁରର ରତ୍ନଗିରି, ବଲାଙ୍ଗୀର ରାଣୀପୁର ଝରିଆଲ ଭଳି ଐତିହାସିକ ମନ୍ଦିର ଏବଂ କୀର୍ତ୍ତିରାଜି ରହିଛି।

# ଯାତ୍ରୀ ହ୍ରାସ ଯୋଗୁ ବାତିଲ ହେଉଛି ଟ୍ରେନ୍

## ୬ ଦିନରେ ପୂର୍ବତଟ ରେଳପଥର ଲକ୍ଷେ ଟିକେଟ ବାତିଲ



**ଭୁବନେଶ୍ୱର, ୧୭।୩:** ପୂର୍ବତଟ ରେଳପଥ ଯାତ୍ରୀ ପରିବହନ କ୍ଷେତ୍ରରେ ବୃହତ୍ ସଂଖ୍ୟାରେ ହ୍ରାସ ଘଟିଛି। ଲୋକମାନେ ବୁକିଂ କରିଥିବା ସେମାନଙ୍କ ଟିକେଟ ବାତିଲ କରି ଦେଉଛନ୍ତି। ଗତ ୬ ଦିନ ମଧ୍ୟରେ ପୂର୍ବତଟ ରେଳପଥର ୧ ଲକ୍ଷ ଟିକେଟ ବାତିଲ କରାଯାଇଛି। ଗତ ବର୍ଷ ସମାନ ସମୟ ତୁଳନାରେ ବାତିଲ ହୋଇଥିବା ଟିକେଟ ସଂଖ୍ୟାଠାରୁ ଏହା ୬୭% ଅଧିକ ରହିଛି। ସାରା ଦେଶରେ ଟିକେଟ ବାତିଲ ହାର ପୂର୍ବବର୍ଷ ଅପେକ୍ଷା ଏବେ ୮୦% ଛୁଇଁଛି। ଯାତ୍ରୀ ହେଉ ନ ଥିବାରୁ ପୂର୍ବତଟ ରେଳପଥ ଦେଇ ପ୍ରାୟ ୫ ଯୋଡ଼ା ଟ୍ରେନ୍ ବାତିଲ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ରହିଛି। ଏଭଳି ସ୍ଥିତି ଲାଗି ରହିଲେ ଅଧିକ ଟ୍ରେନ୍ ବାତିଲ ହେବା ନେଇ ଆଶଙ୍କା କରାଯାଉଛି। ଟିକେଟ ବୁକିଂକୁ ନିୟମିତ ଭିତ୍ତିରେ ତର୍ଜମା କରାଯାଉଛି। ଏହି ଆଧାରରେ ଟ୍ରେନ୍‌ଗୁଡ଼ିକୁ ବାତିଲ କରିବା ଉପରେ ନିଷ୍ପତ୍ତି ହେଉଥିବା ସୂଚନା ରହିଛି। ପୂର୍ବତଟ ରେଳପଥ ଅଧିକ ଭୁବନେଶ୍ୱର, ପୁରୀ, ସମ୍ବଲପୁର ଏବଂ ବିଶାଖାପାଟଣାରୁ ବାହାରୁଥିବା ଟ୍ରେନଗୁଡ଼ିକରେ ପରଦା ଏବଂ କମ୍ବଳକୁ ହଟାଯାଇଛି। ଯାତ୍ରୀଙ୍କୁ ନିଜର କମ୍ବଳ, ସାଲ୍ ଆଣିବା ଲାଗି କୁହାଯାଇଛି। ଏହି ସମୟରେ ପୂର୍ବତଟ ରେଳପଥ ସାମୟିକ ଲାଗି କିଛି ସ୍ୱତନ୍ତ୍ର ଟ୍ରେନ୍‌କୁ ମଧ୍ୟ ବାତିଲ କରିଛି।

ଏପଟେ କରୋନା ଭୂତାଣୁ ସଂକ୍ରମଣକୁ ଏଡ଼ାଇବା ଲାଗି ରେଳପଥ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଜୀବାଣୁ ନାଶ ପ୍ରକ୍ରିୟା ହାତକୁ ନିଆଯାଇଛି। ଜ୍ୱର କିମ୍ବା କଫ ଥିବା ଯାତ୍ରୀ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ଖୋଲାଯାଇଥିବା ସାହାଯ୍ୟ କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ରହିଛି। ସରକାର ଧାର୍ଯ୍ୟ କରିଥିବା ନିୟମାବଳୀକୁ ମାନିବା ଏବଂ ସହଯୋଗ କରିବା ନେଇ ରେଳଯାତ୍ରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ନିବେଦନ କରିଛନ୍ତି। ରେଳପଥ ପକ୍ଷରୁ କେତେକ ସ୍ଥାନରେ ଟ୍ରେନ୍‌ଗୁଡ଼ିକ ମଧ୍ୟ ବାତିଲ କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି କେନ୍ଦ୍ର ରେଳପଥ ପକ୍ଷରୁ ଶନିବାର ୨୩ ଟ୍ରେନ୍ ବାତିଲ କରାଯାଇଛି। ଏଥିରେ ମେଲ୍, ଏକ୍ସପ୍ରେସ ଟ୍ରେନଠାରୁ ଆରମ୍ଭକରି ରାଜଧାନୀ ଭଳି ଟ୍ରେନ୍ ସାମିଲ ରହିଛି।



୨୦୧୮ରେ ମୁଜାଫରପୁର ସେଲ୍‌ଟର୍ ହୋମରେ ହୋଇଥିବା ଯୌନ ନିର୍ଯ୍ୟାତନା ମାମଲାକୁ ନେଇ ଶାହାରୁଖ ଖାନ୍‌ଙ୍କ ପ୍ରଡକସନ୍ ହାଉସ୍ ରେଡ୍ ଚିଲି ଏଣ୍ଟରଟେନମେଣ୍ଟ ଫିଲ୍ମ ପ୍ରସ୍ତୁତ କରିବାକୁ ସ୍ଥିର କରିଥିବା ଜଣାପଡିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ପୁଲକିତଙ୍କୁ ଦିଆଯାଇଥିବା ବେଳେ ସେ ସ୍କ୍ରିପ୍ଟ ମଧ ଲେଖିଛନ୍ତି। ତେବେ ୨୦୧୮ମେ ୨୬ରେ ମୁଜାଫରପୁର ସେଲ୍‌ଟର୍ ହୋମ୍ ଘଟଣା ଜଣାପଡିବା ପରେ ସେଠାରେ ଥିବା ଝିଅମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନରେ ରଖାଯିବା ସହ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ଏବେ ଶାହାରୁଖ ଏହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଥିବା ବେଳେ କଳାକାରଙ୍କ ନାଁ ସ୍ଥିର କରାଯାଇ ନାହିଁ ବୋଲି ଜଣାପଡ଼ିଛି।

# ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ 'ଧର୍ମଚକ୍ର'



**ଯମୁନାନଗର:** ହରିୟାଣାର ଯମୁନାନଗର ଟୋପରା କଲାଁ ଗାଁରେ ୨୦୧୯ ଜାନୁୟାରୀରେ ସ୍ଥାପିତ ଲୌହ ନିର୍ମିତ ଧର୍ମଚକ୍ରକୁ ସର୍ବବୃହତ୍ ଧର୍ମଚକ୍ରର ମାନ୍ୟତା ମିଳିଛି। ଏହାକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସାମିଲ କରାଯାଇଛି। ୬ଟନ ଓଜନ ବିଶିଷ୍ଟ ଏହି ଚକ୍ରର ବ୍ୟାସ ୩୦ ଫୁଟ। ଏଥିରେ ୨୪ ଅଖ ଲାଗିଛି। ୨୫୦୦ ବର୍ଷ ପୂର୍ବେ ଅଶୋକ ଚକ୍ରକୁ ଧର୍ମଚକ୍ର କୁହାଯାଉଥିଲା, ଯାହା ଏହା ବୁଦ୍ଧଙ୍କ ଦର୍ଶନ, ତତ୍ତ୍ୱ, ଜୀବନଚକ୍ରକୁ ଦର୍ଶାଇଥାଏ। ଏହି ଚକ୍ର ଅତିକ୍ରମ କରିବା ପରେ ହିଁ ଜଣେ ନିର୍ବାଣ ମାର୍ଗ ଆଡ଼କୁ ଅଗ୍ରସର ହୋଇଥାଏ। ଗ୍ରାମରେ ଭାଇଚାରା ସଦ୍‌ଭାବନା ସୃଷ୍ଟି କରିବାରେ ଏହି ଧର୍ମଚକ୍ର ବେଶ୍ ସହାୟକ ହେବ ବୋଲି ସରପଞ୍ଚ ମନୀଷ କୁମାର କହିଛନ୍ତି। ପରବର୍ତ୍ତୀ ସମୟରେ ଭାରତର ରାଷ୍ଟ୍ରୀୟ ସଙ୍କେତର ମାନ୍ୟତା ପାଇଥିଲା।

ଏହି ଚକ୍ର ସ୍ଥାପନର ସମସ୍ତ ଶ୍ରେୟ ସିଦ୍ଧାର୍ଥ ଗୌରୀ ଏବଂ ତାଙ୍କ ଭାଇ ଡା. ସତ୍ୟଦୀପ ନୀଲ ଗୌରୀଙ୍କୁ ଦିଆଯାଇଛି। ଗ୍ରାମରେ ଏକ ଧର୍ମଚକ୍ର ସ୍ଥାପନ କରିବାକୁ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଥିଲା। କମଲ ଇଞ୍ଜିନିୟରିଂ ସଂସ୍ଥା ଏହାର ଡିଜାଇନ ପ୍ରସ୍ତୁତ କରିଥିଲା। ତେବେ ଏହି ଚକ୍ର ନିର୍ମାଣ କରିବା ଗ୍ରାମବାସୀଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏହାକୁ ଏକ ଟାଣୁଆ ଭିତ୍ତିଭୂମି ଉପରେ ନିର୍ମାଣ କରିବା ଜରୁରୀ ହୋଇପଡ଼ିଥିବାବେଳେ ଏଥିରେ ସହଯୋଗର ହାତ ବଢ଼ାଇଥିଲେ ଗୌରୀ ଭ୍ରାତା ଏବଂ ସେମାନଙ୍କ ବନ୍ଧୁ। ଏହି ବିଶାଳକାୟ ଚକ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ୨୪୦ ଦିନ ଲାଗିଛି। ଏ ନେଇ ଡା. ସତ୍ୟଦୀପ୍ ନୀଲ ଗୌରୀ କୁହନ୍ତି, ବୁଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ଏବଂ ଶିକ୍ଷା ବ୍ୟବସ୍ଥାରେ ଏଭଳି ଚକ୍ରର ବହୁଳ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ସମ୍ରାଟ୍ ଅଶୋକଙ୍କ ଦ୍ୱାରା ସ୍ଥାପିତ ସ୍ତମ୍ଭର ଉପରି ଭାଗରେ ଧର୍ମଚକ୍ର ସ୍ଥାପନ କରାଯାଇଥିଲା। ବୌଦ୍ଧ ଦର୍ଶନ ଅନୁଯାୟୀ ଧର୍ମଚକ୍ରରେ ୨୪ ଅର ଥାଏ।

# ଟେନିସ କୋର୍ଟରେ ନୀନା ଗୁପ୍ତା





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ଏବେ ଫିଲ୍ମ ସହ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଦୀର୍ଘ ଦିନର ବ୍ରେକ୍ ପରେ ସେ ବଡ଼ ପରଦାକୁ ଜବରଦସ୍ତ ଏଣ୍ଟ୍ରି କରିଛନ୍ତି। ଏଭଳି ସ୍ଥିତିରେ ନୀନା ନିଜର ଫିଟ୍‌ନେସ୍ ଉପରେ ବେଶ୍ ଧ୍ୟାନ ଦେଉଥିବା ନଜର ଆସିଛି। ଏଥିପାଇଁ ନୀନା ୱାର୍କଆଉଟ୍ କରିବା ସହ ଯୋଗ ଓ ସ୍ପୋର୍ଟ୍ସରେ ନିଜର ସମୟ ଅତିବାହିତ କରୁଛନ୍ତି। ଇତିମଧ୍ୟରେ ସୋସିଆଲ ମିଡିଆରେ ନୀନାଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଲନ୍‌ରେ ଟେନିସ ଖେଳୁଥିବାର ଦେଖିବାକୁ ମିଳିଛି। ୬୦ବର୍ଷର ନୀନାଙ୍କ ଏହି ଭିଡିଓକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ନୀନା ଏହି ଭିଡିଓକୁ ଶେୟାର କରିବା ସହ କ୍ୟାପସନ୍‌ରେ ଲେଖିଛନ୍ତି, ଦୀର୍ଘ ବର୍ଷ ପରେ ଏହାକୁ ଖେଳି ବେଶ୍ ମଜା ଲାଗିଲା।

# ଗୋମୂତ୍ର ଲିଟର ୫୦୦ ଟଙ୍କା



କଥାଟା ଶୁଣିବାକୁ ହଠାତ୍ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ଏକ ଘଟଣା ଏବେ ଦେଖିବାକୁ ମିଳିଛି ପଶ୍ଚିମବଙ୍ଗ ହୁଗୁଳି ଜିଲାର ଡାନକୁନି ଅଞ୍ଚଳରେ । ଏହି ଅଞ୍ଚଳର ବ୍ୟକ୍ତି ଶେଖ ମାବୁଦ ଅଲୀଙ୍କ କହିବା ଅନୁସାରେ ଗୋମୂତ୍ରରେ କ୍ୟାନ୍‌ସର ଏବଂ କରୋନା ଭାଇରସ୍‌ର ଚିକିତ୍ସା ସମ୍ଭବ । ତେଣୁ ସେ ତାଙ୍କ ଦୋକାନ ଆଗରେ ଏବେ ସ୍ୱତନ୍ତ୍ରଭାବେ ଗୋମୂତ୍ର ଏବଂ ଗୋବର ମଧ ବିକ୍ରି କରୁଛନ୍ତ । ମାବୁଦ ତାଙ୍କ ଦୋକାନରେ ଏକ ଲିଟର ଗୋମୂତ୍ରକୁ ବିକ୍ରି କରୁଛନ୍ତି ୫୦୦ ଟଙ୍କାରେ । ସେହିଭଳି ଏକ କିଲୋଗ୍ରାମ୍ ଗୋବରର ମୂଲ୍ୟ ବି ୫୦୦ ଟଙ୍କା ରହିଛି । ଏବେ କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସେ ଗୋମୂତ୍ର ପିଇବା ପାଇଁ ପରାମର୍ଶ ଦେଉଛନ୍ତି । ସେଥିପାଇଁ ସେ ତାଙ୍କ ଦୋକାନ ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖିଛନ୍ତି 'ଗୋମୂତ୍ର ପିଅନ୍ତୁ କରୋନା ଭାଇରସ୍‌ରୁ ରକ୍ଷା ପାଆନ୍ତୁ' । କିଛି ଦିନ ତଳେ ଦିଲ୍ଲୀରେ ହୋଇଥିବା ଗୋମୂତ୍ର ପାର୍ଟିରୁ ପ୍ରେରଣା ପାଇ ମାବୁଦ ଏପରି କାମ ଆରମ୍ଭ କରିଛନ୍ତି ।

# ଭିକାରିଙ୍କ ପୁଣ୍ୟକର୍ମ



**ଅହମଦାବାଦ:** ଗୁଜରାଟ ଅହମଦାବାଦର ଡାକୋରରେ ଥିବା ରଣଛୋଡ୍‌ରାୟ ମନ୍ଦିରରେ ୪୫ ବର୍ଷ ଧରି ଭିକ ମାଗି ଜୀବନଧାରଣ କରୁଥିଲେ ଭଗବାନଦାସ ଶଙ୍କରଲାଲ୍ ଜୋଷୀ । ଏତେ ବର୍ଷ ଧରି ଭିକ ମାଗି ଚଳୁଥିବା ଏଇ ଭିକାରି ଜଣକ ଏବେ ଅଢ଼େଇ ହଜାର ବ୍ରାହ୍ମଣଙ୍କୁ ଭୋଜନ ଦେଇ ଖୁସି କରାଇଛନ୍ତି। ଏପରି କାର୍ଯ୍ୟକରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି ଭଗବାନଦାସ । ତାଙ୍କ କହିବା ମୁତାବକ ସବୁବେଳେ ସେ ଅନ୍ୟଠୁ ମାଗି ଚଳିଛନ୍ତି । କିନ୍ତୁ ନିଜେ ପରୋପକାର କରିବାର ସୁଯୋଗ ପାଇ ନ ଥିଲେ । ତେଣୁ ସେ ମଧ କିଛି ପୁଣ୍ୟ କାମ କରିବାକୁ ଚାହୁଁଥିଲେ। ଏହି ଲକ୍ଷ୍ୟରେ ସେ ଅର୍ଥ ସଞ୍ଚୟ କରିବା ଆରମ୍ଭ କରିଥିଲେ। ଏଇ ଜନ୍ମରେ ସେ କିଛି ଭଲ କାମ କରି ଆର ଜନ୍ମ ପାଇଁ ପୁଣ୍ୟ ଅର୍ଜନ କରିବାକୁ ଚାହୁଁଥିଲେ। ବ୍ରାହ୍ମଣ ଭୋଜନ ଦେଲେ ବହୁ ପୁଣ୍ୟ ମିଳିଥାଏ ବୋଲି ସେ ଶୁଣିଥିଲେ। ତେଣୁ ବହୁ ବର୍ଷ ଧରି ଟଙ୍କା ଏକାଠି କରି ସେ ଅଢ଼େଇ ହଜାର ବ୍ରାହ୍ମଣଙ୍କୁ ଭୋଜନ ଦେଇଛନ୍ତି। ଭଗବାନ ଦାସ ଜନ୍ମରୁ ଦୃଷ୍ଟିହୀନ, ସେଥିପାଇଁ ସେ ମନ୍ଦିରରେ ଭିକ ମାଗିଥାନ୍ତି । କିନ୍ତୁ ବେଶ୍ ସୁନ୍ଦର ଭାବେ ଭଜନ ଗାଇଥାନ୍ତି । ପ୍ରାୟ ଏକ ହଜାର ଭଜନ ତାଙ୍କର ମନେ ରହିଛି । ବିଭିନ୍ନ ଭଜନ ମଣ୍ଡଳୀରେ ବି ଭଜନ ଗାଇଥାନ୍ତି।

# ଗର୍ଭବତୀ ମା'ଠାରୁ ନବଜାତକଙ୍କୁ ହେବନି କରୋନା



**ବେଜିଂ:** କରୋନା ଭାଇରସ ଏବେ ବିଶ୍ୱକୁ ଚିନ୍ତାରେ ପକାଇ ଦେଇଥିବା ବେଳେ ଏହି ଭୂତାଣୁ ଗର୍ଭବତୀ ମା'ଠାରୁ ନବଜାତ ଶିଶୁକୁ ସଂକ୍ରମଣ କରିବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଚାଇନାର ହୁଆଝୋଙ୍ଗ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି। ସେମାନେ କହିଛନ୍ତି ଯେଉଁ ଗର୍ଭବତୀମାନେ କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି ସେମାନଙ୍କ ଗର୍ଭସ୍ଥ ଶିଶୁଙ୍କ ନିକଟରେ କରୋନାର କୌଣସି ଗୁଣ ଦେଖାଯାଇନାହିଁ। ଫ୍ରଣ୍ଟିୟର ଇନ୍ ପେଡିଆଟ୍ରିକ୍ ଜର୍ନାଲରେ ସୋମବାର ଏହା ପ୍ରକାଶ ପାଇଥିଲା। ଚାଇନାର ହୁବେଇରେ ଥିବା ଉହାନ ସହରରେ ପ୍ରଥମେ କରୋନା ସଂକ୍ରମଣ ଦେଖାଯାଇଥିବା ବେଳେ ସେଠାକାର ୪ଜଣ ଗର୍ଭବତୀଙ୍କୁ ନେଇ ଏହି ପରୀକ୍ଷା କରାଯାଇଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରଥମେ ଏହି ଶିଶୁମାନଙ୍କୁ ଏନ୍‌ଆଇସିୟୁରେ ରଖାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୩ ଶିଶୁଙ୍କ ନମୁନା କରୋନା ନେଗେଟିଭ ଆସିଥିବା ବେଳେ ଚତୁର୍ଥ ଶିଶୁର ମା' କରୋନା ନମୁନା ପରୀକ୍ଷା ପାଇଁ ଅରାଜି ହୋଇଥିଲେ। ଉକ୍ତ ଗବେଷଣାକୁ ନେଇ ବିଶେଷଜ୍ଞମାନେ ଏହା ସ୍ପଷ୍ଟ କରି ନ ଥିବା ମଧ କହିଛନ୍ତି। ଅନ୍ୟପଟେ ଇଟାଲିରେ ଜଣେ ନବଜାତକକୁ କରୋନା ଭାଇରସ ସଂକ୍ରମଣ ହୋଇଥିବା ବେଳେ ସେ ସବୁଠାରୁ କମ୍ ବୟସର କରୋନା ସଂକ୍ରମିତ ରୋଗୀ ବୋଲି କୁହାଯାଇଥିଲା।

# ଆଇସୋଲେଶନରେ ଦିଲୀପ କୁମାର, ଅନୁପ ଜଲୋଟା



ଅନୁପ ଜଲୋଟା | ଦିଲୀପ କୁମାର

**ମୁମ୍ବାଇ:** କରୋନା ଭାଇରସ ଏବେ ସାରା ବିଶ୍ୱକୁ ବ୍ୟାପିଥିବା ବେଳେ ଭାରତରେ କ୍ରମାଗତ ଭାବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି ବଲିଉଡ୍‌ର ଭେଟେରାନ ଅଭିନେତା ଦିଲୀପ କୁମାରଙ୍କୁ ଆଇସୋଲେଶନରେ ରଖାଯାଇଥିବା ଜଣାପଡିଛି। ଅଭିନେତା ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି କରୋନା ଭାଇରସ କାରଣରୁ ତାଙ୍କୁ ଆଇସୋଲେଶନ ଓ କ୍ୱାରାଣ୍ଟାଇନରେ ରଖାଯାଇଛି। ପତ୍ନୀ ସାଇରା ବାନୁ ତାଙ୍କର ସମସ୍ତ ଯତ୍ନ ନେଉଥିବା ବେଳେ ଯେମିତି ତାଙ୍କୁ କୌଣସି ସଂକ୍ରମଣ ନ ହେବ ସେଥିପ୍ରତି ସାଇରା ବିଶେଷ ଧ୍ୟାନ ଦେଇଛନ୍ତି ବୋଲି ଟ୍ରାଜେଡି କିଙ୍ଗ ଉଲ୍ଲେଖ କରିଛନ୍ତି। ୯୭ ବର୍ଷୀୟ ଅଭିନେତା ଦିଲୀପ କୁମାର ଆହୁରି ମଧ କହିଛନ୍ତି, କରୋନା ଦାଉରୁ ରକ୍ଷା ପାଇବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ମାନି ଚଳନ୍ତୁ ଓ ଯେତେ ସମ୍ଭବ ନିଜକୁ ଘରେ ରଖିବାକୁ ଚେଷ୍ଟା କରନ୍ତୁ। ସେହିଭଳି ସଙ୍ଗୀତ ଜଗତରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ୬୬ ବର୍ଷୀୟ ଭଜନ ସମ୍ରାଟ ଅନୁପ ଜଲୋଟାଙ୍କୁ ଏକ ହୋଟେଲରେ ଆଇସୋଲେଶନ୍‌ରେ ରଖାଯାଇଥିବା ଜଣାପଡ଼ିଛି। ଏନେଇ ସୋସିଆଲ ମିଡିଆରେ ଅନୁପ ଏକ ଫଟୋ ଶେୟାର କରିବା ସହ ଆଇସୋଲେଶନ୍‌ରେ ଥିବା ନେଇ ସୂଚନା ଦେଇଛନ୍ତି। ଏହି ଫଟୋରେ ତାଙ୍କୁ ମାସ୍କ ପିନ୍ଧିଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଅନୁପ ଲଣ୍ଡନରୁ ମୁମ୍ବାଇକୁ ଫେରିଥିଲେ। ମୁମ୍ବାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ପହଞ୍ଚିବା ପରେ ଏକ ଡାକ୍ତରୀ ଦଳର ତାଙ୍କୁ ସ୍କାନିଂ କରିଥିଲେ। ଏହାପରେ ତାଙ୍କୁ ହୋଟେଲ ମିରାଜରେ ଆଇସୋଲେଶନ୍ କରି ରଖାଯାଇଥିଲା। କେବଳ ତାଙ୍କୁ ନୁହେଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଉକ୍ତ ହୋଟେଲରେ ଆଇସୋଲେଶନ୍ କରି ରଖାଯାଇଛି। ଏକ ୨୫ଜଣିଆ ଡାକ୍ତରୀ ଦଳ ସେମାନଙ୍କର ପରୀକ୍ଷା କରୁଥିବା ସୂଚନା ମିଳିଛି। ତେବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଦିଆଯାଉଥିବା ମେଡିକାଲ କେୟାରକୁ ଅନୁପ ପ୍ରଶଂସା କରିଛନ୍ତି।

**କରୋନା ଭୟ**

# ୮୫ହଜାର କଏଦୀଙ୍କୁ ମୁକ୍ତିଦେଲା କରୋନା



**ତେହେରାନ:** କରୋନା ଭାଇରସ୍ ଯୋଗୁ ଇରାନରେ ଏପର୍ଯ୍ୟନ୍ତ ୧୬,୧୬୯ ବ୍ୟକ୍ତି ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୯୮୮ କୁ ଛୁଇଁଛି। କରୋନା ପ୍ରଭାବକୁ ଦେଖି ଇରାନ ଜେଲରେ ବନ୍ଦୀ ଥିବା ହଜାର ହଜାର କଏଦୀଙ୍କୁ ମୁକ୍ତ କରିଛନ୍ତି। କରୋନା ସଂକ୍ରମଣକୁ ରୋକିବାକୁ ମାର୍ଚ୍ଚ୧୭ ମଙ୍ଗଳବାର ଇରାନ ଜେଲରୁ ୮୫ହଜାର କଏଦୀଙ୍କୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ଏନେଇ ସରକାର ସପ୍ତାହେ ପୂର୍ବରୁ ଜେଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ସମସ୍ତ କଏଦୀଙ୍କୁ ସରକାର ସାମୟିକ ଭାବେ ମୁକ୍ତ କରିଥିବା ଜଣାପଡ଼ିଛି। କିନ୍ତୁ ଯେଉଁ କଏଦୀଙ୍କର ଦଣ୍ଡାଦେଶ ୫ବର୍ଷରୁ ଊର୍ଦ୍ଧ୍ୱ ରହିଛି, ସେମାନଙ୍କୁ ଜେଲରୁ ମୁକ୍ତ କରାଯାଇନାହିଁ। ଯଦି କଏଦୀଙ୍କ ମଧ୍ୟରେ କରୋନା ବ୍ୟାପେ ତେବେ ବଡ଼ ଆକାରରେ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଆଗୁଆ ସତର୍କତା ଅବଲମ୍ବନ କରି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନା ମୁତାବକ କରୋନା ଭାଇରସ୍ ସଂକ୍ରମଣରେ ଇରାନ ବିଶ୍ୱର ତୃତୀୟ ଦେଶ। ଯେଉଁଠାରେ ସର୍ବାଧିକ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ପ୍ରଥମରେ ଚାଇନା ରହିଥିବା ବେଳେ ଇଟାଲୀ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପୋକମାଛି ଭଳି ଲୋକେ କରୋନାରେ ମରୁଛନ୍ତି।

## ସଂକ୍ଷେପରେ

### ସାଇବରକେଫ୍, ଗେମ୍ ପଏଣ୍ଟ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର(ବ୍ୟୁରୋ),୧୭।୩:** କରୋନାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରାଜଧାନୀର ସମସ୍ତ ସାଇବରକେଫ୍ ଓ ଗେମ୍ ପଏଣ୍ଟ ଗୁଡ଼ିକୁ ବନ୍ଦ ରଖିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଯୋଗୁ ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାର ଫିଙ୍ଗରପ୍ରିଣ୍ଟ ସିଷ୍ଟମକୁ ବନ୍ଦ କରାଯାଇଥିବା ବେଳେ ଏବେ ଏହି ନିଷ୍ପତ୍ତି ନିଆଯାଇଛି। କୌଣସି ପଦାର୍ଥକୁ ବାରମ୍ବାର ଅନେକ ଲୋକ ଛୁଉଁଥିବା ଯୋଗୁ ଏହି ଭାଇରସ୍ ସଂକ୍ରମଣ ହେବାର ଆଶଙ୍କା ରହୁଛି। ଫଳରେ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯିବା ସହିତ ପରବର୍ତ୍ତି ନିର୍ଦ୍ଦେଶନାମା ଜାରି ନ ହେବା ପର୍ଯ୍ୟନ୍ତ ଏଗୁଡ଼ିକୁ ବନ୍ଦ ରଖିବା ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତିନୋଟି ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଏହି ନିୟମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

### ଖଳାରେ ପହଞ୍ଚିଲା ୪ର୍ଥ ପର୍ଯ୍ୟାୟ ଚିରଟ କାଠ



**ପୁରୁଣା ଭୁବନେଶ୍ୱର, ୧୭। ୩ (ଡି.ଏନ.ଏ.):** ରଥଖଳାରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ଚକ ପରାଯିବା ପରେ ମହାରଣା ସେବାୟତମାନେ କାମ ଜାରି ରଖିଛନ୍ତି। ଅପରାହ୍ନରେ କଟକ ଖପୁରିଆ ସରକାରୀ ସ' ମିଲ୍‌ରୁ ୪ର୍ଥ ପର୍ଯ୍ୟାୟ ଚିରଟ କାଠ ଆସି ରଥଖଳାରେ ପହଞ୍ଚିଛି। ତେନ୍ତୁଳି କାଠର ୨୫ ଫୁଟ ଲମ୍ବା ୨ଟି ଅଖ, ସମାନ ଲମ୍ବର ପାଞ୍ଚ ଦଣ୍ଡା ଏବଂ ଅନ୍ୟାନ୍ୟ ରଥ ସରଞ୍ଜାମ କାଠ ଆସିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପ୍ରିଲ ୧ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ତଥା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହେବ। ମହାରଣା ସେବାୟତ ନେତ୍ରସ୍ୱବ ଦିନ ରଥ ନିର୍ମାଣ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି।

# ରାଜଧାନୀରେ ଆମେରିକା ନିର୍ମିତ ବନ୍ଧୁକ

## ୨ ବନ୍ଧୁକ ଜବତ, ଜଣେ ଗିରଫ



**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ରାଜଧାନୀରେ ଚୋରା ପିସ୍ତଲ କାରବାର, ବନ୍ଧୁକ ମୁନରେ ଲୁଟ୍‌ପାଟ ଭଳି ଘଟଣା ବଢ଼ିଚାଲିଛି । ସୋମବାର ରାତିରେ ବୁଦ୍ଧପାର୍କ ନିକଟରେ କ୍ୟୁଏଟି ଓ ଚନ୍ଦ୍ରଶେଖରପୁର ଥାନା ପୋଲିସର ମିଳିତ ଚଢ଼ାଉରେ ଦେଶୀ ଓ ଆମେରିକା ନିର୍ମିତ ପିସ୍ତଲ ଜବତ କରାଯାଇଛି। ସହଯୋଗୀ କାହ୍ନା ଦିଗଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପିଙ୍କୁ ଦିଗଲ(୩୦) ଙ୍କୁ ଗିରଫ କରିଛି କ୍ୟୁଏଟି ଟିମ୍। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲା ଫୁଲବାଣୀ ଥାନା ଅନ୍ତର୍ଗତ ଡୁମୁରିଗୁଡ଼ା ଗ୍ରାମରେ। ସେ ଦୀର୍ଘଦିନ ହେବ ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହୁଥିଲେ। ସୂଚନା ମୁତାବକ ସୋମବାର ରାତିରେ ୨ଅଭିଯୁକ୍ତ ଲୁଟ୍‌ପାଟ ବା ପିସ୍ତଲ ଡିଲ୍ କରିବା ନେଇ ବୁଦ୍ଧ ପାର୍କ ନିକଟରେ ଅପେକ୍ଷା କରିଥିଲେ। କ୍ୟୁଏଟି ନିକଟରେ ବିଶେଷ ସୂତ୍ରରୁ ଖବର ପହଁଚିଥିଲା। ପିଙ୍କୁଙ୍କୁ ଯାଞ୍ଚ କରିବା ପରେ ତାଙ୍କ ଅଣ୍ଟାରୁ ଏକ ଆମେରିକା ନିର୍ମିତ ୯ ଏମ୍‌ଏମ୍ ପିସ୍ତଲ, ମାଗାଜିନ୍ ଓ ପ୍ୟାଣ୍ଟ ପକେଟରୁ ୨ ରାଉଣ୍ଡ୍ ଗୁଳି ମିଳିଥିଲା। ପିଙ୍କୁ ବ୍ୟବହାର କରୁଥିବା ପଲ୍‌ସର ବାଇକ (ଓଡି ୩୩ ଏମ ୯୮୪୧)କୁ ଯାଞ୍ଚ କରିବା ପରେ ସିଟ୍ ତଳୁ ଏକ ଦେଶୀ ରିଭଲ୍‌ଭର ଏବଂ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରାଯାଇଥିଲା। ପୋଲିସ ୧୩୪/୨୦ରେ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଫେରାର ରାଜା ବାଲୁଗାଁରୁ ଗିରଫ, ପିସ୍ତଲ୍ ଜବତ

### ବାହାଦଲପୁରରେ ବାପ ପୁଅଙ୍କୁ ଗୁଳିମାଡ଼ ଘଟଣା

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ବାହାଦଲପୁର ଗୁଳିମାଡ଼ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ପିସ୍ତଲ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ରାଜା ବିଶୋଇ। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ମୁତାବକ ସରକନ୍ତରା ବାହାଦଲପୁର ଗ୍ରାମରେ ଡ୍ରଗ୍ସ ଓ ଜମିବାଡ଼ି କାରବାରକୁ ନେଇ ଗତ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟାରେ ବାପ ଓ ପୁଅଙ୍କୁ ଗୁଳିମାଡ଼ ହୋଇଥିଲା । ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଅନିଲ କୁମାର ଜେନା ଓରଫ ପପୁଙ୍କର ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଅଭିମନ୍ୟୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏ ନେଇ ପୋଲିସ ୬୩୫/୧୯ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାପି ଓରଫ ଭରତ କୁମାର ସାହୁ, ହାପି ଓରଫ ଦୁର୍ଗା ପ୍ରସାଦ ସାହୁ , ରାଜା



ବିଶୋଇ ଓ ତାଙ୍କର ୩ ସହଯୋଗୀ ପୁଲକ୍ ହାତୀ, ଆଲୋକ ପ୍ରଧାନ ଓ ଚିତ୍ତରଞ୍ଜନ ପରିଜା ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା। ଘଟଣାର ୪୬ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବାପି ଓ ହାପିଙ୍କୁ ରାୟଗଡ଼ା ଜିଲ୍ଲା ହାତିଖମ୍ବେ ଅଞ୍ଚଳରୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ଏକ ପିସ୍ତଲ୍, ୨ଟି ବାଇକ ଜବତ କରାଯାଇଥିଲା। ହେଲେ ଅନ୍ୟତମ ଅଭିଯୁକ୍ତ ରାଜା ବିଶୋଇ ଫେରାର ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କରୋନା ଆକ୍ରାନ୍ତଙ୍କ ଗ୍ରାମକୁ ବିଶୋଧନ କରିବାକୁ ଦାବି

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ଦୁଇଦିନ ତଳେ ଚିହ୍ନଟ ହୋଇଥିବା ଓଡ଼ିଶାର ପ୍ରଥମ କରୋନା ଭାଇରସ୍ ଆକ୍ରାନ୍ତଙ୍କ ଘର ଭୁବନେଶ୍ୱର ଅଞ୍ଚଳରେ ହୋଇଥିବାରୁ ଏହା ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜାଇଦେଇଛି। ହେଲେ ଏଯାଏ ସଚେତନତା କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଭୁବନେଶ୍ୱର ମହାନଗର ନିଗମ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟିଦେବାକୁ ଗ୍ରାମ୍ୟ କମିଟି ଏବଂ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଦାବି ହେଉଛି। କରୋନା ଆକ୍ରାନ୍ତ ଯୁବକ ରହୁଥିବା ସମଗ୍ର ଅଞ୍ଚଳକୁ ଭଲଭାବେ ବିଶୋଧନ କରିବା ସହ ସେହି ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଜଳଉସ ଓ ୫ରୁ ଏକାଧିକ ଗଡ଼ିଆ (ପୋଖରୀ)କୁ ପରିଷ୍କାର ସହ ବିଶୋଧନ କରିବାକୁ ନିବେଦନ କରାଯାଇଛି। ଏନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ବାତିଲ ହୋଇନି ବିଇଡି ପରୀକ୍ଷା

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

### ୨୧ରେ ଆନ୍ଧ୍ର ଯିବେ ୫ ହଜାର ଛାତ୍ରୀଛାତ୍ର

କରୋନା ଭାଇରସ୍ ପ୍ରତିକାରକୁ ନେଇ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ସହ ପରୀକ୍ଷାକୁ ମଧ୍ୟ ବାତିଲ କରିଦେଇଛନ୍ତି। କିନ୍ତୁ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟ ଅଧୀନରେ ବିଇଡି କରୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ବାତିଲ ହୋଇନାହିଁ। ଆସନ୍ତା ୨୩ ତାରିଖରେ ଆନ୍ଧ୍ର ପ୍ରଦେଶରେ ଗୁଣ୍ଟୁର ଜିଲାରେ ସେମାନଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାର ୫ହଜାରରୁ ଅଧିକ ଛାତ୍ରୀଛାତ୍ର ୨୧ରେ ଆନ୍ଧ୍ର ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଏନେଇ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ପରୀକ୍ଷା ବାତିଲ୍ କରିବା ପାଇଁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ଥିବା ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଇଡି କରୁଛନ୍ତି। ସେମାନଙ୍କ ଗତ କିଛି ଦିନ ହେବ ପରୀକ୍ଷା ସରିଥିବା ବେଳେ ଆସନ୍ତା ୨୩ ତାରିଖରୁ ପ୍ରାକ୍ଟିକାଲ୍ ପରୀକ୍ଷା ଆରମ୍ଭ ହେଉଛି। ଉକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ବିଇଡି କରୁଥିବା ଢେଙ୍କାନାଳ ଜିଲାର ବିଶ୍ୱଜିତ୍ ସାମଲଙ୍କ କହିବା ଅନୁଯାୟୀ ମାର୍ଚ୍ଚ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତାଙ୍କର ପରୀକ୍ଷା ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ଟ୍ରେନ ଯାତ୍ରା ସବୁଠୁ ଅସୁରକ୍ଷିତ କୁହାଯାଉଥିବା ବେଳେ ଏତେ ସଂଖ୍ୟକ ଛାତ୍ରୀଛାତ୍ର ଆନ୍ଧ୍ର ଯିବାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି।

# ମହାଲେଖାକାର କାର୍ଯ୍ୟାଳୟରେ କରୋନା ସଚେତନତା ହେଲ୍‌ପ ଡେସ୍କ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ମହାମାରୀ କରୋନା(କୋଭିଡ-୧୯) ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ମହାଲେଖାକାର (ଆକାଉଣ୍ଟାଣ୍ଟ ଜେନେରାଲ) କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜ୍ୟ ସେଣ୍ଟ ଜନ ଆମ୍ବୁଲାନ୍ସ ସହଯୋଗରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପେନ୍‌ସନ ଭୋଗୀ, ଭବିଷ୍ୟନିଧି ଉପଭୋକ୍ତା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ଏକ ହେଲ୍‌ପ ଡେସ୍କ ଖୋଲାଯାଇଛି। ସେଠାରେ କରୋନା ମୁକାବିଲା ଓ ଭୂତାଣୁ ସଂକ୍ରମଣରୁ ନିଜକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସେଣ୍ଟ ଜନ ଆମ୍ବୁଲାନ୍ସର ତାଲିମ ପ୍ରାପ୍ତ ପ୍ରଶିକ୍ଷକମାନେ ହାତଧୋଇବାର ପଦ୍ଧତି, ଘରୋଇ ସୁରକ୍ଷିତ ଜୀବନ ଯାପନ ପ୍ରଣାଳୀ ତଥା ଭ୍ରମଣବେଳେ କେଉଁ ସବୁ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଦରକାର ସେ ନେଇ ଉପସ୍ଥାପନ କରିଥିଲେ । ଯଦି ସଂକ୍ରମିତ ରୋଗୀ ସଂପର୍ଶରେ ଆସନ୍ତି ତେବେ ତା'ର ପ୍ରତିକାର କିପରି ହେବ ତାହା ଦୃଶ୍ୟ ଓ ଶବ୍ଦ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ମହିଳା ପ୍ରଶିକ୍ଷକମାନେ ସରଳ ଓ ବିକଳ୍ପ ମାସ୍କ ଏବଂ ସାନିଟାଇଜର ତିଆରି ପ୍ରଣାଳୀ ପ୍ରଦର୍ଶନ କରିଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ମହାଲେଖାକାର ଯଶୋଧାରା ରାୟ ଚୌଧୁରୀ, ଉପ ମହାଲେଖାକାର ନନ୍ଦ ଦୁଲାଲ ଦାସ, ମଶରୁର ଅହମ୍ମଦ, ଜ୍ୟୋତି ଗୌରାସିଆ, କେ ସୁରଜିତ, କଲ୍ୟାଣ ଅଧିକାରୀ, ବିବେକାନନ୍ଦ ପାତ୍ର, ମହାଲେଖାକାରଙ୍କ ସ୍ୱତନ୍ତ୍ର ଅଧିକାରୀ ସୁଚିତ୍ରା ଭଞ୍ଜଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଓ ପେନ୍‌ସନ ଭୋଗୀ ଯୋଗ ଦେଇଥିଲେ।

# ନୟାପଲ୍ଲୀର ୩ଟି ୱାର୍ଡରେ ସଫେଇ ଠପ୍

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ତତ୍ପରତା ପ୍ରକାଶ କରୁଛି। କରୋନା ପାଇଁ ଭୁବନେଶ୍ୱର ୬୭ୱାର୍ଡର ପରିମଳ ବ୍ୟବସ୍ଥାର ତଦାରଖ ପାଇଁ ବିଏମ୍‌ସି ୩୧ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଯେଉଁମାନେ ସକାଳ ୮ରୁ ମଧ୍ୟାହ୍ନ ୧ ଯାଏ ଦିଆଯାଇଥିବା ୱାର୍ଡ ବୁଲି ପରିମଳ ବ୍ୟବସ୍ଥା ତଦାରଖ କରିବାକୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ମଙ୍ଗଳବାର ନୟାପଲ୍ଲୀ ଅଞ୍ଚଳର ୩୭,୩୮,୩୯ ୱାର୍ଡ଼କୁ ସଫେଇ କର୍ମଚାରୀମାନେ ସଫା କରି ନାହାନ୍ତି। ଏପଟେ କରୋନା ଡର ସମସ୍ତଙ୍କୁ ଘାରିଥିବାବେଳେ ସେପଟେ ୱାର୍ଡ଼ ସଫେଇ ନ ହେବା ୱାର୍ଡ଼ବାସୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବାବେଳେ ଠିକାସଂସ୍ଥା ଜାଗୃତି ଓ ରାମ୍‌କୀଠାରୁ ମିଳୁଥିବା ବେତନ ବିବାଦ ଯୋଗୁ ସଫେଇ କର୍ମଚାରୀ ସମୂହ କାମ



ବର୍ଜନ କରିଥିବା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ନୂଆପଲ୍ଲୀର ୱାର୍ଡ ନଂ ୩୭, ୩୮, ୩୯ର ପ୍ରାୟ ୮୦ଜଣ ଝାଡୁଦାର ଟ୍ରଲି, ଟ୍ରାକ୍ଟର, ଅଟୋ ଇତ୍ୟାଦି ବନ୍ଦ ରଖି ଦେବରାୟ କଲେଜ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଏକତ୍ରିତ ହୋଇଥିଲେ। ଝାଡୁଦାର ସଂଘ ସଭାପତି ସହଦେବ ନାଏକଙ୍କ କହିବା ମୁତାବକ ରାଜ୍ୟ ସରକାର ସଫେଇ କର୍ମଚାରୀଙ୍କ ପାଇଁ ୨୮୦ ଟଙ୍କା ମଜୁରି ବ୍ୟବସ୍ଥା କରିଛନ୍ତି। କିନ୍ତୁ ଉଭୟ ଠିକାସଂସ୍ଥା ସଫେଇ କର୍ମଚାରୀଙ୍କୁ ୧୯୦ଟଙ୍କା ଦେଇ ବଳକା ଟଙ୍କାକୁ ଆତ୍ମସାତ କରୁଛନ୍ତି। ସଫେଇ କର୍ମଚାରୀ ୬ମାସ ତଳେ ସମୂହ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ଯେଉଁଥିରେ କର୍ମଚାରୀଙ୍କୁ ସର୍ବାଧିକ ୨୩୦ ଟଙ୍କା ଦେବା ଦାବିକୁ ମାନିନେଇ ପରମୁହୂର୍ତ୍ତରେ ସମୟ ଗଡ଼େଇ ଚାଲିଲେ। ଯାହା ଆଜିଯାଏ ଲାଗୁ ମଧ୍ୟ ହୋଇପାରିନି ବୋଲି ସହଦେବ କହିଛନ୍ତି।

ସଫେଇ ବନ୍ଦ ଖବରପାଇ ନୟାପଲ୍ଲୀ ଅଞ୍ଚଳର ସାମାଜିକ କର୍ମୀ ଅର୍ଜୁନ ବେହେରା ଓ ସମରେନ୍ଦ୍ର ଜେନା ସେଠାରେ ପହଞ୍ଚି ରାମ୍‌କୀ ଅଫିସରଙ୍କ ଉପସ୍ଥିତିରେ ଏହାକୁ ଶୀଘ୍ର ସମାଧାନ କରି ଅଞ୍ଚଳର ସ୍ୱଚ୍ଛତା ବଜାୟ ରଖିବା ସହ କରୋନା ଭୂତାଣୁ ବ୍ୟାପିବାକୁ

### ବିଧାୟକଙ୍କ ହସ୍ତକ୍ଷେପ ପରେ ମାନିଲେ କର୍ମଚାରୀ, ଆଜିଠୁ ସଫେଇ

ଏଡ଼ାଇବା ନେଇ ରାଜ୍ୟ ସରକାର ଦେଇଥିବା ପଦକ୍ଷେପକୁ ଅଧିକରୁ ଅଧିକ ଧ୍ୟାନ ଦେବା ପାଇଁ ବୁଝାଇଥିଲେ। ହେଲେ ସଫେଇ କର୍ମଚାରୀମାନେ ନ ବୁଝିବାରୁ ଉଭୟ ଅର୍ଜୁନ ଏବଂ ସମରେନ୍ଦ୍ର ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ଏଭଳି ସଙ୍ଗିନ ସ୍ଥିତିରେ ସଫେଇ କର୍ମଚାରୀଙ୍କ କାମ ବର୍ଜନ ନିଷ୍ପତ୍ତି ନୂଆପଲ୍ଲୀ ଅଞ୍ଚଳକୁ ବିପଦ ଆମନ୍ତ୍ରଣ କରିବାକୁ ଯାଉଥିବାରୁ ବିଧାୟକ ଜେନା ଠିକାସଂସ୍ଥା ସଫେଇ କର୍ମଚାରୀଙ୍କୁ ବିଏମ୍‌ସି ଅଫିସକୁ ଡକେଇ ଏହି ସମସ୍ୟାକୁ ସମାଧାନ କରିଥିବା ଜଣାପଡ଼ିଛି। ବୁଧବାରଠାରୁ ପୂର୍ବଭଳି ନୂଆପଲ୍ଲୀର ଏହି ତିନୋଟି ୱାର୍ଡରେ ସଫେଇ ଆଗଭଳି ଚାଲୁରହିବ ବୋଲି ରାମ୍‌କୀ ଓ ବିଏମ୍‌ସି ତରଫରୁ ସୂଚନା ଦିଆଯାଇଛି।


| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920



ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର। କେବଳ ଈଶ୍ୱର ବ୍ୟତୀତ ଅନ୍ୟ କାହାରି ନିକଟରେ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାରାଚ୍ୟୁଟରୁ ଖସିଥିବା ଯୁବକ ଉଦ୍ଧାର



**ଚୌଦ୍ୱାର,୧୭।୩(ଡି.ଏନ୍.ଏ.):** ପାରାଚ୍ୟୁଟ ସହିତ ବିଲ ମଝିରେ ଖସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ଚୌଦ୍ୱାର ପୋଲିସ ଉଦ୍ଧାର କରିଛି। ସେ ହେଲେ ରାଜସ୍ଥାନ ଜୟପୁର ଅଞ୍ଚଳର ପି.ଆଚାର୍ଯ୍ୟ। ସୂଚନା ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତର ପଣ୍ଡୁଆ ଗ୍ରାମ ନିକଟ ଏକ ବିଲରେ ଏକ ପାରାଚ୍ୟୁଟ ଖସିଥିବା ଦେଖି ସ୍ଥାନୀୟ ଲୋକେ ଏକତ୍ରିତ ହୋଇଥିଲେ। ବିଲ ମଝିରେ ପାରାଚ୍ୟୁଟକୁ ସଜାଡୁଥିବା ଯୁବକଙ୍କୁ ନାମ ପଚାରିବାରୁ ସେ କୌଣସି ଉତ୍ତର ନ ଦେବାରୁ ଲୋକମାନଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ପାରାଚ୍ୟୁଟ ସହିତ ଉଦ୍ଧାର କରି ପ୍ରତିରକ୍ଷା ବିଭାଗର ଚୌଦ୍ୱାରସ୍ଥିତ ଉଡ଼ାଣ ଗବେଷଣା କେନ୍ଦ୍ର(ଏଆରସି) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ସେ ଏଆରସିରେ ପାଇଲଟ ଟ୍ରେନିଂ ନେଉଥିବା ପ୍ରକାଶ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### କେଲୁଣୀ ମୁହାଣରେ ଲାଗିଲା ଜାହାଜ ସାଂକେତିକ ସ୍ତମ୍ଭ



**କୋଣାର୍କ/ଅସ୍ତରଙ୍ଗ,୧୭।୩(ଡି.ଏନ.ଏ):** କୋଣାର୍କ ଥାନା ଅଧୀନ ଶିଶୁଅ ପଞ୍ଚାୟତର ତଣ୍ଡାଘର କେଲୁଣୀ ମୁହାଁଣ ନିକଟରେ ଏକ ଜାହାଜର ଭାସମାନ ସାଂକେତିକ ସ୍ତମ୍ଭ ଲାଗିଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହାକୁ ଜାଣି ନ ପାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅନୁସନ୍ଧାନ କରିବା ପରେ ଏହା ଏକ ସାମୁଦ୍ରିକ ଭାସମାନ ସାଂକେତିକ ସ୍ତମ୍ଭ ବୋଲି ଜାଣିବାକୁ ପାଇଛି। କେଉଁଠୁ ଏହା ଭାସିଆସି ଏଠାରେ ଲାଗିଛି ତାହା ଜଣାପଡ଼ିନାହିଁ। ଜାହାଜଗୁଡ଼ିକ ଚଳାଚଳ ବେଳେ ଦିଗ ନିରୂପଣ କରିବା ସହ ଲଙ୍ଗର ପକାଇବା ଓ ସମୁଦ୍ରର ଢେଉ ନିୟନ୍ତ୍ରଣ ନିମନ୍ତେ ଏହାକୁ ବ୍ୟବହାର କରାଯାଇଥାଏ। ସମୁଦ୍ରରେ କୌଣସି ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଗଲେ ସେହି ସ୍ଥାନ ଦେଇ ଚଳାଚଳ କରୁଥିବା ଅନ୍ୟ ଜାହାଜ, ଷ୍ଟିମରକୁ ସଂକେତ ଦେବା ପାଇଁ ସେଠାରେ ଲଙ୍ଗର ଭଳି ଏହି ଭାସମାନ ସାଂକେତିକ ସ୍ତମ୍ଭକୁ ବ୍ୟବହାର କରାଯାଇଥାଏ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଏହି ସ୍ତମ୍ଭଟିକୁ ସ୍ଥାନୀୟ ଲୋକେ ରଶିରେ ଟାଣି କୂଳକୁ ଆଣିଥିଲେ।

# ସବୁ ୱାର୍ଡରେ ହେବ କ୍ୱାରାଣ୍ଟାଇନ୍ ସେଣ୍ଟର

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

### ୱାର୍ଡ ଅଫିସରଙ୍କୁ ସର୍ଭିଲାନ୍ସ ଦାୟିତ୍ୱ

- ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କରିବେ ସ୍ୱଚ୍ଛସାଥୀ
- ସିଞ୍ଚନ ଓ ବିଶୋଧନ ପ୍ରକ୍ରିୟା ନିୟମିତ କରିବାକୁ ପରାମର୍ଶ
- ଘରକୁ ଘର ବୁଲି କରାଯିବ ସଚେତନ, ଆଇଇସି ଅଭିଯାନ ଆରମ୍ଭ

ମାରାତ୍ମକ କରୋନା ଭାଇରସ୍ ମୁକାବିଲା ପାଇଁ ଭୁବନେଶ୍ୱରର ପ୍ରାୟ ସମସ୍ତ ୱାର୍ଡରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯିବ। ସହରରେ ଥିବା କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଆଶ୍ରୟ ଗୃହ ଏବଂ ସରକାରୀ କୋଠାଗୁଡ଼ିକରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏଠାରେ ନିୟମିତ ବିଜୁଳି ଓ ଜଳଯୋଗାଣ ସୁବିଧା ରହିବ। ସମସ୍ତ କୋଠାକୁ ଭଲଭାବେ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସାନିଟାଇଜ୍ କରିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ୱାର୍ଡ ଅଫିସରମାନେ ସେମାନଙ୍କ ଅଞ୍ଚଳର ସର୍ଭିଲାନ୍ସ ଅଫିସର ଭାବେ କାର୍ଯ୍ୟ କରିବେ ବୋଲି କମିଶନର ଚୌଧାରୀ କହିଛନ୍ତି। ସ୍ୱଚ୍ଛ ସାଥୀମାନଙ୍କୁ ବର୍ଜ୍ୟବସ୍ତୁ ନିୟନ୍ତ୍ରଣରେ ମୁତୟନ କରାଯିବା ସହ ବିଗତ ୧୫ଦିନ ଭିତରେ ଯଦି ସହରକୁ କୌଣସି ବ୍ୟକ୍ତି ବିଦେଶରୁ ଆସିଥାନ୍ତି ସେମାନଙ୍କର ସମ୍ପର୍କରେ ଖବର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଧୂଆଁ ଛାଡ଼ିବା ଓ ସିଞ୍ଚନ ଯନ୍ତ୍ର ନିୟମିତ ଭାବେ ସହରରେ ବ୍ୟବହାର କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ମେଶିନ କିଣାଯାଇଛି।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ସହରରେ ଥିବା ସମସ୍ତ ପାର୍କ ଦିନ ୨ଟା ପରଠୁ ବନ୍ଦ ରଖାଯାଇଛି। ପାର୍କରେ ଥିବା ମୁକ୍ତାକାଶ ବ୍ୟାୟାମଶାଳାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିବା ଜଣାପଡ଼ିଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଏମ୍‌ସି ଇନ୍‌ଫରମେଶନ, ଏଜୁକେଶନ ଓ କମ୍ୟୁନିକେଶନ (ଆଇଇସି) ଅଭିଯାନ ଆରମ୍ଭ କରିଛି। କେବଳ ସଚେତନ ରଥରେ ସଚେତନତା ନ କରି ବିଏମ୍‌ସି କର୍ତ୍ତୃପକ୍ଷ ଏବେ ତଳ ସ୍ତରରେ ଘରକୁ ଘର ବୁଲି ସଚେତନ କରିବେ ବୋଲି ଜଣାପଡ଼ିଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ବିଏମ୍‌ସି ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଜାରି କରାଯାଇଥିବା କମିଶନର ଚୌଧାରୀ କହିଛନ୍ତି।

# ଘରୋଇ ସିଟି ବସ୍, ମୋ ବସ୍‌ରେ କଟକଣା ଉଲ୍ଲଂଘନ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**




ମୋ ବସ୍‌ରେ ଯାତ୍ରୀମାନେ ଠିଆ ହୋଇ ଯାଉଛନ୍ତି।

- ନିଆଯାଉଛି ସିଟ୍‌ଠାରୁ ଅଧିକ ଯାତ୍ରୀ
- ସଚେତନ ହେଉନାହାନ୍ତି କର୍ତ୍ତୃପକ୍ଷ
- ବିନା ମାସ୍କରେ ରହୁଛନ୍ତି ବସ୍ କର୍ମଚାରୀ

କରୋନା ଭାଇରସ ସଂକ୍ରମଣକୁ ଯଥାସମ୍ଭବ ରୋକିବା ପାଇଁ ସରକାରୀ ଓ ଘରୋଇ ବସ୍ ପାଇଁ କଟକଣା ଜାରି କରାଯାଇଛି। ସିଟ୍‌ଠାରୁ ଅଧିକ ଯାତ୍ରୀ ନ ନେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିୟମ ଉଲ୍ଲଂଘନ ହେଲେ ବସ୍ କର୍ମଚାରୀ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଏ ନେଇ ଯାଞ୍ଚ କରିବେ। ସେହିଭଳି ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ହେଲେ ଉତ୍ତମ ସେବା ପାଇଁ ରାଜ୍ୟ ସରକାରଙ୍କ 'ମୋ ବସ୍'ରେ ଏହି କଟକଣା ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ଏହାକୁ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଯାତ୍ରୀଙ୍କ ମନରେ ସଂକ୍ରମଣ ଭୟ ରହୁଛି। ମଙ୍ଗଳବାର ରୁଟ୍ ନଂ.୧୧ରେ ଚଳାଚଳ କରୁଥିବା 'ମୋ ବସ୍' (ନଂ. ଓଡି ୩୩ ଭି ୨୬୧୭)ରେ ସରକାରୀ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖାଯାଇଥିଲା। ବସ୍ ଡ୍ରାଇଭର ଓ କଣ୍ଡକ୍ଟର ବିନା ମାସ୍କରେ ରହି ଯାତ୍ରୀଙ୍କ ସଂସ୍ପର୍ଶରେ ଆସୁଥିଲେ। ତେବେ ଏହି ଅଭିଯୋଗକୁ କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଅଧିକାଂଶ ସମୟରେ ମୋ ବସ୍ ଜଣେ ଜଣେ ଯାତ୍ରୀଙ୍କୁ ନେଇ ଯାତାୟାତ କରୁଛି। ଓଭର ଲୋଡିଂ କେବେ ବି ହୋଇ ନ ଥିବ। କିନ୍ତୁ ସମସ୍ତ କର୍ମଚାରୀଙ୍କ ପାଇଁ ମାସ୍କ ଉପଲବ୍ଧ ନାହିଁ। ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବଙ୍କୁ ମାସ୍କ ଯୋଗାଇ ଦେବା ପାଇଁ କ୍ରୁଟ୍ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ଏଯାଏ ମିଳିପାରିନି। ତେବେ କରୋନାକୁ ନେଇ 'ମୋ ବସ'ରେ ଲୋକଙ୍କୁ ସଚେତନ କରାଯାଉଛି। ନିୟମିତ ଭାବେ ହାତ ଧୋଇବା ସହିତ ସାନିଟାଇଜର୍ ଲିକ୍ୱିଡ୍ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଉଛି।

ସେହିପରି ସହରରେ ଚଳାଚଳ କରୁଥିବା ଘରୋଇ ସିଟି ବସ୍‌ଗୁଡିକ ମଧ୍ୟ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ବସ୍ ମାଲିକ ଓ କର୍ମଚାରୀମାନେ ସଚେତନ ରହୁ ନ ଥିବାରୁ ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ମୋ ବସ୍ ଭଳି ଘରୋଇ ସିଟି ବସ୍‌ରେ ସିଟ୍‌ଠାରୁ ଅଧିକ ଯାତ୍ରୀଙ୍କୁ ନିଆଯାଉଥିବା ଦେଖିବାକୁ ମିଳିଛି। ଅଧିକ ଲୋକ ନ ହେଲେ ବେପାର କରିହେବ ନାହିଁ ବୋଲି ବସ୍ କର୍ତ୍ତୃପକ୍ଷ କହୁଛନ୍ତି। ଖୋଦ୍ ରାଜଧାନୀରେ ନିୟମ ଉଲ୍ଲଂଘନକୁ ନଜର ନ ଥିବାବେଳେ ରାଜ୍ୟର ଅନ୍ୟ ସହରରେ ସ୍ଥିତି କିପରି ଥିବ ତାହା ସହଜରେ ବାରିହୋଇପଡୁଛି। ଏପରିସ୍ଥଳେ ପରିବହନ ମନ୍ତ୍ରୀଙ୍କ ପରାମର୍ଶ ପାଣିର ଗାର ହୋଇଛି। ନିଜ ଆଡୁ ସତର୍କ ହେବୁ କିପରି ବୋଲି ଯାତ୍ରୀମାନେ ପ୍ରଶ୍ନ କରିଛନ୍ତି।



ଶ୍ରୀମନ୍ଦିର ନୀଳଚକ୍ରର ପତିତପାବନ ବାନା ଉପରେ ମଙ୍ଗଳବାର ସକାଳେ ଏକ ବାଜପକ୍ଷୀ ବସିଛି।

# ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ, ପର୍ଯ୍ୟଟକଙ୍କୁ ବାରଣ

**ବାଲୁଗାଁ, ୧୭।୩(ଡି.ଏନ.ଏ.)**

କରୋନା ସଂକ୍ରମଣ ଆଶଙ୍କାରେ ଚିଲିକାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ଡଙ୍ଗା ଚଳାଚଳକୁ ନିଷିଦ୍ଧ କରାଯାଇଛି। ଏନେଇ ବାଲୁଗାଁ ଏବଂ ବଡ଼କୂଳ ପାନ୍ଥନିବାସରେ କଟକଣା ଲଗାଯାଇଛି। ଏଠାକୁ ରାଜ୍ୟ ବାହାରୁ ଓ ବିଦେଶୀ ପର୍ଯ୍ୟଟକ ରହଣି ପାଇଁ ଆସୁଥିବାରୁ ଏହା ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡଗୁଡ଼ିକରେ ୪-୫ଜଣରୁ ଅଧିକ ଲୋକ ଏକତ୍ରିତ ନ ହେବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି।

## ଅକ୍ଷମଙ୍କ ପାଇଁ ଉଦାହରଣ



ଡ. ଆଶିଷ କୁମାର ସାହୁ

# ଦୃଷ୍ଟିହୀନ ଆଶିଷ ଏବେ ଅଧ୍ୟାପକ

**କଟକ ଅଫିସ,୧୭।୩**

ଜନ୍ମରୁ ଦୃଷ୍ଟିହୀନ। ତଥାପି ଅକ୍ଷମତା ତାଙ୍କୁ ସଫଳତା ପଥରୁ ଦୂରେଇ ରଖିପାରିନି। ଅଗାଧ ପରିଶ୍ରମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଏବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପନା ଦାୟିତ୍ୱରେ ଅଛନ୍ତି। ଏହି ପ୍ରତିଭା ଜଣଙ୍କ ହେଲେ ଅଧ୍ୟାପକ ଡ. ଆଶିଷ କୁମାର ସାହୁ। ତାଙ୍କର ଏହି ସଫଳତା ପଛର ସଂଘର୍ଷମୟ କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

ଆଶିଷଙ୍କ ଘର ବରଗଡ ଜିଲା କଟାପାଲି ଅଞ୍ଚଳରେ। ବାପା, ମା, ତିନି ଭାଇ ଏବଂ ଗୋଟିଏ ଭଉଣୀଙ୍କୁ ନେଇ ତାଙ୍କ ପରିବାର। ପରିବାର ବୋଝ ଆଶିଷଙ୍କ ବାପା ଗୋପୀନାଥ ସାହୁଙ୍କ ମୁଣ୍ଡ ଉପରେ ଥାଏ। ଗୋପୀନାଥ ଏକ ସରକାରୀ ସ୍କୁଲ ଶିକ୍ଷକ ହୋଇଥିବାରୁ ଦୁଃଖକଷ୍ଟରେ ପରିବାର ଚଳିଯାଏ। ଆଶିଷ ଦେଖି ପାରୁ ନ ଥିଲେ ମଧ୍ୟ ବାପାଙ୍କ କଷ୍ଟକୁ ଅନୁଭବ କରିପାରୁଥିଲେ। ଅନ୍ୟପକ୍ଷରେ ପିଲାଦିନରୁ ଆଶିଷଙ୍କର ପାଠପଢାରେ ବହୁତ ଆଗ୍ରହ ଥିଲା। ନିଜେ ପାଠପଢା ପ୍ରତି ବିଶେଷ ଧ୍ୟାନ ଦେବା ସହିତ ସାଙ୍ଗସାଥୀଙ୍କୁ ଭଲ ପଢିବା ପାଇଁ ସବୁବେଳେ ଉପଦେଶ ଦେଉଥିଲେ। ଜ୍ଞାନ ହିଁ ପରମ ଧନ ବୋଲି ଆଶିଷଙ୍କର ବିଶ୍ୱାସ ରହିଛି। ଇତିମଧ୍ୟରେ ବୁର୍ଲା ଦୃଷ୍ଟିହୀନ ବିଦ୍ୟାଳୟରୁ ସେ ମାଟ୍ରିକ୍ ପାସ୍ କରିବା ପରେ ବୁର୍ଲା ଏନ୍‌ଏସି କଲେଜରେ ଯୁକ୍ତଦୁଇ ପଢିଥିଲେ। ପରେ ସ୍ନାତକ ପଢିବା ପାଇଁ କଟକ ଆସିଥିଲେ। ରେଭେନ୍‌ଶା କଲେଜରେ ଓଡ଼ିଆ ସମ୍ମାନରେ ସ୍ନାତକ ପାସ୍ କରି କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଲାଭ କରିଥିଲେ। ସେଠାରେ ଆଶିଷଙ୍କୁ କିଛି ସାଙ୍ଗ ବହୁତ ହଇରାଣ କରନ୍ତି। ବହିଠାରୁ ଆରମ୍ଭ କରି ନୋଟ୍ ପର୍ଯ୍ୟନ୍ତ କିଛି ସାହାଯ୍ୟ କରନ୍ତିନାହିଁ। ସେଠାରେ ଜଣେ ସାର୍ ଆଶିଷଙ୍କ ସହିତ ବେଶ୍ ଜଡିତ ଥିଲେ। ସେ ସବୁ ସମୟରେ ତାଙ୍କୁ ସହଯୋଗ କରୁଥିଲେ। ଯାହାକିଛି କ୍ଲାସରେ ଅଧ୍ୟାପକ ପଢାନ୍ତି ତାହାକୁ ରେକର୍ଡର ମାଧ୍ୟମରେ ରେକର୍ଡ କରି ବାରମ୍ବାର ଶୁଣନ୍ତି। ସେଥିରୁ ଯାହା ମନେରହେ ପରୀକ୍ଷାରେ ଲେଖନ୍ତି। ପିଜି ପାସ୍ କରିବା ସମୟରେ ରେଭେନ୍‌ଶାରେ ଅଧ୍ୟାପକ ପଦବୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଶିଷ ଏହି ପଦବୀ ପାଇଁ ଆବେଦନ କରିଥିଲେ। ୨୦୧୩ରେ ଅଧ୍ୟାପକ ଭାବେ ରେଭେନ୍‌ଶାରେ ଯୋଗଦେଇଥିଲେ। ଚଳିତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡିରେ ଡକ୍ଟରେଟ ପାଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜଣେ ଦକ୍ଷ ଅଧ୍ୟାପକ ଭାବେ ଯେମିତି ତାଙ୍କର ନାଁ ରହିଛି ସେମିତି ଭଲ ମଣିଷ ଭାବେ ମଧ୍ୟ ଖ୍ୟାତି ଅଛି। ଅନେକ ଦୃଷ୍ଟିହୀନ ଛାତ୍ରୀଛାତ୍ର ଇଚ୍ଛାଶକ୍ତି ଅଭାବରୁ ନିଜର କ୍ୟାରିୟର ଗଠନ କରୁପାରୁନାହାନ୍ତି। ଆଗାମୀ ଦିନରେ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଥିବା ଆଶିଷ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସୁଶାନ୍ତ



ମିଳନ



ସୋନୁ



ମନୋରଞ୍ଜନ



ବିଜୟ



ଗୋପାଳ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**DIRECT JOIN**
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

**URGENTLY REQUIRED**
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
*Salary negotiable.*
M-9437041228
9040268680

**ଆବଶ୍ୟକ**
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

**REQUIRED**
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ
Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR-1480, IRC Village
9040009727
8456845313

**ଆବଶ୍ୟକ**
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

**ଆବଶ୍ୟକ**
ସିକ୍ୟୁରିଟି ଗାର୍ଡ
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା।
M : 8917637741, 8342041401

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 40000/-
9777639313

**ବଢେଇ ଦରକାର!!**
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍କାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

**RAILWAY JOBS**
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

**URGENTLY REQUIRED**
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସୂର୍ଯ୍ୟମୁଖୀର ସଙ୍କଟକାଳ



ଦାନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ମକାରେ ଜଳସେଚନ



ଦିନର ତାପମାତ୍ରା ବଢୁଥିବାରୁ ପାଣିର ଆବଶ୍ୟକତା ବଢିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...

ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀ ଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଚରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।



# ପ୍ରାଣୀଙ୍କୁ କରୋନା ଭୂତାଣୁ ସଂକ୍ରମଣ ଓ ନିୟନ୍ତ୍ରଣ



କରୋନା (ଭୂତାଣୁ କୋଭିଡ୍-୧୯)ର ପ୍ରାଦୁର୍ଭାବ ଏବେ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଆମ ଦେଶରେ ମଧ୍ୟ ଏହି ଭୂତାଣୁ ସଂକ୍ରମଣ ଦେଖାଦେଇଛି। ଆମ ରାଜ୍ୟରେ ଏହି ଭୂତାଣୁ ସଂକ୍ରମଣ ଆଶଙ୍କାକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ଏହାକୁ ଏକ ରାଜ୍ୟ ବିପତ୍ତି ଭାବେ ଘୋଷଣା କରି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନା ଭୂତାଣୁ ମନୁଷ୍ୟ ଶରୀରର ତଳ ଶ୍ୱାସଯନ୍ତ୍ର ଯଥା – ଟାକ୍ରିଆ ଓ ଫୁସ୍‌ଫୁସ୍‌କୁ ସଂକ୍ରମଣ କରି ନିମୋନିଆ




ଥିବାରୁ (ଲୋୟର ରେସ୍ପିରେଟୋରି ଟ୍ରାକ୍ଟ) ନିମୋନିଆରେ ମନୁଷ୍ୟ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ। ଏଥିଯୋଗୁ ଚାଇନାରେ ମଧ୍ୟ ଅନେକ ଲୋକ ମୃତ୍ୟୁ ଲଭିବା ସହିତ ଧୀରେ ଧୀରେ ଆରୋଗ୍ୟ ଲାଭ କରିବା ଯୋଗୁ ଲୋକମାନଙ୍କ ମଧ୍ୟରେ ଏବେ ଆଶ୍ୱସ୍ତିଭାବ ଦେଖାଦେଇଛି। ଏହି କରୋନା ଭୂତାଣୁ ମନୁଷ୍ୟଠାରେ ଦେଖାଯାଇଛି ଏବଂ ମନୁଷ୍ୟଙ୍କଠାରୁ ମନୁଷ୍ୟକୁ ବ୍ୟାପୁଛି ବା ବ୍ୟାପିବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଏହି ଭୂତାଣୁ ପଶୁପକ୍ଷୀଙ୍କଠାରେ କ'ଣ ଦେଖାଦେଇଥାଏ ? ଏହି କରୋନା ଭୂତାଣୁ କ'ଣ ଏବଂ ଏହା ପ୍ରାଣୀ(ପଶୁପକ୍ଷୀ)ଙ୍କୁ ସଂକ୍ରମିତ କରିଥାଏ କି ନାହିଁ ସେ ବିଷୟରେ ଜାଣନ୍ତୁ ।



ଡା. ବୀରକିଶୋର ପରିଡ଼ା

**କରୋନା ଭୂତାଣୁ କ'ଣ –**

ଏହା ହେଉଛି ଗୋଟିଏ ସୂତାଖିଅ ପରି ଆର୍‌ଏନ୍‌ଏ ଯୁକ୍ତ ଭୂତାଣୁ, ଯାହାକି ସମସ୍ତ ସ୍ତନ୍ୟପାୟୀ ପ୍ରାଣୀ ଓ ପକ୍ଷୀମାନଙ୍କୁ ସଂକ୍ରମଣ କରିଥାଏ। ଏହି ଭୂତାଣୁ ମୁଖ୍ୟତଃ ଶ୍ୱାସନଳୀ ଓ ଅନ୍ତନଳୀଜନିତ ରୋଗ ସହିତ ଏନ୍‌ସେଫାଲୋମାଇଲାଇଟିସ୍, ହେପାଟାଇଟିସ୍, ସାଇନୋସାଇଟିସ୍ ଆଦି ପ୍ରାଣୀଙ୍କଠାରେ ସୃଷ୍ଟି କରିଥାଏ। ମନୁଷ୍ୟଠାରେ ଏହି ଭୂତାଣୁ ସାଧାରଣତଃ ଥଣ୍ଡାଜନିତ କାଶ, ଜ୍ୱର, ତଣ୍ଟିବ୍ୟଥା ଆଦି ସୃଷ୍ଟି କରିଥାଏ। ଏହି ଭୂତାଣୁ ମନୁଷ୍ୟଙ୍କଠାରେ ପ୍ରବେଶ କରିବାର ୨ରୁ ୧୪ ଦିନ ପରେ ସାଧାରଣତଃ (ସଂକ୍ରମଣ ସମୟ) ରୋଗର ଲକ୍ଷଣ ପ୍ରକାଶ ପାଇଥାଏ।

ସୂର୍ଯ୍ୟକିରଣ ଭଳି ଏହି ଭୂତାଣୁ ଗୋଲାକୃତି ହୋଇଥିବାରୁ ଏବଂ ଏହାର ଚତୁଃପାର୍ଶ୍ୱରେ ସୂର୍ଯ୍ୟଙ୍କ କିରଣ ଭଳି ଛୋଟ ଛୋଟ ଗଦାକୃତିର ଅଙ୍ଗୁଳି ଭଳି ପେପ୍‌ଲୋମିୟର ଅଙ୍ଗ ରହିଥିବା ହେତୁ ଏହାକୁ କରୋନା ଭୂତାଣୁ ଭାବରେ ନାମିତ କରାଯାଇଛି। ଏହି ଭୂତାଣୁ କରୋନା ଭିରିଡେ ପରିବାରର ଅନ୍ତର୍ଭୁକ୍ତ। ଭୂତାଣୁର ବ୍ୟାସାର୍ଦ୍ଧ ୧୦୦ ନାନୋମିଟର ବା ୭୫ ରୁ ୧୬୦ ନାନୋମିଟର ମଧ୍ୟରେ ପରିବର୍ତ୍ତିତ ହୋଇଥାଏ। ଏହି ଭୂତାଣୁର କେନ୍ଦ୍ରସ୍ଥଳରେ ଆର୍‌ଏନ୍‌ଏ ଥିବାବେଳେ ଏହାର ଚତୁଃପାର୍ଶ୍ୱରେ ଗୋଲାକୃତି ନିୟକ୍ଲିଓ କାପ୍‌ସିଡ୍ ପ୍ରୋଟିନ୍ – ଏନ୍‌ର ଏକ ଆବରଣ ଥାଏ। ଏହାକୁ ଆବୃତ୍ତିକରି ତିନି ପ୍ରକାରର ଗ୍ଲାଇକୋପ୍ରୋଟିନ୍ ଯଥା ଏମ୍‌ଏଚ୍‌ଇଓଏମ୍ ବିଶିଷ୍ଟ ଏନ୍‌ଭଲପ ରହିଥାଏ। ଏହାର ଚାରିପଟରେ ଗଦା ପରି ପେପ୍‌ଲୋମିୟରସ୍ କଣ୍ଟାଗଛ ଲାଗିଥାଏ, ଯାହାକି ପ୍ରାଣୀଙ୍କ ଶରୀରର ଶ୍ୱାସଯନ୍ତ୍ର ଓ ଅନ୍ତଃନଳୀର ଜୀବକୋଷକୁ ଧରି ସଂକ୍ରମଣ କରିଥାଏ।

ଆକ୍ରାନ୍ତ ହେଉଥିବା ପ୍ରାଣୀ ଭୂତାଣୁ ଜାତିର ୪ ଗୋଟି ଶ୍ରେଣୀର ଆଣ୍ଟିଜେନିକ୍ ଗୁଣ ନିହିତ ଥିବାରୁ ଏହା ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀ ଯଥା– ମନୁଷ୍ୟ, କୁକୁର, ଘୁଷୁରି, ବିରାଡି, ଗୋରୁଙ୍କ ସହିତ କୁକ୍କୁଟ ଜାତୀୟ ପକ୍ଷୀ ଯଥା– କୁକୁଡା, ଟର୍କି ଆଦିଙ୍କଠାରେ ଦେଖାଯାଇଥାଏ। ଏହି ୪ ଗୋଟି ଆଣ୍ଟିଜେନିକ୍ ଧର୍ମରେ ପରିବର୍ତ୍ତନ ଘଟିବା ଯୋଗୁ କରୋନା ଭୂତାଣୁର ଅନେକ ପ୍ରକାରର ସିରୋଟାଇପ୍ ସୃଷ୍ଟି ହେବାର ଆଶଙ୍କା ଥାଏ।

**ଗୋରୁ:** ବାଛୁରୀଙ୍କଠାରେ ଏହି କରୋନା ଭୂତାଣୁ ଝାଡା ସୃଷ୍ଟି କରୁଥିବାରୁ ପ୍ରଥମେ ଆମେରିକାରେ ଚିହ୍ନଟ କରାଯାଇଥିଲା। ପରେ ସମଗ୍ର ବିଶ୍ୱରେ ଦେଖାଦେଇଥିଲା। ସାଧାରଣତଃ ଏହି ଝାଡା ସୃଷ୍ଟିକାରୀ ଭୂତାଣୁ ରୋଟା ଭାଇରସ ରୋଗ ଭଳି ଏକ ସପ୍ତାହର ବାଛୁରୀଙ୍କଠାରେ ଦେଖାଯାଏ। ଏହି ତରଳ ଝାଡା ୪ରୁ ୫ ଦିନ ପର୍ଯ୍ୟନ୍ତ ଲାଗିରୁହେ। ଯାହାଫଳରେ ଶରୀରରେ ଜଳଶୁଷ୍କତା ଓ ଇଲେକ୍ଟ୍ରୋଲାଇଟିସ୍ ସହିତ ଗ୍ଲୁକୋଜ୍‌ର ଭାରସାମ୍ୟତା ହରାଇବା ଫଳରେ ସକ୍ ଓ ହୃଦ୍‌ସ୍ପନ୍ଦନ ବନ୍ଦ ଯୋଗୁ ମୃତ୍ୟୁବରଣ କରିଥାନ୍ତି। ଶୀତଦିନେ ବୟସ୍କ ଗୋରୁଙ୍କଠାରେ ରକ୍ତଝାଡା ରୋଗ ସୃଷ୍ଟି କରିଥାଏ। ତେଣୁ ବାଛୁରୀକୁ କଷକ୍ଷୀର ଖୁଆଇଲେ ଏହାର ଆଶଙ୍କା ନ ଥାଏ।

**ଘୁଷୁରି:** ଘୁଷୁରିଙ୍କଠାରେ ଏହି କରୋନା ଭୂତାଣୁ ଟ୍ରାନ୍ସମିସିବଲ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରାଇଟିସ୍ ରୋଗ ସୃଷ୍ଟି କରିଥାଏ । ଏହା ସର୍ବପ୍ରଥମେ ଘୁଷୁରିଙ୍କଠାରୁ ଆମେରିକା ଭଳି ଦେଶରେ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ଏହା ୟୁରୋପ ମହାଦେଶ ସହିତ ଅନ୍ୟ ଦେଶରେ ମଧ୍ୟ ଦେଖିବାକୁ ମିଳୁଛି । ଏହା ସାଧାରଣତଃ ଶୀତ ଋତୁରେ ଦେଖାଯାଇଥାଏ । ଏହି ରୋଗର ଭୂତାଣୁ ଘୁଷୁରି ଛୁଆଙ୍କଠାରେ ଦେଖାଦେଇଥାଏ । ଘୁଷୁରିଙ୍କଠାରେ କରୋନା ଭୂତାଣୁ ପ୍ରବେଶ କରିବାର ୧ରୁ ୩ ଦିନ ପରେ ଲକ୍ଷଣ ପ୍ରକାଶ ପାଇଥାଏ । ସାଧାରଣତଃ ୭ ଦିନ ବୟସ ମଧ୍ୟରେ ସଂକ୍ରମିତ ହେବା ପରେ ୨ ରୁ ୭ ଦିନ ଲକ୍ଷଣ ପ୍ରକାଶ ପାଇବା ପରେ କରୋନା ଏମାନେ ମୃତ୍ୟୁମୁଖରେ ପଡନ୍ତି । ପ୍ରାପ୍ତବୟସ୍କ ଘୁଷୁରି ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ସେମାନଙ୍କଠାରେ ଖାଦ୍ୟ ନ ଖାଇବା, ଝାଡ଼ା ହେବା ଭଳି ଲକ୍ଷଣ ଦେଖାଯାଇ ସେମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଛୁଆ ଘୁଷୁରିଙ୍କଠାରେ ଏହି ରୋଗ ସଂକ୍ରମଣ ହେଲେ ସେମାନଙ୍କର ପାଣି ଭଳି ଝାଡ଼ା ହେବା ସହ ଖୁବ୍ କମ୍ ଦିନରେ ଅଧିକ ଓଜନ ହ୍ରାସ ଯୋଗୁ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ ।

**ନିୟନ୍ତ୍ରଣ:**– ଏହି ରୋଗର ନିୟନ୍ତ୍ରଣ ପାଇଁ ଘୁଷୁରି ଘରକୁ ପରିଷ୍କାର କରନ୍ତୁ ଓ ଲାଳନପାଳନରେ ଉପଯୁକ୍ତ ଯତ୍ନ ନିଅନ୍ତୁ ।

– ଘୁଷୁରି ଛୁଆଙ୍କୁ କଷକ୍ଷୀର ଖୁଆନ୍ତୁ ।

– ଗର୍ଭିଣୀ ଘୁଷୁରିକୁ ପ୍ରସବର ୩ ସପ୍ତାହ ପୂର୍ବରୁ ଆଟେନ୍ୟୁଏଟେଡ୍ ଭ୍ୟାକସିନ୍ ଦିଅନ୍ତୁ ।

– ଘୁଷୁରିଙ୍କଠାରେ ଏହି ଭୂତାଣୁ ଏନ୍‌ସେଫାଲାଇଟିସ୍, ପୋରସାଇନ୍ ଏବଂ ଏପିଡେମିକ୍ ଡାଇରିଆ ମଧ୍ୟ ସୃଷ୍ଟି କରିଥାଏ ।

**କୁକୁର:** ଏହି କରୋନା ଭୂତାଣୁ କୁକୁରଙ୍କ ଠାରେ କାନାଇନ୍ କରୋନା ଭାଇରସ୍ ଡାଇରିଆ ବା ଗ୍ୟାଷ୍ଟ୍ରୋଏଣ୍ଟ୍ରାଇଟିସ୍ ବା ରକ୍ତଝାଡ଼ା ସୃଷ୍ଟି କରେ । ଏହି ଭୂତାଣୁ କୁକୁରଙ୍କ ପାର୍ଭୋ ଭୂତାଣୁ ରୋଗ ସହିତ ସଂଶ୍ଳିଷ୍ଟ ହେଲେ କୁକୁରଙ୍କଠାରେ ମାରାତ୍ମକ ତରଳ ଝାଡ଼ା ସୃଷ୍ଟି କରିଥାଏ । ସାଧାରଣତଃ ଛୋଟ କୁକୁରଙ୍କୁ ଏହି ରୋଗ ଶୀଘ୍ର ସଂକ୍ରମଣ କରିଥାଏ । ବନ୍ୟ କୁକୁରଙ୍କଠାରେ ଏହି ରୋଗର ପ୍ରାଦୁର୍ଭାବ ମଧ୍ୟ ରହିଥାଏ । ଏହି ଭୂତାଣୁ କୁକୁରଙ୍କ ଅନ୍ତଃନଳୀକୁ ସଂକ୍ରମିତ କରିଥାଏ ।

–ଏହି ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପାର୍ଭୋ ଓ ଅନ୍ୟାନ୍ୟ ରୋଗର ଟିକା ସହିତ ମିଶି କିମ୍ବା କେବଳ କରୋନା ଭୂତାଣୁ ବିରୋଧରେ ଟିକା ବା ଇନ୍‌ଆକ୍ଟିଭେଟେଡ୍ ଭ୍ୟାକସିନ୍ କୁକୁରଙ୍କୁ ଦିଆଯାଇଥାଏ ।







**ନିୟନ୍ତ୍ରଣ:** – ଏହି ରୋଗର ନିୟନ୍ତ୍ରଣ ପାଇଁ କୁକୁର ଛୁଆଙ୍କୁ ଜନ୍ମ ପରେ କଷକ୍ଷୀର ଖୁଆଇବା ସହିତ ଠିକ୍ ସମୟରେ ଟିକା ଦିଅନ୍ତୁ।

– ପୋଷା କୁକୁର ରହୁଥିବା ସ୍ଥାନକୁ ସଫାସୁତୁରା ରଖିବା ସହିତ ବାହାର କୁକୁର ସହିତ ମିଶିବାକୁ ଦିଅନ୍ତୁ ନାହିଁ ।

– କୁକୁରମାନଙ୍କୁ ଏକାଠି ମିଶାନ୍ତୁ ନାହିଁ ।

– କୁକୁରଙ୍କୁ ଜଗାରଖା କରୁଥିବା ବ୍ୟକ୍ତି ହାତକୁ ଭଲଭାବେ ସାବୁନ କିମ୍ବା ହ୍ୟାଣ୍ଡ ୱାଶରେ ଧୁଅନ୍ତୁ ।

**କୁକ୍କୁଟ ଜାତୀୟ ପ୍ରାଣୀ:** ଆମେରିକାରେ ପକ୍ଷୀଙ୍କଠାରେ ଏହି କରୋନା ଭୂତାଣୁ ଆଭିଆନ୍ ଇନ୍‌ଫେକ୍‌ସିଅସ୍ ବ୍ରୋଙ୍କାଇଟିସ୍‌ର କାରଣ ଭାବେ ସର୍ବପ୍ରଥମେ ଚିହ୍ନଟ ହୋଇଥିଲା । ବର୍ତ୍ତମାନ ଏହି ରୋଗ ସମଗ୍ର ବିଶ୍ୱରେ ଦେଖାଦେଇଛି ।

ସାଧାରଣତଃ କୁକୁଡ଼ା ଛୁଆଙ୍କଠାରେ ଉତ୍କଟ ଶ୍ୱାସନଳୀଜନିତ ସଂକ୍ରମଣ ସୃଷ୍ଟି କରିଥାଏ । ଯାହାଫଳରେ ଅଧିକ ସଂଖ୍ୟାରେ ଏମାନଙ୍କର ମୃତ୍ୟୁ ହୋଇଥାଏ । ଏହି ରୋଗ କୁକୁଡ଼ା ପଲରେ ଦେଖାଗଲେ ଖୁବ୍‌ଶୀଘ୍ର ବ୍ୟାପି ଯାଇଥାଏ । ଦିନିକିଆ ଚିଆଁଠାରୁ ୪ ସପ୍ତାହ କୁକୁଡ଼ା ପର୍ଯ୍ୟନ୍ତ ଏହି ଭୂତାଣୁ ସଂକ୍ରମିତ କରିବା ଯୋଗୁ ସେମାନଙ୍କଠାରେ କାଶ, ଛିଙ୍କ, ନାକରୁ ପାଣି ବାହାରିବା ଓ ଶ୍ୱାସକ୍ରିୟାଜନିତ କଷ୍ଟ ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ସାଧାରଣତଃ ଅଳ୍ପ ବୟସ୍କ କୁକୁଡା ଚିଆଁଙ୍କଠାରେ ୨୫ ରୁ ୩୦ ପ୍ରତିଶତ ଏବଂ କେତେକ ରୋଗ ପ୍ରାଦୁର୍ଭାବ ସ୍ଥାନରେ ୭୫ ପ୍ରତିଶତ ମୃତ୍ୟୁ ହାର ଦେଖାଯାଇଥାଏ । ବୟସ୍କ କୁକୁଡ଼ାଠାରେ ଏହି ଭୂତାଣୁ ସଂକ୍ରମଣ ହେଲେ ଅଣ୍ଡା ଦେବା ହଠାତ୍ କମିଯିବା ସହ ଖୋଳପାବିହୀନ ଅଣ୍ଡା ବା ଲତଲତିଆ ଅଣ୍ଡା ଦିଅନ୍ତି । ସ୍ୱଳ୍ପ ବୟସ୍କ କୁକୁଡାଙ୍କଠାରେ ୭ରୁ ୨୧ ଦିନ ପର୍ଯ୍ୟନ୍ତ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ଏହି ରୋଗର ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ଇନ୍‌ଫେକ୍‌ସିଅସ୍ ବ୍ରୋଙ୍କାଇଟିସ୍ ଯୋଗୁ ନାକରୁ ସିଙ୍ଘାଣି ବାହାରେ । ଏହା ସହିତ ଟ୍ରାକିଆ ପ୍ରଦାହ, ବ୍ରୋଙ୍କାଇଟିସ୍, ଫୁସ୍‌ଫୁସ୍ ସଂକ୍ରମଣ ଆଦି ଦେଖାଦେଇଥାଏ । ବ୍ରୋଙ୍କାଇଟିସ୍‌ରେ ଛେନା ଛିଡ଼ିଲା ଭଳି ପଦାର୍ଥ ଦେଖିବାକୁ ମିଳେ ।

**ନିରାକରଣ ଉପାୟ:**

– ସାଧାରଣତଃ ଏହି ଭୂତାଣୁ ଶ୍ୱାସକ୍ରିୟା ଓ ସଂକ୍ରମଣ କୁକୁଡ଼ା ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ । ଏହି ରୋଗର ଦମନ ଲାଗି କୁକୁଡ଼ା ଛୁଆଙ୍କୁ ୭ ରୁ ୧୦ ଦିନ ଏବଂ ବୁଷ୍ଟର ଟିକା ୪ ସପ୍ତାହରେ ଦିଅନ୍ତୁ ।

– କୁକୁଡ଼ା ଘର ପରିଷ୍କାର ପରିଚ୍ଛନ୍ନ ସହ ଖାଦ୍ୟ ପାତ୍ର, ପାଣି ପାତ୍ର ସଫାସୁତୁରା ରଖନ୍ତୁ।

– ସଦ୍ୟ ପ୍ରସ୍ତୁତ ଦାନା ଖାଇବାକୁ ଦିଅନ୍ତୁ। ନିରାପତ୍ତା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ।

– କୁକୁଡ଼ାଙ୍କ ଜଗାରଖା କରୁଥିବା ବ୍ୟକ୍ତି ମଧ୍ୟ ସାବୁନ କିମ୍ବା ହ୍ୟାଣ୍ଡ ୱାଶ୍‌ରେ ମଝିରେ ମଝିରେ ହାତ ଧୋଇବା ସହିତ ମାସ୍କ ପିନ୍ଧି କାମ କରନ୍ତୁ ।

**ଖାଦ୍ୟ ନିରାପତ୍ତା:** କରୋନା ଭୂତାଣୁ ବ୍ୟାପିବା ପରେ ଲୋକେ ଏବେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ପ୍ରାୟ ଛାଡ଼ି ଦେଇଛନ୍ତି । କିନ୍ତୁ ଏକଥା ଜାଣି ରଖନ୍ତୁ ଯେ ମଣିଷଙ୍କ ଠାରେ ଦେଖା ଯାଉଥିବା କରୋନା ଭୂତାଣୁ କେବଳ ମଣିଷଙ୍କୁ ହିଁ ସଂକ୍ରମିତ କରିଥାଏ । ତେଣୁ ମଣିଷଙ୍କ ମଧ୍ୟରେ ଦେଖା ଦେଇଥିବା କରୋନା କୁକୁଡ଼ାଙ୍କୁ ହେବା ସମ୍ଭବ ନୁହେଁ । ଏ ଦୃଷ୍ଟିରୁ କୁକୁଡ଼ା ମାଂସ କିମ୍ବା ଅଣ୍ଡା ଖାଇବା କ୍ଷତିକାରକ ନୁହେଁ । ଯେହେତୁ ଏହି କରୋନା ଭୂତାଣୁ ୨୬ ରୁ ୨୭ ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ମରିଯାଆନ୍ତି, ତେଣୁ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ଆମର ରନ୍ଧନ ପ୍ରଣାଳୀ ସହିତ ମସଲା ବ୍ୟବହାର ସହ କୁକୁଡା ମାଂସ ଏବଂ ଅଣ୍ଡା ଖାଇବା ସାମ୍ପ୍ରତିକ ସମୟ ପାଇଁ ନିରାପଦ ।

ମନେରଖନ୍ତୁ ପ୍ରାଣୀଙ୍କଠାରେ ଯଦିଓ କରୋନା ଭୂତାଣୁ ସଂକ୍ରମଣ ଦେଖାଦେଇଥାଏ, ତାହା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରାଣୀଠାରେ ହିଁ ରହିଥାଏ । ଏହା ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପି ନ ଥାଏ । ଗୃହପାଳିତ ପଶୁପକ୍ଷୀଙ୍କଠାରେ ପ୍ରାଣୀଜନିତ କରୋନା ସଂକ୍ରମଣ ନ ହେବା ଲାଗି –ପ୍ରାଣୀଙ୍କ ରହିବା ଘର ସଫାସୁତୁରା ରଖିବା ସହିତ ସେମାନଙ୍କ ଖାଦ୍ୟପାତ୍ର ଓ ପାଣିପାତ୍ର ପରିଷ୍କାର ରଖନ୍ତୁ।

–ଏହା ସହ ସଦ୍ୟ ପ୍ରସ୍ତୁତ ଦାନା ଦେବା ସହିତ ଜୈବ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

*–ପ୍ରାଣୀରୋଗ ବିଶେଷଜ୍ଞ*
*ମୋ: ୯୪୩୭୬୦୭୩୧୨*





## ସ୍ୱାବଲମ୍ବୀ ହେବାକୁ ବାଟ ଦେଖାଇଛି ଚାଷ

ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ପତିରାଜପୁରର ଗୋଲା ସମ୍ପ୍ରଦାୟର ବ୍ୟକ୍ତିମାନେ ପରିବା ଚାଷ ମାଧ୍ୟମରେ ନିଜେ ସ୍ୱାବଲମ୍ବୀ ହେବା ସହ ଗାଁର ସୁନାମ ବଢାଇବାରେ ସକ୍ଷମ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଆଗଧାଡିର ଚାଷୀ ହେଲେ ରମାକାନ୍ତ ପ୍ରଧାନ (ମୋ:୯୧୭୮୬୪୪୬୮୫)। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ୭ମ ଶ୍ରେଣୀରୁ ତାଙ୍କର ପାଠପଢାରେ ଡୋରି ବନ୍ଧା ହୋଇଗଲା । ଏହି ସମୟରେ ରାଜ୍ୟ ବାହାରକୁ ଯାଇ ରୋଜଗାର କରିବା ଲାଗି କେତେକେ ତାଙ୍କୁ ପରାମର୍ଶ ଦେଲେ। ହେଲେ ବାହାରକୁ ଯିବା ଅପେକ୍ଷା ନିଜ ମାଟିରେ ରହି କିପରି ସ୍ୱାବଲମ୍ବୀ ହେବେ ସେହି ଚିନ୍ତା ତାଙ୍କ ଘାରିଲା। ଚାଷକୁ ରୋଜଗାରର ମାଧ୍ୟମ ଭାବି ବାପାଙ୍କୁ ଚାଷ କାମରେ ସାହାଯ୍ୟ କଲେ । ପ୍ରଥମେ ୨ଗୁଣ୍ଠ ଜମିରେ ଆରମ୍ଭ କଲେ ପରିବା ଚାଷ । ଏବେ ପାଖାପାଖି ୧ଏକର ଜମିରେ ସେ ପରିବା ଚାଷ କରୁଛନ୍ତି । ରବି ଋତୁରେ ବନ୍ଧାକୋବି, ଫୁଲ କୋବି, କାକୁଡି, ବାଇଗଣ,



**ସଫଳ ଚାଷୀ**

**ରମାକାନ୍ତ ପ୍ରଧାନ**

ବିଲାତି ବାଇଗଣ, ଭେଣ୍ଡି ଇତ୍ୟାଦି ଚାଷ କରିଥାନ୍ତି । ଖରିଫ ଋତୁରେ କଲରା, ପୋଟଳ, ଭେଣ୍ଡି, କାକୁଡି ଲଗାଇ ସ୍ଥାନୀୟ ବଜାରର ପରିବା ଚାହିଦା ମେଣ୍ଟାଇଥାନ୍ତି । ପତିରାଜପୁର ହାଟ ସମେତ ଅଲିପୁର, ଡୁଙ୍ଗୁରା ହାଟକୁ ନିଜେ ପରିବା ନେଇ ଯାଇଥାନ୍ତି ସେ। ସବୁ ଖର୍ଚ୍ଚ ଯାଇ ବର୍ଷକୁ ପ୍ରାୟ ୬୦ହଜାର ଟଙ୍କା ଲାଭ ମିଳିଥାଏ ବୋଲି କୁହନ୍ତି ରମାକାନ୍ତ। ପରିବାଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କରିବାକୁ ଚାହୁଁଥିଲେ ହେଁ ସେବା ସମବାୟ ସମିତି ଏହା ଗ୍ରହଣ କରୁ ନ ଥିବାର ସେ କହିଛନ୍ତି । ସରକାରଙ୍କ ତରଫରୁ ସେଭଳି କିଛି ସହାୟତା ମିଳି ନ ଥିବା ବେଳେ ଏବେ ଗୋଟିଏ ସିଞ୍ଚନ ମେଶିନ ତାଙ୍କୁ ରିହାତି ଆକାରରେ ମିଳିଛି । ଚାଷ କାମରେ ତାଙ୍କ ପତ୍ନୀ ରୁକ୍ମଣି ତାଙ୍କୁ ମାନସିକ ଓ ଶାରୀରିକ ଭାବେ ସହାୟତା କରିଥାନ୍ତି । ତାଙ୍କ ବନ୍ଧୁ ମାନଙ୍କ ମଧ୍ୟରୁ ଅନେକ ବମ୍ବେ ଦିଲ୍ଲୀ ଯାଇ ଅନେକ ଅର୍ଥ ଉପାର୍ଜନ କରୁଛନ୍ତି । ଅନ୍ୟମାନଙ୍କ ପାଖରେ କାମ ନ କରି ନିଜେ ସ୍ୱାବଲମ୍ବୀ ହୋଇ ବଞ୍ଚିବାରେ ତାଙ୍କୁ ଖୁବ ଆନନ୍ଦ ମିଳୁଛି ବୋଲି କହିଛନ୍ତି ଏହି ସଫଳ ଚାଷୀ ।

**–ଉତ୍କଳବନ୍ଧୁ ପଣ୍ଡା**

“କରୋନା ଭାଇରସ୍‌ର ପ୍ରଭାବକୁ କମ୍ କରିବା ଲାଗି ୪୫ ବିଲିୟନ ଡଲାର ୟୁରୋର ପ୍ୟାକେଜ ଘୋଷଣା କରାଯାଇଛି। ଚଳିତ ବର୍ଷ ଫ୍ରାନ୍ସରେ ମାନ୍ଦାବସ୍ଥା ଆସିବାର ଆଶଙ୍କା ରହିଥିବାରୁ ବଡ ବଡ କମ୍ପାନୀଗୁଡିକୁ ଦେବାଳିଆ ହେବାରୁ ବଞ୍ଚାଇବା ଜାତୀୟକରଣର ବିକଳ୍ପ ରହିଛି।

–ଲି ମେୟର, ଫ୍ରାନ୍ସ ଅର୍ଥମନ୍ତ୍ରୀ



“ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ କରୋନାର ପ୍ରଭାବକୁ କମ୍ କରିବା ଲାଗି ମିଳିତ ଉଦ୍ୟମ ଲୋଡା। ଅତିରିକ୍ତ ବିତ୍ତୀୟ ପ୍ୟାକେଜ ପ୍ରଦାନ ଦ୍ୱାରା ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ପଡୁଥିବା ଦୀର୍ଘସ୍ଥାୟୀ ପ୍ରଭାବକୁ କମ୍ କରାଯାଇପାରିବ।

–କ୍ରିଷ୍ଟଲିନା ଜିଓର୍ଜିଏଭା, ଆଇଏମ୍ଏଫ୍ ମୁଖ୍ୟ



# କରୋନା ପ୍ରଭାବ: ୮୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୧୭–୩

ଦେଶର ପୁଞ୍ଜିବଜାରରେ କରୋନା ଆତଙ୍କ ଲାଗି ରହିଛି। ମଙ୍ଗଳବାର ମଧ ସେନ୍‌ସେକ୍ସରେ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି। କରୋନା ଯୋଗୁ ମାନ୍ଦାବସ୍ଥା ସ୍ଥିତି ଉପୁଜିବା ଆଶଙ୍କା ରହିଥିବାରୁ ନିବେଶକ ଛାନିଆ ହୋଇ ରହିଥିବାରୁ ପୁଞ୍ଜିବଜାରରେ ଏହାର ପ୍ରଭାବ ରହିଛି। ମଙ୍ଗଳବାର ମଧ୍ୟରେ ସେନ୍‌ସେକ୍ସ କାରବାରରେ କିଛିଟା ଉନ୍ନତି ଆସିଥିବା ବେଳେ ଶେଷ ପର୍ଯ୍ୟାୟ ଟ୍ରେଡ୍‌ରେ କାରବାର ହଠାତ୍ ଖସିଯାଇଛି। ମଙ୍ଗଳବାର ସେନ୍‌ସେକ୍ସ ୮୧୦.୯୮ ପଏଣ୍ଟ ବା ୨.୫୮% ଖସି ୩୦,୫୭୯.୦୯ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୩୦.୩୫ ପଏଣ୍ଟ ୨.୫୦% ନିମ୍ନରେ ରହି ୮,୯୬୭.୦୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ମାର୍ଚ୍ଚ ୨୦୧୭ରେ ନିଫ୍ଟି ୯୦୦୦ ପଏଣ୍ଟ ତଳକୁ ଖସିଥିଲା। ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ କାଢିନେଉଥିବା ବେଳେ ଡଲାର ତୁଳନାରେ ଦୁର୍ବଳ ଟଙ୍କା ଘରୋଇ ବଜାର ଲାଗି କ୍ଷତିକାରକ ହେଉଛି। ସେନ୍‌ସେକ୍ସରେ ମଙ୍ଗଳବାର ଆଇସିଆଇସିଆଇ ବ୍ୟାଙ୍କ କାରବାର ସର୍ବାଧିକ ପ୍ରଭାବିତ ହୋଇଛି। ଏହାବାଦ ଏସିଆର ଅନ୍ୟ ବଜାର ମଧ୍ୟରେ ସାଂଘାଇ,ସିଓଲ ମଧ୍ୟ ନକାରାତ୍ମକ କାରବାର ସ୍ଥିତିରେ ରହିଛନ୍ତି। ଏହାବାଦ ହଂକଂ ଏବଂ ଟୋକିଓ ଶେୟାର ବଜାରରେ କାରବାର ଉନ୍ନତ ରହିଛି। ୟୁରୋପରେ ଶେୟାର କାରବାର ୩% ଖସିଯାଇଛି।



■୩୦,୫୭୯.୦୯ ପଏଣ୍ଟ ସ୍ତରକୁ ଖସିଲା

■ନିଫ୍ଟି ୮,୯୬୭.୦୫ ସ୍ତରରେ

## ୨ ଦିନରେ ଉଡ଼ିଗଲା ୯.୭୪ ଲକ୍ଷ କୋଟି

ଶେୟାର ବଜାରରେ କାରବାର ଖସିବା ଯୋଗୁ ୨ ଦିନରେ ନିବେଶକ ୯.୭୪ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ବଜାରର ସୁରକ୍ଷିତ ନିବେଶ ଏବେ ଅସୁରକ୍ଷିତ ହୋଇଛି। ଗତ ୧୧ ଦିନରେ ସୁନା ଦର ୬ ହଜାର ଟଙ୍କା ଶସ୍ତା ହୋଇଥିବା ବେଳେ ୨୨ ଦିନ ମଧ୍ୟରେ ରୁପା ଦର କିଲୋ ପ୍ରତି ପ୍ରାୟ ୧୫ ହଜାର ଟଙ୍କା ଖସିଛି। ୩୦ ଡିସେମ୍ବର ତୁଳନାରେ ଅଶୋଧିତ ତେଲ ଦର ୬୫% ଖସିଯାଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ଜାନୁୟାରୀ ୧୫ ପରଠାରୁ ୫% ଦୁର୍ବଳ ହୋଇଛି। ବିଶ୍ୱ ସ୍ତରରେ ବିଭିନ୍ନ ଦେଶର ସରକାର ପ୍ୟାକେଜ ଘୋଷଣା, କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ପକ୍ଷରୁ ନଗଦ ସୁବିଧା କରାଯାଉଥିଲେ ମଧ ପୁଞ୍ଜି ବଜାରରେ କାରକାର ଖସି ଚାଲିଛି। ଏହି ଧାରାରେ ବିରତି ଆସିନାହିଁ। ସେହିଭଳି ସୁରକ୍ଷିତ ନିବେଶ ଭାବେ ବିଚାର କରାଯାଉଥିବା ସୁନା ଏବଂ ରୁପା ମଧ କରୋନା ପ୍ରଭାବରୁ ମୁକୁଳି ପାରିନାହିଁ।

## ଘରୁ କାମ କରିବେ ଫୋର୍ଡର ୧୦ ହଜାର କର୍ମଚାରୀ

**ନୂଆଦିଲ୍ଲୀ,୧୭–୩:** କରୋନା ଯୋଗୁ ଅଟୋମୋବାଇଲ ଶିଳ୍ପରେ ପ୍ରତିଷେଧମୂଳକ ବ୍ୟବସ୍ଥା ଆରମ୍ଭ ହୋଇଛି। ଆମେରିକା ଭିତ୍ତିକ ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଫୋର୍ଡ ଏହାର ୧୦ ହଜାର କର୍ମଚାରୀଙ୍କୁ ଘରୁ କାମ କରିବା ପାଇଁ କହିଛି। ବିଜ୍‌ନେସ କ୍ରିଟିକାଲ ରୋଲରେ ଥିବା କର୍ମଚାରୀମାନେ କେବଳ କାର୍ଯ୍ୟାଳୟରେ ଯୋଗଦେବା ଲାଗି କୁହାଯାଇଛି। ଏହାବାଦ ସୁଇଡେନ ଭିତ୍ତିକ କମ୍ପାନୀ ଭଲ୍‌ଭୋ ଏବଂ ଭିଆଟ୍ କ୍ରିଜଲର ଇଣ୍ଡିଆ ମଧ ଭାରତରେ ଏଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଏବଂ ମହିନ୍ଦ୍ରା ଗ୍ରୁପ୍ ମଧ କିଛି ପଦକ୍ଷେପ ନେଇଥିବା କହିଛନ୍ତି।

## ବିତ୍ତୀୟ ଏବଂ ଆର୍ଥିକ ପଦକ୍ଷେପ ଜରୁରୀ

**ନୂଆଦିଲ୍ଲୀ,୧୭–୩:** କରୋନା ଯୋଗୁ ଉତ୍ପାଦନ ହ୍ରାସ ଏବଂ ସାମଗ୍ରୀର ଦରଦାମ ବଢ଼ିବା ଭଳି ସମସ୍ୟାକୁ କମ୍ କରିବା ଲାଗି ଅର୍ଥ ବ୍ୟବସ୍ଥାକୁ ସହାୟତା କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ବିତ୍ତୀୟ ଏବଂ ଆର୍ଥିକ ପଦକ୍ଷେପ ଜରୁରୀ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ସୂଚନା ରହିଛି। ସେହିଭଳି ପ୍ରଭାବିତ ସ୍ଥିତିରେ ରହିଥିବା ହୋଟେଲ ଶିଳ୍ପ, ବିମାନ, ପରିବହନ, ଧାତୁଶିଳ୍ପ ସହ ଅନ୍ୟ ଶିଳ୍ପଗୁଡିକୁ ସହାୟତା କରିବା ପ୍ରସଙ୍ଗକୁ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ସୂଚନା ରହିଛି।



## ଦେବାଳିଆ ହୋଇ ପାରନ୍ତି ବିମାନ କମ୍ପାନୀ

ନୂଆଦିଲ୍ଲୀ,୧୭–୩

କରୋନା ମହାମାରିର ପ୍ରଭାବ ଯୋଗୁ ସାରା ବିଶ୍ୱରେ ବିମାନ ଶିଳ୍ପ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଏଭଳି ସମସ୍ୟା ଆଗାମୀ ମେ ମାସ ଯାଏ ଯଦି ଲାଗି ରହେ ତେବେ ସାରା ବିଶ୍ୱରେ ବିମାନକମ୍ପାନୀଗୁଡିକୁ ଦେବାଳିଆ ସ୍ଥିତିକୁ ଚାଲିଯିବେ ବୋଲି ସେଣ୍ଟର ଫର ଏସିଆ ପାସିଫିକ ଏଭଏଶନ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହି କ୍ଷେତ୍ରରେ ବିମାନ କମ୍ପାନୀଗୁଡ଼ିକୁ ସରକାର ସହାୟତା ଯୋଗାଇ ଦେବା ଆବଶ୍ୟକ। ବିମାନ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯିବା ଯୋଗୁ ବିମାନ କମ୍ପାନୀଗୁଡିକର ପରିଚାଳନାରେ ବିଭିନ୍ନ ସମସ୍ୟା ଉପୁଜୁଥିବା କୁହାଯାଇଛି।

## ଚିନି ମିଲ୍ ଗୁଡିକରୁ ଯୋଗାଣ ପ୍ରଭାବିତ

ମୁମ୍ବାଇ,୧୭–୩: କରୋନା ପ୍ରଭାବରେ ଦେଶର ଚିନି ମିଲ୍‌ଗୁଡିକରେ ଉତ୍ପାଦନ ହେଉଥିବା ଚିନି ଅନ୍ୟ ସ୍ଥାନକୁ ପଠାଇବା ବେଳେ ଅସୁବିଧା ଉପୁଜିଛି। ଗତ ୧୫ ଦିନ ହେବ ଏଭଳି ସ୍ଥିତି ଲାଗି ରହିଛି ବୋଲି ଇଣ୍ଡିଆନ ସୁଗାର ମିଲ୍ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ସତର୍କ ରହିବାକୁ ବିମାନ କମ୍ପାନୀଙ୍କୁ ଡିଜିସିଏ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭–୩:** କରୋନା ଲାଗି ସତର୍କ ରହିବାକୁ ବିମାନ ଚଳାଚଳ କ୍ଷେତ୍ର ନିୟାମକ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛି। ପ୍ରତି ୨୪ ଘଣ୍ଟା ମଧ୍ୟରେ ବିମାନଗୁଡିକରେ ସଂକ୍ରମଣ ପ୍ରତିରୋଧୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ପ୍ଲେନ୍‌ଗୁଡିକୁ ଅନ୍ତତଃ ପକ୍ଷେ ୨୪ ଘଣ୍ଟାରେ ଥରେ ଭଲ ଭାବେ ସଫା କରିବା, ବିମାନରେ ହ୍ୟାଣ୍ଡ ସାନିଟାଇଜର ସହ ଅନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ କରି ରଖିବା ଉପରେ ନିୟାମକ ଗୁରୁତ୍ୱ ଦେଇଛନ୍ତି। ପ୍ରତିଷେଧକ କିଟ୍ ବ୍ୟବସ୍ଥା କରିବା ଉପରେ ମଧ ନଜର ରହିଛି।

## କର୍ମଚାରୀଙ୍କୁ 'ଲିଭ୍ ୱିଦାଉଟ୍ ପେ'ରେ ଛାଡ଼ିଲା ଗୋ ଏୟାର

**ନୂଆଦିଲ୍ଲୀ,୧୭–୩:** କରୋନା ଭାଇରସ୍‌ର ପ୍ରଭାବ ବିମାନ କମ୍ପାନୀଗୁଡିକ ଉପରେ ପରିଲକ୍ଷିତ ହୋଇଛି। ଗୋ ଏୟାର ଏହାର ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରିଦେଇଛି। ଏହାବାଦ କମ୍ପାନୀ କେତେଜଣ କର୍ମଚାରୀଙ୍କୁ 'ଲିଭ୍ ୱିଦାଉଟ ପେ'ରେ ଯିବାକୁ କହିଛି। ପ୍ରକ୍ରିୟା ସହ ଜଡିତ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ଉଠାଣକୁ ଆଗାମୀ ୧୫ ଏପ୍ରିଲ ଯାଏ ଅସ୍ଥାୟୀ ଭାବେ ବାତିଲ କରାଯାଇଛି। ଏହିଭଳି ଭାବେ ପ୍ରାୟ ୩୫% କର୍ମଚାରୀଙ୍କୁ ଛୁଟିରେ ପଠାଯାଇପାରେ ବୋଲି ସୂଚନା ରହିଛି।




## ସାମଗ୍ରିକ ଅର୍ଥନୈତିକ ସ୍ଥିତି ପ୍ରଭାବିତ

**ନୂଆଦିଲ୍ଲୀ,୧୭–୩:** ବର୍ତ୍ତମାନ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତି କରୋନା ଭାଇରସ୍ ଯୋଗୁ ପ୍ରଭାବିତ ସ୍ଥିତିରେ ରହିଛି। ଚାଇନା ସହ ବାଣିଜ୍ୟ କାରବାର କରୋନା ଯୋଗୁ କଟକଣା ଲାଗିଛି। କେବଳ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିନାହିଁ, ଅଶୋଧିତ ତେଲ ଦର ଏକ ସ୍ୱାଭାବିକ ସ୍ତରରେ ଥିବା ବେଳେ ଭାରତୀୟ ବଜାର ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। କରୋନା ବର୍ତ୍ତମାନ ବାଣିଜ୍ୟ, ଉତ୍ପାଦନ, ଯୋଗାଣ ଏବଂ ଖାଉଟି ଚାହିଦାକୁ କ୍ଷତିଗ୍ରସ୍ତ କରିଛି ବୋଲି ସେ କହିଛନ୍ତି। ରପ୍ତାନି ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ରପ୍ତାନି ପ୍ରୋତ୍ସାହନ ପରିଷଦ ସହ ମିଳିତ ହୋଇ କାମ କରୁଛି। ଫାର୍ମା, ଇଲେକ୍‌ଟ୍ରୋନିକ୍ସ, ଅଟୋମୋବାଇଲ ସେକ୍ଟର ଏହା ମଧ୍ୟରେ ରହିଛି। ସେହିଭଳି ସାମଗ୍ରୀ ଯୋଗାଣର ବିକଳ୍ପ ପନ୍ଥା ଦେଖିବାକୁ ବିଦେଶରେ ରହିଥିବା ଇଣ୍ଡିଆନ ମିଶନଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

UTKAL GRAMEEN BANK

TENDER FOR : CENTRALIZED E-TDS SYSTEM

We invite Bid Quotations from the interested parties for Centralized E-TDS System at our Bank. For details, please visit our website www.utkalgrameenbank.co.in. The last date for receiving the Bid Quotation is 24.03.2020 2.00 P.M

Sd/-
GENERAL MANAGER- I

## ଭାରତର ବିକାଶ ଅନୁମାନ କମାଇଲା ମୁଡିସ୍

ନୂଆଦିଲ୍ଲୀ,୧୭–୩

କରୋନାର ପ୍ରଭାବ ଯୋଗୁ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଭାରତର ବିକାଶ ଅନୁମାନକୁ ପୁଣି ଥରେ କମ୍ କରି ଦେଇଛି। କ୍ୟାଲେଣ୍ଡର ବର୍ଷ ୨୦୨୦ରେ ଭାରତର ବିକାଶ ହାର ୫.୩% ରହିବା ନେଇ ଏହା ପୂର୍ବାନୁମାନ କରିଛି। ୨୦୨୧ରେ ଜିଡିପି ଅଭିବୃଦ୍ଧି ୫.୮% ରହିବା ନେଇ ଏହା ରିପୋର୍ଟରେ ପ୍ରକାଶ କରିଛି। ଫେବୃୟାରୀରେ ଏହି ଏଜେନ୍ସି ଭାରତର ବିକାଶ ହାର ୫.୪% ରହିବ ବୋଲି କହିଥିବା ବେଳେ ଏହା ପୂର୍ବରୁ ୬.୬% ରହିବା ନେଇ ପୂର୍ବାନୁମାନ କରିଥିଲା। କରୋନାର ପ୍ରଭାବ ଯେତେ ଦିନ ରହିବ ଏହା ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ଆଶଙ୍କାକୁ ବଢାଇବ। ଏହି ସମୟରେ ଜି-୨୦ ଦେଶଗୁଡିକର ବିକାଶ ହାର ମନ୍ଥର ରହିବା ନେଇ ଆଶଙ୍କା କରାଯାଇଛି।

## ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ବଢୁଛି

ନୂଆଦିଲ୍ଲୀ,୧୭-୩

କରୋନାର ପ୍ରଭାବରେ ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ସ୍ଥିତି ମାଡି ଆସୁଛି। ଷ୍ଟକ ବଜାର କାରବାର ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହେଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି। ଏହା ଦ୍ୱାରା ଆମେରିକା ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ଆଡକୁ ବଢୁଛି। ଷ୍ଟକ ବଜାର ଏବଂ ଅର୍ଥ ବ୍ୟବସ୍ଥାରେ ଏକ ପ୍ରକାରର ଜଡତା ଆସିଯାଇଛି। ବହୁ ପରିଶ୍ରମ ପରେ ଏହାକୁ ଠିକ୍ କରାଯାଇଥିଲା। ପରିସ୍ଥିତି ଠିକ୍ ହେବା ପରେ ପୁଣି ଥରେ ଅର୍ଥବ୍ୟବସ୍ଥାରେ ଉନ୍ନତି ଆସିବ। ଏହା ପୁଣି ଥରେ ଅଭିବୃଦ୍ଧି ପଥରେ ଅଗ୍ରସର ହେବ ବୋଲି ଟ୍ରମ୍ପ କହିଛନ୍ତି।

SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI

No. Exam. 763 /2020,S.J.S.V.,Puri Date: 17.03.2020

NOTIFICATION

In pursuance to Government instructions and as a Precautionary measure to check spreas of Corona Virus (COVID-19) the Shastri IInd Year Examination, 2020 scheduled to be held from 23.03.2020 is hereby postponed until further orders. The list of examination centres which was scheduled to be displayed in the University website on 16.03.2020 is also hereby postponed.

The revised dates shall be notified in due course of time. All concerned are requested to remain in constant touch with the University website : www.sjsv.nic.in for further instructions.

By order of Vice-Chancellor
Sd./- D.D. Rana
Controller of Examinations

GOVERNMENT OF ODISHA
OFFICE OF THE SUPERINTENDING ENGINEER PHULBANI (R&B) CIRCLE, PHULBANI
Phone : - 06842 254004 Email: sernbphulbani@gmail.com
INVITATION FOR BIDS (IFB) No. B-818
Bid Identification No. SE-(R&B)-PLB- 03/2019-20
No. 361 Dated. 13.03.2020

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of Road works detailed in the table below from eligible contractors. | | |
| 2 | Nature of work | :- | Road work |
| 3 | No. of tenders | :- | 2 Nos of Road works |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | Special class & Super Class |
| 6 | Date & Time of sale & receipt of bids | :- | 10.00 AM of 24.03.2020 to 5.00PM of 07.04.2020 |
| 7 | Date of Opening of bid | :- | 11.00 AM of 08.04.2020 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd/-Er. M.K. Tripathy
Superintending Engineer, Phulbani (R&B) Circle, Phulbani
OIPR-34129/11/0006/1920

OFFICE OF THE EXECUTIVE ENGINEER
P.H. DIVISION KORAPUT C-583
e-mail –eephkrp@nic.in, eephkrp@gmail.com
GOVERNMENT OF ODISHA "e" procurement Notice
e-procurement Notice for 2019-20
Bid Identification No.EE,P.H.KPT-13 of 2019-20 Dt.13.03.2020

| | | |
|---|---|---|
| 1. | Name of the works | 3 nos |
| 2. | Estimated Cost | From Rs.13.00 to 17.00 lakh (Approx.) |
| 3. | Period of completion | 3 months |
| 4. | Date & time of availability of bid document in the portal | From 11.00 A.M. of 23.03.2020 to 05.00 P.M. of 03.04.2020 |
| 5. | Last date / time of receipt of bids in the portal | 05.00 P.M. of 03.04.2020 |
| 6. | Date & time of opening of bids | 11.00 A.M. of 04.04.2020 |
| 8. | Name and address of the Officer Inviting Bid | Executive Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in"

Sd/-
(Er. Sarbeswar Jena)
Executive Engineer,
P.H. Division, Koraput
OIPR-13008/11/0011/1920

ODISHA STATE MEDICAL CORPORATION LIMITED. No. CAD-1128
(A Government of Odisha Undertaking)
Office: Convent Square, In front of Ram Mandir, Bhubaneswar – 751001, Odisha
Website: www.osmcl.nic.in, e-mail: rec.osmcl@nic.in

No. 02 /OSMCL/HR/2020 Advertisement for recruitment Date : 07.03.2020

Odisha State Medical Corporation Ltd. (OSMCL), Bhubaneswar invites online applications from eligible candidates for filling up the following vacant posts of the Corporation. For details of the post like scale of pay, eligibility criteria selection modalities, general instructions / information, guideline for filling up of the online application form, mode etc., the applicants may visit the "online recruitment" section of OSMCL website - www.osmcl.nic.in.

| Sl. No. | Name of the Post | Total nos. of posts | Reservation category | Scale of Pay (Pay Band) & Grade Pay |
|---|---|---|---|---|
| 1 | Sr. Manager – IT | 1 | UR – 1 | As per ORSP 2017: Rs 67700/-, Level: 13 |
| 2 | Biomedical Engineer | 2 | ST – 2 (W – 1) | As per ORSP 2017: Rs 56100/-, Level: 12 |
| Contractual engagement under "KHUSHI" programme | | | | |
| Sl. No. | Name of the Positions | Total nos. of posts | | Remuneration (Consolidated) |
| 3 | Logistics Assistant | 1 no. (Unreserved) | | Rs. 20,000/- per Month |

N.B. The contractual engagement of the position mentioned in Sl. No. 3 above is purely contractual in nature.

Interested applicants must fill up the online application form and upload the supporting documents in the "Online Recruitment" section of OSMCL website www.osmcl.nic.in. Submission of online application forms will close on 08.04.2020, 11:59 PM.

After filling up of the online application form, applicants must download the application forms, sign the same and send them along with the supporting self-attested documents only by speed post / registered post to the following address:

*Odisha State Medical Corporation Ltd., In front of Ram Mandir, Convent Square, Bhubaneswar, Odisha, 751001* on or before 20.04.2020, 5.30 PM.

Last date of receipt of applications and documents by speed post / registered post is 20.04.2020, 5.30 PM. Any application received by speed post / registered post after 20.04.2020, 5.30 PM will be rejected.

Envelops must be superscribed with the name of the post applied for along with the applicants application number.

Sd/ Managing Director Odisha State Medical Corporation
OIPR-10112/11/0030/1920

ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ଫାର୍ମମାନଙ୍କର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ

No.L-112 :- ଚଳିତ ବର୍ଷ ୨୦୧୯-୨୦୨୦ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନିମ୍ନୋକ୍ତ ଫାର୍ମମାନଙ୍କର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ/ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, କାମାକ୍ଷାନଗରଙ୍କ କାର୍ଯ୍ୟାଳୟରେ ଟ.୫୦/–ଙ୍କା ବିନିମୟରେ ସରକାରୀ କାର୍ଯ୍ୟଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୩୦.୦୩.୨୦୨୦ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା୨୯।୦୩।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନା ଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ
OIPR-01067/11/0001/1920

ଓଡ଼ିଶା ସରକାର
ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

ଆଧାର ପଞ୍ଜିକରଣ କାର୍ଯ୍ୟକ୍ରମ ସାମୟିକ ସ୍ଥଗିତ

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭୂତାଣୁକୁ ଆଖିରେ ରଖି ଓକାକ୍ ଅଧୀନରେ ଚାଲୁଥିବା ସମସ୍ତ ଆଧାର ପଞ୍ଜିକରଣ ଓ ଆଧାର ସଂଶୋଧନ କେନ୍ଦ୍ରଗୁଡିକ ମାର୍ଚ୍ଚ ୩୧, ୨୦୨୦ ପର୍ଯ୍ୟନ୍ତ ସାମୟିକ ଭାବେ ବନ୍ଦ ରହିବ।

ବିଶ୍ୱର ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ କରିବାକୁ ସମସ୍ତ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ।

"ପାକିସ୍ତାନ ସୁପର ଲିଗ୍‌ରୁ ଫେରିବା ପରେ ଜ୍ୱର ଓ ଶୁଖିଲା କାଶ ପାଇଁ ମୁଁ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିଛି, ହେଲେ ଏପର୍ଯ୍ୟନ୍ତ କୋଭିଡ୍-୧୯ ପରୀକ୍ଷା କରିନାହିଁ ।

–ଆଲେକ୍ସ ହେଲ୍ସ, ଇଂଲଣ୍ଡ ବ୍ୟାଟ୍ସମ୍ୟାନ



"କୋଭିଡ୍-୧୯ ପରୀକ୍ଷା ପରେ ଯାଇ ସରକାର ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ମନୋନୀତ ଆଥଲେଟମାନଙ୍କୁ ଟ୍ରେନିଂ ପାଇଁ ଅନୁମତି ଦେବା ଉଚିତ ।

–ବିମଳ କୁମାର, ପୂର୍ବତନ ବ୍ୟାଡମିଣ୍ଟନ ମୁଖ୍ୟ କୋଚ୍



## ସଂକ୍ଷେପରେ

### ଜାପାନ ଅଲିମ୍ପିକ କମିଟି ଉପମୁଖ୍ୟ ସଂକ୍ରମିତ

**ଟୋକିଓ,୧୭।୩ (ଏଏଫ୍‌ପି):** କରୋନା ଭାଇରସ୍ ଦ୍ୱାରା ଜାପାନ ଅଲିମ୍ପିକ କମିଟି ଉପମୁଖ୍ୟ କୋଜୋ ତାସିମା ସଂକ୍ରମିତ ହୋଇଛନ୍ତି। ସେ ନିଜେ ଏ ନେଇ ସ୍ୱୀକାର କରିଛନ୍ତି। ଫଳରେ ଏବେ ଟୋକିଓ ଅଲିମ୍ପିକ୍ସ ନିରାପଦରେ ଆୟୋଜନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ମୋର ପରୀକ୍ଷା କରାଯାଇଥିଲା। ମୋଠାରେ ଭାଇରସ ଥିବା ଜଣାପଡିଛି ବୋଲି ତାସିମା କହିଛନ୍ତି। ଜାପାନ ଫୁଟବଲ ଆସୋସିଏଶନ ମାଧ୍ୟମରେ ସେ ଏହି କଥା ଜଣାଇଛନ୍ତି। ତାସିମା ମଧ୍ୟ ଜାପାନ ଫୁଟବଲ ଆସୋସିଏଶନ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ମୋତେ ସାମାନ୍ୟ ଜ୍ୱର ହୋଇଥିଲା। ପ୍ରଥମେ ନିମୁନିଆର ଲକ୍ଷଣ ଥିବା ଆଶଙ୍କା କରୁଥିଲୁ। ତେବେ ମଙ୍ଗଳବାର ତାଙ୍କଠାରେ କରୋନା ଭାଇରସ ଥିବା ଜଣାପଡିଥିଲା। ଏହି ଭାଇରସକୁ ନିୟନ୍ତ୍ରଣ କରିବା ପାଇଁ ଇତିମଧ୍ୟରେ ଅଲିମ୍ପିକ୍ସ ସଂକ୍ରାନ୍ତରେ ସବୁ ଉତ୍ସବକୁ ସୀମିତ କରାଯିବ ବୋଲି ଟୋକିଓ ୨୦୨୦ ଆୟୋଜକ କମିଟି ନିଷ୍ପତ୍ତି ନେଇଛି। ଗ୍ରୀସ୍‌ରେ ଅଲିମ୍ପିକ୍ ମଶାଲ ପ୍ରଜ୍ୱଳିତ ହୋଇଛି ଓ ଏହା ଶୁକ୍ରବାର ଉତ୍ତର ଜାପାନରେ ଆସି ପହଞ୍ଚିବ। ଫୁକୁସିମାରେ ଆସନ୍ତା ୨୬ ତାରିଖରେ ମାଶାଲ ରାଲି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସବୁକିଛି ଅନିଶ୍ଚିତତା ଆଡକୁ ଚାଲିଯାଉଛି।

### ପୁରୁଷ ଟି୨୦ ବିଶ୍ୱକପ୍ ନିର୍ଦ୍ଧାରିତ ସମୟରେ ହେବ

**ସିଡ୍‌ନୀ, ୧୭।୩ (ପି.ଟି.):** କୋଭିଡ୍-୧୯ର ପ୍ରକୋପ ସତ୍ତ୍ୱେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଦେଶରେ ପୁରୁଷ ଟି୨୦ ବିଶ୍ୱ କପ୍ ଅନୁଷ୍ଠିତ ହେବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମଙ୍ଗଳବାର ପ୍ରକାଶ କରିଛି। କରୋନା ଭାଇରସ ଯୋଗୁ ବିଶ୍ୱବ୍ୟାପୀ କ୍ରୀଡ଼ା ବାଧା ସୃଷ୍ଟି ହୋଇଛି। ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟରେ ଏହାଦ୍ୱାରା ପ୍ରଭାବିତ ହୋଇଛି। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କେଭିନ୍ ରବର୍ଟ୍ସ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିରେ କେବେ ସୁଧାର ଆସିବ ତାହା କହିହେବ ନାହିଁ। କିଛି ସପ୍ତାହ ମଧ୍ୟରେ ଏଥିରେ ସୁଧାର ଆସିପାରେ। ଅକ୍ଟୋବର ଓ ନଭେମ୍ବରରେ ଟି୨୦ ପୁରୁଷ ବିଶ୍ୱକପ୍ ବେଳକୁ ସବୁ ଠିକ୍ ହୋଇଯାଇଥିବା ବୋଲି ଆମର ଆଶା। ପୁରୁଷ ଟି୨୦ ବିଶ୍ୱକପ୍ ୧୨ଟି ଦଳକୁ ନେଇ ମୁଖ୍ୟ ପ୍ରତିଯୋଗିତା ଅକ୍ଟୋବର ୨୪ରୁ ହେବ। ଏମସିଜିରେ ଫାଇନାଲ ନଭେମ୍ବର ୧୫ରେ ହେବ।

# ଯୁବ ଫୁଟ୍‌ବଲ କୋଚ୍‌ଙ୍କ ବିୟୋଗ

## ପ୍ରାଣ ନେଲା କରୋନା

**ମାଡ୍ରିଡ୍, ୧୭।୩ (ପି.ଟି.):** ପ୍ରାଣଘାତୀ କରୋନା ଭାଇରସ୍ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିସାରିଛି। ଏହାର ସଦ୍ୟତମ ଶିକାର ହୋଇଛନ୍ତି ସ୍ପେନ ମଲାଗା ସହରର ଜଣେ ଯୁବ ଫୁଟ୍‌ବଲ କୋଚ୍। କରୋନା ଭାଇରସ୍ ଯୋଗୁ ମଙ୍ଗଳବାର ୨୧ ବର୍ଷୀୟ ଏହି ଫୁଟ୍‌ବଲ କୋଚ୍‌ଙ୍କ ଜୀବନ ଚାଲିଯାଇଛି। ତାଙ୍କ ନାମ ହେଉଛି ଫ୍ରାନ୍‌ସିସ୍କୋର ଗାର୍ସିଆ। ସ୍ପାନିଶ ଲିଗ୍ ଦ୍ୱିତୀୟ ଡିଭିଜନ ଦଳ ଆଟ୍‌ଲେଟିକୋ ପୋର୍ଟାଡ ଜୁନିୟର ଦଳର ପ୍ରଶିକ୍ଷକ ଦାୟିତ୍ୱ ସେ ତୁଲାଉଥିଲେ। କରୋନା ଭାଇରସ୍ ଆକ୍ରାନ୍ତ ଜଣାପଡ଼ିବା ପରେ ଗାର୍ସିଆଙ୍କୁ ସ୍ଥାନୀୟ ଏକ ମେଡିକାଲରେ ଆଇସୋଲେଶନରେ ରଖାଯାଇଥିଲା। ପରେ ସେ କ୍ୟାନସରରେ ପୀଡ଼ିତ ଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ପ୍ରାଣତ୍ୟାଗ କରିଥିଲେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ସ୍ପେନରେ କରୋନା ଭାଇରସ୍‌ରେ ମୃତ୍ୟୁବରଣ କରିବାରେ ସେ ୫ମ ସର୍ବକନିଷ୍ଠ ବ୍ୟକ୍ତିଥିଲେ ବୋଲି ଜାଣିବାକୁ ମିଳିଛି। 'କୋଚ୍ ଫ୍ରାନସିସ୍କୋ ଗାର୍ସିଆଙ୍କ ବିୟୋଗ ଆମକୁ ବହୁତ ଦୁଃଖ ଦେଇଛି। ତାଙ୍କ ପରିବାର, ବନ୍ଧୁ, ନିକଟତମ ବନ୍ଧୁଙ୍କ ପ୍ରତି ଗଭୀର ଶୋକବ୍ୟକ୍ତ କରୁଛୁ। ତୁମ ବିନା ଆମେ କିଛି କରିପାରିବୁ ନାହିଁ କି ତୁମକୁ କଦାପି ଭୁଲିବୁନି' ବୋଲି ଆଟ୍‌ଲେଟିକୋ ପୋର୍ଟାଡ କ୍ଲବ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ଫ୍ରାନସିସ୍କୋର ଗାର୍ସିଆ

### ସ୍ପାନିଶ କ୍ଲବ ଭାଲେନ୍‌ସିଆର ଏକତୃତୀୟାଂଶ ଖେଳାଳି ଆକ୍ରାନ୍ତ

**ମାଡ୍ରିଡ୍, ୧୭।୩ (ଏଏଫ୍‌ପି):** ସ୍ପେନ ଫୁଟ୍‌ବଲ କ୍ଲବ ଭାଲେନସିଆ ଦଳର ୩୫ ପ୍ରତିଶତ ଖେଳାଳି ମାରାତ୍ମକ କରୋନା ଭାଇରସ୍‌ରେ ଆକ୍ରାନ୍ତ ରହିଛନ୍ତି। କ୍ଲବର ଏକତୃତୀୟାଂଶ ଖେଳାଳି ଓ ଷ୍ଟାଫ୍‌ଙ୍କ ରିପୋର୍ଟ ପଜିଟିଭ ବାହାରିଥିବା କ୍ଲବ ପକ୍ଷରୁ ଘୋଷଣା କରାଯାଇଛି। ଭାଲେନସିଆ ଗତ ମାସରେ ଆଟ୍‌ଲାଣ୍ଟା ବିପକ୍ଷ ଚାମ୍ପିୟନ୍ସ ଲିଗ୍ ରାଉଣ୍ଡ-୧୬ ମ୍ୟାଚ୍ ଖେଳିବା ଲାଗି ଇଟାଲୀର ମିଲାନ ସହର ଗସ୍ତ କରିଥିଲା। ସେହି ସମୟରେ ଖେଳାଳିଙ୍କ ମଧ୍ୟରେ ଭାଇରସ୍ ବ୍ୟାପିଥିବା କ୍ଲବ ପକ୍ଷରୁ କୁହାଯାଇଛି। 'ମ୍ୟାଚ୍ ପରେ କ୍ଲବ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା ସତ୍ତ୍ୱେ ବର୍ତ୍ତମାନର ରିପୋର୍ଟରେ ୩୫ ପ୍ରତିଶତ ପଜିଟିଭ ବାହାରିଛି। ସମସ୍ତଙ୍କୁ ବର୍ତ୍ତମାନ ଘରେ ଆଇସୋଲେଶନ୍‌ରେ ରଖାଯାଇ ମେଡିକାଲ ଚିକିତ୍ସା ଯୋଗାଇ ଦିଆଯାଉଛି' ବୋଲି ଭାଲେନସିଆ କ୍ଲବ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କରୋନା ଦ୍ୱାରା ୟୁରୋପ୍‌ରେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ସ୍ପେନ ୨ୟ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ସ୍ପେନରେ ୯୧୦୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ୩୦୯ ଜଣ ମୃତ୍ୟୁବରଣ କରିସାରିଛନ୍ତି।



ସ୍ପେନ ଫୁଟ୍‌ବଲ କ୍ଲବ ଭାଲେନ୍‌ସିଆର ଖେଳାଳିମାନେ।

# ଅଷ୍ଟ୍ରେଲିଆ ଖେଳାଳିଙ୍କ ଆଇପିଏଲ୍ ଚୁକ୍ତି ସମୀକ୍ଷା କରିବ ସିଏ



ଡେଭିଡ୍ ୱାର୍ନର ଓ ଗ୍ଲେନ୍ ମାକ୍ସୱେଲ୍।

**ମେଲବୋର୍ନ, ୧୭।୩ (ପି.ଟି.)**

କରୋନା ଭାଇରସ୍‌ର ପ୍ରକୋପକୁ ନଜରରେ ରଖି ଅଷ୍ଟ୍ରେଲିଆ କ୍ରିକେଟର୍‌ମାନେ ସେମାନଙ୍କ ଲୋଭନୀୟ ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍) ଚୁକ୍ତି ଛାଡ଼ିପାରନ୍ତି। ମଙ୍ଗଳବାର ସ୍ଥାନୀୟ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ସେମାନଙ୍କ ଖେଳାଳିଙ୍କୁ ଅଫିସିଆଲି ଭାବେ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ସିଏର ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରବର୍ଟ୍ସ କହିଛନ୍ତି, ଆଇପିଏଲ୍ ଫ୍ରାଞ୍ଚାଇଜ୍ ସହ ଖେଳାଳି ବ୍ୟକ୍ତିଗତ ଚୁକ୍ତି କରିଛନ୍ତି ଏବଂ ସେମାନଙ୍କୁ ନିଜେ ହିଁ ନିଷ୍ପତ୍ତି ନେବାକୁ ପଡ଼ିବ କି ସେମାନେ ଚଳିତ ବର୍ଷ ଆଇପିଏଲ୍ ଖେଳିବେ କି ନାହିଁ। 'ଆମେ କେବଳ ପରାମର୍ଶ ପ୍ରଦାନ କରିବୁ। ଆମେ ଜାଣୁଛୁ ଯେ ଅଷ୍ଟ୍ରେଲିଆ ଖେଳାଳି ବ୍ୟକ୍ତିଗତ ଭାବେ ଆଇପିଏଲ୍ ଫ୍ରାଞ୍ଚାଇଜ ସହ ଚୁକ୍ତି କରିଛନ୍ତି। ଶୀଘ୍ର ସେହି ସମୟ ଆସିବ, ଯେତେବେଳେ କି ଖେଳାଳି ଆମ ପରାମର୍ଶ ଲୋଡ଼ିବେ। ଆଶା କରୁଛି କି ଅନିଶ୍ଚିତତାର ଏହି ପରିସ୍ଥିତିରେ ଖେଳାଳି ସଠିକ୍ ନିଷ୍ପତ୍ତି ନେବେ' ବୋଲି ରବର୍ଟ୍ସ କହିଛନ୍ତି। ଅଷ୍ଟ୍ରେଲିଆ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ଓ ବ୍ରିଟେନରେ ଅନୁଷ୍ଠିତ ଦି ହଣ୍ଡ୍ରେଡ୍ ସିରିଜରେ ସେମାନଙ୍କ ଖେଳାଳିଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦେବ କି ନାହିଁ ସେ ନେଇ କ୍ରିକେଟ୍ ଅଷ୍ଟ୍ରେଲିଆ ଚିନ୍ତା କରୁଛି। ଆଇପିଏଲ୍ ସହ ୧୭ ଜଣ ଅଷ୍ଟ୍ରେଲୀୟ ଖେଳାଳି ଚୁକ୍ତି କରିଛନ୍ତି। ସେହିଭଳି ପ୍ରକାଶିତ ରିପୋର୍ଟ ଅନୁସାରେ, ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ, ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍, ଓପନର୍ ଡେଭିଡ୍ ୱାର୍ନର ଓ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଚୁକ୍ତି ଛାଡ଼ିବା ପାଇଁ କୁହାଯାଇପାରେ।

## ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର ସସ୍‌ପେଣ୍ଡ

**ଲଣ୍ଡନ, ୧୭।୩ (ଏଏଫ୍‌ପି):** କରୋନା ଭାଇରସ ଭୟ ଯୋଗୁ ଲଣ୍ଡନରେ ଚାଲିଥିବା ୟୁରୋପିଆନ ବକ୍ସିଂ କ୍ୱାଲିଫାୟର୍ସକୁ ସୋମବାର ସସ୍‌ପେଣ୍ଡ କରାଯାଇଛି। ଇଭେଣ୍ଟକୁ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ ଜାରି ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଦି ବକ୍ସିଂ ରୋଡ୍ ଟୁ ଟୋକିଓ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ଚାଲିଥାନ୍ତା। ମାତ୍ର ସୋମବାର ସାନ୍ଧ୍ୟକାଳୀନ ସେସନ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଲଣ୍ଡନରେ ଆୟୋଜିତ ଏହି ପ୍ରତି ଯୋଗିତାରେ ୟୁରୋପର ୧୨ଟି ଦେଶର ୩୫୦ ମହିଳା ଓ ପୁରୁଷ ବକ୍ସର ଭାଗ ନେଉଥିଲେ। ଏଥିରୁ ୧୨ଜଣ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତେ। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)ର ବକ୍ସିଂ ଟାସ୍କ ଫୋର୍ସ (ବିଟିଏଫ୍) ରବିବାର କହିଥିଲା ସୋମବାରଠାରୁ ଇଭେଣ୍ଟର ଅବଶିଷ୍ଟାଂଶ ରୁଦ୍ଧଦ୍ୱାରରେ ହେବ।

# ୯.୬ କୋଟି ହରାଇପାରନ୍ତି ଷ୍ଟାର୍କ

**ମେଲବୋର୍ନ, ୧୭।୩:** ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ କୋଲକାତା ନାଇଟ୍ ରାଇଡର୍ସ ସହ ୨୦୧୮ରେ କରିଥିବା ଚୁକ୍ତି ଅନୁଯାୟୀ ୯.୬ କୋଟି ଟଙ୍କା ହରାଇପାରନ୍ତି। ଷ୍ଟାର୍କ ଆଇପିଏଲ୍‌ର ୨୦୨୦ ସଂସ୍କରଣ ଖେଳାଳି ନିଲାମୀ ପ୍ରକ୍ରିୟା ପୂର୍ବରୁ ଏଥିରୁ ଓହରି ଯାଇଥିଲେ। ସେହିଭଳି ଆଇସିସି ବିଶ୍ୱକପ୍ ଓ ଆଶେସ ସିରିଜକୁ ନଜରରେ ରଖି ଏହି ବାମହାତୀ ବୋଲର ଆଇପିଏଲ୍‌ର ୨୦୧୯ ସଂସ୍କରଣରେ ମଧ୍ୟ ଭାଗ ନେଇ ନ ଥିଲେ। ଶେଷଥର ପାଇଁ ସେ ୨୦୧୮ ଆଇପିଏଲ୍ ନିଲାମିରେ ଭାଗ ନେଇଥିଲେ। ଯେଉଁଥିରେ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ୍ ଷ୍ଟାର୍କଙ୍କୁ ୯.୬ କୋଟି ଟଙ୍କାରେ କ୍ରୟ କରିଥିଲା। କିନ୍ତୁ



ଦକ୍ଷିଣ ଆଫ୍ରିକାରେ ଖେଳୁଥିବାବେଳେ ଗୋଡ଼ରେ ଆଘାତ ଲାଗିବାରୁ ଷ୍ଟାର୍କ ସେହିବର୍ଷ ଆଇପିଏଲ୍‌ରେ ଗୋଟିଏ ମଧ୍ୟ ମ୍ୟାଚ୍ ଖେଳିପାରି ନ ଥିଲେ। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ଷ୍ଟାର୍କ ୨୦୧୮ ଆଇପିଏଲ୍ ଚୁକ୍ତି ଅନୁଯାୟୀ ୯.୬ କୋଟି ଟଙ୍କା ହରାଇପାରନ୍ତି। ପ୍ରତିପକ୍ଷ ଓକିଲଙ୍କ ଦାବି କରିଛନ୍ତି ଯେ, ଷ୍ଟାର୍କଙ୍କ ଗୋଡ଼ରେ ଯେଉଁ ଆଘାତ ଲାଗିଥିବା ଏବଂ ତାଙ୍କୁ ଆଇପିଏଲ୍‌ରୁ ଦୂରେଇ ରହିବାକୁ ପଡ଼ିଥିଲା ତାହା ଅଚାନକ କିମ୍ବା ଅପ୍ରତ୍ୟାଶିତ ନ ଥିଲା। ଷ୍ଟାର୍କ ବର୍ତ୍ତମାନ ଭିକ୍ଟୋରିଆର କଣ୍ଟ୍ରି କୋର୍ଟରେ ଲଣ୍ଡନସ୍ଥିତ ଇନ୍‌ସୁରାନ୍ସ ମାର୍କେଟ୍ ବିରୋଧରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ଯେଉଁଠାରେ ଜଣେ ବ୍ୟକ୍ତି ଏହିଭଳି 'ସ୍ୱତନ୍ତ୍ର' ଘଟଣାର କଭରେଜ୍ କରିପାରିବ।

# ଡୋପ୍ ଟେଷ୍ଟ: ୪ ନାବାଳକ ଆଥଲେଟ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ହୋଇଥିବା ଡୋପ୍ ଟେଷ୍ଟରେ ଧରାପଡ଼ି ୪ ନାବାଳକ ଆଥ୍‌ଲେଟ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ରହିଛନ୍ତି। ଗତ ନଭେମ୍ବରରେ ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ୧୭ତମ ମିଲୋ ଜାତୀୟ ଆନ୍ତଃ ଜିଲା ଜୁନିୟର ଆଥଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ହୋଇଥିବା ଡୋପ୍ ଟେଷ୍ଟରେ ଏହି ଦୁଇ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଙ୍କ ପଜିଟିଭ୍ ଆସିଥିଲା। ଉଭୟଙ୍କୁ ପିଛିଲା ଜାନୁୟାରୀ ୩୧ରୁ ସାମୟିକ ସସ୍‌ପେଣ୍ଡ କରାଯାଇଥିବା ନାଡା ମଙ୍ଗଳବାର ପ୍ରକାଶ କରିଛି। ଅନ୍ୟ ଦୁଇ ନାବାଳକଙ୍କ ମଧ୍ୟରେ ଜଣେ ବକ୍ସର ଓ ଜଣେ ଭଲିବଲ୍ ଖେଳାଳି ଅଛନ୍ତି। ଗତବର୍ଷ ନଭେମ୍ବରରେ ୬୫ତମ ନ୍ୟାଶନାଲ ସ୍କୁଲ ଗେମ୍ସ (୧୪ବର୍ଷରୁ କମ୍ ବକ୍ସିଂ) ଚାମ୍ପିୟନଶିପ୍ ସମୟରେ ହୋଇଥିବା ବକ୍ସର ଜଣକ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କୁ ଫେବୃୟାରୀ ୬ରୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଗତବର୍ଷ ଅନୁଷ୍ଠିତ ୬୫ତମ ନ୍ୟାନାଲ ସ୍କୁଲ ଗେମ୍ସ ଚାମ୍ପିୟନଶିପ୍ ବେଳେ ହୋଇଥିବା ଡୋପ୍ ଟେଷ୍ଟରେ ଭଲିବଲ ଖେଳାଳି ଜଣକ ଧରାପଡ଼ିଥିଲେ। ତାଙ୍କୁ ଜାନୁୟାରୀ ୩୧ରୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଟେଷ୍ଟ ବେଳେ ଏସିଆନ ଜୁନିୟର ହାମର ଥ୍ରୋ ଚାମ୍ପିୟନ ଆଶିଷ ଝାକରଙ୍କର ମଧ୍ୟ ପଜିଟିଭ ଆସିଥିଲା। ଗତ ସେପ୍ଟେମ୍ବରରେ ପୁଣେଠାରେ ଅନୁଷ୍ଠିତ ସର୍ଭିସେସ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଆଶିଷଙ୍କୁ ମଧ୍ୟ ସାମୟିକ ବାସନ୍ଦ କରାଯାଇଛି।

# ହେଲ୍‌ସଙ୍କଠାରେ ଲକ୍ଷଣ: ରାଜା

**କରାଚୀ,୧୭।୩ (ପି.ଟି.):** ଚଳିତ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)କୁ ସ୍ଥଗିତ ରଖିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଙ୍ଗଳବାର ନିଷ୍ପତ୍ତି ନେଇଛି। ଜଣେ ବିଦେଶୀ ଖେଳାଳିଙ୍କଠାରେ କାରୋନା ଭାଇରସନ (କୋଭିଡ- ୧୯) ଲକ୍ଷଣ ଦେଖାଦେଇଛି ବୋଲି ପିସିବି ସ୍ପଷ୍ଟ କରିଛି। ତେବେ ଇଂଲଣ୍ଡ ତାରକା କ୍ରିକେଟର ଆଲେକ୍ସ ହେଲ୍‌ସଙ୍କଠାରେ ଏହି ଲକ୍ଷଣ ଦେଖାଯାଇଛି ବୋଲି ପୂର୍ବତନ ପାକିସ୍ତାନ



ଅଧିନାୟକ ତଥା ଭାଷ୍ୟକାର ରମିଜ ରାଜା ଦାବି କରିଛନ୍ତି। ପିଏସ୍‌ଏଲ୍ ନକ୍ ଆଉଟ ପର୍ଯ୍ୟାୟ ତଥା ସେମିଫାଇନାଲରେ ପ୍ରବେଶ କରିଥିଲା। ଲାହୋରରେ ମଙ୍ଗଳବାର ସେମିଫାଇନାଲ ଓ ବୁଧବାର ଫାଇନାଲ ଖେଳାଯିବାରୁ କାର୍ଯ୍ୟକ୍ରମ ରହିଥିଲା। କରୋନା ଭାଇରସ କାରଣରୁ ପିସିବି ଲିଗ୍‌କୁ ୪ ଦିନ ଛୋଟ କରିଥିଲା। କିନ୍ତୁ ଶେଷରେ ପିସିବି ଏହି ଲିଗ୍ ସ୍ଥଗିତ କରିବାକୁ ବାଧ୍ୟ ହୋଇଛି। ପରିସ୍ଥିତି ନେଇ ବିସ୍ତୃତ ଭାବେ ଆଲୋଚାନ କରିବା ପରେ ଆମେ ଏପରି ନିଷ୍ପତ୍ତି ନେଇଛୁ ବୋଲି ପିସିବି ମୁଖ୍ୟ କାର୍ଯ୍ୟ ନିର୍ବାହୀ ୱାସିମ୍ ଖାନ କହିଛନ୍ତି। ଜଣେ ଖେଳାଳି ପାକିସ୍ତାନ ଛାଡିବା ପରେ ତାଙ୍କଠାରେ ଏହି ଭାଇରସର ଲକ୍ଷଣ ଦେଖିବାକୁ ମିଳିଥିବା କଥା କହିଥିଲେ। ତେବେ ଏ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାପୂର୍ବରୁ କୌଣସି ମାମଲା ଆଦୌ ଆସିନାହିଁ। ଅନ୍ୟପଟେ ସମ୍ପୃକ୍ତ ଖେଳାଳି ଜଣକ ଆଲେକ୍ସ ହେଲ୍ସ ହୋଇପାରନ୍ତି ବୋଲି ରାଜା କହିଛନ୍ତି। ସାବଧାନତା ଦୃଷ୍ଟିକୋଣରୁ ପିଏସ୍‌ଏଲର ସବୁ ଖେଳାଳି ଓ ବ୍ରଡକାଷ୍ଟରଙ୍କ ପରୀକ୍ଷା କରାଯାଇଛି। ତେବେ ହେଲ୍‌ସଙ୍କଠାରେ ଦେଖାଦେଇଥିବା ଲକ୍ଷଣ କରୋନ ଭାଇରସ କାରଣରୁ କହିବା ଠିକ୍ ହେବ ନାହିଁ ବୋଲି ରାଜା କହିଛନ୍ତି। ତାଙ୍କର ଏପର୍ଯ୍ୟନ୍ତ ପରୀକ୍ଷା ହୋଇନାହିଁ। ଇଂଲଣ୍ଡରେ ପହଞ୍ଚିବା ପରେ ୩୧ ବର୍ଷୀୟ ହେଲ୍ସ ନିଜଆଡୁ ଆସୋଲେଶନରେ ରହିଛନ୍ତି। ରବିବାର ସକାଳୁ ମୋତେ ଜ୍ୱର ହୋଇଥିବା ଜାଣିବାକୁ ପାଇଥିଲି। ପରେ ମୋର କ୍ରମାଗତ ଭାବେ କାଶ ହୋଇଥିଲା ବୋଲି ହେଲ୍ସ କହିଛନ୍ତି। ପରୀକ୍ଷା ହୋଇ ନ ଥିବାରୁ ଏବେ କିଛି କହିବା କଷ୍ଟକର ବୋଲି ସେ କହିଛନ୍ତି। ପିଏସ୍‌ଏଲ୍‌ରେ ସାମିଲ ହୋଇଥିବା ୩୪ ବିଦେଶୀ ଖେଳାଳି ଗତ ସପ୍ତାହରେ ଘରକୁ ଫେରିବା ଆରମ୍ଭ କରିଛନ୍ତି। କୌଣସି ଖେଳାଳିଙ୍କୁ ଲିଗ୍‌ରୁ ଫେରିବାରେ ରୋକାଯିବ ନାହିଁ ବୋଲି ପିସିବି କହିଛି। ପୂର୍ବରୁ ସେମବାର ପିସିବି ବାଂଲାଦେଶ ବିପକ୍ଷ ଦିନିକିଆ ଓ ଟେଷ୍ଟ ସିରିଜକୁ ମଧ୍ୟ ବାତିଲ କରିସାରିଛି। ସେହିପରି ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ଦିନିକିଆ କପ୍‌କୁ ମଧ୍ୟ ବାତିଲ କରାଯାଇଛି।

# ମୋଟର ରେସିଂ କ୍ୟାଲେଣ୍ଡରର ପ୍ରଭାବିତ

କରୋନା ଭାଇରସ ସଂକ୍ରମଣ ପ୍ରଭାବରେ ଅନ୍ୟ କ୍ରୀଡ଼ାଭଳି ମୋଟରରେସିଂ କ୍ୟାଲେଣ୍ଡର ମଧ୍ୟ ପ୍ରଭାବିତ ହୋଇଛି। ଏହା ମଧ୍ୟରେ ସମ୍ପୃକ୍ତ ରହିଛି ଫର୍ମୁଲାୱାନ, ମୋଟୋ ଜିପି, ଫର୍ମୁଲା-ଇ, ୱାର୍ଲ୍ଡ ଏଣ୍ଡୁରାନ୍ସ ଚାମ୍ପିୟନଶିପ୍। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଥମ ୫ଟି ଫର୍ମୁଲାୱାନ ମୋଟରରେସିଂ ଗ୍ରାଁ ପ୍ରି ସମ୍ପର୍କରେ ନିଷ୍ପତ୍ତି ନିଆ ଯାଇଛି। ସିଜନର ମୁଖଶାଳା କୁହାଯାଉଥିବା ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ବାତିଲ ହୋଇଥିବାବେଳେ ଅନ୍ୟ ୪ଟି ଗ୍ରାଁ ପ୍ରିକୁ ସ୍ଥଗିତ ରଖା ଯାଇଛି। ତା' ମଧ୍ୟରେ ରହିଛି ବାହାରିନ, ଭିଏତନାମ, ଚାଇନିଜ୍, ଡଚ୍ ଓ ସ୍ପାନିଶ ଗ୍ରାଁ ପ୍ରି। ଆଗାମୀ ଦିନରେ ହେବାକୁଥିବା ଅନ୍ୟ ଇଭେଣ୍ଟଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି।

ମୋଟର ସ୍ପୋର୍ଟ୍ସର ସର୍ବୋଚ୍ଚ ସଂସ୍ଥା(ଏଫଆଇଏ) ପକ୍ଷରୁ ଏକ କ୍ରାଇସେସ ସେଲ୍ ଗଠନ କରାଯାଇଛି। ଗୋଟିଏ ଦିନ ବ୍ୟବଧାନରେ ବୈଠକ ଅନୁଷ୍ଠିତ ହୋଇ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ଆମେରିକାରେ ଅନେକ ରେସ୍ ବାତିଲ କରାଯାଇଥିବାବେଳେ ପ୍ରଶଂସକଙ୍କ ସହିତ ମିଶିବା ଉପରେ କଟକଣା ଲଗା ଯାଇଛି। ଚାଇନାରେ କରୋନା ଭାଇରସ ସଂକ୍ରମଣ ପରେ ପ୍ରଥମେ ଚାଇନିଜ୍ ଗ୍ରାଁ ପ୍ରିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଏହାପରେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଉପରେ ସମସ୍ତଙ୍କ ନଜର ରହିଥିଲା। ପ୍ରଥମ ଦିବସ ପ୍ରାକ୍ଟିସ ପାଇଁ ସମସ୍ତ ଗାଡ଼ିକୁ ଲାଇନ୍‌ଅପ୍ କରାଯାଇଥିଲା। ମାତ୍ର ମ୍ୟାକଲରେନ ଟିମ୍‌ର ଜଣେ ସଦସ୍ୟ ଭାଇରସରେ ଆକ୍ରାନ୍ତ ହୋଇଥିବା ଜଣା ପଡ଼ିବାପରେ ଅଭ୍ୟାସ ସେସନକୁ ପ୍ରଥମେ ସ୍ଥଗିତ ରଖାଯାଇଥିଲା ଏବଂ ପରେ ଗ୍ରାଁ ପ୍ରିକୁ ବାତିଲ କରାଗଲା। ପରବର୍ତ୍ତୀ ରେସ୍‌ଗୁଡ଼ିକୁ ବିନା ଦର୍ଶକରେ କରାଇବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଷ୍ପତ୍ତି ହୋଇଥିଲେ ହେଁ ପରେ ସ୍ଥଗିତ ରଖା ଯାଇଥିଲା।



| ଗ୍ରାଁ ପ୍ରି | ସମୟ | ଷ୍ଟାଟସ |
|---|---|---|
| ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି | ମାର୍ଚ୍ଚ ୧୩ରୁ ୧୫ | ବାତିଲ |
| ବାହାରିନ ଗ୍ରାଁ ପ୍ରି | ମାର୍ଚ୍ଚ ୨୦ରୁ ୨୨ | ସ୍ଥଗିତ |
| ଭିଏତନାମ ଗ୍ରାଁ ପ୍ରି | ଏପ୍ରିଲ ୩ରୁ ୫ | ସ୍ଥଗିତ |
| ଚାଇନିଜ ଗ୍ରାଁ ପ୍ରି | ଏପ୍ରିଲ ୧୭ରୁ ୧୯ | ସ୍ଥଗିତ |
| ଡଚ୍ ଗ୍ରାଁ ପ୍ରି | ମେ ୧ରୁ ୩ | ସ୍ଥଗିତ |
| ସ୍ପାନିଶ ଗ୍ରାଁ ପ୍ରି | ମେ ୮ରୁ ୧୦ | ସ୍ଥଗିତ |

“କରୋନା ଭାଇରସ୍ ଯୋଗୁ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବ କି ନା ସେ ସମ୍ପର୍କରେ କେବେ ନିଷ୍ପତ୍ତି ନିଆଯିବ ଦିନ ଧାର୍ଯ୍ୟ ହୋଇ ନାହିଁ ।
–ଜନ୍ କୋଟ୍ସ
ଟୋକିଓ କୋଅର୍ଡିନେଶନ କମିଶନ ଚେୟାରମ୍ୟାନ



“କରୋନା ଭାଇରସ୍‌ର ପ୍ରଭାବ ଯେ ପର୍ଯ୍ୟନ୍ତ ନ ହଟିଛି ସେ ପର୍ଯ୍ୟନ୍ତ କୌଣସି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବା ଉଚିତ ହେବ ନାହିଁ ।
–ଟାଇଗର ଉଡ୍ସ, ଗଲ୍ଫ ସୁପରଷ୍ଟାର



## ‘ଇଣ୍ଡୋ- ପାକ୍ ମ୍ୟାଚ୍ ବିନା ଟେଷ୍ଟ ଚାମ୍ପିୟନଶିପ୍‌ର ମାନେ କିଛି ନାହିଁ

**କରାଚୀ, ୧୭।୩ (ପି.ଟି.):** ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରା ନ ଗଲେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ର ମାନେ କିଛି ନାହିଁ। ଏକଥା କହିଛନ୍ତି ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ୱାକର ୟୁନିସ୍। ଟେଷ୍ଟ ଚାମ୍ପିୟନଶିପ୍‌ରେ ବିଶ୍ୱର ଶ୍ରେଷ୍ଠ ୯ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହି ଦେଶଗୁଡିକ ପରସ୍ପର ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବେ। ସର୍ବାଧିକ ପଏଣ୍ଟ ପାଇ ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବାକୁ ଥିବା ଦଳ ୨୦୨୧ ଜୁନ୍‌ରେ ଇଂଲଣ୍ଡରେ ଫାଇନାଲରେ ପରସ୍ପରକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କ ଭଲ ନାହିଁ ବୋଲି ଜାଣିଛି। ଏପରିକି ଦୁଇ ଦେଶର ସରକାରଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ କହିଲେ ଚଳେ। ତେବେ ଏପରିସ୍ଥଳେ ଚାମ୍ପିୟନଶିପ୍‌ରେ ଆଇସିସି ସକ୍ରିୟ ଭୂମିକା ନେବାର ଆବଶ୍ୟକ ରହିଛି ବୋଲି ୱାକର କ୍ରିକ୍‌ବଜ ୟୁଟ୍ୟୁବ ଚ୍ୟାନେଲକୁ ସାକ୍ଷାତକାର ଦେଇ କହିଛନ୍ତି। ଆଇସିସି ଦୁଇ ଦେଶ ମଧ୍ୟରେ କ୍ରିକେଟ ସିରିଜକୁ ପୁଣି ଥରେ ଆରମ୍ଭ କରିବା ପାଇଁ ପ୍ରୟାସ ଆରମ୍ଭ କରିବା ଉଚିତ।

# ୟୁରୋ, କୋପା ଆମେରିକା ସ୍ଥଗିତ

**ଲାଉସାନେ, ୧୭।୩ (ଏଏଫ୍‌ପି)**

ୟୁନିୟନ ଅଫ୍ ୟୁରୋପିଆନ୍ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ୨୦୨୧ ପର୍ଯ୍ୟନ୍ତ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖିଛି। ସେହିପରି ଜୁନ୍ ୧୨ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଓ କଲମ୍ବିଆରେ ଖେଳାଯିବାକୁଥିବା କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ଏହି ପ୍ରତିଯୋଗିତା ପ୍ରଥମଥର ଦୁଇଟି ଦେଶରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ଥିଲା। ମଙ୍ଗଳବାର ୟୁରୋପିଆନ ଫୁଟ୍‌ବଲ ଗଭର୍ନିଂବଡ଼ିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ୟୁରୋ ୨୦୨୦କୁ ସ୍ଥଗିତ ରଖାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ଇଭେଣ୍ଟ ମହାଦେଶର ବିଭିନ୍ନ ସ୍ଥାନର ଜୁନ୍ ଓ ଜୁଲାଇରେ ଖେଳାଯାଇଥାନ୍ତା। କରୋନା ଭାଇରସ୍ ବ୍ୟାପିବାରେ ଲାଗିଥିବାରୁ ସମଗ୍ର ବିଶ୍ୱରେ କ୍ରୀଡ଼ା ଏକ ପ୍ରକାର ସ୍ଥିର ହୋଇଯାଇଛି। ବହୁ ଦେଶ ସେମାନଙ୍କ ସୀମାନ୍ତକୁ ବନ୍ଦ କରିଦେଇଛନ୍ତି। କୋଭିଡ୍-୧୯ ଏମରଜେନ୍ସି ଯୋଗୁ ସମସ୍ତ ଘରୋଇ ପ୍ରତିଯୋଗିତା ମଧ୍ୟ ସ୍ଥଗିତ ରଖାଯାଇଛି। ସେଗୁଡ଼ିକ







ଶେଷ ହେବା ଦରକାର। ୟୁଫା ଚାମ୍ପିୟନ୍ସ ଲିଗ୍ ଏବଂ କ୍ଲବଗୁଡ଼ିକୁ ନେଇ ୟୁରୋପା ଲିଗ୍ ପ୍ରତିଯୋଗିତାକୁ ଇତିମଧ୍ୟରେ ସସ୍‌ପେଣ୍ଡ କରାଯାଇଛି। ଉଭୟ ପ୍ରି-କ୍ୱାର୍ଟର ପର୍ଯ୍ୟାୟରେ ପହଞ୍ଚିସାରିଥିଲା। ଦେଶ ବିଦେଶ ଯାତାୟାତ କଟକଣା ଉଠିବା ପରେ ଯାଇ ଅସମାପ୍ତ ପ୍ରତିଯୋଗିତା ଗୁଡ଼ିକ ସମ୍ପନ୍ନ ହେବ। କହିବାକୁ ଗଲେ ୟୁରୋପ ବର୍ତ୍ତମାନ କରୋନା ଭାଇରସ ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଯାଇଛି। ଇଟାଲି ଓ ସ୍ପେନ ପରେ ଫ୍ରାନ୍ସରେ ଅଧିକ ସଂଖ୍ୟାରେ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଫଳ ସ୍ୱରୂପ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିଲେ ୟୁରୋପ ନେତାମାନେ ମହାଦେଶରେ ସେମାନଙ୍କ ଗସ୍ତକ୍ରମ ସ୍ଥଗିତ ରଖିଛନ୍ତି। ଖବର ଅନୁସାରେ କେବଳ ଇଟାଲିରେ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ୨,୧୦୦ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ରୋମ୍‌ରେ ୟୁରୋ ୨୦୨୦ର ଓପନିଂ ଗେମ୍ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନ ପରିସ୍ଥିତିରେ ୟୁରୋପରେ ସମସ୍ତ ପ୍ରକାର ଫୁଟ୍‌ବଲ ଟୁର୍ନାମେଣ୍ଟକୁ ସ୍ଥଗିତ ରଖିବା ଉଚିତ୍ ବୋଲି ଇଟାଲି ଫୁଟ୍‌ବଲ ଫେଡେରେଶନ ମୁଖ୍ୟ ଗାବ୍ରିଲି ଗ୍ରାଭିନା ପୂର୍ବରୁ ସମସ୍ତଙ୍କୁ ନିବେଦନ କରି ସାରିଛନ୍ତି। ୟୁରୋ ୨୦୨୦ର ମ୍ୟାଚ୍‌ଗୁଡ଼ିକ ଡବ୍ଲିନ ଓ ବିଲ୍‌ବାଉଠାରୁ ଆରମ୍ଭ କରି ସେଣ୍ଟ ପିଟର୍ସବର୍ଗ ଓ ବାକୁ ପର୍ଯ୍ୟନ୍ତ ମହାଦେଶର ୧୨ଟି ସହରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ସେମିଫାଇନାଲ ଓ ଫାଇନାଲ ଲଣ୍ଡନରେ ଖେଳାଯାଇଥାନ୍ତା। ମହିଳା ୟୁରୋପିଆନ ଚାମ୍ପିୟନଶିପ୍ ଆସନ୍ତା ଜୁଲାଇ ୭ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବ। ଫାଇନାଲ ୱେମ୍ବଲିଠାରେ ଖେଳାଯିବ। ୟୁଫା ମଧ୍ୟ ଆସନ୍ତାବର୍ଷ ଜୁନ୍‌ରେ ହଙ୍ଗେରୀ ଓ ସ୍ଲୋଭେନିଆରେ ୨୧ ବର୍ଷରୁ କମ୍ ୟୁରୋ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରିବା ଲାଗି ଯୋଜନା କରିଛି। ୟୁରୋରେ ଭାଗ ନେବାକୁ ଥିବା ୨୪ଟି ଟିମ୍ ମଧ୍ୟରୁ ୨୦ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପ୍ଲେ-ଅଫ୍ ଜରିଆରେ ଅନ୍ୟ ୪ଟି ଦଳ ନିର୍ଦ୍ଧାରଣ କରାଯାଇଥାନ୍ତା। ଏହି ମ୍ୟାଚଗୁଡ଼ିକ ଚଳିତମାସ ଶେଷଭାଗରେ ଖେଳାଯାଇଥାନ୍ତା। ମାତ୍ର ସେଗୁଡ଼ିକୁ ପରେ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି।

## ଫ୍ରେଞ୍ଚ୍ ଓପନ୍ ସେପ୍ଟେମ୍ବରକୁ ଘୁଞ୍ଚିଲା

**ପ୍ୟାରିସ, ୧୭।୩ (ଏଏଫ୍‌ପି):** କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ କରିବା ଲାଗି ଚାମ୍ପିୟନଶିପ୍‌ର ଆୟୋଜକଗଣ




ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତୁତି କାର୍ଯ୍ୟକୁ ଆଗେଇନେବା ସହଜ ନୁହେଁ ବୋଲି ସେମାନେ ସଫେଇ ଦେଇଛନ୍ତି। ୟୁ.ଏସ୍. ଓପନ ଯଦି ନିର୍ଦ୍ଧାରିତ ସମୟରେ ଖେଳାଯାଏ ତେବେ ନୂଆ କାର୍ଯ୍ୟସୂଚୀ ଅନୁସାରେ ଫ୍ରେଞ୍ଚ ଓପନ୍ ଏହାର ଏକ ସପ୍ତାହ ପରେ ଏହା ଅନୁଷ୍ଠିତ ହେବ।

# ଇଣ୍ଡିଆନ ଗ୍ରାଁ ପ୍ରି–୧ ପାଇଁ କଟକଣା

**ନୂଆଦିଲ୍ଲୀ, ୧୭।୩ (ପି.ଟି.):** ଇଣ୍ଡିଆନ ଗ୍ରାଁ ପ୍ରି-୧ ଆଥଲେଟିକ୍ସ ଚଳିତ ମାସ ୨୦ରେ ଅନୁଷ୍ଠିତ ହେବ। ନ୍ୟାଶନାଲ କୋଚିଂ କ୍ୟାମ୍ପରେ ସାମିଲ ଥିବା ଆଥଲେଟ୍‌ମାନେ ଏଥିରେ କେବଳ ଭାଗ ନେଇପାରିବେ ବୋଲି ଏଏଫଆଇ(ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ) ପକ୍ଷରୁ ପ୍ରକାଶ କରାଯାଇଛି। ‘‘କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୨୦ରେ ପଟିଆଲାର ସାଇ ଏନ୍‌ଏସ୍-ଏନଆଇଏସରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ କେବଳ ନ୍ୟାଶନାଲ କ୍ୟାମ୍ପରେ ସାମିଲ ଥିବା ଆଥଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ’’ ବୋଲି ଏଏଫଆଇ ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ଅର୍ଥାତ୍ ସୋମବାର ଏଏଫଆଇ ପକ୍ଷରୁ କୁହା ଯାଇଥିଲା ଯେ ଇଣ୍ଡିଆନ ଗ୍ରାଁ ପ୍ରିରେ କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କୁ ମଧ୍ୟ ଅଂଶଗ୍ରହଣର ସୁଯୋଗ ଦିଆଯିବ। ସାଇ ଏନଏସ-ଏନଆଇଏସ ଗେଟ୍ ନିକଟରେ ମେଡିକାଲ ଚେକ୍‌ଅପ୍ ପରେ ଆଥଲେଟ୍‌ମାନଙ୍କୁ ଭିତରକୁ ପ୍ରବେଶ ସୁଯୋଗ ମିଳିବ। ବିନା ଦର୍ଶକରେ ଏହି ଦୁଇ ଗ୍ରାଁ ପ୍ରି ଅନୁଷ୍ଠିତ ହେବ। ମାତ୍ର ଏହାର ଗୋଟିଏ ଦିନପରେ ଏଏଫଆଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଛି। ଯାହାକୁ ଦେଶର ବହୁ ଆଥଲେଟ୍‌ଙ୍କୁ ଭାଗ ନେବାରୁ ବଞ୍ଚିତ କରିବ।

ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଆଥଲେଟ୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତ ଜାତୀୟ କ୍ୟାମ୍ପକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଆଥଲେଟ୍‌ମାନେ ଯେପରି ଘରକୁ ଯାଇପାରିବେ ସେଥିନେଇ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ବ୍ୟବସ୍ଥା କରିବ। ସରକାରଙ୍କ ଆଡଭାଇଜରି ଅନୁସାରେ କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କୁ ସାଇ ଏନଏସ-ଏନଆଇଏସ ଭିତରକୁ ଏଣ୍ଟ୍ରି ଦିଆଯାଇ ପାରିବ ନାହିଁ ବୋଲି ଏଏଫଆଇ ପକ୍ଷରୁ ପ୍ରକାଶ କରାଯାଇଛି। କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କ ଏଣ୍ଟ୍ରି ଫି’ ଦୁଇ ସପ୍ତାହ ମଧ୍ୟରେ ଫେରାଇ ଦିଆଯିବ ବୋଲି କୁହାଯାଇଛି। ସ୍ଥିତି ସୁଧୁରିଲେ ସରକାରଙ୍କ କଟକଣା ଉଠିଲେ ଏଏଫଆଇ ପକ୍ଷରୁ ନୂଆ ପ୍ରତିଯୋଗିତା ଆୟୋଜନ କରାଯାଇ ଅନ୍ୟ ଆଥଲେଟ୍‌ମାନଙ୍କୁ ସୁଯୋଗ ଦିଆଯିବ ବୋଲି ପ୍ରକାଶ କରାଯାଇଛି। ଇଣ୍ଡିଆନ ଗ୍ରାଁ ପ୍ରି-୨ ମାର୍ଚ୍ଚ ୨୫ରେ ସେହି ପଟିଆଲାରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ପୁରୁଷ ୨୦୦, ୮୦୦ ମିଟର ରେସ୍, ୪୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍‌ପୁଟ ଓ ଜାଭେଲିନ ଥ୍ରୋ ହେବ। ସେହିପରି ମହିଳା ବିଭାଗରେ ମହିଳା ୧୦୦, ୨୦୦, ୮୦୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ, ଜାଭେଲିନଥ୍ରୋ ଇଭେଣ୍ଟ ଆୟୋଜିତ ହେବ।

**ନ୍ୟାଶନାଲ କ୍ୟାମ୍ପରେ ଥିବା ଆଥଲେଟ୍‌ମାନେ କେବଳ ପ୍ରତିଯୋଗିତାରେ ଭାଗ ନେଇପାରିବେ: ଏଏଫ୍‌ଆଇ**

### ଦୂତୀଙ୍କ ନାପସନ୍ଦ



ଏଏଫଆଇର ଏପରି ନିଷ୍ପତ୍ତିକୁ କିନ୍ତୁ ଗ୍ରହଣ କରିପାରି ନାହାନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ଅଲିମ୍ପିକ୍ସ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିରନ୍ତର ଅଭ୍ୟାସ ଚଳାଇଥିବା ଦୂତୀଙ୍କ ମତରେ ବର୍ତ୍ତମାନ ଅଧିକାଂଶ ଭାରତୀୟ ଆଥଲେଟ୍ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେମାନଙ୍କୁ ଯଦି ଇଣ୍ଡିଆନ ଗ୍ରାଁ ପ୍ରି ପରି ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ନ ମିଳିବ ସେମାନଙ୍କ ଅଲିମ୍ପିକ୍ସ ସ୍ୱପ୍ନ ସାକାର ହେବ କିପରି। ଇଣ୍ଡିଆନ ଗ୍ରାଁ ପ୍ରିରେ କେବଳ କ୍ୟାମ୍ପ ଆଥଲେଟ୍‌ମାନେ କିପରି ଭାଗ ନେଇପାରିବେ। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସବୁ ଆଥଲେଟ୍‌ଙ୍କ ପାଇଁ ସମାନ ନିୟମ ହେବା ଉଚିତ। ଯଦି ପ୍ରତିଯୋଗିତା ହେବ ସମସ୍ତେ ଭାଗ ନିଅନ୍ତୁ, ନଚେତ ପୁରା ପ୍ରତିଯୋଗିତାକୁ ବାତିଲ କରାଯାଉ ବୋଲି ଦୂତୀ ପ୍ରକାଶ କରିଛନ୍ତି।

### ଅମିୟ ଦୁଃଖିତ



ଏଏଫଆଇର ନିଷ୍ପତ୍ତିରେ ଦୁଃଖିତ ହୋଇଛନ୍ତି ଭାରତର ଦ୍ରୁତତମ ଧାବକ ଓଡ଼ିଶାର ଅମିୟ କୁମାର ମଲିକ। ଏଣ୍ଟ୍ରି ଫି’ ଦେବା ସହିତ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରି ଅନେକ ସ୍ପ୍ରିଣ୍ଟର ମ୍ୟାଜିକ୍ ଟାଇମିଂ ଦେବା ଲକ୍ଷ୍ୟରେ ଅଛନ୍ତି। ମାତ୍ର ଶେଷ ମୁହୂର୍ତ୍ତରେ ପୁରୁଷ ୧୦୦ ମିଟର ରେସ୍‌କୁ ପ୍ରତିଯୋଗିତାରୁ ବାଦ୍ ଦିଆଗଲା। ଇଣ୍ଡିଆନ ଗ୍ରାଁ ପ୍ରି କେବଳ ଜାତୀୟ କ୍ୟାମ୍ପର ମାନଙ୍କ ପାଇଁ ବୋଲି ଏବେ ଏଏଫଆଇ କହୁଛି। ପ୍ରତିଯୋଗିତା ପାଇଁ ମୋର ପ୍ରସ୍ତୁତି ଏବଂ ଦୀର୍ଘ ଦିନର ପରିଶ୍ରମ ବେକାର ଗଲା। ଏହା ମୋ ପାଇଁ ହୃଦୟ ବିଦାରକ ଖବର। ଫେଡେରେଶନ ଏପରି ନିଷ୍ପତ୍ତି କାହିଁକି ନେଲା ଜାଣିପାରୁନି ବୋଲି ଅମିୟ ପ୍ରକାଶ କରିଛନ୍ତି।

# ପୁଅକୁ ହାତଧୁଆ ଶିଖାଇଲେ ସାନିଆ

**ନୂଆଦିଲ୍ଲୀ, ୧୭।୩:** କରୋନା ଭାଇରସ୍ ବର୍ତ୍ତମାନ ସାରା ବିଶ୍ୱରେ ଏହାର ଆତଙ୍କ ଖେଳାଇ ଚାଲିଛି। ଏହାକୁ ପ୍ରତିହତ କରିବା ଲାଗି କୌଣସି ଭ୍ୟାକସିନ ବାହାରି ନାହିଁ। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ଭଲ ଭାବରେ ହାତକୁ ଧୋଇଲେ ଏହି ମାରାତ୍ମକ ଭାଇରସ୍‌କୁ ରୋକାଯାଇ ପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ସେଥିଲାଗି ଲୋକଙ୍କ ମଧ୍ୟରେ ହାତକୁ ସଫା ରଖିବା ଲାଗି ସଚେତନତା ସୃଷ୍ଟି କରାଯାଉଛି। ଏହି ଅବସରରେ ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ତାଙ୍କ ପୁଅ ଇଜ୍‌ହାନଙ୍କୁ ହାତ ଧୋଇବାର ସଠିକ ଉପାୟ ବିଷୟରେ ଶିଖାଉଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି, ଯାହା ବେଶ୍ ଚର୍ଚ୍ଚାରେ ରହିଛି। ସାନିଆ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ସାନିଟାଇଜର ସହାୟତାରେ ପୁଅ ଇଜ୍‌ହାନଙ୍କୁ ହାତ ସଫା କରିବାର ଉପାୟ ଶିଖାଉଥିବାର ଦେଖିବାକୁ ମିଳିଛି। ସାନିଆ ଇଜ୍‌ହାନଙ୍କ ହାତରେ ସାନିଟାଇଜର ଲଗାଇବା ପରେ ସେ ଏହାକୁ ଦୁଇ ପାପୁଲିରେ ବୋଳି ସଫା କରୁଛନ୍ତି। ସାନିଆଙ୍କ ଏହି ପଦକ୍ଷେପକୁ ଅନେକ ବେଶ୍ ପ୍ରଶଂସା ମଧ୍ୟ କରିଛନ୍ତି। ପ୍ରକାଶଯୋଗ୍ୟ, ମାତୃତ୍ୱ ପରେ ସାନିଆ ବହୁଦିନ ଧରି ଟେନିସରୁ ଦୂରେଇ ରହିଥିଲେ।



ଗତ ଜାନୁୟାରୀରେ ସେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରି ହୋବାର୍ଟ ଇଣ୍ଟରନ୍ୟାଶନାଲ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସାନିଆ ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

# ନ୍ୟୁ ସାଉଥ୍ ୱେଲ୍ସ ଚାମ୍ପିୟନ ଘୋଷିତ

**ସିଡ୍‌ନୀ, ୧୭।୩ (ଏଏଫ୍‌ପି):** ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ସିଫେଲ୍ଡ ସିଲ୍ଡରେ ନ୍ୟୁ ସାଉଥ୍ ୱେଲ୍ସ ଚାମ୍ପିୟନ ହୋଇଛି। କରୋନାର ଭୟାବହତାକୁ ଲକ୍ଷ୍ୟ ରଖି ଏହି ଟୁର୍ନାମେଣ୍ଟକୁ



ଅଧାରୁ ମଙ୍ଗଳବାର ବାତିଲ୍ ଘୋଷଣା କରାଯାଇଛି। ପ୍ରତିଯୋଗିତାର ୯ମ ରାଉଣ୍ଡ ସରିଯାଇଥିବାବେଳେ ନ୍ୟୁ ସାଉଥ୍ ୱେଲ୍ସ ପଏଣ୍ଟ ତାଲିକାର ଶୀର୍ଷରେ ରହିଥିଲା। ଫଳରେ ଏହି ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ନ୍ୟୁ ସାଉଥ୍ ୱେଲ୍ସ ବିଜେତା ହୋଇଛି। ବିନା ଦର୍ଶକରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ମଧ୍ୟ ଅଷ୍ଟ୍ରେଲିଆ ବାତିଲ୍ କରିଦେଇଛି। ‘ପ୍ରଶଂସକ, ଖେଳାଳି, ଷ୍ଟାଫ୍, ଭଲ୍ୟୁଣ୍ଟିୟର୍ସ ଓ ମ୍ୟାଚ୍ ଅଫିସିଆଲଙ୍କ ସୁରକ୍ଷା ଲାଗି ସମସ୍ତ ପ୍ରକାର କ୍ରିକେଟ୍‌କୁ ବାତିଲ୍ କରିବା ସହିତ ସମସ୍ତ କ୍ରିକେଟ୍ ଅଫିସର ଷ୍ଟାଫ୍ ଘରେ ରହି କାମ କରିବେ’ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମୁଖ୍ୟ କେଭିନ୍ ରବର୍ଟସ କହିଛନ୍ତି। ଅଷ୍ଟ୍ରେଲିଆରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୦୦ କରୋନା ଭାଇରସ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇସାରିଛି।

# ୩୦ ବର୍ଷରେ ସାଇନା

**ନୂଆଦିଲ୍ଲୀ, ୧୭।୩:** ଲୋକପ୍ରିୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ମଙ୍ଗଳବାର ୩୦ ବର୍ଷରେ ପଦାର୍ପଣ କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୧୯୯୦ରେ ହରିୟାଣାର ହିସାର ଜିଲାରେ ଜନ୍ମଗ୍ରହଣ କରିଥିଲେ। ଏହି ଅବସରରେ ଭାରତୀୟ କ୍ରୀଡ଼ାଜଗତରୁ ସାଇନାଙ୍କ ନିକଟକୁ ଜନ୍ମଦିନ ଶୁଭେଚ୍ଛାର ସୁଅ ଛୁଟିଛି। ସାଇନାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଖେଳାଳିଙ୍କ ତାଲିକାରେ ଭେଟେରାନ କ୍ରିକେଟର୍ ଯୁବରାଜ ସିଂ, ଇର୍ଫାନ ପଠାନ, ରେସ୍‌ଲର ଯୋଗେଶ୍ୱର ଦତ୍ତ, ସାଥୀ ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପ୍ରମୁଖ ରହିଛନ୍ତି। ‘ଆମର ଚାମ୍ପିୟନଙ୍କୁ ଜନ୍ମଦିନର ଅଭିନନ୍ଦନ’ ବୋଲି ଯୁବରାଜ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ସେହିଭଳି ଚଳିତ ବର୍ଷ ତୁମ ଲାଗି ସଫଳମୟ ହେଉ ବୋଲି ଇର୍ଫାନ ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ମହିଳା ସିଙ୍ଗଲ୍ସ ଖେଳାଳି ବର୍ତ୍ତମାନ ସୁଦ୍ଧା କ୍ୟାରିୟରରେ ୨୪ ଅନ୍ତର୍ଜାତୀୟ ଟାଇଟଲ୍ ଜିତି ସାରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପଦ୍ମଶ୍ରୀ, ପଦ୍ମ ଭୂଷଣ, ରାଜୀବ ଗାନ୍ଧୀ ଖେଳରତ୍ନ ପରି ସମ୍ମାନଜନକ ପୁରସ୍କାର ଜିତିସାରିଥିବା ସାଇନା ୨୦୧୮ରେ ସାଥୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁପଲ୍ଲୀ କାଶ୍ୟପଙ୍କ ହାତ ଧରିଥିଲେ। ଗତବର୍ଷ ବିଧିବଦ୍ଧ ଭାବେ ସେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଥିଲେ।



### କିଛି ରୋଚକ ତଥ୍ୟ

- ବ୍ୟାଡ୍‌ମିଣ୍ଟନ ଖେଳିବା ପୂର୍ବରୁ ସାଇନା କରାଟେରେ ଜଣେ ଚାମ୍ପିୟନ ଖେଳାଳି ଥିଲେ। ସେ ବ୍ରାଉନ୍ ବେଲ୍ଟର ଅଧିକାରିଣୀ ରହିଥିଲେ।
- ସାଇନାଙ୍କ ବାପା ହରବୀର ସିଂ ଓ ମା ଉଷା ନେହ୍ୱାଲ ହରିୟାଣାରେ ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ରହିଥିଲେ।
- ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ଜଣ ବ୍ରାଣ୍ଡ୍ ଆମ୍ବାସାଡରଙ୍କ ମଧ୍ୟରୁ ସେ ଅନ୍ୟତମ।
- ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସାଇନା ଅଲିମ୍ପିକରେ ପଦକ ଜିତିବାର ଗୌରବ ଲାଭ କରିଥିଲେ।
- ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଜିତିଥିବା ମୋଟ୍ ୪ ପଦକ ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ରହିଛି।
- ପ୍ରତି ମ୍ୟାଚ୍ ଜିତିବା ପରେ ଆଇସକ୍ରିମ ସହ ସେ ସେଲିବ୍ରେଶନ କରିଥାନ୍ତି।
- ସାଇନାଙ୍କ ବଡ଼ ଭଉଣୀ ଅଂଶୁ ନେହ୍ୱାଲ ଜଣେ ମଡେଲ।
- ପ୍ରଥମ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସେ ଦୁଇଥର ଏସିଆନ ଷ୍ଟେଟ୍ ଲାଇଡ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨ଥର ଜିତିଛନ୍ତି।


## ମନେ ପଡ଼ନ୍ତି

**୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସାଧବ ସାହୁ**
ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ
ଆବିର୍ଭାବ: ୦୭।୦୪।୧୯୫୭
ତିରୋଧାନ: ୦୭।୦୪।୨୦୦୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଶାନ୍ତି, ପୁତ୍ର: ସୁମନା
ଧ-୬୯୪୦୧

**୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ**
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**
ଧ-୧୭୧୫୭

# ଦାବି ଦୋହରାଇଲେ ସସ୍ମିତ: ଓଡ଼ିଶାକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମିଳୁ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ଗତ ଫେବୃୟାରୀରେ ଭୁବନେଶ୍ୱରଠାରେ ୨୪ତମ ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ରଖାଯାଇଥିବା ଦାବିକୁ ମଙ୍ଗଳବାର ସସ୍ମିତ ପାତ୍ର ପାର୍ଲାମେଣ୍ଟରେ ଦୋହରାଇଛନ୍ତି।

ସ୍ୱତନ୍ତ୍ରଭାବେ ରାଜ୍ୟ ପ୍ରସଙ୍ଗ ଉପସ୍ଥାପନ କରି ସସ୍ମିତ କହିଥିଲେ ଯେ, ଟେଲି ଯୋଗାଯୋଗ ଆବଶ୍ୟକତା, ବ୍ୟାଙ୍କିଙ୍ଗ୍ ସୁବିଧା, ରେଳ ଓ ରାଜପଥକୁ ନେଇ ଯଦି ଜାତୀୟସ୍ତରୀୟ ମୂଲ୍ୟାଙ୍କନ କରାଯାଏ, ତେବେ ପୂର୍ବ ଭାରତ ବହୁ ପଛୁଆ ରହିଥିବା ମନେହୁଏ। ତେଣୁ ଏହି ଅଞ୍ଚଳକୁ ଅଧିକ ଅଗ୍ରଣୀ କରିବା ପାଇଁ ଦାବି କରାଯାଉଥିବା କ୍ଷେତ୍ରରେ କେନ୍ଦ୍ର ଦ୍ୱିଗୁଣା ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଓଡ଼ିଶା ଦେଶକୁ ସର୍ବାଧିକ ଖଣିଜ ସମ୍ପଦ ଯୋଗାଉଥିବା ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତ ରଖିଥିଲେ। ଦେଶର ଉତ୍ପାଦନ ଏବଂ ଶକ୍ତି କ୍ଷେତ୍ରରେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହେଲେ ୨୦୧୨ ମସିହା ପରଠାରୁ କୋଇଲା ରୟାଲଟି ସଂଶୋଧନ କରାଯାଇ ନାହିଁ। ଅନୁରୂପଭାବେ ଏନର୍ଜି ସେସ୍‌ରୁ ରାଜ୍ୟକୁ ମଧ୍ୟ ଅଂଶ ମିଳିବା ଦରକାର ବୋଲି ସସ୍ମିତ କହିଥିଲେ। ତେଣୁ ପୂର୍ବଭାରତ ବିଶେଷ ଭାବେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରୁ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**୨୯ ଗ୍ୟାସ୍ ସିଲିଣ୍ଡର ଜବତ**

**କଟକ ସଦର,୧୭।୩(ଡି.ଏନ୍.ଏ.):** କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ମଙ୍ଗଳବାର କିଶନନଗର ଥାନା ଅନ୍ତର୍ଗତ ତେଲଦିଆ ବଜାରରେ ଚଢ଼ାଉ କରିଥିଲେ। ଜଣେ ବ୍ୟକ୍ତିଙ୍କ ଘରୁ ୨୯ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲେ। ଜବତ ଗ୍ୟାସ୍ ସିଲିଣ୍ଡରକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଜିମା ଦେଇଥିବା ଜଣାପଡ଼ିଛି। ଏହି ସ୍କ୍ୱାଡ୍‌ରେ ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ଓ ଅନାଥ ଚରଣ ସ୍ୱାଇଁ, ଯୋଗାଣ ନିରୀକ୍ଷକ ପୁନମ ଜେନା ସାମିଲ ହୋଇଥିଲେ।



# ଆଇନ ଉଲ୍ଲଂଘନକାରୀଙ୍କୁ ଜଗୁଛି କ୍ୟାମେରା

**କଟକ ଅଫିସ,୧୭।୩**

**କରୋନା ଭୟ**
- ବିକଳ୍ପ ବାଛିଛି ଟ୍ରାଫିକ ଥାନା ପୋଲିସ
- କଟାଯାଉଛି ଇ-ଚାଲାଣ

କଟକ ସହରର କୌଣସି ଛକରେ ଏବେ ଟ୍ରାଫିକ ପୋଲିସ ଗାଡି ଚାଳକଙ୍କୁ ଅଟକାଉନି। ଆଇନ ଉଲ୍ଲଂଘନକାରୀମାନେ ବେଧଡକ ଭାବେ ଗାଡି ଚାଳନା କରୁଛନ୍ତି। ତଥାପି ଦିନକୁ ୧ ହଜାରରୁ ଊର୍ଦ୍ଧ୍ୱ ଇ-ଚାଲାଣ କଟୁଛି। କରୋନା ଭୂତାଣୁ ସଂକ୍ରମଣର ଭୟ ଯୋଗୁ ଏଭଳି ବିକଳ୍ପ ବାଛିଛି କଟକ ଟ୍ରାଫିକ ଥାନା ପୋଲିସ। ଧରା ନ ପଡି ମଧ୍ୟ ଆଇନ ଉଲ୍ଲଂଘନକାରୀ ତଣ୍ଡ ଗଣୁଛନ୍ତି। ଟ୍ରାଫିକ ପୋଲିସ ପକ୍ଷରୁ ଲଗାଇଥିବା କ୍ୟାମେରାରେ କଏଦ ହେଉଛି ବାଇକ ଓ ବାଇକ୍ ଚାଳକଙ୍କ ଫଟୋ। ଏହାକୁ ଆଧାର କରି ଇ-ଚାଲାଣ କଟାଯାଉଛି ବୋଲି ଟ୍ରାଫିକ ଥାନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସଂଶୋଧିତ ମୋଟରଯାନ ଆଇନ ମାର୍ଚ୍ଚ ପହିଲାରୁ ରାଜ୍ୟରେ କଡାକଡି ଭାବେ ଲାଗୁ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକରେ ମଧ୍ୟ ଟ୍ରାଫିକ ପୋଲିସ ପକ୍ଷରୁ ଧରପଗଡ ଜୋର୍‌ଦାର ହୋଇଥିଲା। ସହରର ପ୍ରମୁଖ ଛକଗୁଡ଼ିକରେ ସକାଳ ୯ଟାରୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା। ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲା। ତେବେ କିଛିଦିନ କରୋନା ଭାଇରସ ସଂକ୍ରମଣ ଭୟ ବୃଦ୍ଧି ପାଇବାରୁ କଟକ ଟ୍ରାଫିକ ଥାନା ପୋଲିସ ଭିନ୍ନ ଉପାୟରେ ଆଇନ ଉଲ୍ଲଘଂନକାରୀଙ୍କ ଉପରେ ନଜର ରଖିଛି। ପ୍ରତ୍ୟେକ ଟ୍ରାଫିକ ଅଧିକାରୀ, କର୍ମଚାରୀଙ୍କୁ ଏ ନେଇ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। କୌଣସି ଛକରେ ଗାଡି ଚାଳକଙ୍କୁ ଅଟକାଇବାର ଆବଶ୍ୟକତା ନାହିଁ। ଏପରି କି ସେମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ଟ୍ରାଫିକ ଥାନା ପକ୍ଷରୁ କଡା ନିର୍ଦ୍ଦେଶ ରହିଛି। କେବଳ ଗାଡି ଯାଞ୍ଚ ଦାୟିତ୍ୱରେ ଥିବା ଟ୍ରାଫିକ କର୍ମଚାରୀମାନଙ୍କ ପୋଷାକରେ କ୍ୟାମେରା ଖଞ୍ଜାଯାଇଛି। ମଧୁପାଟଣା, ବାଦାମବାଡ଼ି, ଖାନ୍‌ନଗର, ଶିଖରପୁର ଭଳି ପ୍ରମୁଖ ଟ୍ରାଫିକ ଛକରୁ ନିୟମିତ ଶହଶହ ଫଟୋ ଆସୁଛି। ଯେଉଁଥିରୁ ନିୟମ ଉଲ୍ଲଂଘନକାରୀମାନେ ଫସିଛନ୍ତି। ତେବେ ଟ୍ରାଫିକ ପୋଲିସ ଏଭଳି ବିକଳ୍ପ ବାଛିଥିଲେ ସୁଦ୍ଧା ଗାଡି ଚାଳକ ଏ ସମ୍ପର୍କରେ ସୁରାକ ପାଇନାହାନ୍ତି। ଏବେ ଟ୍ରାଫିକ ଯାଞ୍ଚ ହେଉନି ବୋଲି ସହରରେ ଗୁଜବ ହେଉଥିବାବେଳେ ନିୟମ ଉଲ୍ଲଂଘନକାରୀ କିନ୍ତୁ କ୍ୟାମେରା ଲେନ୍ସରୁ ଖସି ପାରୁନାହାନ୍ତି। ଏ ସମ୍ପର୍କରେ ଟ୍ରାଫିକ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।


Traffic Police Odisha
Office Name: UPO Cuttack
Challan Date: 14-03-2020 11:44:26
Driver's name: UNKNOWN DRIVER
NA, NA,CUTTACK,-753010
No DL
KHANAGAR
Witness name: 1: C/1138 HADIBANDHU BARIKI
2: C/894 TUSHAR KU BEHERA
Offences Charged with: 1: 194D Ridding without Helmets by both Driver and Pillion ( 194D )(Fine - 1000)
Rupees: One thousand only
Remarks: Without helmet at khanagar.time at .11.36am
For Online Payment
https://echallan.parivahan.gov.in/index/accused-challan

ଇ-ଚାଲାଣ କପି।

**ଜରିମାନା ରାଶି ୧୦୦୦**

ଗାଡ଼ି ଚାଳକଙ୍କୁ ଅଟକାଯାଉ ନଥିବାରୁ କୌଣସି କାଗଜପତ୍ର ଯାଞ୍ଚ ହେଉନାହିଁ। ବିନା ହେଲ୍‌ମେଟରେ ଗାଡ଼ି ଚାଳନା, ଦ୍ରୁତ ଗାଡ଼ି ଚାଳନା, ବିପରୀତ ଦିଗରେ ଗାଡ଼ି ଚାଳନା, ୩ଜଣଙ୍କୁ ବସାଇ ନେଉଥିବା ବାଇକ ଚାଳକଙ୍କ ଉପରେ ୧୦୦୦ହଜାର ଟଙ୍କା ଲେଖାଏ ଜରିମାନା ଇ-ଚାଲାଣ ମାଧ୍ୟମରେ କଟାଯାଉଛି।

**ତାତିଯାଉଛି କ୍ୟାମେରା**

ଜଣେ ଟ୍ରାଫିକ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଅଧିକ ସମୟ କ୍ୟାମେରା ବ୍ୟବହାର ହେଉଥିବାରୁ ଏବେ ଉତ୍ତପ୍ତ ହୋଇଯାଉଛି। ଏହାକୁ ଥରେ ଚାର୍ଜ କଲେ ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ କାମ କରୁଛି। କ୍ୟାମେରାକୁ ଛାତିରେ ଖଞ୍ଜାଯାଉଥିବାରୁ ଭୟ ଲାଗୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ଘରେ ଢିଙ୍କି !**
**ନା ଚାଉଳ ଖାଏ ଫୁଙ୍କି ।**

ଯାହା ଘରେ ଧାନ ଥାଏ, ସେ କୁଟି ଚାଉଳ କରିବା ପାଇଁ ଢିଙ୍କି ରଖେ। ସାଧାରଣତଃ ଯୋଗୀ ଭିକ୍ଷା ମାଗି ଚଳିଥାଏ। ଢିଙ୍କିରେ ତାର କୌଣସି ପ୍ରୟୋଜନ ରହୁ ନ ଥିବା ସ୍ଥଳେ ତା' ଘରେ ଢିଙ୍କି ଖୋଜିଲେ ମିଳି ନ ଥାଏ। ଯେଉଁଠି ଯାହା ଆଶା କରିବା କଥା ନୁହଁ, ତାହା ସେଠି ଆଶା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ କଲି ଆପଣାର,**
**ସେ ପୁଣି ହେଲା ସାତ ପର ।**

ଯାହା ପ୍ରତି ମନରେ ଭଲପାଇବା, ସ୍ନେହ, ଆଦର ତଥା ଦରଦଭାବ ରହିଥାଏ, ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ, ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରେଭେନ୍‌ଶା ଜୁନିୟର କଲେଜ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରମାନେ ମୁହଁରେ ମାସ୍କ ଲଗାଇ ପଢୁଛନ୍ତି।

## ସଚେତନତା ଦ୍ୱାରା କରୋନା ସଂକ୍ରମଣର ପ୍ରତିରୋଧ ସମ୍ଭବ

**କଟକ ଅଫିସ,୧୭।୩**

ମୈତ୍ରୀ ସଂସଦର ମାସିକ ସମୀକ୍ଷା ବୈଠକ ଓ ଆଲୋଚନାଚକ୍ର ସୂତାହାଟସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକର ଜଳ ନିଷ୍କାସନ, ରାସ୍ତା ମରାମତି ଓ କରୋନା ଭାଇରସ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ସଚେତନତା ଦ୍ୱାରା କରୋନା ସଂକ୍ରମଣର ପ୍ରତିରୋଧ ସମ୍ଭବ ବୋଲି ଆଲୋଚନାଚକ୍ରରେ ସଦସ୍ୟମାନେ ମତପ୍ରକାଶ କରିଥିଲେ। ବିଶେଷକରି ଜନସାଧାରଣ ଜନଗହଳିଠାରୁ ଦୂରେଇ ରହିବା, କରମର୍ଦ୍ଦନ ପରିବର୍ତ୍ତେ ନମସ୍କାର ମାଧ୍ୟମରେ ଅଭିବାଦନ ଜ୍ଞାପନ ଉପରେ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ତେଜେଶ୍ କୁମାର ସାହୁ, ସୁରଜିତ ନାଥ, ଅବ୍‌ଦୁଲ ସଲାମ, ଅଜିତ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# କରୋନା: ବଢୁଛି ସଚେତନତା, ସତର୍କତା

**କଟକ ଅଫିସ,୧୭।୩**

**ସିଏମ୍‌ସି ପକ୍ଷରୁ ଜାରି ହେଲା ଏସ୍‌ଓପି**

କରୋନା ଭୂତାଣୁର ଭୟାବହତା ପାଇଁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ହେଲେ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନେ ଏବେ ବହୁମାତ୍ରାରେ ସତର୍କ ରହିବା ସହ ସଚେତନ ହେବାରେ ଲାଗିଛନ୍ତି। ମୁହଁରେ ମାସ୍କ ବାନ୍ଧି ଯାତାୟତ କରୁଥିବାବେଳେ ସାନିଟାଇଜର ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ମଙ୍ଗଳବାର ଏ ନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରାଯାଇଛି। ସାଧାରଣ ଲୋକ କିପରି ସଚେନତ ରହିବେ ସେ ନେଇ ସିଏମ୍‌ସି ପକ୍ଷରୁ ରହିଛି କିଛି ସ୍ୱତନ୍ତ୍ର ନିର୍ଦ୍ଦେଶ। ସମସ୍ତ ହୋଟେଲ, ଲଜ୍, ଶପିଂମଲ୍, ବାଣିଜ୍ୟ ଅନୁଷ୍ଠାନ, କଲ୍ୟାଣମଣ୍ଡପ, ପାର୍କ, ରେଷ୍ଟୁରାଣ୍ଟ ଓ ଦୋକାନ ମାଲିକଙ୍କ ସହ କର୍ମକର୍ତ୍ତାମାନେ ଏହାକୁ ଅନୁପାଳନ କରିବାକୁ ସିଏମ୍‌ସି କମିଶନର ଏକ ନିୟମାବଳୀ ମାଧ୍ୟମରେ ଦର୍ଶାଇଛନ୍ତି। ଉପରୋକ୍ତ ସମସ୍ତ ସ୍ଥାନରେ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ କିଭଳି ଭାବେ ପ୍ରାଥମିକ ପଦକ୍ଷେପ ନିଆଯିବ ସେ ନେଇ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ଏତଦ୍‌ବ୍ୟତୀତ ଧାର୍ମିକ ଅନୁଷ୍ଠାନଗୁଡିକ ପାଇଁ ଏକ ଭିନ୍ନ ଏସ୍‌ଓପି ଜାରି ହୋଇଛି। ଲୋକଙ୍କ ସହାୟତା ପାଇଁ ସିଏମ୍‌ସିର ଏକ କଣ୍ଟ୍ରୋଲ ରୁମ୍ (ନଂ.୭୦୭୭୭୭୫୫୫୫୫) କାର୍ଯ୍ୟ କରୁଛି। କମିଶନରଙ୍କ ନିର୍ଦ୍ଦେଶରେ ୫ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି। ଏହି ସ୍କ୍ୱାର୍ଡ ୪୩ଟି ମେଡିସିନ ଦୋକାନ ପରିଦର୍ଶନ କରିବା ସହିତ ମାସ୍କ ଓ ସାନିଟାଇଜର ଉପଲବ୍ଧ ସମ୍ବନ୍ଧରେ ଟିକିନିଖି ଖବର ବୁଝିଥିବା ଜଣାପଡିଛି। ଅନ୍ୟପକ୍ଷରେ ସଂକ୍ରମଣ ନ ବ୍ୟାପିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ପଦକ୍ଷେପ ନିଆଯାଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଏଥିପାଇଁ ସାହାଯ୍ୟର ହାତ ବଢେଇଛନ୍ତି।



**ସଚେତନ କଲେ ବିଧାୟକ**

ବିଧାୟକ ଇଂ. ମହମ୍ମଦ ମୋକିମ ମଙ୍ଗଳବାର ସିଏମ୍‌ସିର ୱାର୍ଡ ନଂ.୧୭ରେ ମାସ୍କ ଓ ସାନିଟାଇଜର ବାଣ୍ଟିଥିଲେ। ଏଥିସହ ପଟ୍ଟାପୋଲ, ପେନ୍‌ସନ୍ ଲେନ୍, ସୂତାହାଟ ଆଦି ଅଞ୍ଚଳରେ ବିଧାୟକଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ମୋକିମ ଘରକୁ ଘର ବୁଲି ପରିଷ୍କାର ରହିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ସେକ୍ ଲିଆକତଉଦ୍ଦିନ, ସୂର୍ଯ୍ୟକାନ୍ତ ରାଉତ, ସେକ୍ ଗୁଲାମ ମୋଇଦ୍ଦିନ ପ୍ରମୁଖ ସାମିଲ ହୋଇଥିଲେ।

# କରୋନା: ଭିତ୍ତିଭୂମି ସଜାଡୁଛି ଏସ୍‌ସିବି

**କଟକ ଅଫିସ,୧୭।୩**

- ୧୦୦୦ ଶଯ୍ୟା ପାଇଁ ନିର୍ଦ୍ଦେଶ
- ପ୍ରଥମ ପର୍ଯ୍ୟାୟରେ ୧୦୦ ଖୋଲିବ
- ଗଠନ ହେଲା ସ୍ୱତନ୍ତ୍ର ଟିମ୍

ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ପାଇଁ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇଛି। ସନ୍ଦିଗ୍ଧ କିମ୍ବା ଆକ୍ରାନ୍ତ ରୋଗୀ ଆସିଲେ ସେମାନଙ୍କୁ କିଭଳି ସେବା ଯୋଗାଇ ଦିଆଯିବ ସେ ନେଇ ଚିନ୍ତା ବଢ଼ିଛି। କରୋନା ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ସିବି ମେଡିକାଲ ଯକ୍ଷ୍ମା ଓ ଛାତି ରୋଗ ବିଭାଗର ନୂତନ ବିଲ୍ଡିଂରେ ଏହି ୱାର୍ଡ ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୧୦୦ ଶଯ୍ୟା ଖୋଲିବା ଲାଗି ଚାଲିଛି ଜୋରଦାର ପ୍ରୟାସ। ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ଲାଗି ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ନୋଡାଲ ଅଫିସର ଭାବେ ଛାତି ଓ କ୍ଷୟ୍ମା ରୋଗ ବିଭାଗୀର ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ, ସଦସ୍ୟ ଭାବେ ଭେଷଜ, ନିଶ୍ଚେତକ, କମ୍ୟୁନିଟି ଭେଷଜ, ଇଏନ୍‌ଟି ବିଭାଗର ମୁଖ୍ୟଙ୍କ ସହିତ ଜରୁରୀକାଳୀନ ଅଧିକାରୀ ଏବଂ ଷ୍ଟୋର ଅଫିସର ରହିଛନ୍ତି।

## ବିଦେଶ ଫେରନ୍ତା ୪ଜଣଙ୍କ ନାମ ପଞ୍ଜୀକୃତ

**ନିଆଳି,୧୭।୩(ଡି.ଏନ୍.ଏ.):** ବିଦେଶରେ ରହୁଥିବା ୪ଜଣ ବ୍ୟକ୍ତି ମଙ୍ଗଳବାର ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନାମ ପଞ୍ଜୀକୃତ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ନିଆଳି ଅଞ୍ଚଳର ଏହି ୪ ବ୍ୟକ୍ତି ଇଟାଲୀରେ ଦୁଇଜଣ, ସିଙ୍ଗାପୁରରୁ ଜଣେ ଏବଂ ଦୁବାଇରେ ଜଣେ ଅଛନ୍ତି। ସେମାନେ ସ୍ୱତନ୍ତ୍ର ଫର୍ମ ଫିଲପ କରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିଜ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ବେଳେ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଏସ୍ .ନବୀନ କହିଛନ୍ତି।

## ଯୁକ୍ତ୨ ପରୀକ୍ଷା: ଖୋଲା ରହିଲା କିଛି ହଷ୍ଟେଲ

**କଟକ ଅଫିସ, ୧୭।୩:** କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ସମସ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ହଷ୍ଟେଲ ଛାଡିବାକୁ ଅନ୍ତେବାସୀଙ୍କୁ ନିର୍ଦ୍ଦେଶ ଦିଆଯିବା ସହ କ୍ୟାଣ୍ଟିନ ବନ୍ଦ ରଖିବାକୁ ହଷ୍ଟେଲ କର୍ମଚାରୀଙ୍କୁ ତାଗିଦ କରାଯାଇଥିଲା। ଫଳରେ ମଙ୍ଗଳବାର ସକାଳେ କିଛି ଅନ୍ତେବାସୀ ହଷ୍ଟେଲ ଛାଡିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସ୍ନାତକ ଏବଂ ଯୁକ୍ତଦୁଇ ପରୀକ୍ଷା ଚାଲିଥିବାରୁ ମଙ୍ଗଳବାର ସହରରେ ଅନ୍ୟକିଛି ହଷ୍ଟେଲ ଖୋଲା ରହିଥିଲା। ପରୀକ୍ଷା ସରିବା ପରେ ସେଗୁଡ଼ିକ ବନ୍ଦ ହେବ ବୋଲି ଶିକ୍ଷାନୁଷ୍ଠାନଗୁଡିକ ପକ୍ଷରୁ ସୂଚନା ମିଳିଛି।

**ହଷ୍ଟେଲ ପରିଦର୍ଶନ କଲେ ଚିଫ୍ ୱାର୍ଡେନ**

ମଙ୍ଗଳବାର ସନ୍ଧ୍ୟାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଖୋଲାରହିଥିବା ଦୁଇଟି ହଷ୍ଟେଲକୁ ଚିଫ୍ ୱାର୍ଡେନ ଡ. କିଶୋର କୁମାର ଦାସ ପରିଦର୍ଶନ କରିଛନ୍ତି। କରୋନା ପାଇଁ ଅନ୍ତେବାସୀଙ୍କୁ ସଚେତନ କରାଇବା ସହ ହଷ୍ଟେଲ ପରିସର ସ୍ୱଚ୍ଛତା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମାସ୍କ, ସାନିଟାଇଜର ବ୍ୟବସ୍ଥା କରିବା ସହ ଗରମ ଖାଦ୍ୟ ଅନ୍ତେବାସୀଙ୍କୁ ଦେବା ପାଇଁ କର୍ମଚାରୀଙ୍କୁ କହିଥିଲେ। ଏହି ପରିଦର୍ଶନ ବେଳେ ବିଶ୍ୱବିଦ୍ୟାଳୟର ମେଡିକାଲ ଅଫିସର ଅମରେଶ ମିଶ୍ର ଏବଂ ଡ. ପୂର୍ଣ୍ଣେନ୍ଦୁ ପାଢୀଙ୍କ ସମେତ ସମସ୍ତ ହଷ୍ଟେଲର ୱାର୍ଡେନ ଉପସ୍ଥିତ ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS
FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଦେଖିବାକୁ ପାଉ, କିନ୍ତୁ ସୂର୍ଯ୍ୟ ଉଦୟପରେ ସେଗୁଡ଼ିକ ଦେଖାଯାଆନ୍ତି ନାହିଁ। ତେଣୁ ହେ ମାନବ! ତୁମ୍ଭର ଅଜ୍ଞତା ଯୋଗୁ ତୁମ୍ଭେ କୁହ ନାହିଁ ଯେ ଈଶ୍ୱର ନାହାନ୍ତି।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କରୋନା ସନ୍ଦେହ : ୩ ଜଣଙ୍କୁ ପଠାଗଲା ଏସ୍‌ସିବି

**ଟିଗିରିଆ, ୧୭।୩ (ଡି.ଏନ୍.ଏ.):** କରୋନା ସନ୍ଦେହରେ କଟକ ଜିଲା ଟିଗିରିଆ ଅଞ୍ଚଳର ୩ ଜଣ ବ୍ୟକ୍ତିଙ୍କୁ ମଙ୍ଗଳବାର କଟକ ବଡ ଡାକ୍ତରଖାନା (ଏସ୍‌ସିବି ମେଡିକାଲ) ପଠାଯାଇଛି। ପୁରୁଣା ଟିଗିରଆ ଅଞ୍ଚଳର ଦମ୍ପତି ଗତ ୭ ତାରିଖରେ ଦୁବାଇରୁ ଫେରିଥିଲେ। କୌଣସିସୂତ୍ରରୁ ଖବରପାଇ ଟିଗିରିଆ ପୋଲିସ ସମ୍ପୃକ୍ତ ଦମ୍ପତିଙ୍କ ନିକଟରେ ପହଞ୍ଚି ଉଭୟଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ପୃକ୍ତ ଦମ୍ପତି ରାଜି ହେବା ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନା ପଠାଇଦିଆଯାଇଛି। ସେହିପରି ଟିଗିରିଆ ନିଜିଗଡ଼ ପଞ୍ଚାୟତର ଜଣେ ଯୁବକ ପ୍ରାୟ ଏକ ମାସ ପୂର୍ବରୁ ତାମିଲ୍‌ନାଡୁରୁ ଫେରିଥିଲେ। ସେ ଟିଗିରିଆସ୍ଥିତ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ଯୁବକଙ୍କୁ ମଧ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି।

### ଗୁଣିଗାରେଡ଼ି ସନ୍ଦେହ: ମହିଳାଙ୍କୁ ଆକ୍ରମଣ

**ସାଲେପୁର, ୧୭।୩(ଡି.ଏନ୍.ଏ.):** ଗୁଣି ଗାରେଡି ସନ୍ଦେହରେ ସାଲେପୁର ଅଞ୍ଚଳର ଜଣେ ମହିଳାଙ୍କୁ ମଙ୍ଗଳବାର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୧୧୩/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ,ସାଲେପୁର ଥାନା ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଛୋଟିପଡ଼ା ଗ୍ରାମର କିଶୋର ଚନ୍ଦ୍ର ମହାପାତ୍ରଙ୍କ ସ୍ତ୍ରୀ ଝୁମୁରି ଦିନରେ ଘରେ ଥିଲେ। ଏହି ସମୟରେ ଗ୍ରାମର ରଞ୍ଜନ କୁମାର ସ୍ୱାଇଁ, ସୁବାସ ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ଅନନ୍ତ ମହାପାତ୍ର ଓ ମାମୁନି ମହାପାତ୍ର ପ୍ରମୁଖ ସଂଘବଦ୍ଧ ଭାବେ ତାଙ୍କ ଘରେ ପହଞ୍ଚି ଗୁଣିଗାରେଡି କରୁଥିବା ଅଭିଯୋଗ କରି ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ମଧ ଦେଇଥିଲେ। ତାଙ୍କ ପାଟି ଶୁଣି ପୋଡ଼ଶୀ ସେଠାରେ ପହଞ୍ଚିଯିବାରୁ ଆକ୍ରମଣକାରୀ ସେଠାରୁ ପଳାଇଯାଇଥିଲେ। ଏନେଇ ଝୁମରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମିଳୁନି ମାସ୍କ, ସାନିଟାଇଜର

**ନିଶ୍ଚିନ୍ତକୋଇଲି, ୧୭।୩(ସ୍ୱ.ପ୍ର.)**

**କରୋନା ଭୟ**

■ପ୍ରଶାସନିକସ୍ତରରେ ତତ୍ପରତା

■ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା

ସାରା ବିଶ୍ୱରେ କରୋନା ମହାମାରୀ ରୂପ ନେଇଛି। ଏହାକୁ ଦେଶରେ ଜାତୀୟ ବିପତ୍ତି ଓ ଓଡିଶାରେ ରାଜ୍ୟ ବିପତ୍ତି ବୋଲି ସରକାର ଘୋଷଣା କରିଛନ୍ତି। ଏହି ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଲୋକେ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଜୋର ଦେଉଥିବା ବେଳେ ବଜାରରେ ଏହା ଉପଲବ୍ଧ ହୋଇପାରୁନାହିଁ। ଅପରପକ୍ଷେ କରୋନାର ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକରେ କେତେଜଣ ବ୍ୟବସାୟୀ ଲାଭଖୋର ମନୋବୃତ୍ତି ରଖି ମାସ୍କ ଓ ସାନିଟାଇଜର ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଏପରିକି ଫିନାଇଲ,ହ୍ୟାଣ୍ଡୱାସ ଲିକୁଇଡ୍ ମଧ ବଜାରରୁ ଗାୟବ ହୋଇଯାଇଛି। ଏସବୁ ଆବଶ୍ୟକ ସାମଗ୍ରୀକୁ ବଜାରରେ ଉପଲବ୍ଧ କରାଇବାକୁ ସାଧାରଣରେ ଦାବି ହୋଇଛି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ପରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅଧିକାରୀ ଅମିତ ଜେନାଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନା ଭୂତାଣୁ ସଂକ୍ରମଣ ରୋକିବା ନିମନ୍ତେ ସଚେତନା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା। ରାଜ୍ୟରୁ ଆସିଥିବା ଲୋକଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ସିଡିପିଓ ଲୀଳାବତୀ ସେଠୀ କହିଥିଲେ। ଏଥିରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ କର୍ଣ୍ଣଦେବ ସମାଦ୍ଧାର, ଅତିରିକ୍ତ ବିଡିଓ ସୁଶାନ୍ତ ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ, ସହକାରୀ ଯନ୍ତ୍ରୀ ପ୍ରଫୁଲ ସାହୁ ଜିପିଓ ଜନ୍ମେଜୟ ରାଉତ ପ୍ରମୁଖ ଯୋଗଦେଇ କରେନା ଭାଇରସ ସଂକ୍ରମଣ ସମ୍ବନ୍ଧୀୟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ଅବଗତ କରାଇଥିଲେ। କର୍ମଶାଳାରେ ଜିଆରଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। କରାନୋ ଦାଉରୁ ରକ୍ଷା ପାଇବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି। ବିଭିନ୍ନ ଶକ୍ତିପୀଠଗୁଡିକରେ ଅଖଣ୍ଡ ଦୀପଦାନ କରାଯିବା ସହ ମାର୍ଜନା କରାଯାଉଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା'ବେଲେଶ୍ୱରୀ ପୀଠରେ ମଙ୍ଗଳବାର ଶ୍ରଦ୍ଧାଳୁ ହୋମଯଜ୍ଞ କରି ପୂଜାର୍ଚ୍ଚନା କରିଥିଲେ। ସେହିପରଗୋପପୁର ଗ୍ରାମର ରଙ୍ଗେଶ୍ୱରୀ ପୀଠ ସମେତ ମା'ହରଚଣ୍ଡି ପୀଠ, ଅନନ୍ତକେଶରୀ ପୀଠ, ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି।

## ବାଙ୍କୀ ଡବଲ୍‌ମର୍ଡରେ: ଆଉ ୨ ଅଭିଯୁକ୍ତ ଗିରଫ

**ବାଙ୍କୀ, ୧୭।୩ (ସ୍ୱ.ପ୍ର.)**



ଗିରଫ ଅଭିଯୁକ୍ତ।

ବାଙ୍କୀ ଡବଲ ମର୍ଡର ଘଟଣାରେ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଖଜୁରୀପଦା ନୂଆ ଗାଁ ପଞ୍ଚାୟତର ଝରିଆ ପ୍ରଧାନ (୪୦) ଓ ଟେରା ବେହେରା (୩୫)। ବିଚାରପତି ରଶ୍ମୀତା ସାହୁ କାଗଜପତ୍ର ଯାଞ୍ଚ କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରାକୁ ପଠାଇଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ କହିଛନ୍ତି।ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ସରପଞ୍ଚ ମମତା ପ୍ରଧାନଙ୍କ ସ୍ୱାମୀ ଭଗବାନ ଓ ୱେବ ପୋର୍ଟାଲ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା (ନଂ.୩୯/୨୦)ରୁଜୁ କରାଯାଇଛି।

## ଫାଇନାଲରେ ଯୁଥକ୍ଲବ କରଡ଼ାପଲ୍ଲୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଟିଗିରିଆ, ୧୭।୩ (ଡିଏନଏ)**

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆରେ ୫ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.କେ ଏକାଡେମୀ ସୁନାଖଳାକୁ ପରାସ୍ତ କରି ଯୁଥ କ୍ଲବ କରଡ଼ାପଲ୍ଲୀ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଯୁଥକ୍ଲବ କରଡ଼ାପଲ୍ଲୀର ୧୦ନଂ ଖେଳାଳି ରାଜୁ ମାହୋତୋ ୨ ଗୋଲସ୍କୋର କରିଥିଲେ। ଫଳରେ କରଡ଼ାପଲ୍ଲୀ ୨-୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରସନ୍ନମଣି ଶାରିରୀକ ଶିକ୍ଷା ଓ ଯୋଗ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନ ଏବଂ ସମ୍ମାନୀତ ଅତିଥିଭାବେ କଟକ ଜିଲା ଜମାତ୍ ଅହମ୍ମଦିୟା ମୌଲାନା ହଲିମ ଅହମ୍ମଦ ଓ ଟିଗିରିଆ ଦମକଳ କେନ୍ଦ୍ର ଅଧିକାରୀ ରବିନ କୁମାର ସୋରେନ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚକୁ ସଞ୍ଜିବ ଦାସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ପ୍ରଭାକର ବେହେରା ଓ ରଜାକ ଖାଁ ସହାୟତା କରିଥିଲେ।

## ବ୍ରାଉନସୁଗାର କାରବାର ସନ୍ଦେହ
## ଅଭିଯୁକ୍ତଙ୍କୁ ପୋଲିସ ଜିମା

**ବାଙ୍କୀ, ୧୭।୩ (ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ନଦୀ କୂଳରେ ଦୁର୍ଗାପୁର ପଞ୍ଚାୟତର ଜଣେ ବ୍ୟକ୍ତି ବ୍ରାଉନସୁଗାର ବିକୁଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ବାଙ୍କୀ ପୋଲିସରେ ଜିମା ଦେଇଛନ୍ତି। ତାଙ୍କ ନିକଟରୁ ୨ଟି ଛୋଟଛୋଟ ଧଳା ପୁଡିଆ ଜବତ ହୋଇଛି। ମାତ୍ର ଜବତ ପୁଡ଼ିଆରେ ବାଉନସୁଗାର ଅଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ପୋଲିସ ପକ୍ଷରୁ ପଚରାଉଚୁରା ଜାରି ରହିଛି। ଗତ ୩ ମାସ ପୂର୍ବରୁ ବାଙ୍କୀ କଚେରିସ୍ଥିତ ମହାନଦୀ ବନ୍ଧ ନିକଟରେ ଓ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ଜୋର ଧରିଥିଲା। ଏନେଇ ବାଙ୍କୀ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ସେଠାରେ ଏହି କାରବାର ବନ୍ଦ ହୋଇଯାଇଥିବା ଚର୍ଚ୍ଚା ହେଉଛି।

## ବିଦେଶ ଫେରନ୍ତା ଯୁବକଙ୍କ ପାଇଁ ଲୋକେ ଭୟଭୀତ

**ମାହାଙ୍ଗା,୧୭।୩(ସ୍ୱ.ପ୍ର.)**

ବିଦେଶରୁ ଫେରିଥିବା ଜଣେ ଯୁବକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଦେବାକୁ କଟକ ଜିଲାର ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବାବେଳେ ତାଙ୍କୁ କରୋନା ହୋଇଥିବା ଚର୍ଚ୍ଚା ହୋଇଥିଲା। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ମାହାଙ୍ଗା ଥାନା ଅଞ୍ଚଳର ସମ୍ପୃକ୍ତ ଯୁବକ ମାର୍ଚ୍ଚ ୧୪ରେ ସାଉଦି ଆରବରୁ ଘରକୁ ଫେରିଥିଲେ। ସାରା ବିଶ୍ୱରେ କରୋନା ଆତଙ୍କ ସୃଷ୍ଟି କରିଥିବାବେଳେ ବିଦେଶରୁ ଗତ ୪ ପରେ ଆସିଥିବା ସମସ୍ତ ଭାରତୀୟଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସ୍ଥାନୀୟ ପ୍ରଶାସନକୁ ଦେବା ପାଇଁ ବାଧ୍ୟତା ମୂଳକ କରାଯାଇଛି। ଏନେଇ ସମ୍ପୃକ୍ତ ଯୁବକ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଦେବାକୁ ଆସିଥିଲେ। ମାତ୍ର ତାଙ୍କୁ କରୋନା ହୋଇଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଜବ ସୃଷ୍ଟି ହୋଇଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଏହି ଚର୍ଚ୍ଚା ଶୁଣି ସମ୍ପୃକ୍ତ ଯୁବକ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରୁ ଚାଲିଆସିଥିଲେ। ଏହାପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ଯୋଗାଯୋଗ କରାଯାଇଛି। ଏ ସମ୍ପର୍କରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ଦାସ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବିଦେଶ ଫେରନ୍ତା ଯୁବକଙ୍କଠାରେ କରୋନା ସମ୍ବନ୍ଧୀୟ କୌଣସି ଲକ୍ଷଣ ଦେଖିବାକୁ ମିଳିନି। ମାତ୍ର ସେ ଗତ ୪ ତାରିଖ ପରେ ବିଦେଶରୁ ଘରକୁ ଫେରିଥିବାରୁ ସେଥିପାଇଁ ସରକାରଙ୍କ ନିୟମ ଅନୁସାରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ନଜରରେ ରଖାଯାଇଛି।

## ଉପଜିଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

**ବାଙ୍କୀ, ୧୭।୩ (ସ୍ୱ.ପ୍ର.)**

**ଚାରିମାଢ଼ିଆ ଗ୍ରାମ**

■ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଦାବି

■ଅଚଳ ହୋଇଯାଇଛି ୩ ନଳକୂପ

■ଅଧାପନ୍ତରିଆ ରହିଛି ୨ ବୋରୱେଲ

ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ଚାରିମାଢ଼ିଆ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉନାହିଁ। ପ୍ରତିବାଦରେ ବୃନ୍ଦ ଗ୍ରାମ୍ୟ କମିଟି ସଭାପତି ବ୍ରଜବନ୍ଧୁ ପତିଙ୍କ ନେତୃତ୍ୱରେ ଚାରିମାଢ଼ିଆ ଗ୍ରାମବାସୀ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ଦାବି କରି ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବନ୍ଦାଳ ପଞ୍ଚାୟତଠାରୁ ଏହି ଗ୍ରାମ ଦେଢ଼ କିଲୋମିଟର ଦୂରରେ ରହିଛି । ବନ୍ଦାଳ ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥିଲେ ମଧ ଏହି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ହେଉ ନ ଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମରେ ୫୦୦ରୁ ଉର୍ଦ୍ଧ୍ୱ ଲୋକସଂଖ୍ୟାଙ୍କ ପାଇଁ ୩ ନଳକୂପ ସ୍ଥାପନ କରାଯାଇଛି। ମାତ୍ର ଏସବୁ ଅଚଳ ହୋଇଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମରେ ଜଳ ଯୋଗାଣ ନିମନ୍ତେ ମହାନଦୀ ବାଲିରେ ୨ ବୋରୱେଲ ଖୋଳାଯାଇ ଅଧାପାନ୍ତରିଆ ଭାବରେ ପଡ଼ି ରହିଛି। ତେଣୁ ଗ୍ରାମର ଲୋକମାନେ ନିକଟସ୍ଥ ପୋଖରୀ, କୂଅରୁ ପାନୀୟ ଜଳ ଆଣିବାକୁ ବାଧ ହେଉଛନ୍ତି। ଏହାକୁ ବ୍ୟବହାର କରିବା ଦ୍ୱାରା ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯାଗ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜେନା କହିଛନ୍ତି, ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ୟବସ୍ଥା କରାଯିବ। ଏବିଷୟରେ ପାନୀୟଜଳ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ରଥ କହିଛନ୍ତି, ଗ୍ରାମବାସୀଙ୍କ ପାଇଁ ବୋରୱେଲରୁ ପାଇପ୍ ମାଧମରେ ପାନୀୟ ଜଳ ଯୋଗାଇଦେବାପାଇଁ ବ୍ୟବସ୍ଥା କରାଯାଉଛି।

## ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ଆକ୍ରମଣ

**ସାଲେପୁର, ୧୭।୩(ଡି.ଏନ୍.ଏ.)**

ସାଲେପୁରସ୍ଥିତ ଏକ ବ୍ୟାଙ୍କ ଶାଖାରେ ଏକ ସ୍ୱୟଂସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟା ଟଙ୍କା ଜମା କରିବାକୁ ଯାଇଥିବା ବେଳେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସଦସ୍ୟାମାନେ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସାଲେପୁର ବ୍ଲକ ପିକୋଳ ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ଏହି ସ୍ୱୟଂସହାୟିକା ଗୋଷ୍ଠୀର ସଭାନେତ୍ରୀ ପୁଷ୍ପଲତା ସେଠୀ ଓ ଅନ୍ୟ ସଭ୍ୟାମାନେ ମାସିକ ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯାଇଥିଲେ। ଏହି ସମୟରେ ଉକ୍ତ ଗ୍ରାମର ୨ ଜଣ ମହିଳା ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ଜମା କରିବାକୁ ଆଣିଥିବା ୫ ହଜାର ଟଙ୍କା ଓ ବ୍ୟାଙ୍କ ପାସବୁକ ଛଡ଼େଇ ନେଇ ଚାଲିଯାଇଥିଲେ। ଏନେଇ ସେମାନେ ବ୍ୟାଙ୍କ ଶାଖା ପରିଚାଳକ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୬ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920

## ୨ ବିଦେଶ ଫେରନ୍ତାଙ୍କୁ ଠାବକଲା ମେଡିକାଲ ଟିମ୍

କଟକ ସଦର,(ଡି.ଏନ୍.ଏ.): ବିଦେଶ ଫେରନ୍ତା ୨ଜଣଙ୍କୁ ମଙ୍ଗଳବାର ମେଡିକାଲ ଟିମ୍ ଠାବ କରିଛି। କଟକ ସଦର ବ୍ଲକ ଅନ୍ତର୍ଗତ ବମ୍ଫୁରୀ ଗ୍ରାମର ଦୁଇ ବ୍ୟକ୍ତି ମାର୍ଚ୍ଚ ୪ ରେ ଦୁବାଇରୁ ଫେରିଥିଲେ। ଖବରପାଇ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ଉଭୟଙ୍କ ଘରେ ପହଞ୍ଚି ଆଲୋଚନା କରିଥିଲେ। ୧୦୪ ହେଲ୍ଥ ଲାଇନ ନମ୍ବରରେ ନାମ ପଞ୍ଜୀକରଣ ସହ ପୃଥକୀକରଣ ଗୃହରେ ପ୍ରାୟ ୨୦ଦିନ ରହିବା ପାଇଁ ଉଭୟଙ୍କୁ ଡାକ୍ତର ପରାମର୍ଶ ଦେଇଥିଲେ। କନ୍ଦରପୁର ଥାନା ପୋଲିସ ବମ୍ଫୁରୀରେ ପହଞ୍ଚି ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିବା ପାଇଁ ସମ୍ପୃକ୍ତ ଦୁଇ ବ୍ୟକ୍ତିଙ୍କୁ ପରାମର୍ଶ ଦେଇଥିଲେ।



### ସଂକ୍ଷେପରେ

## ବସ୍ କର୍ମଚାରୀଙ୍କ ହାତ ଧୋଇଲେ, ମାସ୍କ ବାଣ୍ଟିଲେ

**କଟକ ଅଫିସ,୧୭।୩-** କମିଶନରେଟ୍ ପୋଲିସ ଓ ଖାନ୍‌ନଗର ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ବାଦାମବାଡି ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାନିଟାଇଜର ଦ୍ୱାରା ବସ୍ ଡ୍ରାଇଭର, ହେଲ୍‌ପର ଏବଂ କଣ୍ଡକ୍ଟରମାନଙ୍କ ହାତକୁ ପରିଷ୍କାର କରାଯାଇଥିଲା। ଏଥିସହ ଯାତ୍ରୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଛି। ସାଧାରଣ ଲୋକେ କିଭଳି ଭାବେ ଏହି ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବେ ସେ ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୋନ୍-୬ ଏସିପି ଶୁଭନାରାୟଣ ମୁଦୁଲି, ବାଦାମବାଡି ଥାନାଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ, ଖାନ୍‌ନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସାମାଜିକ କର୍ମୀ ରଞ୍ଜନ ବିଶ୍ୱାଳ, ଯୁବକ ସଂଘ ସଭାପତି ସୀତାରାମ ବେହେରା ଓ ସମ୍ପାଦକ ପ୍ରତାପ କୁମାର ସାହୁ ସାମିଲ ହୋଇଥିଲେ।

## ଗଡ଼ିଲା ସଚେତନତା ରଥ

**କଣ୍ଟାପଡ଼ା,୧୭।୩(ଡି.ଏନ୍.ଏ.):** କରୋନାକୁ ନେଇ ସବୁଆଡେ ଭୟର ବାତାରଣ ସୃଷ୍ଟି ହୋଇଛି। କୋଭିଡ୍ ୧୯ ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ଗଣମାଧମ କର୍ମୀମାନେ ମଧ କରୋନା ସମ୍ପର୍କରେ ସଚେତନତା କରାଇବା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଏନେଇ ମଙ୍ଗଳବାର କଣ୍ଟାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଏକ ସଚେତନତା ରଥକୁ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଦୁଇ ଦିନ ଧରି କଣ୍ଟାପଡ଼ା ବ୍ଲକର ୧୪ ପଞ୍ଚାୟତରେ ବୁଲି କରୋନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ, ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧକ୍ଷ ସୁଦର୍ଶନ ରାଉତ, ନକୁଳ ରାଉତ, ବିପିନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କରୋନାକୁ ନେଇ ସଚେତନତା

**ଚୌଦ୍ୱାର,୧୭।୩(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଶିଶୁ ସଦନରେ ମଙ୍ଗଳବାର କରୋନାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କରୋନାର ଭୟାବହତା ଓ ଏହାର ପ୍ରତିଷେଧାତ୍ମକ ବ୍ୟବସ୍ଥା ସମ୍ପର୍କରେ ଅତିଥିମାନେ ଉପସ୍ଥିତ ପିଲାଙ୍କୁ ବୁଝାଇଥିଲେ। ଶିଶୁ ସଦନ ପରିସରକୁ ନିୟମିତ ବିଶୋଧନ କରିବା, ପିଲାଙ୍କ ପରିଷ୍କାର ରଖିବା, ନିୟମିତ ଭାବେ ହାତଧୁଆ କରାଇବା, ସନ୍ତୁଳିତ ଖାଦ୍ୟ ଖୁଆଇବା ପାଇଁ ଶିଶୁ ସଦନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା।

# ରାଜଧାନୀରେ ଆମେରିକା ନିର୍ମିତ ବନ୍ଧୁକ

## ୨ ବନ୍ଧୁକ ଜବତ, ଜଣେ ଗିରଫ



**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

ରାଜଧାନୀରେ ଚୋରା ପିସ୍ତଲ କାରବାର, ବନ୍ଧୁକ ମୁନରେ ଲୁଟ୍‌ପାଟ ଭଳି ଘଟଣା ବଢ଼ିଚାଲିଛି । ସୋମବାର ରାତିରେ ବୁଦ୍ଧପାର୍କ ନିକଟରେ କ୍ୟୁଏଟି ଓ ଚନ୍ଦ୍ରଶେଖରପୁର ଥାନା ପୋଲିସର ମିଳିତ ଚଢ଼ାଉରେ ଦେଶୀ ଓ ଆମେରିକା ନିର୍ମିତ ପିସ୍ତଲ ଜବତ କରାଯାଇଛି। ସହଯୋଗୀ କାହ୍ନା ଦିଗଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପିଙ୍କୁ ଦିଗଲ(୩୦) ଙ୍କୁ ଗିରଫ କରିଛି କ୍ୟୁଏଟି ଟିମ୍। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲା ଫୁଲବାଣୀ ଥାନା ଅନ୍ତର୍ଗତ ଡୁମୁରିଗୁଡ଼ା ଗ୍ରାମରେ। ସେ ଦୀର୍ଘଦିନ ହେବ ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହୁଥିଲେ। ସୂଚନା ମୁତାବକ ସୋମବାର ରାତିରେ ୨ଅଭିଯୁକ୍ତ ଲୁଟ୍‌ପାଟ ବା ପିସ୍ତଲ ଡିଲ୍ କରିବା ନେଇ ବୁଦ୍ଧ ପାର୍କ ନିକଟରେ ଅପେକ୍ଷା କରିଥିଲେ। କ୍ୟୁଏଟି ନିକଟରେ ବିଶେଷ ସୂତ୍ରରୁ ଖବର ପହଁଚିଥିଲା। ପିଙ୍କୁଙ୍କୁ ଯାଞ୍ଚ କରିବା ପରେ ତାଙ୍କ ଅଣ୍ଟାରୁ ଏକ ଆମେରିକା ନିର୍ମିତ ୯ ଏମ୍ଏମ୍ ପିସ୍ତଲ, ମାଗାଜିନ୍ ଓ ପ୍ୟାଣ୍ଟ ପକେଟରୁ ୨ ରାଉଣ୍ଡ ଗୁଳି ମିଳିଥିଲା। ପିଙ୍କୁ ବ୍ୟବହାର କରୁଥିବା ପଲ୍‌ସର ବାଇକ (ଓଡି ୩୩ ଏମ ୯୮୪୧)କୁ ଯାଞ୍ଚ କରିବା ପରେ ସିଟ୍ ତଳୁ ଏକ ଦେଶୀ ରିଭଲ୍‌ଭର ଏବଂ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରାଯାଇଥିଲା। ପୋଲିସ ୧୩୪/୨୦ରେ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଫେରାର ରାଜା ବାଲୁଗାଁରୁ ଗିରଫ, ପିସ୍ତଲ୍ ଜବତ

### ବାହାଦଲପୁରରେ ବାପ ପୁଅଙ୍କୁ ଗୁଳିମାଡ଼ ଘଟଣା

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ବାହାଦଲପୁର ଗୁଳିମାଡ଼ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ପିସ୍ତଲ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ରାଜା ବିଶୋଇ। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ମୁତାବକ ସରକନ୍ତରା ବାହାଦଲପୁର ଗ୍ରାମରେ ଡ୍ରଗ୍ସ ଓ ଜମିବାଡ଼ି କାରବାରକୁ ନେଇ ଗତ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟାରେ ବାପ ଓ ପୁଅଙ୍କୁ ଗୁଳିମାଡ଼ ହୋଇଥିଲା । ଦୁର୍ବୃତଙ୍କ ଗୁଳି ମାଡ଼ରେ ଅନିଲ କୁମାର ଜେନା ଓରଫ ପପୁଙ୍କର ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଅଭିମନ୍ୟୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏ ନେଇ ପୋଲିସ ୬୩୫/୧୯ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାପି ଓରଫ ଭରତ କୁମାର ସାହୁ, ହାପି ଓରଫ ଦୁର୍ଗା ପ୍ରସାଦ ସାହୁ , ରାଜା ବିଶୋଇ ଓ ତାଙ୍କର ୩ ସହଯୋଗୀ ପୁଲକ୍ ହାତୀ, ଆଲୋକ ପ୍ରଧାନ ଓ ଚିତ୍ତରଞ୍ଜନ ପରିଜା ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା। ଘଟଣାର ୪୬ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବାପି ଓ ହାପିଙ୍କୁ ରାୟଗଡ଼ା ଜିଲ୍ଲା ହାତିଖମ୍ବେ ଅଞ୍ଚଳରୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ଏକ ପିସ୍ତଲ୍, ୨ଟି ବାଇକ ଜବତ କରାଯାଇଥିଲା। ହେଲେ ଅନ୍ୟତମ ଅଭିଯୁକ୍ତ ରାଜା ବିଶୋଇ ଫେରାର ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ୩୧ ସୁଦ୍ଧା ଉଚ୍ଛେଦ, ସ୍ଥାନାନ୍ତର କାର୍ଯ୍ୟ ଶେଷ କର

### ତାଳଦଣ୍ଡା କେନାଲ ପାର୍ଶ୍ୱ ଅଞ୍ଚଳ ପରିଦର୍ଶନ କଲେ ଆରଡିସି

**କଟକ ଅଫିସ,୧୭।୩**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ତାଳଦଣ୍ଡା କେନାଲ ପାର୍ଶ୍ୱକୁ ୬ ଥାକିଆ ରାସ୍ତାରେ ପରିଣତ କରାଯିବ। ଏ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ ମଙ୍ଗଳବାର ପୂର୍ବାହ୍ନରେ ତାଳଦଣ୍ଡା କେନାଲ ପାର୍ଶ୍ୱ ଅଞ୍ଚଳ ପରିଦର୍ଶନ କରିଥିଲେ। ଆସନ୍ତା ୩୧ ତାରିଖ ସୁଦ୍ଧା ଏଠାରେ ସ୍ଥାନାନ୍ତର ଓ ଉଚ୍ଛେଦ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀର ଅଧିକାରୀମାନଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, ପାଇପ୍ ଲାଇନ ଓ ସ୍ୱେରେଜ ପମ୍ପ୍ ଷ୍ଟେଶନ ସ୍ଥାନାନ୍ତର, ରାସ୍ତା ଅବରୋଧ କରୁଥିବା ଗଛଗୁଡିକ ବନ ବିଭାଗ ପକ୍ଷରୁ ହଟାଯିବା, ଜାଇକାର ଅଧାପନ୍ତରା କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ସେଠାରୁ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ଆରଡିସି କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର କ୍ୱାର୍ଟରଗୁଡିକ ଭଙ୍ଗାଯିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଆରଡିସିଙ୍କ ଏହି ପରିଦର୍ଶନବେଳେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଏମ୍.ଆର. ଖାନ୍ ଓ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ,୧୭।୩ (ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂ ଗ୍ରାମରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଛି। ମୃତକ ହେଲେ ଉକ୍ତ ଗ୍ରାମର ଲକ୍ଷ୍ମୀଧର ସେଠୀ। ଏ ନେଇ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଏସ୍ଆଇ ଗୟାଧର ବେହେରାଙ୍କ ସୂତ୍ରରୁ ପ୍ରକାଶ, ସୋମବାର ରାତି ପ୍ରାୟ ୮ଟାରେ ଲକ୍ଷ୍ମୀଧର ତାଙ୍କ ପରିବାର ଲୋକଙ୍କ ସହିତ କୌଣସି କାରଣକୁ ନେଇ ଝଗଡା କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ଘରେ ମରି ପଡିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଲକ୍ଷ୍ମୀଧର ଅତ୍ୟଧିକ ମଦ୍ୟପାନ କରିଥିବାରୁ ମୃତ୍ୟୁ ଘଟିଥିବା ତାଙ୍କ ପୁଅ ପବିତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅତ୍ୟଧିକ ମଦ୍ୟପାନ କରିଥିବାରୁ ଲକ୍ଷ୍ମୀଧରଙ୍କ ମୃତ୍ୟୁ ଘଟିଛି ନାଁ ତାଙ୍କୁ ମାରି ଦିଆଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ବେହେରା କହିଛନ୍ତି।

## ନିଆଳି ସାପ୍ତାହିକ ହାଟ ନିଷ୍ପତ୍ତି ଝୁଲି ରହିଲା

**ନିଆଳି, ୧୭।୩(ଡି.ଏନ୍.ଏ.)**

କରୋନାକୁ ନେଇ ସବୁଆଡେ ଭୟର ବାତାରଣ ସୃଷ୍ଟି ହୋଇଛି। କୋଭିଡ୍ ୧୯ ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ନିଆଳି ବ୍ଲକ ଅଞ୍ଚଳରେ ପଞ୍ଚାୟତ ସମିତି ପକ୍ଷରୁ ଅଧକ୍ଷା କଳ୍ପନା ପାଣିଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଆଳି ବିଧାୟକ ଡା.ପ୍ରମୋଦ କୁମାର ମଲ୍ଲିକ, ବିଡିଓ ଅଶୋକ କୁମାର ଲେଙ୍କା, ତହସିଲଦାର ବିଦ୍ୟାଧର ପତି, ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କରୋନା ମୁକାବିଲାରେ ପ୍ରଶାସନ ସହ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବିଡିଓଙ୍କ ସୂଚନା ଅନୁଯାୟୀ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତି ପଞ୍ଚାୟତରେ କ୍ୱାରାଣ୍ଟାଇନ୍ ଗୃହ ଖୋଲାଯିବା ସହ ଏଥି ନିମନ୍ତେ ପ୍ରତିଗୃହ ପାଇଁ ୫ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ସେହିପରି ପ୍ରତି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଆଦି ସଫା କରିବା ପାଇଁ ୩୫ ହଜାର ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯିବା ପାଇଁ ସ୍ଥିର କରାଯାଇଥିଲା। ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ଭିଡ ହଟାଇବା ସହ ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନେ ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗରେ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରାଇବେ। ବ୍ଲକରେ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହିତ ପଞ୍ଚାୟତ ପ୍ରତିନିଧି ଓ ସରକାରୀ ପଦାଧିକାରୀମାନେ ଫୋନ୍ ଯୋଗେ ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରିବାପାଇଁ ନିଷ୍ପତ୍ତି ହୋଇଥିଲା। ନିଆଳି ସାପ୍ତାହିକ ହାଟକୁ ବନ୍ଦ କରିବା ପାଇଁ ଆସିଥିବା ପ୍ରସ୍ତାବ ଉପରେ ଜଲାପାଳଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୫୬ଜଣ ଆଶାକର୍ମୀଙ୍କୁ ହ୍ୟାଣ୍ଡ ୱାସ୍ ଯୋଗାଇ ଦିଆଯାଇଥିବା ବେଳେ ସେମାନେ ପ୍ରତି ଘରଘର ବୁଲି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ଅତୁଲ୍ୟ ଜେନା, ମାମିନା ଜେନା, ଆମ୍ବ ଅଧକ୍ଷ ଆଦିତ୍ୟ ପାଣି, ସରପଞ୍ଚ ପ୍ରଶାନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ

**ଚୌଦ୍ୱାର,୧୭।୩(ଡି.ଏନ୍.ଏ.)**

ଚୌଦ୍ୱାରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସାଦାଚରଣ ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ମହିଳାଜଣକ ଏକ ସ୍କୁଟିରେ ସାରନୁଆପାଟଣା ସେତୁ ଦେଇ ଚୌଦ୍ୱାର ଅଭିମୁଖେ ଫେରୁଥିଲେ। ବାଟରେ ୨ଜଣ ଯୁବକ ବାଇକ୍‌ରେ ତାଙ୍କୁ ପିଛା କରିବା ସହିତ ତାଙ୍କ ଗାଡି ଆଗରେ ଗାଡି ରଖିଥିଲେ। ଫଳରେ ମହିଳା ଜଣକ ଗାଡିକୁ ଅଟକାଇ ଦେଇଥିଲେ। ପରେ ଉଭୟ ଯୁବକ ତାଙ୍କୁ ମାଡ଼ ମାରିବା ସହିତ ଅସାଦାଚରଣ କରିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ମହିଳା ଜଣକ ଟିପିଏମ୍ ଫାଣ୍ଡିରେ ଘଟଣା ସମ୍ପର୍କରେ ଜଣାଇବା ସହିତ ବାଇକ ନମ୍ବର ଦେଇଥିଲେ। ଏହା ପରେ ପୋଲିସ ଜଣେ ଯୁବକଙ୍କୁ ଧରିଥିବା ବେଳେ ଅନ୍ୟ ଜଣଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଥିବା ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ଜିଲା ପ୍ରଶାସନ ଗଠନ କଲା ସ୍ୱତନ୍ତ୍ର ସ୍କ୍ୱାଡ୍

### ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ

**କଟକ ଅଫିସ, ୧୭।୩**

ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ରୋକିବା ଏବଂ ସରକାରୀ ଜମିରେ ଅପ୍ରାଧିକୃତ ଭାବେ ଅବରୋଧକୁ ହଟାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କଟକ ଡିଷ୍ଟ୍ରିକ୍ଟ ଏନ୍‌ଫୋର୍ସମେଣ୍ଟ ଫୋର୍ସ (ସିଡିଇଏଫ୍) ନାମରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ମଙ୍ଗଳବାର ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶୁଭାରମ୍ଭ କରିଥିଲେ। ବିଭିନ୍ନ ପ୍ରକଳ୍ପରେ ନିୟୋଜିତ ଥିବା ଅଧିକାରୀଙ୍କୁ ଏହି ସ୍କ୍ୱାଡ୍ ସହାୟତା କରିବ ବୋଲି ଜିଲାପାଳ କହିଛନ୍ତି। ଏହି ସ୍କ୍ୱାଡ୍‌ରେ ପୂର୍ବତନ ପ୍ରତିରକ୍ଷା କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ସେମାନେ ଜିଲାର ତହସିଲଦାର, ଉପଜିଲାପାଳମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ତଦାରଖ ଅଧିକାରୀ ଭାବେ ଓ କଟକ ସଦର ଉପଜିଲାପାଳ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏହି ସ୍କ୍ୱାଡ୍ ସ୍ଥାନୀୟ ପୋଲିସର ସହାୟତା ନେଇ କାର୍ଯ୍ୟ କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଜାଇକାର ମୁଖ୍ୟଯନ୍ତ୍ରୀ ବସନ୍ତ ସେନାପତି, ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ, ଏସିପି ଅନିଲ କୁମାର ବେଉରିଆ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ସଦର ତହସିଲଦାର ସସ୍ମିତ ଗଡନାୟକ, ଡେପୁଟି କମିଶନର ଅବିନାଶ ରାଉତଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




ଜିଲାପାଳ ଭବାନୀ ଶଙ୍କର ଚଇନି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୬ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୬୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଖଳାରେ ପହଞ୍ଚିଲା ୪ର୍ଥ ପର୍ଯ୍ୟାୟ ଚିରଟ କାଠ

**ପୁରୁଣା ଭୁବନେଶ୍ୱର, ୧୭।୩ (ଡି.ଏନ.ଏ.):**

ରଥଖଳାରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ଚକ ପରାଯିବା ପରେ ମହାରଣା ସେବାୟତମାନେ କାମ ଜାରି ରଖିଛନ୍ତି। ଅପରାହ୍ନରେ କଟକ ଖପୁରିଆ ସରକାରୀ ସ' ମିଲ୍‌ରୁ ୪ର୍ଥ ପର୍ଯ୍ୟାୟ ଚିରଟ କାଠ ଆସି ରଥଖଳାରେ ପହଞ୍ଚିଛି। ତେନ୍ତୁଳି କାଠର ୨୫ ଫୁଟ ଲମ୍ବା ୨ଟି ଅଖ, ସମାନ ଲମ୍ବର ପାଞ୍ଚ ଦଣ୍ଡା ଏବଂ ଅନ୍ୟାନ୍ୟ ରଥ ସରଞ୍ଜାମ କାଠ ଆସିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପ୍ରିଲ ୧ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ତଥା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହେବ। ମହାରଣା ସେବାୟତ ନେତ୍ରସ୍ବବ ଦିନ ରଥ ନିର୍ମାଣ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି।



# ଫଗୁ ବଦଳରେ ଠାକୁରଙ୍କୁ ଫୁଲ ଅର୍ପଣ

## ହରିରାଜପୁର ପଞ୍ଚୁଦୋଳ ମେଳଣ



ମେଳଣ ସରିବା ପରେ ଠାକୁର ବିମାନରେ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

**ଜଟଣୀ, ୧୭।୩(ଡି.ଏନ.ଏ.) :**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣର ମଙ୍ଗଳବାର ଥିଲା ଶେଷଦିନ ତଥା ଠାକୁର ମେଳଣ ଉତ୍ସବ। ଏଥିରେ ସବୁବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ଚଳିତବର୍ଷ କରୋନା ପାଇଁ ଭକ୍ତ ଓ ଠାକୁରଙ୍କ ମଧ୍ୟରେ ଫଗୁ ଖେଳ ନ ହୋଇ ଫୁଲ ଅର୍ପଣ କରାଯାଇଥିଲା। ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସମେତ ମେଳଣ ପଡିଆ ବିମାନରେ ଉପବିଷ୍ଟ ୮୦ ହରିହର ବିଗ୍ରହ ଓ ଭକ୍ତଙ୍କ ମଧ୍ୟରେ ହେଉଥିବା ଫଗୁ ସିଞ୍ଚନ ମେଳଣ ପଡିଆ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ। ଶତାଧିକ ଅସ୍ଥାୟୀ ଦୋକାନ ବଜାର, ମନୋରଞ୍ଜନ ଧର୍ମୀ ମୀନାବଜାର ଓ ଅନ୍ୟାନ୍ୟ ଆକର୍ଷଣୀୟ ସମ୍ଭାର ସହିତ ଏଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ଏହି ମେଳଣକୁ ରାଜ୍ୟ ଓ ବାହାର ଭକ୍ତ ଆସିଥାନ୍ତି। ହେଲେ ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ଠାକୁର ମେଳଣ ଉତ୍ସବରେ ପୂର୍ବବର୍ଷ ପରି ଚଳିତବର୍ଷ ଭକ୍ତଙ୍କ ସମାଗମ ସେତେଟା ହୋଇ ନ ଥିଲା। ୮୦ ଏକର ମେଳଣ ପଡିଆ ଫାଙ୍କା ଫାଙ୍କା ଲାଗୁଥିଲା। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ପ୍ରଶାସନ ପକ୍ଷରୁ ସୋମବାର ମେଳଣ ପଡ଼ିଆ ଉପରେ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ୧୫ ଶହରୁ ଅଧିକ ପଡିଥିବା ଅସ୍ଥାୟୀ ଦୋକାନ ବଜାର ରାତାରାତି ଉଠି ଯାଇଥିଲା। ଫଗୁ ସିଞ୍ଚନ ଉପରେ ପ୍ରଶାସନ କଟକଣା ଜାରି କରିବା ପରେ ମେଳଣ ପଡ଼ିଆରେ ଏହା ଉପଲବ୍ଧ ହୋଇ ନ ଥିଲା। କମ୍ ସଂଖ୍ୟାରେ ହେଲେ ମଧ୍ୟ ଆସିଥିବା ଭକ୍ତ ଫଗୁ ବଦଳରେ ଫୁଲ ଉପବିଷ୍ଟ ଠାକୁରଙ୍କ ଉପରେ ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲା। ମେଳଣ ପଡ଼ିଆରେ କେବଳ କେତୋଟି ସ୍ଥାନରେ ଦୀପ ଓ ଭୋଗ ବିକ୍ରୟ ହେଉଥିଲା। କରୋନା ଭୂତାଣୁର ମୁକାବିଲା ପାଇଁ ସରକାର ନେଇଥିବା ପଦକ୍ଷେପକୁ ସମସ୍ତେ ଗ୍ରହଣ କରି ନେଇଥିବା ଏଥିରୁ ପ୍ରତୀୟମାନ ହେଉଥିଲା।

### ପରମ୍ପରା ଅନୁସାରେ ରୀତିନୀତି ସମ୍ପନ୍ନ

ପରମ୍ପରା ଅନୁଯାୟୀ ଠାକୁର ମେଳଣର ସମସ୍ତ ରୀତିନୀତି ମଙ୍ଗଳବାର ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଚଣା, ଫେଣି, କୋରା, ଲଡୁ, ଭଳିକିଭଳି ଫଳରେ ପ୍ରସ୍ତୁତ ଭୋଗ ମାଟିହାଣ୍ଡିରେ ରଖାଯାଇ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ବିଗ୍ରହଙ୍କ ସହ ଥାନପତି ଶ୍ରୀପଶ୍ଚିମାଶମ୍ଭୁଙ୍କ ନିକଟରେ ଲାଗି କରାଯାଇଥିଲା। ପରେ ପଇଡ଼ ପାଣି ମିଶ୍ରିତ ଆଳିପଣା ସମସ୍ତ ଠାକୁରଙ୍କ ନିକଟରେ ସମର୍ପଣ କରାଯିବା ପରେ ସମସ୍ତ ଦୋଳ ବିମାନ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ପରେ ଭଣ୍ଡାର ଘରେ ୭ଟି ମାଟିହାଣ୍ଡିରେ ପ୍ରସ୍ତୁତ ଅଧରପଣା ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ଭୋଗ ହୋଇଥିଲା। ଏପରି କି ମାନସିକ କରି ମେଳଣ ଉପବାସ କରିଥିବା ବହୁ ଭକ୍ତ ଏହି ଅଧରପଣା ପାନ କରି ଉପବାସ ଭାଙ୍ଗି ଥିଲେ। ଏହାପରେ ରାତିରେ ଥାନପତି ହରିରାଜପୁର ଗ୍ରାମ ପରିକ୍ରମା କରି ପ୍ରତି ଘରେ ହୋଇଥିବା ଚାଟେରି ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ନେଇ ମେଳଣ କମିଟି ସଂଯୋଜକ ପ୍ରସନ୍ନ ମହାରଥୀ କୁହନ୍ତି, ପ୍ରଶାସନର ସମସ୍ତ ପଦକ୍ଷେପକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରାଯାଇଛି। ପ୍ରଶାସନର କଟକଣା ସତ୍ତ୍ୱେ ଭକ୍ତ ଓ ଠାକୁରଙ୍କ ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ଭାବନା ଯୋଗୁ ପୂର୍ବବର୍ଷ ପରି ଲକ୍ଷାଧିକ ଭକ୍ତ ନ ହେଲେ ମଧ୍ୟ ବହୁ ଜନସମାଗମ ଶେଷ ମୁହୂର୍ତ୍ତରେ ହୋଇଥିଲା। ସଚେତନ ଭକ୍ତମାନେ ମାସ୍କ ଓ ଅନ୍ୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଠାକୁର ମେଳଣରେ ଯୋଗ ଦେଇଥିଲେ। ଭୟଙ୍କର କରୋନା ଭୂତାଣୁର ମୁକାବିଲା ଓ ଏହାର ସମ୍ପୂର୍ଣ୍ଣ ଲୋପ ପାଇଁ ଶ୍ରୀପଶ୍ଚିମାଶମ୍ଭୁଙ୍କ ସମେତ ଉପବିଷ୍ଟ ଠାକୁରଙ୍କୁ ମେଳଣ କମିଟି ସମେତ ସମସ୍ତ ଶ୍ରଦ୍ଧାଳୁ ଭକ୍ତିପୂତ ସୁମରଣା କରିଥିବା ସେ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ଘରେ ଢିଙ୍କି !**
**ନା ଚାଉଳ ଖାଏ ଫୁଙ୍କି ।**

ଯାହା ଘରେ ଧାନ ଥାଏ, ସେ କୁଟି ଚାଉଳ କରିବା ପାଇଁ ଢିଙ୍କି ରଖେ। ସାଧାରଣତଃ ଯୋଗୀ ଭିକ୍ଷା ମାଗି ଚଳିଥାଏ। ଢିଙ୍କିରେ ତାର କୌଣସି ପ୍ରୟୋଜନ ରହୁ ନ ଥିବା ସ୍ଥଳେ ତା' ଘରେ ଢିଙ୍କି ଖୋଜିଲେ ମିଳି ନ ଥାଏ। ଯେଉଁଠି ଯାହା ଆଶା କରିବା କଥା ନୁହଁ, ତାହା ସେଠି ଆଶା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ କଲି ଆପଣାର,**
**ସେ ପୁଣି ହେଲା ସାତ ପର ।**

ଯାହା ପ୍ରତି ମନରେ ଭଲପାଇବା, ସ୍ନେହ, ଆଦର ତଥା ଦରଦଭାବ ରହିଥାଏ, ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ, ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା

**ବାଲିପାଟଣା, ୧୭।୩(ଡି.ଏନ୍.ଏ.):**

ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରିପୁର ପଞ୍ଚାୟତର ବଦଳା କଳାମାଟି ଗ୍ରାମରେ ଅଗ୍ନିକାଣ୍ଡ ଘଟି ତ୍ରିନାଥ ବେହେରାଙ୍କ ୨ ବଖରା ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ଜଳିଯାଇଛି। ଖବରପାଇ ବାଲିପାଟଣା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ନରୋଦା ଆର୍‌ଆଇ ପହଞ୍ଚି ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ରାଜଧାନୀରେ ଆମେରିକା ନିର୍ମିତ ବନ୍ଧୁକ

## ୨ ବନ୍ଧୁକ ଜବତ, ଜଣେ ଗିରଫ



**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ରାଜଧାନୀରେ ଚୋରା ପିସ୍ତଲ କାରବାର, ବନ୍ଧୁକ ମୁନରେ ଲୁଟ୍‌ପାଟ ଭଳି ଘଟଣା ବଢ଼ିଚାଲିଛି । ସୋମବାର ରାତିରେ ବୁଦ୍ଧପାର୍କ ନିକଟରେ କ୍ୟୁଏଟି ଓ ଚନ୍ଦ୍ରଶେଖରପୁର ଥାନା ପୋଲିସର ମିଳିତ ଚଢ଼ାଉରେ ଦେଶୀ ଓ ଆମେରିକା ନିର୍ମିତ ପିସ୍ତଲ ଜବତ କରାଯାଇଛି। ସହଯୋଗୀ କାହ୍ନା ଦିଗଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପିଙ୍କୁ ଦିଗଲ(୩୦) ଙ୍କୁ ଗିରଫ କରିଛି କ୍ୟୁଏଟି ଟିମ୍। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲା ଫୁଲବାଣୀ ଥାନା ଅନ୍ତର୍ଗତ ଡୁମୁରିଗୁଡ଼ା ଗ୍ରାମରେ। ସେ ଦୀର୍ଘଦିନ ହେବ ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହୁଥିଲେ। ସୂଚନା ମୁତାବକ ସୋମବାର ରାତିରେ ୨ଅଭିଯୁକ୍ତ ଲୁଟ୍‌ପାଟ ବା ପିସ୍ତଲ ଡିଲ୍ କରିବା ନେଇ ବୁଦ୍ଧ ପାର୍କ ନିକଟରେ ଅପେକ୍ଷା କରିଥିଲେ। କ୍ୟୁଏଟି ନିକଟରେ ବିଶେଷ ସୂତ୍ରରୁ ଖବର ପହଁଚିଥିଲା। ପିଙ୍କୁଙ୍କୁ ଯାଞ୍ଚ କରିବା ପରେ ତାଙ୍କ ଅଣ୍ଟାରୁ ଏକ ଆମେରିକା ନିର୍ମିତ ୯ ଏମ୍‌ଏମ୍ ପିସ୍ତଲ, ମାଗାଜିନ୍ ଓ ପ୍ୟାଣ୍ଟ ପକେଟରୁ ୨ ରାଉଣ୍ଡ୍ ଗୁଳି ମିଳିଥିଲା। ପିଙ୍କୁ ବ୍ୟବହାର କରୁଥିବା ପଲ୍‌ସର ବାଇକ (ଓଡି ୩୩ ଏମ ୯୮୪୧)କୁ ଯାଞ୍ଚ କରିବା ପରେ ସିଟ୍ ତଳୁ ଏକ ଦେଶୀ ରିଭଲ୍‌ଭର ଏବଂ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରାଯାଇଥିଲା। ପୋଲିସ ୧୩୪/୨୦ରେ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଫେରାର ରାଜା ବାଲୁଗାଁରୁ ଗିରଫ, ପିସ୍ତଲ୍ ଜବତ

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ବାହାଦଲପୁର ଗୁଳିମାଡ଼ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ପିସ୍ତଲ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ରାଜା ବିଶୋଇ। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ମୁତାବକ ସରକନ୍ତରା ବାହାଦଲପୁର ଗ୍ରାମରେ ଡ୍ରଗ୍ସ ଓ ଜମିବାଡ଼ି କାରବାରକୁ ନେଇ ଗତ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟାରେ ବାପ ଓ ପୁଅଙ୍କୁ ଗୁଳିମାଡ଼ ହୋଇଥିଲା । ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଅନିଲ କୁମାର ଜେନା ଓରଫ ପପୁଙ୍କର ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଅଭିମନ୍ୟୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏ ନେଇ ପୋଲିସ ୬୩୫/୧୯ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାପି ଓରଫ ଭରତ କୁମାର ସାହୁ, ହାପି ଓରଫ ଦୁର୍ଗା ପ୍ରସାଦ ସାହୁ , ରାଜା ବିଶୋଇ ଓ ତାଙ୍କର ୩ ସହଯୋଗୀ ପୁଲକ୍ ହାତୀ, ଆଲୋକ ପ୍ରଧାନ ଓ ଚିତ୍ତରଞ୍ଜନ ପରିଜା ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା। ଘଟଣାର ୪୬ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବାପି ଓ ହାପିଙ୍କୁ ରାୟଗଡ଼ା ଜିଲ୍ଲା ହାତିଖମ୍ବେ ଅଞ୍ଚଳରୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ଏକ ପିସ୍ତଲ୍, ୨ଟି ବାଇକ ଜବତ କରାଯାଇଥିଲା। ହେଲେ ଅନ୍ୟତମ ଅଭିଯୁକ୍ତ ରାଜା ବିଶୋଇ ଫେରାର ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବାହାଦଲପୁରରେ ବାପ ପୁଅଙ୍କୁ ଗୁଳିମାଡ଼ ଘଟଣା

# ସିବିଆଇ ତଦନ୍ତ ଦାବି କଲେ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ, ୧୭।୩**

### ମଙ୍ଗୁଳି ଜେନା ହତ୍ୟାକାଣ୍ଡ

- ଖୋଲାରେ ବୁଲୁଛନ୍ତି ଅପରାଧୀ
- ରାଜନେତାଙ୍କ ଚାପରେ ପୋଲିସ
- ତଥ୍ୟ, ପ୍ରମାଣ ସତ୍ତ୍ୱେ ଗିରଫ କରାଯାଉନି

ଖୋର୍ଦ୍ଧା ସହରରେ ବହୁଚର୍ଚ୍ଚିତ ମଙ୍ଗୁଳି ଜେନା ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିଛନ୍ତି ବଡପୋଖରିଆ ଗ୍ରାମବାସୀ। ହତ୍ୟାକାଣ୍ଡକୁ ଏଗାର ମାସ ବିତିଗଲାଣି। ଖୋର୍ଦ୍ଧା ପୋଲିସ ମାମଲା ରୁଜୁ କରି ଚୁପ ହୋଇ ବସିଛି। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ମାମଲାରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ଓ ରାଜନେତାଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହେଉଛି। ମଙ୍ଗୁଳିଙ୍କ ହତ୍ୟା ସଂକ୍ରାନ୍ତରେ ପୋଲିସକୁ ସମସ୍ତ ତଥ୍ୟ ପ୍ରମାଣ ଦିଆଯିବା ସତ୍ତ୍ୱେ ପୋଲିସର ନୀରବତାକୁ ନେଇ ଗ୍ରାମବାସୀ ଅଙ୍ଗୁଳି ଉଠାଇଛନ୍ତି। ମାମଲାର ସିବିଆଇ ତଦନ୍ତ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦେବା ସହ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଖୋର୍ଦ୍ଧା ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ, ଡିଆଇବି ଡିଏସପି ଅତନୁ କୁମାର ରାଉତ ପୋଲିସ ଟିମ ସହ ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କରୋନା ଭାଇରସ ଲାଗି ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏ ସମ୍ପର୍କରେ ଏସ୍‌ପି, ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ପୋଲିସର ପ୍ରତିଶ୍ରୁତି ପରେ ଗ୍ରାମବାସୀ ଧାରଣାରୁ ହଟି ଥିଲେ।

ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୧୪ ରାତିରେ ଖୋର୍ଦ୍ଧା ସହର ନବୀନାବାଗଠାରେ କେତେଜଣ ଦୁର୍ବୃତ୍ତ ମଙ୍ଗୁଳିଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେହି ସମୟରେ ଗ୍ରାମବାସୀ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବିରେ ଖୋର୍ଦ୍ଧା ଥାନା ଘେରାଉ କରିଥିଲେ। ରାଜ୍ୟ ସରକାର ଗୁଳିକାଣ୍ଡ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ବହୁ ବ୍ୟକ୍ତିଙ୍କ ବୟାନ ସଂଗ୍ରହ କରିଥିଲା। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତେଣୁ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ଗ୍ରାମବାସୀ। କରୋନା ଆତଙ୍କକୁ ଦୃଷ୍ଟିରେ ରଖି, ସାମୂହିକ ଭାବେ ଧାରଣାକୁ ପ୍ରତ୍ୟାହାର କରାଯାଇଛି। ଆଗାମୀ ଦିନରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି। ଜ୍ୟୋତ୍ସ୍ନାରାଣୀ ଜେନା, ମମତା ଜେନା, ଯମୁନା ଜେନା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ନିରାଡ଼ମ୍ବରରେ ସରିଲା ଆଙ୍କୁଲା ସପ୍ତଦୋଳ ମେଳଣ

**ଚିଲିକା, ୧୭।୩(ଡି.ଏନ.ଏ.) :**

ଚିଲିକା ବ୍ଲକ୍ ଆଙ୍କୁଲା ପଞ୍ଚାୟତ ବ୍ରାହ୍ମଣକୁଶଡ଼ିହଠାରେ ଅନୁଷ୍ଠିତ ହୋଇ ଆସୁଥିବା ପଞ୍ଚୁପଲ୍ଲୀର ପ୍ରସିଦ୍ଧ ସପ୍ତଦୋଳ ମେଳଣ ମଙ୍ଗଳବାର ନିରାଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରାଧିପତି ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ଆମନ୍ତ୍ରଣ କ୍ରମେ ରାହାଣବେଲି, ସରଳସିଂହ, ଡ଼ାଙ୍ଗୁଆ, ଲମ୍ବୋଦରପୁର, ଶିଖରପଦର, ସିଙ୍ଗେଶ୍ୱର, ମଠପୁର, ଘିଅଖଲା, ପାଇକକୁଶଡ଼ିହ ଆଦି ବିଭିନ୍ନ ଗ୍ରାମରୁ ଶ୍ରୀସୋମନାଥ ଦେବ, କଳିଯୁଗେଶ୍ୱର ଦେବ, ସିଂହେଶ୍ୱର ଦେବଙ୍କ ସମେତ ୨୧ ବିମାନରେ ବିଗ୍ରହ ମେଳଣ ପଡିକୁ ସୋମବାର ଆସିଥିଲେ। ଠାକୁରମାନଙ୍କୁ ଆତସବାଜି ଓ ଘଣ୍ଟ ଘଣ୍ଟାର ନିନାଦରେ ମେଳଣ ସ୍ଥଳକୁ ବିଳମ୍ବିତ ରାତ୍ରିରେ ଭକ୍ତମାନଙ୍କ ଦ୍ୱାରା ଅଣାଯାଇ ବିରାଜମାନ କରାଯାଇଥିଲା। ବୈଦିକ ରୀତିରେ ପୂଜାର୍ଚ୍ଚନା ପରେ ମଙ୍ଗଳବାର ଅପରାହ୍ନରେ ମେଳଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କରୋନା ଆତଙ୍କ ଜନିତ ପ୍ରତିଷେଧକ ଓ କଟକଣା ଲାଗୁ ହୋଇଥିବାରୁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା। ଅଧିକ ଜନସମାବେଶ ନ ହେବା ଉପରେ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମେଳଣ ପଡ଼ିଆରେ ଦୋକାନ ବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବାରଣ କରାଯିବା ଫଳରେ ଶ୍ରଦ୍ଧାଳୁ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ତେବେ ବିଧି ମୁତାବକ ଠାକୁରମାନଙ୍କ ମେଳଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS

FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଦେଖିବାକୁ ପାଉ, କିନ୍ତୁ ସୂର୍ଯ୍ୟ ଉଦୟପରେ ସେଗୁଡ଼ିକ ଦେଖାଯାଆନ୍ତି ନାହିଁ। ତେଣୁ ହେ ମାନବ! ତୁମ୍ଭର ଅଜ୍ଞତା ଯୋଗୁ ତୁମ୍ଭେ କୁହ ନାହିଁ ଯେ ଈଶ୍ୱର ନାହାନ୍ତି।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ହୋଟେଲରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ବାଲୁଗାଁ,୧୭।୩(ଡି.ଏନ.ଏ.):ବାଲୁଗାଁ ବଜାରସ୍ଥିତ ରୁଚି ହୋଟେଲରେ ସୋମବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଠିକ୍ ଭାବେ ଜଣାପଡିନାହିଁ ତେବେ ଏହା ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଉଛି। ସବୁଦିନ ଭଳି ହୋଟେଲ ବ୍ୟବସାୟ ସାରିବା ପରେ ରାତି ପ୍ରାୟ ୧୧ଟାରେ ବନ୍ଦ କରାଯାଇଥିଲା। କର୍ମଚାରୀମାନେ ହୋଟେଲ ଉପର ଗୃହରେ ଶୋଇଥିବା ବେଳେ ରାତି ପ୍ରାୟ ୧ଟାରେ ପ୍ରବଳ ଧୂଆଁ ଯୋଗୁ ନିଦ ଭାଙ୍ଗି ଯାଇଥିଲା। ସେମାନେ ହୋଟେଲରେ ନିଆଁ ଲାଗିଥିବା ଜାଣିବା ପରେ ମାଲିକଙ୍କୁ ତୁରନ୍ତ ଜଣାଇଥିଲେ। ମାଲିକ ସନ୍ତୋଷ ରଣା ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ଗାଡିର କର୍ମଚାରୀମାନେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ୩ ଗୋଟି ଏସି, ଗୋଟିଏ ଏଲସିଡି, ଫ୍ରିଜ, କ୍ୟାସ୍ କାଉଣ୍ଟର ଓ ଫର୍ଣ୍ଣିଚର ଭସ୍ମୀଭୂତ ହୋଇ ଯାଇଥିଲା।

### ବାଙ୍କୀ ଡବଲମର୍ଡର ଘଟଣା: ଆଉ ୨ ଅଭିଯୁକ୍ତ ଗିରଫ



ବାଙ୍କୀ, ୧୭।୩ (ସ୍ୱ.ପ୍ର.)
ବାଙ୍କୀ ଡବଲ ମର୍ଡର ଘଟଣାରେ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଖଜୁରୀପଦା ନୂଆ ଗାଁ ପଞ୍ଚାୟତର ଝରିଆ ପ୍ରଧାନ (୪୦) ଓ ଟେରା ବେହେରା (୩୫)। ବିଚାରପତି ରଶ୍ମିତା ସାହୁ କାଗଜପତ୍ର ଯାଞ୍ଚ କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରକୁ ପଠାଇଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ କହିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ସରପଞ୍ଚ ମମତା ପ୍ରଧାନଙ୍କ ସ୍ୱାମୀ ଭଗବାନ ଓ ୱେବ ପୋର୍ଟାଲ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା (ନଂ.୩୯/୨୦)ରୁଜୁ କରାଯାଇଛି।

# ଡିଏଚ୍ଏଚ୍, ଆରଟିଓରେ ଗହଳି

## ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

ଖୋର୍ଦ୍ଧା ଅଫିସ,୧୭।୩



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଭିଡ ।

ବିଶ୍ୱରେ କରୋନା ଆତଙ୍କ ମହାମାରୀ ରୂପ ନେଇଛି। ଓଡିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଘୋଷଣା କରିଛନ୍ତି। ନିକଟରେ ଇଟାଲିରୁ ଫେରିଥିବା ଭୁବନେଶ୍ୱର ଅଞ୍ଚଳର ଜଣେ ଯୁବକଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟ ସରକାର ପକ୍ଷରୁ ତତ୍ପରତା ବୃଦ୍ଧି ପାଇଛି। ବିଦେଶ ଫେରନ୍ତାଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । ସରକାର ସମସ୍ତ ସ୍କୁଲ, କଲେଜ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ସଭାସମିତି, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ମଲ, କଲ୍ୟାଣ ମଣ୍ଡପ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଅନ୍ୟପକ୍ଷେ ଜିଲାପାଳ କଡା ନିର୍ଦ୍ଦେଶ ସର୍ତ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରେ ଏହାର କୌଣସି ପ୍ରଭାବ ପଡିଥିବା ଦେଖିବାକୁ ମିଳିନାହିଁ। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ପରୀକ୍ଷା ଲାଗି ଶତାଧିକ ରୋଗୀ ଖୁନ୍ଦାଖୁନ୍ଦି, ଚିପାଚିପି ହୋଇ ହୋଇ ଟିକଟ କାଉଣ୍ଟର ଏବଂ ଓପିଡି ଆଗରେ ଠିଆ ହୋଇଥିଲେ। ଜିଲାପାଳ ଏକା ସାଙ୍ଗରେ ୫ରୁ ଅଧିକ ବ୍ୟକ୍ତି ଏକାଠି ନ ରହିବା ଲାଗି ନିର୍ଦ୍ଦେଶ ଜାରି କରିଥିଲେ। ଏଠାରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଯଦି କୌଣସି ବ୍ୟକ୍ତିଙ୍କଠାରେ ସଂକ୍ରମଣ ଚିହ୍ନଟ ହୁଏ, ସେଥିପାଇଁ କିଏ ଉତ୍ତରଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟସେବାରେ ଏପରି ଅବ୍ୟବସ୍ଥା, ଦାୟିତ୍ୱହୀନତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଏଡିଏମଓ ମେଡିକାଲ ବିଜୟ ମହାନ୍ତିଙ୍କ ସହ ମୋବାଇଲ ଫୋନ ନଂ.୯୪୩୭୯୯୪୫୦୪ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ମୋବାଇଲ ସୁଇଚ ଅଫ ରହିଥିଲା। ଅନ୍ୟପକ୍ଷେ ଏଭଳି ପରିସ୍ଥିତି ଲାଗି ରହିଥିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ। ଲର୍ନିଂ ଲାଇସେନ୍ସ, ଫର୍ମ ଭେରିଫିକେସନ, ଫଟୋ ଉଠା, ଟଙ୍କା ପଇଠ ଲାଗି କାଉଣ୍ଟର ଆଗରେ ଲମ୍ବା ଧାଡି ଲାଗିଥିଲା। ବହୁ ବ୍ୟକ୍ତିଙ୍କ ମୁହଁରେ ମାସ୍କ ନ ଥିଲା। ଏ ନେଇ ଜଣେ ଅଧିକାରୀ କହିଥିଲେ, ଆମ ପାଖକୁ ସେପରି କୌଣସି ନୋଟିସ ଆସିନି। ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ରହିଛି। ଜିଲାପାଳଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ଆରଟିଓ କାର୍ଯ୍ୟାଳୟରେ ଖୋଲା ଖୋଲି ଭାବେ ନିୟମକୁ ଉଲ୍ଲଂଘନ କରାଯାଇଥିଲା। ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ଆଗରେ ଭିଡ ଲାଗି ରହିଥିଲା। କୌଣସି ସୂତ୍ରରୁ ଅଭିଯୋଗ ପାଇ ଖୋର୍ଦ୍ଧା ପୋଲିସ ଆରଟିଓ ଅଫିସରୁ ଲୋକଙ୍କୁ ହଟାଇ ଥିଲା।

# ୧୧ ବିଦେଶ ଫେରନ୍ତା କଲେ ନାମ ପଞ୍ଜୀକରଣ

- ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି
- ସାହିକୁ ସାହି ବୁଲୁଛନ୍ତି ସ୍ୱଚ୍ଛ ସାଥୀ
- ବସ୍ତି ଉପରେ ଗୁରୁତ୍ୱ, ହାତ ଧୋଇବାକୁ କୁହାଯାଉଛି

ଖୋର୍ଦ୍ଧା ଅଫିସ,୧୭।୩

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ବ୍ୟକ୍ତିଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ବିଦେଶୀରୁ ଫେରୁଥିବା ବ୍ୟକ୍ତି ନାମ ପଞ୍ଜୀକରଣ କରିବାକୁ କୁହାଯାଇଥିଲା। ମଙ୍ଗଳବାର ୧୧ ଜଣ ବିଦେଶ ଫେରନ୍ତା ନିଜ ନାମ ପଞ୍ଜୀକରଣ କରିଛନ୍ତି। ସାରା ବିଶ୍ୱରେ କରୋନା କାୟା ବିସ୍ତାର କରୁଥିବାରୁ ବିଦେଶରୁ ଏବେ ଓଡ଼ିଆମାନେ ଘରକୁ ଫେରି ଆସୁଛନ୍ତି। ବିଦେଶରୁ ଓଡ଼ିଶା ଫେରୁଥିବା ବ୍ୟକ୍ତିଙ୍କ ଲାଗି ସରକାର ସତର୍କତା ଅବଲମ୍ବନ କରୁଛନ୍ତି। ମାର୍ଚ୍ଚ ୪ ତାରିଖ ପରଠାରୁ ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ନାମ ପଞ୍ଜୀକରଣକୁ ପ୍ରଶାସନ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲା ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ସହରରେ ବିଦେଶରୁ ଫେରିଥିବା ୧୧ଜଣ ବ୍ୟକ୍ତି ନାମ ପଞ୍ଜୀକରଣ କରିଛନ୍ତି। ଏହାକୁ ଉଲ୍ଲଂଘନ କଲେ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କରୋନା ଭୂତାଣୁ ସମ୍ପର୍କରେ ଜନସଚେତନତା ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଭୟ ଖୋର୍ଦ୍ଧା ଓ ବାଲୁଗାଁ ସହରରେ ୨୩ ଜଣ ସ୍ୱଚ୍ଛ ସାଥୀ, ୩ ସୁପରଭାଇଜର ନିୟମିତ ଭାବେ ସାହିକୁ ସାହି ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ବସ୍ତି ଅଞ୍ଚଳର ଲୋକଙ୍କୁ ସ୍ୱଚ୍ଛତା ଉପରେ ବୁଝାଉଛନ୍ତି। ସେମାନଙ୍କୁ ବାରମ୍ବାର ହାତ ଧୋଇବା ଲାଗି ସଚେତନ କରୁଛନ୍ତି। ସମସ୍ତ ୱାର୍ଡରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ମଙ୍ଗଳବାରଠାରୁ ଖୋର୍ଦ୍ଧା ସହରରେ ମେଶିନ ସାହାଯ୍ୟରେ ଧୂଆଁ ସ୍ପ୍ରେ ଆରମ୍ଭ ହୋଇଛି। ବୁଧବାରଠାରୁ ବାଲୁଗାଁରେ ଏହା ଆରମ୍ଭ କରାଯିବ। ସହରରେ ଜନଗହଳି ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଉଛି ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।

# କରୋନା କଟକଣାକୁ ପ୍ରଶାସନିକ ଫୁଁ

ବେଗୁନିଆ, ୧୭।୩, (ଡି.ଏନ.ଏ.)



କଣ୍ଟାବାଡ ଗ୍ରାମସ୍ଥିତ ସାପ୍ତାହିକ ପରିବା ହାଟରେ ଲୋକଙ୍କ ଗହଳି ।

- ଜନସମାଗମ ଉପରେ ଅଙ୍କୁଶ ନାହିଁ
- ଆଇସୋଲେଶନ ୱାର୍ଡ ଏବେ ଯାଏ ଖୋଲିନାହିଁ

କରୋନା ଭୂତାଣୁ ଏବେ ସାରା ରାଜ୍ୟରେ ଚହଳ ପକାଇଛି। ରାଜ୍ୟ ସରକାର ରାଜ୍ୟ ବିପତ୍ତି ଘୋଷଣା କରିବା ପରେ ଦିନକୁଦିନ ଏବେ କଟକଣାକୁ କଡାକଡି କରାଯାଉଛି। ଏହାକୁ ନେଇ ମଧ୍ୟ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମାତ୍ର ଏହି ରୋଗ ପ୍ରତି ସତର୍କ ରହିବାକୁ ଓ ଗ୍ରାମାଞ୍ଚଳ, ସହରାଞ୍ଚଳରେ ରୋଗ କିଭଳି ନ ବ୍ୟାପିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ସିତାଂଶୁ କୁମାର ରାଉତ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ କଡାକଡି କରିବାକୁ କୁହାଯାଇଥିଲା। ହେଲେ ବେଗୁନିଆ ବ୍ଲକରେ କରୋନା ରୋଗର କଟକଣାକୁ ପ୍ରଶାସନିକ ଅଧିକାରୀମାନେ ଫୁ କରି ଉଡାଇ ଦେଉଥିବା ଲୋକଲୋଚନକୁ ଆସିଛି। କେବଳ ଗାଁକୁ ଗାଁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ମାତ୍ର ଅନ୍ୟ କୌଣସି କଟକଣା କାର୍ଯ୍ୟକାରୀ ହୋଇ ନ ଥିବା ସ୍ପଷ୍ଟ ପ୍ରମାଣ ମିଳିଛି।

ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବା ସହ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଥିଲା। ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ, ଶୌଚାଳୟ, ଆବଶ୍ୟକ ଶଯ୍ୟା ବ୍ୟବସ୍ଥା କରାଯିବ ବୋଲି ସ୍ଥିର ହୋଇଥିଲା। ଔଷଧ ଓ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମାଞ୍ଚଳରେ ସର୍ବସାଧାରଣ ସ୍ଥାନ, ଯାତ୍ରା ମହୋତ୍ସବ, ସାପ୍ତାହିକ ହାଟ, ବିବାହ ଶୋଭାଯାତ୍ରା ଉପରେ ସମ୍ପୂର୍ଣ୍ଣ କଟକଣା କରାଯାଇଛି। ହେଲେ ଏହି ବ୍ଲକ ଅଧୀନ ସିମୋର ଗ୍ରାମସ୍ଥିତ ପଞ୍ଚୁଦୋଳ ଓ ଗୁରୁମ୍ ଗ୍ରାମସ୍ଥିତ ଦୋଳଯାତ୍ରା ପଡିଆରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ସେପରି କଣ୍ଟାବାଡ ଗ୍ରାମସ୍ଥିତ ସାପ୍ତାହିକ ପରିବା ହାଟ ପରିସରରେ ମଙ୍ଗଳବାର ଶହ ଶହ ବେପାରୀ ଓ ଖାଉଟିଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ସମାଗମକୁ ତହସିଲଦାର ଓ ପୋଲିସ ପକ୍ଷରୁ ମିଳିତ ଭାବେ ରୋକିବାକୁ ଯାଇ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ୨୧ଟି ଯାକ ପଞ୍ଚାୟତ ଅଞ୍ଚଳରେ ଏବେ ଯାଏ ଆଇସୋଲେଶନ ହୋମ୍ ଖୋଲିନାହିଁ। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରେ କରୋନା ରୋଗର କଟକଣାକୁ ଆଇନତଃ କାର୍ଯ୍ୟକାରୀ କରାଯାଉଛି। ଧୀରେ ଧୀରେ ଅନ୍ୟ ସମସ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଆମ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ଯାତ୍ରା ଉତ୍ସବ ଓ ଜନସମାଗମ ସ୍ଥାନରେ ଆମ ଟିମ୍ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରୁଛି। ସେମିତି କିଛି ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ। ଯଦି ଆଗକୁ କୌଣସି ବିଶୃଙ୍ଖଳା ସୃଷ୍ଟି ହେବ ସେଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ୧୪୪ ଧାରା ଜାରି କରାଯିବ ବୋଲି ସେ କହିଛନ୍ତି।

# ସଚେତନତା ବାର୍ତ୍ତା ଦେଲେ, ମାସ୍କ ବାଣ୍ଟିଲେ

## ଜଙ୍କିଆ ଥାନାର ଅଭିନବ ପ୍ରୟାସ

ଖୋର୍ଦ୍ଧା ଅଫିସ,୧୭।୩

କରୋନା ସଚେତନତା ପାଇଁ ଜଙ୍କିଆ ଥାନା ପକ୍ଷରୁ ମଙ୍ଗଳବାର ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଲୋକକୁ ସଚେତନ କରିବାକୁ ଯାଇ ହାତକୁ ବାରମ୍ବାର ଧୁଅନ୍ତୁ। ମୁହଁରେ ମାସ୍କ ଅଥବା ରୁମାଲ ବାନ୍ଧି ବାହାରକୁ ବାହାରନ୍ତୁ। ଦୀର୍ଘଦିନ ଧରି ଥଣ୍ଡା କାଶ, ଛିଙ୍କ ଲାଗି ରହିଥିଲେ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ। କାମ ନ ଥିଲେ, ଘରୁ ବାହାରକୁ ବାହାରନ୍ତୁ ନାହିଁ। ଖୋଲାରେ ଛିଙ୍କ ନାହିଁ। ଛିଙ୍କ ଆସିଲେ, ରୁମାଲ ବ୍ୟବହାର କର। ସଭାସମିତି, ଯାତ୍ରା, ମେଳଣ, ସାଂସ୍କୃତିକ କାର୍ଯ୍ୟକ୍ରମଠାରୁ ଦୂରେଇ ରୁହନ୍ତୁ। ଘର ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଅ। ଘର ଭିତରେ ବେଶି ସମୟ ଏସି ଲଗାଇ ରୁହନ୍ତୁ ନାହିଁ। ସ୍ଥାନୀୟ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ କର୍ମୀଙ୍କ ସହଯୋଗରେ ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା, ଅନ୍ୟ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଜଙ୍କିଆ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ଜନଗହଳି ସ୍ଥାନରେ ଲୋକଙ୍କ ହାତ ଧୋଇବା ଅଭ୍ୟାସ ସହ ୫ ଶହରୁ ଉର୍ଦ୍ଧ୍ୱ ମାସ୍କ ବାଣ୍ଟିଥିଲେ। ପୋଲିସ ପକ୍ଷରୁ ଏହି ଅଭିଯାନ ଜାରି ରହିବ। କରୋନା ଭୂତାଣୁ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଲୋକଙ୍କୁ ସତର୍କତା ଅବଲମ୍ବନ ଲାଗି ଅନୁରୋଧ କରାଯାଉଛି ବୋଲି ଥାନାଧିକାରୀ ଲେଙ୍କା କହିଛନ୍ତି।

# ପର୍ଯ୍ୟଟନ ସ୍ଥଳ ଖାଁ ଖାଁ



ବରୁଣେଇ ପର୍ଯ୍ୟଟକ ନ ଥିବାରୁ ଖାଁ ଖାଁ ।

ଖୋର୍ଦ୍ଧା ଅଫିସ,୧୭।୩ :

**କରୋନା ଭୟ**

କରୋନା ଆତଙ୍କକୁ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ପର୍ଯ୍ୟଟନ ସ୍ଥଳରେ କଟକଣା ଯୋଗୁ ଖାଁ ଖାଁ ହୋଇଥିବା ବେଳେ ରାସ୍ତାଘାଟ ଶୂନଶାନ ହୋଇପଡିଛି। ଜିଲାରେ ସମସ୍ତ ସରକାରୀ ଅଫିସରଙ୍କ ଛୁଟି ବାତିଲ କରାଯାଇଛି। ବିଦେଶ ଫେରନ୍ତାଙ୍କ ଉପରେ ପ୍ରଶାସନ ନଜର ରଖିଛି। ସାଧାରଣ ସଭା, ଶୋଭାଯାତ୍ରା, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, କଲ୍ୟାଣ ମଣ୍ଡପ ବନ୍ଦ ଲାଗି ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ଏଥିସହ ଜିଲା ପ୍ରଶାସନ ସମସ୍ତ ପର୍ଯ୍ୟଟନସ୍ଥଳ ଉପରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ଏହି ସମୟରେ ପର୍ଯ୍ୟଟକଙ୍କ ଏଠାକୁ ଆସିପାରିବେ ନାହିଁ। ଫଳରେ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ବରୁଣେଇ ଓ ପ୍ରସିଦ୍ଧ ଶକ୍ତିପୀଠ ମା' ଉଗ୍ରତାରାଙ୍କ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିବା ବନ୍ଦ ହୋଇଯାଇଛି। ବର୍ଷସାରା ଏଠାରେ ଭିଡ ଜମିଥାଏ। କଟକଣା ପରେ ଉକ୍ତ ଅଞ୍ଚଳ ଖାଁ ଖାଁ ହୋଇଯାଇଛି। ଦିନସାରା କୋଳାହଳ ବାତାବରଣ ରହୁଥିବା ଏହି ଅଞ୍ଚଳରେ ଏବେ ପର୍ଯ୍ୟଟକ ଶୂନ ହୋଇପଡିଛି। କରୋନା ଆତଙ୍କ ଓ ରାଜ୍ୟ ସରକାରଙ୍କ କଟକଣା ପରେ ପର୍ଯ୍ୟଟକଙ୍କ ଆଗମନ ବନ୍ଦ ରହିଛି ବୋଲି ବରୁଣେଇରେ ବ୍ୟବସାୟୀମାନେ କହିଛନ୍ତି। ଜଣେ ବ୍ୟବସାୟୀ କୁହନ୍ତି, ଏଠାରେ ଦୈନିକ ୧୫ ଶହ ଟଙ୍କା କେବଳ କାକୁଡି, ଖଇମୁଡି, ବରକୋଳି ବିକ୍ରି କରି ପାଇଥାଏ। ପ୍ରଶାସନ କଟକଣା ପରେ ବେପାର ଠପ ହୋଇଯାଇଛି।



| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920

# ପୁରୀ ଜିଲା: ସବୁ ପ୍ରବେଶ ପଥରେ ଯାଞ୍ଚ

**କରୋନା କଟକଣା କଡ଼ାକଡ଼ି**
- ସ୍କ୍ରିନିଂ କରୁଛନ୍ତି ବିଭିନ୍ନ ବିଭାଗର ଅଧିକାରୀ
- ବାହାର ଲୋକ ପୁରୀ ନ ଆସିବାକୁ ଅନୁରୋଧ

**ପୁରୀ ଅଫିସ,୧୭।୩:** କରୋନାକୁ ନେଇ ଦିନକୁ ଦିନ ବିଶ୍ୱବ୍ୟାପୀ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଭାରତରେ ବି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଓଡ଼ିଶାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଅଧିକ ତତ୍ପର ହୋଇପଡ଼ିଛନ୍ତି। ଏହାକୁ କିପରି ମୁକାବିଲା କରାଯାଇପାରିବ ସେଥିଲାଗି ବିଭିନ୍ନ ସମୟରେ ଆଡଭାଇଜରି ଜାରି କରୁଛନ୍ତି। ପୁରୀ ଜିଲା ପ୍ରଶାସନ ମଧ୍ୟ ଏଥିପାଇଁ ଅନେକ କ୍ଷେତ୍ରରେ କଟକଣା ଲଗାଇଛି। ଶ୍ରୀମନ୍ଦିର, ବେଳାଭୂମିଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ପ୍ରବେଶ ପଥ ଉପରେ ଲାଗିଛି ଏହି କଟକଣା। ସୋମବାର କେବଳ ଭୁବନେଶ୍ୱର ପଟୁ ଆସୁଥିବା ଯାନବାହନଗୁଡ଼ିକୁ ପିପିଲି ଟୋଲଗେଟ୍‌ରେ ଯାଞ୍ଚ କରାଯାଇଥିଲା। ତେବେ ମଙ୍ଗଳବାର ଜିଲାର ସବୁ ପ୍ରବେଶ ପଥରେ ଚାଲିଛି ମିଳିତ ଯାଞ୍ଚ। ପୋଲିସ, ପରିବହନ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପର୍ଯ୍ୟଟକଙ୍କୁ ସ୍କ୍ରିନିଂ କରାଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ କିଛିଦିନ ପୁରୀ ଲୋକ ବାହାରକୁ ଏବଂ ବାହାର ଲୋକ ପୁରୀକୁ ନ ଆସିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି, କୋଣାର୍କ, କାକଟପୁର, ସାତପଡ଼ା, ଚିଲିକା ଆଦି ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିଥାନ୍ତି। ମାତ୍ର ବର୍ତ୍ତମାନ କରୋନାକୁ ନେଇ ଯେଉଁ ଭୟାବହତା ସୃଷ୍ଟି ହୋଇଛି ଏହି ସମୟରେ ସମସ୍ତଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସେଥିପାଇଁ ପ୍ରଶାସନ ପକ୍ଷରୁ ପୁରୀ ଏବଂ ଚନ୍ଦ୍ରଭାଗା ବେଳାଭୂମି ସମେତ ଜିଲାର ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଅନେକ ଦର୍ଶନୀୟ ସ୍ଥାନକୁ ବନ୍ଦ ରଖାଯାଇଛି। ଏହିସବୁ ନିଷ୍ପତ୍ତିରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି ଜିଲାପାଳ ବଳୱନ୍ତ ସିଂ। ଏକ ଭିଡିଓ ବାର୍ତ୍ତାରେ ଜିଲାପାଳ କହିଛନ୍ତି, କରୋନା ମୁକାବିଲାରେ ଜିଲାବାସୀଙ୍କ ସମେତ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରିଆସିଛନ୍ତି। ସୋମବାର ପିପିଲିଠାରେ ଯାଞ୍ଚ କରାଯାଇଥିଲା। ମଙ୍ଗଳବାରଠାରୁ ଜିଲାର ସବୁ ପ୍ରବେଶ ପଥ ଅର୍ଥାତ୍ ଜଗତ୍‌ସିଂହପୁର, କଟକ, ବ୍ରହ୍ମପୁରରୁ ପୁରୀ ଜିଲାକୁ ସଂଯୋଗ କରୁଥିବା ରାସ୍ତାରେ ଗାଡ଼ିଗୁଡ଼ିକୁ ଏବେ ସ୍କ୍ରିନିଂ କରାଯାଉଛି। କେହି ଯଦି ଥଣ୍ଡା, କାଶ, ଜ୍ୱରରେ ଆକ୍ରାନ୍ତ ସେମାନଙ୍କୁ ସଚେତନ କରାଉଛନ୍ତି। ଲୋକାଲ ବସ୍‌କୁ ଛଡ଼ାଯାଉଛି। କିନ୍ତୁ ଟୁରିଷ୍ଟ ବସ୍‌କୁ ଜିଲା ଭିତରକୁ ନ ଆସି ଫେରିଯିବା ପାଇଁ କୁହାଯାଉଛି। ପୁରୀର ଯେଉଁସବୁ ହୋଟେଲରେ ଲାଇସେନ୍ସ ବାର୍, ଡାଇନିଂ ରହିଛି ତାହାକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ରୁମ୍ ସର୍ଭିସ ଦେଇପାରିବେ। ସହରରେ ଓ ରାସ୍ତାକଡ଼ରେ ଗହଳି ହେଉଥିବା ଜଳଖିଆ ଦୋକାନ ବନ୍ଦ ଲାଗି ପୌରସଂସ୍ଥା ଓ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗହଳି ହେଉଥିବାରୁ ପୁରୀ ଓ ଚନ୍ଦ୍ରଭାଗା ବେଳାଭୂମିରେ ୧୪୪ ଧାରା ଜାରି ହୋଇଛି। ଅତ୍ୟାବଶ୍ୟକ ନ ଥିଲେ ପୁରୀ ଜିଲାବାସୀ ବାହାରକୁ ଯାଆନ୍ତୁନି ଏବଂ ବାହାର ଲୋକ ପୁରୀକୁ କିଛିଦିନ ପାଇଁ ଆସନ୍ତୁ ନାହିଁ ବୋଲି ଜିଲାପାଳ ଅନୁରୋଧ କରିଛନ୍ତି।

**ସଂକ୍ଷେପରେ**

## ଫିକା ପଡ଼ିଲା ଦ୍ୱିତୀୟ ପାଳି ଝାମୁଯାତ୍ରା



**କାକଟପୁର, ୧୭।୩ (ଡି.ଏନ୍.ଏ):** କାକଟପୁରରେ ମା' ମଙ୍ଗଳାଙ୍କ ଦ୍ୱିତୀୟ ପାଳି ଝାମୁଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ତେବେ ଚଳିତବର୍ଷ କରୋନା ଯୋଗୁ ଏହା ଫିକା ପଡ଼ିଛି। କରୋନା ଭୟ ଓ ପୁରୀ ଜିଲା ପ୍ରଶାସନର କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କ ଗହଳି ନ ଥିବାବେଳେ କେବଳ ମା'ଙ୍କ ନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅତି ଆବଶ୍ୟକ ନ ଥିଲେ ଶ୍ରଦ୍ଧାଳୁମାନେ ଦ୍ୱିତୀୟ ପାଳି ଝାମୁଯାତ୍ରାକୁ ନ ଆସିବା ପାଇଁ ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ମୁଖ୍ୟ ବଜାରରେ ପ୍ରଚାର କରାଯାଇଥିଲା। ସେହିପରି ଜନସମାଗମ ରୋକିବା ପାଇଁ ପୋଲିସ ଓ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କୁ ପ୍ରଶାସନ ନିୟୋଜିତ କରିଥିଲା। ଭୋର ୩ଟାରେ ମା'ଙ୍କ ସ୍ନାନ ନୀତି ଆରମ୍ଭ ହୋଇ ବେଶ, ସୂର୍ଯ୍ୟପୂଜା,ବଲ୍ଲଭ ନୀତି ଆଦି ଶେଷ ହେବା ପରେ ପହୁଡ଼ ଖୋଲାଯାଇଥିଲା। ଭିଡ଼ ନ ଥିବାରୁ ମା'ଙ୍କ ଦର୍ଶନ ବହୁତ ଭଲରେ କରିବା ସହ କରୋନା ଭଳି ଏକ ଅଜଣା ରୋଗରୁ ମନୁଷ୍ୟ ସମାଜକୁ ଉଦ୍ଧାର ନିମନ୍ତେ ଦୀପଦାନ କରୁଥିବା ଦେଖିବାକୁ ମିଳିଥିଲା।

## ଗହଳି ଯୋଗୁ ଘୋଷଣାନାମା ବନ୍ଦ

**ପୁରୀ ଅଫିସ,୧୭।୩:** କରୋନାର ଭୟାବହତାକୁ ଦେଖି ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ କଟକଣା ଜାରି ହୋଇଛି। ମନ୍ଦିରକୁ ପ୍ରବେଶ ନିମନ୍ତେ ଘୋଷଣାନାମା ବାଧ୍ୟତାମୂଳକ କରାଯାଇଥିଲା। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ରଖାଯାଇଥିବା ବେଳେ ମଙ୍ଗଳବାର ଏହାର ଆରମ୍ଭ ହୋଇଥିଲା। ନୂଆ ଜୋତାଷ୍ଟାଣ୍ଡ ନିକଟରେ ଶ୍ରଦ୍ଧାଳୁ ଫର୍ମ ଆଣି ସେମାନେ ଏହାକୁ ପୂରଣ କରିବା ପରେ ଭିତରକୁ ଯାଉଥିଲେ। ତେବେ ଫର୍ମ ପାଇଁ ପ୍ରବଳ ଭିଡ଼ ହେବାରୁ ପ୍ରଶାସନ ଏହାକୁ ଅଧାରୁ ବନ୍ଦ କରିଦେଇଥିଲା। କୌଣସି ଗୋଟିଏ ଜାଗାରେ ଗହଳିକୁ ବାରଣ କରାଯାଇଥିବାରୁ ଏହାକୁ ବନ୍ଦ କରିଦିଆଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସେହିପରି ଭକ୍ତମାନଙ୍କୁ ଦୂରତ୍ୱ ରଖିବା ପାଇଁ ପ୍ରବେଶ ପଥରେ ପରାମର୍ଶ ଦିଆଯାଉଥିଲା। କେତେ ଜଣ ଭକ୍ତ ଏହାକୁ ମାନୁ ଥିବାବେଳେ ଅନେକ ଦୂରତ୍ୱ ରଖୁ ନ ଥିଲେ। ଶ୍ରଦ୍ଧାଳୁମାନେ ଗୋଡ଼, ହାତ ଧୋଇବା ପରେ ଭିତରକୁ ଯାଉଥିଲେ। ସେମାନଙ୍କୁ ସାନିଟାଇଜର ମଧ ଦିଆଯାଇଥିଲା। ତେବେ ସିଂହଦ୍ୱାର ସମ୍ମୁଖ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ଜଳୁଛି ଜଙ୍ଗଲ, ବିପଦରେ ବନ୍ୟପ୍ରାଣୀ
### -ଆୟତ୍ତ କରିପାରିନି ବନ ବିଭାଗ

**ବ୍ରହ୍ମଗିରି,୧୭।୩(ଡି.ଏନ.ଏ):** ବ୍ରହ୍ମଗିରି ରେଞ୍ଜ ଅଧୀନ ଶିପସରୁବାଲି ୧୨ନମ୍ବର ପ୍ଲଟରେ ଥିବା ଜଙ୍ଗଲ ଦୁଇଦିନ ହେଲା ଜଳୁଛି। ଏପର୍ଯ୍ୟନ୍ତ ବନବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଫଳରେ ଏହି ୫୦ ଏକର ଜଙ୍ଗଲ ସମେତ ଏଥିରେ ଥିବା ବନ୍ୟପ୍ରାଣୀ ବିପଦରେ ରହିଛନ୍ତି।ସୂଚନା ଅନୁଯାୟୀ, ସୋମବାର ଏହି ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିଲା। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ ବିଭାଗ ରାତିରେ ପହଞ୍ଚିଥିଲେ ମଧ ରାସ୍ତା ସମସ୍ୟା ଯୋଗୁ ଘଟଣାସ୍ଥଳକୁ ଯାଇପାରି ନ ଥିଲା। ମଙ୍ଗଳବାର ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ ମଧ ଗାଡ଼ି ଓ ପାଣି ଟ୍ୟାଙ୍କର ଯିବା ପାଇଁ ରାସ୍ତା ନ ଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। ଫଳରେ ନିଆଁ ବ୍ୟାପିବାକୁ ଲାଗିଛି। ନିଆଁକୁ ତୁରନ୍ତ ଆୟତ୍ତ କରା ନ ଗଲେ ଉକ୍ତ ଜଙ୍ଗଲରେ ରହିଥିବା ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଉପକୂଳୀୟ ଜମି ଜଙ୍ଗଲ ସମିତିର ଆବାହକ ବଟକୃଷ୍ଣ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ ମହାପାତ୍ରଙ୍କୁ ପଚାରିବାରେ ନିଆଁକୁ ଆୟତ୍ତ କରିବା ପାଇଁ ଆମ କର୍ମଚାରୀ ଜୋରଦାର ଉଦ୍ୟମ ଚଳାଇଥିବା କହିଛନ୍ତି।



ମହିଳାମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି।

## କରୋନାରୁ ରକ୍ଷା ପାଇଁ ମା' ମଙ୍ଗଳାଙ୍କୁ ପ୍ରାର୍ଥନା

**ପୁରୀ ଅଫିସ,୧୭।୩:** ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ପୁରୀ ସହରର ବିଭିନ୍ନ ସାହି ଗଳିରେ ମା' ମଙ୍ଗଳାଙ୍କ ପୂଜା ଅନୁଷ୍ଠିତ ହୋଇଛି। ସନ୍ତାନ ଓ ପରିବାରର ମଙ୍ଗଳ କାମନା କରି ମହିଳାମାନେ ଚୈତ୍ର ମଙ୍ଗଳବାର ଓଷା କରିଛନ୍ତି। କେତେକ ସ୍ଥାନରେ ବହୁସଂଖ୍ୟକ ମହିଳା ଏକାଠି ହୋଇ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ମା' ମଙ୍ଗଳା ହେଉଛନ୍ତି ଓଡ଼ିଶାର ଗଣଦେବୀ। ଚୈତ୍ର ମାସରେ ବାସନ୍ତୀକ ଶକ୍ତି ପୂଜା ପୂର୍ବରୁ ବାଟପୂଜା ମାଧମରେ ମା' ମଙ୍ଗଳାଙ୍କ ମିଳିତ ଉପାସନା କରିବାର ବିଧି ପ୍ରଚଳିତ। ମଙ୍ଗଳବାର ମହିଳାମାନେ ଏହି ପୂଜା କରିବା ସମୟରେ କରୋନା ଭୂତାଣୁ କବଳରୁ ଦେଶକୁ ରକ୍ଷା କରିବା ଲାଗି ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସାବିତ୍ରୀ ସାହୁ ନାମ୍ନୀ ମହିଳା କହିଛନ୍ତି ସନ୍ତାନ ଓ ପରିବାରର ମଙ୍ଗଳ କାମନା ଲାଗି ଏହି ପୂଜା କରିଥାଉ। କିନ୍ତୁ ବର୍ତ୍ତମାନ କରୋନା ଭୂତାଣୁ ଯେଉଁପରି ଭାବେ ସାରା ବିଶ୍ୱକୁ ଗ୍ରାସ କରିବାକୁ ବସିଛି ସେଥିପାଇଁ ସମସ୍ତେ ଚିନ୍ତିତ। ତେଣୁ ଏହା କବଳରୁ ଦେଶକୁ ରକ୍ଷା କରିବା ଲାଗି ମା' ମଙ୍ଗଳାଙ୍କୁ ପ୍ରାର୍ଥନା କରିଛି।

## ଚନ୍ଦ୍ରଭାଗା, ରାମଚଣ୍ଡୀରେ ୧୪୪ ଧାରା ଜାରି

**କୋଣାର୍କ,୧୭।୩(ଡି.ଏନ.ଏ):** କରୋନା ଭାଇରସ ପ୍ରଭାବରୁ ଜନସାଧାରଣ ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ଓ ରାମଚଣ୍ଡୀ ସମୁଦ୍ରକୂଳରେ ୧୪୪ ଧାରା ଜାରି କରାଯାଇଛି। ଏହି କଟକଣା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ପ୍ରତିଦିନ ଚନ୍ଦ୍ରଭାଗା ବେଳାଭୂମି ବୁଲିବା ଓ ପ୍ରସିଦ୍ଧ ଦେବୀ ପୀଠ ରାମଚଣ୍ଡୀ ମନ୍ଦିର ଦର୍ଶନ ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି। ଅନେକ ପର୍ଯ୍ୟଟକ ପୁରୀ- କୋଣାର୍କ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ବଣଭୋଜି କରିଥାନ୍ତି। ମାତ୍ର ସମ୍ପ୍ରତି କରୋନାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋପ ତହସିଲଦାର ପୃଥୀରାଜ ମଣ୍ଡଳ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ମେରାଇନ ଥାନା ଅଧିକାରୀ ନୀଳିମା ପଟ୍ଟନାୟକ ପ୍ରମୁଖ ୧୪୪ ଧାରା ଜାରି କରିଛନ୍ତି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ଦୋକାନଗୁଡ଼ିକୁ ବନ୍ଦ କରାଯାଇଛି।

## ଯୁବକଙ୍କୁ ଆକ୍ରମଣ:ଅଭିଯୁକ୍ତ ଗିରଫ

**ନିମାପଡ଼ା,୧୭।୩(ଡି.ଏନ୍.ଏ.):** ମୋବାଇଲ ଫୋନ ଦେବାନେବାକୁ କେନ୍ଦ୍ରକରି ନିମାପଡ଼ା ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ପ୍ରଦୀପ୍ତ ଭୋଇଙ୍କୁ ୧୫ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିମାପଡ଼ା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପ୍ରଦୀପ୍ତ ମଙ୍ଗଳବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ. ୬୯/୨୦)ରୁଜୁ କରିବା ସହ ଅଭିଯୁକ୍ତ ବୁଲା ଭୋଇଙ୍କୁ ଗିରଫ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ଘରେ ଢିଙ୍କି !**
**ନା ଚାଉଳ ଖାଏ ଫୁଙ୍କି ।**

ଯାହା ଘରେ ଧାନ ଥାଏ, ସେ କୁଟି ଚାଉଳ କରିବା ପାଇଁ ଢିଙ୍କି ରଖେ । ସାଧାରଣତଃ ଯୋଗୀ ଭିକ୍ଷା ମାଗି ଚଳିଥାଏ । ଢିଙ୍କିରେ ତାର କୌଣସି ପ୍ରୟୋଜନ ରହୁ ନ ଥିବା ସ୍ଥଳେ ତା' ଘରେ ଢିଙ୍କି ଖୋଜିଲେ ମିଳି ନ ଥାଏ । ଯେଉଁଠି ଯାହା ଆଶା କରିବା କଥା ନୁହଁ, ତାହା ସେଠି ଆଶା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଯାହାକୁ କଲି ଆପଣାର,**
**ସେ ପୁଣି ହେଲା ସାତ ପର ।**

ଯାହା ପ୍ରତି ମନରେ ଭଲପାଇବା, ସ୍ନେହ, ଆଦର ତଥା ଦରଦଭାବ ରହିଥାଏ, ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ । ଏପରିସ୍ଥଳେ ଉକ୍ତ ଆତ୍ମୀୟର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ । ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ, ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସୁନା ରୁପା ନାହିଁ: ମିଳିଲା ୭୨, ୫୩୭ ଟଙ୍କା

**୨ୟ ଦିନରେ ବି ଶ୍ରୀମନ୍ଦିର ହୁଣ୍ଡିରେ କରୋନା ପ୍ରଭାବ**

**ପୁରୀ ଅଫିସ,୧୭।୩:** କରୋନା କଟକଣାର ଦ୍ୱିତୀୟ ଦିନରେ ବି ଶ୍ରୀମନ୍ଦିର ହୁଣ୍ଡି ଉପରେ ଏହାର ପ୍ରଭାବ ପଡ଼ିଛି। ମଙ୍ଗଳବାର ହୁଣ୍ଡି ଅର୍ଥ ଲକ୍ଷେ ଟଙ୍କା ଟପି ନ ଥିବାବେଳେ ସୁନା, ରୁପା ଆଦୌ ବାହାରିନାହିଁ।

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକଧାରୀ ବସ୍ତ୍ର ମଧ ପକାଇଥାନ୍ତି। ଏହି ଦାନ ଅର୍ଥ, ସୁନା ଓ ରୁପା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଗଣତି କରାଯାଏ। ଯେଉଁ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ପ୍ରକାଶ କରିଥାଏ। ସାଧାରଣ ଦିନରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ୪/୫ଲକ୍ଷ ଟଙ୍କା ସମେତ ସୁନା, ରୁପା ବାହାରିଥାଏ। ହେଲେ ସୋମବାର ଭଳି ମଙ୍ଗଳବାର ହୁଣ୍ଡିରେ ଆଦୌ ସୁନା ଓ ରୁପା ପଡ଼ି ନ ଥିବାବେଳେ ମାତ୍ର ୭୨ହଜାର ୫୩୭ ଟଙ୍କା ବାହାରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ତଥ୍ୟ ଦିଅ



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ତୁଷାରକାନ୍ତି ବେହେରାଙ୍କ ସମେତ ଅନ୍ୟ ନିର୍ବାଚିତ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

- ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ
- ନିର୍ଦ୍ଦେଶନାମା ଖିଲାପ କଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୧୭।୩:** ଫନୀରୁ ମୁକୁଳିଥିବା ପୁରୀ ଏବେ କରୋନାକୁ ନେଇ ଚିନ୍ତିତ। କିପରି ଏହି ମାରାତ୍ମକ ଭୂତାଣୁ ଜିଲାକୁ ନ ପହଞ୍ଚିବ ସେଥିଲାଗି ପ୍ରଶାସନ ସଚେତନତା ଓ ସତର୍କତା ଉପରେ ଗୁରୁତ୍ୱ ଦେଇଛି। ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ରାଜନୈତିକ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି ଜିଲାପାଳ। ମଙ୍ଗଳବାର ସର୍କିଟ ହାଉସ୍‌ରେ ଜିଲାପାଳ ବଳୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ବସି କରୋନା ମୁକାବିଲା ନେଇ ଆଲୋଚନା କରାଯାଇଛି।

ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ିକୁ ପ୍ରବେଶ ପଥରୁ ଫେରାଇ ଦିଆଯାଉଛି। ରାଜ୍ୟ ବାହାରୁ କିମ୍ବା ବିଦେଶରୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଦୈନନ୍ଦିନ ତଥ୍ୟ ଦେବାକୁ ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରରେ ଥିବା ସମସ୍ତ ୬ଟି ମଲ୍‌କୁ ବନ୍ଦ କରାଯାଇଛି। ଯାତ୍ରା, ମେଳଣ ଓ ସାମାଜିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି ଓ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଥିବା ଜିଲାପାଳ କହିଥିଲେ। ଏଥିରେ ଯୋଗଦେଇ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ଲାଗି ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀକୁ ଅନୁପାଳନ ଲାଗି ସେ ପରାମର୍ଶ ଦେଇଥିଲେ। କରୋନା ମୁକାବିଲାରେ ଏସ୍‌ଏଚ୍‌ଜି ଓ ଆଶାକର୍ମୀଙ୍କ ସେବା ଆବଶ୍ୟକତା ଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ସବୁସ୍ତରରେ ସହଯୋଗ ଲୋଡ଼ିଥିଲେ। ଜନସାଧାରଣଙ୍କ ସୁବିଧା ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଅବ୍ୟାହତ ରଖିବାକୁ ପିପିଲି ବିଧାୟକ ପ୍ରଦୀପ ମହାରଥୀ ଗୁରୁତ୍ୱ ଦେଇଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କରୋନା ମୁକାବିଲା ନେଇ ସୁଚିନ୍ତିତ ମତାମତ ରଖିଥିଲେ। ନିର୍ଦ୍ଦେଶନାମା ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ଉମାଶଙ୍କର ଦାଶ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର କରୋନା ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ବୈଠକରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଧ୍ରୁବଚରଣ ଦାଶଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS
FINANCE

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଦେଖିବାକୁ ପାଉ, କିନ୍ତୁ ସୂର୍ଯ୍ୟ ଉଦୟପରେ ସେଗୁଡ଼ିକ ଦେଖାଯାଆନ୍ତି ନାହିଁ। ତେଣୁ ହେ ମାନବ! ତୁମ୍ଭର ଅଜ୍ଞତା ଯୋଗୁ ତୁମ୍ଭେ କୁହ ନାହିଁ ଯେ ଈଶ୍ୱର ନାହାନ୍ତି।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଜନଶୁଣାଣି ବାତିଲ

**ପୁରୀ ଅଫିସ, ୧୭।୩:** ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ ପାଇଁ ବୁଧବାର ହେବାକୁ ଥିବା ଜନଶୁଣାଣି ବାତିଲ କରିଦିଆଯାଇଛି। କରୋନା ପାଇଁ ସରକାର ବିଭିନ୍ନ ସ୍ଥାନରେ ହେଉଥିବା ଭିଡ଼କୁ ବାରଣ କରିବା ସହ ସଭାସମିତି, କର୍ମଶାଳା, ସମାବେଶକୁ ବନ୍ଦ କରିଛନ୍ତି। ତେଣୁ କରୋନା ସତର୍କତା ସ୍ୱରୂପ ଜନଶୁଣାଣିକୁ ବାତିଲ କରାଯାଇଥିବା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ ନିର୍ମାଣ ପାଇଁ ପ୍ରଭାବିତ ହେଉଥିବା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବାସେଲିସାହି, ଦୋଳମଣ୍ଡପ ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି ଓ ଚୁଡ଼ଙ୍ଗସାହି ଅନ୍ତର୍ଗତ ୱାର୍ଡ ୨,୩,୪,୯,୧୨,୧୫ ଏବଂ ୧୭ରୁ ଅଧିବାସୀଙ୍କ ଅବଗତି ନିମନ୍ତେ ବିବରଣୀ ଜାରି କରାଯାଇଛି। ଏ ସମ୍ପର୍କରେ ଉକ୍ତ ୱାର୍ଡବାସୀଙ୍କ ମତାମତ ନେବା ପାଇଁ ବୁଧବାର ଜନଶୁଣାଣି ଲାଗି ସମୟ ଧାର୍ଯ୍ୟ ହୋଇଥିଲା। ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହେବାକୁ ଥିବା ଏହି ଜନଶୁଣାଣିରେ ପ୍ରଭାବିତ ୱାର୍ଡବାସୀ ଜମି ଅଧିଗ୍ରହଣ ଓ ତତ୍‌ଜନିତ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ଉପସ୍ଥାପନ କରିଥାନ୍ତେ।

### ୨୨ ବେଆଇନ ନିର୍ମାଣ ବନ୍ଦ କଲା ପିକେଡିଏ

**ପୁରୀ ଅଫିସ, ୧୭।୩:** ଗୃହ ନିର୍ମାଣ ଅନୁମତି ନ ନେଇ ଏବଂ ଅନୁମୋଦିତ ନକ୍ସା ଉଲ୍ଲଂଘନ କରି ପୁରୀରେ ଶହ ଶହ କୋଠା ତିଆରି କରାଯାଇଛି। ଏତଦ୍‌ବ୍ୟତୀତ ଏବେ ବି ବେଆଇନ ନିର୍ମାଣ କରାଯାଉଛି। ତେଣୁ ସୋମବାର ପିକେଡିଏ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଏଥିପାଇଁ ଗଠିତ ଟିମ୍ ପ୍ରଥମ ଦିନରେ ବେଆଇନ ଭାବେ ନିର୍ମାଣାଧୀନ ୨୨ଟି କୋଠା କାମକୁ ବନ୍ଦ କରିଛି। ସେମାନଙ୍କୁ ଆଉଥରେ ପ୍ଲାନ ଆପ୍ରୁଭାଲ କରିବା ଲାଗି ଆବେଦନ କରିବା ନିମନ୍ତେ କୁହାଯାଇଛି। ଆଉ କେତେଜଣଙ୍କ ପ୍ଲାନ ରିଭାଇଜ ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ଯଦି କେହି ବେଆଇନ ନିର୍ମାଣ କରନ୍ତି ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ କହିଛନ୍ତି। ଜିଲାପାଳଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଯାଞ୍ଚ ଜାରି ରହିବ ବୋଲି ସାହୁ ସୂଚନା ଦେଇଛନ୍ତି। ପୁରୀ ସହରର ବଳିଆପଣ୍ଡା, ସମୁଦ୍ରକୂଳ ଆଦି ଅଞ୍ଚଳରେ ବହୁ ସଂଖ୍ୟକ ବେଆଇନ କୋଠା ନିର୍ମିତ ହୋଇଛି। ସେହିପରି ଅନୁମୋଦିତ ଗୃହ ନିର୍ମାଣ ନକ୍ସାକୁ ଉଲ୍ଲଂଘନ କରି ସହରର ବିଭିନ୍ନ ଅଞ୍ଚଳ ତଥା ବଡ଼ଦାଣ୍ଡ, ଭିଆଇପି ରୋଡ, ପୁରୀ-କୋଣାର୍କ ବେଳାଭୂମି ମାର୍ଗ ସମେତ ବିଭିନ୍ନ ସାହି ବସ୍ତିରେ ଶହ ଶହ କୋଠା ଗଢି ଉଠିଛି। ପିକେଡିଏର ଏହି ଅଭିଯାନ କେତେଦୂର ସଫଳ ହେଉଛି ତାହା ଉପରେ ଏବେ ନଜର।

# ମାସ୍କ ମିଳୁନି, ଦର୍ଶନ ପାଇଁ ହଇରାଣ ଭକ୍ତ

**ପୁରୀ ଅଫିସ, ୧୭।୩**

ସବୁଠି ଏବେ କରୋନା ଚର୍ଚ୍ଚା। ଓଡ଼ିଶାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ରାଜ୍ୟବାସୀଙ୍କ ଚିନ୍ତା ବଢାଇ ଦେଇଛି। ଦେଶରୁ ଦେଶକୁ ଡେଉଁଥିବା ଏହି ମାରାତ୍ମକ ଭୂତାଣୁ ରାଜ୍ୟ ଭିତରେ ପହଞ୍ଚିଥିବାରୁ ମନରେ ଭୟ ରହିବା ସ୍ୱାଭାବିକ। କିନ୍ତୁ ଏହାକୁ ମୁକାବିଲା କରିବା ଲାଗି ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ବିଶେଷକରି ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀରେ ଲୋକେ ଭିଡ଼ ଜମାଉଥିବାରୁ ଏଥିଲାଗି କଟକଣା ଜାରି କରାଯାଇଛି। ଅନେକ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରାଯାଇଥିବାବେଳେ ଶ୍ରୀମନ୍ଦିର ପାଇଁ ଜାରି ହୋଇଛି ନାନା କଟକଣା। ଦର୍ଶନ ପାଇଁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ମାସ୍କ ପରିଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବଜାରରେ ମାସ୍କ ଉପଲବ୍ଧ ହେଉ ନ ଥିବାରୁ ବହୁ ଭକ୍ତ ଦର୍ଶନ ପାଇଁ ଆସି ହଟହଟାରେ ପଡୁଛନ୍ତି। ସେମାନଙ୍କୁ ପ୍ରବେଶ ପଥରୁ ଫେରାଇ ଦିଆଯିବା ପରେ ବିଭିନ୍ନ ଔଷଧ ଦୋକାନ ବୁଲୁଛନ୍ତି, ହେଲେ ମାସ୍କ ମିଳୁ ନ ଥିବାରୁ କେମିତି ଠାକୁରଙ୍କୁ ଦର୍ଶନ କରିବୁ ବୋଲି କହି ଅସନ୍ତୋଷ ପ୍ରକାଶ କରୁଛନ୍ତି। କିନ୍ତୁ କରୋନାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯେଉଁ କଟକଣା ଜାରି କରାଯାଇଛି ତାହାକୁ ସ୍ୱାଗତ କରୁଛନ୍ତି।

### କଟକଣାକୁ କିନ୍ତୁ କରୁଛନ୍ତି ସ୍ୱାଗତ



ମାସ୍କ ପିନ୍ଧି ମନ୍ଦିର ପରିସରକୁ ପ୍ରବେଶ କରିବା ପାଇଁ ଭକ୍ତଙ୍କୁ ପୋଲିସ ତାଗିଦ୍ କରୁଛି।

କଟକଣାର ପ୍ରଥମ ଦିନରେ ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନେ ରୁମାଲ, ସ୍କାର୍ଫ ଆଦି ମୁହଁରେ ବାନ୍ଧି ମନ୍ଦିରକୁ ଯାଇଥିଲେ। କିନ୍ତୁ ମଙ୍ଗଳବାରଠାରୁ ମାସ୍କ କଟକଣାକୁ କଡ଼ାକଡ଼ି କରାଯାଇଛି। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନଙ୍କୁ ବ୍ୟାରିକେଡ ପ୍ରବେଶ ପଥରୁ ସୁରକ୍ଷା କର୍ମୀ ଫେରାଇ ଦେଉଥିଲେ। କେହି କେହି ରୁମାଲ ଓ ସ୍କାର୍ଫ ମୁହଁରେ ବାନ୍ଧି ଯିବାକୁ ଚାହିଁଥିଲେ ମଧ୍ୟ ସେମାନଙ୍କୁ ଛଡ଼ାଯାଇ ନ ଥିଲା। ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ କେତେଜଣ ଶ୍ରଦ୍ଧାଳୁ। ସବୁଠୁ ବଡ଼ କଥା ହେଉଛି ଅନେକ ଭକ୍ତ ବିଭିନ୍ନ ଔଷଧ ଦୋକାନକୁ ଯାଇ ମାସ୍କ କିଣିବାକୁ ଚାହିଁଥିଲେ। କିନ୍ତୁ ଅଧିକାଂଶ ଦୋକାନରେ ମାସ୍କ ନ ଥିଲା। ଅଳ୍ପ କେତେଜଣ ଭକ୍ତ ମାସ୍କ କିଣି ମନ୍ଦିର ଭିତରକୁ ଯାଇଥିଲେ। ଅନ୍ୟମାନେ ମାସ୍କ ନ ପାଇ ନିରାଶ ହୋଇ ମନଦୁଃଖରେ ବ୍ୟାରିକେଡ ପାଖରେ ଠିଆ ହୋଇ ରହିଥିଲେ। ଉତ୍ତରପ୍ରଦେଶର କାନପୁରରୁ ଆସିଥିବା ସଦାଶିବ ଶର୍ମା କହିଥିଲେ, ଶ୍ରୀମନ୍ଦିରରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ବୋଲି ମୁଁ ଜାଣି ନ ଥିଲି। ସପରିବାର ଦର୍ଶନ ପାଇଁ ଆସିଥିଲୁ। ସୁରକ୍ଷା କର୍ମୀମାନେ ମାସ୍କ ବିନା ମନ୍ଦିରକୁ ପ୍ରବେଶ ବାରଣ କରିବା ପରେ ବଡଦାଣ୍ଡରେ ୭/୮ଟି ଔଷଧ ଦୋକାନ ବୁଲିଲି। କିନ୍ତୁ କେଉଁଠାରେ ମାସ୍କ ପାଇ ନ ଥିଲି। ଏଭଳି ସ୍ଥଳେ ଆମେ କିପରି ଦର୍ଶନ କରିବୁ ବୋଲି ସେ ପ୍ରଶ୍ନ କରିଥିଲେ। କିନ୍ତୁ କରୋନା ପାଇଁ ଯେଉଁ ନିଷ୍ପତ୍ତି ହୋଇଛି ତାହା ଠିକ୍ ବୋଲି ସେ ମତ ରଖିଥିଲେ। ସେହିପରି ଭଦ୍ରକର ପ୍ରବୀର ନାୟକ କହିଛନ୍ତି, ସୋମବାର ଅନେକ ଶ୍ରଦ୍ଧାଳୁ ମୁହଁରେ ରୁମାଲ ଓ ସ୍କାର୍ଫ ବାନ୍ଧି ଦର୍ଶନ କରିବାକୁ ଯାଉଥିବା ଟିଭିରୁ ଦେଖିଥିଲି। ହେଲେ ଆଜି ରୁମାଲ ବାନ୍ଧି ଯିବାକୁ ମନା କରାଯାଉଛି। ମାସ୍କ ନ ପିନ୍ଧିବା ତାଙ୍କ ଭୁଲ୍ ବୋଲି ସ୍ୱୀକାର କରିବା ସହ ପ୍ରଶାସନ ଯଦି ମନ୍ଦିର ପାଖରେ ଟଙ୍କା ନେଇ ମାସ୍କ ଯୋଗାଇଦିଅନ୍ତା ତେବେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଉପକୃତ ହୁଅନ୍ତେ ବୋଲି ପ୍ରବୀର ପ୍ରକାଶ କରିଥିଲେ।

# ସାଗରସ୍ନାନ ଯାତ୍ରାରେ ଲାଗିବ ୧୪୪ ଧାରା

**ସାକ୍ଷୀଗୋପାଳ, ୧୭।୩(ଡି.ଏନ.ଏ)**

କରୋନା ସଚେତନା ପାଇଁ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ବୈଠକରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସଭା ସମିତି, ସମାବେଶ ଓ ମେଳଣ ଯାତ୍ରା ପାଇଁ କଟକଣା କରାଯାଇଛି। ଭାର୍ଗବୀ ନଦୀ ବଳପୁର ଭୃଗୁଘାଟରେ ଆଗାମୀ ୨୧ତାରିଖରେ ହେବାକୁ ଥିବା ସାଗରସ୍ନାନ ଯାତ୍ରାରେ ଜନସମାବେଶକୁ ରୋକିବା ପାଇଁ ୧୪୪ ଧାରା ଜାରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦେବନୀତି ବ୍ୟତୀତ ମେଳା ପଡ଼ିଆରେ ଦୋକାନ ବଜାର, ସେବା ଶିବିର ଓ ସାଂସ୍କୃତିକ ସମାରୋହ ଉପରେ ରୋକ ଲଗାଇବାକୁ ବଳପୁର ଓ ସୁଆଣ୍ଡୋ ନଦୀ ଘାଟରେ ୧୪୪ ଧାରା ଲାଗୁ କରାଯିବ। ଅନୁରୂପ ଭାବେ ବରାଳ, ବିଭୂତି ବାଟିକା ଓ ବିଦ୍ୟାଧରପୁର ସ୍ଥାନରେ ଏବଂ କାଞ୍ଚିଆ, ଶୁକଳ, ସାଣରୋ ଆଦି ବିଭିନ୍ନ ମେଳଣରେ ଜନସମାବେଶ ନ ହେବାକୁ କୁହାଯାଇଛି। ବୈଠକରେ ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ସଭାପତିତ୍ୱ କରି ଜନସାଧାରଣ, ପଞ୍ଚାୟତ ପ୍ରତିନିଧି ଓ ମେଳଣ କମିଟିର ମୁଖିଆଙ୍କର ସହଯୋଗ କାମନା କରିଥିଲେ। ଏଥିରେ ବିଡିଓ ସରୋଜ କୁମାର ଦତ୍ତ, ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର, ଦେବୋତ୍ତର ନିରୀକ୍ଷକ ଜଗତ ଜିତ ସାହୁ, ମ୍ୟାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ସୁନୀଲ ପଣ୍ଡା, କାଦୁଆ ସରପଞ୍ଚ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସହିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ସାକ୍ଷୀଗୋପାଳ ଡାକ୍ତରଖାନାରେ କରୋନା ୱାର୍ଡ ଖୋଲାଯାଇଛି। ମେଳା ମହୋତ୍ସବ, ବିବାହ ଭୋଜିଠାରୁ ଦୂରେଇ ରହିବା ଏବଂ ଜନଗହଳି ସ୍ଥାନକୁ ନ ଯିବା ସହ ଫୋନରେ ଯୋଗାଯୋଗ କରିବାକୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଯାଇଥିବାବେଳେ ସେବାୟତମାନେ ମୁହଁରେ ଗାମୁଛା ବାନ୍ଧିଥିବା ଦେଖାଯାଇଛି।




ସହର ପରିକ୍ରମା ପାଇଁ ବାହାରିଥିବା କରୋନା ସଚେତନତା ପଦଯାତ୍ରା।

# ପଦଯାତ୍ରାରେ ସଚେତନତା ବାର୍ତ୍ତା

**ନିମାପଡ଼ା, ୧୭।୩(ଡି.ଏନ୍.ଏ.)**

ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର କରୋନା ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ପଦଯାତ୍ରାରେ ସହର ପରିକ୍ରମା କରି କରୋନା ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି।

ସେହିପରି କରୋନା ମୁକାବିଲା ପାଇଁ ନିମାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ମନୋଜ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ତହସିଲଦାର ନିଶା ଗୋଏଙ୍କା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ, ଡା. ପ୍ରଶାନ୍ତ ସାମନ୍ତରାୟ, କୁମୁଦିନୀ ମିଶ୍ର, ପ୍ରବୀର ବଳ ପ୍ରମୁଖ ଯୋଗଦେଇଥିଲେ। ବ୍ଲକରେ ୩୨ଟି ଆଇସୋଲେଶନ କେନ୍ଦ୍ର ଖୋଲାଯିବା ସହ ଗ୍ରାମ ଓ ଏନ୍‌ଏସିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିମାପଡ଼ା ଓ ଚାରିଛକ ମେଡିକାଲରେ ରାପିଡ ଆକ୍ସନ ଟିମ ଗଠିତ ହୋଇଥିବା ଡା. ସାମନ୍ତରାୟ କହିଛନ୍ତି। ବିକ୍ଷୋଭ, ଶୋଭାଯାତ୍ରା, ଜନସମାବେଶ ଉପରେ କଟକଣା ଜାରି କରାଯାଇଥିବା ବେଳେ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ସଚେତନ କରାଯାଉଛି।

# ଶ୍ରୀକ୍ଷେତ୍ର ସାହିଯାତ :ନୀତି ହେବ, ଯାତ ବାହାରିବନି

**ପୁରୀ ଅଫିସ, ୧୭।୩**

କରୋନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଲଗାଯାଉଛି। ଏପରି କି ଅନେକ ମନ୍ଦିର, ଧାର୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଘଟୁଛି। ଏଥିପାଇଁ ଶ୍ରୀକ୍ଷେତ୍ରର ନିଆରା ପରମ୍ପରା ସାହିଯାତ କାର୍ଯ୍ୟକ୍ରମକୁ ଏଥର କାଣ୍ଟଛାଣ୍ଟ କରାଯାଇଛି। ଚଳିତବର୍ଷ ସାହିଯାତରେ ମନ୍ଦିର ନୀତି ସମ୍ପୃକ୍ତ କାର୍ଯ୍ୟକ୍ରମ କରାଯିବ। କିନ୍ତୁ କୌଣସି ସାହିରୁ ମେଢା, ନାଗା ଆଦି ଧରି ଯେଉଁ ଯାତ ବାହାରୁଥିଲା ତାହା ବାହାରିବନି। ଦକ୍ଷିଣକାଳୀ ମନ୍ଦିରରେ ସାତସାହି ଆଖଡ଼ାର ମୁରବିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ପ୍ରାଣଘାତୀ କରୋନା କବଳରୁ ବିଶ୍ୱରୁ ରକ୍ଷା ନିମନ୍ତେ ବିଶ୍ୱ କଲ୍ୟାଣ ଯଜ୍ଞ କରାଯିବାକୁ ପ୍ରସ୍ତାବ ରହିଛି। ଆସନ୍ତା

### କରୋନା କବଳରୁ ବିଶ୍ୱକୁ ରକ୍ଷା ପାଇଁ ଯଜ୍ଞ ପ୍ରସ୍ତାବ

ଗୁରୁବାର ବାରବାଟୀ ଜାଗାରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ବସି ଯଜ୍ଞ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଶ୍ରୀକୃଷ୍ଣଲୀଳା ଏବଂ ଶ୍ରୀରାମଲୀଳା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀମନ୍ଦିରରେ ଚୈତ୍ରମାସ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଲୀଳା ପାଳନ ହୋଇଥାଏ। ଏହା ଶ୍ରୀକ୍ଷେତ୍ରରେ ସାହିଯାତ ଭାବେ ପାଳନ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ସାହିଯାତର ସମନ୍ୱୟ ରହିଛି। ଆସନ୍ତା ମାସ ୨ତାରିଖରେ ଶ୍ରୀରାମ ନବମୀ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଶ୍ରୀରାମ ଲୀଳା ତଥା ସାହିଯାତ। ଏଥିରେ ସାମିଲ ହେବେ ଶ୍ରୀକ୍ଷେତ୍ରର ସାତ ସାହି ଆଖଡ଼ା।

## କରୋନା ସଚେତନତା

**ଗୋପ, ୧୭।୩(ଡି.ଏନ୍.ଏ)**

କରୋନା ନେଇ ମଙ୍ଗଳବାର ଗୋପ ବ୍ଲକ୍ ପ୍ରଶାସନ ଓ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନ କରାଯାଇଛି। ଖାଇବା ପୂର୍ବରୁ ସାବୁନ୍‌ରେ ହାତ ଧୋଇବା, ଉଷୁମ ପାଣି ପିଇବା, ଥଣ୍ଡା କାଶ ହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା, ମୁହଁରେ ମାସ୍କ ପିନ୍ଧିବା, ଜନଗହଳି ସ୍ଥାନରୁ ଦୂରେଇ ରହିବା ଆଦି ସମ୍ପର୍କରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ସଚେତନ କରାଯାଇଥିଲା। ଅନ୍ୟ ରାଜ୍ୟ ଓ ଦେଶରୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ନେବା ପାଇଁ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନ ହାଲୁକା ଭାବେ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ପାଳନ କରାଯାଉଛି। ଦେଶ ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

# ମୁଖ୍ୟ ପ୍ରଶାସକଙ୍କୁ ଭିଟାମାଟି ଅଧିକାର ମଞ୍ଚର ଦାବିପତ୍ର

**ପୁରୀ ଅଫିସ, ୧୭।୩**




ଭିଟାମାଟି ଅଧିକାର ମଞ୍ଚ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୀ ସହର ଓ ଗ୍ରାମାଞ୍ଚଳରେ ବସବାସ କରୁଥିବା ଏବଂ ଦୀର୍ଘକାଳରୁ ଚାଷ କରିଆସୁଥିବା ଚାଷଜମି ଜଗନ୍ନାଥ ମହାପ୍ରଭୁ ବିଜେ ମାର୍ଫତ ଶ୍ରୀମନ୍ଦିର ପରିଚାଳନା, ପୁରୀ ଥିବାରୁ ଏହି ସମ୍ପତ୍ତି ବିକ୍ରି କିମ୍ବା ବନ୍ଧକ ହୋଇପାରୁ ନାହିଁ। ଏପରି କି ଜାତି ଓ ଆୟ ପ୍ରମାଣପତ୍ରଠାରୁ ଆରମ୍ଭ କରି ବସବାସ ପ୍ରମାଣପତ୍ର ମଧ୍ୟ ମିଳିପାରୁ ନାହିଁ। ତେଣୁ ଏହାର ସମାଧାନ ଲାଗି ମଙ୍ଗଳବାର ଭିଟାମାଟି ଅଧିକାର ମଞ୍ଚ ତରଫରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୦୯ ସଂଶୋଧିତ ନୂତନ ୟୁନଫର୍ମ ପଲିସି ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କାର ନୋଟିସ ଜାରି କରାଯାଉଛି। ଗ୍ରାମାଞ୍ଚଳ ଚାଷୀମାନଙ୍କୁ ରାଜଭାଗ ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ ନିମନ୍ତେ ସାର୍ଟିଫିକେଟ କେସ୍ ମାଧ୍ୟମରେ ନୋଟିସ ଜାରି କରାଯାଉଛି। ଏହା ପ୍ରତିବାଦରେ ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚ ତରଫରୁ ସଭାପତି ଆଇନଜୀବୀ ଶ୍ରୀକାନ୍ତ ପରିଜା, ଚାଷୀନେତା ଭୀମସେନ ସ୍ୱାଇଁ, ଭଗବାନ ରାଉତ, କ୍ଷେତ୍ରବାସୀ ପ୍ରଧାନ, କେଲୁଚରଣ ବରାଳ, ବିଦ୍ୟାଧର ଦଳାଇ, ଆଇନଜୀବୀ କାଳିପ୍ରସାଦ ନାୟକ ଓ ସ୍ମୃତିରଞ୍ଜନ ପତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୁଣା ୟୁନିଫର୍ମ ପଲିସି ଅନୁଯାୟୀ ଉକ୍ତ ସମ୍ପତ୍ତି ମାଲିକଙ୍କଠାରୁ ଧାର୍ଯ୍ୟ ଅର୍ଥ ନେଇ ଜମି ରେଜିଷ୍ଟ୍ରି କରିବାକୁ ଦାବି କରିଛନ୍ତି। ଏହି ଜମି ବିକ୍ରି କାର୍ଯ୍ୟ ତ୍ୱରାନ୍ୱିତ କରା ନ ଗଲେ ଆଗାମୀ ଦିନରେ ମଞ୍ଚ ଜୋର୍‌ଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୮/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, March 18/2020 ★★★★★★

୪୬ଶ ଭାଗ ୧୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹୪/-







DADLS-114

Help us to help you



# କରୋନା ଭାଇରସ୍ (COVID-19)

## କରୋନା କୁ ନା, ରେଜିଷ୍ଟ୍ରେସନ କୁ ହଁ



### ବିଦେଶରୁ ଫେରିଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସୂଚନା :

**ରେଜିଷ୍ଟ୍ରେସନ**

- ମାର୍ଚ୍ଚ ୪ ତାରିଖ ବା ତା'ପରଠାରୁ ବିଦେଶରୁ ଓଡ଼ିଶାକୁ ଆସୁଥିବା ସବୁ ବ୍ୟକ୍ତିମାନଙ୍କ ପାଇଁ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ । (ଏହି ସମୟ ମଧ୍ୟରେ ବିଦେଶକୁ ବୁଲିବାକୁ ଯାଇଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ)
- 104 Helpline ଏବଂ Online Portal https://covid19.odisha.gov.in ରେ ରେଜିଷ୍ଟ୍ରେସନ କରାଯାଇପାରିବ ।
- ବିଦେଶରୁ ଆସିଥିବା ସବୁ ବ୍ୟକ୍ତି ପହଞ୍ଚିବାର ୨୪ ଘଣ୍ଟା ମଧ୍ୟରେ ସେମାନଙ୍କ ଟେଲିଫୋନ ନମ୍ବର ସହିତ ସମସ୍ତ ଆବଶ୍ୟକ ସୂଚନା ଦେଇ ରେଜିଷ୍ଟ୍ରେସନ କରିବା ଜରୁରୀ ।
- ଓଡ଼ିଶା ଆସିବା ପୂର୍ବରୁ ଆଗୁଆ ଏହି ରେଜିଷ୍ଟ୍ରେସନ ମଧ୍ୟ କରାଯାଇପାରିବ ।
- ପରିବାର ଓ ବନ୍ଧୁମାନେ ମଧ୍ୟ ବିଦେଶାଗତ ବ୍ୟକ୍ତିଙ୍କ ପାଇଁ ରେଜିଷ୍ଟ୍ରେସନ କରିପାରିବେ । ୨୦୨୦ ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ ଜାରି ରହିବ ।

**ପୃଥକବାସ (Home Isolation)**

ବିଦେଶରୁ ଫେରିଥିବା ସମସ୍ତ ବ୍ୟକ୍ତି ନିଜ ଘରେ ୧୪ ଦିନ ପର୍ଯ୍ୟନ୍ତ ଅଲଗା ରହିବା ପାଇଁ ଅନୁରୋଧ । କାହା ସହିତ ମିଳାମିଶା ନ କରିବା ପାଇଁ ଅନୁରୋଧ ।

ସଂକ୍ରମଣ ରୋକିବା ପାଇଁ ପୃଥକବାସରେ ରହୁଥିବା ବିଦେଶାଗତ ବ୍ୟକ୍ତିମାନଙ୍କ ପାଇଁ ପନ୍ଦର ହଜାର ଟଙ୍କାର ପ୍ରୋତ୍ସାହନ ଏବଂ ମାଗଣା ଡାକ୍ତରୀ ପରାମର୍ଶ ।

**ଦଣ୍ଡ ବ୍ୟବସ୍ଥା**

ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ଉଦ୍ୟମରେ ବିଦେଶାଗତ ବ୍ୟକ୍ତିମାନେ ସହଯୋଗ ନ କଲେ ଭାରତୀୟ ପିଙ୍ଗଳକୋର୍ଡ ଏବଂ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

**ଆପଣଙ୍କ ସହଯୋଗ ହିଁ ଆପଣଙ୍କ ପରିବାର ଓ ବନ୍ଧୁମାନଙ୍କୁ ସୁରକ୍ଷା ଦେଇପାରିବ ।**

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0159/1920

**ଇରାନରେ କରୋନା ମୃତ୍ୟୁସଂଖ୍ୟା ୯୮୮**

ଇରାନରେ କରୋନା ଭୟଙ୍କର ସ୍ଥିତି ଧାରଣ କରିଛି। ଏଠାରେ ୯୮୮ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୧୬,୧୬୯ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୫,୩୮୯ ଜଣ ଆରୋଗ୍ୟ ଲାଭ କରିଥିବା ଜଣାପଡ଼ିଛି। ସୋମବାର ସୁଦ୍ଧା ଦେଶର ମୋଟ ୧୪ ନିୟୁତ ଲୋକଙ୍କ ସ୍କ୍ରିନିଂ କରାଯାଇଥିବା ଇରାନ ସ୍ୱାସ୍ଥ୍ୟମନ୍ତ୍ରୀ ସଇଦ ନମାକି କହିଛନ୍ତି।

# ସିନେମାକୁ କରୋନା ମାଡ଼

ଚାଇନାର ଉହାନ ସହରରୁ ବିଶ୍ୱର ୧୬୨ ଦେଶକୁ କାୟା ମେଲାଇ ସାରିଲାଣି ଘାତକ ଭୂତାଣୁ କରୋନା। 'କୋଭିଡ୍-୧୯' ନାମରେ ପରିଚିତ ଏହି ଭାଇରସ୍ ୭,୫୦୦ ଲୋକଙ୍କ ଜୀବନ ନେବା ସହ ବିଶ୍ୱ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଫିଲ୍ମ, ସିରିଏଲ୍ ଓ ଟିଭି ଶୋ ଭଳି ମନୋରଞ୍ଜନର ଅନ୍ୟ ମାଧ୍ୟମଗୁଡ଼ିକ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ହଲିଉଡ୍ ଓ ବଲିଉଡ୍‌ରେ ଫିଲ୍ମ ଶୁଟିଂକୁ ବନ୍ଦ କରାଯାଇଛି। ଏହାସହ ପ୍ରେକ୍ଷାଳୟଗୁଡ଼ିକରେ ସିନେମା ରିଲିଜ ଉପରେ କଟକଣା ଜାରି କରାଯାଇଛି। କେବଳ ଏତିକି ନୁହେଁ, ଓଡ଼ିଶା ସମେତ କର୍ନାଟକ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଥିଏଟରଗୁଡ଼ିକୁ ବନ୍ଦ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନା ଭାଇରସ୍‌କୁ ମହାମାରୀ ଘୋଷଣା କରିବା ପରେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ନିଆଯାଉଥିବା ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ଏଣ୍ଟରଟେନମେଣ୍ଟ ଇଣ୍ଡଷ୍ଟ୍ରିରେ ଏକପ୍ରକାର ତାଲା ଝୁଲାଇ ଦେଇଛି।

## ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରିରେ ତାଲା



କରୋନା ଭାଇରସ୍ ଯୋଗୁ ହଲିଉଡ୍ ଅଦ୍ୟାବଧି ୭ ବିଲିୟନ୍ ଡଲାର କ୍ଷତି ସହି ସାରିଥିବା ଏକ ଆକଳନରୁ ଜଣାପଡ଼ିଛି। ଥିଏଟରଗୁଡ଼ିକ ଏପରି ବନ୍ଦ ରହିଲେ ଆଗାମୀ କିଛି ମାସ ମଧ୍ୟରେ କ୍ଷତିର ପରିମାଣ ଆହୁରି ୧୦ ବିଲିୟନ୍ ଡଲାର ବୃଦ୍ଧି ପାଇବ ବୋଲି ଟ୍ରେଡ୍ ଆନାଲିଷ୍ଟମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ମୁମ୍ବାଇ/ଲସ୍ ଏଞ୍ଜେଲସ୍,୧୭।୩

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯ର ପ୍ରଭାବ ଚଳଚ୍ଚିତ୍ର ଶିଳ୍ପ ଉପରେ ମଧ୍ୟ ଦେଖିବାକୁ ମିଳିଛି। କରୋନା ଭୂତାଣୁ ସଂକ୍ରମଣର ଭୟରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଭାରତରେ ପୂର୍ବରୁ କେତେକ ସମୟରେ ମନୋରଞ୍ଜନ ଟିକସକୁ ନେଇ ସରକାର ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଫିଲ୍ମ ହଲଗୁଡ଼ିକ ସ୍ୱେଚ୍ଛାକୃତ ଓ ଯୋଜନାବଦ୍ଧ ଭାବେ ବନ୍ଦ ଥିଲା। କିନ୍ତୁ ଏବେ କରୋନା ଭୟ ଯୋଗୁ ଅଭୂତପୂର୍ବ ଅଚଳାବସ୍ଥା ଦେଖିବାକୁ ମିଳିଛି। ବାଣିଜ୍ୟ ପ୍ରଦର୍ଶନୀ, ଷ୍ଟୁଡିଓ, ଟିଭି ଚ୍ୟାନେଲ ଏବଂ ଓଭର ଦି ଟ୍ୟାପ୍ (ଓଟିଟି) ପ୍ଲାଟଫର୍ମଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଆସୋସିଏଶନଗୁଡ଼ିକ ମାର୍ଚ୍ଚ ୧୯ଠାରୁ ୩୧ ପର୍ଯ୍ୟନ୍ତ ସମସ୍ତ ଶୁଟିଂ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କରୋନା ଯୋଗୁ ଫିଲ୍ମ ଇଣ୍ଡଷ୍ଟ୍ରି ଏବେ ସର୍ବକାଳୀନ ଦୁର୍ବଳ ସ୍ଥିତିକୁ ଚାଲିଆସିଛି । ପ୍ରେକ୍ଷାଳୟଗୁଡ଼ିକରେ ଗହଳି ଲାଗିରହିଲେ ସଂକ୍ରମଣ ବୃଦ୍ଧିପାଇବା ଆଶଙ୍କା ଥିବାରୁ ସେଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଯଶରାଜ ଫିଲ୍ମସ, ଧର୍ମା ପ୍ରଡକ୍ସନ୍ସ, ନାଡିଆଡ୍‌ୱାଲା ଓ ଭିଆକମ୍ ଭଳି ବଡ଼ ବଡ଼ ପ୍ରଡକ୍ସନ ହାଉସ୍ ସେମାନଙ୍କ ଅଫିସ ବନ୍ଦ କରିସାରିଲେଣି। ଫିଲ୍ମ ବ୍ୟବସାୟ କରୁଥିବା ସମସ୍ତ କର୍ପୋରେଟ ହାଉସ୍ ମଧ୍ୟ ସେମାନଙ୍କ ଅଫିସ ବନ୍ଦ ପାଇଁ ଘୋଷଣା କରିଛନ୍ତି। ଏଥିଯୋଗୁ ସପ୍ତାହକୁ ବକ୍ସ ଅଫିସର ରାଜସ୍ୱ କ୍ଷତି ୧୦୦-୧୨୫ କୋଟି ଟଙ୍କା ହେବ ବୋଲି 'କମ୍ପ୍ଲିଟ୍ ସିନେମା' ମାଗାଜିନ ସମ୍ପାଦକ ଅତୁଲ ମୋହନ ଆକଳନ କରିଛନ୍ତି। ସନ୍ଦୀପ ଔର ପିଙ୍କି ଫରାର, ଜୟେଶଭାଇ ଜୋରଦାର୍, ତୁଫାନ, ଉଧମ ସିଂ, କେଜିଏଫ୍: ଚାପ୍ଟର ୨ ଏବଂ ସୂର୍ଯ୍ୟବଂଶୀ ଭଳି ବଲିଉଡ୍ ଫିଲ୍ମଗୁଡ଼ିକର ଶୁଟିଂ ବନ୍ଦ କରାଯାଇଛି। ମୁମ୍ବାଇରେ ଟ୍ରେଡ୍ ଅନାଲିଷ୍ଟ କୋମଲ ନହାଟା କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସାରା ଦେଶର ୩୫୦୦ରୁ ଊର୍ଦ୍ଧ୍ୱ ସ୍କ୍ରିନ ବନ୍ଦ ହେଲାଣି ଓ ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ। ଏଥିଯୋଗୁ ଥିଏଟର ମାଲିକମାନଙ୍କ ସାପ୍ତାହିକ କ୍ଷତି ୪୦ରୁ ୫୦ କୋଟି ଛୁଇଁବ। ମୋଟାମୋଟି ଭାବେ କରୋନା ଯୋଗୁ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିକୁ ୮୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି କୋମଲ ଆଶଙ୍କା ବ୍ୟକ୍ତ କରିଛନ୍ତି।

- ଭାରତର ୩୫୦୦ ହଲ ବନ୍ଦ
- ସପ୍ତାହକୁ ଥିଏଟର ମାଲିକଙ୍କ ୪୦-୫୦ କୋଟି କ୍ଷତି
- ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର କ୍ଷତି ୮୦୦ କୋଟି

କରୋନା ସଂକ୍ରମଣକୁ ରୋକିବା ପାଇଁ ବିଶ୍ୱର ଅନେକ ଦେଶରେ ଫିଲ୍ମ ଓ ଟିଭି ଶୋ ଶୁଟିଂକୁ ସ୍ଥଗିତ ରଖାଯାଇଛି। ଡିସେମ୍ବର ଶେଷ ଆଡ଼କୁ ଚାଇନାର ଉହାନ ସହରରେ ଆରମ୍ଭ ହୋଇଥିବା ଏହି ଭୂତାଣୁ ବର୍ତ୍ତମାନ ସୁଦ୍ଧା ୧୬୨ଟି ରାଷ୍ଟ୍ରକୁ ବ୍ୟାପିସାରିଥିବାରୁ ଅନ୍ୟ ଶିଳ୍ପ ଭଳି ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ମଧ୍ୟ ସାଙ୍ଗରେ ନେଇ ଆସିଛି ଦୁଃସମ୍ବାଦ। ବିଶ୍ୱର ଦ୍ୱିତୀୟ ବକ୍ସ ଅଫିସ ରିଜିୟନ ଚାଇନାର ୭୦ ହଜାର ଫିଲ୍ମ ଥିଏଟର ବନ୍ଦ ପଡ଼ିଛି। ହଲିଉଡ୍ ଫିଲ୍ମଗୁଡ଼ିକର ରିଲିଜ ସ୍ଥଗିତ ରଖାଯାଇଛି। କେବଳ ହଲିଉଡ୍ କି ବଲିଉଡ୍ ନୁହେଁ, ଓଡ଼ିଶା ସମେତ କର୍ନାଟକ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଥିଏଟରଗୁଡ଼ିକୁ ବନ୍ଦ କରାଯାଇଛି।



ଖାଁ ଖାଁ ପଡ଼ିଛି କୋଲକାତାର ଏକ ସିନେମା ହଲ୍




ଇର୍‌ଫାନ ଖାନ୍‌ଙ୍କ ଅଭିନୀତ 'ଅଂଗ୍ରେଜୀ ମିଡିୟମ' ରିଲିଜ ପରେ ବନ୍ଦ। ଅକ୍ଷୟ କୁମାରଙ୍କ 'ସୂର୍ଯ୍ୟବଂଶୀ'ର ରିଲିଜ ସ୍ଥଗିତ।

## ଆମେରିକାରେ ଅନ୍‌ଲାଇନ୍ ରିଲିଜ

ଆମେରିକାରେ କରୋନା ଭାଇରସ୍ ପ୍ରାୟ ୫ ହଜାର ଲୋକଙ୍କୁ ସଂକ୍ରମିତ କରିଥିବାବେଳେ ଏଥିରେ ୯୬ ଜଣଙ୍କ ଜୀବନ ଗଲାଣି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁ କାମକୁ ବନ୍ଦ କରାଯାଇଛି। ଫଳରେ ଦେଶର ସବୁଠୁ ପୁରୁଣା ଷ୍ଟୁଡିଓ ୟୁନିଭର୍ସାଲ ପିକ୍‌ଚର୍ସ ଏହାର ପରବର୍ତ୍ତୀ ଫିଲ୍ମ 'ଦି ଇନ୍‌ଭିଜିବଲ ମ୍ୟାନ୍' ଓ 'ଦି ହଣ୍ଟ'ର ଅନ୍‌ଲାଇନ ରିଲିଜ କରିବାକୁ ଯାଉଛି। ଫିଲ୍ମ ହଲଗୁଡ଼ିକ ବନ୍ଦ ପଡ଼ିଥିବାବେଳେ ଆସନ୍ତା ୨୦ ତାରିଖରେ ଅନ୍‌ଲାଇନରେ ଏହା ମୁକ୍ତିଲାଭ କରିବ। ସେହିପରି 'ଟ୍ରୋଲ୍ସ ୱାର୍ଲ୍ଡ ଟୁର' ଶୀର୍ଷକ ଆନିମେଟେଡ୍ କମେଡିକୁ ମଧ୍ୟ ଇଣ୍ଟରନେଟରେ ରିଲିଜ କରାଇ ଫିଲ୍ମର ପଇସା ଉଠାଇବାକୁ ଉଦ୍ୟମ ଚାଲିଛି। ଏହି ଧାରାରେ ଆଉ କେତେକ ପ୍ରଯୋଜନା ସଂସ୍ଥା ମଧ୍ୟ ଅନ୍‌ଲାଇନରେ ଫିଲ୍ମ ରିଲିଜ କରିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଆମେରିକାର ଫିଲ୍ମ ଇଣ୍ଡଷ୍ଟ୍ରିରେ ୨୦ ବର୍ଷ ମଧ୍ୟରେ ଏପରି ଅବସ୍ଥା କେବେ ଦେଖିବାକୁ ମିଳି ନ ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।



ଆମେରିକାର ମାନ୍‌ହାଟାନ୍ ବିଚ୍‌ରେ ଥିବା ଆର୍କଲାଇଟ୍ ମୁଭି ଥିଏଟରରେ ଫିଲ୍ମଗୁଡ଼ିକର ପୋଷ୍ଟର ଦେଖୁଛନ୍ତି ଜଣେ କିଶୋର।

## 'କରୋନା ପ୍ୟାର ହୈ'

ଚଳଚ୍ଚିତ୍ର ପ୍ରଯୋଜକମାନେ ଘାତକ କୋଭିଡ୍-୧୯ ଉପରେ ଆଧାରିତ ଫିଲ୍ମ ନିର୍ମାଣ ପାଇଁ ଟାଇଟଲ ପଞ୍ଜୀକରଣ କରିବାରେ ଧାଡ଼ି ବାନ୍ଧିଛନ୍ତି। ଏରୋସ୍ ଇଣ୍ଟରନ୍ୟାଶନାଲ ଏହି କ୍ଷେତ୍ରରେ ଟିକେ ଆଗୁଆ ରହିଛି। ୨୦୦୦ରେ ମୁକ୍ତିଲାଭ କରିଥିବା ହ୍ରିତିକ ରୋଶନ ଓ ଅମିଷା ପଟେଲଙ୍କ ଅଭିନୀତ 'କହୋନା ପ୍ୟାର ହୈ' ଟାଇଟଲ ଶୈଳୀରେ 'କରୋନା ପ୍ୟାର ହୈ' ନାମରେ ଏକ ଫିଲ୍ମ ପ୍ରସ୍ତୁତି ପାଇଁ ଅନୁମତି ହାସଲ କରିଛି। ଏରୋସ୍‌ର ପ୍ରଡ୍ୟୁସର କ୍ରିଷ୍ଣା ଲୁଲ୍ଲା କହିଛନ୍ତି, ସେମାନେ ଏବେ ଉକ୍ତ ଫିଲ୍ମର ପଟ୍ଟକଥା ଲେଖୁଛନ୍ତି। ଏହି ପ୍ରେମ କାହାଣୀରେ ମହାମାରୀ କରୋନା ବିଷୟବସ୍ତୁ ଗତିଶୀଳ ହୋଇଛି। ସ୍ଥିତି ସୁଧୁରିବା ମାତ୍ରେ ଏହାର ଶୁଟିଂ ଆରମ୍ଭ କରିବେ। ସେହିପରି କରୋନା ଉପରେ ପର୍ଯ୍ୟବସିତ ଆଉ କେତୋଟି ଫିଲ୍ମ ନିର୍ମାଣ ପାଇଁ ଅନ୍ୟ କେତେଜଣ ପ୍ରଯୋଜକ ପଞ୍ଜୀକରଣ କରିଥିବା ଇଣ୍ଡିଆନ୍ ମୋଶନ ପିକ୍‌ଚର୍ସ ପ୍ରଡ୍ୟୁସର୍ସ ଆସୋସିଏଶନ (ଆଇଏମ୍‌ପିପିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଉ ଜଣେ ପ୍ରଯୋଜକ 'ଡେଡ୍‌ଲି କରୋନା' ଟାଇଟଲକୁ ବୁକ୍ କରିଛନ୍ତି।

**କୋଭିଡ୍-୧୯କୁ ନେଇ ଫିଲ୍ମ**

## ୫ ଓଡ଼ିଆ ମୃତ, ୩ ଗୁରୁତର

ସିଲିଗୁଡ଼ି, ୧୭।୩ : ପଶ୍ଚିମବଙ୍ଗର ସିଲିଗୁଡ଼ିଠାରେ ସଡ଼କ ଦୁର୍ଘଟଣା ଘଟି ୫ ଓଡ଼ିଆଙ୍କ ମୃତ୍ୟୁ ହୋଇଛି। ଏଥିସହ ୩ ଜଣ ଆହତ ମଧ୍ୟ ହୋଇଛନ୍ତି। ଭୁବନେଶ୍ୱରରୁ ଭ୍ରମଣ ଲାଗି ସପରିବାର ସେଠାକୁ ଏକ ଟାଟାସୁମୋ କାର୍‌ରେ ଯାତ୍ରା କରିଥିଲେ। ମୃତକମାନେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଗାଙ୍ଗ୍‌ଟକରୁ ସିଲିଗୁଡ଼ି ଯିବା ବାଟରେ କାର୍‌ଟି ଡ୍ରାଇଭର୍‌ର ଅସାବଧାନତା ଯୋଗୁ ୧୦୦ ଫୁଟ ତଳ ଏକ ଖାତ ମଧ୍ୟକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ସହାୟତାରେ ସେମାନଙ୍କୁ ଠାବ କରାଯାଇଥିବା ବେଳେ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ ଭୁବନେଶ୍ୱରର ରତିକାନ୍ତ ନନ୍ଦ ଓ ତାଙ୍କ ପରିବାର ସଦସ୍ୟ ବୋଲି ଜଣାପଡ଼ିଛି।

- ପଶ୍ଚିମବଙ୍ଗରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା
- ୧୦୦ ଫୁଟ ଖାତକୁ ଖସିଲା କାର୍



## ଆସାମ ମଡେଲଙ୍କୁ ବଳାତ୍କାର: ୪ ଗିରଫ

କାନପୁର, ୧୭।୩

ଆସାମର ଜଣେ ମଡେଲ କାନପୁରରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆସିଥିବାବେଳେ ତାଙ୍କୁ ସେଠାରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୫ ସହଯୋଗୀଙ୍କ ଉପସ୍ଥିତିରେ ଏକ ପ୍ରମୁଖ କ୍ଲବର ପୂର୍ବତନ ନିର୍ଦ୍ଦେଶକ ମଡେଲଙ୍କୁ ବଳାତ୍କାର କରିଥିବା ପୋଲିସ ମଙ୍ଗଳବାର ସୂଚନା ଦେଇଛି। ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତର ପୋଲିସ ଟେର୍ ପାଇନାହିଁ। ଘଟଣାରୁ ପ୍ରକାଶ ଯେ, ଗତ ରବିବାର ରାତି ୧୦ଟାରେ ପୋଲିସ ଚଢାଉ କରିବା ଏଭଳି ଘଟଣା ସାମ୍ନାକୁ ଆସିଥିଲା। ହେଲେ ବଙ୍ଗଳାରୁ ସମସ୍ତ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ମାର୍ଚ୍ଚ ୧୩ରେ ମଡେଲ ଜଣକ କାନପୁରରେ ପହଞ୍ଚିଥିବା ବେଳେ ସକ୍ଷମ ସାହୁ ନାମକ ଇଭେଣ୍ଟ ଅର୍ଗାନାଇଜର ମାର୍ଚ୍ଚ ୧୫ରେ ହେବାକୁ ଥିବା କାର୍ଯ୍ୟକ୍ରମ ଲାଗି ତାଙ୍କୁ ନେଇଥିଲେ। ଇକ୍‌ବଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଟିକେଟ ବୁକ୍ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷହେବା ପରେ ବ୍ୟବସାୟୀ ଅମିତ୍ ଅଗ୍ରୱାଲ ତାଙ୍କ କାର୍‌ରେ ମଡେଲଙ୍କୁ ସମୀର ଅଗ୍ରୱାଲଙ୍କ ବଙ୍ଗଳାକୁ ନେଇଯାଇଥିଲେ। ଅମିତ୍ ବଳାତ୍କାର ଉଦ୍ୟମ କରିଥିବା ବେଳେ ବିରୋଧ କରିବାରୁ ନିସ୍ଥୁକ ମାଡ଼ ଦିଆଯାଇଥିଲା ବୋଲି ମଡେଲ ଅଭିଯୋଗ କରିଛନ୍ତି। ପୋଲିସ ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ମୁଖ୍ୟ ଅଭିଯୁକ୍ତ ଅମତ୍ ଏପର୍ଯ୍ୟନ୍ତ ଫେରାର୍ ଅଛନ୍ତି। ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଯାଇଥିବା ଏସ୍‌ପି ଅନିଲ କୁମାର କହିଛନ୍ତି।

## ନିର୍ଭୟା ମାମଲାରେ ଦୋଷୀ ମୁକେଶଙ୍କ ନୂଆ ଚାଲ୍

**ନୂଆଦିଲ୍ଲୀ, ୧୭।୩:** ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ୪ ଦୋଷୀଙ୍କୁ ଆସନ୍ତା ୨୦ ସକାଳ ୫.୩୦ରେ ଫାଶୀ ଦିଆଯିବା ଲାଗି ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୁକେଶ ସିଂ ଆଉ ଏକ ନୂଆ ଚାଲ୍ ଖେଳିଛନ୍ତି। ଗଣବଳାତ୍କାର ଦିନ ଅର୍ଥାତ୍ ଡିସେମ୍ବର ୧୬, ୨୦୧୨ରେ ସେ ଦିଲ୍ଲୀରେ ନ ଥିଲେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ଗଣବଳାତ୍କାର ପରଦିନ ଅର୍ଥାତ୍ ୧୭ରେ ରାଜସ୍ଥାନରୁ ଗିରଫ କରାଯାଇ ଦିଲ୍ଲୀ ଅଣାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଫାଶୀଦଣ୍ଡକୁ ଖାରଜ କରିବା ଲାଗି ମୁକେଶ୍ ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣାଙ୍କ ଆଗରେ ଗୁହାରି କରିଛନ୍ତି। ମୁକେଶଙ୍କ ଆବେଦନ ଉପରେ ସରକାରୀ ଓକିଲ ଆପତ୍ତି ଉଠାଇବା ସହ ଫାଶୀ ବିଳମ୍ବ ଲାଗି ସେ ଏଭଳି ବାହାନା କରୁଥିବା କହିଛନ୍ତି। ମାମଲାଟି ଏବେ କୋର୍ଟରେ ବିଚାରାଧୀନ ରହିଛି।

**ଘଟଣା ଦିନ ଦିଲ୍ଲୀରେ ନ ଥିବା କୋର୍ଟଙ୍କୁ ଦର୍ଶାଇଲେ**

**ଇତିହାସର ଆଇନାରେ**

### ମାର୍ଚ୍ଚ ୧୮ର ପ୍ରମୁଖ ଘଟଣା

୧୯୫୩ ମାର୍ଚ୍ଚ ୧୮ରେ ତୁର୍କୀରେ ଭୟଙ୍କର ଭୂକମ୍ପ ହେବାରୁ ୧,୦୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୫ ଥିଲା। ପଶ୍ଚିମ ତୁର୍କୀର କାନାକାଲେ, ୟେନିସ୍ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ମୋଟ ୩. ୫୭ ମିଲିୟନ ଡଲାରର କ୍ଷତି ଦେଶକୁ ସହିବାକୁ ପଡ଼ିଥିଲା।

୧୯୯୬ ମାର୍ଚ୍ଚ ୧୮ରେ ଫିଲିପାଇନ୍ସର କ୍ୱେଜନ ସହରରେ ଥିବା ଏକ ନାଇଟ କ୍ଲବରେ ଅଗ୍ନିକାଣ୍ଡ ଘଟିବାରୁ ପ୍ରାୟ ୧୬୭ ଲୋକ ପ୍ରାଣ ହରାଇଥିଲେ। ୯୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# 'ଭୁଶୁଡ଼ିଗଲା କି ଶେଷ ଦୁର୍ଗ'

**ନୂଆଦିଲ୍ଲୀ,୧୭।୩(ପି.ଟି.):** ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଜ୍ୟ ସଭାକୁ ମନୋନୀତ କରିବା ପରେ ବିବାଦ ଉଠିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ପୂର୍ବତନ ସିଜେଆଇ ଗୋଗୋଇଙ୍କୁ ଉଚ୍ଚ ସଦନକୁ ପଠାଇବା ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଏକ ଆକ୍ରମଣ। ଏହା ନ୍ୟାୟପାଳିକାର ସ୍ୱାଧୀନତାକୁ ନ୍ୟୂନ କରିଦେବ ବୋଲି କଂଗ୍ରେସ କହିଛି। ତେବେ ସେ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେବା ପରେ ହିଁ କି ଗଣମାଧ୍ୟମକୁ ମନ୍ତବ୍ୟ ଦେବେ ବୋଲି ଜଷ୍ଟିସ୍ ଗୋଗୋଇ ସ୍ପଷ୍ଟ କରିଛନ୍ତି। ଏହାସହ ପୂର୍ବତନ ଆଇନମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ମନ୍ତବ୍ୟର ଅବତାରଣା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଷ୍ଟିସ୍ ଗୋଗୋଇଙ୍କୁ ମନୋନୀତ କରିବା ପୂର୍ବରୁ ଅନ୍ତତଃ ନିଜ ଭାଜପା ନେତା ଜେଟ୍‌ଲୀ କ'ଣ କହିଥିଲେ ତାକୁ ମନେପାଇବା ଉଚିତ ଥିଲା। କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭୀ କହିଛନ୍ତି, ଜଣେ ଅବସରପ୍ରାପ୍ତ ସିଜେଆଇ ରାଜ୍ୟ ସଭାକୁ ମନୋନୀତ ହୋଇ ଯିବା ଦେଶରେ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଏହା ଏକ ଅକ୍ଷମଣୀୟ କାର୍ଯ୍ୟ। ସେହିପରି ମୋଦି ତାଙ୍କ ପ୍ରାକ୍ତନ ସହଯୋଗୀ ତଥା ପୂର୍ବତନ ଆଇନ ଓ ଅର୍ଥମନ୍ତ୍ରୀ ଜେଟ୍‌ଲୀଙ୍କ ପରାମର୍ଶକୁ ଗ୍ରହଣ କରିଥିଲେ କି ବୋଲି କଂଗ୍ରେସର ଆଉ ଜଣେ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଟୁଇଟରରେ ପ୍ରଶ୍ନ କରିଛନ୍ତି । ଏହାସହ ଗୋଗୋଇ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମଦନ ଭୀମରାଓ ଲୋକୁର ଏହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗୋଗୋଇଙ୍କୁ ରାଷ୍ଟ୍ରପତିଙ୍କ ମନୋନୟନ ନ୍ୟାୟପାଳିକାର ନିରପେକ୍ଷତା ଓ ସ୍ୱାଧୀନତାକୁ ପୁନଃ ପରିଭାଷିତ କରିବ। ଶେଷ ଦୁର୍ଗ ଭୁଶୁଡ଼ିପଡ଼ିଲା କି ବୋଲି ଲୋକୁର ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଟୁଇଟରରେ ସୁର୍ଜେୱାଲା ପୁଣିଥରେ ସମାନ ପ୍ରଶ୍ନକୁ ଦୋହରାଇଛନ୍ତି। ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ କୁରିଏନ୍ ଜୋସେଫ କହିଛନ୍ତି, ଦେଶ ପ୍ରତି ଆମେ ଆମର ଋଣ ଶୁଝିସାରିଛୁ ବୋଲି ୨୦୧୮ ଜାନୁୟାରୀ ୧୨ରେ ଜଷ୍ଟିସ୍ ଗୋଗୋଇ ଏକ ବିବୃତିରେ କହିଥିଲେ। ନ୍ୟାୟପାଳିକା ପାଇଁ ଲଢ଼େଇ କରିଥିବା ଗୋଗୋଇ ଏବେ ଏହାର ନିରପେକ୍ଷ ଓ ସ୍ୱାଧୀନ ସିଦ୍ଧାନ୍ତ ସହ ସାଲିସ କରିବା ଭଳି କାର୍ଯ୍ୟ କରିବା ପାଇଁ କିପରି ସାହସ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ସେହି ସମୟରେ ଜଷ୍ଟିସ୍ ଦୀପକ ମିଶ୍ର ସିଜେଆଇ ଥିବାବେଳେ ସୁପ୍ରିମକୋର୍ଟର ୩ ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଜେ. ଚେଲାମେଶ୍ୱର, ଲୋକୁର ଓ ଜୋଶେଫ ତାଙ୍କ ବିରୋଧରେ ଖୋଲାଖୋଲି ବିଦ୍ରୋହ କରିଥିଲେ। ନ୍ୟାୟପାଳିକା ଇତିହାସରେ ଏହା ଥିଲା ଏହି ଧରଣର ପ୍ରଥମ ଘଟଣା। ଜଷ୍ଟିସ୍ ଗୋଗୋଇ ବୁଧବାର ନୂଆଦିଲ୍ଲୀ ଯିବେ। ସେ କାହିଁକି ଏହି ପଦକୁ ସ୍ୱୀକାର କରିଛନ୍ତି ସେନେଇ ଶପଥ ନେବା ପରେ ସ୍ପଷ୍ଟ କରିଛନ୍ତି।



୨୦୧୮ ଜାନୁୟାରୀ ୧୨ରେ ତତ୍‌କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ବିରୋଧରେ ୪ ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଜେ. ଚେଲାମେଶ୍ୱର, ରଞ୍ଜନ ଗୋଗୋଇ, ଏମ୍.ବି. ଲୋକୁର ଓ କୁରିଏନ୍ ଜୋଶେଫଙ୍କ ବିଦ୍ରୋହ ବେଳର ଫାଇଲ ଫଟୋ।

**ବିବାଦରେ ଜଷ୍ଟିସ୍ ଗୋଗୋଇଙ୍କ ରାଜ୍ୟ ସଭା ମନୋନୟନ**



**୩୦ରେ ପଦାର୍ପଣ କଲେ ସାଇନା**

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ମଙ୍ଗଳବାର ୩୦ବର୍ଷରେ ପଦାର୍ପଣ କରିଛନ୍ତି।

୧୭ ୦୯

**ଟେନିସ କୋର୍ଟରେ ନୀନା ଗୁପ୍ତା**

ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତାଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଲନ୍‌ରେ ଟେନିସ ଖେଳୁଥିବାର ଦେଖିବାକୁ ମିଳିଛି।



# ଓଡ଼ିଆ ପାଇଁ ଲଜ୍ଜା

ଓଡ଼ିଆ, ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼ ଏବଂ ମାଲୟାଲମ୍ ଭାଷାକୁ ଭାରତରେ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି। କିନ୍ତୁ ସବୁ ଭାଷାକୁ ସମାନ ଦୃଷ୍ଟିରେ ଦେଖାଯାଉ ନାହିଁ। କେନ୍ଦ୍ର ସରକାର ଏ ଦିଗରେ ପାତରଅନ୍ତର କରୁଥିବା ବିଷୟ ଏବେ ଜଣାପଡ଼ିଛି। କଂଗ୍ରେସ ଏମ୍‌ପି ଜୟରାମ ରମେଶ ୧୬ ମାର୍ଚ୍ଚରେ ରାଜ୍ୟ ସଭାରେ 'କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଲ୍, ୨୦୧୯'ରେ ଭାଗ ନେଇ କହିଛନ୍ତି ଯେ, ଭାରତରେ ଅନ୍ୟ ଆଞ୍ଚଳିକ ଭାଷା ଅପେକ୍ଷା ସଂସ୍କୃତକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ତଥ୍ୟକୁ ଉଦ୍ଧାର କରି ସେ ଦର୍ଶାଇଛନ୍ତି ଯେ, ଗତ ୩ ବର୍ଷରେ ସଂସ୍କୃତ ଭାଷାକୁ ଲୋକପ୍ରିୟ କରିବା ସକାଶେ ୬୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ତାମିଲ ଲାଗି ୨୪ କୋଟି ଟଙ୍କା, କନ୍ନଡ଼ ଓ ତେଲୁଗୁ ସକାଶେ ୩ କୋଟି ଟଙ୍କା ଲେଖାଏ ବ୍ୟୟ କରାଯାଇଛି। ଅପରପକ୍ଷରେ ଓଡ଼ିଆ ଓ ମାଲୟାଲମ୍ ପାଇଁ ଏକ ଟଙ୍କା ବ୍ୟୟ କରାଯାଇ ନାହିଁ ବୋଲି ଜୟରାମ ରମେଶ ଗୃହରେ କହିଛନ୍ତି। ଏଥିପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ। ଅନ୍ୟପକ୍ଷରେ ଏହି ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳ (ବିଜେଡି)ର ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ସଂସ୍କୃତକୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି କହିଥିବା ବେଳେ ଓଡ଼ିଆ ଭାଷାକୁ କାହିଁକି ପ୍ରୋତ୍ସାହନ ମିଳୁନାହିଁ, ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାକୁ ଉଚିତ ମନେକଲେ ନାହିଁ। ଆଶ୍ଚର୍ଯ୍ୟ ଏ ଓଡ଼ିଆ ଜାତି ଏବଂ ଏଭଳି ଲୋକ ପ୍ରତିନିଧି, ଯେଉଁମାନେ ଅବହେଳାକୁ ଅଥାନରେ ବଥ ଭଳି ଲୁଚାଇ ରଖିବାକୁ ଚାହାନ୍ତି। କାହିଁକି କେଜାଣି ଓଡ଼ିଆଙ୍କୁ ଓଡ଼ିଆ ଭାବେ ପରିଚିତ ହେବାକୁ ଲଜ୍ଜିତ ଲାଗୁଛି।

**ତଥାଗତ ସତପଥୀ**

# ରାୟ ଦେଲା ପୁରସ୍କାର

ଭାରତର ପାର୍ଲାମେଣ୍ଟକୁ ଦେଖିଲେ ରାଜ୍ୟ ସଭା ରାଜନୀତିରେ ଅନୁଗତଙ୍କ ପାଇଁ ଏକ ଥଇଥାନ କେନ୍ଦ୍ର ପାଲଟିଗଲାଣି। ଆମ ସମ୍ବିଧାନରେ ଏହି ଗୃହର ଏକ ବିରାଟ ଗୁରୁଦାୟିତ୍ୱ ରହିଛି। କିନ୍ତୁ ନିକଟ ଅତୀତକୁ ଦେଖିଲେ ଏହି ଗୃହରେ ନା ଯେ କେବଳ ରାଜନୈତିକ ଅନୁଗତଙ୍କ ଭିଡ଼ ଲାଗିରହିଛି, ତା' ସହ ବ୍ୟବସାୟୀ/ଶିଳ୍ପପତିମାନଙ୍କର ମଧ୍ୟ ଲମ୍ବା ଧାଡ଼ି ପରିଲକ୍ଷିତ ହେଉଛି। ତେଣୁ ଏହି ଗୃହକୁ କେବଳ ରାଜନୈତିକ ବ୍ୟକ୍ତି ପଠାଯିବେ ବୋଲି ଭାବିବା ଅନୁଚିତ। ଅପରହାଉସ ବା ରାଜ୍ୟମାନଙ୍କ ସଭା ଭାବେ ଏଠାରେ ବିଭିନ୍ନ କ୍ଷେତ୍ର ବା ଚିନ୍ତାଧାରାରୁ ମତ ଆସିବା ଆବଶ୍ୟକ। ଦେଶର ନୀତି ପ୍ରଣୟନ ବେଳେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମନି ବିଲ୍ ବା ଅର୍ଥ ବିଲ୍‌ର ଆଖ୍ୟା ଦିଆଯାଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ରାଜ୍ୟ ସଭା ବାଟ ଦେଇ ଯାଉନାହିଁ। ୨୫୦ ଆସନ ବିଶିଷ୍ଟ ଏହି ଗୃହରେ ୧୨ ଜଣ ସଦସ୍ୟଙ୍କୁ ସିଧାସଳଖ ରାଷ୍ଟ୍ରପତି ମନୋନୀତ କରିଥାନ୍ତି। ଏହି ସଂରକ୍ଷିତ ଆସନ ପାଇଁ ରାଷ୍ଟ୍ରପତି କାହାକୁ ମନୋନୀତ କଲେ ସେ ସମ୍ପର୍କରେ ପ୍ରଶ୍ନ ପଚାରିବାର କୌଣସି ବିଧିବଦ୍ଧ ବ୍ୟବସ୍ଥା ରଖାଯାଇନାହିଁ। ଯେଉଁଥିପାଇଁ ସଦ୍ୟ ଅବସର ନେଇଥିବା ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ରାଷ୍ଟ୍ରପତି ରାଜ୍ୟ ସଭାକୁ ମନୋନୀତ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି। ଏହି ପରିସ୍ଥିତିରେ କୌଣସି ପ୍ରଶ୍ନ ପଚରାଯାଇପାରିବ ନାହିଁ ବୋଲି ଭାବିଲା ବେଳକୁ ଅଧିକ ପ୍ରଶ୍ନ ମନକୁ ଆସୁଛି। ଜାତୀୟ ନାଗରିକ ପଞ୍ଜିକା ବା ଏନ୍‌ଆର୍‌ସିକୁ ସୁପ୍ରିମକୋର୍ଟ ନିଜ ତଦାରଖରେ ଆସାମରେ କାର୍ଯ୍ୟକାରୀ କରାଇବା ଏବଂ ଅଯୋଧ୍ୟାର ରାମମନ୍ଦିର ମାମଲାରେ ଏକ ବିବାଦୀୟ ରାୟ ଦେବାରେ ଗୋଗୋଇଙ୍କ ପ୍ରଧାନ ବିଚାରପତି ଭାବେ ଭୂମିକା ଆଲୋଚନା ପରିସରକୁ ଆସିଥିଲା। ଭାରତୀୟ ଜନତା ପାର୍ଟି (ଭାଜପା)ର ସୀମିତ କାର୍ଯ୍ୟସୂଚୀ ମଧ୍ୟରୁ ଏହି ଦୁଇଟି ଅଧିକ ଗୁରୁତ୍ୱ ବହନ କରୁଥିଲା। ସେଥିପାଇଁ ଦେଶରେ ଅନେକ ଜାଣିବା ଶୁଣିବା ବ୍ୟକ୍ତିଙ୍କ ମତରେ ଗୋଗୋଇ ଏକ ରାଜନୈତିକ ଚିନ୍ତାଧାରାକୁ ସମର୍ଥନ କରିବାକୁ ଯାଇ, ସମ୍ଭବତଃ, ଦେଶର ଦୀର୍ଘମିଆଦୀ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ଏହାର ଭଲ ମନ୍ଦ ଇତିହାସ କହିବ, କିନ୍ତୁ ସମ୍ପ୍ରତି ଦେଶବ୍ୟାପୀ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବାରେ ସେହି ଦୁଇ ରାୟର ଉଲ୍ଲେଖନୀୟ ଭୂମିକା ରହିଛି।

ପୂର୍ବରୁ ଭାରତର ପ୍ରଧାନ ବିଚାରପତି ଭାବେ ଦୀପକ ମିଶ୍ର କାର୍ଯ୍ୟ କରୁଥିବା ବେଳେ ଗୋଗୋଇଙ୍କ ନେତୃତ୍ୱରେ ଅନ୍ୟ କେତେକ ବିଚାରପତି ଖୋଲାଖୋଲି ବିରୋଧ କରି ଗଣମାଧ୍ୟମରେ ମିଶ୍ରଙ୍କ ସମ୍ପର୍କରେ କଠୋର ମନ୍ତବ୍ୟ ଦେଇଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ଇତିହାସରେ ଏଭଳି ଖୋଲାଖୋଲି ବିଦ୍ରୋହ କେବେ ଦେଖାଯାଇ ନ ଥିଲା। ଅନେକ ସମୟରେ ଆଇନ ବ୍ୟବସ୍ଥାର ସଂସ୍କାର ସମ୍ପର୍କରେ ଉଲ୍ଲେଖ କରି ଗୋଗୋଇ ଏକ ଭାବମୂର୍ତ୍ତି ଜନ୍ମାଇ ପାରିଥିଲେ। ହେଲେ ନିଜେ ଯେତେବେଳେ ସର୍ବୋଚ୍ଚ ସ୍ଥାନରେ ବସି ପରିବର୍ତ୍ତନ ଆଣିବାର ସୁଯୋଗ ପାଇଲେ ସେତେବେଳେ ରୋଷ୍ଟର ବ୍ୟବସ୍ଥା ମଧ୍ୟ ବଦଳାଇଲେ ନାହିଁ। କେବଳ ସେତିକି ନୁହେଁ, ନିଜ ଅଫିସରେ କାର୍ଯ୍ୟ କରୁଥିବା ତରୁଣୀଙ୍କ ପ୍ରତି ଅସଦାଚରଣ କରିଥିବାର ସମ୍ପୃକ୍ତା ଯୁବତୀଙ୍କଠାରୁ ଅଭିଯୋଗ ଆସିଥିଲା। ସମସ୍ତେ ବୁଝିଲେ ଯେ ସେହି ଅଭିଯୋଗରେ ସତ୍ୟାସତ୍ୟ ନ ଥିଲେ ଯୁବତୀଙ୍କର ଏତେ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ମିଛ ଅଭିଯୋଗ ଆଣିବାର ଆସ୍ପର୍ଦ୍ଧା କେବେହେଲେ ରହି ନ ଥାଆନ୍ତା। 'ସ୍ୱର୍ଗକୁ ନିଶୁଣି ନାହିଁ, ବଡ଼ ଲୋକଙ୍କୁ ଉତ୍ତର ନାହିଁ' ନ୍ୟାୟରେ ସେହି ରଞ୍ଜନ ଗୋଗୋଇ ରାଜ୍ୟ ସଭାରେ ବସି ନିରୀହ ଦେଶବାସୀଙ୍କୁ ଛୁଇଁଲା ଭଳି ନୀତି ସୃଷ୍ଟି କରିବାରେ ସାମିଲ ହେବେ।

# ଆଉ ଜଣଙ୍କ ମୁଣ୍ଡ ନେଲା କରୋନା

- ଭାରତରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି
- ସଂକ୍ରମିତଙ୍କ ସଂଖ୍ୟା ୧୩୭ ଛୁଇଁଲା



**ନୂଆଦିଲ୍ଲୀ, ୧୭।୩**

ଭାରତରେ କରୋନା ଭାଇରସ୍ କ୍ରମଶଃ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ମଙ୍ଗଳବାର ମୁମ୍ବାଇରେ ଜଣେ ୬୪ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇବା ପରେ ଭାରତରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଛି। ଦୁବାଇରୁ ମାର୍ଚ୍ଚ ୫ରେ ଭାରତ ଆସିବା ପରେ ମୁମ୍ବାଇର ବୃଦ୍ଧଜଣକ ଗସ୍ତ ସମ୍ପର୍କରେ ନ ଜଣାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ତ୍ରୀ କରୋନା ସଂକ୍ରମିତ ଥିବା ଜଣାପଡ଼ିବା ପରେ ଏବେ ତାଙ୍କୁ ଚିକିତ୍ସା ଜାରି ରହିଛି। ପୂର୍ବରୁ କର୍ଣ୍ଣାଟକ ଓ ଦିଲ୍ଲୀରେ ୨ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଭାରତରେ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ମଙ୍ଗଳବାର ସୁଦ୍ଧା ଦେଶରେ ୧୩୭ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ୟୁରୋପ ସମେତ ଅନ୍ୟ କେତେକ ଦେଶରୁ ଭାରତ ଆସିବା ବନ୍ଦ କରାଯାଇଥିବା ବେଳେ ଏନେଇ ସରକାରୀ ତତ୍ପରତା ବୃଦ୍ଧିପାଇବାରେ ଲାଗିଛି। ଅଧିକରୁ ଅଧିକ ଲୋକଙ୍କୁ ପରୀକ୍ଷାନିରୀକ୍ଷା ଲାଗି ପ୍ରୟାସ କରାଯାଉଥିବା ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ମହାନିର୍ଦ୍ଦେଶକ ଡା. ବଲରାମ ଭାର୍ଗବ ପ୍ରକାଶ କରିଛନ୍ତି।ଭାରତ ଏବେ କରୋନା ଭାଇରସ୍ ଷ୍ଟେଜ୍-୨ରେ ରହିଛି। କରୋନା ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏବେସୁଦ୍ଧା ଆଇସିଏମ୍‌ଆର୍‌ର ୭୨ ପରୀକ୍ଷାଗାର ରହିଛି। ମାସକ ମଧ୍ୟରେ ଅଧିକ ୪୯ ସରକାରୀ ଲ୍ୟାବ୍ ପ୍ରସ୍ତୁତ ହୋଇଯିବ ବୋଲି ସେ ମତ ଦେଇଛନ୍ତି। ଭ୍ରମଣ ଇତିହାସ ନ ଥିବା ସନ୍ଦିଗ୍ଧ ଲୋକଙ୍କୁ ଏହି ପରୀକ୍ଷା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଭାରତରେ କରୋନା ଭୟ ସମସ୍ତଙ୍କୁ ଘାରୁଥିବା ବେଳେ ନୋଏଡାରେ ୨, ଲଦାଖରେ ୩, କେରଳରେ ୩ ଅଧିକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୩୯ ଓ କେରଳରେ ୨୪ ସଂକ୍ରମିତ ☞ପୃଷ୍ଠା-୨

# ପୁଣି ୫ ପ୍ରତିଶତ ମହଙ୍ଗା ଭତ୍ତା

- ୨୦୧୯ ଜୁଲାଇଠାରୁ ୩୧ ଡିସେମ୍ବର ମଧ୍ୟରେ ବକେୟା ଭତ୍ତା ଦିଆଯିବ
- ୨୬ ସୁଦ୍ଧା ଉଠାଣ ଲାଗି ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ନିକଟରେ ଲାଗୁ କରାଯାଇଥିଲା। ଗତ ଜାନୁୟାରୀରୁ ସରକାର କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିସାରିଛନ୍ତି। ମାତ୍ର ଏହା ଜୁଲାଇରୁ ଲାଗୁ କରିବା ପରିବର୍ତ୍ତେ ସରକାର ଚଳିତ ବର୍ଷ ଜାନୁୟାରୀରୁ ଲାଗୁ କରାଇଥିଲେ। ☞ପୃଷ୍ଠା-୨

# ଆଗୁଆ ମିଳିବ ୩ ମାସ ରାଶନ, ୪ ମାସର ଭତ୍ତା

**କରୋନା ସତର୍କତା**

- କ୍ଷମତା ଏକ୍ସପ୍ରେସ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର ବାତିଲ
- ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ
- କଳାବଜାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

କରୋନା(କୋଭିଡ-୧୯)ର କରାଳ ପ୍ରକୋପରେ ସମଗ୍ର ବିଶ୍ୱ ଅସ୍ତବ୍ୟସ୍ତ। ଏହି ମହାମାରୀର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସାମାଜିକ ମିଳାମିଶାଠାରୁ ଆରମ୍ଭ କରି ଶପିଂମଲ, ସିନେମା ହଲ, ସୁଇମିଂ ପୁଲ, ପାର୍କ, ଶିକ୍ଷାନୁଷ୍ଠାନ ଆଦିକୁ ବନ୍ଦ କରି ଦିଆଯାଇଛି। ଏହିକ୍ରମରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଆଗୁଆ ୩ ମାସର ରାଶନ ଯୋଗାଇ ଦିଆଯିବ। ଆସନ୍ତା ୧ ତାରିଖରୁ ମେ ୧୫ ତାରିଖ ଯାଏ ରାଶନ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହିତ ସାମାଜିକ ନିରାପତ୍ତା ହିତାଧିକାରୀଙ୍କୁ ଏକକାଳୀନ ୪ ମାସର ଆଗୁଆ ଭତ୍ତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଖାଦ୍ୟଶସ୍ୟର ଅଭାବ ନେଇ ଗୁଜବ ପ୍ରଚାର ହେଉଛି। ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ନାହିଁ ବୋଲି ମଙ୍ଗଳବାର ରାଜ୍ୟ ସରକାର ନିଶ୍ଚିତ କରିଛନ୍ତି। ☞ପୃଷ୍ଠା-୨

# ପ୍ରଧାନମନ୍ତ୍ରୀଙ୍କ ନାଁରେ ଗୁଜବ, ୪ ଗିରଫ

**କେନ୍ଦ୍ରାପଡା ଅଫିସ, ୧୭।୩**

କରୋନା ସମ୍ପର୍କରେ ଗୁଜବ ସୃଷ୍ଟି ନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆଡଭାଇଜରି ଜାରି କରିଛନ୍ତି। ତେବେ ଏହାକୁ ଅମାନ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ହ୍ୱାଟସ୍‌ଆପ୍‌ରେ ପୋଷ୍ଟ କରିବା ପରେ କେନ୍ଦ୍ରାପଡ଼ା ଜିଲାର ୪ ଜଣ ମଙ୍ଗଳବାର ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ା ଟାଉନ ଥାନାର ଏସ୍‌ଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଅଭିଯୁକ୍ତମାନଙ୍କ ବିରୋଧରେ ୪୩/୨୦ ନମ୍ବରରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛନ୍ତି। ଏଥିସହିତ ଏହି ପୋଷ୍ଟକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିଥିବା ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପର୍କରେ ତନାଘନା ଚାଲିଛି। ଗିରଫ ବ୍ୟକ୍ତିମାନେ ହେଲେ ଏକ ୱେବ ମିଡିଆର ଖବରଦାତା ପ୍ରଫୁଲ୍ଲ ଦାସ, ହ୍ୱାଟସ୍ ଆପ୍ ଗ୍ରୁପ୍‌ରେ ଆଡମିନ୍ ଶିବାଶିଷ ମହାନ୍ତି, ଧୃତିରଞ୍ଜନ ବାରିକ ଓ ଗୁଜବକୁ ଅନ୍ୟ ଗ୍ରୁପ୍‌କୁ ଶେୟାର କରିଥିବା କଂସାର ଗ୍ରାମର ନିରଞ୍ଜନ ପରିଡା। ଏହି ୪ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୧୮୮, ୫୦୦, ୫୦୧, ୩୪ ଏବଂ ଆଇଟି ଆକ୍ଟ ୨୦୦୦ର ୬୬ ଏଫ୍(ଏ) ଲାଗୁ ହୋଇଛି। ଶିବାଶିଷଙ୍କ ନାମରେ ☞ପୃଷ୍ଠା-୨






# ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀ ମାନ୍ୟତା

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**



କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ମିଳିଛି ଆଇକନିକ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସମ୍ପ୍ରସାରିତ ଆଇକନିକ୍ ପର୍ଯ୍ୟଟନସ୍ଥଳୀ ତାଲିକାରେ କୋଣାର୍କ ମନ୍ଦିରକୁ ସାମିଲ କରାଯାଇଛି। ମଙ୍ଗଳବାର ରାଜ୍ୟସଭା ଅଧିବେଶନରେ ବିଜେଡି ଏମ୍‌ପି ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରଦେଇ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏନେଇ ସୂଚନା ଦେଇଛନ୍ତି। ଓଡ଼ିଶା ଏନେଇ ବାରମ୍ବାର ଦାବି କରି ଆସୁଥିବାବେଳେ ଶେଷରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏପରି ବଡ଼ ନିଷ୍ପତ୍ତି ନେଇଥିବା କୁହାଯାଉଛି।

ପୂର୍ବରୁ ଅର୍ଥାତ୍ ୨୦୧୯ ଜୁଲାଇରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୭ ପର୍ଯ୍ୟଟନସ୍ଥଳୀକୁ ଆଇକନିକ୍ ସାଇଟ୍‌ର ମାନ୍ୟତା ଦିଆଯାଇଥିଲା। ହେଲେ ଏଥିରେ ଓଡ଼ିଶାର କୌଣସି ଗୋଟିଏ ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ବହୁ ବିବାଦ ହେବାସହ ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଦାବି ଜୋର୍ ଧରିଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ରମନ୍ତ୍ରୀ ପଟେଲଙ୍କୁ ଚିଠି ଲେଖିଥିଲେ। ନିକଟରେ କୋଣାର୍କରେ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେଇ ପଟେଲ କୋଣାର୍କ ମନ୍ଦିରକୁ ଯଥାଶୀଘ୍ର ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ନୂଆକରି ଆଉ ୨ ପର୍ଯ୍ୟଟନସ୍ଥଳୀକୁ ଆଇକନିକ୍ ତାଲିକାରେ ସାମିଲ୍ କରାଯାଇଥିବାରୁ ସଂଖ୍ୟା ୧୯ରେ ପହଞ୍ଚିଛି। ଏହାମଧ୍ୟରେ କୋଣାର୍କ ସୂର୍ଯ୍ୟ ମନ୍ଦିର ରହିଥିବା ଓ ମୁଖ୍ୟମନ୍ତ୍ରୀଙ୍କ ଚିଠି ପାଇଁ ସେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**
କରୋନା ଭାଇରସ୍ ଭାରତରେ ଘୋର ଆର୍ଥିକ ବିପର୍ଯ୍ୟୟ ସୃଷ୍ଟିକରିବ।
–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ସୁଦ୍ଧା ଆୟକର ବିଭାଗ ୧୦୫୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।
– ଅର୍ଥମନ୍ତ୍ରଣାଳୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ଦିନରେ ୨ଲକ୍ଷ କଇଁଛ ଅଣ୍ଡାଦେଲେ

**ଗହୀରମଥାରେ ଅଲିଭ ରିଡଲେଙ୍କ ସମୂହ ଅଣ୍ଡାଦାନ ଜାରି**



ରାଜନଗର, ୧୭।୩(ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଏବେ ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିଛି। ୩ଦିନରେ ୨ଲକ୍ଷ କଇଁଛ ଅଣ୍ଡାଦାନ କରିଛନ୍ତି। କଇଁଛମାନଙ୍କୁ ବାହ୍ୟ ଶତ୍ରୁଠାରୁ ସୁରକ୍ଷା ଦେବା ପାଇଁ ରାଜନଗର ବନ ବିଭାଗ କର୍ମଚାରୀମାନେ ସେଠାରେ ଅସ୍ଥାୟୀ କ୍ୟାମ୍ପ କରି କଇଁଛମାନଙ୍କ ଅଣ୍ଡାଦାନ ସମୟରେ ସୁରକ୍ଷା ପ୍ରଦାନ କରିଛନ୍ତି। ପାଗ ଅନୁକୂଳ ଥିବାରୁ କଇଁଛମାନେ ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ୩/୪ ଦିନ ଜାରି ରଖିବେ ବୋଲି କଇଁଛ ବିଷାରଦମାନେ ଆଶାବ୍ୟକ୍ତ କରିଛନ୍ତି। ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ପ୍ରମୁଖ ମୁଖ୍ୟ ବନସଂରକ୍ଷକ ସନ୍ଦୀପ ତ୍ରିପାଠୀ, ଆଞ୍ଚଳିକ ରାଜ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର, ଡିଏଫଓ ବିକାଶ ରଞ୍ଜନ ଦାସ ପ୍ରମୁଖ ଗହୀରମଥାର ବାବୁବାଲି ଦ୍ୱୀପରେ ପହଁଚି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଛନ୍ତି। ପ୍ରତ୍ୟହ ସନ୍ଧ୍ୟା ପରଠୁଁ ବିଳମ୍ବିତ ରାତ୍ରି ଯାଏଁ କଇଁଛମାନେ ସମୁଦ୍ରର ଢେଉକୁ ଅତିକ୍ରମ କରି ବାବୁବାଲି ଦ୍ୱୀପର ବାଲୁକା ରାଶିରେ ଅଣ୍ଡାଦାନ କରୁଛନ୍ତି। ଅପରପକ୍ଷେ ସମୂହ ଅଣ୍ଡାଦାନଠାରୁ ଅଳ୍ପ ଦୂରରେ ଥିବା ପ୍ରତିରକ୍ଷା ବିଭାଗର କ୍ଷେପଣାସ୍ତ୍ର ଘାଟିର ଉଜ୍ଜ୍ୱଳ ଆଲୋକକୁ ଅଣ୍ଡାଦାନ ସମୟରେ ବନ୍ଦ ରଖାଯାଉଛି। ସମୁଦ୍ରକୂଳଠାରୁ ୫ କିଲୋମିଟର ପରିଧି ଭିତରେ ଲକ୍ଷ ଲକ୍ଷ କଇଁଛ ଏବେ ଅଣ୍ଡାଦାନ ଅପେକ୍ଷାରେ ରହିଛନ୍ତି। ବାବୁବାଲି ଦ୍ୱୀପର ସୀମା ସରହଦ ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ଦ୍ୱୀପରେ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦେବା ସମୟରେ ବିଘଟଣ ଘଟୁଥିବା ଦୃଷ୍ଟିକୁ ଆସିଛି।

## ଆଗୁଆ ମିଳିବ ୩ ମାସ ...

ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି। ଏ ନେଇ ଚିନ୍ତା କରିବାର ଆବ୍ୟଶ୍ୟକତା ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଯେଉଁ ବ୍ୟବସାୟୀମାନେ କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ବିଭାଗ ସହଯୋଗରେ କଳାବଜାରୀ ରୋକିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ ଜିଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ବଜାର ସ୍ଥିତି ଉପରେ ଆଲୋଚନା କରାଯାଉଛି। ବାଜାରରେ ମାସ୍କର ଘୋର ଅଭାବ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଅଧିକ ମାସ୍କ ତିଆରି ପାଇଁ ପଦକ୍ଷେପ ନିଆଯାଉଛି। ଏହି ଜରୁରୀ ପରିସ୍ଥିତିରେ ଆମ ସମସ୍ତଙ୍କୁ ସଚେତନ ହୋଇ ମୁକାବିଲା କରିବା ଦରକାର ବୋଲି ସେ କହିଥିଲେ।

ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ହିତାଧିକାରୀଙ୍କୁ ଏପ୍ରିଲ, ମେ , ଜୁନ, ଜୁଲାଇ ମାସର ଭତ୍ତା ପ୍ରଦାନ କରାଯିବ। ସାମାଜିକ ନିରାପତ୍ତା ବ୍ୟବସ୍ଥା ଅଧୀନରେ ଥିବା ରାଜ୍ୟର ୪୮ ଲକ୍ଷ ହିତାଧିକାରୀ ଏହି ଆଗୁଆ ଭତ୍ତା ପାଇବେ। ସେମାନଙ୍କ ମଧ୍ୟରେ ମଧୁବାବୁ ପେନ୍ସନ ଯୋଜନା(ଏମ୍‌ବିପିଓ୍ୱାଇ) ଏବଂ ଜାତୀୟ ସାମାଜିକ ସୁରକ୍ଷା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ୨୪ ଲକ୍ଷ ହିତାଧିକାରୀ ରହିଛନ୍ତି। କରୋନାର ଭୟାବହତାକୁ ଦେଖି ଏଭଳି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ବୃଦ୍ଧାବୃଦ୍ଧଙ୍କୁ କୋଭିଡ-୧୯ର ବିପଦ ରହିବ ନାହିଁ। ସରକାର ଏହି ରୋଗର ମୁକାବିଲା ପାଇଁ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ସରକାର ମାସିକ ୭୦୦ ଟଙ୍କା ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୭୦ ବର୍ଷରୁ କମ୍ ହିତାଧିକାରୀଙ୍କୁ ୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ପ୍ରଦାନ କରାଯାଉଛି।

ଅନ୍ୟପକ୍ଷରେ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କରୋନା ପ୍ରତିରୋଧ ଗାଇଡଲାଇନ ଜାରି କରାଯାଇଛି। ବିଭାଗ ପକ୍ଷରୁ ଚାଲିଥିବା କ୍ଷମତା ଏକ୍ସପ୍ରେସ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ଅନ୍ୟାନ୍ୟ ହିତାଧିକାରୀ ସମ୍ପୃକ୍ତ ଥେରାପି, ଫିଟମେଣ୍ଟ, କାଉନସିଲିଂ କେନ୍ଦ୍ରଗୁଡିକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବାତିଲ କରାଯାଇଛି। ଏ ନେଇ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଉ ଜଣଙ୍କ ମୃତ୍ୟୁ ...

ଥିବା ବେଳେ ବିଭିନ୍ନ ରାଜ୍ୟରେ କରୋନା କାୟାବିସ୍ତାର କରିବାରେ ଲାଗିଛି। ଏହାକୁ ରୋକିବା ଲାଗି କେରଳ ସରକାରଙ୍କ ପକ୍ଷରୁ ସମୂହ ହାତଧୁଆ ଅଭିଯାନ 'ବ୍ରେକ୍ ଦ ଚେନ୍' ଆରମ୍ଭ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏନେଇ ଭାରତର ପଦକ୍ଷେପକୁ ପ୍ରଶଂସା କରାଯାଇଛି। ତେବେ ଇରାନରେ ୨୫୦ ଭାରତୀୟ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ମଙ୍ଗଳବାର ସରକାରଙ୍କ ତରଫରୁ ଏହା ସ୍ପଷ୍ଟ କରାଯାଇଛି। ବିଶ୍ୱରେ ଅଦ୍ୟାବଧି କରୋନା ମୃତ୍ୟୁସଂଖ୍ୟା ୭,୪୯୯ରେ ପହଞ୍ଚିଥିବା ବେଳେ ୧.୮୩ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ଅଛନ୍ତି। ଚାଇନା ପରେ ଏବେ ୟୁରୋପ କରୋନା ସଂକ୍ରମଣରେ ସର୍ବାଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

## ପୁଣି ୫ ପ୍ରତିଶତ

ଫଳରେ ବକେୟା ଅର୍ଥାତ୍ ୨୦୧୯ ଜୁଲାଇ ୧ତାରିଖରୁ କର୍ମଚାରୀଙ୍କ ଲାଗି ୫ ପ୍ରତିଶତ ବର୍ଦ୍ଧିତ ମହଙ୍ଗା ଭତ୍ତା ସରକାର ପିଛିଲା ଭାବେ ଲାଗୁ କରିଛନ୍ତି। ଏନେଇ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ୨୦୧୯ ଜୁଲାଇ ୧ଠାରୁ ୩୧ ଡିସେମ୍ବର ୨୦୧୯ ମଧ୍ୟରେ ସରକାରୀ କର୍ମଚାରୀମାନେ ପାଇବାକୁ ଥିବା ବକେୟା ମହଙ୍ଗା ଭତ୍ତାକୁ ଆସନ୍ତା ୨୬ ତାରିଖ ସୁଦ୍ଧା ଉଠାଣ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୧୨ରୁ ୧୭ ପ୍ରତିଶତରେ ପହଞ୍ଚିଛି। ଦେଶବ୍ୟାପୀ ରାଜ୍ୟ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରାଯାଇଛି। ଏହାସହିତ ଓଆର୍‌ଏସ୍‌ପି ରୁଲ୍ ୨୦୧୭ ଅନୁଯାୟୀ ସ୍ଥାୟୀ ଚାକିରି କରିଥିବା କର୍ମଚାରୀଙ୍କୁ ମଧ୍ୟ ଏହା ମିଳିବ। ଅନ୍ୟପଟେ ଶିକ୍ଷକ ଏବଂ ଅଣଶିକ୍ଷକ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏହି ସୁବିଧା ଦିଆଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିବା ଶିକ୍ଷକ ଏବଂ ଅଣଶିକ୍ଷକ ଯେଉଁମାନେ ଓଆର୍‌ଏସ୍‌ପି ରୁଲ୍‌ସ ୨୦୧୭ ଅନୁଯାୟୀ ସ୍ଥାୟୀ ଚାକିରି କରିଛନ୍ତି ସେମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁ ହୋଇଛି। ସରକାରଙ୍କ ଏହି ଘୋଷଣା ପରେ ସଚିବାଳୟ କର୍ମଚାରୀ ମହାସଂଘ ସରକାରଙ୍କୁ କୃତଜ୍ଞତା ଜଣାଇଛି।

## ପ୍ରଧାନମନ୍ତ୍ରୀଙ୍କ ନାଁରେ...

୨୦୧୯ରେ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ପୂର୍ବତନ ସଭାପତି କରିଥିବା ଏକ ମାମଲା (ନଂ. ୨୨୯/୧୯)କୁ ସାମିଲ କରାଯାଇଛି। ତାଙ୍କର ୪ଟି ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ସୋମବାର ବିଳମ୍ବିତ ରାତିରେ ଦୁଇଟି

### ପ୍ରଥମ ପୃଷ୍ଠାରୁ...

ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଉପରୋକ୍ତ ଗୁଜବ ପୋଷ୍ଟ ହୋଇଥିଲା। ଏହା ଲୋକଲୋଚନକୁ ଆସିବାର ପ୍ରାୟ ୮ ଘଣ୍ଟା ପରେ ତାହାକୁ ଡିଲିଟ କରାଯାଇଛି। ତେବେ ପୋଷ୍ଟଟି ଲୋକଲୋଚନକୁ ଆସିବା ପରେ ଜିଲା ଭାଜପା ପକ୍ଷରୁ ସମ୍ପୃକ୍ତ ଗୁଜବ ସୃଷ୍ଟିକାରୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ପୋଲିସକୁ ଫୋନଯୋଗେ ଅନୁରୋଧ ଆସିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୋଷ୍ଟ ହୋଇଥିବା ଦୁଇ ଗ୍ରୁପ୍‌ର ଆଡମିନ୍ ସହ ଗୁଜବ ସୃଷ୍ଟିକାରୀ ଓ ଗୁଜବକୁ ଆଗକୁ ବଢ଼ାଇଥିବା ବ୍ୟକ୍ତି ଗିରଫ ହୋଇଛନ୍ତି। ୪ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଏସ୍‌ଡିଜେଏମ୍ ନାକଚ କରିବା ପରେ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଯାଇଛି।

## ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ...

ଏପରି ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଆଇକନିକ୍ ମାନ୍ୟତା ପାଇବା ପରେ କୋଣାର୍କର ଭିତ୍ତିଭୂମି ବିକାଶ ସହ ଯୋଗାଯୋଗ ସହ ପର୍ଯ୍ୟଟକଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ହେବ। ପର୍ଯ୍ୟଟନସ୍ଥଳୀର ବ୍ରାଣ୍ଡିଂ ଓ ପ୍ରମୋଶନକୁ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅନ୍ୟପକ୍ଷରେ ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ଟିକିନିଖି ଖବର ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ସଂରକ୍ଷଣରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି କେନ୍ଦ୍ରର ତତ୍ତ୍ୱାବଧାନରେ ହେବ। ଏନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବେ। ବର୍ତ୍ତମାନ ମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ନିୟମିତଭାବେ ଆଲୋଚନା ହେବ ବୋଲି କେନ୍ଦ୍ରମନ୍ତ୍ରୀ ପଟେଲ ନିକଟରେ ଓଡ଼ିଶାଗସ୍ତରେ ଆସିଥିବା ବେଳେ ସୂଚନା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଷଷ୍ଠାଧିପ ବୁଧ ଯୋଗୁ ପିଲାଙ୍କ ସ୍ୱାସ୍ଥ୍ୟ, ବନ୍ଧୁଙ୍କ କାରନାମା, ଋଣଦାତାଙ୍କ ଭାଷଣବାଜିରୁ ଚିନ୍ତିତ ରହିବେ। ଭଲ ସମ୍ପର୍କ ନ ଥିବା ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ବୃଷ**

ଚତୁର୍ଥାଧିପ ସ୍ୱଗୃହରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ କଳହ, ଯାନବାହନରେ ସମସ୍ୟା, ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହୋଇପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଆକସ୍ମିକ ଭାବରେ ମୋଟାଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ଯାନବାହନ, ଦୋକାନବଜାରରୁ ଉପକୃତ ହୋଇପାରନ୍ତି।

**ମିଥୁନ**

ଶନି ଅଷ୍ଟମଭାବରେ ରହି ପ୍ରାପ୍ୟଧନକୁ ଭିନ୍ନ ବାଟରେ ପୁନଶ୍ଚ ଫେରାଇ ନେଇପାରନ୍ତି। ପ୍ରତ୍ୟେକ ସ୍ତରରେ କିଛି ଅସୁବିଧା ନ ଥିଲେ ମଧ୍ୟ ଅହେତୁକ କଳ୍ପନା ମାନସିକସ୍ଥିତିକୁ ଅସ୍ଥିର କରାଇବ। ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ଶତ୍ରୁତା କରି କେତେକ କାମ ପାଇଁ ପ୍ରତିବନ୍ଧକ ସାଜିପାରନ୍ତି। ସଭାସମିତି, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**

ବ୍ୟୟଭାବକୁ ଏକାଧିକ ଗ୍ରହ ଦୃଷ୍ଟିପ୍ରଦାନ କରି ଅପବ୍ୟୟ, ସ୍ଥାନାନ୍ତର, ଅଶାନ୍ତିରୁ ନିଦ୍ରାହୀନତାଜନିତ ମନସ୍ତାପ କରାଇବେ। କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ କଷ୍ଟକର ହେବ। ଟଙ୍କା ପଇସା ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ।

**ସିଂହ**

ତୃତୀୟାଧିପ ଭାଗ୍ୟସ୍ଥାନରୁ ସ୍ୱଗୃହକୁ ଅବଲୋକନ କରୁଥିବାରୁ ସମ୍ପର୍କୀୟା ଭଗିନୀଙ୍କ ସାହାଯ୍ୟରୁ ସମସ୍ୟା ସୁଧୁରିବ। କେନ୍ଦ୍ରାଧିପଙ୍କ କୋଣଭାବ ମଣ୍ଡନ ଯୋଗୁ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବୁଧଙ୍କ ଦୁର୍ବଳତାଜନିତ ଆର୍ଥିକ ଅନଟନ କାମକୁ କେତେକାଂଶରେ ଅଟକାଇ ଦେଇପାରେ।

**କନ୍ୟା**

ଆଜିର ଗ୍ରହସ୍ଥିତି ଆପଣଙ୍କ ଅର୍ଥନୀତିର ଅଭିବୃଦ୍ଧି, ମନୋରଞ୍ଜନର ମଉଜ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମ୍ମାନ ପ୍ରଦାନ କରିବ। ଶନି ଓ ବୁଧଙ୍କ ସ୍ଥିତି ପ୍ରଭାବରୁ କେତେକ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ହିତୈଷୀଙ୍କ ପରାମର୍ଶରେ ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା**

ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି ଓ ପାରିବାରିକ ଶାନ୍ତି ଆଜିର ଜୀବନଯାତ୍ରାକୁ କୁସୁମିତ କରିବ। ଉପଚୟଭାବସ୍ଥ ପାପଯୁକ୍ତ ମଙ୍ଗଳ ଯୋଗୁ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। କିନ୍ତୁ ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ଶିଳ୍ପ, ଯାତ୍ରା ଓ କଚେରି ମାମଲା ବିଷୟରେ ଚିନ୍ତିତ ରହିବାକୁ ପଡ଼ିପାରେ।

**ବିଛା**

ମୁଖଭାବରେ ଏକାଧିକ ଗ୍ରହଜନିତ ବିବାଦୀୟ ମନ୍ତବ୍ୟ ଆପଣଙ୍କୁ ଦୋଷୀ ସାବ୍ୟସ୍ତ କରିପାରେ। ଅଭାବ ନ ଥିଲେ ମଧ୍ୟ ଅପବ୍ୟୟର ସୀମା ଟପିଯିବା କାରଣରୁ ପରିବାରରେ ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଯାନବାହନ, ଗୃହସୀମା, ସଭାସମିତି, ଜମିଜମା, ନିକଟ ସମ୍ପର୍କୀୟଙ୍କ ସହ କଳହ ହେତୁ ମନ ଭଲ ରହି ନ ପାରେ।

**ଧନୁ**

ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ପାଖପଡୋଶୀଙ୍କ ନିକଟରୁ ଶୁଣାକଥା ମନକୁ ସନ୍ଦେହାଚ୍ଛନ୍ନ କରିପାରେ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ସକାଳର ଖୁସି ଅପରାହ୍ନକୁ ରହିବ ନାହିଁ। କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**ମକର**

ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ଥଣ୍ଡାଜନିତ ବ୍ୟାଧିର ପୀଡାନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ତଥାପି କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି, ଆନୁଷ୍ଠାନିକ କାର୍ଯ୍ୟରୁ ଖୁସି ରହିପାରନ୍ତି।

**କୁମ୍ଭ**

ଶୁକ୍ର ତୃତୀୟ ଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି କଳହର ସୂତ୍ରପାତ ହୋଇପାରେ। ଆକସ୍ମିକ ଭାବେ ପରିବାରରେ କେତେକ ସମସ୍ୟା ଦେଖାଦେଇପାରେ। ଧନିଷ୍ଠା ନକ୍ଷତ୍ର ପ୍ରବାସରେ ନିଃସଙ୍ଗତା ବୋଧ କରି ମନସ୍ତାପ କରିପାରନ୍ତି। ସଭାସମିତି, ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**ମୀନ**

ଅଷ୍ଟମାଧିପ ଦ୍ୱିତୀୟ ଭାବରେ ଥିବାରୁ ଆଜି ଦିନଟିରେ ବହୁତ ଚିନ୍ତା କରିବା ପରେ କୌଣସି ପଦକ୍ଷେପ ନେବା ଠିକ୍ ହେବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ। ଲେଖାପଢା, ଆନୁଷ୍ଠାନିକ କାମ, ପ୍ରଶାସନ ତଥା ସଭାସମିତିରେ ସଫଳତା ହାସଲ କରିବେ। ଭୁଲ୍ ବୁଝାମଣାରୁ ପଡୋଶୀଙ୍କ ସହ ସମ୍ପର୍କ ହାନି ଘଟିପାରେ।

ଆଜି ଚୈତ୍ର କୃଷ୍ଣ ଦଶମୀ ବୁଧବାର, ମାର୍ଚ୍ଚ ୧୮ ତାରିଖ, ରାଶି ନକ୍ଷତ୍ର- ସକାଳ ଦିବା ଘ୧।୪୬ମି. ଗତେ, ଉତ୍ତରାଷାଢା/ଧନୁ, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣ, ସକାଳ ଘ୭।୩୨ମି. ମଧ୍ୟେ ଘ୯।୫୪ମି. ଗତେ, ଘ୧୧।୩୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୪୩ମି. ମଧ୍ୟେ ଘ୪।୨୭ମି. ଗତେ ଘ୫।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୪ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**




### BRIDE WANTED

Brahmin boy 1985, 5'10" MS USA working Software Engineer in USA required Brahmin bride. 7008217619. D-68798

Brahmin boy 1986/ 5'7", own Transport Business Bhubaneswar. 6370270992, 9238578590. D-69306

Son age 31 B.Tech NIT Rourkela MBA IIM Lucknow work Chief Manager 25lakhs salary at Bangalore 7008986003. D-17183

Now Matrimonial ads. only on Wednesday & Sunday Book 1 Get 1 FREE

32ବର୍ଷ, ବ୍ରାହ୍ମଣ, ଗୌରବର୍ଣ୍ଣ, ଉଚ୍ଚତା 5'4", IIT ଇଂଜିନିୟର, MNCରେ କାର୍ଯ୍ୟରତ ଡିଭୋର୍ସ ହୋଇସାରିଥିବା ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ଘରୋଇ କନ୍ୟା ଆବଶ୍ୟକ। ଯୋଗାଯୋଗ: 8917504548, 8249541844. D-17114

### GROOM WANTED

Girl age 28 B.Tech IGIT Sarang MBA IBS Hyderabad work MNC Bangalore caste-no-bar 6372748613. D-17182

35ବୟସ୍କା, ଚାକିରିଆ, କରଣ ଜାତିର divorcee ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7381366103. D-67938




### SALE

Demarcated plots under CMC, 800 mtr from NH Balikuda-8658182243. D-68076

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68797

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଖାଲଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

Own gharabari plot 2400 sqft. near Hanspal Chhack, Bhubaneswar. Contact: 7327043914. D-69249

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner-9090963952. D-68497

2BHK ready to move flat sale at Patrapada Market, Bhubaneswar. 6370292040. D-69109

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

Plot for sale near 2nd Infosys road, Janla, Bhubneswar.3900 Sqft. gharabari with boundary. Contact owner. 9238699541. D-53651

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner-9090963952. D-69112

### GENERAL

### SALE

Sale your old gold ornaments at original market price. Please contact 166-Bapuji Nagar, Bhubaneswar. Mobile- 9437033691. D-68342

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ground floor with bedroom, drawing cum dining, bathroom, kitchen and garage for rent at Jagamara. Contact: 8895529789, 6372496582. D-17178




Shivam logistic packers movers. Household/ car relocation countrywide. 9777044177, 9338461133. D-17135




Full body herbal massage with refreshment expert therapist. 7381239385, 06742540855. D-69243

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment-9668374480. D-69246

Relaxing body massage by trend lady, gents therapist. 9861193818. D-60879

Body massage @ 1099 at mystic Unisex Salon and Spa. 9556978408. D-69248

Monalisa massage: All types body massage with hiprofile smart lady air condition rooms available. 9708545108. D-17180

Rejuvenate and Ayurvedic full body massage by smart therapist. 9114402304. D-69247

### AFFIDAVIT

By virtue of an affidavit before the Executive Magistrate, Cuttack Sadar, on dt. 03.03.2020, I Quareena E Rahman, aged about 22 years, D/o- Dr. Sayed Enamur Rahman, of at- Plot No- D/134, Sector-7, CDA, PS- Markat Nagar, Dist- Cuttack, Pin-753014. have changed my name to Quareena Enamur Rahman. Henceforth I shall be known as Quareena Enamur Rahman for all purposes. D-17181

By virtue of an affidavit before the Executive Magistrate, Bhubaneswar, I Saiyed Farid Qaderi, S/o- Saiyed Allamuddin Qaderi, Residing at MIG-06 (K9A) Kalinga Vihar, PO - Patrapada, Bhubaneswar-751019, do hereby state that in my all public documents my Father's name has been mentioned correctly as Saiyed Allamuddin Qaderi, But in my Board of Secondary Education Certificate and in my passports, my Father's name has been mentioned as Saiyed Allamuddin Ahmed Shah Qaderi, instead of Saiyed Allamuddin Qaderi. That Saiyed Allamuddin Qaderi and Saiyed Allamuddin Ahmed Shah Qaderi is one and same person only. D-17179

By affidavit before Executive Magistrate, Puri, Civil Suit No-41/19, dated 30.04.2029. I have been changed my surname with Father's name & Address from Abinash Mohanty, S/o- Ardhendu Sekhar Mohanty resident of Village- Kamagada, PO- Kamagada, PS- Jajpur, Dist- Jajpur to Abinash Bhanja, S/o- Bijaya Kumar Bhanja at present Bank Colony (lane-2) Sidhamahavir, PO- Puri-2, PS- Talabania, Dist- Puri. I have been recognized, identified of known as Abinash Bhanja with change of Father's name & Address for all purposes. D-68823




# ଦିନ ୧୦ଟାରୁ ଅପରାହ୍ନ ୪ଟା ଯାଏ ଖୋଲା ରହିବ ଆହାର କେନ୍ଦ୍ର

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** କରୋନା ସତର୍କତା ସ୍ୱରୂପ ରାଜ୍ୟ ସରକାର ଆହାର କେନ୍ଦ୍ରଗୁଡ଼ିକର ସମୟସୀମା ବୃଦ୍ଧି କରିଛନ୍ତି। ଆହାର କେନ୍ଦ୍ରଗୁଡ଼ିକ ବର୍ତ୍ତମାନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ୍ ରାଜ୍ୟର ସମସ୍ତ ପୌର ପ୍ରଶାସନଙ୍କୁ ଚିଠି ଲେଖିଛନ୍ତି। ଆହାର କେନ୍ଦ୍ରକୁ ଆସୁଥିବା ଲୋକଙ୍କ ମଧ୍ୟରେ ଦେଢ ମିଟର ଦୂରତା ରକ୍ଷା କରିବାକୁ କୁହାଯାଇଛି। ଲୋକମାନେ ଯେପରି ନିୟମମାନି ଧାଡ଼ିରେ ଆସି ଖାଦ୍ୟ ଗ୍ରହଣ କରିବେ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଏହାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ପୋଲିସର ସହାୟତା ମଧ୍ୟ ନିଆଯିବ ବୋଲି ଜଣାପଡ଼ିଛି। ଆହାର କେନ୍ଦ୍ରରେ ପ୍ରବେଶ ପୂର୍ବରୁ ବ୍ୟକ୍ତିବିଶେଷମାନେ ନିଜ ନିଜର ହାତକୁ ଭଲ ଭାବେ ସାବୁନ୍‌ରେ ଧୋଇବେ। ବିବାହ, ବ୍ରତ ଭଳି କାର୍ଯ୍ୟକ୍ରମରେ ହାତ ଧୋଇବା ପାଇଁ ଯେପରି ଅସ୍ଥାୟୀ ବ୍ୟବସ୍ଥା ହୋଇଥାଏ, ସେପରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ବିତରଣ କେନ୍ଦ୍ର ବାହାରେ ଏହି ବ୍ୟବସ୍ଥା ହେବ। ଖାଇ ସାରିବା ପରେ ଆହାର କେନ୍ଦ୍ର ମଧ୍ୟରେ ହାତଧୁଆ ବ୍ୟବସ୍ଥା କରାଯାଇଛି। ସର୍ବୋପରି ଏହି କେନ୍ଦ୍ରଗୁଡ଼ିକରେ ଯେପରି ଭିଡ଼ ନିୟନ୍ତ୍ରଣ ହେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଆବଶ୍ୟକ ହେଲେ ବାହାରେ ନେଇ ଖାଦ୍ୟ ବିତରଣ ବ୍ୟବସ୍ଥା କରାଯିବ। ପୂର୍ବରୁ ଖାଦ୍ୟ ପାଇବା ପୂର୍ବରୁ ହାତରେ ଉପସ୍ଥିତ କର୍ମଚାରୀଙ୍କୁ ଟଙ୍କା ଦେଉଥିଲେ। ବର୍ତ୍ତମାନଠାରୁ ଖାଇବାକୁ ଯାଉଥିବା ବ୍ୟକ୍ତିବିଶେଷ ସେଠାରେ ରଖାଯାଇଥିବା ବାକ୍ସରେ ଟଙ୍କା ପୈଠ କରିବେ। ଆହାର କେନ୍ଦ୍ରଗୁଡ଼ିକୁ ନିୟମିତ ସାନିଟାଇଜ୍ କରାଯିବ। ଖାଦ୍ୟ ସହ କେନ୍ଦ୍ର ବାହାରେ ପାନୀୟଜଳ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହାକୁ ସୁସଙ୍ଗଠିତ ଢଙ୍ଗରେ କରିବା ପାଇଁ ଆବଶ୍ୟକ ସାମଗ୍ରୀ ଭଡ଼ାରେ ଆଣିବା ପାଇଁ କୁହାଯାଇଛି। ଅନୁରୂପଭାବେ ଆହାର କେନ୍ଦ୍ର କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ପରିଚ୍ଛନ୍ନତାକୁ ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଛି।




# ହୋମ୍ କ୍ୱାରାଣ୍ଟାଇନ୍‌ରେ ପୁରୀ ଗଜପତି

## କରୋନା ମୁକାବିଲା: ପଞ୍ଜୀକୃତ ହେଉଛନ୍ତି ବିଦେଶ ଫେରନ୍ତା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ଯୁକ୍ତରାଷ୍ଟ୍ର ଆମେରିକାରେ ଜଗନ୍ନାଥ ମନ୍ଦିର ସମ୍ପର୍କିତ କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଗତ ୧୫ରେ ଓଡ଼ିଶା ଫେରିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ବିଦେଶ ଫେରନ୍ତାଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିଲା। ଏହି ନିର୍ଦ୍ଦେଶକୁ ପୁରୀ ଗଜପତି ଅନୁପାଳନ କରି ନିଜ ସହ ପରିବାର ସଦସ୍ୟଙ୍କୁ ପଞ୍ଜୀକରଣ କରିଛନ୍ତି। ଗଜପତିଙ୍କ ଶ୍ରୀନଅର କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା ସମ୍ପର୍କିତ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିବା ପରେ ଗଜପତି ନିଜ ପରିବାର ଭୁବନେଶ୍ୱରସ୍ଥିତ ବାସଭବନରେ ୧୪ ଦିନ ରହିବେ। ଏହି ସମୟରେ ସରକାରଙ୍କ ପକ୍ଷରୁ କରୋନା ସମ୍ପର୍କିତ ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ ସମସ୍ତ ସହଯୋଗ କରିବେ। ଏଥିସହିତ ନିକଟରେ ବିଦେଶରୁ ଫେରୁଥିବା ସମସ୍ତଙ୍କୁ ପଞ୍ଜୀକରଣ କରି ସରକାରଙ୍କ ନିର୍ଦ୍ଦେଶାବଳୀ ମାନିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି। ଗଜପତି ଏବଂ ତାଙ୍କ ପରିବାର https://covid19.odisha.gov.in ୱେବ୍‌ପୋର୍ଟାଲରେ ନିଜକୁ ପଞ୍ଜୀକରଣ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଞ୍ଜୀକୃତ ହୋଇଥିବାରୁ ଗଜପତି ଏବଂ ପରିବାରକୁ ଧନ୍ୟବାଦ। ସମସ୍ତଙ୍କୁ ଅନୁରୋଧ ବିଦେଶରୁ ଫେରୁଥିବା ବ୍ୟକ୍ତିବିଶେଷ ନିଜକୁ ପଞ୍ଜୀକରଣ କରି ରାଜ୍ୟର କରୋନା ମୁକାବିଲା ଓ ନିୟନ୍ତ୍ରଣରେ ସହଯୋଗ କରନ୍ତୁ।

- ■ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ
- ■ ଭିଡିଓ ଦ୍ୱାରା ସଚେତନ କରାଇଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ, ଆଇଏଏସ୍ ଭିନିଲ୍ କ୍ରିଷ୍ଣା


ଗଜପତି ମହାରାଜା ଦିବ୍ୟସିଂହ ଦେବ

ଅନୁରୂପଭାବେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ନିର୍ଦ୍ଦେଶକ ତଥା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଆର. ଭିନିଲ୍‌କ୍ରିଷ୍ଣା ମଧ୍ୟ ବିଦେଶରୁ ଫେରି ନିଜକୁ ହୋମ୍ କ୍ୱାରଣ୍ଟାଇନ୍‌ରେ ରଖିଛନ୍ତି। ଏ ନେଇ ଏକ ଭିଡିଓ ବାର୍ତ୍ତା ଛାଡ଼ି ଭିନିଲ୍ କହିଛନ୍ତି ଯେ, ବିଦେଶରୁ ଫେରିବା ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ନିଜକୁ ପଞ୍ଜୀକୃତ କରିଛନ୍ତି। କରୋନା ସମ୍ପର୍କିତ କୌଣସି ଲକ୍ଷଣ ଦେଖା ନ ଯାଇ ଥିଲେ ବି ସେ ପଞ୍ଜୀକୃତ ହୋଇଛନ୍ତି। ତେଣୁ ସମସ୍ତେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ। ଏହା ଦ୍ୱାରା କରୋନାର ସଫଳ ମୁକାବିଲା ହୋଇପାରିବ ବୋଲି ଭିନିଲ୍‌କ୍ରିଷ୍ଣା କହିଛନ୍ତି। ସେହିଭଳି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ପୁଅ ଅଚିନ୍ କୁମାର ଦାସବର୍ମା ମଧ୍ୟ ନିକଟରେ ଲଣ୍ଡନରୁ ଫେରିଛନ୍ତି। ତାଙ୍କୁ ଘରେ ମଧ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଏକ ଭିଡିଓ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି। ସେ ମଧ୍ୟ କରୋନାର ସଫଳ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ପୋଖରୀରେ ଡଙ୍ଗା ବୁଡ଼ି ୨ ମୃତ

**ରାୟଗଡ଼ା ଅଫିସ,୧୭।୩**

ରାୟଗଡ଼ା ଜିଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ପୋଖରୀରେ ଡଙ୍ଗା ବୁଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟର ମନୁ କୁମାର ସାହୁ (୨୧) ଓ ଶିବାନୀ ନାୟକ (୧୦)। ଗୁରୁତର ଶୁଭମ ନାୟକ (୧୪ )ଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମୁକୁନ୍ଦପୁର ଗ୍ରାମର ଡମ୍ବରୁଧର ନାୟକ ନିଜ ପୋଖରୀରେ ମାଛ ଚାଷ କରନ୍ତି। ମାଛ ଧରିବା ଲାଗି ଏକ ଡଙ୍ଗା ପୋଖରୀରେ ରଖିଥିଲେ। ମଙ୍ଗଳବାର ତାଙ୍କ ଘରକୁ ଛତିଶଗଡ଼ରୁ ଆସିଥିବା ୪ ଜଣ ସମ୍ପର୍କୀୟ ଉକ୍ତ ଡଙ୍ଗାରେ ବସି ପୋଖରୀରେ ବୁଲୁଥିଲେ। ଏହି ସମୟରେ ହଠାତ୍ ଡଙ୍ଗାଟି ଭାଙ୍ଗି ଯିବାରୁ ତାହା ବୁଡ଼ିଯାଇଥିଲା। ଫଳରେ ସେମାନେ ପାଣିରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ପହଁରି କୂଳକୁ ଆସିଥିବା ବେଳେ ମନୁ ଓ ଶିବାନୀ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ମନୁ ଓ ଶିବାନୀଙ୍କୁ ମୃତ ଘୋଷଣା କରିଥିଲେ। ପହଁରି କି ଆସିଥିବା ଶୁଭମ ଗୁରୁତର ଅଛନ୍ତି। ଖବରପାଇ ଚାନ୍ଦିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

Taste the difference! Vencobb FRESH CHICKEN

17.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers

# ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ନାହିଁ ଟଙ୍କାଟିଏ କେନ୍ଦ୍ରୀୟ ଅନୁଦାନ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

- ■ ଅବହେଳା ପାଇଁ ବର୍ଷିଲେ କଂଗ୍ରେସ ଏମ୍‌ପି ଜୟରାମ
- ■ ପ୍ରସଙ୍ଗ ଉଠାଇଲେ ନାହିଁ ଓଡ଼ିଆ ଏମ୍‌ପି ପ୍ରଶାନ୍ତ ନନ୍ଦ

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଏବଂ ମାଲାୟଲମ୍ ପ୍ରଭୃତି ଭାଷାକୁ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଅପରପକ୍ଷରେ ମାତ୍ର ୧୫,୦୦୦ ଲୋକ କହୁଥିବା ସଂସ୍କୃତ ଭାଷାର ପ୍ରସାର ଲାଗି ଧ୍ୟାନ ଦିଆଯାଉଛି। କଂଗ୍ରେସ ନେତା ଜୟରାମ ରମେଶ ସୋମବାର ରାଜ୍ୟ ସଭାରେ ଏହା କହି ଚିନ୍ତା ପ୍ରକଟ କରିଛନ୍ତି।

ଉଚ୍ଚସଦନରେ 'କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଧେୟକ-୨୦୧୯' ସଂକ୍ରାନ୍ତ ଆଲୋଚନାରେ ବକ୍ତବ୍ୟ ରଖି ଜୟରାମ କହିଥିଲେ ଯେ, କେନ୍ଦ୍ର ସରକାର ସଂସ୍କୃତର ପ୍ରସାର ପାଇଁ ଲାଗିପଡ଼ିଛନ୍ତି। ଫଳରେ ଅନ୍ୟ ଆଞ୍ଚଳିକ ଭାଷା ଗୁରୁତ୍ୱ ପାଇପାରୁ ନାହିଁ, ଯାହା ସେଗୁଡ଼ିକ ପାଇଁ ବିପଦ ସୃଷ୍ଟି କରୁଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ଭିତ୍ତିକରି ଜୟରାମ କହିଥିଲେ ଯେ, ଗତ ୩ ବର୍ଷରେ ସଂସ୍କୃତକୁ ଲୋକପ୍ରିୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ସଂସ୍କୃତ ଅପେକ୍ଷା ବହୁଳ କଥିତ ଏବଂ ବ୍ୟବହାର ହେଉଥିବା ଓଡ଼ିଆ ଓ ମାଲାୟଲମ୍ ପାଇଁ ଟଙ୍କାଟିଏ ବିନିଯୋଗ କରାଯାଇନାହିଁ। ସଂସ୍କୃତ ପାଇଁ ୬୫୦ କୋଟି ଟଙ୍କା, ତାମିଲ ପାଇଁ ୨୪ କୋଟି, କନ୍ନଡ଼ ଓ ତେଲୁଗୁ ପାଇଁ ୩ କୋଟି ଲେଖାଏ ବ୍ୟୟ କରାଯାଇଥିବା ବେଳେ ଓଡ଼ିଆ ଓ ମାଲାୟଲମ୍ ପାଇଁ ଏକ ଟଙ୍କା ଖର୍ଚ୍ଚ ହୋଇ ନାହିଁ ବୋଲି ରମେଶ କହିଛନ୍ତି। ଭାରତରେ ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲମ୍ ଏବଂ ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି। ତାମିଲ କେବଳ ତାମିଲନାଡୁର ଭାଷା ନୁହେଁ ; ଓଡ଼ିଆ ମଧ୍ୟ ଏକ ଜାତୀୟ ଭାଷା। କୋଟି କୋଟି ଲୋକଙ୍କ ଦ୍ୱାରା ଏହି ଭାଷା ବ୍ୟବହୃତ ହୋଇଆସୁଛି। ଅପରପକ୍ଷରେ ମାତ୍ର ୧୫,୦୦୦ ଲୋକ କହୁଥିବା ଭାଷା ପାଇଁ ୬୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ବିଶ୍ୱାସ କରି ହେଉ ନ ଥିଲେ ମଧ୍ୟ ତଥ୍ୟ ଆଧାରିତ ବୋଲି ଜୟରାମ କହିଥିଲେ।

ଅପରପକ୍ଷରେ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଏହି ଭାଷାର ପ୍ରସାର ନେଇ ଅଣାଯାଇଥିବା ବିଲ୍‌କୁ ସ୍ୱାଗତ କରିଥିଲେ। ସଂସ୍କୃତରେ ଭାଷଣ ଦେଇ ସେ କହିଥିଲେ, ସଂସ୍କୃତ ଏକ ପ୍ରାଚୀନ ଭାଷା ଓ ବିଶ୍ୱର କଲ୍ୟାଣ ପାଇଁ ଏହାର ରକ୍ଷଣାବେକ୍ଷଣ ହେବା ଦରକାର। ଏପରି କି ଭାରତୀୟ ଇତିହାସ ପାଇଁ ସଂସ୍କୃତର ଅବଶ୍ୟକତା ରହିଛି। ଲୋକେ ସଂସ୍କୃତକୁ କେବଳ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱ ଦେଇଥାଆନ୍ତି। ବାସ୍ତବରେ ପ୍ରାଚୀନ କାଳରେ ରଚିତ ବହୁ ଗ୍ରନ୍ଥ ଓ ବୈଜ୍ଞାନିକ କୃତି ସଂସ୍କୃତରେ ଲେଖାଯାଇଥିଲା ବୋଲି ନନ୍ଦ କହିଛନ୍ତି।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡ଼ିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ସାଧାରଣ ଜନତାଙ୍କ ଉପରେ ନଜରଦାରି



କୁମାରସମ୍ଭବ ଶ୍ରୀବାସ୍ତବ

ଭାରତ ସରକାରଙ୍କ ବିବାଦୀୟ ସୋସିଆଲ ରେଜିଷ୍ଟ୍ରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଦାୟିତ୍ୱରେ ଥିବା ବରିଷ୍ଠ ବ୍ୟୁରୋକ୍ରାଟ ଚେତାବନୀ ଦେଇଥିଲେ ଯେ ଏତେ ବଡ଼ ଆକାରର ଏକ କେନ୍ଦ୍ରୀକୃତ ତଥା କ୍ରସ୍-ଲିଙ୍କ୍‌ଡ ଡାଟାବେସ ଶହେ କୋଟିରୁ ଅଧିକ ଭାରତୀୟଙ୍କ ଗୋପନୀୟତା ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। କିନ୍ତୁ ତାଙ୍କ ଚେତାବନୀକୁ ଅଣଦେଖା କରାଯାଇଥିଲା ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ସମୀକ୍ଷିତ ଦଲିଲରୁ ଜଣାପଡ଼ିଛି। ହଫଂପୋଷ୍ଟ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଉକ୍ତ ସାମାଜିକ ରେଜିଷ୍ଟ୍ରି ନାଗରିକଙ୍କ ସାମାଜିକ ତଥା ଅର୍ଥନୈତିକ ଜୀବନକୁ ସ୍ୱୟଂଚାଳିତ ଭାବରେ ଟ୍ରାକ୍ କରିବା ପାଇଁ ଉଦ୍ଦିଷ୍ଟ- ଏହା ସାହାଯ୍ୟରେ ସରକାରୀ ସହାୟତା ପାଇବା ପାଇଁ ସ୍ୱୟଂଚାଳିତ ଭାବେ ନିରନ୍ତର ସେମାନଙ୍କର ଯୋଗ୍ୟତା ଆକଳନ କରାଯିବ। ରେଜିଷ୍ଟ୍ରି ଉପରେ କାର୍ଯ୍ୟ ଚାଲିଥିଲାବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶଦାତା ମନୋରଞ୍ଜନ କୁମାର ହୃଦୟଙ୍ଗମ କରିଥିଲେ ଯେ ଏହି ବ୍ୟବସ୍ଥାକୁ ସାଧାରଣ ଜନତାଙ୍କ ଉପରେ ନଜରଦାରି ପାଇଁ ସହଜରେ ବ୍ୟବହାର କରାଯାଇପାରିବ।

ନଭେମ୍ବର ୨୭, ୨୦୧୫ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶଦାତା ମନୋରଞ୍ଜନ କୁମାର ଜାତୀୟ ସାମାଜିକ ରେଜିଷ୍ଟ୍ରି ସମ୍ପର୍କରେ ଧାରଣା ଦେଉଥିବା ଏକ ନୋଟ ଲେଖିଥିଲେ, ଯେଉଁଥିରେ ସେ ଦର୍ଶାଇଥିଲେ ଯେ ଦେଶର ଗରିବ ନାଗରିକମାନଙ୍କୁ ସ୍ୱଚ୍ଛ ଭାବରେ ଲାଭ ପ୍ରଦାନ କରିବା ଏବଂ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଆକଳନ କରିବା ପାଇଁ ଏହା ହେଉଛି ଏକ ନୂତନ ଉପାୟ। କିନ୍ତୁ ବର୍ତ୍ତମାନ ପାଞ୍ଚବର୍ଷ ପରେ, ସୋସିଆଲ ରେଜିଷ୍ଟ୍ରି ସମାପ୍ତ ହେବାକୁ ଯାଉଥିବା ବେଳେ କୁମାର ଆଶଙ୍କା କରୁଛନ୍ତି ଯେ, ଉତ୍ତମ ଉଦ୍ଦେଶ୍ୟରେ ପରିକଳ୍ପିତ ଏହି ବ୍ୟବସ୍ଥା ଭାରତର ୧୨୦ କୋଟି ନାଗରିକଙ୍କ ଅଧିକାର ଓ ସ୍ୱାଧୀନତାକୁ କ୍ଷୁଣ୍ଣ କରିପାରେ।

ଶ୍ରୀନିବାସ କୋଡାଲିଙ୍କ ଦ୍ୱାରା ସୂଚନା ଅଧିକାର ଅଧିନିୟମ ଅନୁଯାୟୀ ପ୍ରାପ୍ତ ଦଲିଲଗୁଡ଼ିକ ଦର୍ଶାଏ ଯେ ସୋସିଆଲ ରେଜିଷ୍ଟ୍ରି ଏକ ବିଶାଳ ଇଣ୍ଟ୍ରୁସିଭ୍ ଡାଟାବେସ ହେବ ଯାହା ଭାରତର ୧୨୦ କୋଟି ନାଗରିକଙ୍କ ଜୀବନର ପ୍ରତ୍ୟେକ ଦିଗକୁ ଟ୍ରାକ୍ କରିବା ପାଇଁ ଆଧାର ନମ୍ବରକୁ ବ୍ୟବହାର କରିବ। ହଫ୍‌ପୋଷ୍ଟ ଇଣ୍ଡିଆ ରିପୋର୍ଟ ଅନୁସାରେ, ଯେତେବେଳେ ଜଣେ ନାଗରିକ ସହରରୁ ସହରକୁ ଯିବ, ଚାକିରି ବଦଳାଇବ, ନୂତନ ସମ୍ପତ୍ତି କ୍ରୟ କରିବ, ପରିବାରରେ କୌଣସି ସଦସ୍ୟ ଜନ୍ମ ହେବ ବା କେହି ମରିଯିବେ କିମ୍ବା କେହି ବିବାହ କରି ନିଜ ଶ୍ୱଶୁରଗୃହକୁ ଚାଲିଯିବେ, ସେତେବେଳେ ଜାତୀୟ ସାମାଜିକ ରେଜିଷ୍ଟ୍ରି ସ୍ୱୟଂଚାଳିତ ଭାବରେ ଏସବୁକୁ ଟ୍ରାକ୍ କରିବ। ଧର୍ମ, ଜାତି, ଆୟ, ସମ୍ପତ୍ତି, ଶିକ୍ଷା, ବୈବାହିକ ସ୍ଥିତି, ରୋଜଗାର, ଅକ୍ଷମତା ଏବଂ ବଂଶବୃକ୍ଷର ପ୍ରତ୍ୟେକ ତଥ୍ୟକୁ ଏକ ବିଶାଳ ଡାଟାବେସ୍‌ରେ ଏକତ୍ର କରିବାକୁ ଆଧାର ସଂଖ୍ୟା ବ୍ୟବହାର କରାଯିବ।

୨୦୧୯ରେ ଅବସର ନେବା ପରଠାରୁ ରେଜିଷ୍ଟ୍ରି ଉପରେ ତାଙ୍କର ପ୍ରଥମ ସାର୍ବଜନୀନ ମନ୍ତବ୍ୟରେ କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ସେ ଚାହୁଁଥିଲେ ସାମାଜିକ ରେଜିଷ୍ଟ୍ରି ସିଷ୍ଟମ୍ ଗଠନ ହେଉ କାରଣ ସେ ଜନମଙ୍ଗଳ ଯୋଜନାରେ ସରକାରଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଚାହୁଁଥିଲେ। କେତେକ ଅଧିକାରୀ ଗ୍ରାମୀଣ ଯୋଜନାଗୁଡ଼ିକର ସଫଳତା ଉପରେ ଅତିରଞ୍ଜିତ ତଥ୍ୟ ପ୍ରଦାନ କରିଥାନ୍ତି ଏବଂ ଏହି ଡାଟାବେସ୍ ପ୍ରସ୍ତୁତି ପରେ ତାହା ବନ୍ଦ ହୋଇଯିବ ବୋଲି ସେ ବିଶ୍ୱାସ କରୁଥିଲେ। କାରଣ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଠିକ୍ ତଥ୍ୟ ସାମାଜିକ ରେଜିଷ୍ଟ୍ରିରୁ ପ୍ରତିଫଳିତ ହେବ। କିନ୍ତୁ ରେଜିଷ୍ଟ୍ରିର ଅନ୍ତିମ ରୂପ କୁମାରଙ୍କୁ ନିଶ୍ଚିତ କରିଛି ଯେ, ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କଲେ ଭାରତ ନିଜ ଲୋକଙ୍କ ଉପରେ ପୋଲିସିଂ କରୁଥିବା ଏକ ଦେଶରେ ପରିଣତ ହେବ। ତାଙ୍କର ବିଶ୍ୱାସ କୌଣସି ଦେଶର ବିକାଶ ପାଇଁ ଏହା ଘରୋଇ କ୍ଷେତ୍ର ତଥା ବ୍ୟବସାୟକୁ ଅଧିକ ସ୍ୱାଧୀନତା ଦେବା ଉଚିତ ଏବଂ କମ୍ ନିୟନ୍ତ୍ରଣ ଲାଗୁ କରିବା ଆବଶ୍ୟକ। କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଆମେ ସମସ୍ତ ସରକାରୀ ଓ ଅର୍ଦ୍ଧସରକାରୀ ସଂଗଠନକୁ ପୋଲିସ ଏଜେଣ୍ଟରେ ପରିଣତ କରିଛୁ। ବୀମା ନିୟମାବଳୀ, ବ୍ୟାଙ୍କିଙ୍ଗ୍, ଟିକସ କିମ୍ବା ସମ୍ପତ୍ତି ପଞ୍ଜୀକରଣ ହେଉ, ସମସ୍ତେ ଆପରାଧିକ ଦୃଷ୍ଟିରୁ ଦେଖୁଛନ୍ତି ଏବଂ ବ୍ୟକ୍ତିଗତ ଓ ବ୍ୟବସାୟ କ୍ଷେତ୍ରକୁ କମ୍ ସ୍ୱାଧୀନତା ଦିଆଯାଉଛି।

କୁମାର ଏକଦା ସୋସିଆଲ ରେଜିଷ୍ଟ୍ରିର ଜଣେ ବଳିଷ୍ଠ ସମର୍ଥକ ଥିଲେ। ୨୦୧୫ରେ ଏ ସମ୍ପର୍କରେ କନ୍‌ସେପ୍ଟ ନୋଟ ଲେଖିବା ବ୍ୟତୀତ ସେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ସହିତ ବିଚାର ବିମର୍ଶ କରିଥିଲେ। ତା' ସହ ଆବଶ୍ୟକ ଅନୁମୋଦନ ପାଇବା ପାଇଁ ଅନ୍ୟ କେନ୍ଦ୍ର ମନ୍ତ୍ରଣାଳୟ, ବିଶ୍ୱ ବ୍ୟାଙ୍କ ଏବଂ ନୀତି ଆୟୋଗ ସହିତ ସମନ୍ୱୟ ରକ୍ଷା କରିଥିଲେ। ଅମଲାତନ୍ତ୍ରର ଶୁଷ୍କ ଭାଷା ମଧ୍ୟରେ କୁମାରଙ୍କ ଏହି ପ୍ରକଳ୍ପ ପ୍ରତି ଅତ୍ୟାଗ୍ରହ ପ୍ରକାଶ ପାଇଥିଲା।

ପ୍ରତ୍ୟେକ ଭାରତୀୟଙ୍କୁ ଟ୍ରାକ୍ କରିବା ପାଇଁ ସୋସିଆଲ ରେଜିଷ୍ଟ୍ରିକୁ ୩୬୦ ଡିଗ୍ରୀ ଡାଟାବେସରେ ପରିଣତ କରିବା ଲାଗି ମୋଦି ସରକାର ଏସ୍‌ଇସିସିକୁ ବ୍ୟବହାର କରୁଛନ୍ତି। ୨୦୧୬ ପର୍ଯ୍ୟନ୍ତ କୁମାର ଏହି ପ୍ରକଳ୍ପରେ ସକ୍ରିୟ ଭାବରେ ଜଡ଼ିତ ଥିଲେ, କିନ୍ତୁ ୨୦୧୭ରେ ସେ ଭୁଲ ଜିନିଷର ବିକାଶ କରୁଥିବା ପରି ତାଙ୍କର ମନେ ହୋଇଥିଲା। କୁମାର ଲେଖିଛନ୍ତି ଯେ, ଆମେ ଏପରି ଏକ ସାମାଜିକ ରେଜିଷ୍ଟ୍ରି ସିଷ୍ଟମ୍ ଖୋଜିବା ଉଚିତ ଯାହାକି ଗୋପନୀୟତା ଉପରେ ମଧ୍ୟ ଧ୍ୟାନ ଦେଇଥାଏ, ବିଶେଷକରି ପୋଲିସ ସିଷ୍ଟମ୍ ଏବଂ ଅମଲାତନ୍ତ୍ର ସହିତ ଯାହା ନୈତିକତା ଦେଖାଇବାକୁ କୁଣ୍ଠାବୋଧ କରେ ନାହିଁ। ସେ କହିଛନ୍ତି ଯେ, କେବଳ ଆମେରିକାର ସାମାଜିକ ସୁରକ୍ଷା ବ୍ୟବସ୍ଥା ଏହି ଭାବରେ କାମ କରିଛି କାରଣ ଏଥିରେ ସର୍ବୋଚ୍ଚ ଗୋପନୀୟତା ଚିନ୍ତାଧାରା ପ୍ରଭାବଶାଳୀ ଭାବରେ ରହିଥିଲା। ଫାଇଲରେ କୁମାରଙ୍କ ପର୍ଯ୍ୟବେକ୍ଷଣ ଉପରେ କେହି ଉତ୍ତର ଦେଇ ନାହାନ୍ତି।

ଇତିମଧ୍ୟରେ ସୁପ୍ରିମ୍‌କୋର୍ଟ ଗୋପନୀୟତା ଅଧିକାର ଉପରେ ଆବେଦନର ଶୁଣାଣି କରୁଥିଲେ ମଧ୍ୟ ଭାରତୀୟ ନାଗରିକଙ୍କୁ ବିଭିନ୍ନ ସରକାରୀ ଡାଟାବେସରେ ଆଧାର ନମ୍ବର ଦେବା ପାଇଁ ମୋଦି ସରକାର ନିର୍ଦ୍ଦେଶ ପରେ ନିର୍ଦ୍ଦେଶ ଜାରି କରିଥିଲେ। କୁମାର ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଥିଲେ ଯେ ଆଧାରର ଅପବ୍ୟବହାରକୁ ନେଇ ତାଙ୍କର ଚିନ୍ତା ବଢ଼ିବାରେ ଲାଗିଛି। ଆଜି ଯଦି ଆପଣ ଟଙ୍କା ଜମା କରିବାକୁ ଯାଆନ୍ତି, ନଗଦ ଅର୍ଥ ଫେରସ୍ତ ପାଇବା କିମ୍ବା ଜଣେ ଗୁରୁତର ରୋଗୀଙ୍କ ପାଇଁ ଡାକ୍ତରଖାନାରେ ନଗଦ ଅର୍ଥ ପ୍ରଦାନ କରିବାକୁ ଚାହାନ୍ତି, ପ୍ରତ୍ୟେକ ଥର ଆପଣଙ୍କ ଆଧାର ଦାବି କରାଯାଏ। ସେମାନେ ସମସ୍ତେ ପୋଲିସ ପରି କାର୍ଯ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ ଆଧାର ଏକ ବିପଜ୍ଜନକ ଉପକରଣ। ଏହା ଏତେ ସୂଚନା ବହନ କରେ ଏବଂ ଟେକ୍ନୋଲୋଜି ଏପରି ଯେ କିଛି ବି ଗୁପ୍ତ ରହିପାରେ ନାହିଁ।

ହଫ୍‌ପୋଷ୍ଟ ଇଣ୍ଡିଆର ପୂର୍ବ ରିପୋର୍ଟ ଅନୁସାରେ, ସରକାର ପ୍ରଥମେ ଆଧାର ବିନା ସାମାଜିକ ରେଜିଷ୍ଟ୍ରି ନିର୍ମାଣ ପାଇଁ ଉପାୟ ଖୋଜିଥିଲେ, କିନ୍ତୁ ଶେଷରେ ଏହା ବଦଳରେ ଆଧାର ଅଧିନିୟମ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଦି ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ କରାଯାଏ, ଏହା ଆଧାର ଉପରେ କୋର୍ଟଙ୍କ ନିର୍ଦ୍ଦେଶିତ ସୁରକ୍ଷାକୁ ଅର୍ଥହୀନ କରିବ। ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟର ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ ନ ଥିବାରୁ ସୋସିଆଲ ରେଜିଷ୍ଟ୍ରି ପରି ଏକ ଲାଇଭ୍ ଡାଟାବେସକୁ ସରକାର ଅସଂଖ୍ୟ ଉପାୟରେ ଅପବ୍ୟବହାର କରିପାରିବେ ବୋଲି ଆର୍‌ଟିଆଇରେ ତଥ୍ୟ ହାସଲ କରିଥିବା କୋଡାଲି କୁହନ୍ତି। ସେ କହିଛନ୍ତି, ଏହି ତଥ୍ୟ ଦ୍ୱାରା କ୍ଷମତାରେ ଥିବା କୌଣସି ରାଜନୈତିକ ଦଳ ଭୋଟର ପ୍ରୋଫାଇଲ ସୃଷ୍ଟି କରି ନିର୍ବାଚନମଣ୍ଡଳୀର ପୁନର୍ଗଠନ କରିପାରିବେ ଯାହାଦ୍ୱାରା କେବଳ ସେମାନଙ୍କ ଦଳ କ୍ଷମତାକୁ ଆସିପାରିବ। (ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

ସହ-ପ୍ରତିଷ୍ଠାତା, ଲ୍ୟାଣ୍ଡ କଣ୍ଟ୍ରୋଲ ୱାଚ୍, ନୂଆଦିଲ୍ଲୀ,
kumarsambhav.08@gmail.com

# ଟାଙ୍ଗୀ ବନାମ ଶାଳ

ଅଜିତ କୁମାର ଦାସ

ଟାଙ୍ଗୀ ଗୋଟିଏ ବିଷୁବ ମଣ୍ଡଳୀୟ ଉଦ୍ଭିଦ। ସିଙ୍ଗାପୁରରେ ଏହାକୁ ଜାତୀୟ ଐତିହ୍ୟର ମାନ୍ୟତା ଦିଆଯାଇଛି। ଶାଳଗଛ ବଂଶର ଏଇ ବୃକ୍ଷଟିର ନାମ ହୋପିଆ ସାଙ୍ଗାଲ। ସେଠାକାର ଲୋକେ ତାକୁ ଚେଙ୍ଗାଲ ପାସିର ନାମରେ ମଧ୍ୟ ଜାଣନ୍ତି। ବୃକ୍ଷଟିର କାଠ ଶାଳକାଠ ଭଳି ଶକ୍ତ ଓ ମଜଭୁତ। ପ୍ରଚୁର ଝୁଣା ଓ ଖଇର ଥିବାରୁ ଏଥିରେ ଘୁଣ କିମ୍ବା କବକ ଲାଗନ୍ତିନି। ଘରର କଡ଼ି, ବର୍ଗା, କବାଟବନ୍ଧ, ଝରକା ଫ୍ରେମ, ଶିଡ଼ିପାହାଚ, ଘରର ଚଟାଣଠୁଁ ନେଇ ଜାହାଜ ତିଆରି ପର୍ଯ୍ୟନ୍ତ ସବୁ କାମରେ ଏହାକୁ ବ୍ୟବହାର କରାଯାଉଥିଲା। ଟାଙ୍ଗୀ ବିମାନବନ୍ଦର, ଟାଙ୍ଗୀ ଯାଦୁଘର, ଟାଙ୍ଗୀ ଭିଲେଜ ପ୍ରଭୃତି ନାମରୁ ଏହାର ଲୋକପ୍ରିୟତା ଜଣାଯାଏ। ଏହା ବାଦ ନୂଆ ନୂଆ ଗଢ଼ିଉଠୁଥିବା ହୋଟେଲ, ରେସ୍ତୋରାଁ ଓ କ୍ଲବ୍‌ଘରମାନଙ୍କର ନାମ ମଧ୍ୟ ଟାଙ୍ଗୀ। ଏଇ ଲୋକପ୍ରିୟତା ହିଁ ଦିନେ ତା'ର କାଳ ହେଲା। ଆଧୁନିକ ସିଙ୍ଗାପୁର ନିର୍ମାଣ ସମୟରେ ଟାଙ୍ଗୀର ବଡ଼ ବଡ଼ ଅରଣ୍ୟ ନିର୍ବିଚାରରେ କାଟି ସଫା କରିଦିଆଗଲା। କାଁ ଭାଁ ଯେଉଁଠି ରହିଯାଇଥିଲା ଲୋକେ କାଟିନେଇ ଘର କାମରେ ଲଗାଇଦେଲେ। ଏମିତି ସମୟ ଆସିଲା ଖୋଜିଲେ ବି ଗଛଟିଏ ମିଳିଲାନି। ରେଡ ଡାଟା ବୁକ ଏହାର ୧୯୯୪ ମସିହା ସଂସ୍କରଣରେ ଟାଙ୍ଗୀକୁ ଏକ ବିଲୁପ୍ତ ଜାତି ବୋଲି ଘୋଷଣା କରିଥିଲା।

୨୦୦୨ ମସିହାରେ ଟାଙ୍ଗୀ ଭିଲେଜ ଅଞ୍ଚଳରେ କେତେକ ପ୍ରକୃତିପ୍ରେମୀ ସର୍ଭେ କରୁଥିବା ସମୟରେ ଅତି ଆକସ୍ମିକ ଭାବେ ଏକମାତ୍ର ଟାଙ୍ଗୀ ବୃକ୍ଷକୁ ଆବିଷ୍କାର କଲେ। ରାଜକୀୟ ଠାଣିରେ ଛିଡ଼ା ହୋଇଥିବା ଗଛଟିର ଉଚ୍ଚତା ଥିଲା ୩୫ ମିଟର। ଗଣ୍ଡିର ବେଢ଼ ତିନି ମିଟରରୁ ଅଧିକ ଓ ବୟସ ଦେଢ଼ଶହ ବର୍ଷରୁ ଅଧିକ। ଗଛଟି ବେଶିଦିନ ତିଷ୍ଠି ପାରିଲାନି। ସିଙ୍ଗାପୁରରେ କାର୍ଯ୍ୟରତ ଏକ ଅନ୍ତର୍ଜାତୀୟ ନିର୍ମାଣ ସଂସ୍ଥା ବିନାନୁମତିରେ ଗଛଟିକୁ କାଟିଦେଲେ। ସମଗ୍ର ସିଙ୍ଗାପୁରବାସୀ ଚିହିଁକି ଉଠିଲେ। ସମାଜର ସବୁ ସ୍ତରରୁ ପ୍ରତିବାଦ ଆସିଲା। ରେଡିଓ, ଟିଭି ଓ ଖବରକାଗଜରେ ପ୍ରତିବାଦର ସ୍ୱର ଜୋରଦାର ହେବାରେ ଲାଗିଲା। ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇ ଆସିଲେ। ଗଳ୍ପ, କବିତା ଓ ଏକାଙ୍କିକା ମାଧ୍ୟମରେ ସମାଜ ତା'ର କ୍ରୋଧ ପ୍ରକାଶ କଲା। ଶେଷରେ ଜାତୀୟ ଉଦ୍ୟାନ ବିଭାଗ ନିର୍ମାଣ ସଂସ୍ଥାକୁ କାଠଗଡ଼ାରେ ଛିଡ଼ା କରାଇଲା। ନିର୍ମାଣ ସଂସ୍ଥା କହିଲା, ଚଢ଼କମରା, ଉଇଖିଆ ଗଛଟି ତାଙ୍କ କର୍ମଚାରଙ୍କ ଘର ଉପରକୁ ଢଳି ରହିଥିଲା। ପଡ଼ିଗଲେ ଧନଜୀବନ କ୍ଷୟ ହୋଇ ଥାଆନ୍ତା। ଏ ପ୍ରକାର ବେପରୁଆ ଉତ୍ତରକୁ ନ୍ୟାୟାଳୟ ଗ୍ରହଣ କଲେନି। ୨୦୦୩ ମସିହାରେ ଗୋଟିଏ ଗଛ କାଟିଥିବାରୁ କମ୍ପାନୀକୁ ୮୪ ହଜାର ସିଙ୍ଗାପୁର ଡଲାର ପଇଠ କରିବାକୁ ନିର୍ଦ୍ଦେଶ ଦିଆଗଲା, ଯାହାର ଭାରତୀୟ ମୁଦ୍ରାରେ ମୂଲ୍ୟ ପ୍ରାୟ ୪୪ ଲକ୍ଷ ଟଙ୍କା।

ଏବେ ଆସିବା ଓଡ଼ିଶାର ଢେଙ୍କାନାଳ ଜିଲାର ଝିଙ୍କାରଗଡ଼ି ଜଙ୍ଗଲକୁ, ଯେଉଁଠାରେ ପୋଲିସ ସହାୟତାରେ ପ୍ରଶାସନ ଗୋଟିଏ ବିଅର ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଇବା ପାଇଁ ଏକ ଜଙ୍ଗଲ କାଟି ସଫା କରିଦେଲା ଯେଉଁଥିରେ ଥିଲା ପାଞ୍ଚ ଶହ ସରିକି କେବଳ ଶାଳଗଛ। କଥା ସେତିକିରେ ସରିଲାନି। ଗଛଗୁଡ଼ିକୁ କୁଣ୍ଢାଇ ଧରି ପ୍ରତିରୋଧ କରୁଥିବା ସ୍ତ୍ରୀ ଲୋକମାନଙ୍କୁ ପୋଲିସ ଉଠାଇନେଇ ବିଭିନ୍ନ ଦଫା ଲଗାଇ ଜେଲରେ ପୂରାଇଦେଲା। ଜାତୀୟ ଐତିହ୍ୟର ମାନ୍ୟତା ପାଇ ନ ଥିଲେ ବି ଶାଗୁଆନ ଭଳି ଶାଳ ମଧ୍ୟ ଏକ ବହୁଳ ବ୍ୟବହାର ଉପଯୋଗୀ ଗଛ। ଟାଙ୍ଗୀ ଯେଉଁ କାମରେ ଲାଗେ ଶାଳ ମଧ୍ୟ ସେଇ କାମରେ ଲାଗିଥାଏ। ମନଇଚ୍ଛା କଟାଯାଉଥିବାରୁ ଶାଳ ଏବେ ଦୁଷ୍ପ୍ରାପ୍ୟ। ଆଦିବାସୀମାନେ ଆମ୍ବ ଓ ବରଗଛ ଭଳି ଏହାକୁ ପୂଜା କରନ୍ତି। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣିରେ କଦଳୀପତ୍ର ସ୍ଥାନରେ ଶାଳପତ୍ର ବ୍ୟବହାର କରାଯାଇଥାଏ।

୧୯୭୨ ମସିହା ବେଳକୁ ଝିଙ୍କାରଗଡ଼ି କହିଲେ ଅନାବନା ଘାସ ଓ ଏଠିସେଠି ଉଠିଥିବା ବୁଦୁବୁଦୁକିଆ ଗଛର ଏକ ଉଜୁଡ଼ା ଜଙ୍ଗଲକୁ ହିଁ ବୁଝାଉଥିଲା। ନିକଟସ୍ଥ ବଳରାମପୁର ଗାଁ ଲୋକେ ନିଜ ତରଫରୁ ସେଠାରେ ଗଛ ଲଗାଇଲେ, ପାଣିଦେଲେ, ପାଳିକରି ରାତିରେ ଜଙ୍ଗଲ ଜଗିଲେ। ଚାଳିଶ ବର୍ଷର ନିରବଚ୍ଛିନ୍ନ ସେବା ଓ ଯତ୍ନରେ ଖୋଲାମେଲା ଜାଗାଟି ଘଞ୍ଚ ଜଙ୍ଗଲରେ ପରିଣତ ହେଲା। ଏମିତି କି ହାତୀପଲ ମଧ୍ୟ ଗାଁ ଗଣ୍ଡା ଭିତରେ ନ ପଶି ପୁଣିଥରେ ଏଇ ଜଙ୍ଗଲକୁ ନିଜ ଚଲାବାଟ ଭାବେ ବାଛି ନେଲେ। ଦେଖିବାକୁ ଗଲେ ପରିବେଶର ପ୍ରକୃତ ସୁରକ୍ଷା ବଳରାମପୁରବାସୀ ହିଁ କରୁଥିଲେ। ଜଙ୍ଗଲ ସହିତ ସେମାନଙ୍କର ଥିଲା ଏକ ଆତ୍ମିକ ସମ୍ପର୍କ। ତେବେ ଏହା ଭିତରେ ଇଡ୍‌କୋ ବିଭାଗ ଅବ୍ୟବହୃତ ସରକାରୀ ଜାଗାମାନଙ୍କୁ ସଂଗ୍ରହ କରି ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିଥିଲା। ଉଦ୍ଦେଶ୍ୟଥିଲା ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ଏହି ଲ୍ୟାଣ୍ଡବ୍ୟାଙ୍କରୁ ଜମି ଯୋଗାଇଦେବା। ଝିଙ୍କାରଗଡ଼ି ଜଙ୍ଗଲ ଲ୍ୟାଣ୍ଡ ବ୍ୟାଙ୍କ ପରିସରକୁ ଆସିଯିବା ମାତ୍ରେ କୋଲକାତାର P&A Bottles କମ୍ପାନୀ ୧୦୨ କୋଟି ଟଙ୍କା ବ୍ୟୟରେ ଏଠାରେ ଏକ ବିଅର କାରଖାନା ବସାଇବାର ପ୍ରସ୍ତାବ ଦେଲା। ଏହାକୁ ବିରୋଧ କରି ବଳରାମପୁର ଗ୍ରାମ୍ୟ ପରିଚାଳନା ପରିଷଦ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲକୁ ଜଣାଇବା ସହିତ ହାଇକୋର୍ଟରେ ଫେରାଦ ହେଲା। ନ୍ୟାୟାଳୟ ସରକାରଙ୍କୁ ଷ୍ଟାଟସ ରିପୋର୍ଟ ତୁରନ୍ତ ଦାଖଲ କରିବାର ନିର୍ଦ୍ଦେଶ ଦେଲେ, ମାତ୍ର କାର୍ଯ୍ୟବନ୍ଦ ରଖିବା ପାଇଁ କୌଣସି ନିର୍ଦ୍ଦେଶ ଏଥିରେ ନ ଥିଲା। ଏହାରି ସୁଯୋଗରେ ନଭେମ୍ବର ୨୦୧୮ ମସିହାରେ ଢେଙ୍କାନାଳ ପ୍ରଶାସନ ଅତି ଚତୁରତାର ସହିତ ଭୋର ସମୟରେ ଯନ୍ତ୍ରଚାଳିତ କରତରେ ଗଛଗୁଡ଼ିକ କାଟିପକାଇଲେ। ତଳେ ଲୋଟିଥିବା ଗଛଗୁଡ଼ିକୁ କୁଣ୍ଢାଇ ଧରିବାର ହୃଦୟ ବିଦାରକ ଦୃଶ୍ୟ ଗଣମାଧ୍ୟମରେ ପ୍ରଚାର ହେବା ଓ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ତୀବ୍ର ବିରୋଧ ପରେ ସରକାର ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ। କାହାକୁ ଦୋଷୀ ସାବ୍ୟସ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ସମୟାନୁକ୍ରମେ ଘଟଣାଟିକୁ ଆମେ ଭୁଲିଯିବୁ, ମାତ୍ର ସିଙ୍ଗାପୁରବାସୀ ଭୁଲି ନାହାନ୍ତି। ଏବେ ବି ବିଭିନ୍ନ ସମୟରେ ନାଟକ ମଞ୍ଚସ୍ଥ କରି ପୁରୁଣା ଦିନର ଘଟଣାକୁ ମନରେ ସବୁବେଳେ ତାଜା କରି ରଖିଛନ୍ତି।

ମୋ-୯୪୩୭୨୬୬୩୧୬

## ଏଇ ଭାରତରେ

ଝାଡ଼ଖଣ୍ଡର ଝିଅ ଶିଳ୍ପୀ ସିହ୍ନା। ଛାତ୍ର ଜୀବନରେ ସମସ୍ୟାକୁ ସାମ୍ନା କରି ତା' ସମାଧାନର ବାଟ ଖୋଜୁ ଖୋଜୁ ଜଣେ ବ୍ୟବସାୟୀ ପାଲଟିଯାଇଛନ୍ତି। ମାତ୍ର ୧୧ ହଜାର ଟଙ୍କାରେ ଆରମ୍ଭ କରିଥିବା ବ୍ୟବସାୟର କାରବାର ଏବେ ୨ କୋଟି ଟଙ୍କା ଛୁଇଁଛି। ଡାଲ୍‌ଟନଗଞ୍ଜନିବାସୀ ଶିଳ୍ପୀ ୨୦୧୨ରେ ବେଙ୍ଗାଲୁରୁ ପଢ଼ିବା ପାଇଁ ଯାଇଥିଲେ। ସେଠାରେ ଶୁଦ୍ଧ ଗାଈ କ୍ଷୀର ପାଇବା ଲାଗି ସମସ୍ୟା ହେବାରୁ ପଢ଼ିବା ସମୟରେ ସେ କ୍ଷୀର ବ୍ୟବସାୟ ଲାଗି ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେତେବେଳେ କନ୍ନଡ କି ତାମିଲ ଭାଷା ଜଣା ନ ଥିଲା। ତଥାପି ସେ କୃଷକଙ୍କ ପାଖକୁ ଯାଇ ଶୁଦ୍ଧ କ୍ଷୀର ପାଇବାର ଉପାୟ ସମ୍ପର୍କରେ ସେମାନଙ୍କୁ ଅବଗତ କରିଥିଲେ। ଆରମ୍ଭରୁ କ୍ଷୀର ସଂଗ୍ରହ କରିବା ଲାଗି ତାଙ୍କୁ କର୍ମଚାରୀ ମିଳି ନ ଥିଲେ। ନିଜେ ରାତି ୩ଟାରୁ ଉଠି କୃଷକଙ୍କ ଘରେ ପହଞ୍ଚି ଯାଉଥିଲେ। ସୁରକ୍ଷା ଲାଗି ପାଖରେ ଛୁରି ଓ ଲଙ୍କାଗୁଣ୍ଡ ନେଇ ଯାଉଥିଲେ ଶିଳ୍ପୀ। ସେଠାରୁ କ୍ଷୀର ସଂଗ୍ରହ କରି ଲୋକଙ୍କ ପାଖରେ ପହଞ୍ଚାଉଥିଲେ। ଧୀରେ ଧୀରେ ଗ୍ରାହକଙ୍କ ସଂଖ୍ୟା ୫୦୦ରେ ପହଞ୍ଚିଥିଲା। ପରେ ଜାନୁୟାରୀ ୨୦୧୮ରେ ସେ ୧୧ ହଜାର ଟଙ୍କା ଖର୍ଚ୍ଚ କରି ମିଲ୍କ୍ ଇଣ୍ଡିଆ କମ୍ପାନୀ ଖୋଲିଥିଲେ। ପ୍ରଥମ ଦୁଇବର୍ଷରେ ଏହାର କାରବାର ୧ କୋଟିରେ ପହଞ୍ଚିଛି। ଶିଳ୍ପୀ ୧ରୁ ୯ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନେ କିଭଳି ଶୁଦ୍ଧ ଓ ସ୍ୱାସ୍ଥ୍ୟକର କ୍ଷୀର ପାଇବେ ସେଥିପ୍ରତି ଧ୍ୟାନ ଦେଉଛନ୍ତି। ଭଲ କ୍ଷୀର ପାଇବା ଲାଗି କମ୍ପାନୀ ଗାଈଙ୍କଠାରେ ସୋମାଟିକ ସେଲ୍ ଗଣନା କରିବା ପାଇଁ ମେଶିନ ବ୍ୟବହାର କରୁଛି। ଏହି ସେଲ୍ ଯେତେ କମ୍ ରହିବ କ୍ଷୀର ସେତେ ସ୍ୱାସ୍ଥ୍ୟକର ହୋଇଥାଏ ବୋଲି କହନ୍ତି ଶିଳ୍ପୀ। ସେ ଲୋକମାନଙ୍କଠାରୁ ଅର୍ଡର ଗ୍ରହଣ କରିବା ସମୟରେ ପ୍ରଥମେ ଶିଶୁଙ୍କ ବୟସ ସମ୍ପର୍କରେ ବୁଝିଥାନ୍ତି। ଶିଳ୍ପୀଙ୍କ କଥାରେ କୃଷକମାନେ ଗାଈଙ୍କୁ ସବୁଜ ଘାସ ଖୁଆଉଛନ୍ତି। ଏବେ ଗାଈଙ୍କୁ ମକା ଖାଇବାକୁ ଦିଆଯାଉଛି।

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ।

(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆମ ଚଳଣିର ମହକ



ଡା. ବାସୁଦେବ ପ୍ରଧାନ

କରୋନା ଏବେ ସାରା ପୃଥିବୀରେ ଏକ ପ୍ରକାର ଆତଙ୍କ ଖେଳାଇଦେଇଛି। ତା' ପାଇଁ ସ୍କୁଲ୍, କଲେଜ, ପରୀକ୍ଷା ବନ୍ଦ। ବିମାନଯାତ୍ରା, ରେଳଯାତ୍ରା ବନ୍ଦ। ବିଦେଶୀମାନଙ୍କୁ ଓ ପର୍ଯ୍ୟଟକମାନଙ୍କୁ ଆସିବାକୁ ବାରଣ କରାଯାଉଛି। ବଡ଼ ବଡ଼ ମଲ୍‌ରେ ବେପାରବଣିଜ ବନ୍ଦ। କେତେକ ଦେଶ ସହ ଆମଦାନି, ରପ୍ତାନି କାରବାର ବି ବନ୍ଦ। ମୋଟାମୋଟି ଭାବେ ବେପାରବଣିଜ ଓ ଅର୍ଥନୀତି ଏକପ୍ରକାର ଠପ୍ ହୋଇଯାଇଛି। ଅର୍ଥନୀତି ଭୁଶୁଡ଼ି ପଡ଼ିଲାଣି। ବିଭିନ୍ନ ଧାର୍ମିକ ପର୍ବପର୍ବାଣି, ମେଳାମଉଛବ ଓ ମନ୍ଦିରରେ ଦିଅଁଦର୍ଶନ ବି ବନ୍ଦ ହୋଇଯାଇଛି। କେତେ ଶକ୍ତିଶାଳୀ ଏ କରୋନା ଭୂତାଣୁ ସତେ! ଏହାର କ'ଣ କିଛି ପ୍ରତିକାର ନାହିଁ? ବିଜ୍ଞାନାଗାରରେ ପରୀକ୍ଷିତ ଓ ପ୍ରମାଣିତ ପ୍ରତିକାର କିଛି ନ ଥିବାରୁ ଆମେ ସେ ବିଷୟରେ ଲେଖୁନାହୁଁ। କିନ୍ତୁ ପ୍ରତିକାର ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଏବେ ତାହାହିଁ କରିବାକୁ କହୁଛି। ଯେଉଁ ବିଜ୍ଞାନ ଦିନେ ଧାର୍ମିକ ରୀତିନୀତିକୁ ଅନ୍ଧବିଶ୍ୱାସ ବୋଲି କହୁଥିଲା, ସେ ଏବେ କହୁଛି ଧର୍ମ ପାଳନ କର- ହାତ ଧୋଇବ, ସଫାସୁତୁରା ରହିବ, ଛୁଆଁଛୁଇଁ କରିବନି, ଯୋଉଠି ଇଚ୍ଛା ସେଠି ଖାଇବନି, କାହା ଲୁଗା କେହି ପିନ୍ଧିବନି ଇତ୍ୟାଦି। ଏଗୁଡ଼ାକ ଆମ ଧର୍ମରେ ଅଛି ନା? ଆଚାରପ୍ରଭବୋ ଧର୍ମଃ- ସଦାଚାର ବା ସୁସ୍ଥ ରହିବାର ଆଚରଣକୁ ହିଁ ଧର୍ମ କହନ୍ତି। ଆଚରଣ ଠିକ୍ ନ ହେଲେ କରୋନା ପରି ବିପତ୍ତି ଆମକୁ କୋରଣା ପରି କୋରିପକେଇବ।

ଆମେ ଆମ ପୁରୁଣା ଆଚାର ଆଚରଣକୁ ଭୁଲିଯାଉଛେ। ଆଗରୁ ଗାଁଗହଳରେ ବାହାରୁ ଘରକୁ ଆସିଲେ ପୋଖରୀରେ ବା ଦାଣ୍ଡଦୁଆରେ ରଖାଯାଇଥିବା ପାଣିକୁଣ୍ଡରେ ପ୍ରଥମେ ଗୋଡ଼ ଧୋଇ ଲୋକମାନେ ଘରକୁ ଆସୁଥିଲେ। ଘରକୁ କୁଣିଆ ଆସିଲେ ସେମାନଙ୍କୁ ପାଣିଢାଳ ବଢ଼େଇ ଦିଆଯାଉଥିଲା। ଗୋଡ଼ ଧୋଇ ଗାମୁଛାରେ ଗୋଡ଼ ପୋଛି ଘରକୁ ଆସୁଥିଲେ। ଅବଶ୍ୟ ଏବେ ଗାଡ଼ି ମୋଟର ସଂଖ୍ୟା ବଢ଼ିଛି। ପାଦରେ ସମସ୍ତଙ୍କର ଜୋତା, ଚପଲ। ତେଣୁ ଧୂଳି ଲାଗିବା କମିଯାଇଛି। ତଥାପି ଉଡ଼ା ଧୂଳି ନିଶ୍ଚୟ ଲାଗିବ। ଚପଲ ବାହାର କରି ପାଦ ଧୋଇ ଘରକୁ ଗଲେ ପାଦରେ ଲାଗିଥିବା ଧୂଳି ଓ ଝାଳ ପ୍ରଭୃତି ସଫା ହୋଇପାରିବ। ଅତୀତରେ ବାହାରୁ ଆସିବା ପରେ ପିନ୍ଧା ଲୁଗା ଦାଣ୍ଡ ଘରେ ରଖାଯାଉଥିଲା। ଘର ଲୁଗା ଅଲଗା, ବାହାର ଲୁଗା ଅଲଗା। ସେହିପରି ଝାଡ଼ା ଯିବା ଲୁଗା ମଧ୍ୟ ଅଲଗା ଥିଲା। ବାଡ଼ିପଟେ ସେହି ଲୁଗା ଥାଏ। ସ୍ତ୍ରୀଲୋକମାନେ ସେହି ଲୁଗା ପିନ୍ଧି ବାହାରକୁ ଯାଉଥିଲେ (ସେତେବେଳେ ଆଜିକାଲି ଭଳି ପାଇଖାନା ନ ଥିଲା)। ଶୌଚ ହୋଇ ଲୁଗା ଧୋଇ ଘରକୁ ଆସୁଥିଲେ। ପୁରୁଷ ଲୋକମାନେ ସେମାନଙ୍କର ରାତି ପିନ୍ଧା ଲୁଗା ପିନ୍ଧି କ୍ଷେତବାଡ଼ିକୁ ଯାଉଥିଲେ। କ୍ଷେତରୁ ଫେରିବା ସମୟରେ ଗାଁ ପୋଖରୀ କିମ୍ବା ନଦୀରେ ଗାଧୋଇ ଲୁଗାଧୋଇ ଘରକୁ ଆସୁଥିଲେ। ଆମେ ଛିଙ୍କିଲେ ବା କାଶିଲେ ମୁହଁରେ ରୁମାଲ ବା ଗାମୁଛା ଦେଇଥାଉ। କାହା ଆଗରେ ବସିବା ବେଳେ କାନ, ନାକ ପାଟିରେ ହାତ ମାରିଲେ ଏହା ଖରାପ ଅଭ୍ୟାସ ବୋଲି ଗୁରୁଜନମାନେ ଆମକୁ ବାରଣ କରୁଥିଲେ।

ଗାଧୋଇସାରି ତୁଳସୀଗଛରେ ପାଣିଦେବା ଓ ଦୁଇଚାରିଟା ତୁଳସୀପତ୍ର ଖାଇବା ଆମର ଅଭ୍ୟାସ ଥିଲା। ପ୍ରତ୍ୟେକ ଘରେ ତୁଳସୀଗଛ ଓ ବେଲଗଛ ରହୁଥିଲା। ତୁଳସୀ ଥଣ୍ଡା, ସର୍ଦ୍ଦି ପାଇଁ କାମ କରୁଥିବା ବେଳେ ବେଲପତ୍ର ଏବଂ କଞ୍ଚା ଓ ପାଚିଲା ବେଲ ପେଟରୋଗର ଅମୋଘ ଔଷଧ। ଆମ ପୂଜାପୂଜି କାମରେ ପଞ୍ଚାମୃତ ବ୍ୟବହାର କରାଯାଏ, ଯାହା ପାଞ୍ଚଟି ଅମୃତର ସମାହାର- କ୍ଷୀର, ଘିଅ, ଦହି, ଗୁଡ଼ ଓ ମହୁ। ଏଗୁଡ଼ିକର ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ବିଷୟରେ କାହାକୁ ବୁଝାଇବା ଦରକାର ନାହିଁ। ଏହି ପଞ୍ଚାମୃତ ପ୍ରତିଦିନ ଅଳ୍ପ ଅଳ୍ପ ଖାଇଲେ ବଜାରରେ ମିଳୁଥିବା ଯେକୌଣସି ଟନିକ୍‌ଠାରୁ ମଧ୍ୟ ଭଲ କାମ କରେ।

ଅନ୍ୟ କାହାର ପୋଷାକପତ୍ର, ବିଛଣାଚଦର, ତକିଆ ଆଦି ବ୍ୟବହାର କରିବା ଆମ ଚଳଣିରେ ନାହିଁ। ପରିବାରର ସଦସ୍ୟ ହେଲେ ବି କାହା ଦେହରେ କେଉଁ ରୋଗ ଥିବ! ସେହିପରି ଏକା ସାଥୀରେ ଖାଇବା କିନ୍ତୁ ଏକ ପାତ୍ରରେ ନ ଖାଇବା, ସୁସ୍ଥ ଗୁରୁଜନଙ୍କ ବ୍ୟତୀତ ଅନ୍ୟ କାହାର ଅଇଁଠା ନ ଖାଇବା ହେଉଛି ଆମର ପ୍ରାଚୀନ ପରମ୍ପରା। ଏସବୁକୁ ପାଳନ କଲେ ଆମର ରୋଗ ହୋବାର ସମ୍ଭାବନା କମ୍ ରହିବ। ଆଗରୁ ଘରେ ଘରେ ଘୋରଣା, ପେଷଣା, ଢିଙ୍କି ଥିଲା। ସେସବୁ ବ୍ୟବହାର କରିବା ଫଳରେ ଶାରୀରିକ ଶ୍ରମ ହେଉଥିଲା। ତେଣୁ ଶରୀର ନୀରୋଗ ରହୁଥିଲା। ସମସ୍ତଙ୍କ ବାଡ଼ିରେ କଦଳୀ, ଅମୃତଭଣ୍ଡା, ସଜନା ଗଛ ଥିଲା। ଶାଗ ପଟାଳି, କଲରା, ପୋଟଳ ମନ୍ଦା ଥିଲା। ସାରୁ, ଖମ୍ବଆଳୁ, ଓଲୁଅ, ଶିମ୍ବ, ଜହ୍ନି, ଭେଣ୍ଡି, କାକୁଡ଼ି ଆଦି ପନିପରିବା ମିଳୁଥିଲା। ସେଥିରେ କେବଳ ଗୋବର ଖତ ଦିଆଯାଉଥିଲା। ଫଳରେ ସେସବୁ ସ୍ୱାସ୍ଥ୍ୟ ପାଇଁ ନିରାପଦ ଥିଲା।

ଅତୀତରେ ଶାରୀରିକ ଶ୍ରମ, ବାଡ଼ିବଗିଚାର ପନିପରିବା, ଢିଙ୍କିକୁଟା ଚାଉଳ, କାଠଚୁଲି, ମାଟିହାଣ୍ଡି ଭାତ, ବାସି ତୋରାଣି ମଣିଷକୁ ନୀରୋଗ ରଖୁଥିଲା। ସେହିଭଳି ଢିଙ୍କିକୁଟା ଚୁଡ଼ା, ମୁଢ଼ି, ହୁଡୁମ, ଛତୁଆ, ଗୁଡ଼, ନଡ଼ିଆ, ବାରି କଦଳୀ ମଣିଷକୁ ନୀରୋଗ ରଖୁଥିଲା। ଡାକ୍ତରଖାନା ଯିବାକୁ କ୍ୱଚିତ୍ ଦରକାର ପଡୁଥିଲା। ଏବେ ରୋଗ ବଢ଼ିଛି। ଡାକ୍ତରଖାନା ବଢ଼ିଛି। ବେଳକୁ ବେଳ କରୋନା ପରି ନୂଆ ନୂଆ ରୋଗ ଆସି ମଣିଷର ଆର୍ଥିକ ସ୍ଥିତିକୁ ଦୁର୍ବଳ କରୁଛି। ଧନଜୀବନ ନଷ୍ଟ କରୁଛି। ପ୍ରଗତିରେ ବାଧକ ହେଉଛି। ଅତୀତ ଏବଂ ଆଜି ଭିତରେ ଆକାଶପାତାଳ ଫରକ। ତେବେ ନିମ୍ନଲିଖିତ କଥାଗୁଡ଼ିକୁ ମାନି ଚଳିଲେ ଆମେ ସୁସ୍ଥସବଳ ରହିପାରିବା- ରୋଷେଇ ଘରକୁ ସଫାସୁତୁରା ରଖିବା। ଖାଇବା ବାସନକୁସନ ସମସ୍ତଙ୍କର ପୃଥକ୍ ହେବା ଉଚିତ। ଏକ ପାତ୍ରରେ ଖାଇବା ଅନୁଚିତ। ଘରେ ମୁକ୍ତ ବାୟୁ ଚଳାଚଳ ଏବଂ ସୂର୍ଯ୍ୟକିରଣ ପଡ଼ିବା ଆବଶ୍ୟକ।

ଅତୀତରେ କୁକୁରକୁ ଛୁଇଁଲେ ଏବଂ ମଳକୁ ମାଡ଼ିଲେ ଗାଧୋଇବାକୁ ପଡୁଥିଲା। ଏହାକୁ କୁକୁରଛୁଆଁ କୁହାଯାଉଥିଲା। କୁକୁର ମଳରେ ଅନେକ ପ୍ରକାର ଜୀବାଣୁ ଥାଆନ୍ତି। ଏବେ ଘରେ ଘରେ ପରିବାରର ସଦସ୍ୟ ପାଲଟିଛନ୍ତି କୁକୁର। ସେମାନେ ଘର ସାରା ବୁଲୁଛନ୍ତି। ଶେଯରେ ଶୋଉଛନ୍ତି। କାରରେ ଭ୍ରମଣ କରୁଛନ୍ତି। ଅତୀତରେ ଛୁଆଁଛୁତିକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଝିଅ ହେଉ କି ବୋହୂ ରଜସ୍ରାବ ସମୟରେ ରୋଷେଇଘରେ ପଶୁ ନ ଥିଲେ। ଏହା ଅତ୍ୟନ୍ତ ସୁସ୍ଥ ବ୍ୟବସ୍ଥା ଥିଲା। ପାଣି ପବନକୁ ନିର୍ମଳ ରଖିବା ଦରକାର। କାରଣ ପାଣି ପବନ ମାଧ୍ୟମରେ ଅନେକ ରୋଗ ବ୍ୟାପିଥାଏ। ପାଣି ମାଧ୍ୟମରେ ତରଳ ଝାଡ଼ା, କାମଳ, ଆମାଶୟ ଏବଂ ପବନ ମାଧ୍ୟମରେ ଭୂତାଣୁ ସଂକ୍ରମଣଜନିତ ଥଣ୍ଡା, କାଶ, ଜ୍ୱର ବ୍ୟାପିଥାଏ। ଏହିସବୁ ସଦାଚାର ହେଉଛି ଆମ ଚଳଣିର ମହକ, ଏସବୁକୁ ପାଳନ କଲେ ଆମେ ନୀରୋଗ ରହିପାରିବା।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ସୁ-ଡୋ-କୁ

sudoku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 8 | 9 | 5 | | | | 1 | C | B | |
| | 6 | 5 | | 0 | | | | | | | 4 | | | |
| 9 | | 8 | | D | | 6 | | 4 | | | | 2 | 3 | A |
| | 4 | | | 3 | A | | | | | | | | | |
| | 1 | 3 | E | | 6 | A | | B | 2 | | | | | |
| | | | | | | | | 5 | 3 | 4 | | | C | |
| 6 | | | | | | 8 | C | | 0 | 2 | | | | |
| | A | 1 | | | | | D | 2 | E | | C | | 8 | |
| | C | | | 7 | | | 4 | | | | 5 | | | |
| | | | | A | D | 1 | | | | | | B | 9 | E |
| | D | | | | 5 | | | 7 | | | | | 1 | |
| C | | 0 | D | | 4 | | 1 | | | | 6 | 9 | | |
| | 3 | | | 1 | 0 | | | | | | A | | | |
| | 8 | 4 | | | 9 | | | D | | 0 | | | | |
| 1 | E | | | | | | 2 | 9 | | | | D | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | B | 5 | 3 | 7 | D | A | C | 6 | 8 | 1 | 4 | 0 | 9 |
| 1 | 9 | C | 8 | A | 2 | 5 | 3 | 6 | D | 0 | 4 | 7 | E | B |
| A | 4 | 3 | 6 | B | E | 9 | 0 | 1 | 5 | 7 | C | 8 | 2 | D |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡ଼ି ଛତୁଆ ପରିବହନ

ମହାଶୟ,

ସରକାର କୁନି କୁନି ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରମାନ ଖୋଲିଛନ୍ତି। କେନ୍ଦ୍ରଗୁଡ଼ିକରେ ସେମାନଙ୍କୁ ଅଣ୍ଡା ଓ ଛତୁଆ ଖାଇବା ପାଇଁ ଦିଆଯାଉଛି। ତେବେ ଛତୁଆର ମାନ ଯାହା ଥାଉନା କାହିଁକି ତା'ର ପରିବହନ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ। ସାଧାରଣ ଛତୁଆ ପ୍ୟାକେଟ୍‌ଗୁଡ଼ିକ ଆଳୁ କିମ୍ବା ପିଆଜ ଜାଲିବସ୍ତାରେ ଖୋଲା ଗାଡ଼ିରେ ଲଦା ହୋଇ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଛି। ପରିବହନ ସମୟରେ ଧୂଳି ଓ ମାଟି ଛତୁଆ ପ୍ୟାକେଟରେ ପଡୁଛି। ଏହାଛଡ଼ା ଛତୁଆ ପ୍ୟାକେଟ୍‌ଗୁଡ଼ିକୁ ଗାଡ଼ିରେ ଚଢ଼ାଇବା ଓ ଓହ୍ଲାଇବା କାର୍ଯ୍ୟରେ ନିଯୁକ୍ତ ଖଲାସିମାନେ ମଇଳା ଜୋତା, ଚପଲ ପିନ୍ଧି ଉକ୍ତ ବସ୍ତା ଉପରେ ଚଳପ୍ରଚଳ କରି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଚପଲରୁ ନିଶ୍ଚିତ ମଇଳା ଝଡ଼ି ଛତୁଆ ପ୍ୟାକେଟ୍ ଉପରେ ପଡୁଥିବ। ଉକ୍ତ ଛତୁଆ ଖାଇ ପିଲାମାନେ ଯେ ରୋଗରେ ନ ପଡ଼ିବେ ଏ କଥାକୁ ଏଡ଼ାଯାଇ ନ ପାରେ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବିଷବଳୟରେ ମାନବ ସମାଜ

ଧରିତ୍ରୀ (୨।୮।୨)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ବିଷ ମଣିଷ' ନିବନ୍ଧଟି ସମଗ୍ର ମାନବ ସମାଜକୁ ଏକ ଚେତାବନୀ। ସର୍ବତ୍ର ହିଂସା, ଦ୍ୱେଷ, ବିଭେଦ। ଭାଇର ତଣ୍ଟିଚିପି ରକ୍ତ ଶୋଷିଲାଣି ଭାଇ। ମନ ବିଷ, ଶରୀର ବିଷ, ଭାବନା ବିଷ। ପନିପରିବାରେ ରଙ୍ଗ, ମାଛ, ଶୁଖୁଆରେ ଫର୍ମାଲିନ୍ ପ୍ରୟୋଗ। ଗାଈ, ମଇଁଷି ଅଧିକ କ୍ଷୀର ଦେବା ପାଇଁ ଅକ୍ସିଟୋସିନ ଇଞ୍ଜେକ୍‌ଶନ, ନକଲି ପାନମସଲା, ଖାଇବା ତେଲ- ସବୁ ଅପମିଶ୍ରିତ। ସମାଜ ପୂରା ବିଷମୟ ହୋଇଗଲାଣି। ଏଣୁ ଲେଖକଙ୍କ ଉଦ୍‌ବେଗ ଯଥାର୍ଥ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୪ଘଣ୍ଟାରେ ୧୨୩୯ ପଞ୍ଜୀକୃତ

## ବିଦେଶରୁ ଫେରିଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ

- ଫୋନ୍ ନମ୍ବରରେ ୫୫୪, ୱେବ୍‌ସାଇଟ୍‌ରେ ୬୮୫
- କଲ୍ ସେଣ୍ଟରର ହେବ କଳେବର ବୃଦ୍ଧି
- କ୍ରିଷନ୍ କୁମାରଙ୍କୁ ପରିଚାଳନା ଦାୟିତ୍ୱ



ଖବରଦାତା ସମ୍ମିଳନୀରେ ସୁବ୍ରତୋ ବାଗ୍‌ଚୀ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ସମ୍ଭାବ୍ୟ କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣକୁ କିପରି ସଫଳ ଭାବେ ମୁକାବିଲା କରାଯାଇପାରିବ ସେନେଇ ରାଜ୍ୟ ସରକାର ପ୍ରତ୍ୟହ ଉଦ୍ୟମ ଜାରି ରଖିଛନ୍ତି। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ବିଷୟରେ କିପରି ସମ୍ପୂର୍ଣ୍ଣ ତଥ୍ୟ ରଖିହେବ ସେଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏହିକ୍ରମରେ ବାହାରୁ ଓଡ଼ିଶାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଫୋନ୍ ନମ୍ବର ଓ ଅନ୍‌ଲାଇନ୍ ପୋର୍ଟାଲ୍‌ରେ ଗତ ୨୪ଘଣ୍ଟା ମଧ୍ୟରେ ୧୨୩୯ ଜଣ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ୧୦୪ ସହାୟତା ନମ୍ବର ଜରିଆରେ ୫୫୪ ଜଣ ଏବଂ 'covid19.odisha.gov.in' ୱେବ୍‌ସାଇଟ୍‌ରେ ୬୮୫ ଜଣ ପଞ୍ଜୀକରଣ କରିଛନ୍ତି। ଏପରିକି ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍‌ପଲାଇନ୍‌କୁ ୧୦ ହଜାରରୁ ଊର୍ଦ୍ଧ୍ୱ କଲ୍ ଆସିଛି। ଏହି କଲ୍ ସେଣ୍ଟରର କଳେବର ବୃଦ୍ଧି ସହ ଏହାକୁ ଅଧିକ ବ୍ୟାପକ କରିବାକୁ ସରକାର ଯୋଜନା କରିଛନ୍ତି। ସେଥିପାଇଁ ପୂର୍ତ୍ତ ବିଭାଗର ଶାସନ ସଚିବ କ୍ରିଷନ୍ କୁମାରଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ମଙ୍ଗଳବାର ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟିର ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ରାଜ୍ୟର ପ୍ରତ୍ୟେକ ଜିଲା ସଦର ମହକୁମାସ୍ଥିତ ଡାକ୍ତରଖାନା ଓ ମେଡିକାଲ୍ କଲେଜ୍-ହସ୍ପିଟାଲଗୁଡ଼ିକରେ ଆଇସୋଲେଶନ୍ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୪୦ଟି ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ରହିଛି। ଗ୍ରାମାଞ୍ଚଳରେ ପ୍ରତିଷେଧକ ବ୍ୟବସ୍ଥା ଭାବରେ ବ୍ଲକ୍‌ସ୍ତରରେ କ୍ୱାରାଣ୍ଟାଇନ୍‌ର ସୁବିଧା ନିମନ୍ତେ ଚିହ୍ନଟ ହୋଇଥିବା ସୁରକ୍ଷିତ ଗୃହଗୁଡ଼ିକ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରାଯାଇଥିବା ବାଗ୍‌ଚୀ କହିଛନ୍ତି।

### କରୋନା ଚିହ୍ନଟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଯୁବକ ଜଣଙ୍କ ଯେଉଁ ୧୨୯ଜଣଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ଠାବ କରାଯାଇସାରିଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୩୨ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ୩୧ଜଣଙ୍କୁ ନମୁନା ନେଗେଟିଭ ଆସିଥିବା ବେଳେ ଜଣଙ୍କର କରୋନା ପଜିଟିଭ୍ ଆସିଛି। ଖବରଦାତା ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ସଚିବ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ହସ୍ପିଟାଲରେ କରୋନା କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ

କରୋନା ମୁକାବିଲା ପାଇଁ ଘରୋଇ ହସ୍ପିଟାଲକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଘରୋଇ ଚିକିତ୍ସାଳୟଗୁଡ଼ିକରେ କରୋନା କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଆବଶ୍ୟକ ପ୍ରୋଟୋକଲ୍ ପାଳନ ସହ ଅନାବଶ୍ୟକଭାବେ ଲୋକଙ୍କ ଯିବାଆସିବା ଉପରେ କଟକଣା ଲଗାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ବ୍ୟାଙ୍କଗୁଡ଼ିକରେ ଗହଳି କମାଇବାକୁ କୁହାଯାଇଛି। ସେହିପରି ନିୟମିତ ଭାବରେ ବ୍ୟାଙ୍କ ଓ ଏଟିଏମ୍‌ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେବା ସହ ହ୍ୟାଣ୍ଡ୍ ସାନିଟାଇଜର ରଖିବାକୁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନତା କରିବା ପାଇଁ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୧୯ରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତିସ୍ତରରେ ୨୦ ଏବଂ ଜିଲା ପରିଷଦ ପାଇଁ ୨୧ ତାରିଖ ତିନିଦିନ ଧରି ସଚେତନତା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଭୂମିକା ସମ୍ପର୍କରେ ସେମାନଙ୍କୁ ସମ୍ପୂର୍ଣ୍ଣ ଅବଗତ କରାଯିବ। ବୟସ୍କ ଲୋକମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଘରେ ବିନା ବାୟୋମେଟ୍ରିକ୍‌ରେ ମଧ୍ୟ ରାଶନ୍ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।

### ଆଶ୍ରମ ସ୍କୁଲ ଛାତ୍ରାବାସ ଉପରେ ସ୍ୱତନ୍ତ୍ର ନିରୀକ୍ଷଣ

ଅନ୍ୟପଟେ ରାଜ୍ୟରେ ଆଶ୍ରମ ସ୍କୁଲଗୁଡ଼ିକର ଛାତ୍ରାବାସରେ ଥିବା ଅନ୍ତେବାସୀଙ୍କୁ ରାଜ୍ୟ ସରକାର ସ୍ୱତନ୍ତ୍ର ନିରୀକ୍ଷଣରେ ରଖିଥିବା କହିଛନ୍ତି। ବର୍ତ୍ତମାନ ରାଜ୍ୟର ସମସ୍ତ ଆଶ୍ରମ ସ୍କୁଲରେ ମୋଟ ୫ ଲକ୍ଷ ୭୫ ହଜାର ଅନ୍ତେବାସୀ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। କରୋନା ସମ୍ପର୍କରେ ସେମାନଙ୍କୁ ସଚେତନତା କରାଯିବ। ଯଦି ପରିସ୍ଥିତିରେ କିଛି ପରିବର୍ତ୍ତନ ହୁଏ ତେବେ ଆବଶ୍ୟକ ପଡ଼ିଲେ ଅନ୍ୟତ୍ର ପଠାଇବା ପାଇଁ ଯୋଜନା କରାଯିବ।

## ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by: Apollo HOSPITALS BHUBANESWAR

**ଜରାୟୁ ଗ୍ରୀବା କର୍କଟର ଆଶଙ୍କାଗତ ଦିଗଗୁଡ଼ିକ କ'ଣ?**

**ଧୂମପାନ**

ଧୂମପାନ କରୁ ନ ଥିବା ମହିଳାଙ୍କ ତୁଳନାରେ ଧୂମପାନ କରୁଥିବା ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟ ହେବାର ସମ୍ଭାବନା ଦୁଇଗୁଣ ଅଧିକ ଥାଏ। ଗବେଷଣାରୁ ଜଣାପଡ଼େ ଯେ ସିଗାରେଟ୍ ଜରାୟୁ ଗ୍ରୀବାର କୋଷିକାଗୁଡ଼ିକୁ କ୍ଷତିଗ୍ରସ୍ତ କରି କର୍କଟ ରୋଗର କାରଣ ସାଜିପାରେ। ଧୂମପାନ ରୋଗ ପ୍ରତିରୋଧକ କ୍ଷମତାକୁ ମଧ୍ୟ ଦୁର୍ବଳ କରିଦେଇଥାଏ, ଯାହା କାରଣରୁ ଏଚ୍‌ପିଭି ଇନ୍‌ଫେକ୍‌ସନ୍ ସହ ଲଢ଼ିବା ଆହୁରି କଷ୍ଟକର ହୋଇଯାଏ।

**ବୟସ**

୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ସମ୍ଭାବନା ଅଧିକ ରହିଥାଏ।

**ଜରାୟୁ ଗ୍ରୀବା କର୍କଟର ଅନ୍ୟାନ୍ୟ ଆଶଙ୍କାଗତ ଦିଗଗୁଡ଼ିକ ହେଲା:**

ପୂର୍ବରୁ ଜରାୟୁ ଗ୍ରୀବା କର୍କଟ ଅଥବା ଅସ୍ୱାଭାବିକ କୋଷିକା ପାଇଁ ଚିକିତ୍ସା ହାସଲ କରିବା

ପାଞ୍ଚବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଜନ୍ମ ନିୟନ୍ତ୍ରଣ ବଟିକା ବ୍ୟବହାର କରିବା

ଏକାଧିକ ବ୍ୟକ୍ତିଙ୍କ ସହ ଯୌନ ସମ୍ପର୍କ

ଏଡ୍‌ସ ରୋଗ ସୃଷ୍ଟି କରୁଥିବା ଏଚ୍‌ଆଇଭି ଭୂତାଣୁ କିମ୍ବା ସଂକ୍ରମଣ ସହ ଲଢ଼ିବାରେ ଶରୀର ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅନ୍ୟ କୌଣସି ସ୍ୱାସ୍ଥ୍ୟାବସ୍ଥା।




**ମୋ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା ପାଇଁ ମୁଁ କ'ଣ କରିପାରିବି?**

କେତେକ ଆଶଙ୍କାଗତ ଦିଗ, ଯେପରିକି ବୟସ ନିୟନ୍ତ୍ରଣାଧୀନ ନୁହେଁ, କିନ୍ତୁ ଅନ୍ୟାନ୍ୟ କାରକଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ। ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତିରୋଧ କରିବା ପାଇଁ କେତୋଟି ଉପାୟ ହେଲା:

**ଟିକାକରଣ**

ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା କର୍କଟ ସୃଷ୍ଟି କରୁଥିବା ଅଧିକାଂଶ ପ୍ରକାରର ଏଚ୍‌ପିଭି ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ। ମହିଳାଙ୍କ କ୍ଷେତ୍ରରେ ଏଚ୍‌ପିଭି ଟିକା ଜରାୟୁ ଗ୍ରୀବା, ଯୋନି ଓ ଯୋନିମୁଖ କର୍କଟର ପ୍ରତିରୋଧରେ ସହାୟକ ହୋଇଥାଏ। ଏହା ମଳଦ୍ୱାର, ମୁଖ ଓ ଗଳା କର୍କଟ ବିରୁଦ୍ଧରେ ମଧ୍ୟ ସୁରକ୍ଷା ଯୋଗାଇଥାଏ।

**ସ୍କ୍ରିନିଂ**

ନିୟମିତ ସ୍କ୍ରିନିଂ ପରୀକ୍ଷା ଦ୍ୱାରା ସଅଳ ଚିହ୍ନଟ ହେଲେ ଜରାୟୁ ଗ୍ରୀବା କର୍କଟର ପ୍ରତିରୋଧ କରାଯାଇପାରିବ।

ଜରାୟୁ ଗ୍ରୀବା କର୍କଟ ସ୍କ୍ରିନିଂ ପାଇଁ ନିୟମିତ ଭାବେ ନିଜର ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସହ ଦେଖା କରନ୍ତୁ। ଆପଣଙ୍କର ସ୍କ୍ରିନିଂ ଫଳାଫଳ ସ୍ୱାଭାବିକ ନ ଥିଲେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ପରାମର୍ଶ କରନ୍ତୁ।

(କ୍ରମଶଃ...)

**ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,**
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
**ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର**
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

# ବୟସ ଅଟକାଇଲା ବିବାହ

ଝାରସୁଗୁଡା, ୧୭।୩ (ଡି.ଏନ.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗରସ୍ଥିତ ଚଣ୍ଡି ମନ୍ଦିରରେ ମଙ୍ଗଳବାର ହେଉଥିବା ଏକ ବିବାହକୁ ଝାରସୁଗୁଡା ଚାଇଲ୍ଡ ଲାଇନ ରୋକିଛି। ଝାରସୁଗୁଡା ଚାଇଲ୍ଡ ଲାଇନ ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ ଓ ବ୍ରଜରାଜନଗର ପୋଲିସ ମନ୍ଦିରରେ ପହଞ୍ଚି ନାବାଳିକା, ନାବାଳକ ବରକନ୍ୟାଙ୍କୁ ଉଦ୍ଧାର କରିଥିଲେ। ପରିବାର ସହ ଉଭୟଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଛି। ନାବାଳିକା ଜଣକ ପଞ୍ଜାବର ହୋଇଥିବା ବେଳେ ଝାରସୁଗୁଡା ମଣ୍ଡଳିଆ ଗ୍ରାମର ନାବାଳକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ୧୦ ଦିନ ପୂର୍ବରୁ ନାବାଳକ ଜଣକ ତାଙ୍କୁ ପଞ୍ଜାବରୁ ଆଣି ଘରେ ରଖିଥିଲେ। ମଙ୍ଗଳବାର ବିବାହ କରିବା ପାଇଁ ଘର ଲୋକଙ୍କ ସହ ସମସ୍ତେ ଚଣ୍ଡି ମନ୍ଦିରକୁ ଆସିଥିଲେ। ଚାଇଲ୍ଡ ଲାଇନ ଏ ବିଷୟରେ ଖବର ପାଇ ସେଠାରେ ପହଞ୍ଚି ବିବାହକୁ ରୋକିଥିଲା। ଚାଇଲ୍ଡଲାଇନ ସଂଯୋଜକ ଆଶିଷ ପଣ୍ଡା ନାବାଳକଙ୍କ ବାପା, ମା'ଙ୍କୁ ବାଲ୍ୟ ବିବାହ ଆଇନ ଓ ବାଲ୍ୟ ବିବାହର ପରିଣାମ ବିଷୟରେ ଅବଗତ କରାଇଛନ୍ତି। ବିବାହଯୋଗ୍ୟ ବୟସ ନ ହେବାଯାଏ ଉଭୟଙ୍କୁ ବିବାହ ନ କରାଇବା ପାଇଁ ପରାମର୍ଶ ଦିଆଯାଇଛି।

# କ୍ରାଲ୍‌ରେ ରହିବ 'ରାକେଶ' : କପିଳାସ ଜୁ'ରେ ପ୍ରଥମ

**ଢେଙ୍କାନାଳ ଅଫିସ, ୧୭।୩:** ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର ପରିସରରେ ବନ୍ଦୀ ଜୀବନ କାଟୁଥିବା ନରହନ୍ତା ଦନ୍ତା 'ରାକେଶ'କୁ କ୍ରାଲ (କାଠବାଡ଼)ରେ ଆବଦ୍ଧ କରି ରଖିବାକୁ ଯୋଜନା କରୁଛି ବନ ବିଭାଗ। କ୍ରାଲରେ ରହିବା ପରେ ହାତୀ ଶୃଙ୍ଖଳ ମୁକ୍ତ ହୋଇପାରିବ। ଏହା ଫଳରେ ଶିକୁଳି ଯୋଗୁ ଦନ୍ତା ଗୋଡ଼ରେ ସୃଷ୍ଟି ହୋଇଥିବା କ୍ଷତ ଶୁଖିବାରେ ସହାୟକ ହେବ ବୋଲି ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କପିଳାସ ଚିଡ଼ିଆଖାନା ଇତିହାସରେ ଏପରି ବ୍ୟବସ୍ଥା ପ୍ରଥମ ବୋଲି ଜଣାପଡ଼ିଛି। ପରଜଙ୍ଗ-ତାଳଚେର ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ୧୦ରୁ ଊର୍ଦ୍ଧ୍ୱ ଜୀବନ ନେଇଥିବା ଉକ୍ତ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଗତ ଜାନୁୟାରୀ ୨୨ରେ କପିଳାସ ଜୁ'କୁ ଅଣାଯାଇଥିଲା। ଉନ୍ମତ୍ତ ହାତୀକୁ ରେସ୍କ୍ୟୁ ସେଣ୍ଟର ପରିସରରେ ଥିବା ଏକ ଖୋଲା ମଣ୍ଡପ ଚାରିପଟେ ଟ୍ରେଞ୍ଚ ଖୋଳାଯାଇ ରଖାଯାଇଛି।

# ୨ ସପ୍ତାହରେ ୨ କମ୍ପାନୀର ଶୁଭ କାର୍ଯ୍ୟକ୍ରମ ସ୍ଥଗିତ



ଡାର୍ସେଲ ଲଜିଷ୍ଟିକ ହବ୍‌କୁ ଜମି ହସ୍ତାନ୍ତର ସହ ଶୁଭକାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

- ଡାର୍ସେଲ ଲଜିଷ୍ଟିକ ହବ୍‌କୁ ବିରୋଧ କଲେ ଯଖପୁରା ଗ୍ରାମବାସୀ
- ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା, ଶିଳ୍ପ ଉପରେ ତୁଟୁଛି ମୋହ

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୭।୩

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୨ ସପ୍ତାହ ମଧ୍ୟରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ୨ କାରଖାନା ଶୁଭ ଦେଇ ନ ପାରି ଫେରିଯାଇଛି। ଗତ ୭ ତାରିଖରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ପାର୍କ ନିକଟରେ କେସିକା ମେଟାଲିକ୍ସ ଲିମିଟେଡର ଗ୍ରାଉଣ୍ଡ ବ୍ରେକିଂ ହୋଇପାରି ନଥିଲାବେଳେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ଡାର୍ସେଲ ଲଜିଷ୍ଟିକ ହବ୍‌କୁ ଜମି ହସ୍ତାନ୍ତର ସହ ଶୁଭକାର୍ଯ୍ୟ ସ୍ଥଗିତ ରହିଛି। ଦାନଗଦି ତହସିଲ ଅଧୀନ ୧୦ ଏକର ଜମିରେ ହେବାକୁ ଥିବା ଡାର୍ସେଲ କମ୍ପାନୀକୁ ସ୍ଥାନୀୟ ଯଖପୁରା ଗ୍ରାମବାସୀ ଗୋଚର ଓ ଖେଳପଡିଆ ପାଇଁ ଉଦ୍ଦିଷ୍ଟ ଜମିକୁ ଆଦୌ ହସ୍ତାନ୍ତର କରାଯିବ ନାହିଁ ବୋଲି କହି ବିରୋଧ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାବାଦ୍ ଯେତେ ଶିଳ୍ପ କମ୍ପାନୀ ଆସୁଥିଲେ ହେଁ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରୁଥିବାରୁ ଶିଳ୍ପ ପ୍ରତି ଲୋକଙ୍କ ମୋହ ତୁଟୁଥିବା ଏଥିରୁ ସ୍ପଷ୍ଟ ମନେହୋଇଛି। ତେବେ କରୋନା ଭୂତାଣୁ ମୁକାବିଲା ପାଇଁ ଜିଲାସାରା ୧୪୪ ଧାରା ଜାରି ହୋଇଥିବାବେଳେ ଦାନଗଦି ତହସିଲ ପକ୍ଷରୁ ଜମି ମାପଚୁପ ତଥା ଶୁଭକାର୍ଯ୍ୟ କରାଯିବା ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ଶିଳ୍ପ କାରଖାନା ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଉଥିବାରୁ ଶିଳ୍ପ ଓ ଖଣିସଂସ୍ଥାଗୁଡିକ ଉପରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ନିଯୁକ୍ତି ଆଶା କ୍ରମଶଃ ମଉଳି ଯାଇଥିବାରୁ ଶିଳ୍ପ ପ୍ରତି ଲୋକଙ୍କ ମୋହ ତୁଟିବାରେ ଲାଗିଛି। ନବେ ଦଶକରେ ଯେଉଁ ପରିମାଣରେ ଲୋକେ ଶିଳ୍ପକୁ ସ୍ୱାଗତ କରିଥିଲେ ସେଭଳି ପରିସ୍ଥିତି ଆଉ ଦେଖିବାକୁ ମିଳୁନାହିଁ। କେସିକା ସିମେଣ୍ଟ ଓ ଡାର୍ସେଲ ହବ କମ୍ପାନୀ ଉପରେ ଲୋକଙ୍କ ବିଦ୍ରୋହରୁ ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି। ଶିଳ୍ପ ସ୍ଥାନୀୟ ଗରିବ ଲୋକଙ୍କ ପାଇଁ ନୁହେଁ, ବରଂ ଧନୀ, ଦଲାଲ ଓ ରାଜ୍ୟ ବାହାରର ବିଭିନ୍ନ ଠିକାସଂସ୍ଥାଙ୍କର, କଳିଙ୍ଗନଗରରେ ବହୁତ ଶିଳ୍ପ ହେଲା, ଆଉ ଶିଳ୍ପର ଆବଶ୍ୟକତା ନାହିଁ ବୋଲି ନାରା ଶୁଣିବାକୁ ମିଳିଛି।

ଯାଜପୁର ଜିଲା କଳିଙ୍ଗନଗର ଏକ ବୃହତ୍ ଶିଳ୍ପ ହବ୍ ଭାବେ ପରିଗଣିତ ହେବ ବୋଲି ରାଜ୍ୟ ସରକାର ବିଭିନ୍ନ ସମୟରେ ନିଷ୍ପତ୍ତି ନେଉଛନ୍ତି। ଏଥିପାଇଁ ରାଜ୍ୟ ତଥା ଦେଶ ବାହାରୁ ଡାଉନଷ୍ଟ୍ରିମ ଶିଳ୍ପଗୁଡିକ ଆକର୍ଷିତ ହେଉଛନ୍ତି। ଏହିକ୍ରମରେ ଗତ ୭ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଅନୁସାରେ ୯ମ ପର୍ଯ୍ୟାୟରେ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ କେସିକା ମେଟାଲିକ୍ସ ଲିଃକୁ ବିରୋଧ କରାଯାଇଥିଲା। ସ୍ଥାନୀୟ ନେତା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦେଣନେଣ ନ ଛିଡିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ କାର୍ଯ୍ୟ ସମ୍ପନ୍ନ ହୋଇ ପାରି ନ ଥିବା ସେତେବେଳେ ଆଲୋଚନା ହୋଇଥିଲା। କିନ୍ତୁ ଡାର୍ସେଲ କମ୍ପାନୀକୁ ବିରୋଧ କରିବା ପଛରେ ଅନ୍ୟସବୁ କାରଣ ରହିଛି ବୋଲି କୁହାଯାଉଛି। ସ୍ଥାନୀୟ ଲୋକଙ୍କ ମଶାଣି, ଖେଳପଡ଼ିଆ ଓ ଗୋଚର ଜମିକୁ କମ୍ପାନୀ ହାତକୁ ଟେକି ଦିଆଯିବ ନାହିଁ ବୋଲି ପ୍ରଭାବିତ ଲୋକ ଅଟଳ ରହିଥିଲେ। ପ୍ରସ୍ତାବିତ ଡାର୍ସେଲ କମ୍ପାନୀ ଜମି ପାର୍ଶ୍ୱରେ ସାଇଜର ଲଜିଷ୍ଟିକ ପାର୍କ ନିର୍ମାଣ ଚାଲିଛି। ଜଙ୍ଗଲ ଜମିରେ ଏହି କମ୍ପାନୀ ନିର୍ମାଣ ଚାଲିଥିବା ଅଭିଯୋଗ କରି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୪୨/୨୦୧୯ (ଇଜେଡ) ନମ୍ବରରେ ଏକ ମାମଲା ରୁଜୁ ହୋଇଛି, ଯାହାକି ବିଚାରାଧୀନ ରହିଛି। ଏ ସଂକ୍ରାନ୍ତରେ ଦାନଗଦି ତହସିଲର ଅତିରିକ୍ତ ତହସିଲଦାର ନାରାୟଣ ଦୀକ୍ଷିତଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ମାପଚୁପ କରି ଡାର୍ସେଲ କମ୍ପାନୀକୁ ହସ୍ତାନ୍ତର କରିବାକୁ କାର୍ଯ୍ୟକ୍ରମ ଥିଲା। ତେବେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ମାର୍ଚ୍ଚ, ୨୦୨୦



“ କର୍ମରେ ହିଁ ତୁମର ଅଧିକାର ; କିନ୍ତୁ କର୍ମ ଫଳରେ ନୁହେଁ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ପୁରୀ କେନାଲରେ ଭାସିଯାଇ ଜଣେ ନିଖୋଜ

ବାଲକାଟୀ,୧୭।୩(ଡି.ଏନ୍.ଏ.): ବାଲକାଟୀ ଫାଣ୍ଡି ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲରେ ମଙ୍ଗଳବାର ଜଣେ ବ୍ୟକ୍ତି ଭାସିଯାଇ ନିଖୋଜ ଥିବା ଜଣାପଡ଼ିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ମୁଦୁଲି ସାହିର ନାଲୁ ମୁଦୁଲି(୫୦)। ସୂଚନା ଅନୁଯାୟୀ, ନାଲୁ ପୂର୍ବାହ୍ନ ପ୍ରାୟ ୮ଟାରେ ଶୌଚ ହେବା ପାଇଁ ପୁରୀ ମୁଖ୍ୟ କେନାଲକୁ ଯାଇଥିଲେ। ଘରକୁ ଫେରିବାରେ ନାଲୁଙ୍କ ଡେରି ହେବାରୁ ପରିବାର ସଦସ୍ୟ କେନାଲ ନିକଟକୁ ଯାଇଥିଲେ। ନାଲୁଙ୍କ ସାଇକେଲ ଓ ଚପଲ କେନାଲ ପାର୍ଶ୍ୱରେ ଥିବା ବେଳେ ତାଙ୍କୁ ପାଇ ନ ଥିଲେ। ଖବରପାଇ ସ୍ଥାନୀୟ ଫାଣ୍ଡି ପୋଲିସ ଓ ବାଲିଅନ୍ତା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ବେଳକୁ ତାଙ୍କର ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ସଦସ୍ୟ ନାଲୁଙ୍କ ନିଖୋଜ ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା

ବାଲିପାଟଣା,୧୭।୩(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରିପୁର ପଞ୍ଚାୟତର ବଦଳା କଳାମାଟି ଗ୍ରାମରେ ଅଗ୍ନିକାଣ୍ଡ ଘଟି ତ୍ରିନାଥ ବେହେରାଙ୍କ ୨ ବଖରା ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ଜଳିଯାଇଛି। ଖବରପାଇ ବାଲିପାଟଣା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ନରୋଦା ଆର୍‌ଆଇ ପହଞ୍ଚି ତଦନ୍ତ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୩ (ବ୍ୟୁରୋ): ସରକାରୀ ଜାଗାରେ ସୀମା ବିବାଦକୁ ନେଇ ଶତ୍ରୁତା, ହତ୍ୟା ଧମକ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ୟୁନିଟ ୮ ନାରାୟଣୀ ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଓଡ଼ଗାଁ ର ପ୍ରଦୀପ ନାୟକ(୪୦)। ସୂଚନା ମୁତାବକ ସରକାରୀ ଜାଗାରେ ଘରର ସୀମାକୁ ନେଇ ପଡ଼ୋଶୀ ଭୀମ ନାୟକଙ୍କ ସହ ପ୍ରଦୀପଙ୍କର ପୂର୍ବରୁ ଝଗଡ଼ା ଲାଗିରହିଥିଲା। ଗତ ସୋମବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ବଚସା ଉଗ୍ରରୂପ ଧାରଣ କରିଥିଲା। ଭୀମଙ୍କୁ ତାଙ୍କ ଘର ଭିତରେ ବନ୍ଦ କରି ପ୍ରଦୀପ ମରଣାନ୍ତକ ଆକ୍ରମଣ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଭୀମ ଅଭିଯୋଗ କରିବା ପରେ ପୋଲିସ ୧୨୫/୨୦ନମ୍ବରରେ ମାମଲା ରୁଜୁ କରି ପ୍ରଦୀପଙ୍କୁ କୋର୍ଟ ଚାଲାଣ କରିଛି।

### ଶ୍ରୀକ୍ଷେତ୍ର ସାହିଯାତ ନୀତି ହେବ, ଯାତ ବାହାରିବନି

ପୁରୀ ଅଫିସ,୧୭।୩: କରୋନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଲଗାଯାଉଛି। ଏପରି କି ଅନେକ ମନ୍ଦିର, ଧାର୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଘଟୁଛି। ଏଥିପାଇଁ ଶ୍ରୀକ୍ଷେତ୍ରର ନିଆରା ପରମ୍ପରା ସାହିଯାତ କାର୍ଯ୍ୟକ୍ରମକୁ ଏଥର କାଣ୍ଟଛାଣ୍ଟ କରାଯାଇଛି। ଚଳିତବର୍ଷ ସାହିଯାତରେ ମନ୍ଦିର ନୀତି ସମ୍ପୃକ୍ତ କାର୍ଯ୍ୟକ୍ରମ କରାଯିବ। କିନ୍ତୁ କୌଣସି ସାହିରୁ ମେଢ଼ା, ନାଗା ଆଦି ଧରି ଯେଉଁ ଯାତ ବାହାରୁଥିଲା ତାହା ବାହାରିବନି। ଦକ୍ଷିଣକାଳୀ ମନ୍ଦିରରେ ସାତସାହି ଆଖଡ଼ାର ମୁରବିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ପ୍ରାଣଘାତୀ କରୋନା କବଳରୁ ବିଶ୍ୱରୁ ରକ୍ଷା ନିମନ୍ତେ ବିଶ୍ୱ କଲ୍ୟାଣ ଯଜ୍ଞ କରାଯିବାକୁ ପ୍ରସ୍ତାବ ରହିଛି। ଆସନ୍ତା ଗୁରୁବାର ବାରବାଟୀ ଜାଗାରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ବସି ଯଜ୍ଞ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଶ୍ରୀକୃଷ୍ଣଲୀଳା ଏବଂ ଶ୍ରୀରାମଲୀଳା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀମନ୍ଦିରରେ ଚୈତ୍ରମାସ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଲୀଳା ପାଳନ ହୋଇଥାଏ। ଏହା ଶ୍ରୀକ୍ଷେତ୍ରରେ ସାହିଯାତ ଭାବେ ପାଳନ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ସାହିଯାତର ସମନ୍ୱୟ ରହିଛି। ଆସନ୍ତା ମାସ ୨ତାରିଖରେ ଶ୍ରୀରାମ ନବମୀ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଶ୍ରୀରାମ ଲୀଳା ତଥା ସାହିଯାତ। ଏଥିରେ ସାମିଲ ହେବେ ଶ୍ରୀକ୍ଷେତ୍ରର ସାତ ସାହି ଆଖଡ଼ା।

# ସତର୍କତା, ସଚେତନତା ନେଇ ବିଏମ୍‌ସିର ଚଢ଼ାଉ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କରୋନା ସଂକ୍ରମଣକୁ ଏଡାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବ୍ୟାପକ ସଚେତନତା କରୁଛି। ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଖାଦ୍ୟ ଦୋକାନ, ରେଷ୍ଟୁରାଣ୍ଟ ଓ ଡ୍ୟାନ୍ସ ବାର, କର୍ପୋରେଟ୍ ସେକ୍ଟର ପାଇଁ ଏସ୍‌ଓପି ଜାରି କରିଛି। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ର (ଏକ୍ସଏକ୍ସଆଇଆଇ) ଚ୍ୟାପ୍ଟର ଅଧୀନ ୫୮୩ ଓ ୫୯୯ ଧାରାରେ ଏହି ଏସ୍‌ଓପି ଜାରି କରାଯାଇଥିବା ବେଳେ ଉକ୍ତ ଏସ୍‌ଓପିକୁ ନାଗରିକ ତଥା ଅନୁଷ୍ଠାନମାନେ ପାଳନ କରୁଛନ୍ତି କି ନାହିଁ ତାର ତଦାରଖ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ଓପି ପାଳନ କରୁଥିବା ନାଗରିକ ତଥା ବ୍ୟବସାୟୀ ଓ ଅନୁଷ୍ଠାନଗୁଡ଼ିକୁ ତଦାରଖ କରିବାସହ ସଚେତନ କରାଯାଇଛି। କିଛି ସ୍ଥାନରେ ବ୍ୟବସାୟୀମାନେ ଏସ୍‌ଓପିକୁ ମାନୁ ନଥିବା ପରିଲକ୍ଷିତ ହୋଇଥିବାବେଳେ ପ୍ରଥମ ଥର ପାଇଁ ସେମାନଙ୍କୁ ବୁଝାଯାଇଛି। ପୁର୍ନବାର ଯଦି ସେମାନେ ସଚେତନ ନ ହେବା ସହ ଏସ୍‌ଓପି ନ ମାନନ୍ତି ତେବେ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଅବନୀକାନ୍ତ ପଟ୍ଟନାୟକ, ହରିଶଚନ୍ଦ୍ର ନାୟକ ମଙ୍ଗଳବାର ସହରର ବିଭିନ୍ନ ଜୋନ ବୁଲିବା ସହ ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଖାଦ୍ୟ ଦୋକାନ, ରେଷ୍ଟୁରାଣ୍ଟ ଓ ଡ୍ୟାନ୍ସ ବାର, କର୍ପୋରେଟ୍ ସେକ୍ଟର ଆଦି ଅଞ୍ଚଳରେ ଯାଞ୍ଚ କରିଥିଲେ।



ବିଏମ୍‌ସି ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକ ଏକ ହୋଟେଲରେ ଚଢ଼ାଉ କରୁଛନ୍ତି।

**ପ୍ରାଥମିକ ପର୍ଯ୍ୟାୟରେ ବୁଝାଇଲେ, ଆଗକୁ କାର୍ଯ୍ୟାନୁଷ୍ଠାନ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ଘରେ ଢିଙ୍କି !**
**ନା ଚାଉଳ ଖାଏ ଫୁଙ୍କି ।**

ଯାହା ଘରେ ଧାନ ଥାଏ, ସେ କୁଟି ଚାଉଳ କରିବା ପାଇଁ ଢିଙ୍କି ରଖେ। ସାଧାରଣତଃ ଯୋଗୀ ଭିକ୍ଷା ମାଗି ଚଳିଥାଏ। ଢିଙ୍କିରେ ତାର କୌଣସି ପ୍ରୟୋଜନ ରହୁ ନ ଥିବା ସ୍ଥଳେ ତା' ଘରେ ଢିଙ୍କି ଖୋଜିଲେ ମିଳି ନ ଥାଏ। ଯେଉଁଠି ଯାହା ଆଶା କରିବା କଥା ନୁହଁ, ତାହା ସେଠି ଆଶା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାକୁ କଲି ଆପଣାର,**
**ସେ ପୁଣି ହେଲା ସାତ ପର ।**

ଯାହା ପ୍ରତି ମନରେ ଭଲପାଇବା, ସ୍ନେହ, ଆଦର ତଥା ଦରଦଭାବ ରହିଥାଏ, ତା'ପ୍ରତି ମନରେ ଏକ ପ୍ରକାରର ଦୁର୍ବଳତା ଆସିଯାଇଥାଏ। ଏପରିସ୍ଥଳେ ଉକ୍ତ ଆତ୍ମୀୟର ରୁକ୍ଷ ବ୍ୟବହାର ତଥା ହତାଦର ଭାବ ଭଲପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଭଲପାଇବା ପ୍ରତିଦାନରେ ଯଦି ସେଭଳି ଭାବ ଓ ସଦିଚ୍ଛା ନ ମିଳେ, ତା'ହେଲେ ମନରେ କଷ୍ଟଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସୁନା ରୁପା ନାହିଁ: ମିଳିଲା ୭୨, ୫୩୭ ଟଙ୍କା

**୨ୟ ଦିନରେ ବି ଶ୍ରୀମନ୍ଦିର ହୁଣ୍ଡିରେ କରୋନା ପ୍ରଭାବ**

ପୁରୀ ଅଫିସ,୧୭।୩

କରୋନା କଟକଣାର ଦ୍ୱିତୀୟ ଦିନରେ ବି ଶ୍ରୀମନ୍ଦିର ହୁଣ୍ଡି ଉପରେ ଏହାର ପ୍ରଭାବ ପଡ଼ିଛି। ମଙ୍ଗଳବାର ହୁଣ୍ଡି ଅର୍ଥ ଲକ୍ଷେ ଟଙ୍କା ଟପି ନ ଥିବାବେଳେ ସୁନା, ରୁପା ଆଦୌ ବାହାରିନାହିଁ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକଧାରୀ ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ, ସୁନା ଓ ରୁପା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଗଣତି କରାଯାଏ। ଯେଉଁ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ପ୍ରକାଶ କରିଥାଏ। ସାଧାରଣ ଦିନରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ୪/୫ଲକ୍ଷ ଟଙ୍କା ସମେତ ସୁନା, ରୁପା ବାହାରିଥାଏ। ହେଲେ ସୋମବାର ଭଳି ମଙ୍ଗଳବାର ହୁଣ୍ଡିରେ ଆଦୌ ସୁନା ଓ ରୁପା ପଡ଼ି ନ ଥିବାବେଳେ ମାତ୍ର ୭୨ହଜାର ୫୩୭ ଟଙ୍କା ବାହାରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜଳୁଛି ଜଙ୍ଗଲ, ବିପଦରେ ବନ୍ୟପ୍ରାଣୀ

ବ୍ରହ୍ମଗିରି,୧୭।୩(ଡି.ଏନ.ଏ)

ବ୍ରହ୍ମଗିରି ରେଞ୍ଜ ଅଧୀନ ଶିପସରୁବାଲି ୧୨ନମ୍ବର ପ୍ଲଟରେ ଥିବା ଜଙ୍ଗଲ ଦୁଇଦିନ ହେଲା ଜଳୁଛି। ଏପର୍ଯ୍ୟନ୍ତ ବନବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଫଳରେ ଏହି ୫୦ ଏକର ଜଙ୍ଗଲ ସମେତ ଏଥିରେ ଥିବା ବନ୍ୟପ୍ରାଣୀ ବିପଦରେ ରହିଛନ୍ତି।ସୂଚନା ଅନୁଯାୟୀ, ସୋମବାର ଏହି ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିଲା। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ ବିଭାଗ ରାତିରେ ପହଞ୍ଚିଥିଲେ ମଧ୍ୟ ରାସ୍ତା ସମସ୍ୟା ଯୋଗୁ ଘଟଣାସ୍ଥଳକୁ ଯାଇପାରି ନ ଥିଲା। ମଙ୍ଗଳବାର ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ଗାଡ଼ି ଓ ପାଣି ଟ୍ୟାଙ୍କର ଯିବା ପାଇଁ ରାସ୍ତା ନ ଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। ଫଳରେ ନିଆଁ ବ୍ୟାପିବାକୁ ଲାଗିଛି । ନିଆଁକୁ ତୁରନ୍ତ ଆୟତ୍ତ କରା ନ ଗଲେ ଉକ୍ତ ଜଙ୍ଗଲରେ ରହିଥିବା ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଉପକୂଳୀୟ ଜମି ଜଙ୍ଗଲ ସମିତିର ଆବାହକ ବଟକୃଷ୍ଣ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ ମହାପାତ୍ରଙ୍କୁ ପଚାରିବାରେ ନିଆଁକୁ ଆୟତ୍ତ କରିବା ପାଇଁ ଆମ କର୍ମଚାରୀ ଜୋରଦାର ଉଦ୍ୟମ ଚଳାଇଥିବା କହିଛନ୍ତି।

**ଆୟତ୍ତ କରିପାରିନି ବନ ବିଭାଗ**

# ଶ୍ରୀଲିଙ୍ଗରାଜ ସମେତ ଅନ୍ୟ ମନ୍ଦିରକୁ ବନ୍ଦ ପାଇଁ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର,୧୭।୩ (ଡି.ଏନ.ଏ.)

ସମଗ୍ର ବିଶ୍ୱ କରୋନା ଭୂତାଣୁ ସହ ଲଢ଼ିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କତା ଆଧାରରେ ପ୍ରତିଟି ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥିବା ମନ୍ଦିରଗୁଡିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଏଏସ୍‌ଆଇ ପକ୍ଷରୁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନରେ ଜନଗହଳିକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ମନ୍ଦିର ମାଳିନୀ ଭୁବନେଶ୍ୱରରେ ଚୁଡ଼ଙ୍ଗଗଡ଼, ଶିଶୁପାଳଗଡ଼, ଶାନ୍ତିସ୍ତୂପ ଧଉଳି, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ପ୍ରାୟ ୨୨ଟି ଐତିହ୍ୟସ୍ଥଳରେ ବନ୍ଦ ପାଇଁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଯେଉଁ ମନ୍ଦିରଗୁଡ଼ିକରେ ଚଳନ୍ତି ପ୍ରତିମା ଥାଇ ପୂଜାର୍ଚ୍ଚନା ଚାଲିଛି ସେସବୁ ମନ୍ଦିରଗୁଡ଼ିକ ସକାଳ ୮ଟାରୁ ୯ଟା ଭିତରେ ପୂଜା ଶେଷ କରି ମନ୍ଦିର ପହଡ଼ ପକାଇବାକୁ ଏଏସ୍‌ଆଇ ପକ୍ଷରୁ ସେବାୟତମାନଙ୍କୁ ତାଗିଦ୍ କରାଯାଉଛି। ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କୁ ସଚେତନ କରାଯାଇଛି। ମଙ୍ଗଳବାର ରାଜ୍ୟର ଅନ୍ୟତମ ତନ୍ତ୍ରପୀଠ ହୀରାପୁରଠାରେ ଥିବା ୬୪ ଯୋଗିନୀ ମନ୍ଦିର, ମେଘେଶ୍ୱର ମନ୍ଦିରରେ ଅଧିକାରୀମାନେ ପହଞ୍ଚି ସେବାୟତଙ୍କୁ ସଚେତନ କରିଥିଲେ। ଭୁବନେଶ୍ୱରର ବହୁ ମନ୍ଦିର ସ୍ଥଳରେ ମେଳା ମହୋତ୍ସବ ଲାଗି ବାରଣ କରାଯାଇଛି ବୋଲି ଏଏସ୍‌ଆଇ ସଂରକ୍ଷଣ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର କହିଛନ୍ତି।

# କରୋନା ଭୟ: ଭିତ୍ତିଭୂମି ସଜାଡୁଛି ଏସ୍‌ସିବି

କଟକ ଅଫିସ,୧୭।୩

ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ପାଇଁ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇଛି। ସନ୍ଦିଗ୍ଧ କିମ୍ବା ଆକ୍ରାନ୍ତ ରୋଗୀ ଆସିଲେ ସେମାନଙ୍କୁ କିଭଳି ସେବା ଯୋଗାଇ ଦିଆଯିବ ସେ ନେଇ ଚିନ୍ତା ବଢ଼ିଛି। କରୋନା ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦୦ ଶଯ୍ୟାବିଶିଷ୍ଟ ଆଇସୋଲେଶନ ୱାର୍ଡ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ସିବି ମେଡିକାଲ ଯକ୍ଷ୍ମା ଓ ଛାତି ରୋଗ ବିଭାଗର ନୂତନ ବିଲ୍ଡିଂରେ ଏହି ୱାର୍ଡ ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୧୦୦ ଶଯ୍ୟା ଖୋଲିବା ଲାଗି ଚାଲିଛି ଜୋରଦାର ପ୍ରୟାସ। ଏସ୍‌ସିବି ମେଡିକାଲରେ କରୋନା ମୁକାବିଲା ଲାଗି ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ନୋଡାଲ ଅଫିସର ଭାବେ ଛାତି ଓ କ୍ଷୟ୍ମା ରୋଗ ବିଭାଗୀର ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ, ସଦସ୍ୟ ଭାବେ ଭେଷଜ, ନିଶ୍ଚେତକ, କମ୍ୟୁନିଟି ଭେଷଜ, ଇଏନ୍‌ଟି ବିଭାଗର ମୁଖ୍ୟଙ୍କ ସହିତ ଜରୁରିକାଳୀନ ଅଧିକାରୀ ଏବଂ ଷ୍ଟୋର ଅଫିସର ରହିଛନ୍ତି।

**୧୦୦୦ ଶଯ୍ୟା ପାଇଁ ନିର୍ଦ୍ଦେଶ**

# ହୋର୍ଡିଂରେ ଖିଲାପକାରୀଙ୍କ ନାଁ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ବର୍ଷବର୍ଷ ଧରି ହୋଲଡିଂ ଟ୍ୟାକ୍ସ ଦେଇ ନ ଥିବା ୩୪୩ଜଣ ବଡ଼ ଖିଲାପକାରୀଙ୍କ ତାଲିକା ରାଜଧାନୀର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ହୋର୍ଡିଂରେ ଲଗାଯାଇଛି। ସେମାନଙ୍କ ନାମକୁ ସର୍ବ ସାଧାରଣରେ ପ୍ରକାଶ କରିବା ସହ ସେମାନେ ମୋଟ ୧୧ କୋଟି ଟଙ୍କାର ଟ୍ୟାକ୍ସ ବକେୟା ରଖିଥିବା ଭୁବନେଶ୍ୱର ମହାନଗର ନିଗମ ବିଏମ୍‌ସି ସୂଚନା ଦେଇଛି। ବର୍ଷ ବର୍ଷ ଧରି ଯେଉଁମାନେ ହୋଲ୍ଡିଂ ଟ୍ୟାକ୍ସ ଦେଇ ନାହାନ୍ତି ସେମାନଙ୍କ ନାମ ହୋର୍ଡିଂରେ ଉଲ୍ଲେଖ ରହିଛି ବୋଲି ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ଓ ୱାର୍ଡ ଅଫିସରମାନେ ଅନେକ ଚେଷ୍ଟା କରି ବକେୟା ଟଙ୍କା ଆଦାୟ କରିପାରୁ ନାହାନ୍ତି। ତେଣୁ ହୋର୍ଡିଂ ଜରିଆରେ ଖିଲାପକାରୀଙ୍କ ନାମ ଘୋଷଣା କରିବାକୁ ବିଏମ୍‌ସି ବାଧ ହୋଇଛି। ଟ୍ୟାକ୍ସ ବାବଦକୁ ବାକି ଥିବା ଟଙ୍କା ପଇଠ ନ କଲେ ଓଡିଆର୍ ଆଇନ ଅନୁଯାୟୀ ସେହି ଟଙ୍କା ଆଦାୟ ହେବ ବୋଲି ମଲ୍ଲିକ କହିଛନ୍ତି।

ଭୁବନେଶ୍ୱର ସହରର ପ୍ରମୁଖ ସ୍ଥାନ ବାଣୀବିହାର, ଜୟଦେବ ବିହାର, ଗଙ୍ଗନଗର, ମାଷ୍ଟରକ୍ୟାଣ୍ଟିନ୍ ଆଦି ସ୍ଥାନରେ ଟ୍ୟାକ୍ସ ଖିଲାପକାରୀଙ୍କ ନାମ ସହ ସମ୍ପୂର୍ଣ୍ଣ ତଥ୍ୟକୁ ବିଏମ୍‌ସି ଦ୍ୱାରା ଲଗାଯାଇଛି। ସ୍ମାର୍ଟ ସିଟିକୁ ଆହୁରି ସୁନ୍ଦର କରିବାକୁ ହେଲେ ସାଧାରଣ ଲୋକଙ୍କ ସହାୟତାର ଆବଶ୍ୟକ ରହିଛି। ଠିକ୍ ସମୟରେ ଟ୍ୟାକ୍ସ ଦେଇ ବିଏମ୍‌ସିକୁ ସାହାଯ୍ୟ କରିବାକୁ ପ୍ରତି ୱାର୍ଡ଼ରେ ସାଧାରଣ ଲୋକଙ୍କୁ କର୍ପୋରେଟରମାନେ ପୂର୍ବରୁ ସଚେତନ ମଧ୍ୟ କରାଉଥିଲେ। ତଥାପି କୋଟି କୋଟି ଟଙ୍କା ବାକି ପଡ଼ି ରହିଛି ବୋଲି ମଲ୍ଲିକ କହିଛନ୍ତି।




**୩୪୩ ଦେଇନାହାନ୍ତି ୧୧ କୋଟିର ହୋଲ୍ଡିଂ ଟ୍ୟାକ୍ସ**

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

BUSINESS

FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ASTROLOGY

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

MUDRA FINANCE
(Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଚେତନତା-ସତର୍କତା










୧ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ବଜରଙ୍ଗ ଭେଣ୍ଡିଂ ଜୋନ୍ ପକ୍ଷରୁ ସଚେତନତା ସୃଷ୍ଟି ଓ ଭେଣ୍ଡିଂ ଜୋନ୍ ପରିଷ୍କାର ପରିଚ୍ଛନ୍ନତା ପାଇଁ ଡଷ୍ଟବିନ ବଣ୍ଟନ କରାଯାଉଛି।

୨ ଭୁବନେଶ୍ୱର ଶହୀଦନଗରର ଯୁବକମାନେ କରୋନା ଭାଇରସ୍ ସଂକ୍ରମଣ ରୋକିବା ନେଇ ସଚେତନ କରିବା ସହ ମାଗଣାରେ ସାନିଟାଇଜର ବଣ୍ଟନ କରୁଛନ୍ତି।

୩ ଭୁବନେଶ୍ୱରରେ ଜଣେ ବ୍ୟକ୍ତି ବାଇକ୍‌ରେ ବୁଲି ସଚେତନତା ସୃଷ୍ଟି କରିବା ସହ ଲୋୟର ପିଏମ୍‌ଜିଠାରେ ମାସ୍କ ପିନ୍ଧାଇ ବୁଝାଉଛନ୍ତି।

# ଘରୋଇ ସିଟି ବସ୍, ମୋ ବସ୍‌ରେ କଟକଣା ଉଲ୍ଲଂଘନ

- ନିଆଯାଉଛି ସିଟ୍‌ଠାରୁ ଅଧିକ ଯାତ୍ରୀ
- ସଚେତନ ହେଉନାହାନ୍ତି କର୍ତ୍ତୃପକ୍ଷ
- ବିନା ମାସ୍କରେ ରହୁଛନ୍ତି ବସ୍ କର୍ମଚାରୀ

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଯଥାସମ୍ଭବ କରୋନା ଭାଇରସ ସଂକ୍ରମଣ ରୋକିବା ପାଇଁ ସରକାରୀ ଓ ଘରୋଇ ବସ୍ ପାଇଁ କଟକଣା ଜାରି କରାଯାଇଛି। ସିଟ୍‌ଠାରୁ ଅଧିକ ଯାତ୍ରୀ ନ ନେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିୟମ ଉଲ୍ଲଂଘନ ହେଲେ ବସ୍ କର୍ମଚାରୀ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଏ ନେଇ ଯାଞ୍ଚ କରିବେ। ସେହିଭଳି ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ହେଲେ ଉତ୍ତମ ସେବା ପାଇଁ ରାଜ୍ୟ ସରକାରଙ୍କ ' ମୋ ବସ୍'ରେ ଏହି କଟକଣା ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ଏହାକୁ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଯାତ୍ରୀଙ୍କ ମନରେ ସଂକ୍ରମଣ ଭୟ ରହୁଛି। ମଙ୍ଗଳବାର ରୁଟ୍ ନଂ.୧୧ରେ ଚଳାଚଳ କରୁଥିବା 'ମୋ ବସ୍' (ନଂ. ଓଡି ୩୩ ଭି ୨୬୧୭)ରେ ସରକାରୀ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖାଯାଇଥିଲା। ବସ୍ ଡ୍ରାଇଭର ଓ କଣ୍ଡକ୍ଟର ବିନା ମାସ୍କରେ ରହି ଯାତ୍ରୀଙ୍କ ସଂସ୍ପର୍ଶରେ ଆସୁଥିଲେ। ତେବେ ଏହି ଅଭିଯୋଗକୁ କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଅଧିକାଂଶ ସମୟରେ ମୋ ବସ୍ ଜଣେ ଜଣେ ଯାତ୍ରୀଙ୍କୁ ନେଇ ଯାତାୟାତ କରୁଛି। ଓଭର ଲୋଡିଂ କେବେ ବି ହୋଇ ନ ଥିବ। କିନ୍ତୁ ସମସ୍ତ କର୍ମଚାରୀଙ୍କ ପାଇଁ ମାସ୍କ ଉପଲବ୍ଧ ନାହିଁ। ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବଙ୍କୁ ମାସ୍କ ଯୋଗାଇ ଦେବା ପାଇଁ କ୍ରୁଟ୍ ପକ୍ଷରୁ ଅବଗତ କରାଯାଇଥିଲେ ମଧ ଏଯାଏ ମିଳିପାରିନି। ତେବେ କରେନାକୁ ନେଇ 'ମୋ ବସ'ରେ ଲୋକଙ୍କୁ ସଚେତନ କରାଯାଉଛି। ନିୟମିତ ଭାବେ ହାତ ଧୋଇବା ସହିତ ସାନିଟାଇଜର୍ ଲିକ୍ୱିଡ୍ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଉଛି।

ସେହିପରି ସହରରେ ଚଳାଚଳ କରୁଥିବା ଘରୋଇ ସିଟି ବସ୍‌ଗୁଡିକ ମଧ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିଲେ ମଧ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ବସ୍ ମାଲିକ ଓ କର୍ମଚାରୀମାନେ ସଚେତନ ରହୁ ନ ଥିବାରୁ ସଂକ୍ରମଣ ଆଶଙ୍କା ପ୍ରକାଶ ପାଇଛି। ମୋ ବସ୍ ଭଳି ଘରୋଇ ସିଟି ବସ୍‌ରେ ସିଟ୍‌ଠାରୁ ଅଧିକ ଯାତ୍ରୀଙ୍କୁ ନିଆଯାଉଥିବା ଦେଖିବାକୁ ମିଳିଛି। ଅଧିକ ଲୋକ ନ ହେଲେ ବେପାର କରିହେବ ନାହିଁ ବୋଲି ବସ୍ କର୍ତ୍ତୃପକ୍ଷ କହୁଛନ୍ତି। ଖୋଦ୍ ରାଜଧାନୀରେ ନିୟମ ଉଲ୍ଲଂଘନକୁ ନଜର ନ ଥିବାବେଳେ ରାଜ୍ୟର ଅନ୍ୟ ସହରରେ ସ୍ଥିତି କିପରି ଥିବ ତାହା ସହଜରେ ବାରିହୋଇପଡୁଛି। ଏପରିସ୍ଥଳେ ପରିବହନ ମନ୍ତ୍ରୀଙ୍କ ପରାମର୍ଶ ପାଣିର ଗାର ହୋଇଛି। ନିଜ ଆଡୁ ସତର୍କ ହେବୁ କିପରି ବୋଲି ଯାତ୍ରୀମାନେ ପ୍ରଶ୍ନ କରିଛନ୍ତି।




ମୋବସ୍‌ରେ ଯାତ୍ରୀମାନେ ଠିଆ ହୋଇ ଯାଉଛନ୍ତି।

## ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ, ପର୍ଯ୍ୟଟକଙ୍କୁ ବାରଣ

ବାଲୁଗାଁ, ୧୭।୩(ଡି.ଏନ.ଏ.)

କରୋନା ସଂକ୍ରମଣ ଆଶଙ୍କାରେ ଚିଲିକାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ଡଙ୍ଗା ଚଳାଚଳକୁ ନିଷିଦ୍ଧ କରାଯାଇଛି। ଏନେଇ ବାଲୁଗାଁ ଏବଂ ବଡ଼କୂଳ ପାନ୍ଥନିବାସରେ କଟକଣା ଲଗାଯାଇଛି। ଏଠାକୁ ରାଜ୍ୟ ବାହାରୁ ଓ ବିଦେଶୀ ପର୍ଯ୍ୟଟକ ରହଣି ପାଇଁ ଆସୁଥିବାରୁ ଏହା ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡଗୁଡ଼ିକରେ ୪-୫ଜଣରୁ ଅଧିକ ଲୋକ ଏକତ୍ରିତ ନ ହେବା ପାଇଁ ଡାକବାଜି ଯନ୍ତ୍ର ମାଧମରେ ସଚେତନ କରାଯାଉଛି।

**M/S SHREE GOPAL CONSTRUCTION & DEVELOPERS**
**Regd. No. 592/2012**
**Office: At- Kalibihar, Khannagar, PO- Arunodaya Market, PS- Badambadi, Dist- Cuttack-12**

**GAZETTE NOTIFICATION**

The partnership firm MS Shree Gopal Construction & Developers bearing Registration No-592/2002, reconstituted on dtd 31.03.2015 due to retirement of the partner namely Smt. Trupty Rekha Mohanty with effect from dtd 31.03.2015 and on her place Sri Subrat Kumar Behera admitted as New partner.

**Date:** 14.03.2020, **Place:** Cuttack

**Sd./- M/S Shree Gopal Construction & Developers**

# ପାନ୍ଥନିବାସ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରିକଲା ଓଟିଡିସି

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଣ୍ଟା ଭିଡ଼ିଛି। ଓଟିଡିସି ଦ୍ୱାରା ପରିଚାଳିତ ହୋଟେଲଗୁଡ଼ିକ ଲାଗି ମଙ୍ଗଳବାର ସ୍ୱତନ୍ତ୍ର ଆଡ୍‌ଭାଇଜରି ଜାରି କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଓଟିଡିସିର ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ, ଅରଣ୍ୟ ନିବାସ, ପାନ୍ଥଶାଳା, ପାନ୍ଥିକା ଏବଂ ଏହାର ପରିବହନ ବିଭାଗ ପାଇଁ କଟକଣା ଲାଗୁ ହୋଇଛି। କରୋନା ମୁକାବିଲା ରାଜ୍ୟ ପର୍ଯ୍ୟଟନ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜଭାବେ ଉଭା ହୋଇଥିବାବେଳେ ନିଗମ ଏହାର ସମସ୍ତ ପାନ୍ଥନିବାସର ୟୁନିଟ୍‌ମ୍ୟାନେଜର ଏବଂ ଏୟାର ଟିକେଟିଂ, ଟ୍ରାଭେଲ ଡେସ୍କ ଓ ଇଞ୍ଜିନିୟରିଂ ୟୁନିଟର ମ୍ୟାନେଜରଙ୍କୁ ସଚେତନ କରାଇଛି।

ଜାରି ଗାଇଡ୍‌ଲାଇନରେ ପ୍ରାକ୍ ସଚେତନତାମୂଳକ ପଦକ୍ଷେପ ସ୍ୱରୂପ ହୋଟେଲ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ନିୟମିତଭାବେ ଚଟାଣକୁ ଭଲଭାବେ ବିଶୋଧନ କରିବାକୁ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀ, ପର୍ଯ୍ୟଟକ ଏବଂ କର୍ମଚାରୀମାନେ ନିୟମିତ ହାତ ଧୋଇବା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଉପଲବ୍ଧ କରିବା ଏବଂ ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ ଏବଂ ପାନ୍ଥିକାଗୁଡ଼ିକରେ ଯଥେଷ୍ଟ ମାତ୍ରାରେ ସର୍ଜିକାଲ ମାସ୍କ, ପେପର ଟିସ୍ୟୁ ଆଦି ଗଚ୍ଛିତ ରଖିବାକୁ କୁହାଯାଇଛି। ଯଦି କୌଣସି ପର୍ଯ୍ୟଟକଙ୍କଠାରେ ଥଣ୍ଡା, କାଶ କିମ୍ବା ଜ୍ୱର ଦେଖାଯାଏ ତା'ହେଲେ ତୁରନ୍ତ ସେମାନଙ୍କୁ ମାସ୍କ ପିନ୍ଧିବାକୁ ଦେବାସହ ରିସେପ୍‌ସନ୍ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ଆଇସି ମ୍ୟାଟେରିଆଲ ତଥା କରୋନା ସଂକ୍ରମଣ ଏବଂ ସଚେତନତା ସମ୍ପର୍କିତ ପୋଷ୍ଟର ଲଗାଇବାକୁ କୁହାଯାଇଛି। ପର୍ଯ୍ୟଟକଙ୍କୁ ହ୍ୟାଣ୍ଡ୍‌ଶେକ୍ ପରିବର୍ତ୍ତେ ନମସ୍କାର ବା ନମସ୍ତେ କରିବା ସମ୍ପର୍କରେ ଶିଖାଇବାକୁ ମ୍ୟାନେଜରମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିଭଳି ପର୍ଯ୍ୟଟକମାନେ କେଉଁଠାରୁ ଆସିଛନ୍ତି, ବିଗତ ୧୪ଦିନରେ କୌଣସି ଅନ୍ତର୍ଜାତୀୟ ଭ୍ରମଣ କରିଛନ୍ତି କି ନାହିଁ, କେଉଁ ଦେଶକୁ ଏବଂ କେଉଁ ରାଜ୍ୟକୁ ଯାଇଛନ୍ତି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ରଖିବାକୁ ୟୁନିଟ୍ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଇନା କିମ୍ବା ଇଟାଲୀ ଭଳି କରୋନା ସଂକ୍ରମିତ ରାଷ୍ଟ୍ରରୁ ଆସିଥିବା ଏବଂ ଥଣ୍ଡା, ଜ୍ୱର ଭଳି ଲକ୍ଷଣ ଥିବା ପର୍ଯ୍ୟଟକଙ୍କୁ ବୋର୍ଡିଂ ପୂର୍ବରୁ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ବାଧ୍ୟତାମୂଳକ କରାଯିବାକୁ ଗାଇଡ୍ ଲାଇନ୍‌ରେ ଉଲ୍ଲେଖ ରହିଛି।

### ୟୁନିଟ୍ ମ୍ୟାନେଜରଙ୍କୁ କରୋନା ସମ୍ପର୍କରେ ସଚେତନ




### ପ୍ୟାକେଜ୍ ଟୁର୍ ବାତିଲ୍, ଉତ୍ସବ ଓ ମହୋତ୍ସବ ବନ୍ଦ

ଓଟିଡିସି ଏହାର ସମସ୍ତ ପ୍ୟାକେଜ୍ ଟୁର୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରିଛି। ଭୁବନେଶ୍ୱର ଓ ପୁରୀର ପରିବହନ ୟୁନିଟ୍, କଟକ, ଗୋପାଳପୁର, ସମ୍ବଲପୁର ଏବଂ ଚାନ୍ଦିପୁରର ପାନ୍ଥନିବାସର ମ୍ୟାନେଜରମାନଙ୍କୁ ସମସ୍ତ ପ୍ୟାକେଜ୍ ଟୁର୍, ସାଇଟ୍ ସିଇଙ୍ଗ୍ ଟୁର୍ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପାନ୍ଥନିବାସ, ଯାତ୍ରୀନିବାସ, ଅରଣ୍ୟ ନିବାସ, ପାନ୍ଥଶାଳା ଓ ପାନ୍ଥିକରେ ଗେଟ୍‌ଟୁଗେଦର୍ ପାର୍ଟି ତଥା ବନ୍ଧୁମିଳନ ଉତ୍ସବ, ସାମାଜିକ କାର୍ଯ୍ୟକ୍ରମ, ବିବାହ ଓ ବ୍ରତଘର ଉତ୍ସବ ଆଦିର ଆୟୋଜନକୁ ବନ୍ଦ ରଖାଯାଇଛି। ଏ ସମ୍ପର୍କରେ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଓ ଏମ୍‌ଡି ହେମାକାନ୍ତ ସାଏ ସୂଚନା ଦେଇଛନ୍ତି।

# ଖୋଲାମେଲା ରେଳ ଷ୍ଟେଶନ

- ନାହିଁ ସ୍କ୍ରିନିଂ, କରୋନା ସଂକ୍ରମଣ ସମ୍ଭାବନା ଅଧିକ
- ଖୁବ୍‌ଶୀଘ୍ର ଲାଗିବ ଥର୍ମାଲ ଇମେଜିଂ କ୍ୟାମେରା
- ଟିକେଟ ବାତିଲ ପାଇଁ ଷ୍ଟେଶନରେ ଲମ୍ବା ଲାଇନ

### କରୋନା ଧରିବ କ୍ୟାମେରା

ଭୁବନେଶ୍ୱର, ୧୭।୩ (ବ୍ୟୁରୋ)

କରୋନା ଭାଇରସ୍‌କୁ ନେଇ ସବୁଠି ଭୟ ଓ ଆଶଙ୍କାର ବାତାବରଣ। ସଂକ୍ରମଣ ରୋକିବାକୁ କଡ଼ା ନିର୍ଦ୍ଦେଶ ଜାରି ପରେ ସବୁଠି କଟକଣା ଲଗାଯାଇଛି। ହେଲେ ଓଡ଼ିଶାର ଅନ୍ୟତମ ପ୍ରମୁଖ ପ୍ରବେଶ ପଥ ଭୁବନେଶ୍ୱର ରେଳ ଷ୍ଟେଶନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରେଳ ଷ୍ଟେଶନ ଖୋଲାମେଲା ରହିଥିବାବେଳେ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବାରୁ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଟିକେଟ କାଉଣ୍ଟର, ପ୍ରବେଶ ପଥ, ବସିବା ସ୍ଥାନ ଆଦି ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ସମାଗମ ଦେଖିବାକୁ ମିଳୁଛି। ଟିକେଟ ଓ ଟଙ୍କା ଦେଣନେଣବେଳେ ସଂକ୍ରମଣ ସମ୍ଭାବନା ରହୁଛି। ପ୍ରତିଦିନ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର ଲୋକ ଏହି ରେଳ ଷ୍ଟେଶନ ଦେଇ ଯାତାୟାତ କରୁଥିଲେ ମଧ୍ୟ କୌଣସି ଯାଞ୍ଚ କରାଯାଉନାହିଁ। ବିମାନ ବନ୍ଦର ଭଳି ଏଠାରେ ସ୍କ୍ରିନିଂ ବ୍ୟବସ୍ଥା ନାହିଁ। ଫଳରେ ଅନ୍ୟ ରାଜ୍ୟରୁ ଖସି ଆସୁଥିବା ସନ୍ଦିଗ୍ଧ କରୋନା ଆକ୍ରାନ୍ତ ଟ୍ରେନ୍ ଯୋଗେ ଭୁବନେଶ୍ୱର ଚାଲି ଆସିବାର ସମ୍ଭାବନାକୁ ଏଡାଇ ଦେଇ ହେଉନି। ଏହାକୁ ନେଇ ଷ୍ଟେଶନରେ କାର୍ଯ୍ୟରତ କର୍ମଚାରୀ ଓ ଯାତାୟାତ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଅନ୍ୟପକ୍ଷରେ ଷ୍ଟେଶନ ଦେଇ ଅଧିକ ସଂଖ୍ୟକ ଲୋକ ଯାତାୟାତ କରୁଥିବାରୁ ସମସ୍ତଙ୍କୁ ଗୋଟିଗୋଟି କରି ସ୍କ୍ରିନିଂ କରିବା ସମ୍ଭବ ନୁହେଁ। ଏହାସହ ଯାଞ୍ଚବେଳେ କର୍ମଚାରୀଙ୍କୁ ମଧ୍ୟ ସଂକ୍ରମଣ ଭୟ ରହୁଛି। ଏପରିସ୍ଥଳେ ଷ୍ଟେଶନରେ କିଭଳି କରୋନା ସଂକ୍ରମଣ ରୋଗୀଙ୍କୁ ଚିହ୍ନଟ କରିହେବ ସେନେଇ ରେଳପଥ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ତେଣୁ ଷ୍ଟେଶନରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଇବା ପାଇଁ ଷ୍ଟେଶନ ଡାଇରେକ୍ଟର ଚିତ୍ତରଞ୍ଜନ ନାୟକ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଥିବା କହିଛନ୍ତି। ମଙ୍ଗଳବାର ବିଭାଗୀୟ ଅଧିକାରୀ ଭୁବନେଶ୍ୱର ଷ୍ଟେଶନ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଷ୍ଟେଶନରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଯିବ ବୋଲି ଚିତ୍ତରଞ୍ଜନ କହିଛନ୍ତି। ଗୋଟିଏ ଏକ ନମ୍ବର ପ୍ଲାଟ ଫର୍ମର ପ୍ରବେଶ ପଥ ଓ ଅନ୍ୟଟି ୬ ନମ୍ବର ପ୍ଲାଟ ଫର୍ମରେ ଲାଗିବ। ଷ୍ଟେଶନରେ ଥିବା ଅନ୍ୟସବୁ ବାଟକୁ ବନ୍ଦ କରି ଏହି ଦୁଇଟି ବାଟରେ ଯାତ୍ରୀ ଯିବା ଆସିବା କରିବେ। କୌଣସି କରୋନା ରୋଗୀ ଆସିଲେ କ୍ୟାମେରା ଚିହ୍ନଟ କରିନେବ। ୩୦ ମିଟର ରେଡିଏଶନରେ ଯେଉଁ ଯାତ୍ରୀ ଯିବେ ସେମାନଙ୍କ ଶରୀରର ତାପମାତ୍ରା ମାପିଦେବ ଏହି କ୍ୟାମେରା। କରୋନା ରୋଗୀ ଷ୍ଟେଶନ ଦେଇ ଆସିଲେ ତାପମାତ୍ରାରୁ ତୁରନ୍ତ ଚିହ୍ନଟ କରି ସୂଚନା ପ୍ରଦାନ ସହ ସତର୍କ କରାଇଦେବ। ଏହି କ୍ୟାମେରାର ଦାମ୍ ୯ ଲକ୍ଷ ୫୦ ହଜାର ଲେଖାଏ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କରୋନା ପ୍ରଭାବ ରେଳ ଯାତ୍ରୀ ଉପରେ ପଡିଛି। କରୋନାକୁ ଦେଖି ଲୋକମାନେ ଯାତ୍ରା କରିବାକୁ ରାଜି ହେଉନାହାନ୍ତି। ଯେଉଁମାନେ ବାହାରକୁ ଯିବା ପାଇଁ ଆଗୁଆ ଟିକେଟ କରିଥିଲେ ସେମାନେ ଟିକେଟ ବାତିଲ କରୁଛନ୍ତି। ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଟିକେଟ କରୁଥିବା ବ୍ୟକ୍ତିଙ୍କଠାରୁ ବାତିଲ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୩ ଗୁଣା ଅଧିକ ଥିଲା। ଆଗାମୀ ଦିନରେ ଏକାଧିକ ଟ୍ରେନ ବାତିଲ ହେବ ବୋଲି ରେଲ୍‌ୱେ କର୍ତ୍ତୃପକ୍ଷ କହିଛନ୍ତି।

ସେପଟେ ସଚେତନତା ପଦକ୍ଷେପ ସ୍ୱରୂପ ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏସି ବଗିରେ ଲାଗିଥିବା ଡୋର ସ୍କିନ୍ କାଢି ନିଆଯାଇଛି। ଏହାସହ ଶୌଚାଳୟର ହ୍ୟାଣ୍ଡେଲ ଓ ଏକାଧିକ ଯାତ୍ରୀ ସମାଗମ ହେଉଥିବା ସ୍ଥାନକୁ କେମିକାଲ ପାଣି ଦ୍ୱାରା ସଫା କରାଯାଉଛି।



## କରୋନା ପ୍ରଭାବ



କରୋନା ପାଇଁ ପୁରୀ ବେଳାଭୂମିସ୍ଥିତ ଗାନ୍ଧୀ ପାର୍କ ଫାଙ୍କା ପଡ଼ିଛି।






ଅପରାହ୍ନ ୨ଟା ପରଠାରୁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ପାର୍କ ଓ ଜୟଦେବ ବାଟିକାରେ ତାଲା ଝୁଲୁଛି।

# ପୁରୀ ଛାଡ଼ିବେ ୧୫ ହଜାର ପର୍ଯ୍ୟଟକ



ଏକ ହୋଟେଲରେ କର୍ମଚାରୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ଆଜି ସନ୍ଧ୍ୟା ସୁଦ୍ଧା ସବୁ ହୋଟେଲ ଖାଲି ନିର୍ଦ୍ଦେଶ

## ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୁକିଂ ରଖିବାକୁ ମନା

**ପୁରୀ ଅଫିସ,୧୭।୩**

କରୋନାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ବିଶେଷକରି ପର୍ଯ୍ୟଟନ ଶିଳ୍ପ ଉପରେ ଏବେ ବଡ଼ କଟକଣା ଲଗାଇଛି। ପୁରୀର ସମସ୍ତ ହୋଟେଲ, ଲଜିଂ, ଧର୍ମଶାଳା, ହଲିଡେ ହୋମ୍ ଆଦିରେ ରହୁଥିବା ପର୍ଯ୍ୟଟକଙ୍କୁ ବୁଧବାର ସନ୍ଧ୍ୟା ସୁଦ୍ଧା ସହର ଛାଡ଼ିବାକୁ କୁହାଯାଇଛି। ଏ ନେଇ ସମସ୍ତ ହୋଟେଲ, ଲଜ୍, ହଲିଡେ ହୋମ୍ ମାଲିକଙ୍କୁ ନିର୍ଦ୍ଦେଶ ଦେଇଛି ଜିଲା ପ୍ରଶାସନ। ମଙ୍ଗଳବାର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପୁରୀ ହୋଟେଲ ସଂଘ ସହ ଜିଲା ପ୍ରଶାସନ ଆଲୋଚନାବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି।

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର, ବେଳାଭୂମି ସାଙ୍ଗକୁ ଏହାର ଆଖପାଖରେ ବହୁ ଦର୍ଶନୀୟ ସ୍ଥାନ ରହିଛି। କିନ୍ତୁ ପୁରୀରେ ରହିବାକୁ ପର୍ଯ୍ୟଟକ ପସନ୍ଦ କରିଥାନ୍ତି। ପୁରୀ ସହରରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ, ହଲିଡେ ହୋମ୍ ଆଦି ରହିଛି। ବର୍ତ୍ତମାନ ସୁଦ୍ଧା ପୁରୀରେ ପ୍ରାୟ ୧୫ ହଜାର ପର୍ଯ୍ୟଟକ ଥିବାବେଳେ ସେମାନଙ୍କୁ ବୁଧବାର ସନ୍ଧ୍ୟା ସୁଦ୍ଧା ସହର ଛାଡ଼ିବା ପାଇଁ କୁହାଯାଇଛି। ପର୍ଯ୍ୟଟକଙ୍କୁ ବୁଝାଶୁଝା କରି ଛାଡ଼ିବା ଲାଗି ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ କୌଣସି ବୁକିଂ ନ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପୁରୀ ହୋଟେଲ ସଂଘ ସଭାପତି ରାମକୃଷ୍ଣ ଦାସମହାପାତ୍ର, ସମ୍ପାଦକ ରାଜକିଶୋର ପାତ୍ରଙ୍କ ସମେତ ହୋଟେଲ ମାଲିକମାନେ ଯୋଗଦେଇଥିଲେ।

### ୪୪ ବିଦେଶୀଙ୍କୁ ପଠାଇବା ଲାଗି ବ୍ୟବସ୍ଥା ହେଉଛି

ପୁରୀରେ ଏବେ ୪୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ସେମାନଙ୍କୁ ଯଥାଶୀଘ୍ର ପୁରୀରୁ ପଠାଇବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏପରି କି ସମ୍ପୃକ୍ତ ଦେଶର ଦୂତାବାସଙ୍କୁ ମଧ୍ୟ ଅବଗତ କରାଯାଇଛି। ଯେଉଁ ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକ ଅଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ ବିଦେଶୀ ପର୍ଯ୍ୟଟକଙ୍କୁ ହୋମ୍ ଆଇସୋଲେଶନରେ ରଖାଯିବ। ବର୍ତ୍ତମାନ ସ୍ଥିତିରେ ପୁରୀକୁ ଜିରୋ ଟୁରିଷ୍ଟ ଏବଂ ବେଳାଭୂମିକୁ ନୋ ଟୁରିଷ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସମୁଦ୍ର କୂଳ ଅଞ୍ଚଳରେ ଥିବା ଦୋକାନ ବଜାର ଏବଂ ହୋଟେଲ ଆଦିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବନ୍ଦ ହେଲା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର

ମଙ୍ଗଳବାର ପ୍ରଶାସନ ପକ୍ଷରୁ ପ୍ରାୟ ୩୦ଟି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟରକୁ ବନ୍ଦ କରିଦିଆଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍ ସହରର ବିଭିନ୍ନ ସ୍ଥାନରେ ଥିବା ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟରକୁ ଯାଇ ବନ୍ଦ କରିଛନ୍ତି। ସହରରେ ଅନେକ ଅଣପଞ୍ଜୀକୃତ ଟୁର୍ ଆଣ୍ଡ ଟ୍ରାଭେଲ୍ସ ଅପରେଟର ରହିଛି। ବର୍ତ୍ତମାନ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ଉପରେ କଟକଣା ଥିବାବେଳେ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରାଯାଇଛି। ତେଣୁ ବାହାର ପର୍ଯ୍ୟଟକ ଅଯଥା ବୁକିଂ କରି ଠକାମିର ଶିକାର ହେବେ। ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଉପଜିଲାପାଳ ସାହୁ କହିଛନ୍ତି।

# ମଲ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ

- ବାହାଘର କଟକଣା ମାନନ୍ତୁ
- ରିସେପ୍ଶନ ଘୁଞ୍ଚାଇବାକୁ ପରାମର୍ଶ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ):** କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଶପିଂ ମଲ୍‌ଗୁଡ଼ିକୁ ବନ୍ଦ କରାଯାଇଛି। ହେଲେ ମଲ୍ ଭିତରେ ରହିଥିବା ଗ୍ରୋସରୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରଖିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, କରୋନା ଭୟରେ ବ୍ୟବସାୟୀମାନେ ସବୁ ଦୋକାନ ବଜାର ବନ୍ଦ କରନ୍ତୁ ନାହିଁ। ଶପିଂ ମଲ୍ ବନ୍ଦ ପାଇଁ ନିର୍ଦ୍ଦେଶ ଥିବାବେଳେ ସେଠାରେ ଥିବା କ୍ଷୀର, ଫଳ, ପନିପରିବା, ଗ୍ରୋସରୀ ଦୋକାନ ଖୋଲା ରହିବ। ଏହାସହ ସହରରେ ଥିବା ଛୋଟ ଛୋଟ ଲୁଗା ଓ ଅନ୍ୟାନ୍ୟ ଦୋକାନ ଖୋଲା ରହିବ। କାରଣ ସେଠାରେ ଗହଳି ସେପରି ନ ଥିବାରୁ କରୋନା ଭାଇରସ୍ ସଂକ୍ରମଣ ସମ୍ଭାବନା କମ୍। ସାମାଜିକ ଦାଇତ୍ୱବୋଧ ଆମ ସମସ୍ତଙ୍କ ଉପରେ ନିର୍ଭର କରେ। ନିଜ ସହ ଅନ୍ୟମାନଙ୍କ ସୁରକ୍ଷା ସଂକ୍ରାନ୍ତରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ସତର୍କ ରହିଲେ ହିଁ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିପାରିବା। ଅଯଥା ଭୟଭୀତ ହୋଇ ଅଧିକ ସାମଗ୍ରୀ କିଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ଷଡ଼ଙ୍ଗୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସେହିଭଳି ବାହାଘର କଟକଣା ମାନିବାକୁ ପୋଲିସ କମିଶନର ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବାହାଘର କରୁଥିଲେ କେବଳ ନିଜ ସମ୍ପର୍କୀୟମାନଙ୍କୁ ବା କମ୍ ଲୋକଙ୍କୁ ସାମିଲ କରନ୍ତୁ। କରୋନା ପ୍ରଭାବ କମିବା ପର୍ଯ୍ୟନ୍ତ ରିସେପ୍ଶନକୁ ଘୁଞ୍ଚାଇ ଦିଅନ୍ତୁ। ଏହାସହ ନିଜ ଘରକୁ ଏକାଧିକ ଅତିଥିଙ୍କୁ ଡାକନ୍ତୁ ନାହିଁ। ଜରୁରୀ କାର୍ଯ୍ୟ ପାଇଁ ଆସୁଥିଲେ ଘରକୁ ଯିବା ପୂର୍ବରୁ ସେମାନଙ୍କ ହାତ ଧୋଇବାକୁ କୁହନ୍ତୁ। ସେହିଭଳି ଯେଉଁମାନେ ଜରୁରୀ ପାଇଁ ଆରଟିଓ ଅଫିସକୁ ଯାଉଛନ୍ତି ସେମାନେ ପରସ୍ପରଠାରୁ ଗୋଟିଏ ଫୁଟ ଦୂରତା ରଖନ୍ତୁ। ଏହାସହ ଅଯଥାରେ ମାସ୍କ ପିନ୍ଧନ୍ତୁ ନାହିଁ। ଯେଉଁମାନେ ଥଣ୍ଡା, କାଶ, ଜ୍ୱରରେ ପୀଡିତ ଅଛନ୍ତି ଓ କରୋନା ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସୁନ୍ତି ସେମାନେ ମାସ୍କ ପିନ୍ଧନ୍ତୁ। ଜଣେ ସୁସ୍ଥ ଲୋକ ମାସ୍କ ପିନ୍ଧି କଳାବଜାରିଙ୍କୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ। ଲୋକେ ନିଜେ ସଚେତନ ରହି ଭିଡ଼ରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ କମିଶନର କହିଛନ୍ତି, ଥାନାଗୁଡିକରେ ହାତ ଧୋଇବା ବ୍ୟବସ୍ଥା କରିବା ସହ କର୍ମଚାରୀଙ୍କୁ ସାନିଟାଇଜର ଓ ମାସ୍କ ଲଗାଇବା ପାଇଁ କୁହାଯାଇଛି। ଏଥପାଇଁ ଥାନାଗୁଡ଼ିକୁ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ମଧ୍ୟ ହାତ ଧୋଇ ପ୍ରବେଶ କରିବାକୁ କୁହାଯାଉଥିବା ସେ କହିଛନ୍ତି।

# ବିଦେଶ ଯାଇଥିବା କର୍ମଚାରୀଙ୍କୁ ଅଫିସ ମନା

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

### ଆଇଟି ଫାର୍ମଗୁଡ଼ିକୁ କମିଶନରେଟ ପୋଲିସର ନୋଟିସ

ଇଟାଲୀରୁ ଫେରିଥିବା ଯୁବକ ରାଜ୍ୟର ପ୍ରଥମ କରୋନା ସଂକ୍ରମିତ ବୋଲି ଚିହ୍ନଟ ପରେ ବିଦେଶୀ ଓ ବିଦେଶ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ଆଇଟି ଫାର୍ମଗୁଡ଼ିକୁ ପୋଲିସ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଅଧିକାଂଶ ଆଇଟି ଫାର୍ମ ଭୁବନେଶ୍ୱର ଓ କଟକରେ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ସେଗୁଡ଼ିକୁ ମଧ୍ୟ ନୋଟିସ ହୋଇଛି। ବିଦେଶ ଯାଇଥିବା ଓ ଫେରିଥିବା କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେମାନେ ଅଫିସ ନ ଯାଇ ୧୪ ଦିନ ପାଇଁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାମ କରି ନ ପାରିଲେ କମ୍ପାନୀ ନିୟମ ଅନୁସାରେ ଛୁଟିରେ ରହିବେ। କୌଣସି କର୍ମଚାରୀଙ୍କୁ ଥଣ୍ଡା, କାଶ ହେଉଥିଲେ ଅଫିସ ନ ଯିବାକୁ ପରାମର୍ଶ ଦିଆଯାଇଛି। ଅତି ଆବଶ୍ୟକ ନ ପଡିଲେ କର୍ମଚାରୀଙ୍କୁ ବିଦେଶ ଯିବାକୁ ବାରଣ କରାଯାଇଥିବାବେଳେ ନିର୍ଦ୍ଦେଶ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଚେତାବନୀ ଦେଇଛନ୍ତି। ଏହାସହ ଯେଉଁ ବିଦେଶୀ ପର୍ଯ୍ୟଟକ ୧୦ଦିନ ପୂର୍ବରୁ ଆସିଛନ୍ତି ସେମାନଙ୍କୁ ପଚରାଉଚରା କରାଯିବା ସହ କଡ଼ା ନଜରରେ ରଖାଯାଉଛି। ସେମାନେ କେବେ ଓଡିଶାକୁ ଆସିଛନ୍ତି, ନିକଟରେ ସେମାନେ କେଉଁ ଦେଶକୁ ଯାଇଛନ୍ତି ସେନେଇ ତଥ୍ୟ ସଂଗ୍ରହ କରାଯାଉଛି। ଏହାସହ ରାଜଧାନୀରେ ବିଭିନ୍ନ ହୋଟେଲ ଉପରେ ନଜର ରଖାଯାଇଥିବା କମିଶନର ସୂଚନା ଦେଇଛନ୍ତି।

# ୩୧ ଯାଏ କୋର୍ଟ ଯିବେନି ଆଇନଜୀବୀ

**କଟକ ଅଫିସ,୧୭।୩**

### ହାଇକୋର୍ଟ ଓକିଲ ସଂଘର ନିଷ୍ପତ୍ତି

ରାଜ୍ୟରେ କରୋନା ଭୂତାଣୁକୁ ନେଇ ଭୟ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଆଇନଜୀବୀମାନେ ହାଇକୋର୍ଟ ନ ଯିବା ପାଇଁ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସଂଘର ଏକ୍ସଟ୍ରା ଅଡିନାରୀ ଜେନେରାଲ୍ ବଡି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସଂଘ ତରଫରୁ କୁହାଯାଇଛି। ଭିଡ ଯୋଗୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ରହିଥାଏ। ହାଇକୋର୍ଟରେ ସର୍ବଦା ଜନଗହଳି ରହୁଛି। ଏହାକୁ ଦୃଷ୍ଟିରେ ରଖି ସଂଘ ଏଭଳି ନିଷ୍ପତ୍ତି ନେଇଛି। ପୂର୍ବରୁ ରାଜ୍ୟ ସରକାର କରୋନା ଭୂତାଣୁକୁ ନେଇ ବିଧାନସଭାଠାରୁ ଆରମ୍ଭ କରି ଶପିଂମଲ୍ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ। ହେଲେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲୁ ରହିଥିଲା। ତେବେ ସୋମବାର ହାଇକୋର୍ଟ ପକ୍ଷରୁ ଏହା ଅଧୀନ ତଳକୋର୍ଟଗୁଡ଼ିକୁ ଆଡଭାଇଜରି ଜାରି କରାଯାଇଥିଲା। ଅତି ଆବଶ୍ୟକ ନ ଥିଲେ କୋର୍ଟ ପରିସରରେ ଉପସ୍ଥିତ ନ ରହିବାକୁ ଆଡଭାଇଜରିରେ କୁହାଯାଇଥିଲା। ଏହା ପୂର୍ବରୁ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ମଧ୍ୟ କରୋନା ଭୂତାଣୁ ସଂକ୍ରମଣ କମିବା ପର୍ଯ୍ୟନ୍ତ ସମସ୍ତ ଅଧୀନସ୍ଥ କୋର୍ଟ ବନ୍ଦ ରଖିବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଏଭଳି ସମୟରେ ହାଇକୋର୍ଟ ବାର୍ କାଉନସିଲ୍‌ର ଏହି ନିଷ୍ପତ୍ତି ପରେ ଏବେ ସମସ୍ତ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ବୋଲି ଅନୁମାନ କରାଯାଉଛି।

# ଗିରଫ ଶିକ୍ଷକ ନିଲମ୍ବିତ

### କରୋନାରେ ଯୁବକ ଆକ୍ରାନ୍ତ ଗୁଜବ ଘଟଣା

**ଭବାନୀପାଟଣା/ଧର୍ମଗଡ଼,୧୭।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନି ଗାଁରେ କରୋନାରେ ଜଣେ ଯୁବକ ଆକ୍ରାନ୍ତ ହୋଇଥିବା ନେଇ ସୋସିଆଲ ମିଡିଆରେ ଗୁଜବ ସୃଷ୍ଟି କରିବା ଅଭିଯୋଗରେ ଗୋଲାମୁଣ୍ଡା ବ୍ଲକ ଡୁଡକେଲ ଗ୍ରାମର ଶିକ୍ଷକ ବିନ୍ଦୁ ମହାନନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ରାତିରେ ତାଙ୍କୁ ଜିଲା ଶିକ୍ଷାଧିକାରୀ ଚାକିରିରୁ ନିଲମ୍ବିତ କରିଛନ୍ତି । ସୂଚନା ଅନୁଯାୟୀ, ଗତ ଶନିବାର ଖଲିଆକାନି ଗ୍ରାମର ଜଣେ ଯୁବକ ବାଙ୍ଗାଲୋରରୁ ଆସି କୋରୋନାରେ ଆକ୍ରାନ୍ତ ହୋଇ ନିଜ ଘରେ ରହିଥିବା ସୋସିଆଲ ମିଡିଆ ତଥା ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ଶିକ୍ଷକ ବିନ୍ଦୁ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ସମଗ୍ର ଗୋଲାମୁଣ୍ଡା ତଥା ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଗୋଲାମୁଣ୍ଡା ଥାନାଧିକାରୀ ପହଞ୍ଚି ତଦନ୍ତ କରିବା ପରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ. ୩୮/୨୦) ହୋଇଛି।



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପରିସରରେ ଯାତ୍ରୀମାନେ ମାସ୍କ ପିନ୍ଧି ଯାଉଛନ୍ତି।

# ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ):** ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବାକୁ ବ୍ୟବହୃତ ହେଉଥିବା ବ୍ରେଥ୍ ଆନାଲାଇଜର ଟେଷ୍ଟକୁ ବନ୍ଦ କରିଦିଆଯାଇଛି। ଏହି ଟେଷ୍ଟରେ ମେଶିନଟିକୁ ଚାଳକ ଜଣକ ପାଟିରେ ରଖି ଫୁଙ୍କିଥାନ୍ତି। ତେବେ କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ରହିଥିବାରୁ ପୋଲିସ ଡିଜି ଅଭୟ ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ କରିବା ପାଇଁ ମଙ୍ଗଳବାର ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସାମୂହିକଭାବେ ବନ୍ଦ ରଖିବାକୁ ପୋଲିସ ଡିଜି ଟୁଇଟରରେ ଉଲ୍ଲେଖ କରିଛନ୍ତି।



ଅନ୍ୟପକ୍ଷରେ ଡିଜିପି ରାଜ୍ୟ ସମସ୍ତ ଥାନାରେ ଥିବା ପୋଲିସ କର୍ମଚାରୀଙ୍କୁ ସତର୍କ ରହିବାକୁ କହିଛନ୍ତି। ଥାନାରେ ହାତ ଧୋଇବା ପାଇଁ ପାଣି ରଖିବା ସହ ସାନିଟାଇଜର ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି। ଯେଭଳି କୌଣସି ସ୍ଥାନରେ ଏକାଧିକ ଲୋକେ ଏକାଠି ନ ହେବେ ନାହିଁ ସେନେଇ ମଧ୍ୟ ଦୃଷ୍ଟି ଦେବା ପାଇଁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବ୍ରେଥ୍ ଆନାଲାଇଜର ଟେଷ୍ଟ ବନ୍ଦ ସଂକ୍ରାନ୍ତରେ ଆଇନଜୀବୀ ଦୁର୍ଗାମାଧବ ମିଶ୍ର କହିଛନ୍ତି, କରୋନା ବାହାନାରେ ଏବେ ଗାଡିମୋଟର ଯାଞ୍ଚ ହେଉନି। ବ୍ରେଥ୍ ଆନାଲାଇନଜର ବନ୍ଦ ହେଲେ ମଦ୍ୟପଙ୍କ ଉତ୍ପାତ ବଢ଼ିଯିବ। ବେପରୁଆ ଗାଡ଼ି ଚାଳନା ସହ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବ। ତେଣୁ ଯେଉଁ ବ୍ୟକ୍ତି ମଦ ପିଇ ଗାଡି ଚଲାଉଥିବେ ବୋଲି ସେମାନଙ୍କୁ ଧରିବାର ଅନ୍ୟ କିଛି ବିକଳ୍ପ ଆପଣାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ କହିଛନ୍ତି।

# ୩୧ ପର୍ଯ୍ୟନ୍ତ ବନ୍ଦ ରହିଲା ଡିଏଲ୍, ଏଲ୍‌ଏଲ୍ ଟେଷ୍ଟ

### ଆର୍‌ଟିଓକୁ ଦୈନିକ ୫୦ଜଣ ଆସନ୍ତୁ: ମନ୍ତ୍ରୀ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ):** ଆର୍‌ଟିଓ କାର୍ଯ୍ୟାଳୟରେ ବୁଧବାରଠାରୁ ଡିଏଲ୍ ଏବଂ ଏଲ୍‌ଏଲ୍ ଟେଷ୍ଟ ବନ୍ଦ ରହିବ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖିବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଏନେଇ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟକୁ ସ୍ୱିକୃତି ମିଳିବାପରେ ଏନେଇ ସୂଚନା ଦିଆଯାଇଛି। କେବଳ ଗାଡ଼ିର ଫିଟ୍‌ନେସ, ପରମିଟ୍ ଏବଂ ଟ୍ୟାକ୍ସ ଆଦାୟ ଜାରି ରହିବ ବୋଲି ସୂଚନା ମିଳିଛି। ଆର୍‌ଟିଓରେ ଜନଗହଳି ହେଉଥିବା ଦେଖି ଏଭଳି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ପରିବହନ ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ କୁହାଯାଇଛି। କେନ୍ଦ୍ର ସରକାର ନୂଆ ମୋଟର ଯାନ ଆଇନ ଦେଶବ୍ୟାପୀ ଲାଗୁ କରିବାପରେ ଲାଇସେନ୍ସ ନେବା ପାଇଁ ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ହେଲେ ଏବେଠାରୁ ଆର୍‌ଟିଓ କାର୍ଯ୍ୟାଳୟଗୁଡିକରେ ୫୦ରୁ ଅଧିକ ଲୋକ ଏକାଠି ନ ହେବା ପାଇଁ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପରାମର୍ଶ ଦେବା ସହ ଭିଡ଼ ନ କରିବାକୁ କହିଛନ୍ତି। ମନ୍ତ୍ରୀ ବେହେରା ଆହୁରି କହିଛନ୍ତି ଯେ, ଗୋଟିଏ ଦିନରେ ୫୦ଜଣ ଆସନ୍ତୁ। ଯେଉଁମାନଙ୍କ ଲାଇସେନ୍ସ ପରୀକ୍ଷା ପାଇଁ ତାରିଖ ନ ରହୁଛି ସେମାନେ ନ ଆସନ୍ତୁ। ଏଥିଲାଗି ସବୁ ଆର୍‌ଟିଓକୁ ନିର୍ଦ୍ଦେଶ ଦେବା ସହ ସେମାନେ କିପରି ଏ ସମ୍ପର୍କରେ ଲୋକମାନଙ୍କୁ ଜଣାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ। ସେହିପରି ବସ୍‌ଷ୍ଟାଣ୍ଡରେ ମଧ୍ୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ। ବସ୍ କର୍ମଚାରୀଙ୍କୁ ମାସ୍କ ଓ ସାନିଟାଇଜର ଦିଆଯିବ। ବସ୍ ମାଲିକ ସଂଘ ଓ ପରିବହନ ବିଭାଗ ମିଳିତଭାବେ ମାସ୍କ ଯୋଗାଇବେ। ବସ୍‌ଷ୍ଟାଣ୍ଡଗୁଡ଼ିକୁ ମଧ୍ୟ ସାନିଟାଇଜ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଏଏସ୍‌ଆଇ ସଂରକ୍ଷିତ ସମସ୍ତ ଐତିହ୍ୟସ୍ଥଳୀ ୩୧ ପର୍ଯ୍ୟନ୍ତ ବନ୍ଦ

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** ସମ୍ଭାବ୍ୟ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ଅଧିନରେ ଥିବା ଦେଶର ସମସ୍ତ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀକୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସଂରକ୍ଷିତ ତଥା ପରିଚାଳିତ ସମସ୍ତ କୀର୍ତ୍ତିରାଜି, ଏତିହ୍ୟସ୍ଥଳୀ ଏବଂ ସଂଗ୍ରହାଳୟକୁ ବନ୍ଦ କରିବାକୁ ଏଏସ୍‌ଆଇର ସମସ୍ତ ସର୍କଲ ଏବଂ ମିନି ସର୍କଲର ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ, ଡେପୁଟି ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟଙ୍କୁ ଏଏସ୍‌ଆଇ ଡିଜି ଚିଠି ଲେଖି ଜଣାଇଛନ୍ତି। ଏହି ସମୟ ମଧ୍ୟରେ ଐତିହ୍ୟସ୍ଥଳୀଗୁଡ଼ିକରେ ହେବାକୁ ଥିବା ଫିଲ୍ମ ଶୁଟିଂ, ଫଟୋଗ୍ରାଫି, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ଫ୍ରି ଏଣ୍ଟ୍ରି ବୁକିଂକୁ ରଦ୍ଦ କରାଯାଇଛି। ତେବେ କର୍ମଚାରୀମାନେ ନିୟମିତଭାବେ ସେମାନଙ୍କ କାର୍ଯ୍ୟ କରିବାକୁ କୁହାଯାଇଛି। ଓଡ଼ିଶାରେ ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ମୋଟ ୭୮ ଐତିହ୍ୟସ୍ଥଳୀ ରହିଥିବାବେଳେ ଏହାମଧ୍ୟରେ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାଜାରାଣୀ ଏବଂ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବାରବାଟୀ ଦୁର୍ଗ, ଯାଜପୁରର ରତ୍ନଗିରି, ବଲାଙ୍ଗୀର ରାଣୀପୁର ଝରିଆଲ ଭଳି ଐତିହାସିକ ମନ୍ଦିର ଏବଂ କୀର୍ତ୍ତିରାଜି ରହିଛି।

# ଯାତ୍ରୀ ହ୍ରାସ ଯୋଗୁ ବାତିଲ ହେଉଛି ଟ୍ରେନ୍

### ୬ ଦିନରେ ପୂର୍ବତଟ ରେଳପଥର ଲକ୍ଷେ ଟିକେଟ ବାତିଲ



**ଭୁବନେଶ୍ୱର, ୧୭।୩:** ପୂର୍ବତଟ ରେଳପଥ ଯାତ୍ରୀ ପରିବହନ କ୍ଷେତ୍ରରେ ବୃହତ୍ ସଂଖ୍ୟାରେ ହ୍ରାସ ଘଟିଛି। ଲୋକମାନେ ବୁକିଂ କରିଥିବା ସେମାନଙ୍କ ଟିକେଟ ବାତିଲ କରି ଦେଉଛନ୍ତି। ଗତ ୬ ଦିନ ମଧ୍ୟରେ ପୂର୍ବତଟ ରେଳପଥର ୧ ଲକ୍ଷ ଟିକେଟ ବାତିଲ କରାଯାଇଛି। ଗତ ବର୍ଷ ସମାନ ସମୟ ତୁଳନାରେ ବାତିଲ ହୋଇଥିବା ଟିକେଟ ସଂଖ୍ୟାଠାରୁ ଏହା ୬୭% ଅଧିକ ରହିଛି। ସାରା ଦେଶରେ ଟିକେଟ ବାତିଲ ହାର ପୂର୍ବବର୍ଷ ଅପେକ୍ଷା ଏବେ ୮୦% ଛୁଇଁଛି। ଯାତ୍ରୀ ହେଉ ନ ଥିବାରୁ ପୂର୍ବତଟ ରେଳପଥ ଦେଇ ପ୍ରାୟ ୫ ଯୋଡ଼ା ଟ୍ରେନ୍ ବାତିଲ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ରହିଛି। ଏଭଳି ସ୍ଥିତି ଲାଗି ରହିଲେ ଅଧିକ ଟ୍ରେନ୍ ବାତିଲ ହେବା ନେଇ ଆଶଙ୍କା କରାଯାଉଛି। ଟିକେଟ ବୁକିଂକୁ ନିୟମିତ ଭିତ୍ତିରେ ତର୍ଜମା କରାଯାଉଛି। ଏହି ଆଧାରରେ ଟ୍ରେନ୍‌ଗୁଡିକୁ ବାତିଲ କରିବା ଉପରେ ନିଷ୍ପତ୍ତି ହେଉଥିବା ସୂଚନା ରହିଛି। ପୂର୍ବତଟ ରେଳପଥ ଅଧିକ ଭୁବନେଶ୍ୱର, ପୁରୀ, ସମ୍ବଲପୁର ଏବଂ ବିଶାଖାପାଟଣାରୁ ବାହାରୁଥିବା ଟ୍ରେନଗୁଡିକରେ ପରଦା ଏବଂ କମ୍ବଳକୁ ହଟାଯାଇଛି। ଯାତ୍ରୀଙ୍କୁ ନିଜର କମ୍ବଳ, ସାଲ୍ ଆଣିବା ଲାଗି କୁହାଯାଇଛି। ଏହି ସମୟରେ ପୂର୍ବତଟ ରେଳପଥ ସାମୟିକ ଲାଗି କିଛି ସ୍ୱତନ୍ତ୍ର ଟ୍ରେନ୍‌କୁ ମଧ୍ୟ ବାତିଲ କରିଛି।

ଏପଟେ କରୋନା ଭୂତାଣୁ ସଂକ୍ରମଣକୁ ଏଡ଼ାଇବା ଲାଗି ରେଳପଥ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଜୀବାଣୁ ନାଶ ପ୍ରକ୍ରିୟା ହାତକୁ ନିଆଯାଇଛି। ଜ୍ୱର କିମ୍ବା କଫ ଥିବା ଯାତ୍ରୀ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡିକରେ ଖୋଲାଯାଇଥିବା ସାହାଯ୍ୟ କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ରହିଛି। ସରକାର ଧାର୍ଯ୍ୟ କରିଥିବା ନିୟମାବଳୀକୁ ମାନିବା ଏବଂ ସହଯୋଗ କରିବା ନେଇ ରେଳଯାତ୍ରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ନିବେଦନ କରିଛନ୍ତି। ରେଳପଥ ପକ୍ଷରୁ କେତେକ ସ୍ଥାନରେ ଟ୍ରେନ୍‌ଗୁଡିକ ମଧ୍ୟ ବାତିଲ କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି କେନ୍ଦ୍ର ରେଳପଥ ପକ୍ଷରୁ ଶନିବାର ୨୩ ଟ୍ରେନ୍ ବାତିଲ କରାଯାଇଛି। ଏଥିରେ ମେଲ୍, ଏକ୍ସପ୍ରେସ ଟ୍ରେନଠାରୁ ଆରମ୍ଭକରି ରାଜଧାନୀ ଭଳି ଟ୍ରେନ୍ ସାମିଲ ରହିଛି।



୨୦୧୮ରେ ମୁଜାଫରପୁର ସେଲ୍‌ଟର୍ ହୋମରେ ହୋଇଥିବା ଯୌନ ନିର୍ଯ୍ୟାତନା ମାମଲାକୁ ନେଇ ଶାହାରୁଖ ଖାନ୍‌ଙ୍କ ପ୍ରଡକସନ୍ ହାଉସ୍ ରେଡ୍ ଚିଲି ଏଣ୍ଟରଟେନମେଣ୍ଟ ଫିଲ୍ମ ପ୍ରସ୍ତୁତ କରିବାକୁ ସ୍ଥିର କରିଥିବା ଜଣାପଡିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ପୁଲକିତଙ୍କୁ ଦିଆଯାଇଥିବା ବେଳେ ସେ ସ୍କ୍ରିପ୍ଟ ମଧ ଲେଖୁଛନ୍ତି। ତେବେ ୨୦୧୮ମେ ୨୬ରେ ମୁଜାଫରପୁର ସେଲ୍‌ଟର୍ ହୋମ୍ ଘଟଣା ଜଣାପଡିବା ପରେ ସେଠାରେ ଥିବା ଝିଅମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନରେ ରଖାଯିବା ସହ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ଏବେ ଶାହାରୁଖ ଏହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଥିବା ବେଳେ କଳାକାରଙ୍କ ନାଁ ସ୍ଥିର କରାଯାଇ ନାହିଁ ବୋଲି ଜଣାପଡ଼ିଛି।



# ଲିମ୍କା ବୁକ୍ ଅଫ୍ ରେକର୍ଡସରେ 'ଧର୍ମଚକ୍ର'



**ଯମୁନାନଗର:** ହରିୟାଣାର ଯମୁନାନଗର ଟୋପରା କଲାଁ ଗାଁରେ ୨୦୧୯ ଜାନୁୟାରୀରେ ସ୍ଥାପିତ ଲୌହ ନିର୍ମିତ ଧର୍ମଚକ୍ରକୁ ସର୍ବବୃହତ୍ ଧର୍ମଚକ୍ରର ମାନ୍ୟତା ମିଳିଛି। ଏହାକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସାମିଲ କରାଯାଇଛି। ୬ଟନ ଓଜନ ବିଶିଷ୍ଟ ଏହି ଚକ୍ରର ବ୍ୟାସ ୩୦ ଫୁଟ। ଏଥିରେ ୨୪ ଅଖ ଲାଗିଛି। ୨୫୦୦ ବର୍ଷ ପୂର୍ବେ ଅଶୋକ ଚକ୍ରକୁ ଧର୍ମଚକ୍ର କୁହାଯାଉଥିଲା, ଯାହା ଏହା ବୁଦ୍ଧଙ୍କ ଦର୍ଶନ, ତତ୍ତ୍ୱ, ଜୀବନଚକ୍ରକୁ ଦର୍ଶାଇଥାଏ। ଏହି ଚକ୍ର ଅତିକ୍ରମ କରିବା ପରେ ହିଁ ଜଣେ ନିର୍ବାଣ ମାର୍ଗ ଆଡ଼କୁ ଅଗ୍ରସର ହୋଇଥାଏ। ଗ୍ରାମରେ ଭାଇଚାରା ସଦ୍‌ଭାବନା ସୃଷ୍ଟି କରିବାରେ ଏହି ଧର୍ମଚକ୍ର ବେଶ୍ ସହାୟକ ହେବ ବୋଲି ସରପଞ୍ଚ ମନୀଷ କୁମାର କହିଛନ୍ତି।

ପରବର୍ତ୍ତୀ ସମୟରେ ଭାରତର ରାଷ୍ଟ୍ରୀୟ ସଙ୍କେତର ମାନ୍ୟତା ପାଇଥିଲା।

ଏହି ଚକ୍ର ସ୍ଥାପନର ସମସ୍ତ ଶ୍ରେୟ ସିଦ୍ଧାର୍ଥ ଗୌରୀ ଏବଂ ତାଙ୍କ ଭାଇ ଡା. ସତ୍ୟଦୀପ ନୀଲ ଗୌରୀଙ୍କୁ ଦିଆଯାଇଛି। ଗ୍ରାମରେ ଏକ ଧର୍ମଚକ୍ର ସ୍ଥାପନ କରିବାକୁ ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଥିଲା। କମଲ ଇଞ୍ଜିନିୟରିଂ ସଂସ୍ଥା ଏହାର ଡିଜାଇନ ପ୍ରସ୍ତୁତ କରିଥିଲା। ତେବେ ଏହି ଚକ୍ର ନିର୍ମାଣ କରିବା ଗ୍ରାମବାସୀଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏହାକୁ ଏକ ଟାଣୁଆ ଭିତ୍ତିଭୂମି ଉପରେ ନିର୍ମାଣ କରିବା ଜରୁରୀ ହୋଇପଡ଼ିଥିବାବେଳେ ଏଥିରେ ସହଯୋଗର ହାତ ବଢ଼ାଇଥିଲେ ଗୌରୀ ଭ୍ରାତା ଏବଂ ସେମାନଙ୍କ ବନ୍ଧୁ। ଏହି ବିଶାଳକାୟ ଚକ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ୨୪୦ ଦିନ ଲାଗିଛି। ଏ ନେଇ ଡା. ସତ୍ୟଦୀପ୍ ନୀଲ ଗୌରୀ କୁହନ୍ତି, ବୁଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ଏବଂ ଶିକ୍ଷା ବ୍ୟବସ୍ଥାରେ ଏଭଳି ଚକ୍ରର ବହୁଳ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ସମ୍ରାଟ୍ ଅଶୋକଙ୍କ ଦ୍ୱାରା ସ୍ଥାପିତ ସ୍ତମ୍ଭର ଉପରି ଭାଗରେ ଧର୍ମଚକ୍ର ସ୍ଥାପନ କରାଯାଇଥିଲା। ବୌଦ୍ଧ ଦର୍ଶନ ଅନୁଯାୟୀ ଧର୍ମଚକ୍ରରେ ୨୪ ଅର ଥାଏ।

# ଟେନିସ କୋର୍ଟରେ ନୀନା ଗୁପ୍ତା





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ଏବେ ଫିଲ୍ମ ସହ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଦୀର୍ଘ ଦିନର ବ୍ରେକ୍ ପରେ ସେ ବଡ଼ ପରଦାକୁ ଜବରଦସ୍ତ ଏଣ୍ଟ୍ରି କରିଛନ୍ତି। ଏଭଳି ସ୍ଥିତିରେ ନୀନା ନିଜର ଫିଟ୍‌ନେସ୍ ଉପରେ ବେଶ୍ ଧ୍ୟାନ ଦେଉଥିବା ନଜର ଆସିଛି। ଏଥିପାଇଁ ନୀନା ୱାର୍କଆଉଟ୍ କରିବା ସହ ଯୋଗ ଓ ସ୍ପୋର୍ଟ୍ସରେ ନିଜର ସମୟ ଅତିବାହିତ କରୁଛନ୍ତି। ଇତିମଧ୍ୟରେ ସୋସିଆଲ ମିଡିଆରେ ନୀନାଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ଲନ୍‌ରେ ଟେନିସ ଖେଳୁଥିବାର ଦେଖିବାକୁ ମିଳିଛି। ୬୦ବର୍ଷର ନୀନାଙ୍କ ଏହି ଭିଡିଓକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ନୀନା ଏହି ଭିଡିଓକୁ ଶେୟାର କରିବା ସହ କ୍ୟାପସନ୍‌ରେ ଲେଖିଛନ୍ତି, ଦୀର୍ଘ ବର୍ଷ ପରେ ଏହାକୁ ଖେଳି ବେଶ୍ ମଜା ଲାଗିଲା।

# ଗୋମୂତ୍ର ଲିଟର ୫୦୦ ଟଙ୍କା



କଥାଟା ଶୁଣିବାକୁ ହଠାତ୍ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ଏକ ଘଟଣା ଏବେ ଦେଖିବାକୁ ମିଳିଛି ପଶ୍ଚିମବଙ୍ଗ ହୁଗୁଳି ଜିଲାର ଡାନକୁନି ଅଞ୍ଚଳରେ । ଏହି ଅଞ୍ଚଳର ବ୍ୟକ୍ତି ଶେଖ ମାବୁଦ ଅଲୀଙ୍କ କହିବା ଅନୁସାରେ ଗୋମୂତ୍ରରେ କ୍ୟାନ୍‌ସର ଏବଂ କରୋନା ଭାଇରସ୍‌ର ଚିକିତ୍ସା ସମ୍ଭବ । ତେଣୁ ସେ ତାଙ୍କ ଦୋକାନ ଆଗରେ ଏବେ ସ୍ୱତନ୍ତ୍ରଭାବେ ଗୋମୂତ୍ର ଏବଂ ଗୋବର ମଧ ବିକ୍ରି କରୁଛନ୍ତ। ମାବୁଦ ତାଙ୍କ ଦୋକାନରେ ଏକ ଲିଟର ଗୋମୂତ୍ରକୁ ବିକ୍ରି କରୁଛନ୍ତି ୫୦୦ ଟଙ୍କାରେ । ସେହିଭଳି ଏକ କିଲୋଗ୍ରାମ୍ ଗୋବରର ମୂଲ୍ୟ ବି ୫୦୦ ଟଙ୍କା ରହିଛି । ଏବେ କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସେ ଗୋମୂତ୍ର ପିଇବା ପାଇଁ ପରାମର୍ଶ ଦେଉଛନ୍ତି । ସେଥିପାଇଁ ସେ ତାଙ୍କ ଦୋକାନ ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖିଛନ୍ତି 'ଗୋମୂତ୍ର ପିଅନ୍ତୁ କରୋନା ଭାଇରସ୍‌ରୁ ରକ୍ଷା ପାଆନ୍ତୁ' । କିଛି ଦିନ ତଳେ ଦିଲ୍ଲୀରେ ହୋଇଥିବା ଗୋମୂତ୍ର ପାର୍ଟିରୁ ପ୍ରେରଣା ପାଇ ମାବୁଦ ଏପରି କାମ ଆରମ୍ଭ କରିଛନ୍ତି ।

# ଭିକାରିଙ୍କ ପୁଣ୍ୟକର୍ମ



**ଅହମଦାବାଦ:** ଗୁଜରାଟ ଅହମଦାବାଦର ଡାକୋରରେ ଥିବା ରଣଛୋଡ଼୍‌ରାୟ ମନ୍ଦିରରେ ୪୫ ବର୍ଷ ଧରି ଭିକ ମାଗି ଜୀବନଧାରଣ କରୁଥିଲେ ଭଗବାନଦାସ ଶଙ୍କରଲାଲ୍ ଜୋଷୀ । ଏତେ ବର୍ଷ ଧରି ଭିକ ମାଗି ଚଳୁଥିବା ଏଇ ଭିକାରି ଜଣକ ଏବେ ଅଢ଼େଇ ହଜାର ବ୍ରାହ୍ମଣଙ୍କୁ ଭୋଜନ ଦେଇ ଖୁସି କରାଇଛନ୍ତି। ଏପରି କାର୍ଯ୍ୟକରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି ଭଗବାନଦାସ । ତାଙ୍କ କହିବା ମୁତାବକ ସବୁବେଳେ ସେ ଅନ୍ୟଠୁ ମାଗି ଚଳିଛନ୍ତି । କିନ୍ତୁ ନିଜେ ପରୋପକାର କରିବାର ସୁଯୋଗ ପାଇ ନ ଥିଲେ । ତେଣୁ ସେ ମଧ କିଛି ପୁଣ୍ୟ କାମ କରିବାକୁ ଚାହୁଁଥିଲେ। ଏହି ଲକ୍ଷ୍ୟରେ ସେ ଅର୍ଥ ସଞ୍ଚୟ କରିବା ଆରମ୍ଭ କରିଥିଲେ। ଏଇ ଜନ୍ମରେ ସେ କିଛି ଭଲ କାମ କରି ଆର ଜନ୍ମ ପାଇଁ ପୁଣ୍ୟ ଅର୍ଜନ କରିବାକୁ ଚାହୁଁଥିଲେ। ବ୍ରାହ୍ମଣ ଭୋଜନ ଦେଲେ ବହୁ ପୁଣ୍ୟ ମିଳିଥାଏ ବୋଲି ସେ ଶୁଣିଥିଲେ। ତେଣୁ ବହୁ ବର୍ଷ ଧରି ଟଙ୍କା ଏକାଠି କରି ସେ ଅଢ଼େଇ ହଜାର ବ୍ରାହ୍ମଣଙ୍କୁ ଭୋଜନ ଦେଇଛନ୍ତି। ଭଗବାନ ଦାସ ଜନ୍ମରୁ ଦୃଷ୍ଟିହୀନ, ସେଥିପାଇଁ ସେ ମନ୍ଦିରରେ ଭିକ ମାଗିଥାନ୍ତି । କିନ୍ତୁ ବେଶ୍ ସୁନ୍ଦର ଭାବେ ଭଜନ ଗାଇଥାନ୍ତି । ପ୍ରାୟ ଏକ ହଜାର ଭଜନ ତାଙ୍କର ମନେ ରହିଛି । ବିଭିନ୍ନ ଭଜନ ମଣ୍ଡଳୀରେ ବି ଭଜନ ଗାଇଥାନ୍ତି।

# ଗର୍ଭବତୀ ମା'ଠାରୁ ନବଜାତକଙ୍କୁ ହେବନି କରୋନା



**ବେଜିଂ:** କରୋନା ଭାଇରସ ଏବେ ବିଶ୍ୱକୁ ଚିନ୍ତାରେ ପକାଇ ଦେଇଥିବା ବେଳେ ଏହି ଭୂତାଣୁ ଗର୍ଭବତୀ ମା'ଠାରୁ ନବଜାତ ଶିଶୁକୁ ସଂକ୍ରମଣ କରିବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଚାଇନାର ହୁଆଝୋଙ୍ଗ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି। ସେମାନେ କହିଛନ୍ତି ଯେଉଁ ଗର୍ଭବତୀମାନେ କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି ସେମାନଙ୍କ ଗର୍ଭସ୍ଥ ଶିଶୁଙ୍କ ନିକଟରେ କରୋନାର କୌଣସି ଗୁଣ ଦେଖାଯାଇନାହିଁ। ଫ୍ରଣ୍ଟିୟର ଇନ୍ ପେଡିଆଟ୍ରିକ୍ ଜର୍ନାଲରେ ସୋମବାର ଏହା ପ୍ରକାଶ ପାଇଥିଲା। ଚାଇନାର ହୁବେଇରେ ଥିବା ଉହାନ ସହରରେ ପ୍ରଥମେ କରୋନା ସଂକ୍ରମଣ ଦେଖାଯାଇଥିବା ବେଳେ ସେଠାକାର ୪ଜଣ ଗର୍ଭବତୀଙ୍କୁ ନେଇ ଏହି ପରୀକ୍ଷା କରାଯାଇଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରଥମେ ଏହି ଶିଶୁମାନଙ୍କୁ ଏନ୍‌ଆଇସିୟୁରେ ରଖାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୩ ଶିଶୁଙ୍କ ନମୁନା କରୋନା ନେଗେଟିଭ ଆସିଥିବା ବେଳେ ଚତୁର୍ଥ ଶିଶୁର ମା' କରୋନା ନମୁନା ପରୀକ୍ଷା ପାଇଁ ଅରାଜି ହୋଇଥିଲେ। ଉକ୍ତ ଗବେଷଣାକୁ ନେଇ ବିଶେଷଜ୍ଞମାନେ ଏହା ସ୍ପଷ୍ଟ କରି ନ ଥିବା ମଧ କହିଛନ୍ତି। ଅନ୍ୟପଟେ ଇଟାଲିରେ ଜଣେ ନବଜାତକଙ୍କୁ କରୋନା ଭାଇରସ ସଂକ୍ରମଣ ହୋଇଥିବା ବେଳେ ସେ ସବୁଠାରୁ କମ୍ ବୟସର କରୋନା ସଂକ୍ରମିତ ରୋଗୀ ବୋଲି କୁହାଯାଇଥିଲା।

# କରୋନା ଭୟ

## ଆଇସୋଲେଶନରେ ଦିଲୀପ କୁମାର, ଅନୁପ ଜଲୋଟା



ଅନୁପ ଜଲୋଟା
ଦିଲୀପ କୁମାର

**ମୁମ୍ବାଇ:** କରୋନା ଭାଇରସ ଏବେ ସାରା ବିଶ୍ୱକୁ ବ୍ୟାପିଥିବା ବେଳେ ଭାରତରେ କ୍ରମାଗତ ଭାବେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି ବଲିଉଡ୍‌ର ଭେଟେରାନ ଅଭିନେତା ଦିଲୀପ କୁମାରଙ୍କୁ ଆଇସୋଲେଶନରେ ରଖାଯାଇଥିବା ଜଣାପଡିଛି। ଅଭିନେତା ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି କରୋନା ଭାଇରସ କାରଣରୁ ତାଙ୍କୁ ଆଇସୋଲେଶନ ଓ କ୍ୱାରାଣ୍ଟାଇନରେ ରଖାଯାଇଛି। ପତ୍ନୀ ସାଇରା ବାନୁ ତାଙ୍କର ସମସ୍ତ ଯତ୍ନ ନେଉଥିବା ବେଳେ ଯେମିତି ତାଙ୍କୁ କୌଣସି ସଂକ୍ରମଣ ନ ହେବ ସେଥିପ୍ରତି ସାଇରା ବିଶେଷ ଧ୍ୟାନ ଦେଇଛନ୍ତି ବୋଲି ଟ୍ରାଜେଡି କିଙ୍ଗ ଉଲ୍ଲେଖ କରିଛନ୍ତି। ୯୭ ବର୍ଷୀୟ ଅଭିନେତା ଦିଲୀପ କୁମାର ଆହୁରି ମଧ କହିଛନ୍ତି, କରୋନା ଦାଉରୁ ରକ୍ଷା ପାଇବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ମାନି ଚଳନ୍ତୁ ଓ ଯେତେ ସମ୍ଭବ ନିଜକୁ ଘରେ ରଖିବାକୁ ଚେଷ୍ଟା କରନ୍ତୁ। ସେହିଭଳି ସଙ୍ଗୀତ ଜଗତରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ୬୬ ବର୍ଷୀୟ ଭଜନ ସମ୍ରାଟ ଅନୁପ ଜଲୋଟାଙ୍କୁ ଏକ ହୋଟେଲରେ ଆଇସୋଲେଶନ୍‌ରେ ରଖାଯାଇଥିବା ଜଣାପଡ଼ିଛି। ଏନେଇ ସୋସିଆଲ ମିଡିଆରେ ଅନୁପ ଏକ ଫଟୋ ଶେୟାର କରିବା ସହ ଆଇସୋଲେଶନ୍‌ରେ ଥିବା ନେଇ ସୂଚନା ଦେଇଛନ୍ତି। ଏହି ଫଟୋରେ ତାଙ୍କୁ ମାସ୍କ ପିନ୍ଧିଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଅନୁପ ଲଣ୍ଡନରୁ ମୁମ୍ବାଇକୁ ଫେରିଥିଲେ। ମୁମ୍ବାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ପହଞ୍ଚିବା ପରେ ଏକ ଡାକ୍ତରୀ ଦଳର ତାଙ୍କୁ ସ୍କାନିଂ କରିଥିଲେ। ଏହାପରେ ତାଙ୍କୁ ହୋଟେଲ ମିରାଜରେ ଆଇସୋଲେଶନ୍ କରି ରଖାଯାଇଥିଲା। କେବଳ ତାଙ୍କୁ ନୁହେଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଉକ୍ତ ହୋଟେଲରେ ଆଇସୋଲେଶନ୍ କରି ରଖାଯାଇଛି। ଏକ ୨୫ଜଣିଆ ଡାକ୍ତରୀ ଦଳ ସେମାନଙ୍କର ପରୀକ୍ଷା କରୁଥିବା ସୂଚନା ମିଳିଛି। ତେବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଦିଆଯାଉଥିବା ମେଡିକାଲ କେୟାରକୁ ଅନୁପ ପ୍ରଶଂସା କରିଛନ୍ତି।

# ୮୫ହଜାର କଏଦୀଙ୍କୁ ମୁକ୍ତିଦେଲା କରୋନା



**ତେହେରାନ:** କରୋନା ଭାଇରସ୍ ଯୋଗୁ ଇରାନରେ ଏପର୍ଯ୍ୟନ୍ତ ୧୬,୧୬୯ ବ୍ୟକ୍ତି ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୯୮୮ କୁ ଛୁଇଁଛି। କରୋନା ପ୍ରଭାବକୁ ଦେଖି ଇରାନ ଜେଲରେ ବନ୍ଦୀ ଥିବା ହଜାର ହଜାର କଏଦୀଙ୍କୁ ମୁକ୍ତ କରିଛନ୍ତି। କରୋନା ସଂକ୍ରମଣକୁ ରୋକିବାକୁ ମାର୍ଚ୍ଚ୧୭ ମଙ୍ଗଳବାର ଇରାନ ଜେଲରୁ ୮୫ହଜାର କଏଦୀଙ୍କୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ଏନେଇ ସରକାର ସପ୍ତାହେ ପୂର୍ବରୁ ଜେଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ସମସ୍ତ କଏଦୀଙ୍କୁ ସରକାର ସାମୟିକ ଭାବେ ମୁକ୍ତ କରିଥିବା ଜଣାପଡ଼ିଛି। କିନ୍ତୁ ଯେଉଁ କଏଦୀଙ୍କର ଦଣ୍ଡାଦେଶ ୫ବର୍ଷରୁ ଊର୍ଦ୍ଧ୍ୱ ରହିଛି, ସେମାନଙ୍କୁ ଜେଲରୁ ମୁକ୍ତ କରାଯାଇନାହିଁ। ଯଦି କଏଦୀଙ୍କ ମଧ୍ୟରେ କରୋନା ବ୍ୟାପେ ତେବେ ବଡ଼ ଆକାରରେ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଆଗୁଆ ସତର୍କତା ଅବଲମ୍ବନ କରି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନା ମୁତାବକ କରୋନା ଭାଇରସ୍ ସଂକ୍ରମଣରେ ଇରାନ ବିଶ୍ୱର ତୃତୀୟ ଦେଶ। ଯେଉଁଠାରେ ସର୍ବାଧିକ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ପ୍ରଥମରେ ଚାଇନା ରହିଥିବା ବେଳେ ଇଟାଲୀ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପୋକମାଛି ଭଳି ଲୋକେ କରୋନାରେ ମରୁଛନ୍ତି।

# ତହସିଲଦାରଙ୍କ କାର୍ଯ୍ୟାଳୟ, କୋଟପାଡ଼

## (ଭୂ-ଅର୍ଜନ ଉପବିଭାଗ)

### (ଭାରତ ସରକାର ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩ (ii) ରେ ପ୍ରକାଶ ନିମନ୍ତେ)

ଭାରତ ସରକାର
(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)

## ଅଧିସୂଚନା

ନୂଆଦିଲ୍ଲୀ - ତା

**No. X-6:-** କା.ଆ. (ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା ୪୮) (ଯାହାକି ପରେ ଉକ୍ତ ଅଧିନିୟମ ରୂପେ ଗୃହୀତ)ର ଧାରା ୩(କ)ର ଉପଧାରା (୧) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୬୩ର ହେଉଅଛି। ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚକ ଉପରୋକ୍ତ ଉଦ୍ଦେଶ୍ୟରେ (ଘୋଷଣାନାମରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଗଲା)।

ଯଦି କୌଣସି ବ୍ୟକ୍ତି ଯାହାର ଉକ୍ତ ଭୂମିରେ ସ୍ୱାର୍ଥ ଯୁକ୍ତ ହୋଇଥାନ୍ତି ତେବେ ଉକ୍ତ ଅଧିନିୟମର ଧାରା ୩(ଗ)ର ଉପଧାରା(୧)ର ଅନ୍ତର୍ଗତ ଏପରି ଭୂମିର ଉପଯୋଗ ସମ୍ବନ୍ଧରେ, ଏହି ଅଧିସୂଚନା ପ୍ରକାଶ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଆପତ୍ତି କରିପାରିବେ।

ଏହି ସମସ୍ତ ଆପତ୍ତିଗୁଡ଼ିକ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ୍ ଉପଜିଲ୍ଲାପାଳ (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ, ତହସିଲଦାର କୋଟପାଡ଼ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲିଖିତ ରୂପେ କରାଯିବ ଓ ତାହା କେଉଁ ଆଧାରରେ କରାଯାଉଛି ଉଲ୍ଲେଖ ହେବ, କ୍ଷମତାପ୍ରାପ୍ତ ଅଧିକାରୀ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ରୂପେ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ଆଇନଜୀବୀଙ୍କ ମାଧ୍ୟମରେ ଅଭିଯୋଗଗୁଡ଼ିକ ଶୁଣିବା ପାଇଁ ସୁଯୋଗ ଦେବେ ଏବଂ ତାଙ୍କ ଅଭିଯୋଗର ତର୍ଜମା ପରେ ଯଦି ଉଚିତ ମନେକରନ୍ତି, ତାହାହେଲେ ବିଚାର ନିମନ୍ତେ ଗ୍ରହଣ କରିବେ କିମ୍ବା ଫେରସ୍ତ କରିବେ।

ଉକ୍ତ ଅଧିନିୟମର ଧାରା ୩(ଗ)ର ଉପଧାରା(୨)ର ଅଧୀନ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କରାଯାଇଥିବା ଆଦେଶ ଅନ୍ତିମ ବୋଲି ଧରାଯିବ।

ଉକ୍ତ ଅଧିସୂଚନା ଅନ୍ତର୍ଗତ ହେଉଥିବା ଭୂମିର ନକ୍ସା (ରେଖାଚିତ୍ର) ଓ ଅନ୍ୟ ବିବରଣୀ ଉପଜିଲ୍ଲାପାଳ (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ, କୋଟପାଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦିବସଗୁଡ଼ିକରେ ସ୍ୱାର୍ଥଯୁକ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦେଖିବା ପାଇଁ ଉପଲବ୍ଧ ହେବ।

ସ୍ୱା./- କାର୍ଯ୍ୟଦକ୍ଷ (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋଟପାଡ଼ଙ୍କ
ଜାତୀୟ ରାଜପଥ-୬୩, କୋରାପୁଟ ଜିଲ୍ଲା

## ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୬୩ର କୋଟପାଡ଼ ସହର ପାଇଁ ପ୍ରଧାନ ରାସ୍ତା (bye pass road)ର ନିର୍ଦ୍ଦିଷ୍ଟ ଭୂଖଣ୍ଡ ନିର୍ମାଣ (ପ୍ରଶସ୍ତୀକରଣ/୪ ଲେନ) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂ-ଅର୍ଜନର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | କୋରାପୁଟ | କୋଟପାଡ଼ | ଅଂଲାବଟା | ୬୭୭ | ସରକାରୀ | ରାସ୍ତା | ୦.୧୭୨ |
| ୨ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୨ | ରୟତି | ଧାନ-୧ | ୦.୬୮୮ |
| ୩ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୪ | ରୟତି | ଧାନ-୨ | ୦.୦୬୬ |
| ୪ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୫ | ରୟତି | ଧାନ-୨ | ୦.୦୨୯ |
| ୫ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୬ | ରୟତି | ଧାନ-୨ | ୦.୪୨୯ |
| ୬ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୭ | ରୟତି | ଧାନ-୨ | ୦.୩୭୧ |
| ୭ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୯ | ରୟତି | ଧାନ-୨ | ୦.୧୩୦ |
| ୮ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୧୦ | ରୟତି | ଧାନ-୨ | ୦.୩୫୦ |
| ୯ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୧୧ | ରୟତି | ଧାନ-୨ | ୦.୧୦୦ |
| ୧୦ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୧୭ | ରୟତି | ଧାନ-୨ | ୦.୦୫୮ |
| ୧୧ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୧୮ | ରୟତି | ଧାନ-୨ | ୦.୨୧୯ |
| ୧୨ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୧୯ | ସରକାରୀ | ରାସ୍ତା | ୦.୧୧୦ |
| ୧୩ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୧ | ରୟତି | ଧାନ-୨ | ୦.୫୦୦ |
| ୧୪ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୨ | ରୟତି | ଧାନ-୨ | ୦.୦୪୮ |
| ୧୫ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୫ | ରୟତି | ଧାନ-୨ | ୦.୩୨୯ |
| ୧୬ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୬ | ରୟତି | ଧାନ-୨ | ୦.୩୦୦ |
| ୧୭ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୭ | ରୟତି | ଧାନ-୨ | ୦.୩୨୯ |
| ୧୮ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୮ | ରୟତି | ଧାନ-୨ | ୦.୧୨୧ |
| ୧୯ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୨୯ | ରୟତି | ଧାନ-୨ | ୦.୧୨୩ |
| ୨୦ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୩୦ | ରୟତି | ଧାନ-୨ | ୦.୨୩୦ |
| ୨୧ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୩୧ | ରୟତି | ଧାନ-୨ | ୦.୦୮୨ |
| ୨୨ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୩୨ | ରୟତି | ଧାନ-୨ | ୦.୦୦୮ |
| ୨୩ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୨/୮୦୩ | ରୟତି | ଧାନ-୨ | ୦.୦୩୯ |
| ୨୪ | କୋରାପୁଟ | କୋଟପାଡ଼ | ଅଂଲାବଟା | ୮୦୪ | ରୟତି | ଧାନ-୨ | ୦.୨୦୮ |
| ୨୫ | କୋରାପୁଟ | କୋଟପାଡ଼ | ଅଂଲାବଟା | ୮୦୫ | ରୟତି | ଧାନ-୨ | ୦.୦୭୨ |
| ୨୬ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୨/୮୨୭ | ରୟତି | ଧାନ-୨ | ୦.୦୫୦ |
| ୨୭ | କୋରାପୁଟ | କୋଟପାଡ଼ | ଅଂଲାବଟା | ୭୦୨/୮୪୨ | ରୟତି | ଧାନ-୨ | ୦.୦୩୩ |
| ୨୮ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୦ | ରୟତି | ଧାନ-୨ | ୦.୦୭୬ |
| ୨୯ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୧ | ରୟତି | ଧାନ-୨ | ୦.୨୧୭ |
| ୩୦ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୩ | ରୟତି | ଧାନ-୨ | ୦.୦୦୭ |
| ୩୧ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୪ | ସରକାରୀ | ନୟନଯୋଡ଼ି | ୦.୧୫୯ |
| ୩୨ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୫ | ସରକାରୀ | ରାସ୍ତା | ୦.୨୮୩ |
| ୩୩ | କୋରାପୁଟ | କୋଟପାଡ଼ | ବଡାସନା | ୧୨୦୬ | ସରକାରୀ | ନୟନଯୋଡ଼ି | ୦.୨୦୩ |
| ୩୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୯ | ରୟତି | ଧାନ-୧ | ୦.୦୮୭ |
| ୩୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୦ | ରୟତି | ଧାନ-୧ | ୦.୨୮୬ |
| ୩୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧ | ରୟତି | ଧାନ-୨ | ୦.୧୭୦ |
| ୩୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୨ | ରୟତି | ଧାନ-୧ | ୦.୦୨୪ |
| ୩୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୩ | ରୟତି | ଧାନ-୨ | ୦.୧୭୨ |
| ୩୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୬ | ସରକାରୀ | ଗୋଚର | ୦.୦୦୫ |
| ୪୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୮ | ସରକାରୀ | ପତ୍ରାଜଙ୍ଗଲ | ୦.୦୮୬ |
| ୪୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୯ | ରୟତି | ଡୋଙ୍ଗର-୨ | ୦.୩୫୮ |
| ୪୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୦ | ରୟତି | ଡୋଙ୍ଗର-୨ | ୦.୦୮୩ |
| ୪୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୧ | ରୟତି | ଧାନ-୧ | ୦.୧୯୩ |
| ୪୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୨ | ରୟତି | ଧାନ-୧ | ୦.୦୭୧ |
| ୪୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୩ | ରୟତି | ଧାନ-୧ | ୦.୦୮୭ |
| ୪୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୭ | ରୟତି | ଧାନ-୧ | ୦.୦୨୩ |
| ୪୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୮ | ସରକାରୀ | ପତିତ | ୦.୦୬୦ |
| ୪୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୩୯ | ରୟତି | ଧାନ-୧ | ୦.୦୧୩ |
| ୪୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୦ | ରୟତି | ଧାନ-୧ | ୦.୧୫୧ |
| ୫୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୧ | ରୟତି | ଧାନ-୧ | ୦.୧୧୮ |
| ୫୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୨ | ସରକାରୀ | ପତ୍ରାଜଙ୍ଗଲ | ୦.୨୦୪ |
| ୫୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୩ | ରୟତି | ଡୋଙ୍ଗର-୨ | ୦.୦୨୧ |
| ୫୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୪ | ରୟତି | ଡୋଙ୍ଗର-୨ | ୦.୦୧୯ |
| ୫୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୫ | ସରକାରୀ | ପତ୍ରାଜଙ୍ଗଲ | ୦.୦୫୯ |
| ୫୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୪୬ | ରୟତି | ଧାନ-୧ | ୦.୧୨୮ |
| ୫୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୧ | ରୟତି | ଧାନ-୧ | ୦.୧୭୩ |
| ୫୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୩ | ରୟତି | ଧାନ-୧ | ୦.୧୮୨ |
| ୫୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୪ | ସରକାରୀ | ଗୋଚର | ୦.୦୨୦ |
| ୫୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୧୭୪ |
| ୬୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୬ | ରୟତି | ଧାନ-୨ | ୦.୧୩୯ |
| ୬୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୭ | ରୟତି | ଧାନ-୨ | ୦.୧୫୩ |
| ୬୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୮୩ | ରୟତି | ଧାନ-୨ | ୦.୬୪୬ |
| ୬୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୮୫ | ରୟତି | ଧାନ-୨ | [illegible] |
| ୬୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୯୧ | ରୟତି | ଧାନ-୨ | ୦.୧୨୭ |
| ୬୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୯୨ | ରୟତି | ଧାନ-୨ | ୦.୧୬୭ |
| ୬୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୯୪ | ରୟତି | ଧାନ-୨ | ୦.୧୨୭ |
| ୬୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦.୧୭୬ |
| ୬୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦.୨୨୩ |
| ୬୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦.୦୩୨ |
| ୭୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦.୧୬୭ |
| ୭୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୫୦ | ସରକାରୀ | ରାସ୍ତା | ୦.୦୪୭ |
| ୭୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୬୩ | ରୟତି | ଧାନ-୨ | ୦.୨୧୧ |
| ୭୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦.୨୨୮ |
| ୭୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୬୬ | ରୟତି | ଧାନ-୨ | ୦.୦୫୮ |
| ୭୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୬୭ | ରୟତି | ଧାନ-୨ | ୦.୦୭୨ |
| ୭୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୬୮ | ରୟତି | ଧାନ-୨ | ୦.୧୪୪ |
| ୭୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୭୯ | ସରକାରୀ | ଧାନ-୨ | ୦.୧୮୫ |
| ୭୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୮୦ | ରୟତି | ଧାନ-୨ | ୦.୨୯୫ |
| ୭୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୮୧ | ରୟତି | ଧାନ-୨ | ୦.୩୨୨ |
| ୮୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୮୨ | ରୟତି | ଧାନ-୨ | ୦.୦୫୮ |
| ୮୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୮୬ | ରୟତି | ଧାନ-୨ | ୦.୨୩୪ |
| ୮୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୮୭ | ରୟତି | ଧାନ-୨ | ୦.୧୦୯ |
| ୮୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୯୬ | ରୟତି | ଧାନ-୨ | ୦.୧୬୧ |
| ୮୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୯୭ | ରୟତି | ଧାନ-୨ | ୦.୨୦୫ |
| ୮୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୧୯୮ | ରୟତି | ଧାନ-୨ | ୦.୧୯୩ |
| ୮୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୦୮ | ରୟତି | ଧାନ-୨ | ୦.୪୦୮ |
| ୮୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୧ | ରୟତି | ଧାନ-୨ | ୦.୧୯୭ |
| ୮୮ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୪ | ରୟତି | ଧାନ-୨ | ୦.୧୬୬ |
| ୮୯ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୫ | ରୟତି | ଧାନ-୨ | ୦.୩୨୧ |
| ୯୦ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୬ | ରୟତି | ଡାଙ୍ଗର-୨ | ୦.୦୦୪ |
| ୯୧ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୮ | ରୟତି | ଧାନ-୨ | ୦.୧୮୮ |
| ୯୨ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୧୯ | ରୟତି | ଧାନ-୨ | ୦.୨୧୯ |
| ୯୩ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୨୪ | ରୟତି | ଧାନ-୨ | ୦.୧୯୪ |
| ୯୪ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୨୫ | ରୟତି | ଧାନ-୨ | ୦.୫୫୭ |
| ୯୫ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୨୬ | ସରକାରୀ | ରାସ୍ତା | ୦.୧୦୭ |
| ୯୬ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୨୨୫/୪୬୯ | ସରକାରୀ | ରାସ୍ତା | ୦.୦୭୯ |
| ୯୭ | କୋରାପୁଟ | କୋଟପାଡ଼ | ବିରାହାଣ୍ଡି | ୫୩/୪୮୬ | ସରକାରୀ | ଜଳାଶୟ | ୦.୦୩୪ |
| ୯୮ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୪ | ସରକାରୀ | ଜଳାଶୟ | ୦.୨୯୯ |
| ୯୯ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୬ | ରୟତି | ଧାନ-୧ | ୦.୨୦୩ |
| ୧୦୦ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୭ | ସରକାରୀ | କେନାଲ | ୦.୦୬୭ |
| ୧୦୧ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୮ | ରୟତି | ଧାନ-୧ | ୦.୧୧୯ |
| ୧୦୨ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୮୯ | ରୟତି | ଧାନ-୧ | ୦.୭୧୬ |
| ୧୦୩ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୯୦ | ରୟତି | ଧାନ-୧ | ୦.୬୧୨ |
| ୧୦୪ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୦୭ | ରୟତି | ବଗାୟତ | ୦.୨୮୧ |
| ୧୦୫ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୦୮ | ରୟତି | ଡାଙ୍ଗର-୨ | ୦.୫୦୩ |
| ୧୦୬ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୧୧ | ରୟତି | ଡାଙ୍ଗର-୨ | ୦.୦୨୫ |
| ୧୦୭ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୧୨ | ସରକାରୀ | ଗୋଚର | ୦.୯୯୭ |
| ୧୦୮ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୧୩ | ସରକାରୀ | ନୟନଯୋଡ଼ି | ୦.୨୧୫ |
| ୧୦୯ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୧୪ | ସରକାରୀ | ରାସ୍ତା | ୦.୧୯୭ |
| ୧୧୦ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୧୫ | ସରକାରୀ | ନୟନଯୋଡ଼ି | ୦.୨୬୦ |
| ୧୧୧ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୩୬ | ସରକାରୀ | ନୟନଯୋଡ଼ି | ୦.୫୭୮ |
| ୧୧୨ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୩୭ | ସରକାରୀ | ରାସ୍ତା | ୦.୦୦୧ |
| ୧୧୩ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୩୯ | ରୟତି | ବଗାୟତ | ୦.୭୬୯ |
| ୧୧୪ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୪୦ | ସରକାରୀ | ଗୋଚର | ୦.୦୫୭ |
| ୧୧୫ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୪୧ | ରୟତି | ଡାଙ୍ଗର-୧ | ୧.୧୪୫ |
| ୧୧୬ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୫୭ | ରୟତି | ଡାଙ୍ଗର-୧ | ୦.୧୪୮ |
| ୧୧୭ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୬୩ | ରୟତି | ଡାଙ୍ଗର-୨ | ୨.୩୨୭ |
| ୧୧୮ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୫୬୭ | ରୟତି | ଧାନ-୧ | ୦.୦୦୩ |
| ୧୧୯ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୯/୧ | ରୟତି | ଧାନ-୧ | ୦.୯୯୮ |
| ୧୨୦ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୪୬୯/୨ | ରୟତି | ଧାନ-୧ | ୧.୧୭୭ |
| ୧୨୧ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୩ | ରୟତି | ଧାନ-୨ | ୦.୨୭୫ |
| ୧୨୨ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୪ | ରୟତି | ଧାନ-୨ | ୦.୨୩୧ |
| ୧୨୩ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୬ | ରୟତି | ଧାନ-୨ | ୦.୩୦୧ |
| ୧୨୪ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୭ | ରୟତି | ଡାଙ୍ଗର-୧ | ୦.୨୭୪ |
| ୧୨୫ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୯ | ରୟତି | ଧାନ-୨ | ୦.୦୦୯ |
| ୧୨୬ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୩ | ରୟତି | ଧାନ-୨ | ୦.୧୫୮ |
| ୧୨୭ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୪ | ରୟତି | ଧାନ-୨ | ୦.୧୪୧ |
| ୧୨୮ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୫ | ରୟତି | ଧାନ-୨ | ୦.୬୦୪ |
| ୧୨୯ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୬ | ରୟତି | ଧାନ-୨ | ୦.୦୭୨ |
| ୧୩୦ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୪/୧୮୨୪ | ରୟତି | ଧାନ-୨ | ୦.୧୧୭ |
| ୧୩୧ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୬/୧୮୪୧ | ରୟତି | ଧାନ-୨ | ୦.୦୦୧ |
| ୧୩୨ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୫୬/୧୮୪୨ | ରୟତି | ଧାନ-୨ | ୦.୨୧୪ |
| ୧୩୩ | କୋରାପୁଟ | କୋଟପାଡ଼ | ଡାମଣାହାଣ୍ଡି | ୧୫୬୪/୧୯୨୭ | ରୟତି | ଧାନ-୨ | ୦.୧୯୬ |
| ୧୩୪ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୩୪୨ | ରୟତି | ଧାନ-୨ | ୦.୦୦୨ |
| ୧୩୫ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୩୪୩ | ରୟତି | ଧାନ-୨ | ୦.୦୪୪ |
| ୧୩୬ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୩୪୪ | ରୟତି | ଧାନ-୨ | ୦.୦୧୨ |
| ୧୩୭ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୩୭୦ | ସରକାରୀ | ଗୋଚର | ୦.୦୪୨ |
| ୧୩୮ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୩୧ | ସରକାରୀ | ନୟନଯୋଡ଼ି | ୦.୩୧୮ |
| ୧୩୯ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୩୨ | ସରକାରୀ | ରାସ୍ତା | ୦.୩୦୩ |
| ୧୪୦ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୩୩ | ସରକାରୀ | ନୟନଯୋଡ଼ି | ୦.୬୩୨ |
| ୧୪୧ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୬୧ | ରୟତି | ଧାନ-୨ | ୦.୦୭୩ |
| ୧୪୨ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୬୫ | ରୟତି | ଧାନ-୨ | ୦.୪୦୨ |
| ୧୪୩ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୬୯ | ରୟତି | ଧାନ-୨ | ୦.୦୯୪ |
| ୧୪୪ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୦ | ରୟତି | ଧାନ-୨ | ୦.୩୪୬ |
| ୧୪୫ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୧ | ରୟତି | ଧାନ-୨ | ୦.୧୪୪ |
| ୧୪୬ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୨ | ରୟତି | ଧାନ-୨ | ୦.୧୯୨ |
| ୧୪୭ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୭ | ରୟତି | ଧାନ-୨ | ୦.୦୪୨ |
| ୧୪୮ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୮ | ରୟତି | ଧାନ-୨ | ୦.୧୧୬ |
| ୧୪୯ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୭୯ | ରୟତି | ଧାନ-୨ | ୦.୨୬୦ |
| ୧୫୦ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୦ | ରୟତି | ଧାନ-୨ | ୦.୦୫୨ |
| ୧୫୧ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୧ | ରୟତି | ଧାନ-୨ | ୦.୧୦୨ |
| ୧୫୨ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୨ | ରୟତି | ଧାନ-୨ | ୦.୩୨୧ |
| ୧୫୩ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୩ | ରୟତି | ଧାନ-୨ | ୦.୧୫୬ |
| ୧୫୪ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୪ | ରୟତି | ଧାନ-୨ | ୦.୧୭୫ |
| ୧୫୫ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୫ | ରୟତି | ଧାନ-୨ | ୦.୧୧୪ |
| ୧୫୬ | କୋରାପୁଟ | କୋଟପାଡ଼ | ଧାରଗୁଡ଼ି | ୫୮୭ | ରୟତି | ଧାନ-୨ | ୦.୦୦୬ |
| ୧୫୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୬ | ରୟତି | ଧାନ-୧ | ୦.୫୦୬ |
| ୧୫୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୭ | ରୟତି | ଧାନ-୧ | ୦.୩୧୫ |
| ୧୫୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୮ | ରୟତି | ଧାନ-୧ | ୦.୨୬୫ |
| ୧୬୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୯ | ରୟତି | ଧାନ-୧ | ୦.୫୭୯ |
| ୧୬୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୨ | ରୟତି | ଧାନ-୧ | ୦.୦୦୯ |
| ୧୬୨ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୩ | ରୟତି | ଧାନ-୧ | ୦.୦୫୪ |
| ୧୬୩ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୪ | ରୟତି | ଧାନ-୧ | ୦.୦୪୧ |
| ୧୬୪ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୫ | ରୟତି | ଧାନ-୧ | ୦.୧୦୬ |
| ୧୬୫ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୮ | ରୟତି | ଧାନ-୧ | ୦.୦୮୯ |
| ୧୬୬ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୨୯ | ରୟତି | ଧାନ-୧ | ୦.୬୨୯ |
| ୧୬୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୦ | ରୟତି | ଧାନ-୧ | ୦.୦୨୦ |
| ୧୬୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୮ | ରୟତି | ଡଙ୍ଗର-୧ | ୦.୦୪୩ |
| ୧୬୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୯ | ରୟତି | ଧାନ-୨ | ୦.୨୩୩ |
| ୧୭୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୪୦ | ରୟତି | ଧାନ-୨ | ୦.୬୩୪ |
| ୧୭୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୪୧ | ରୟତି | ଧାନ-୨ | ୦.୧୪୫ |
| ୧୭୨ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୪୨ | ରୟତି | ଡଙ୍ଗର-୧ | ୦.୧୩୮ |
| ୧୭୩ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୪୫ | ରୟତି | ଡଙ୍ଗର-୧ | ୦.୪୩୬ |
| ୧୭୪ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୪୬ | ରୟତି | ଡଙ୍ଗର-୧ | ୦.୦୧୫ |
| ୧୭୫ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୯୮ | ରୟତି | ଧାନ-୧ | ୦.୦୦୯ |
| ୧୭୬ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୦୫ | ରୟତି | ଧାନ-୧ | ୦.୭୧୩ |
| ୧୭୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୦୭ | ରୟତି | ଧାନ-୧ | ୦.୫୭୪ |
| ୧୭୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୨୭ | ରୟତି | ଧାନ-୧ | ୦.୦୦୩ |
| ୧୭୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୨୮ | ରୟତି | ଧାନ-୧ | ୦.୦୩୩ |
| ୧୮୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୨୯ | ରୟତି | ଧାନ-୧ | ୦.୦୬୯ |
| ୧୮୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୩୦ | ରୟତି | ଧାନ-୧ | ୦.୮୧୧ |
| ୧୮୨ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୩୧ | ରୟତି | ଧାନ-୧ | ୦.୬୦୦ |
| ୧୮୩ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୩୨ | ରୟତି | ଧାନ-୧ | ୦.୨୫୦ |
| ୧୮୪ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୩୩ | ରୟତି | ଧାନ-୧ | ୦.୧୨୮ |
| ୧୮୫ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୪୩ | ସରକାରୀ | ରାସ୍ତା | ୦.୨୮୧ |
| ୧୮୬ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୪୪ | ସରକାରୀ | ଜଳାଶୟ | ୧.୦୭୪ |
| ୧୮୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୪୮ | ରୟତି | ଧାନ-୨ | ୦.୧୧୧ |
| ୧୮୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୬୧ | ରୟତି | ଡଙ୍ଗର-୧ | ୦.୨୧୯ |
| ୧୮୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୬୨ | ରୟତି | ଧାନ-୧ | ୦.୧୬୩ |
| ୧୯୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୬୩ | ରୟତି | ଧାନ-୧ | ୦.୬୮୮ |
| ୧୯୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୫୬୪ | ରୟତି | ଧାନ-୧ | ୦.୧୦୪ |
| ୧୯୨ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୨୭ | ରୟତି | ଧାନ-୧ | ୦.୧୪୭ |
| ୧୯୩ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୨୮ | ରୟତି | ଧାନ-୧ | ୦.୧୦୯ |
| ୧୯୪ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୨୯ | ରୟତି | ଧାନ-୧ | ୦.୧୪୧ |
| ୧୯୫ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୩୦ | ରୟତି | ଧାନ-୧ | ୦.୦୫୯ |
| ୧୯୬ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୩୧ | ରୟତି | ଧାନ-୧ | ୦.୨୮୭ |
| ୧୯୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୩୨ | ରୟତି | ଧାନ-୧ | ୦.୧୨୮ |
| ୧୯୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୪୪ | ରୟତି | ଧାନ-୧ | ୧.୬୧୧ |
| ୧୯୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୪୯ | ରୟତି | ଧାନ-୧ | ୦.୨୮୩ |
| ୨୦୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୦ | ରୟତି | ଧାନ-୧ | ୦.୧୭୩ |
| ୨୦୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୨ | ରୟତି | ଧାନ-୧ | ୦.୧୧୩ |
| ୨୦୨ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୩ | ରୟତି | ଧାନ-୧ | ୦.୧୪୧ |
| ୨୦୩ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୪ | ରୟତି | ଧାନ-୧ | ୦.୧୧୪ |
| ୨୦୪ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୫ | ରୟତି | ଧାନ-୧ | ୦.୧୦୫ |
| ୨୦୫ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୫୬ | ରୟତି | ଧାନ-୧ | ୦.୦୯୫ |
| ୨୦୬ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୮୬୯ | ରୟତି | ଧାନ-୧ | ୦.୧୬୩ |
| ୨୦୭ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୮/୧୪୭୬ | ରୟତି | ଡଙ୍ଗର-୧ | ୦.୦୭୯ |
| ୨୦୮ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୮/୧୪୭୭ | ରୟତି | ଡଙ୍ଗର-୧ | ୦.୦୩୭ |
| ୨୦୯ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୮/୧୪୭୮ | ରୟତି | ଡଙ୍ଗର-୧ | ୦.୦୩୧ |
| ୨୧୦ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୩୮/୧୪୭୯ | ରୟତି | ଡଙ୍ଗର-୧ | ୦.୦୨୮ |
| ୨୧୧ | କୋରାପୁଟ | କୋଟପାଡ଼ | ଘୁମରଗାଁ | ୧୧୨୪ | ରୟତି | ଧାନ-୧ | ୦.୫୪୩ |
| ୨୧୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୩୮ | ରୟତି | ଧାନ-୧ | ୦.୦୭୯ |
| ୨୧୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୪୨ | ରୟତି | ଡଙ୍ଗର-୧ | ୦.୨୦୭ |
| ୨୧୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୪୩ | ରୟତି | ଧାନ-୨ | ୦.୪୮୪ |
| ୨୧୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୪୪ | ରୟତି | ଧାନ-୧ | ୦.୬୦୮ |
| ୨୧୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୫୪ | ରୟତି | ଧାନ-୨ | ୦.୦୧୬ |
| ୨୧୭ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୫୬ | ରୟତି | ଧାନ-୧ | ୦.୨୯୯ |
| ୨୧୮ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୫୬ | ରୟତି | ଧାନ-୧ | ୦.୧୬୮ |
| ୨୧୯ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୫୭ | ରୟତି | ଧାନ-୧ | ୦.୧୯୫ |
| ୨୨୦ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୯୯ | ରୟତି | ଡଙ୍ଗର-୨ | ୦.୧୪୯ |
| ୨୨୧ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୬୪ | ରୟତି | ଧାନ-୧ | ୦.୩୬୦ |
| ୨୨୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୬୫ | ରୟତି | ଧାନ-୧ | ୦.୩୩୬ |
| ୨୨୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୩୬୬ | ରୟତି | ଡଙ୍ଗର-୨ | ୦.୯୧୪ |
| ୨୨୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୦୯ | ରୟତି | ଡଙ୍ଗର-୨ | ୨.୩୩୮ |
| ୨୨୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୧୭ | ରୟତି | ଡଙ୍ଗର-୨ | ୦.୨୨୦ |
| ୨୨୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୧୯ | ରୟତି | ଡଙ୍ଗର-୨ | ୦.୫୬୩ |
| ୨୨୭ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୨୦ | ରୟତି | ଧାନ-୧ | ୦.୧୦୫ |
| ୨୨୮ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୨୮ | ରୟତି | ଡଙ୍ଗର-୨ | ୦.୦୦୬ |
| ୨୨୯ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୨୯ | ରୟତି | ଡଙ୍ଗର-୨ | ୦.୪୮୪ |
| ୨୩୦ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୩୧ | ରୟତି | ଧାନ-୧ | ୦.୧୮୧ |
| ୨୩୧ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୩୨ | ରୟତି | ଡଙ୍ଗର-୨ | ୦.୧୫୮ |
| ୨୩୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୩୩ | ରୟତି | ଡଙ୍ଗର-୨ | ୦.୫୨୫ |
| ୨୩୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୪୨ | ରୟତି | ଡଙ୍ଗର-୨ | ୦.୧୫୮ |
| ୨୩୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୪୮ | ରୟତି | ଡଙ୍ଗର-୨ | ୦.୭୦୧ |
| ୨୩୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୪୯ | ରୟତି | ଡଙ୍ଗର-୨ | ୦.୨୨୫ |
| ୨୩୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୫୦ | ରୟତି | ଡଙ୍ଗର-୨ | ୦.୨୮୭ |
| ୨୩୭ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୫୨ | ରୟତି | ଡଙ୍ଗର-୨ | ୦.୨୩୫ |
| ୨୩୮ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୫୩ | ରୟତି | ଧାନ-୧ | ୦.୨୫୫ |
| ୨୩୯ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୫୫ | ରୟତି | ଧାନ-୨ | ୦.୨୩୮ |
| ୨୪୦ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୫୬ | ରୟତି | ଧାନ-୧ | ୦.୨୫୬ |
| ୨୪୧ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୩ | ସରକାରୀ | କେନାଲ | ୦.୧୨୨ |
| ୨୪୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୪ | ସରକାରୀ | ଆଡି | ୦.୨୨୩ |
| ୨୪୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୫ | ରୟତି | ଧାନ-୧ | ୦.୦୫୫ |
| ୨୪୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୯ | ରୟତି | ଧାନ-୨ | ୦.୦୭୯ |
| ୨୪୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୭୦ | ରୟତି | ଧାନ-୨ | ୦.୨୯୨ |
| ୨୪୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୭୧ | ରୟତି | ଧାନ-୨ | ୦.୩୦୫ |
| ୨୪୭ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୭୨ | ସରକାରୀ | ଆଡି | ୦.୦୮୩ |
| ୨୪୮ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୩ | ରୟତି | ଡଙ୍ଗର-୧ | ୦.୦୭୭ |
| ୨୪୯ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୪ | ରୟତି | ଡଙ୍ଗର-୨ | ୦.୦୦୧ |
| ୨୫୦ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୫ | ରୟତି | ଧାନ-୧ | ୦.୨୬୦ |
| ୨୫୧ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୭ | ରୟତି | ଧାନ-୨ | ୦.୨୯୮ |
| ୨୫୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୮ | ରୟତି | ଧାନ-୨ | ୦.୦୦୧ |
| ୨୫୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୯୯ | ରୟତି | ଧାନ-୨ | ୦.୧୪୩ |
| ୨୫୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୫୦୦ | ରୟତି | ଧାନ-୨ | ୦.୧୭୭ |
| ୨୫୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୫୦୧ | ରୟତି | ଧାନ-୧ | ୦.୦୨୫ |
| ୨୫୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୩୨/୮୪୫ | ରୟତି | ଧାନ-୨ | ୦.୦୧୧ |
| ୨୫୭ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୧/୯୬୮ | ସରକାରୀ | ଆଡି | ୦.୦୯୮ |
| ୨୫୮ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୭୨/୯୭୦ | ସରକାରୀ | କେନାଲ | ୦.୦୩୦ |
| ୨୫୯ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୭୨/୯୭୧ | ସରକାରୀ | ଆଡି | ୦.୦୦୨ |
| ୨୬୦ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୬୬୩/୯୭୨ | ରୟତି | ଧାନ-୨ | ୦.୦୮୩ |
| ୨୬୧ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୬୯/୯୭୩ | ରୟତି | ଧାନ-୨ | ୦.୦୯୨ |
| ୨୬୨ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୪୦୯/୯୮୫ | ରୟତି | ଧାନ-୨ | ୦.୩୩୧ |
| ୨୬୩ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୬୫୪ | ରୟତି | ଧାନ-୧ | ୦.୦୯୯ |
| ୨୬୪ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୬୫୫ | ରୟତି | ଧାନ-୧ | ୦.୨୪୨ |
| ୨୬୫ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୬୫୩/୮୨୮ | ରୟତି | ଧାନ-୧ | ୦.୦୦୪ |
| ୨୬୬ | କୋରାପୁଟ | କୋଟପାଡ଼ | ହର୍ଦୋଲି | ୬୫୩/୮୬୬ | ରୟତି | ଧାନ-୧ | ୦.୦୦୩ |
| ୨୬୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୩୪ | ରୟତି | ଧାନ-୧ | ୦.୧୯୧ |
| ୨୬୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୩୫ | ରୟତି | ଧାନ-୧ | ୦.୨୭୫ |
| ୨୬୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୩୬ | ରୟତି | ଧାନ-୧ | ୦.୦୦୨ |
| ୨୭୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୩୭ | ରୟତି | ଧାନ-୧ | ୦.୨୧୯ |
| ୨୭୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୩୮ | ରୟତି | ଧାନ-୧ | ୦.୩୬୬ |
| ୨୭୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୪୪ | ରୟତି | ଧାନ-୧ | ୦.୧୬୨ |
| ୨୭୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୪୬ | ରୟତି | ଧାନ-୧ | ୦.୧୪୦ |
| ୨୭୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୪୭ | ରୟତି | ଧାନ-୧ | ୦.୧୬୦ |
| ୨୭୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୪୮ | ରୟତି | ଧାନ-୧ | ୦.୧୬୦ |
| ୨୭୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୪୯ | ରୟତି | ଧାନ-୧ | ୦.୦୨୦ |
| ୨୭୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୧ | ରୟତି | ଧାନ-୧ | ୦.୧୦୨ |

SEE NEXT PAGE

## ସଂକ୍ଷେପରେ

### ସାଇବରକେଫ୍, ଗେମ୍ ପଏଣ୍ଟ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ),୧୭।୩: କରୋନାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରାଜଧାନୀର ସମସ୍ତ ସାଇବରକେଫ୍ ଓ ଗେମ୍ ପଏଣ୍ଟ ଗୁଡ଼ିକୁ ବନ୍ଦ ରଖିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଯୋଗୁ ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାର ଫିଙ୍ଗରପ୍ରିଣ୍ଟ ସିଷ୍ଟମକୁ ବନ୍ଦ କରାଯାଇଥିବା ବେଳେ ଏବେ ଏହି ନିଷ୍ପତ୍ତି ନିଆଯାଇଛି। କୌଣସି ପଦାର୍ଥକୁ ବାରମ୍ବାର ଅନେକ ଲୋକ ଛୁଉଁଥିବା ଯୋଗୁ ଏହି ଭାଇରସ୍ ସଂକ୍ରମଣ ହେବାର ଆଶଙ୍କା ରହୁଛି। ଫଳରେ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯିବା ସହିତ ପରବର୍ତ୍ତି ନିର୍ଦ୍ଦେଶନାମା ଜାରି ନ ହେବା ପର୍ଯ୍ୟନ୍ତ ଏଗୁଡ଼ିକୁ ବନ୍ଦ ରଖିବା ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତିନୋଟି ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଏହି ନିୟମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା
### ଖଳାରେ ପହଞ୍ଚିଲା ୪ର୍ଥ ପର୍ଯ୍ୟାୟ ଚିରଟ କାଠ



ପୁରୁଣା ଭୁବନେଶ୍ୱର, ୧୭।୩ (ଡି.ଏନ.ଏ.): ରଥଖଳାରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ଚକ ପରାଯିବା ପରେ ମହାରଣା ସେବାୟତମାନେ କାମ ଜାରି ରଖିଛନ୍ତି। ଅପରାହ୍ନରେ କଟକ ଖପୁରିଆ ସରକାରୀ ସ' ମିଲ୍‌ରୁ ୪ର୍ଥ ପର୍ଯ୍ୟାୟ ଚିରଟ କାଠ ଆସି ରଥଖଳାରେ ପହଞ୍ଚିଛି। ତେନ୍ତୁଳି କାଠର ୨୫ ଫୁଟ ଲମ୍ବା ୨ଟି ଅଖ, ସମାନ ଲମ୍ବର ପାଞ୍ଚ ଦଣ୍ଡା ଏବଂ ଅନ୍ୟାନ୍ୟ ରଥ ସରଞ୍ଜାମ କାଠ ଆସିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପ୍ରିଲ ୧ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ତଥା ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହେବ। ମହାରଣା ସେବାୟତ ନେତ୍ରତ୍ସବ ଦିନ ରଥ ନିର୍ମାଣ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି।

# ରାଜଧାନୀରେ ଆମେରିକା ନିର୍ମିତ ବନ୍ଧୁକ

## ୨ ବନ୍ଧୁକ ଜବତ, ଜଣେ ଗିରଫ



ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ରାଜଧାନୀରେ ଚୋରା ପିସ୍ତଲ କାରବାର, ବନ୍ଧୁକ ମୁନରେ ଲୁଟ୍‌ପାଟ ଭଳି ଘଟଣା ବଢ଼ିଚାଲିଛି । ସୋମବାର ରାତିରେ ବୁଦ୍ଧପାର୍କ ନିକଟରେ କ୍ୟୁଏଟି ଓ ଚନ୍ଦ୍ରଶେଖରପୁର ଥାନା ପୋଲିସର ମିଳିତ ଚଢ଼ାଉରେ ଦେଶୀ ଓ ଆମେରିକା ନିର୍ମିତ ପିସ୍ତଲ ଜବତ କରାଯାଇଛି। ସହଯୋଗୀ କାହ୍ନା ଦିଗଲ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପିଙ୍କୁ ଦିଗଲ(୩୦) ଙ୍କୁ ଗିରଫ କରିଛି କ୍ୟୁଏଟି ଟିମ୍। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲା ଫୁଲବାଣୀ ଥାନା ଅନ୍ତର୍ଗତ ଡୁମୁରିଗୁଡ଼ା ଗ୍ରାମରେ। ସେ ଦୀର୍ଘଦିନ ହେବ ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହୁଥିଲେ। ସୂଚନା ମୁତାବକ ସୋମବାର ରାତିରେ ୨ଅଭିଯୁକ୍ତ ଲୁଟ୍‌ପାଟ ବା ପିସ୍ତଲ ଡିଲ୍ କରିବା ନେଇ ବୁଦ୍ଧ ପାର୍କ ନିକଟରେ ଅପେକ୍ଷା କରିଥିଲେ। କ୍ୟୁଏଟି ନିକଟରେ ବିଶେଷ ସୂତ୍ରରୁ ଖବର ପହଁଚିଥିଲା। ପିଙ୍କୁଙ୍କୁ ଯାଞ୍ଚ କରିବା ପରେ ତାଙ୍କ ଅଣ୍ଟାରୁ ଏକ ଆମେରିକା ନିର୍ମିତ ୯ ଏମ୍‌ଏମ୍ ପିସ୍ତଲ, ମାଗାଜିନ୍ ଓ ପ୍ୟାଣ୍ଟ ପକେଟରୁ ୨ ରାଉଣ୍ଡ ଗୁଳି ମିଳିଥିଲା। ପିଙ୍କୁ ବ୍ୟବହାର କରୁଥିବା ପଲ୍‌ସର ବାଇକ (ଓଡି ୩୩ ଏମ ୯୮୪୧)କୁ ଯାଞ୍ଚ କରିବା ପରେ ସିଟ୍ ତଳୁ ଏକ ଦେଶୀ ରିଭଲ୍‌ଭର ଏବଂ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରାଯାଇଥିଲା। ପୋଲିସ ୧୩୪/୨୦ରେ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଫେରାର ରାଜା ବାଲୁଗାଁରୁ ଗିରଫ, ପିସ୍ତଲ୍ ଜବତ

### ବାହାଦଲପୁରରେ ବାପ ପୁଅଙ୍କୁ ଗୁଳିମାଡ଼ ଘଟଣା

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ବାହାଦଲପୁର ଗୁଳିମାଡ଼ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ପିସ୍ତଲ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦର ରାଜା ବିଶୋଇ। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ମୁତାବକ ସରକନ୍ତରା ବାହାଦଲପୁର ଗ୍ରାମରେ ଡ୍ରଗ୍ସ ଓ ଜମିବାଡ଼ି କାରବାରକୁ ନେଇ ଗତ ସେପ୍ଟେମ୍ବର ୭ ତାରିଖ ସନ୍ଧ୍ୟାରେ ବାପ ଓ ପୁଅଙ୍କୁ ଗୁଳିମାଡ଼ ହୋଇଥିଲା । ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଅନିଲ କୁମାର ଜେନା ଓରଫ ପପୁଙ୍କର ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଅଭିମନ୍ୟୁଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ଏ ନେଇ ପୋଲିସ ୬୩୫/୧୯ନମ୍ବରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାପି ଓରଫ ଭରତ କୁମାର ସାହୁ, ହାପି ଓରଫ ଦୁର୍ଗା ପ୍ରସାଦ ସାହୁ , ରାଜା



ବିଶୋଇ ଓ ତାଙ୍କର ୩ ସହଯୋଗୀ ପୁଲକ୍ ହାତୀ, ଆଲୋକ ପ୍ରଧାନ ଓ ଚିତ୍ତରଞ୍ଜନ ପରିଜା ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଥିଲା। ଘଟଣାର ୪୬ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବାପି ଓ ହାପିଙ୍କୁ ରାୟଗଡ଼ା ଜିଲ୍ଲା ହାତିଖିମ୍ବେ ଅଞ୍ଚଳରୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ଏକ ପିସ୍ତଲ୍, ୨ଟି ବାଇକ ଜବତ କରାଯାଇଥିଲା। ହେଲେ ଅନ୍ୟତମ ଅଭିଯୁକ୍ତ ରାଜା ବିଶୋଇ ଫେରାର ଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କରୋନା ଆକ୍ରାନ୍ତଙ୍କ ଗ୍ରାମକୁ ବିଶୋଧନ କରିବାକୁ ଦାବି

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଦୁଇଦିନ ତଳେ ଚିହ୍ନଟ ହୋଇଥିବା ଓଡ଼ିଶାର ପ୍ରଥମ କରୋନା ଭାଇରସ୍ ଆକ୍ରାନ୍ତଙ୍କ ଘର ଭୁବନେଶ୍ୱର ଅଞ୍ଚଳରେ ହୋଇଥିବାରୁ ଏହା ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜାଇଦେଇଛି। ହେଲେ ଏଯାଏ ସଚେତନତା କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଭୁବନେଶ୍ୱର ମହାନଗର ନିଗମ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟିଦେବାକୁ ଗ୍ରାମ୍ୟ କମିଟି ଏବଂ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଦାବି ହେଉଛି। କରୋନା ଆକ୍ରାନ୍ତ ଯୁବକ ରହୁଥିବା ସମଗ୍ର ଅଞ୍ଚଳକୁ ଭଲଭାବେ ବିଶୋଧନ କରିବା ସହ ସେହି ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଜଳଉତ୍ସ ଓ ୫ରୁ ଏକାଧିକ ଗଡ଼ିଆ (ପୋଖରୀ)କୁ ପରିଷ୍କାର ସହ ବିଶୋଧନ କରିବାକୁ ନିବେଦନ କରାଯାଇଛି। ଏନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ବାତିଲ ହୋଇନି ବିଇଡି ପରୀକ୍ଷା

### ୨୧ରେ ଆନ୍ଧ୍ର ଯିବେ ୫ ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

କରୋନା ଭାଇରସ୍ ପ୍ରତିକାରକୁ ନେଇ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ସହ ପରୀକ୍ଷାକୁ ମଧ୍ୟ ବାତିଲ କରିଦେଇଛନ୍ତି। କିନ୍ତୁ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟ ଅଧୀନରେ ବିଇଡି କରୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ବାତିଲ ହୋଇନାହିଁ । ଆସନ୍ତା ୨୩ ତାରିଖରେ ଆନ୍ଧ୍ର ପ୍ରଦେଶରେ ଗୁଣ୍ଟୁର ଜିଲାରେ ସେମାନଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାର ୫ହଜାରରୁ ଅଧିକ ଛାତ୍ରୀଛାତ୍ର ୨୧ରେ ଆନ୍ଧ୍ର ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଏନେଇ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ପରୀକ୍ଷା ବାତିଲ୍ କରିବା ପାଇଁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ଥିବା ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଇଡି କରୁଛନ୍ତି। ସେମାନଙ୍କ ଗତ କିଛି ଦିନ ହେବ ପରୀକ୍ଷା ସରିଥିବା ବେଳେ ଆସନ୍ତା ୨୩ ତାରିଖରୁ ପ୍ରାକ୍ଟିକାଲ୍ ପରୀକ୍ଷା ଆରମ୍ଭ ହେଉଛି। ଉକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ବିଇଡି କରୁଥିବା ଢେଙ୍କାନାଳ ଜିଲାର ବିଶ୍ୱଜିତ୍ ସାମଲଙ୍କ କହିବା ଅନୁଯାୟୀ ମାର୍ଚ୍ଚ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତାଙ୍କର ପରୀକ୍ଷା ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ଟ୍ରେନ ଯାତ୍ରା ସବୁଠୁ ଅସୁରକ୍ଷିତ କୁହାଯାଉଥିବା ବେଳେ ଏତେ ସଂଖ୍ୟକ ଛାତ୍ରୀଛାତ୍ର ଆନ୍ଧ୍ର ଯିବାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି।

# ମହାଲେଖାକାର କାର୍ଯ୍ୟାଳୟରେ କରୋନା ସଚେତନତା ହେଲ୍‌ପ ଡେସ୍କ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ମହାମାରୀ କରୋନା(କୋଭିଡ-୧୯) ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ମହାଲେଖାକାର (ଆକାଉଣ୍ଟାଣ୍ଟ ଜେନେରାଲ) କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଜ୍ୟ ସେଣ୍ଟ ଜନ ଆମ୍ବୁଲାନ୍ସ ସହଯୋଗରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପେନ୍‌ସନ ଭୋଗୀ, ଭବିଷ୍ୟନିଧି ଉପଭୋକ୍ତା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ଏକ ହେଲ୍‌ପ ଡେସ୍କ ଖୋଲାଯାଇଛି। ସେଠାରେ କରୋନା ମୁକାବିଲା ଓ ଭୂତାଣୁ ସଂକ୍ରମଣରୁ ନିଜକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସେଣ୍ଟ ଜନ ଆମ୍ବୁଲାନ୍ସର ତାଲିମ ପ୍ରାପ୍ତ ପ୍ରଶିକ୍ଷକମାନେ ହାତଧୋଇବାର ପଦ୍ଧତି, ଘରୋଇ ସୁରକ୍ଷିତ ଜୀବନ ଯାପନ ପ୍ରଣାଳୀ ତଥା ଭ୍ରମଣବେଳେ କେଉଁ ସବୁ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଦରକାର ସେ ନେଇ ଉପସ୍ଥାପନ କରିଥିଲେ । ଯଦି ସଂକ୍ରମିତ ରୋଗୀ ସଂପର୍ଶରେ ଆସନ୍ତି ତେବେ ତା'ର ପ୍ରତିକାର କିପରି ହେବ ତାହା ଦୃଶ୍ୟ ଓ ଶବ୍ଦ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ମହିଳା ପ୍ରଶିକ୍ଷକମାନେ ସରଳ ଓ ବିକଳ୍ପ ମାସ୍କ ଏବଂ ସାନିଟାଇଜର ତିଆରି ପ୍ରଣାଳୀ ପ୍ରଦର୍ଶନ କରିଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ମହାଲେଖାକାର ଯଶୋଧାରା ରାୟ ଚୌଧୁରୀ, ଉପ ମହାଲେଖାକାର ନନ୍ଦ ଦୁଲାଲ ଦାସ, ମଶରୁର ଅହମ୍ମଦ, ଜ୍ୟୋତି ଗୌରାସିଆ, କେ ସୁରଜିତ, କଲ୍ୟାଣ ଅଧିକାରୀ, ବିବେକାନନ୍ଦ ପାତ୍ର, ମହାଲେଖାକାରଙ୍କ ସ୍ୱତନ୍ତ୍ର ଅଧିକାରୀ ସୁଚିତ୍ରା ଭଞ୍ଜଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଓ ପେନ୍‌ସନ ଭୋଗୀ ଯୋଗ ଦେଇଥିଲେ।

# ନୟାପଲ୍ଲୀର ୩ଟି ୱାର୍ଡରେ ସଫେଇ ଠପ୍

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ତତ୍ପରତା ପ୍ରକାଶ କରୁଛି। କରୋନା ପାଇଁ ଭୁବନେଶ୍ୱର ୬୭ୱାର୍ଡର ପରିମଳ ବ୍ୟବସ୍ଥାର ତଦାରଖ ପାଇଁ ବିଏମ୍‌ସି ୩୧ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ଯେଉଁମାନେ ସକାଳ ୮ରୁ ମଧ୍ୟାହ୍ନ ୧ ଯାଏ ଦିଆଯାଇଥିବା ୱାର୍ଡ ବୁଲି ପରିମଳ ବ୍ୟବସ୍ଥା ତଦାରଖ କରିବାକୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ମଙ୍ଗଳବାର ନୟାପଲ୍ଲୀ ଅଞ୍ଚଳର ୩୭,୩୮,୩୯ ୱାର୍ଡ଼କୁ ସଫେଇ କର୍ମଚାରୀମାନେ ସଫା କରି ନାହାନ୍ତି। ଏପଟେ କରୋନା ଡର ସମସ୍ତଙ୍କୁ ଘାରିଥିବାବେଳେ ସେପଟେ ୱାର୍ଡ଼ ସଫେଇ ନ ହେବା ୱାର୍ଡ଼ବାସୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବାବେଳେ ଠିକାସଂସ୍ଥା ଜାଗୃତି ଓ ରାମ୍‌କୀଠାରୁ ମିଳୁଥିବା ବେତନ ବିବାଦ ଯୋଗୁ ସଫେଇ କର୍ମଚାରୀ ସମୂହ କାମ



ବର୍ଜନ କରିଥିବା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ନୂଆପଲ୍ଲୀର ୱାର୍ଡ ନଂ ୩୭, ୩୮, ୩୯ର ପ୍ରାୟ ୮୦ଜଣ ଖାଉଦାର ଟ୍ରଲି, ଟ୍ରାକ୍ଟର, ଅଟୋ ଇତ୍ୟାଦି ବନ୍ଦ ରଖି ଦେବରାୟ କଲେଜ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଏକତ୍ରିତ ହୋଇଥିଲେ। ଖାଉଦାର ସଂଘ ସଭାପତି ସହଦେବ ନାଏକଙ୍କ କହିବା ମୁତାବକ ରାଜ୍ୟ ସରକାର ସଫେଇ କର୍ମଚାରୀଙ୍କ ପାଇଁ ୨୮୦ ଟଙ୍କା ମଜୁରି ବ୍ୟବସ୍ଥା କରିଛନ୍ତି। କିନ୍ତୁ ଉଭୟ ଠିକାସଂସ୍ଥା ସଫେଇ କର୍ମଚାରୀଙ୍କୁ ୧୯୦ଟଙ୍କା ଦେଇ ବଳକା ଟଙ୍କାକୁ ଆତ୍ମସାତ କରୁଛନ୍ତି। ସଫେଇ କର୍ମଚାରୀ ୬ମାସ ତଳେ ସମୂହ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ଯେଉଁଥିରେ କର୍ମଚାରୀଙ୍କୁ ସର୍ବାଧିକ ୨୩୦ ଟଙ୍କା ଦେବା ଦାବିକୁ ମାନିନେଇ ପରମୁହୂର୍ତ୍ତରେ ସମୟ ଗଡ଼େଇ ଚାଲିଲେ। ଯାହା ଆଜିଯାଏ ଲାଗୁ ମଧ୍ୟ ହୋଇପାରିନି ବୋଲି ସହଦେବ କହିଛନ୍ତି।

ସଫେଇ ବନ୍ଦ ଖବରପାଇ ନୟାପଲ୍ଲୀ ଅଞ୍ଚଳର ସାମାଜିକ କର୍ମୀ ଅର୍ଜୁନ ବେହେରା ଓ ସମରେନ୍ଦ୍ର ଜେନା ସେଠାରେ ପହଞ୍ଚି ରାମ୍‌କୀ ଅଫିସରଙ୍କ ଉପସ୍ଥିତିରେ ଏହାକୁ ଶୀଘ୍ର ସମାଧାନ କରି ଅଞ୍ଚଳର ସ୍ୱଚ୍ଛତା ବଜାୟ ରଖିବା ସହ କରୋନା ଭୂତାଣୁ ବ୍ୟାପିବାକୁ

### ବିଧାୟକଙ୍କ ହସ୍ତକ୍ଷେପ ପରେ ମାନିଲେ କର୍ମଚାରୀ, ଆଜିଠୁ ସଫେଇ

ଏଡ଼ାଇବା ନେଇ ରାଜ୍ୟ ସରକାର ଦେଇଥିବା ପଦକ୍ଷେପକୁ ଅଧିକରୁ ଅଧିକ ଧ୍ୟାନ ଦେବା ପାଇଁ ବୁଝାଇଥିଲେ। ହେଲେ ସଫେଇ କର୍ମଚାରୀମାନେ ନ ବୁଝିବାରୁ ଉଭୟ ଅର୍ଜୁନ ଏବଂ ସମରେନ୍ଦ୍ର ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ। ଏଭଳି ସଙ୍ଗିନ ସ୍ଥିତିରେ ସଫେଇ କର୍ମଚାରୀଙ୍କ କାମ ବର୍ଜନ ନିଷ୍ପତ୍ତି ନୂଆପଲ୍ଲୀ ଅଞ୍ଚଳକୁ ବିପଦ ଆମନ୍ତ୍ରଣ କରିବାକୁ ଯାଉଥିବାରୁ ବିଧାୟକ ଜେନା ଠିକାସଂସ୍ଥା ସଫେଇ କର୍ମଚାରୀଙ୍କୁ ବିଏମ୍‌ସି ଅଫିସକୁ ଡକେଇ ଏହି ସମସ୍ୟାକୁ ସମାଧାନ କରିଥିବା ଜଣାପଡ଼ିଛି। ବୁଧବାରଠାରୁ ପୂର୍ବଭଳି ନୂଆପଲ୍ଲୀର ଏହି ତିନୋଟି ୱାର୍ଡରେ ସଫେଇ ଆଗଭଳି ଚାଲୁରହିବ ବୋଲି ରାମ୍‌କୀ ଓ ବିଏମ୍‌ସି ତରଫରୁ ସୂଚନା ଦିଆଯାଇଛି।

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଉଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଉଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଉଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଉଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଉଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଉଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଉଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଉଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଉଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଉଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଉଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଉଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଉଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଉଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଉଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |

| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୭୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଉଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920



ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର। କେବଳ ଈଶ୍ୱର ବ୍ୟତୀତ ଅନ୍ୟ କାହାରି ନିକଟରେ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାରାଚ୍ୟୁଟରୁ ଖସିଥିବା ଯୁବକ ଉଦ୍ଧାର



**ଚୌଦ୍ୱାର,୧୭।୩(ଡି.ଏନ୍.ଏ.):** ପାରାଚ୍ୟୁଟ ସହିତ ବିଲ ମଝିରେ ଖସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ଚୌଦ୍ୱାର ପୋଲିସ ଉଦ୍ଧାର କରିଛି। ସେ ହେଲେ ରାଜସ୍ଥାନ ଜୟପୁର ଅଞ୍ଚଳର ପି.ଆଚାର୍ଯ୍ୟ। ସୂଚନା ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତର ପଣ୍ଡୁଆ ଗ୍ରାମ ନିକଟ ଏକ ବିଲରେ ଏକ ପାରାଚ୍ୟୁଟ ଖସିଥିବା ଦେଖି ସ୍ଥାନୀୟ ଲୋକେ ଏକତ୍ରିତ ହୋଇଥିଲେ। ବିଲ ମଝିରେ ପାରାଚ୍ୟୁଟକୁ ସଜାଡୁଥିବା ଯୁବକଙ୍କୁ ନାମ ପଚାରିବାରୁ ସେ କୌଣସି ଉତ୍ତର ନ ଦେବାରୁ ଲୋକମାନଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ପାରାଚ୍ୟୁଟ ସହିତ ଉଦ୍ଧାର କରି ପ୍ରତିରକ୍ଷା ବିଭାଗର ଚୌଦ୍ୱାରସ୍ଥିତ ଉଡ଼ାଣ ଗବେଷଣା କେନ୍ଦ୍ର(ଏଆରସି) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ସେ ଏଆରସିରେ ପାଇଲଟ ଟ୍ରେନିଂ ନେଉଥିବା ପ୍ରକାଶ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### କେଲୁଣୀ ମୁହାଣରେ ଲାଗିଲା ଜାହାଜ ସାଂକେତିକ ସ୍ତମ୍ଭ



**କୋଣାର୍କ/ଅସ୍ତରଙ୍ଗ,୧୭।୩(ଡି.ଏନ.ଏ):** କୋଣାର୍କ ଥାନା ଅଧୀନ ଶିଶୁଅ ପଞ୍ଚାୟତର ତଣ୍ଡାଘର କେଲୁଣୀ ମୁହାଁଣ ନିକଟରେ ଏକ ଜାହାଜର ଭାସମାନ ସାଂକେତିକ ସ୍ତମ୍ଭ ଲାଗିଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହାକୁ ଜାଣି ନ ପାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅନୁସନ୍ଧାନ କରିବା ପରେ ଏହା ଏକ ସାମୁଦ୍ରିକ ଭାସମାନ ସାଂକେତିକ ସ୍ତମ୍ଭ ବୋଲି ଜାଣିବାକୁ ପାଇଛି। କେଉଁଠୁ ଏହା ଭାସିଆସି ଏଠାରେ ଲାଗିଛି ତାହା ଜଣାପଡ଼ିନାହିଁ। ଜାହାଜଗୁଡ଼ିକ ଚଳାଚଳ ବେଳେ ଦିଗ ନିରୂପଣ କରିବା ସହ ଲଙ୍ଗର ପକାଇବା ଓ ସମୁଦ୍ରର ଢେଉ ନିୟନ୍ତ୍ରଣ ନିମନ୍ତେ ଏହାକୁ ବ୍ୟବହାର କରାଯାଇଥାଏ। ସମୁଦ୍ରରେ କୌଣସି ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଗଲେ ସେହି ସ୍ଥାନ ଦେଇ ଚଳାଚଳ କରୁଥିବା ଅନ୍ୟ ଜାହାଜ, ଷ୍ଟିମରକୁ ସଂକେତ ଦେବା ପାଇଁ ସେଠାରେ ଲଙ୍ଗର ଭଳି ଏହି ଭାସମାନ ସାଂକେତିକ ସ୍ତମ୍ଭକୁ ବ୍ୟବହାର କରାଯାଇଥାଏ ବୋଲି କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଏହି ସ୍ତମ୍ଭଟିକୁ ସ୍ଥାନୀୟ ଲୋକେ ରଶିରେ ଟାଣି କୂଳକୁ ଆଣିଥିଲେ।

# ସବୁ ୱାର୍ଡରେ ହେବ କ୍ୱାରାଣ୍ଟାଇନ୍ ସେଣ୍ଟର

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

## ୱାର୍ଡ ଅଫିସରଙ୍କୁ ସର୍ଭିଲାନ୍ସ ଦାୟିତ୍ୱ

- ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କରିବେ ସ୍ୱଚ୍ଛସାଥୀ
- ସିଞ୍ଚନ ଓ ବିଶୋଧନ ପ୍ରକ୍ରିୟା ନିୟମିତ କରିବାକୁ ପରାମର୍ଶ
- ଘରକୁ ଘର ବୁଲି କରାଯିବ ସଚେତନ, ଆଇଇସି ଅଭିଯାନ ଆରମ୍ଭ

ମାରାତ୍ମକ କରୋନା ଭାଇରସ୍ ମୁକାବିଲା ପାଇଁ ଭୁବନେଶ୍ୱରର ପ୍ରାୟ ସମସ୍ତ ୱାର୍ଡରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯିବ। ସହରରେ ଥିବା କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଆଶ୍ରୟ ଗୃହ ଏବଂ ସରକାରୀ କୋଠାଗୁଡ଼ିକରେ କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି।। ଏଠାରେ ନିୟମିତ ବିଜୁଳି ଓ ଜଳଯୋଗାଣ ସୁବିଧା ରହିବ। ସମସ୍ତ କୋଠାକୁ ଭଲଭାବେ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସାନିଟାଇଜ୍ କରିବାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ୱାର୍ଡ ଅଫିସରମାନେ ସେମାନଙ୍କ ଅଞ୍ଚଳର ସର୍ଭିଲାନ୍ସ ଅଫିସର ଭାବେ କାର୍ଯ୍ୟ କରିବେ ବୋଲି କମିଶନର ଚୌଧାରୀ କହିଛନ୍ତି। ସ୍ୱଚ୍ଛ ସାଥୀମାନଙ୍କୁ ବର୍ଜ୍ୟବସ୍ତୁ ନିୟନ୍ତ୍ରଣରେ ମୁତୟନ କରାଯିବା ସହ ବିଗତ ୧୫ଦିନ ଭିତରେ ଯଦି ସହରକୁ କୌଣସି ବ୍ୟକ୍ତି ବିଦେଶରୁ ଆସିଥାନ୍ତି ସେମାନଙ୍କର ସମ୍ପର୍କରେ ଖବର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଧୂଆଁ ଛାଡ଼ିବା ଓ ସିଞ୍ଚନ ଯନ୍ତ୍ର ନିୟମିତ ଭାବେ ସହରରେ ବ୍ୟବହାର କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ମେଶିନ କିଣାଯାଇଛି।

ରାଜ୍ୟସରକାରଙ୍କ ନିର୍ଦ୍ଦେଶାନୁସାରେ ସହରରେ ଥିବା ସମସ୍ତ ପାର୍କ ଦିନ ୨ଟା ପରଠୁ ବନ୍ଦ ରଖାଯାଇଛି। ପାର୍କରେ ଥିବା ମୁକ୍ତାକାଶ ବ୍ୟାୟାମଶାଳାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିବା ଜଣାପଡ଼ିଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଏମ୍‌ସି ଇନ୍‌ଫରମେଶନ, ଏଜୁକେଶନ ଓ କମ୍ୟୁନିକେଶନ (ଆଇଇସି) ଅଭିଯାନ ଆରମ୍ଭ କରିଛି। କେବଳ ସଚେତନ ରଥରେ ସଚେତନତା ନ କରି ବିଏମ୍‌ସି କର୍ତ୍ତୃପକ୍ଷ ଏବେ ତଳ ସ୍ତରରେ ଘରକୁ ଘର ବୁଲି ସଚେତନ କରିବେ ବୋଲି ଜଣାପଡ଼ିଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ବିଏମ୍‌ସି ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଜାରି କରାଯାଇଥିବା କମିଶନର ଚୌଧାରୀ କହିଛନ୍ତି।

# ସ୍କୁଲ୍ ଛୁଟି ବଢ଼ାଇଛି ଅଭିଭାବକଙ୍କ ଚିନ୍ତା



**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ଚାଇନାର ଉହାନରୁ ସୃଷ୍ଟି ହୋଇଥିବା କରୋନା ଭୂତାଣୁ ଏବେ ଭାରତ ସମେତ ୧୬୩ ରାଷ୍ଟ୍ରକୁ ଗ୍ରାସ କରିସାରିଲାଣି। ଓଡ଼ିଶାରେ କରୋନାର ପ୍ରଭାବ ଦେଖିବାକୁ ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାର ୩୧ ମାର୍ଚ୍ଚ ଯାଏ ସ୍କୁଲ ଛୁଟି କରିଦେଇଛନ୍ତି। ଘରୁ ବାହାରିବା ଅଧିକାଂଶଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିବା ବେଳେ ଲୋକେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଉଚିତ ମଣୁଛନ୍ତି। ସେହିଭଳି ମ୍ୟୁଜିୟମ୍, ସିନେମା ହଲ୍, ବାର୍, ରେଷ୍ଟୁରାଣ୍ଟ, ଶପିଂ ମଲ୍ ସବୁ ବନ୍ଦ ଥିବାରୁ ଘରେ ରହି ଲୋକେ ବୋର୍ ହୋଇଗଲେଣି। ତେବେ ସବୁଠାରୁ ମାତାପିତାଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛନ୍ତି ପିଲାମାନେ। ଘରେ ଅଧିକ ସମୟ ରହିବାକୁ ପଡୁଥିବାରୁ ସେମାନେ ଟେଲିଭିଜନ୍ ଦେଖିବା, ଭିଡିଓ ଗେମ୍ସ ଖେଳିବା, ମୋବାଇଲ ଦେଖିବାରେ ସମୟ କଟାଉଛନ୍ତି। ଦୀର୍ଘ ସମୟ ବସି ଏସବୁ କରୁଥିବାରୁ ମାତାପିତା ସେଥିରୁ ବିରତ ରହିବାକୁ କହିବାରୁ ପିଲେ ଚିଡ଼ିଚିଡ଼ା ହୋଇଯାଉଥିବା ଦେଖିବାକୁ ମିଳୁଛି।

କରୋନା ଭୟରେ କିଛିଦିନ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ୭୦ ପ୍ରତିଶତ ବଢିଯାଇଥିବା ବେଳେ ଲୋକେ ୱେବ୍ ସିରିଜ୍, ଟେଲିଭିଜନ ଓ ଫିଲ୍ମ ଦେଖି ସମୟ ଅତିବାହିତ କରୁଛନ୍ତି। ବୟସ୍କଙ୍କ ପାଇଁ ନେଟ୍‌ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଏବଂ ହଟ୍‌ଷ୍ଟାର୍ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ସାହାରା ପାଲଟିଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏବେ ଘରେ ରହି ସମୟ କାଟିବା କଷ୍ଟ ହୋଇଯାଇଛି। ଅଧିକାଂଶଙ୍କ ପରୀକ୍ଷା ଶେଷ ହୋଇଥିବାରୁ ପାଠପଢ଼ାର ଚିନ୍ତାନାହିଁ। ତେଣେ ମାତାପିତା ଓ ଅଭିଭାବକ ପିଲାଙ୍କୁ ବାହାରକୁ ବୁଲିବାକୁ ଦେଉନାହାନ୍ତି। ଫଳରେ ପିଲାମାନେ ଭିଡିଓ ଗେମ୍ସ, ପେଣ୍ଟିଂ, ଇଣ୍ଟରନେଟ୍ ବ୍ରାଉଜିଂ, ଟେଲିଭିଜନରେ କାର୍ଟୁନ୍ ଓ ୟୁଟ୍ୟୁବ୍ ଭିଡିଓ ଦେଖି ସମୟ କଟାଉଛନ୍ତି। ଖରାଛୁଟି ହେଲେ ସାଧାରଣତଃ ପିଲାମାନେ ମାମୁ ଘରକୁ କିମ୍ବା ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଆନ୍ତି। ଭ୍ରମଣ ଉପରେ କଟକଣା ଲାଗିଥିବାରୁ ସେମାନେ ଘରେ ରହି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଛୁଆଙ୍କ ଅଳିଅର୍ଦ୍ଦଳି ସହଜରେ ସହିପାରୁ ନ ଥିବା ମାତାପିତା ଓ ପରିବାରବର୍ଗ ସେମାନଙ୍କ ଉପରେ ବିରକ୍ତ ହୋଇ ଯାଉଥିବା ଦେଖିବାକୁ ମିଳୁଛି। କେତେ ଜଣ ମା' ପିଲାଙ୍କ ଛୁଟି କଟାଇବା ସମୟକୁ ନେଇ ନାନାଦି କଥା କହିଛନ୍ତି।



"ଘରେ ରହିବା ମାନେ ମା'ବାପାଙ୍କ ପାଇଁ ଅଧିକ ଟେନ୍‌ସନ୍। ମୋ ପିଲାମାନେ ଘରେ ରହିବା ମାତ୍ରେ ସବୁବେଳେ କିଛି ନା କିଛି କରୁଥାନ୍ତି। ତାଙ୍କୁ ସମ୍ଭାଳିବା ବେଳେବେଳେ କଷ୍ଟ ହୋଇପଡ଼େ। ଏବେ ସବୁବେଳେ ଘରେ ରହୁଥିବାରୁ ମୁଁ ତାଙ୍କୁ ୟୁଟ୍ୟୁବ୍‌ରେ ପେଣ୍ଟିଂ ଓ କଲରିଂ ଭିଡ଼ିଓ ଦେଖିବାକୁ କହୁଛି। ଦେଖିସାରିବା ପରେ ନିଜେ ନିଜେ ଅଭ୍ୟାସ ବି କରୁଛନ୍ତି, ଯାହାକି ତାଙ୍କ କ୍ରିଏଟିଭିଟିକୁ ବଢାଉଛି। ସ୍କୁଲ୍ ବନ୍ଦ ହେବା ପୂର୍ବରୁ ସେମାନଙ୍କୁ ଉପର କ୍ଲାସ୍‌ର ବହି ମଧ ମିଳିଯାଇଛି। ନୂଆ ବହି ଯୋଗୁ ଏବେ ଘରେ ରହି ପଢ଼ିବାକୁ ସେମାନଙ୍କୁ ଭଲଲାଗୁଛି।"

**- ବେବୀରାଣୀ ସାହୁ**



"ମୋ ଝିଅ ଫିଲ୍ମରେ ଆକ୍ଟିଂ କରେ। ଏବେ ଶୁଟିଂ ବନ୍ଦ ହୋଇଯାଇଥିବାରୁ ସେ ସବୁବେଳେ ଘରେ ରହୁଛି। ସ୍କୁଲ୍ ବି ଛୁଟି। ତେଣୁ ଘରେ ରହି ପାଠ ପଢ଼ିବାର ସୁଯୋଗ ମିଳିଛି। ଅନ୍ୟ ସମୟରେ ଶୁଟିଂରେ ବ୍ୟସ୍ତ ରହୁଥିବାରୁ ପଢ଼ିବାକୁ ସମୟ ପାଏନା। ଏବେ ସେ ଆସନ୍ତା ପରୀକ୍ଷା ପାଇଁ ପାଠ ପଢୁଛି। ଅଧିକାଂଶଙ୍କ ପାଇଁ ବର୍ତ୍ତମାନ ସମୟରେ ୨୪ଘଣ୍ଟା ଘରେ ରହିବା କଷ୍ଟକର ହୋଇଥିବା ବେଳେ ମୋ ଝିଅ ପାଇଁ କିନ୍ତୁ ଏହା ପଢ଼ିବାର ଭଲ ସୁଯୋଗ ଦେଇଛି।"

**- ରଶ୍ମି ମହାନ୍ତି**



"ମୋର ଦୁଇଝିଅ ଅଛନ୍ତି। ବଡ଼ଝିଅ ପେଣ୍ଟିଂ କରିବାକୁ ଭଲପାଏ। ତେଣୁ ସେ ଏବେ ଫାଙ୍କା ସମୟରେ ବସି ପେଣ୍ଟିଂ କରୁଛି। ଏହାବ୍ୟତୀତ ଟେଲିଭିଜନରେ ଆଲ୍ଲାଦିନ ଶୋ' ତାର ଫେଭରାଇଟ୍। ପରୀକ୍ଷା ସରିଥିବାରୁ ପଢ଼ିବାକୁ କହିବାକୁ ଭଲଲାଗୁନି। ପିଲାମାନେ ସେମାନଙ୍କ ମନ ମୁତାବକ କାମ କରି ସମୟ କାଟୁଛନ୍ତି। ସାନ ଝିଅ ମୋର କାର୍ଟୁନ୍ ଛଡା ଆଉକିଛି ଦେଖେନା।"

**- ଶଶିକଳା ସାହୁ**



"କରୋନା ଭୟ ଯୋଗୁ ଏବେ ମୋ ପୁଅକୁ ମୁଁ ବାହାରକୁ ଛାଡୁନି। ସେ ପାର୍କ ଯିବାକୁ ପସନ୍ଦ କରେ ଓ ୪ଟା ହେଲେ ଘର ବାହାରେ ସାଇକେଲ ଚଲାଏ। ହେଲେ ଏବେ ସବୁକିଛି ବନ୍ଦ ହୋଇଯାଇଛି। ସ୍କୁଲ୍‌ରୁ ଏବେ ବହି ମଧ ମିଳିନି। ତେଣୁ ଘରେ ବସି କାର୍ଟୁନ ଦେଖିବା ଏବେ ତାର ଫେଭରାଇଟ୍ ହବି। ଏହାବ୍ୟତୀତ ଭିଡିଓ ଗେମ୍ ଖେଳୁଛି। ଚାହିଁଲେ ବି ଏବେ ମନାକରି ହେଉନି।"

**- ଲିପିକା ଦାସ**

## ଅକ୍ଷମଙ୍କ ପାଇଁ ଉଦାହରଣ



ଡ. ଆଶିଷ କୁମାର ସାହୁ

# ଦୃଷ୍ଟିହୀନ ଆଶିଷ ଏବେ ଅଧ୍ୟାପକ

**କଟକ ଅଫିସ,୧୭।୩**

ଜନ୍ମରୁ ଦୃଷ୍ଟିହୀନ। ତଥାପି ଅକ୍ଷମତା ତାଙ୍କୁ ସଫଳତା ପଥରୁ ଦୂରେଇ ରଖିପାରିନି। ଅଗାଧ ପରିଶ୍ରମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଏବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପନା ଦାୟିତ୍ୱରେ ଅଛନ୍ତି। ଏହି ପ୍ରତିଭା ଜଣଙ୍କ ହେଲେ ଅଧ୍ୟାପକ ଡ. ଆଶିଷ କୁମାର ସାହୁ। ତାଙ୍କର ଏହି ସଫଳତା ପଛର ସଂଘର୍ଷମୟ କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

ଆଶିଷଙ୍କ ଘର ବରଗଡ ଜିଲା କଟାପାଲି ଅଞ୍ଚଳରେ। ବାପା, ମା, ତିନି ଭାଇ ଏବଂ ଗୋଟିଏ ଭଉଣୀଙ୍କୁ ନେଇ ତାଙ୍କ ପରିବାର। ପରିବାର ବୋଝ ଆଶିଷଙ୍କ ବାପା ଗୋପୀନାଥ ସାହୁଙ୍କ ମୁଣ୍ଡ ଉପରେ ଥାଏ। ଗୋପୀନାଥ ଏକ ସରକାରୀ ସ୍କୁଲ ଶିକ୍ଷକ ହୋଇଥିବାରୁ ଦୁଃଖକଷ୍ଟରେ ପରିବାର ଚଳିଯାଏ। ଆଶିଷ ଦେଖି ପାରୁ ନ ଥିଲେ ମଧ ବାପାଙ୍କ କଷ୍ଟକୁ ଅନୁଭବ କରିପାରୁଥିଲେ। ଅନ୍ୟପକ୍ଷରେ ପିଲାଦିନରୁ ଆଶିଷଙ୍କର ପାଠପଢାରେ ବହୁତ ଆଗ୍ରହ ଥିଲା। ନିଜେ ପାଠପଢା ପ୍ରତି ବିଶେଷ ଧ୍ୟାନ ଦେବା ସହିତ ସାଙ୍ଗସାଥୀଙ୍କୁ ଭଲ ପଢିବା ପାଇଁ ସବୁବେଳେ ଉପଦେଶ ଦେଉଥିଲେ। ଜ୍ଞାନ ହିଁ ପରମ ଧନ ବୋଲି ଆଶିଷଙ୍କର ବିଶ୍ୱାସ ରହିଛି। ଇତିମଧ୍ୟରେ ବୁର୍ଲା ଦୃଷ୍ଟିହୀନ ବିଦ୍ୟାଳୟରୁ ସେ ମାଟ୍ରିକ୍ ପାସ୍ କରିବା ପରେ ବୁର୍ଲା ଏନ୍‌ଏସି କଲେଜରେ ଯୁକ୍ତଦୁଇ ପଢିଥିଲେ। ପରେ ସ୍ନାତକ ପଢିବା ପାଇଁ କଟକ ଆସିଥିଲେ। ରେଭେନ୍‌ଶା କଲେଜରେ ଓଡ଼ିଆ ସମ୍ମାନରେ ସ୍ନାତକ ପାସ୍ କରି କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଲାଭ କରିଥିଲେ। ସେଠାରେ ଆଶିଷଙ୍କୁ କିଛି ସାଙ୍ଗ ବହୁତ ହଇରାଣ କରନ୍ତି। ବହିଠାରୁ ଆରମ୍ଭ କରି ନୋଟ୍ ପର୍ଯ୍ୟନ୍ତ କିଛି ସାହାଯ୍ୟ କରନ୍ତିନାହିଁ। ସେଠାରେ ଜଣେ ସାର୍ ଆଶିଷଙ୍କ ସହିତ ବେଶ୍ ଜଡିତ ଥିଲେ। ସେ ସବୁ ସମୟରେ ତାଙ୍କୁ ସହଯୋଗ କରୁଥିଲେ। ଯାହାକିଛି କ୍ଲାସରେ ଅଧ୍ୟାପକ ପଢାନ୍ତି ତାହାକୁ ରେକର୍ଡର ମାଧ୍ୟମରେ ରେକର୍ଡ କରି ବାରମ୍ବାର ଶୁଣନ୍ତି। ସେଥିରୁ ଯାହା ମନେରହେ ପରୀକ୍ଷାରେ ଲେଖନ୍ତି। ପିଜି ପାସ୍ କରିବା ସମୟରେ ରେଭେନ୍‌ଶାରେ ଅଧ୍ୟାପକ ପଦବୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଶିଷ ଏହି ପଦବୀ ପାଇଁ ଆବେଦନ କରିଥିଲେ। ୨୦୧୩ରେ ଅଧ୍ୟାପକ ଭାବେ ରେଭେନ୍‌ଶାରେ ଯୋଗଦେଇଥିଲେ। ଚଳିତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡିରେ ଡକ୍ଟରେଟ ପାଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜଣେ ଦକ୍ଷ ଅଧ୍ୟାପକ ଭାବେ ଯେମିତି ତାଙ୍କର ନାଁ ରହିଛି ସେମିତି ଭଲ ମଣିଷ ଭାବେ ମଧ ଖ୍ୟାତି ଅଛି। ଅନେକ ଦୃଷ୍ଟିହୀନ ଛାତ୍ରୀଛାତ୍ର ଇଚ୍ଛାଶକ୍ତି ଅଭାବରୁ ନିଜର କ୍ୟାରିୟର ଗଠନ କରୁପାରୁନାହାନ୍ତି। ଆଗାମୀ ଦିନରେ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଥିବା ଆଶିଷ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୁଶାନ୍ତ



ମିଲନ



ସୋନୁ



ମନୋରଞ୍ଜନ



ବିଜୟ



ଗୋପାଳ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**DIRECT JOIN**
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

**URGENTLY REQUIRED**
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
*Salary negotiable.*
M-9437041228
9040268680

**ଆବଶ୍ୟକ**
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

**REQUIRED**
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ
Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
BIMSR-1480, IRC Village
9040009727
8456845313

**ଆବଶ୍ୟକ**
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

**ଆବଶ୍ୟକ**
**ସିକ୍ୟୁରିଟି ଗାର୍ଡ**
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି ।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 8917637741, 8342041401

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - 7000/- ରୁ 40000/-
9777639313

**ବଢେଇ ଦରକାର!!**
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍ପାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

**RAILWAY JOBS**
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

**URGENTLY REQUIRED**
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ବସ୍ ଷ୍ଟାଣ୍ଡରେ ସ୍ଥାପନ ହେବ କ୍ୟାମ୍ପ ଅଫିସ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

କରୋନା(କୋଭିଡ-୧୯)ଭୂତାଣୁକୁ ନେଇ ସମଗ୍ର ବିଶ୍ୱ ଆତଙ୍କିତ। ପରିସ୍ଥିତି ଯେପରି ଅଣାୟତ୍ତ ନ ହେବ ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ବସ୍‌ରେ ଦୈନିକ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ଗୋଟିଏ ବସରେ ସିଟ୍ ଠାରୁ ଅଧିକ ଯାତ୍ରୀ ଯିବା ଆସିବା କରୁଛନ୍ତି। କରୋନା ଭୂତାଣୁର ଭୟାବହତାକୁ ଦେଖି ରାଜ୍ୟ ସରକାର ବସ୍‌ଗୁଡିକରେ ନିର୍ଦ୍ଦିଷ୍ଟ ସିଟ୍ ଠାରୁ ଅଧିକ ଯାତ୍ରୀ ନେବା ଉପରେ କଟକଣା ଜାରି କରିଛନ୍ତି। ବସ୍‌ରେ ପରିମଳ ବ୍ୟବସ୍ଥାକୁ କିପରି ଅଧିକ ସ୍ୱଚ୍ଛ କରାଯାଇ ପାରିବ ସେ ନେଇ ଲୋକସେବା ଭବନଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବସ୍ ମାଲିକ ସଂଘ, ରାଜ୍ୟ ପରିବହନ କମିଶନର, ଓଡିଶା ରାଜ୍ୟ ପରିବହନ ନିଗମ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଜରୁରୀ ବୈଠକ କରାଯାଇଥିଲା। ବୈଠକରେ ବସ ଓ ବସଷ୍ଟାଣ୍ଡଗୁଡିକର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ୩୦ଟି ଜିଲାରେ ଥିବା ସମସ୍ତ ବସଷ୍ଟାଣ୍ଡରେ କ୍ୟାମ୍ପ ଅଫିସ ଖୋଲାଯିବ। ସେହି ଅଫିସରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀ ଏବଂ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଯାତ୍ରୀମାନଙ୍କୁ ସ୍ୱଚ୍ଛତା ନେଇ ସଚେତନ କରିବା ସହ ବସଷ୍ଟାଣ୍ଡରେ ହାତ ଧୋଇବା ପାଇଁ ପ୍ରୋତ୍ସାହିତ କରିବେ। ସେହିପରି ଯାତ୍ରୀମାନେ ବସ୍ ଭିତରକୁ ଯିବାବେଳେ ହ୍ୟାଣ୍ଡ ସାନିଟାଇଜର ମାଧ୍ୟମରେ ହାତକୁ ସଫା କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ବଜାରରେ ଯଥେଷ୍ଟ ପରିମାଣରେ ମାସ୍କ ଓ ସାନିଟାଇଜର ମିଳୁ ନାହିଁ। ସରକାରଙ୍କ ତରଫରୁ ସେ ସବୁ କ୍ୟାମ୍ପ ଅଫିସକୁ ଯୋଗାଇ ଦିଆଗଲେ ବସ୍ ମାଲିକମାନେ ତାକୁ କ୍ରୟ କରି ବସ୍‌ରେ ରଖି ଯାତ୍ରୀମାନଙ୍କ ବ୍ୟବହାର ପାଇଁ ଉପଯୋଗ କରିବେ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ବ୍ଲିଚିଂ ପାଉଡରକୁ ପାଣିରେ ଗୋଳାଇ ବସ୍ ସିଟ୍, ରେଲିଂ, ଡୋର ଆଦିକୁ ଦିନକୁ ଦୁଇଥର ସଫା କରାଯିବ। ରାଜ୍ୟର ସମସ୍ତ ବସ୍ ମାଲିକ ସଂଘ ଏହି ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ସେ କହିଛନ୍ତି। ରାଜ୍ୟରେ ଓଏସ୍‌ଆର୍‌ଟିସି ଅଧୀନରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବସ ଚାଲୁଥିବା ବେଳେ ୧୦ହଜାରରୁ ଊର୍ଦ୍ଧ୍ୱ ଘରୋଇ ବସ ଚଳାଚଳ କରୁଛି। ଦୈନିକ ଲକ୍ଷ ଲକ୍ଷ ଲୋକ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ତେଣୁ ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।



ବାଦାମବାଡ଼ି ବସଷ୍ଟାଣ୍ଡରେ ଜଣେ ପୋଲିସ ଅଧିକାରୀ ସଚେତନତା ସୃଷ୍ଟି କରୁଛନ୍ତି।

**ରାଜ୍ୟ ସରକାର, ବସ ମାଲିକ ସଂଘ ବୈଠକ**

- ଦିନକୁ ଦୁଇଥର ସଫା ହେବ ବସ୍
- ହ୍ୟାଣ୍ଡ ସାନିଟାଇଜରରେ ହାତ ସଫା କରିବେ ଯାତ୍ରୀ

## ରାଶନ ପାଇଁ ପିଓଏସ, ଆଇରିସ ମେଶିନ ବ୍ୟବହାର ବନ୍ଦ

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

**ଏପ୍ରିଲ ପହିଲାରୁ ମିଳିବ ରାଶନ**

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାର ୨.୨୬ କୋଟି ଏବଂ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାର ୪.୫ ଲକ୍ଷ ଉପଭୋକ୍ତାଙ୍କୁ ଆସନ୍ତା ଏପ୍ରିଲ ପହିଲାରୁ ଆଗୁଆ ଏପ୍ରିଲ, ମେ ଓ ଜୁନମାସର ରାଶନ ଯୋଗାଇ ଦିଆଯିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଏପ୍ରିଲ ପହିଲାରୁ ମେ ୧୫ ତାରିଖ ମଧ୍ୟରେ ରାଶନ ଯୋଗାଇ ଦିଆଯିବ। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଜନଗହଳି କମାଇବାକୁ ୪୫ଦିନର ସମୟ ଦିଆଯାଇଛି। ହିତାଧିକାରୀମାନେ ଏହି ସମୟ ମଧ୍ୟରେ ଆସି ସରକାରୀ ପାଇକରୀ ଦୋକାନାରୁ ଭିଡ ନ ଜମାଇ ଚାଉଳ, ଗହମ ଓ କିରୋସିନ ନେଇ ପାରିବେ। କରୋନା ଏକ ସଂକ୍ରାମକ ରୋଗ। ରୋଗୀ ଦେହରୁ ଆସି ସୁସ୍ଥ ଲୋକଙ୍କୁ ମଧ୍ୟ ଏହା କବଳିତ କରିବ। ଏହାକୁ ଦୃଷ୍ଟିରେ ରଖି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବ୍ୟବହୃତ ହେଉଥିବା ପିଓଏସ (ପଏଣ୍ଟ ଅଫ ସେଲ) ମେଶିନ କିମ୍ବା ଆଇରିଶ ମେଶିନକୁ ସାମୟିକ ଭାବେ ସ୍ଥଗିତ କରାଯାଇଛି। ଆସନ୍ତା ଏପ୍ରିଲରୁ ରାଶନ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।



## ଜିଲା ଚିଠି
### ବୌଦ୍ଧ

## ପୁଣି ଟୋକନ ଚିନ୍ତା

ଶିଳ୍ପ ବିହୀନ ବୌଦ୍ଧ ଜିଲାବାସୀଙ୍କ ମୁଖ୍ୟ ଆୟ ପନ୍ଥା ହେଲା ଧାନ ଚାଷ। ଧାନ ଚାଷରୁ ହିଁ ଲୋକମାନେ ନିଜର ଦୈନନ୍ଦିନର ଗୁଜୁରାଣ ମେଣ୍ଟାଇଥାନ୍ତି। ଧାନର ଅଭାବୀ ବିକ୍ରି ରୋକିବା ସହ ଚାଷୀ କିପରି ଉଚିତ ମୂଲ୍ୟ ପାଇପାରିବ ସେ ନେଇ ରାଜ୍ୟ ସରକାର ସରକାରୀସ୍ତରରେ ଧାନ କିଣାବିକା ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଚାଷୀ ଧାନ ବିକ୍ରି କରିବାକୁ ହେଲେ ପ୍ରଥମେ ଟୋକନ ସଂଗ୍ରହ କରିବାକୁ ପଡିଥାଏ । ଚଳିତ ବର୍ଷ ବୌଦ୍ଧ ଜିଲାରେ ମଧ୍ୟ ଯେପରି ଧାନକିଣା ସୁଚାରୁ ରୂପେ ହୋଇପାରିବ ସେଥିପାଇଁ ଖରିଫ ଧାନ କିଣା ପୂର୍ବରୁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗାଣ ବିଭାଗ, ମିଲର୍ସ, ଚାଷୀନେତା ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଜିଲାର ୪୨ଟି ସେବା ସମବାୟ ସମିତି ଦ୍ୱାରା ୫୫ଟି କ୍ରୟ କେନ୍ଦ୍ର ଖୋଲାଯାଇ ମୋଟ ୧,୮୪,୫୯୧ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ଧାନ ବିକ୍ରି ପାଇଁ ଚାଷୀମାନେ ପ୍ରଥମେ ନିଜର ନାମ ପଞ୍ଜୀକରଣ କରିବାକୁ ପଡିବ ବୋଲି କୁହାଯାଇଥିଲା । ପଞ୍ଜୀକୃତ ଚାଷୀ ଧାନ ଦେବା ପୂର୍ବରୁ ସେମାନଙ୍କ ମୋବାଇଲରେ ଏକ ମେସେଜ ଆସିବ। ଉକ୍ତ ମେସେଜକୁ ଚାଷୀମାନେ ଟୋକନ ଭାବେ ମଣ୍ଡିରେ ଦେଖାଇ ଧାନ ବିକ୍ରି କରିପାରିବେ । ଟୋକନ ପାଇ ନ ଥିବା ଚାଷୀ ଧାନ ଆଣିଲେ ଏହା ଗ୍ରହଣ କରାଯିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଆହୁରି ମଧ୍ୟ ସାଧାରଣ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଓ ଗ୍ରେଡ 'ଏ' ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଧାନ ବିକ୍ରି କରିବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଧାନର ଅର୍ଥ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶାସନର ଏପରି ବ୍ୟବସ୍ଥା ନେଇ ଚାଷୀ ଚଳିତବର୍ଷ ଧାନ ବିକ୍ରି କରି ଆର୍ଥିକ ଭାବେ ଉନ୍ନତି କରିବା ନେଇ ଆଶାବାଦୀ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଶାସନର ସବୁ ପ୍ରସ୍ତୁତିକୁ ଏହି ଟୋକନ ବ୍ୟବସ୍ଥା ବିଗାଡି ଦେଇଥିଲା । ଏହି ଟୋକନ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରୁ ଅନ୍‌ଲାଇନ ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ବୌଦ୍ଧ ଜିଲାରେ ଆଜି ମଧ୍ୟ ବହୁ ଚାଷୀ ଟୋକନ ନ ପାଇ ଧାନ ବିକ୍ରି କରିପାରିନାହାନ୍ତି। ଚାଷୀମାନେ ମଣ୍ଡିରେ ଧାନ ଗଦା କରି ରଖିଥିବା ବେଳେ ଟୋକନ ଆସି ନ ପାରିବାରୁ ଧାନ ବିକ୍ରି ହୋଇପାରି ନ ଥିଲା। ଗତ ଅଦିନିଆ ବର୍ଷାରେ ସେହି ଧାନ ସବୁ ନଷ୍ଟ ହୋଇଯାଇଥିଲା । ଖାଲି ଯେ ଟୋକନ ଅବ୍ୟବସ୍ଥା ତା' ନୁହେଁ କେଉଁଠି ଟୋକନ ଥିଲେ ବି ମିଲର୍ସଙ୍କ ଦେଖା ନ ଥିଲା । ଫଳରେ ଚାଷୀ ଧାନ ବିକ୍ରି କରି ନ ପାରି ଚିନ୍ତାରେ ପଡିଯାଇଛନ୍ତି । ପୂର୍ବରୁ ଚାଷୀମାନେ ବେପାରୀଙ୍କୁ ଧାନ ବିକ୍ରି କରିଥିଲେ ଅନ୍ତତଃ ପକ୍ଷେ କୁଇଣ୍ଟାଲ ପ୍ରତି ୧୨ଶହରୁ ୧୩ଶହ ଟଙ୍କା ପାଇଥାନ୍ତେ। ଟୋକନ ପାଇ ନ ଥିବାରୁ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିବା ସହ ମଣ୍ଡିଗୁଡିକରେ ମଧ୍ୟ ତାଲା ପକାଇବାକୁ ପଛାଇ ନାହାନ୍ତି। ଟୋକନ ଅବ୍ୟବସ୍ଥା ଯୋଗୁ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଯେଉଁ ଅସୁବିଧା ଭୋଗିବାକୁ ପଡିଛି ଅନ୍ତତଃ ପକ୍ଷେ ରବି ଋତୁ ପୂର୍ବରୁ ପ୍ରଶାସନ ଏହି ଟୋକନ ଅବ୍ୟବସ୍ଥାରେ ସୁଧାର ପାଇଁ ଏବେଠୁ ପଦକ୍ଷେପ ନେଲେ ଜିଲାର ଚାଷୀମାନେ ନିଜ ଶ୍ରମର ମୂଲ୍ୟ ଠିକ୍ ଭାବେ ପାଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

– ଅଜିତ୍ କୁମାର ବାରିକ

## ୨୦୧୯ରେ ୧.୨୧ଲକ୍ଷ ଧର୍ତ୍ତବ୍ୟ ମାମଲା

**ଭୁବନେଶ୍ୱର,୧୭।୩(ବ୍ୟୁରୋ)**

ରାଜ୍ୟରେ ୨୦୧୯ରେ ୧,୨୧,୫୨୫ ଧର୍ତ୍ତବ୍ୟ ମାମଲା ରୁଜୁ କରାଯାଇଛି। ତନ୍ମଧ୍ୟରେ ୧,୩୫୬ ହତ୍ୟା, ୫୮୭ ଡକାୟତି, ୨,୪୯୨ ଲୁଟ୍, ୪,୧୪୯ ଛିନ୍‌ତାଇ, ୧୦,୭୬୬ ଚୋରି, ୩୮୦୭ ଠକେଇ ଅପରାଧ ରହିଛି। ସେହିପରି ୧,୯୯୩ ଛୋଟବଡ଼ ଦଙ୍ଗା, ୨,୯୫୦ ବଳାତ୍କାର, ୧୧,୦୬୪ ଗାଡ଼ି ଦୁର୍ଘଟଣା ଏବଂ ୮୨,୩୬୧ ଅନ୍ୟାନ୍ୟ ମାମଲା ରୁଜୁ ହୋଇଥିବା ବରିଷ୍ଠ ବିଧାୟକ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ ପୁସ୍ତିକାରୁ ଜଣାପଡ଼ିଛି। ୨୦୧୯ରେ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏପରି କି କେନ୍ଦ୍ରାପଡ଼ା ଜିଲା ପାଟକୁରା ଏବଂ ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହା ସତ୍ତ୍ୱେ ଏହି ବର୍ଷ ଆଇନଶୃଙ୍ଖଳା ଦୃଷ୍ଟିରୁ ଶାନ୍ତିପୂର୍ଣ୍ଣ ଥିଲା ବୋଲି କୁହାଯାଉଛି। ଗତବର୍ଷ ଅପରେଶନ 'ପରୀ-୩'ର ପ୍ରଥମ ପର୍ଯ୍ୟାୟ(ଜୁଲାଇ ୩୦ରୁ ଅଗଷ୍ଟ ୧୪)ରେ ମୋଟ ୩,୧୦୫ ବାଳିକାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ସେଥିରେ ୨,୫୮୯ ବାଳକ ଏବଂ ୫୧୬ ବାଳିକା ରହିଛନ୍ତି। ଏହାମଧ୍ୟରେ ୨୪୨ଜଣ ଶିଶୁଙ୍କୁ ଅପହରଣ ଭଳି ଅପରାଧରୁ ଉଦ୍ଧାର କରାଯାଇଛି। ସେହିପରି ପରୀ-୩ ଦ୍ୱିତୀୟ ପର୍ଯ୍ୟାୟ(ଅଗଷ୍ଟ ୧୫ରୁ ୩୦)ରେ ସାରା ରାଜ୍ୟରୁ ୮୩(୬୧ ବାଳକ ଓ ୨୨ ବାଳିକା)ଙ୍କୁ ଉଦ୍ଧାର କରାଯାଇଥିଲା। ୨୦୧୯ରେ ୨୧ ହିନ୍ଦୁ-ମୁସ୍‌ଲିମ୍ ଝଗଡ଼ାକୁ ଆଧାର କରି ୨୬ ଆପରାଧିକ ମାମଲା ରୁଜୁ ହୋଇଛି। ଏହି ବର୍ଷ ବଡ଼ଧରଣର ଛାତ୍ର ଆନ୍ଦୋଳନ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନକୁ ବାତିଲ୍ କରାଯାଇଥିଲା। ଅପରପକ୍ଷରେ ରାଜ୍ୟରେ ଜଳ,ଜମି,ଜଙ୍ଗଲ ଅଧିକାରକୁ ନେଇ ଆଦିବାସୀଙ୍କ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଏଥିସହିତ ଅନୁସୂଚିତ ଜାତି(ଏସ୍‌ସି) ଉପରେ ହିଂସା, ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନାକୁ ନେଇ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବିକ୍ଷୋଭ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ତଥା ସବ୍‌ଡିଭିଜନ ଦାବି ମଧ୍ୟ ମୁଣ୍ଡ ଟେକିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୨୦୧୯ରେ କୌଣସି ଆତଙ୍କବାଦ ଘଟଣା ତଥା ଗତିବିଧି ଲକ୍ଷ୍ୟ କରାଯାଇନାହିଁ। ଅପରପକ୍ଷରେ ରାଜ୍ୟର ୮ଟି ଜିଲାରେ ମାଓବାଦୀ ହିଂସାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ଜିଲାଗୁଡ଼ିକ ହେଉଛି, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଏବଂ ନବରଙ୍ଗପୁର। ଏହି ସମୟ ମଧ୍ୟରେ ୪୪ଟି ଘଟଣାରେ ମାଓବାଦୀଙ୍କ ସହ ପୋଲିସର ସଂଘର୍ଷ ହୋଇଛି। ତନ୍ମଧ୍ୟରେ ୧୨ଟି ଗୁଳି ବିନିମୟ ଘଟଣା ରହିଛି। ୮ସିପିଆଇ(ମାଓବାଦୀ) କ୍ୟାଡରଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇ ପାରିଛି। ୫୦ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୩ ଆତ୍ମସମର୍ପଣ କରିଛନ୍ତି। ୨୧ବନ୍ଧୁକ, ୩୦ଟି ଉନ୍ନତମାନର ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ସାଧାରଣ ନିର୍ବାଚନ ସମୟରେ ମାଓବାଦୀଙ୍କ ଗୁଳିରେ କନ୍ଧମାଳ ଜିଲାର ନିର୍ବାଚନ ଦାୟିତ୍ୱରେ ଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟର ସୁଦୀର୍ଘ ପୂର୍ବ ଉପକୂଳକୁ ସୁରକ୍ଷା ପାଇଁ ପ୍ରତ୍ୟେକ ମାସରେ ଥରେ ଭାରତୀୟ ତଟରକ୍ଷୀବାହିନୀଙ୍କ ଦ୍ୱାରା 'ଓପି ସଜାଗ' ଡ୍ରିଲ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏପରି କି ସାଧାରଣ ଲୋକ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବା ଏବଂ ତଟରକ୍ଷୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସ୍ୱରୂପ 'ସାଗର କବଚ' କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ରିପୋର୍ଟ ପୁସ୍ତିକାରେ ଉଲ୍ଲେଖ ରହିଛି।

**ବାର୍ଷିକ ଆଇନଶୃଙ୍ଖଳା ବିବରଣୀ**

## ଚିକିତ୍ସାଧୀନ ଯୁବକ ମେଡିକାଲ ଛାଡି ପଳାଇଲେ

ଅମରପାଲି, ୧୭।୩ (ଡି.ଏନ.ଏ): ସାରା ବିଶ୍ୱରେ କରୋନାକୁ ନେଇ ଭୟରେ ଥିବା ବେଳେ ଏହାର ମୁକାବିଲା ଓ ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଓଡିଶାରେ ମଧ୍ୟ ପ୍ରତ୍ୟେକ ଡାକ୍ତରଖାନାରେ ଏଥିପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଜଣେ ୩୪ରୁ ୩୫ ବର୍ଷିୟ ଯୁବକ କେରଳରେ ଦାଦନ ଭାବେ କାମ କରୁଥିଲେ। ସେଠାରେ ସେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଫେରି ଆସିଥିଲେ। ମଙ୍ଗଳବାର ସେ ଘରେ ପହଞ୍ଚିବା ପରେ ବୀରମହାରାଜପୁର ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଚିକିତ୍ସିତ ହେବା ସହିତ ଡାକ୍ତରଖାନା ବାହାରେ ଥିବା କୌଣସି ଏକ ପାଥୋକ୍ଲିନିକରେ ବିଭିନ୍ନ ପରୀକ୍ଷା କରାଇଥିଲେ। ତାଙ୍କୁ ଡାକ୍ତରଖାନାରେ ଅବଜରଭେସନରେ ରଖି ସୋନପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତର କହିଥିଲେ। ମାତ୍ର ଯୁବକ ଜଣକ କାହାକୁ କିଛି ନକହି ମେଡିକାଲରୁ ଫେରାର ହୋଇଯାଇଥିଲେ।


**ବାରିପଦା ପୌର ପରିଷଦ**
ବାରିପଦା, ମୟୂରଭଞ୍ଜ-୭୫୭୦୦୧, Tel:- 06792-252703,
Website: www.baripadamunicipality.in,
e-mail: baripadam.hud@nic.in

ପତ୍ର ସଂଖ୍ୟା: 3064/Tax ତା. 16.03.20/ରିଖ

**ଶୁଦ୍ଧିପତ୍ର (Corrigendum)**

**No.C-582:-** ବାରିପଦା ପୌର ପରିଷଦ କାର୍ଯ୍ୟାଳୟ ତରଫରୁ ପ୍ରକାଶିତ ହୋଇଥିବା ପତ୍ର ସଂଖ୍ୟା ୨୫୧୪ ତାରିଖ: ୦୩।୦୩।୨୦୨୦ ରିଖରେ ବିଜ୍ଞାପନରେ ସଂଲଗ୍ନ ଥିବା ସର୍ତ୍ତାବଳୀ ଓ ଆବେଦନ ଫର୍ମରେ କେତେକାଂଶରେ ପରିବର୍ତ୍ତନ କରାଯାଇଅଛି। ଯେଉଁ ଆବେଦନକାରୀମାନେ ପୂର୍ବରୁ ଆବେଦନ ଫର୍ମ କ୍ରୟ କରିଛନ୍ତି, ସେମାନେ ଉକ୍ତ ଫର୍ମକୁ ଫେରସ୍ତ ଦେଇ ନୂତନ ଫର୍ମ ବିନା ମୂଲ୍ୟରେ କାର୍ଯ୍ୟାଳୟରୁ ସଂଗ୍ରହ କରି ସର୍ତ୍ତାବଳୀ ଅନୁଯାୟୀ ଆବେଦନ କରିବା ପାଇଁ ଉକ୍ତ ବିଜ୍ଞାପନରେ ଜଣାଇ ଦିଆଗଲା।

ପୂର୍ବ ପ୍ରକାଶିତ ବିଜ୍ଞାପନରେ ପ୍ରଦତ୍ତ ହୋଇଥିବା ଫର୍ମ ବିକ୍ରି ଓ ଫର୍ମ ଆବେଦନର ଧାର୍ଯ୍ୟ ସମୟସୀମାକୁ ଆସନ୍ତା ତା. ୩୧।୦୩।୨୦୨୦ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା।

ଏହା ବ୍ୟତୀତ ଅନ୍ୟ ସମସ୍ତ ପୂର୍ବ ପ୍ରଦତ୍ତ ବିବରଣୀ ଅପରିବର୍ତ୍ତିତ ରହିଲା।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ**
**OIPR-13078/11/0026/1920**

**ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ**

ବିଜ୍ଞାପନ ସଂଖ୍ୟା: 2085 ତା. 04.03.2020
ଫୋନ୍ ନଂ: 06752-222002, ଇ-ମେଲ୍: jagannath.or@nic.in

**ଲଘୁଖଣିଜ ମାଙ୍କଡ଼ା ପଥର ଓ ମୋରମ ଖଣିର ଦୀର୍ଘମିଆଦୀ ଲିଜ୍ ଜନିତ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ଅଧୀନସ୍ଥ ଖୋରଧା ଜିଲ୍ଲା ଅନ୍ତର୍ଗତ ଲଘୁ ଖଣିଜ ମାଙ୍କଡ଼ା ପଥର ଓ ମୋରମ ଖଣିଗୁଡ଼ିକ ୫ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ନିଲାମ ସ୍ଥିର କରାଯିବ। ଏହି ନିଲାମ ପ୍ରକ୍ରିୟାର ସମସ୍ତ ସବିଶେଷ ବିବରଣୀ ଓ ନିୟମାବଳୀ **www.khordha.nic.in** ଓ **www.jagannath.nic.in** websiteରେ ଉପଲବ୍ଧ ଅଟେ। ଏଣୁ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ନିଜ ନିଜର ଲିଜ୍ ଦରଖାସ୍ତ ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀରେ କେବଳ ରେଜିଷ୍ଟ୍ରି ଡାକ/ସ୍ପିଡ୍ ପୋଷ୍ଟ ଦ୍ୱାରା ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇବାକୁ ଜଣାଇ ଦିଆଗଲା। ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ମୁଦ୍ରିତ ଟେଣ୍ଡର (Sealed Tender) ଗ୍ରହଣ କରିବାର ଶେଷ ତାରିଖ ତା. ୦୩।୦୪।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ଅଟେ।

**ସ୍ୱା./- ଉପ-ଜିଲ୍ଲାପାଳ, ଖୋର୍ଦ୍ଧା-ତଥା-କ୍ଷମତାସମ୍ପନ୍ନ ଅଧିକାରୀ**

**DISTRICT PROJECT OFFICE, SAMAGRA SHIKSHA ABHIYAN {S.S.A}**
**SHIKSHASADAN, KORAPUT-764020**
ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା ଅଭିଯାନ
ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ
Telephone : (06852)-252421 (Off), E-mail : dpckoraputssa.opepa@nic.in
Letter No.2061/20 IX-Ped-06/20 Date: 16.03.2020

**SHORT TENDER CALL NOTICE FOR PRINTING & SUPPLY OF PROGRESS REPORT CARD** No.n-69

Sealed Tenders are invited in prescribed format from reputed firms having GST Registration No (Certificate) and valid PAN for printing and supply of Progress Report Card for the year 2019-20 from Class-I to VIII. The tender papers (Bid Documents) containing detailed specification with terms and conditions can only be obtained by downloading the same from the district website i.e. http://www.koraput.nic.in and OSEPA website http://www.osepa.odisha.gov.in. The cost of Tender Paper is Rs.1500/- (Rupees One Thousand and Five Hundred) only which is non-refundable & to be deposited along with the tender paper in shape of Bank Draft drawn in favour of District Project Coordinator, RTE-SSA, Koraput. The Bidders are required to submit their Bid documents in the prescribed format in the envelope duly superscripted "Tender for Printing and Supply of Progress Report Card, 2019-20" and must be sent to the District Project Coordinator, Samagra Shiksha, Koraput through Regd. / Speed Post only on or before 30.03.2020 by 5.00 P.M. Any tender received later than the stipulated date shall not be entertained. The intending bidders have to deposit Rs. 15,000/- (Rupees Fifteen Thousand) only as EMD along with the tender application form in shape of A/C Payee Bank Draft from any Nationalised Bank drawn in favour of District Project Coordinator, RTE-SSA, Koraput payable at Koraput. No exemption of EMD and Security deposit is allowed for NSIC /DIC certificate holders.

The Bid documents will be opened on 31.03.2020 at 11.00 A.M. in the Office chamber of the District Project Coordinator, Samagra Shiksha, Koraput in presence of the members of District Purchase Committee, Bidders or their authorized Agents / Representatives, if they desire for finalisation of bid.

The authority reserves every right to accept/reject/ cancel in full/part, alter any tender without assigning any reasons thereof.

**Sd./- Collector-cum- Chairman**
**Samagra Siksha, Koraput**
**OIPR-27035/11/0012/1920**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨
ସଂଖ୍ୟା : ୩୨୨୦ /IND-II-PH-821 ତାରିଖ : ୧୭।୦୩।୨୦

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ମେସର୍ସ ଶ୍ରୀ ଜଗନ୍ନାଥ ମନ୍ଦିର ଆଧିପତ୍ୟ ଶାସନ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅନ୍ତର୍ଗତ ଡଙ୍ଗରପଡ଼ା ଏବଂ ସାନ୍ତରାପୁର ଗ୍ରାମଠାରେ ୪୯.୮୪୦ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ କ୍ଲଷ୍ଟର-୩ କଳାଚୁଆ ପାହାଡ଼ ପଥର ଖଣିର ଖନନ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୨.୦୪.୨୦୨୦ ରିଖ ଦିବା ୦୮.୩୦ ଘଟିକା ସମୟରେ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଡଙ୍ଗରପଡ଼ା ଅନ୍ତର୍ଗତ କାତିଆଣି ଦେବୀ ମନ୍ଦିର ପ୍ରାଙ୍ଗଣରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଖୋର୍ଦ୍ଧା** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଖୋର୍ଦ୍ଧା**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଖୋର୍ଦ୍ଧା** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଭୁବନେଶ୍ୱର**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଭୁବନେଶ୍ୱର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

idco Your power to grow | ODISHA NEW OPPORTUNITIES — No. CAD-1129

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No. H.O./P&C/EST-E-1106/03/2015 (Vol.-II)-5472, Dated: 12.03.2020

**NOTICE INVITING TENDER THROUGH e-Procurement**

Name of the Work : Construction of RCC Pre-Cast compound wall & providing & fixing of entry main gate & one wicket gate in compound wall of Rajkishor Vidyapitha at Infovally-II, Khurda.
Estimated Cost : Rs. 15.85 lakh (Apprx.)
Period of Completion : 03 (Three) calendar months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No. PC-EST-E-68/2019-20 | 19.03.2020 at 17.00 hrs | 30.03.2020 upto 17.00 hrs |

Further details can be seen from the e-Procurement portal www.tendersorissa.gov.in and corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in and IDCO website www.idco.in.

*Sd./- Chief General Manager (P&C), IDCO, Bhubaneswar*
OIPR-14003/11/0090/1920

**ODISHA LIFT IRRIGATION CROPORATION LTD.** CAD-1121
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION,BHUBANESWAR**
**(Email : eeolicdivn.bbsr@ymail.com)**
**Tender Call Notice No. 617 /2019-20 Dt. 04.03.2020**

Sealed tenders on prescribed schedules on percentage rate contract basis are invited from the Contractors having Civil license with valid registration within the State issued by P.W.D./R.W.S.S./P.H.E.D./Irrigation/M.I. Deptt. with experience in similar nature of work for restoration of Lift Irrigation Project damaged in cyclone FANI-2019 in TURNKEY BASIS as mentioned below.

| Pkg. No | Name of the Block | Name of the work | Approx. estimated cost (Rs.) | EMD to be deposited (Rs.) | Cost of Tender Paper (Rs.) | Class of Contractor | Time of completion of work |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Delanga | Restoration of 13 nos L.I.Ps under Delanga Block in Puri District | 336350 | 3364 | 2000+5% GST on reverse charge basis | Civil D &C licence | 30 days |

Tender papers for the above works will be sold at office of the Executive Engineer L.I. Division, Bhubaneswar during office hours on working days from dt. **18.03.2020 to 25.03.2020 (11 AM to 2 PM)** on payment of requisite tender paper cost (non-refundable) as mentioned above in shape of Bank Draft/ Banker Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from dt. **18.03.2020 to 25.03.2020 (11 AM to 4 PM)** and will be opened on dt. **25.03.2020 at 04.30 P.M.** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E. L.I.Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account / Post Office Time Deposit account / Kissan Vikas Patra / deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis **(OLIC GSTIN : 21AAACO5986G1ZF)** failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work, accept or reject any or all the tenders without assigning any reason thereof.

EXECUTIVE ENGINEER, L.I.DIVISION, BHUBANESWAR
**OIPR-32155/11/0010/1920**

## ସୂର୍ଯ୍ୟମୁଖୀର ସଙ୍କଟକାଳ



**ଦା**ନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ମକାରେ ଜଳସେଚନ



**ଦି**ନର ତାପମାତ୍ରା ବଢୁଥିବାରୁ ପାଣିର ଆବଶ୍ୟକତା ବଢିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...

**ଆ**ଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀ ଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଚରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।



# ପ୍ରାଣୀଙ୍କୁ କରୋନା ଭୂତାଣୁ ସଂକ୍ରମଣ ଓ ନିୟନ୍ତ୍ରଣ

**କ**ରୋନା (ଭୂତାଣୁ କୋଭିଡ୍-୧୯)ର ପ୍ରାଦୁର୍ଭାବ ଏବେ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଆମ ଦେଶରେ ମଧ୍ୟ ଏହି ଭୂତାଣୁ ସଂକ୍ରମଣ ଦେଖାଦେଇଛି। ଆମ ରାଜ୍ୟରେ ଏହି ଭୂତାଣୁ ସଂକ୍ରମଣ ଆଶଙ୍କାକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ଏହାକୁ ଏକ ରାଜ୍ୟ ବିପତ୍ତି ଭାବେ ଘୋଷଣା କରି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନା ଭୂତାଣୁ ମନୁଷ୍ୟ ଶରୀରର ତଳ ଶ୍ୱାସଯନ୍ତ୍ର ଯଥା – ଟାକ୍ରିଆ ଓ ଫୁସ୍‌ଫୁସ୍‌କୁ ସଂକ୍ରମଣ କରି ନିମୋନିଆ










ଡା. ବୀରକିଶୋର ପରିଡ଼ା

ଥିବାରୁ (ଲୋୟର ରେସ୍ପିରେଟୋରି ଟ୍ରାକ୍ଟ) ନିମୋନିଆରେ ମନୁଷ୍ୟ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ। ଏଥିଯୋଗୁ ଚାଇନାରେ ମଧ୍ୟ ଅନେକ ଲୋକ ମୃତ୍ୟୁ ଲଭିବା ସହିତ ଧୀରେ ଧୀରେ ଆରୋଗ୍ୟ ଲାଭ କରିବା ଯୋଗୁ ଲୋକମାନଙ୍କ ମଧ୍ୟରେ ଏବେ ଆଶ୍ୱସ୍ତିଭାବ ଦେଖାଦେଇଛି। ଏହି କରୋନା ଭୂତାଣୁ ମନୁଷ୍ୟଠାରେ ଦେଖାଯାଇଛି ଏବଂ ମନୁଷ୍ୟଙ୍କଠାରୁ ମନୁଷ୍ୟକୁ ବ୍ୟାପୁଛି ବା ବ୍ୟାପିବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଏହି ଭୂତାଣୁ ପଶୁପକ୍ଷୀଙ୍କଠାରେ କ'ଣ ଦେଖାଦେଇଥାଏ ? ଏହି କରୋନା ଭୂତାଣୁ କ'ଣ ଏବଂ ଏହା ପ୍ରାଣୀ(ପଶୁପକ୍ଷୀ)ଙ୍କୁ ସଂକ୍ରମିତ କରିଥାଏ କି ନାହିଁ ସେ ବିଷୟରେ ଜାଣନ୍ତୁ ।

**କରୋନା ଭୂତାଣୁ କ'ଣ –**

ଏହା ହେଉଛି ଗୋଟିଏ ସୂତାଖିଅ ପରି ଆର୍‌ଏନ୍‌ଏ ଯୁକ୍ତ ଭୂତାଣୁ, ଯାହାକି ସମସ୍ତ ସ୍ତନ୍ୟପାୟୀ ପ୍ରାଣୀ ଓ ପକ୍ଷୀମାନଙ୍କୁ ସଂକ୍ରମଣ କରିଥାଏ। ଏହି ଭୂତାଣୁ ମୁଖ୍ୟତଃ ଶ୍ୱାସନଳୀ ଓ ଅନ୍ତନଳୀଜନିତ ରୋଗ ସହିତ ଏନ୍‌ସେଫାଲୋମାଇଲାଇଟିସ୍, ହେପାଟାଇଟିସ୍, ସାଇନୋସାଇଟିସ୍ ଆଦି ପ୍ରାଣୀଙ୍କଠାରେ ସୃଷ୍ଟି କରିଥାଏ। ମନୁଷ୍ୟଠାରେ ଏହି ଭୂତାଣୁ ସାଧାରଣତଃ ଥଣ୍ଡାଜନିତ କାଶ, ଜ୍ୱର, ତଣ୍ଟିବ୍ୟଥା ଆଦିସୃଷ୍ଟି କରିଥାଏ। ଏହି ଭୂତାଣୁ ମନୁଷ୍ୟଙ୍କଠାରେ ପ୍ରବେଶ କରିବାର ୨ରୁ ୧୪ ଦିନ ପରେ ସାଧାରଣତଃ (ସଂକ୍ରମଣ ସମୟ) ରୋଗର ଲକ୍ଷଣ ପ୍ରକାଶ ପାଇଥାଏ।

ସୂର୍ଯ୍ୟକିରଣ ଭଳି ଏହି ଭୂତାଣୁ ଗୋଲାକୃତି ହୋଇଥିବାରୁ ଏବଂ ଏହାର ଚତୁଃପାର୍ଶ୍ୱରେ ସୂର୍ଯ୍ୟଙ୍କ କିରଣ ଭଳି ଛୋଟ ଛୋଟ ଗଦାକୃତିର ଅଙ୍ଗୁଳି ଭଳି ପେପ୍‌ଲୋମିୟର ଅଙ୍ଗ ରହିଥିବା ହେତୁ ଏହାକୁ କରୋନା ଭୂତାଣୁ ଭାବରେ ନାମିତ କରାଯାଇଛି। ଏହି ଭୂତାଣୁ କରୋନା ଭିରିଡେ ପରିବାରର ଅନ୍ତର୍ଭୁକ୍ତ। ଭୂତାଣୁର ବ୍ୟାସାର୍ଦ୍ଧ ୧୦୦ ନାନୋମିଟର ବା ୭୫ ରୁ ୧୬୦ ନାନୋମିଟର ମଧ୍ୟରେ ପରିବର୍ତ୍ତିତ ହୋଇଥାଏ। ଏହି ଭୂତାଣୁର କେନ୍ଦ୍ରସ୍ଥଳରେ ଆର୍‌ଏନ୍‌ଏ ଥିବାବେଳେ ଏହାର ଚତୁଃପାର୍ଶ୍ୱରେ ଗୋଲାକୃତି ନିୟକ୍ଲିଓ କାପ୍‌ସିଡ୍ ପ୍ରୋଟିନ୍ – ଏନ୍‌ର ଏକ ଆବରଣ ଥାଏ। ଏହାକୁ ଆବୃତ୍ତିକରି ତିନି ପ୍ରକାରର ଗ୍ଲାଇକୋପ୍ରୋଟିନ୍ ଯଥା ଏମ୍‌ଏଚ୍‌ଇଓଏମ୍ ବିଶିଷ୍ଟ ଏନ୍‌ଭଲପ ରହିଥାଏ। ଏହାର ଚାରିପଟରେ ଗଦା ପରି ପେପ୍‌ଲୋମିୟରସ୍ କଣ୍ଟାଗଛ ଲାଗିଥାଏ, ଯାହାକି ପ୍ରାଣୀଙ୍କ ଶରୀରର ଶ୍ୱାସଯନ୍ତ୍ର ଓ ଅନ୍ତଃନଳୀର ଜୀବକୋଷକୁ ଧରି ସଂକ୍ରମଣ କରିଥାଏ।

ଆକ୍ରାନ୍ତ ହେଉଥିବା ପ୍ରାଣୀ ଭୂତାଣୁ ଜାତିର ୪ ଗୋଟି ଶ୍ରେଣୀର ଆଣ୍ଟିଜେନିକ୍ ଗୁଣ ନିହିତ ଥିବାରୁ ଏହା ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀ ଯଥା– ମନୁଷ୍ୟ, କୁକୁର, ଘୁଷୁରି, ବିରାଡି, ଗୋରୁଙ୍କ ସହିତ କୁକ୍କୁଟ ଜାତୀୟ ପକ୍ଷୀ ଯଥା– କୁକୁଡା, ଟର୍କି ଆଦିଙ୍କଠାରେ ଦେଖାଯାଇଥାଏ। ଏହି ୪ ଗୋଟି ଆଣ୍ଟିଜେନିକ୍ ଧର୍ମରେ ପରିବର୍ତ୍ତନ ଘଟିବା ଯୋଗୁ କରୋନା ଭୂତାଣୁର ଅନେକ ପ୍ରକାରର ସିରୋଟାଇପ୍ ସୃଷ୍ଟି ହେବାର ଆଶଙ୍କା ଥାଏ।

**ଗୋରୁ:**ବାଛୁରୀଙ୍କଠାରେ ଏହି କରୋନା ଭୂତାଣୁ ଝାଡା ସୃଷ୍ଟି କରୁଥିବାରୁ ପ୍ରଥମେ ଆମେରିକାରେ ଚିହ୍ନଟ କରାଯାଇଥିଲା। ପରେ ସମଗ୍ର ବିଶ୍ୱରେ ଦେଖାଦେଇଥିଲା। ସାଧାରଣତଃ ଏହି ଝାଡା ସୃଷ୍ଟିକାରୀ ଭୂତାଣୁ ରୋଟା ଭାଇରସ ରୋଗ ଭଳି ଏକ ସପ୍ତାହର ବାଛୁରୀଙ୍କଠାରେ ଦେଖାଯାଏ। ଏହି ତରଳ ଝାଡା ୪ରୁ ୫ ଦିନ ପର୍ଯ୍ୟନ୍ତ ଲାଗିରୁହେ। ଯାହାଫଳରେ ଶରୀରରେ ଜଳଶୂନ୍ୟତା ଓ ଇଲେକ୍ଟ୍ରୋଲାଇଟିସ୍ ସହିତ ଗ୍ଲୁକୋଜ୍‌ର ଭାରସାମ୍ୟତା ହରାଇବା ଫଳରେ ସକ୍ ଓ ହୃଦ୍‌ସ୍ପନ୍ଦନ ବନ୍ଦ ଯୋଗୁ ମୃତ୍ୟୁବରଣ କରିଥାନ୍ତି। ଶୀତଦିନେ ବୟସ୍କ ଗୋରୁଙ୍କଠାରେ ରକ୍ତଝାଡା ରୋଗ ସୃଷ୍ଟି କରିଥାଏ। ତେଣୁ ବାଛୁରୀକୁ କଷକ୍ଷୀର ଖୁଆଇଲେ ଏହାର ଆଶଙ୍କା ନ ଥାଏ।

**ଘୁଷୁରି:**ଘୁଷୁରିଙ୍କଠାରେ ଏହି କରୋନା ଭୂତାଣୁ ଟ୍ରାନ୍ସମିସିବଲ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରାଇଟିସ୍ ରୋଗ ସୃଷ୍ଟି କରିଥାଏ । ଏହା ସର୍ବପ୍ରଥମେ ଘୁଷୁରିଙ୍କଠାରୁ ଆମେରିକା ଭଳିଦେଶରେ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ଏହା ୟୁରୋପ ମହାଦେଶ ସହିତ ଅନ୍ୟ ଦେଶରେ ମଧ୍ୟ ଦେଖିବାକୁ ମିଳୁଛି । ଏହା ସାଧାରଣତଃ ଶୀତ ଋତୁରେ ଦେଖାଯାଇଥାଏ । ଏହି ରୋଗର ଭୂତାଣୁ ଘୁଷୁରି ଛୁଆଙ୍କଠାରେ ଦେଖାଦେଇଥାଏ । ଘୁଷୁରିଙ୍କଠାରେ କରୋନା ଭୂତାଣୁ ପ୍ରବେଶ କରିବାର ୧ରୁ ୩ ଦିନ ପରେ ଲକ୍ଷଣ ପ୍ରକାଶ ପାଇଥାଏ । ସାଧାରଣତଃ ୭ ଦିନ ବୟସ ମଧ୍ୟରେ ସଂକ୍ରମିତ ହେବା ପରେ ୨ ରୁ ୭ ଦିନ ଲକ୍ଷଣ ପ୍ରକାଶ ପାଇବା ପରେ କରୋନା ଏମାନେ ମୃତ୍ୟୁମୁଖରେ ପଡ଼ନ୍ତି । ପ୍ରାପ୍ତବୟସ୍କ ଘୁଷୁରି ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ସେମାନଙ୍କଠାରେ ଖାଦ୍ୟ ନ ଖାଇବା, ଝାଡ଼ା ହେବା ଭଳି ଲକ୍ଷଣ ଦେଖାଯାଇ ସେମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଛୁଆ ଘୁଷୁରିଙ୍କଠାରେ ଏହି ରୋଗ ସଂକ୍ରମଣ ହେଲେ ସେମାନଙ୍କର ପାଣି ଭଳି ଝାଡ଼ା ହେବା ସହ ଖୁବ୍ କମ୍ ଦିନରେ ଅଧିକ ଓଜନ ହ୍ରାସ ଯୋଗୁ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ ।

**ନିୟନ୍ତ୍ରଣ:**– ଏହି ରୋଗର ନିୟନ୍ତ୍ରଣ ପାଇଁ ଘୁଷୁରି ଘରକୁ ପରିଷ୍କାର କରନ୍ତୁ ଓ ଲାଳନପାଳନରେ ଉପଯୁକ୍ତ ଯତ୍ନ ନିଅନ୍ତୁ ।

– ଘୁଷୁରି ଛୁଆଙ୍କୁ କଷକ୍ଷୀର ଖୁଆନ୍ତୁ ।

– ଗର୍ଭିଣୀ ଘୁଷୁରିଙ୍କୁ ପ୍ରସବର ୩ ସପ୍ତାହ ପୂର୍ବରୁ ଆଟେନ୍ୟୁଏଟେଡ୍ ଭ୍ୟାକସିନ୍ ଦିଅନ୍ତୁ ।

– ଘୁଷୁରିଙ୍କଠାରେ ଏହି ଭୂତାଣୁ ଏନ୍‌ସେଫାଲାଇଟିସ୍, ପୋରସାଇନ୍ ଏବଂ ଏପିଡେମିକ୍ ଡାଇରିଆ ମଧ୍ୟ ସୃଷ୍ଟି କରିଥାଏ ।

**କୁକୁର:**ଏହି କରୋନା ଭୂତାଣୁ କୁକୁରଙ୍କ ଠାରେ କାନାଇନ୍ କରୋନା ଭାଇରସ୍ ଡାଇରିଆ ବା ଗ୍ୟାଷ୍ଟ୍ରୋଏଣ୍ଟ୍ରାଇଟିସ୍ ବା ରକ୍ତଝାଡ଼ା ସୃଷ୍ଟି କରେ । ଏହି ଭୂତାଣୁ କୁକୁରଙ୍କ ପାର୍ଭୋ ଭୂତାଣୁ ରୋଗ ସହିତ ସଂଶ୍ଳିଷ୍ଟ ହେଲେ କୁକୁରଙ୍କଠାରେ ମାରାତ୍ମକ ତରଳ ଝାଡ଼ା ସୃଷ୍ଟି କରିଥାଏ । ସାଧାରଣତଃ ଛୋଟ କୁକୁରଙ୍କୁ ଏହି ରୋଗ ଶୀଘ୍ର ସଂକ୍ରମଣ କରିଥାଏ । ବନ୍ୟ କୁକୁରଙ୍କଠାରେ ଏହି ରୋଗର ପ୍ରାଦୁର୍ଭାବ ମଧ୍ୟ ରହିଥାଏ । ଏହି ଭୂତାଣୁ କୁକୁରଙ୍କ ଅନ୍ତଃନଳୀକୁ ସଂକ୍ରମିତ କରିଥାଏ ।

–ଏହି ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପାର୍ଭୋ ଓ ଅନ୍ୟାନ୍ୟ ରୋଗର ଟିକା ସହିତ ମିଶି କିମ୍ବା କେବଳ କରୋନା ଭୂତାଣୁ ବିରୋଧରେ ଟିକା ବା ଇନ୍‌ଆକ୍ଟିଭେଟେଡ୍ ଭ୍ୟାକସିନ୍ କୁକୁରଙ୍କୁ ଦିଆଯାଇଥାଏ ।







**ନିୟନ୍ତ୍ରଣ:** – ଏହି ରୋଗର ନିୟନ୍ତ୍ରଣ ପାଇଁ କୁକୁର ଛୁଆଙ୍କୁ ଜନ୍ମ ପରେ କଷକ୍ଷୀର ଖୁଆଇବା ସହିତ ଠିକ୍ ସମୟରେ ଟିକା ଦିଅନ୍ତୁ।

– ପୋଷା କୁକୁର ରହୁଥିବା ସ୍ଥାନକୁ ସଫାସୁତୁରା ରଖିବା ସହିତ ବାହାର କୁକୁର ସହିତ ମିଶିବାକୁ ଦିଅନ୍ତୁ ନାହିଁ ।

– କୁକୁରମାନଙ୍କୁ ଏକାଠି ମିଶାନ୍ତୁ ନାହିଁ ।

– କୁକୁରଙ୍କୁ ଜଗାରଖା କରୁଥିବା ବ୍ୟକ୍ତି ହାତକୁ ଭଲଭାବେ ସାବୁନ କିମ୍ବା ହ୍ୟାଣ୍ଡ ୱାଶରେ ଧୁଅନ୍ତୁ ।

**କୁକ୍କୁଟ ଜାତୀୟ ପ୍ରାଣୀ:** ଆମେରିକାରେ ପକ୍ଷୀଙ୍କଠାରେ ଏହି କରୋନା ଭୂତାଣୁ ଆଭିଆନ୍ ଇନ୍‌ଫେକ୍‌ସିଅସ୍ ବ୍ରୋଙ୍କାଇଟିସ୍‌ର କାରଣ ଭାବେ ସର୍ବପ୍ରଥମେ ଚିହ୍ନଟ ହୋଇଥିଲା । ବର୍ତ୍ତମାନ ଏହି ରୋଗ ସମଗ୍ର ବିଶ୍ୱରେ ଦେଖାଦେଇଛି ।

ସାଧାରଣତଃ କୁକୁଡ଼ା ଛୁଆଙ୍କଠାରେ ଉତ୍କଟ ଶ୍ୱାସନଳୀଜନିତ ସଂକ୍ରମଣ ସୃଷ୍ଟି କରିଥାଏ । ଯାହାଫଳରେ ଅଧିକ ସଂଖ୍ୟାରେ ଏମାନଙ୍କର ମୃତ୍ୟୁ ହୋଇଥାଏ । ଏହି ରୋଗ କୁକୁଡ଼ା ପଲରେ ଦେଖାଗଲେ ଖୁବ୍‌ଶୀଘ୍ର ବ୍ୟାପି ଯାଇଥାଏ । ଦିନିକିଆ ଚିଆଁଠାରୁ ୪ ସପ୍ତାହ କୁକୁଡ଼ା ପର୍ଯ୍ୟନ୍ତ ଏହି ଭୂତାଣୁ ସଂକ୍ରମିତ କରିବା ଯୋଗୁ ସେମାନଙ୍କଠାରେ କାଶ, ଛିଙ୍କ, ନାକରୁ ପାଣି ବାହାରିବା ଓ ଶ୍ୱାସକ୍ରିୟାଜନିତ କଷ୍ଟ ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ସାଧାରଣତଃ ଅଳ୍ପ ବୟସ୍କ କୁକୁଡା ଚିଆଁଙ୍କଠାରେ ୨୫ ରୁ ୩୦ ପ୍ରତିଶତ ଏବଂ କେତେକ ରୋଗ ପ୍ରାଦୁର୍ଭାବ ସ୍ଥାନରେ ୭୫ ପ୍ରତିଶତ ମୃତ୍ୟୁ ହାର ଦେଖାଯାଇଥାଏ । ବୟସ୍କ କୁକୁଡ଼ାଠାରେ ଏହି ଭୂତାଣୁ ସଂକ୍ରମଣ ହେଲେ ଅଣ୍ଡା ଦେବା ହଠାତ୍ କମିଯିବା ସହ ଖୋଳପାବିହୀନ ଅଣ୍ଡା ବା ଲତଲତିଆ ଅଣ୍ଡା ଦିଅନ୍ତି । ସ୍ୱଳ୍ପ ବୟସ୍କ କୁକୁଡାଙ୍କଠାରେ ୭ରୁ ୨୧ ଦିନ ପର୍ଯ୍ୟନ୍ତ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ ।

ଏହି ରୋଗର ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ଇନ୍‌ଫେକ୍‌ସିଅସ୍ ବ୍ରୋଙ୍କାଇଟିସ୍ ଯୋଗୁ ନାକରୁ ସିଙ୍ଘାଣି ବାହାରେ । ଏହା ସହିତ ଟ୍ରାକିଆ ପ୍ରଦାହ, ବ୍ରୋଙ୍କାଇଟିସ୍, ଫୁସ୍‌ଫୁସ୍ ସଂକ୍ରମଣ ଆଦି ଦେଖାଦେଇଥାଏ । ବ୍ରୋଙ୍କାଇଟିସ୍‌ରେ ଛେନା ଛିଡ଼ିଲା ଭଳି ପଦାର୍ଥ ଦେଖିବାକୁ ମିଳେ ।

**ନିରାକରଣ ଉପାୟ:**

– ସାଧାରଣତଃ ଏହି ଭୂତାଣୁ ଶ୍ୱାସକ୍ରିୟା ଓ ସଂକ୍ରମଣ କୁକୁଡ଼ା ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ । ଏହି ରୋଗର ଦମନ ଲାଗି କୁକୁଡ଼ା ଛୁଆଙ୍କୁ ୭ ରୁ ୧୦ ଦିନ ଏବଂ ବୁଷ୍ଟର ଟିକା ୪ ସପ୍ତାହରେ ଦିଅନ୍ତୁ ।

– କୁକୁଡ଼ା ଘର ପରିଷ୍କାର ପରିଚ୍ଛନ୍ନ ସହ ଖାଦ୍ୟ ପାତ୍ର, ପାଣି ପାତ୍ର ସଫାସୁତୁରା ରଖନ୍ତୁ।

– ସଦ୍ୟ ପ୍ରସ୍ତୁତ ଦାନା ଖାଇବାକୁ ଦିଅନ୍ତୁ। ନିରାପତ୍ତା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ।

– କୁକୁଡ଼ାଙ୍କ ଜଗାରଖା କରୁଥିବା ବ୍ୟକ୍ତି ମଧ୍ୟ ସାବୁନ କିମ୍ବା ହ୍ୟାଣ୍ଡ ୱାଶ୍‌ରେ ମଝିରେ ମଝିରେ ହାତ ଧୋଇବା ସହିତ ମାସ୍କ ପିନ୍ଧି କାମ କରନ୍ତୁ ।

**ଖାଦ୍ୟ ନିରାପତ୍ତା:**କରୋନା ଭୂତାଣୁ ବ୍ୟାପିବା ପରେ ଲୋକେ ଏବେ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ପ୍ରାୟ ଛାଡ଼ି ଦେଇଛନ୍ତି । କିନ୍ତୁ ଏକଥା ଜାଣି ରଖନ୍ତୁ ଯେ ମଣିଷଙ୍କ ଠାରେ ଦେଖା ଯାଉଥିବା କରୋନା ଭୂତାଣୁ କେବଳ ମଣିଷଙ୍କୁ ହିଁ ସଂକ୍ରମିତ କରିଥାଏ । ତେଣୁ ମଣିଷଙ୍କ ମଧ୍ୟରେ ଦେଖା ଦେଇଥିବା କରୋନା କୁକୁଡ଼ାଙ୍କୁ ହେବା ସମ୍ଭବ ନୁହେଁ । ଏ ଦୃଷ୍ଟିରୁ କୁକୁଡ଼ା ମାଂସ କିମ୍ବା ଅଣ୍ଡା ଖାଇବା କ୍ଷତିକାରକ ନୁହେଁ । ଯେହେତୁ ଏହି କରୋନା ଭୂତାଣୁ ୨୬ ରୁ ୨୭ ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ମରିଯାଆନ୍ତି, ତେଣୁ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ଆମର ରନ୍ଧନ ପ୍ରଣାଳୀ ସହିତ ମସଲା ବ୍ୟବହାର ସହ କୁକୁଡା ମାଂସ ଏବଂ ଅଣ୍ଡା ଖାଇବା ସାମ୍ପ୍ରତିକ ସମୟ ପାଇଁ ନିରାପଦ ।

ମନେରଖନ୍ତୁ ପ୍ରାଣୀଙ୍କଠାରେ ଯଦିଓ କରୋନା ଭୂତାଣୁ ସଂକ୍ରମଣ ଦେଖାଦେଇଥାଏ, ତାହା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରାଣୀଠାରେ ହିଁ ରହିଥାଏ । ଏହା ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପି ନ ଥାଏ । ଗୃହପାଳିତ ପଶୁପକ୍ଷୀଙ୍କଠାରେ ପ୍ରାଣୀଜନିତ କରୋନା ସଂକ୍ରମଣ ନ ହେବା ଲାଗି –ପ୍ରାଣୀଙ୍କ ରହିବା ଘର ସଫାସୁତୁରା ରଖିବା ସହିତ ସେମାନଙ୍କ ଖାଦ୍ୟପାତ୍ର ଓ ପାଣିପାତ୍ର ପରିଷ୍କାର ରଖନ୍ତୁ।

–ଏହା ସହ ସଦ୍ୟ ପ୍ରସ୍ତୁତ ଦାନା ଦେବା ସହିତ ଜୈବ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

*–ପ୍ରାଣୀରୋଗ ବିଶେଷଜ୍ଞ*
*ମୋ: ୯୪୩୭୬୦୭୩୧୨*



## ସ୍ୱାବଲମ୍ବୀ ହେବାକୁ ବାଟ ଦେଖାଇଛି ଚାଷ

**ବା**ଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ପତିରାଜପୁରର ଗୋଲା ସମ୍ପ୍ରଦାୟର ବ୍ୟକ୍ତିମାନେ ପରିବା ଚାଷ ମାଧ୍ୟମରେ ନିଜେ ସ୍ୱାବଲମ୍ବୀ ହେବା ସହ ଗାଁର ସୁନାମ ବଢାଇବାରେ ସକ୍ଷମ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଆଗଧାଡ଼ିର ଚାଷୀ ହେଲେ ରମାକାନ୍ତ ପ୍ରଧାନ (ମୋ:୯୧୭୮୬୪୬୮୫)। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ୭ମ ଶ୍ରେଣୀରୁ ତାଙ୍କର ପାଠପଢାରେ ଡୋରି ବନ୍ଧା ହୋଇଗଲା । ଏହି ସମୟରେ ରାଜ୍ୟ ବାହାରକୁ ଯାଇ ରୋଜଗାର କରିବା ଲାଗି କେତେକେ ତାଙ୍କୁ ପରାମର୍ଶ ଦେଲେ। ହେଲେ ବାହାରକୁ ଯିବା ଅପେକ୍ଷା ନିଜ ମାଟିରେ ରହି କିପରି ସ୍ୱାବଲମ୍ବୀ ହେବେ ସେହି ଚିନ୍ତା ତାଙ୍କ ଘାରିଲା। ଚାଷକୁ ରୋଜଗାରର ମାଧ୍ୟମ ଭାବି ବାପାଙ୍କୁ ଚାଷ କାମରେ ସାହାଯ୍ୟ କଲେ । ପ୍ରଥମେ ୨ଗୁଣ୍ଠ ଜମିରେ ଆରମ୍ଭ କଲେ ପରିବା ଚାଷ । ଏବେ ପାଖାପାଖି ୧ଏକର ଜମିରେ ସେ ପରିବା ଚାଷ କରୁଛନ୍ତି । ରବି ଋତୁରେ ବନ୍ଧାକୋବି, ଫୁଲ କୋବି, କାକୁଡି, ବାଇଗଣ,



**ସଫଳ ଚାଷୀ**
ରମାକାନ୍ତ ପ୍ରଧାନ

ବିଲାତି ବାଇଗଣ, ଭେଣ୍ଡି ଇତ୍ୟାଦି ଚାଷ କରିଥାନ୍ତି । ଖରିଫ ଋତୁରେ କଲରା, ପୋଟଳ, ଭେଣ୍ଡି, କାକୁଡି ଲଗାଇ ସ୍ଥାନୀୟ ବଜାରର ପରିବା ଚାହିଦା ମେଣ୍ଟାଇଥାନ୍ତି । ପତିରାଜପୁର ହାଟ ସମେତ ଅଲିପୁର, ଡୁଙ୍ଗୁରା ହାଟକୁ ନିଜେ ପରିବା ନେଇ ଯାଇଥାନ୍ତି ସେ। ସବୁ ଖର୍ଚ୍ଚ ଯାଇ ବର୍ଷକୁ ପ୍ରାୟ ୬୦ହଜାର ଟଙ୍କା ଲାଭ ମିଳିଥାଏ ବୋଲି କୁହନ୍ତି ରମାକାନ୍ତ। ପରିବାଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କରିବାକୁ ଚାହୁଁଥିଲେ ହେଁ ସେବା ସମବାୟ ସମିତି ଏହା ଗ୍ରହଣ କରୁ ନ ଥିବାର ସେ କହିଛନ୍ତି । ସରକାରଙ୍କ ତରଫରୁ ସେଭଳି କିଛି ସହାୟତା ମିଳି ନ ଥିବା ବେଳେ ଏବେ ଗୋଟିଏ ସିଞ୍ଚନ ମେଶିନ ତାଙ୍କୁ ରିହାତି ଆକାରରେ ମିଳିଛି । ଚାଷ କାମରେ ତାଙ୍କ ପତ୍ନୀ ରୁକ୍ମଣି ତାଙ୍କୁ ମାନସିକ ଓ ଶାରୀରିକ ଭାବେ ସହାୟତା କରିଥାନ୍ତି । ତାଙ୍କ ବନ୍ଧୁ ମାନଙ୍କ ମଧ୍ୟରୁ ଅନେକ ବମ୍ବେ ଦିଲ୍ଲୀ ଯାଇ ଅନେକ ଅର୍ଥ ଉପାର୍ଜନ କରୁଛନ୍ତି । ଅନ୍ୟମାନଙ୍କ ପାଖରେ କାମ ନ କରି ନିଜେ ସ୍ୱାବଲମ୍ବୀ ହୋଇ ବଞ୍ଚିବାରେ ତାଙ୍କୁ ଖୁବ ଆନନ୍ଦ ମିଳୁଛି ବୋଲି କହିଛନ୍ତି ଏହି ସଫଳ ଚାଷୀ ।

**–ଉତ୍କଳବନ୍ଧୁ ପଣ୍ଡା**

କରୋନା ଭାଇରସ୍‌ର ପ୍ରଭାବକୁ କମ୍ କରିବା ଲାଗି ୪୫ ବିଲିୟନ ଡଲାର ୟୁରୋର ପ୍ୟାକେଜ ଘୋଷଣା କରାଯାଇଛି। ଚଳିତ ବର୍ଷ ଫ୍ରାନ୍ସରେ ମାନ୍ଦାବସ୍ଥା ଆସିବାର ଆଶଙ୍କା ରହିଥିବାରୁ ବଡ ବଡ କମ୍ପାନୀଗୁଡ଼ିକୁ ଦେବାଳିଆ ହେବାରୁ ବଞ୍ଚାଇବା ଜାତୀୟକରଣର ବିକଳ୍ପ ରହିଛି।

–ଲି ମେୟର, ଫ୍ରାନ୍ସ ଅର୍ଥମନ୍ତ୍ରୀ



ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ କରୋନାର ପ୍ରଭାବକୁ କମ୍ କରିବା ଲାଗି ମିଳିତ ଉଦ୍ୟମ ଲୋଡ଼ା। ଅତିରିକ୍ତ ବିତ୍ତୀୟ ପ୍ୟାକେଜ ପ୍ରଦାନ ଦ୍ୱାରା ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ପଡୁଥିବା ଦୀର୍ଘସ୍ଥାୟୀ ପ୍ରଭାବକୁ କମ୍ କରାଯାଇପାରିବ।

–କ୍ରିଷ୍ଟଲିନା ଜିଓର୍ଜିଏଭା, ଆଇଏମ୍ଏଫ୍ ମୁଖ୍ୟ



**କରୋନା ପ୍ରଭାବ**

# ୮୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

■୩୦,୫୭୯.୦୯ ପଏଣ୍ଟ ସ୍ତରକୁ ଖସିଲା

■ନିଫ୍ଟି ୮,୯୬୭.୦୫ ସ୍ତରରେ



ମୁମ୍ବାଇ,୧୭-୩

ଦେଶର ପୁଞ୍ଜିବଜାରରେ କରୋନା ଆତଙ୍କ ଲାଗି ରହିଛି। ମଙ୍ଗଳବାର ମଧ୍ୟ ସେନ୍‌ସେକ୍ସରେ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି। କରୋନା ଯୋଗୁ ମାନ୍ଦାବସ୍ଥା ସ୍ଥିତି ଉଜୁଜିବା ଆଶଙ୍କା ରହିଥିବାରୁ ନିବେଶକ ଛାନିଆ ହୋଇ ରହିଥିବାରୁ ପୁଞ୍ଜିବଜାରରେ ଏହାର ପ୍ରଭାବ ରହିଛି। ମଙ୍ଗଳବାର ମଧ୍ୟରେ ସେନ୍‌ସେକ୍ସ କାରବାରରେ କିଛିଟା ଉନ୍ନତି ଆସିଥିବା ବେଳେ ଶେଷ ପର୍ଯ୍ୟାୟ ଟ୍ରେଡ୍‌ରେ କାରବାର ହଠାତ୍ ଖସିଯାଇଛି। ମଙ୍ଗଳବାର ସେନ୍‌ସେକ୍ସ ୮୧୦.୯୮ ପଏଣ୍ଟ ବା ୨.୫୮% ଖସି ୩୦,୫୭୯.୦୯ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୩୦.୩୫ ପଏଣ୍ଟ ୨.୫୦% ନିମ୍ନରେ ରହି ୮,୯୬୭.୦୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ମାର୍ଚ୍ଚ ୨୦୧୭ରେ ନିଫ୍ଟି ୯୦୦୦ ପଏଣ୍ଟ ତଳକୁ ଖସିଥିଲା। ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ କାଢିନେଉଥିବା ବେଳେ ଡଲାର ତୁଳନାରେ ଦୁର୍ବଳ ଟଙ୍କା ଘରୋଇ ବଜାର ଲାଗି କ୍ଷତିକାରକ ହେଉଛି। ସେନ୍‌ସେକ୍ସରେ ମଙ୍ଗଳବାର ଆଇସିଆଇସିଆଇ ବ୍ୟାଙ୍କ କାରବାର ସର୍ବାଧିକ ପ୍ରଭାବିତ ହୋଇଛି। ଅନ୍ୟ ପ୍ରଭାବିତ ଷ୍ଟକ୍ ମଧ୍ୟରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇନ୍‌ଫୋସିସ୍, କୋଟାକ ବ୍ୟାଙ୍କ ଭଳି ଅନ୍ୟ କିଛି କମ୍ପାନୀ ରହିଛି।

ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ ସୂଚୀ ୨.୨୭% ନିମ୍ନରେ ରହିଛି। ଏହାବାଦ ଏସିଆର ଅନ୍ୟ ବଜାର ମଧ୍ୟରେ ସାଂଘାଇ,ସିଓଲ ମଧ୍ୟ ନକାରାତ୍ମକ କାରବାର ସ୍ଥିତିରେ ରହିଛନ୍ତି। ଏହାବାଦ ହଂକଂ ଏବଂ ଟୋକିଓ ଶେୟାର ବଜାରରେ କାରବାର ଉନ୍ନତ ରହିଛି। ୟୁରୋପରେ ଶେୟାର କାରବାର ୩% ଖସିଯାଇଛି। ଭାରତୀୟ ଶେୟାର ବଜାରରେ ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କା ଫ୍ଲାଟ ୭୪.୨୦ ସ୍ତରରେ ରହିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ବ୍ୟାଙ୍କିଙ୍ଗ୍, ଫାଇନାନ୍ସ, ଟେଲିକମ୍, ଟେକ୍, ଆଇଟି ଏବଂ ରିୟଲିଟି ସୂଚୀ ୪.୪୬% ଉଚ୍ଚରେ ରହିଥିବା ବେଳେ ଏଫ୍ଏମ୍‌ସିଜି କାରବାର ଉନ୍ନତ ରହିଛି। କରୋନା ପ୍ରଭାବକୁ ରୋକିବା ଲାଗି ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି।

## ସତର୍କ ରହିବାକୁ ବିମାନ କମ୍ପାନୀଙ୍କୁ ଡିଜିସିଏ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭-୩:** କରୋନା ଲାଗି ସତର୍କ ରହିବାକୁ ବିମାନ ଚଳାଚଳ କ୍ଷେତ୍ର ନିୟାମକ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ପ୍ରତି ୨୪ ଘଣ୍ଟା ମଧ୍ୟରେ ବିମାନଗୁଡ଼ିକରେ ସଂକ୍ରମଣ ପ୍ରତିରୋଧୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ପ୍ଲେନ୍‌ଗୁଡ଼ିକୁ ଅନ୍ତତଃ ପକ୍ଷେ ୨୪ ଘଣ୍ଟାରେ ଥରେ ଭଲ ଭାବେ ସଫା କରିବା, ବିମାନରେ ହ୍ୟାଣ୍ଡ ସାନିଟାଇଜର ସହ ଅନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ କରି ରଖିବା ଉପରେ ନିୟାମକ ଗୁରୁତ୍ୱ ଦେଇଛନ୍ତି। ପ୍ରତିଷେଧକ କିଟ୍ ବ୍ୟବସ୍ଥା କରିବା ଉପରେ ମଧ୍ୟ ନଜର ରହିଛି।

## କର୍ମଚାରୀଙ୍କୁ ଲିଭ୍ ଓ୍ୱିଦାଉଟ୍ ପେ'ରେ ଛାଡିଲା ଗୋ ଏୟାର




**ନୂଆଦିଲ୍ଲୀ,୧୭-୩:** କରୋନା ଭାଇରସ୍‌ର ପ୍ରଭାବ ବିମାନ କମ୍ପାନୀଗୁଡ଼ିକ ଉପରେ ପରିଲକ୍ଷିତ ହୋଇଛି। ଗୋ ଏୟାର ଏହାର ଅନ୍ତର୍ଜାତୀୟ ଉଡାଣକୁ ୧୫ ଦିନ ଲାଗି ବାତିଲ କରିଦେଇଛି। ଏହାବାଦ କମ୍ପାନୀ କେତେଜଣ କର୍ମଚାରୀଙ୍କୁ 'ଲିଭ୍ ଓ୍ୱିଦାଉଟ ପେ'ରେ ଯିବାକୁ କହିଛି। ପ୍ରକ୍ରିୟା ସହ ଜଡିତ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ଉଠାଣକୁ ଆଗାମୀ ୧୫ ଏପ୍ରିଲ ଯାଏ ଅସ୍ଥାୟୀ ଭାବେ ବାତିଲ କରାଯାଇଛି। ଏହିଭଳି ଭାବେ ପ୍ରାୟ ୩୫% କର୍ମଚାରୀଙ୍କୁ ଛୁଟିରେ ପଠାଯାଇପାରେ ବୋଲି ସୂଚନା ରହିଛି।

## ଘରୁ କାମ କରିବେ ଫୋର୍ଡର ୧୦ ହଜାର କର୍ମଚାରୀ




**ନୂଆଦିଲ୍ଲୀ,୧୭-୩:** କରୋନା ଯୋଗୁ ଅଟୋମୋବାଇଲ ଶିଳ୍ପରେ ପ୍ରତିଷେଧମୂଳକ ବ୍ୟବସ୍ଥା ଆରମ୍ଭ ହୋଇଛି। ଆମେରିକା ଭିତ୍ତିକ ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଫୋର୍ଡ ଏହାର ୧୦ ହଜାର କର୍ମଚାରୀଙ୍କୁ ଘରୁ କାମ କରିବା ପାଇଁ କହିଛି। ବିଜ୍‌ନେସ କ୍ରିଟିକାଲ ରୋଲରେ ଥିବା କର୍ମଚାରୀମାନେ କେବଳ କାର୍ଯ୍ୟାଳୟରେ ଯୋଗଦେବା ଲାଗି କୁହାଯାଇଛି। ଏହାବାଦ ସୁଇଡେନ ଭିତ୍ତିକ କମ୍ପାନୀ ଭଲ୍‌ଭୋ ଏବଂ ଫିଆଟ୍ କ୍ରିଜଲର ଇଣ୍ଡିଆ ମଧ୍ୟ ଭାରତରେ ଏଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ମାରୁତି ସୁଜୁକି ଇଣ୍ଡିଆ ଏବଂ ମହିନ୍ଦ୍ରା ଗ୍ରୁପ୍ ମଧ୍ୟ କିଛି ପଦକ୍ଷେପ ନେଇଥିବା କହିଛନ୍ତି।

## ବିତ୍ତୀୟ ଏବଂ ଆର୍ଥିକ ପଦକ୍ଷେପ ଜରୁରୀ



**ନୂଆଦିଲ୍ଲୀ,୧୭-୩:** କରୋନା ଯୋଗୁ ଉତ୍ପାଦନ ହ୍ରାସ ଏବଂ ସାମଗ୍ରୀର ଦରଦାମ ବଢ଼ିବା ଭଳି ସମସ୍ୟାକୁ କମ୍ କରିବା ଲାଗି ଅର୍ଥ ବ୍ୟବସ୍ଥାକୁ ସହାୟତା କରିବାର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ବିତ୍ତୀୟ ଏବଂ ଆର୍ଥିକ ପଦକ୍ଷେପ ଜରୁରୀ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ସୂଚନା ରହିଛି। ସେହିଭଳି ପ୍ରଭାବିତ ସ୍ଥିତିରେ ରହିଥିବା ହୋଟେଲ ଶିଳ୍ପ, ବିମାନ, ପରିବହନ, ଧାତୁଶିଳ୍ପ ସହ ଅନ୍ୟ ଶିଳ୍ପଗୁଡ଼ିକୁ ସହାୟତା କରିବା ପ୍ରସଙ୍ଗକୁ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ସୂଚନା ରହିଛି।

## ସାମଗ୍ରିକ ଅର୍ଥନୈତିକ ସ୍ଥିତି ପ୍ରଭାବିତ

**ନୂଆଦିଲ୍ଲୀ,୧୭-୩:** ବର୍ତ୍ତମାନ ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତି କରୋନା ଭାଇରସ୍ ଯୋଗୁ ପ୍ରଭାବିତ ସ୍ଥିତିରେ ରହିଛି। ଚାଇନା ସହ ବାଣିଜ୍ୟ କାରବାର କରୋନା ଯୋଗୁ କଟକଣା ଲାଗିଛି। କେବଳ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିନାହିଁ, ଅଶୋଧିତ ତେଲ ଦର ଏକ ସ୍ୱାଭାବିକ ସ୍ତରରେ ଥିବା ବେଳେ ଭାରତୀୟ ବଜାର ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। କରୋନା ବର୍ତ୍ତମାନ ବାଣିଜ୍ୟ, ଉତ୍ପାଦନ, ଯୋଗାଣ ଏବଂ ଖାଉଟି ଚାହିଦାକୁ କ୍ଷତିଗ୍ରସ୍ତ କରିଛି ବୋଲି ସେ କହିଛନ୍ତି। ରପ୍ତାନି ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ରପ୍ତାନି ପ୍ରୋତ୍ସାହନ ପରିଷଦ ସହ ମିଳିତ ହୋଇ କାମ କରୁଛି। ଫାର୍ମା, ଇଲେକ୍‌ଟ୍ରୋନିକ୍ସ, ଅଟୋମୋବାଇଲ ସେକ୍ଟର ଏହା ମଧ୍ୟରେ ରହିଛି। ସେହିଭଳି ସାମଗ୍ରୀ ଯୋଗାଣର ବିକଳ୍ପ ପନ୍ଥା ଦେଖିବାକୁ ବିଦେଶରେ ରହିଥିବା ଇଣ୍ଡିଆନ ମିଶନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଦେବାଳିଆ ହୋଇ ପାରନ୍ତି ବିମାନ କମ୍ପାନୀ

ନୂଆଦିଲ୍ଲୀ,୧୭-୩

କରୋନା ମହାମାରିର ପ୍ରଭାବ ଯୋଗୁ ସାରା ବିଶ୍ୱରେ ବିମାନ ଶିଳ୍ପ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଏଭଳି ସମସ୍ୟା ଆଗାମୀ ମେ ମାସ ଯାଏ ଯଦି ଲାଗି ରହେ ତେବେ ସାରା ବିଶ୍ୱରେ ବିମାନକମ୍ପାନୀଗୁଡ଼ିକୁ ଦେବାଳିଆ ସ୍ଥିତିକୁ ଚାଲିଯିବେ ବୋଲି ସେଣ୍ଟର ଫର ଏସିଆ ପାସିଫିକ ଏଭିଏଶନ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହି କ୍ଷେତ୍ରରେ ବିମାନ କମ୍ପାନୀଗୁଡ଼ିକୁ ସରକାର ସହାୟତା ଯୋଗାଇ ଦେବା ଆବଶ୍ୟକ। ବିମାନ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯିବା ଯୋଗୁ ବିମାନ କମ୍ପାନୀଗୁଡ଼ିକର ପରିଚାଳନାରେ ବିଭିନ୍ନ ସମସ୍ୟା ଉପୁଜୁଥିବା କୁହାଯାଇଛି।

## ଚିନି ମିଲ୍ ଗୁଡିକରୁ ଯୋଗାଣ ପ୍ରଭାବିତ

ମୁମ୍ବାଇ,୧୭-୩: କରୋନା ପ୍ରଭାବରେ ଦେଶର ଚିନି ମିଲ୍‌ଗୁଡ଼ିକରେ ଉତ୍ପାଦନ ହେଉଥିବା ଚିନି ଅନ୍ୟ ସ୍ଥାନକୁ ପଠାଇବା ବେଳେ ଅସୁବିଧା ଉପୁଜିଛି। ଗତ ୧୫ ଦିନ ହେବ ଏଭଳି ସ୍ଥିତି ଲାଗି ରହିଛି ବୋଲି ଇଣ୍ଡିଆନ ସୁଗାର ମିଲ୍ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

**UTKAL GRAMEEN BANK**
**TENDER FOR : CENTRALIZED E-TDS SYSTEM**
We invite Bid Quotations from the interested parties for Centralized E-TDS System at our Bank. For details, please visit our website www.utkalgrameenbank.co.in. The last date for receiving the Bid Quotation is 24.03.2020 2.00 P.M
Sd/-
GENERAL MANAGER- I

## ଭାରତର ବିକାଶ ଅନୁମାନ କମାଇଲା ମୁଡିସ୍

ନୂଆଦିଲ୍ଲୀ,୧୭-୩

କରୋନାର ପ୍ରଭାବ ଯୋଗୁ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଭାରତର ବିକାଶ ଅନୁମାନକୁ ପୁଣି ଥରେ କମ୍ କରି ଦେଇଛି। କ୍ୟାଲେଣ୍ଡର ବର୍ଷ ୨୦୨୦ରେ ଭାରତର ବିକାଶ ହାର ୫.୩% ରହିବା ନେଇ ଏହା ପୂର୍ବାନୁମାନ କରିଛି। ୨୦୨୧ରେ ଜିଡିପି ଅଭିବୃଦ୍ଧି ୫.୮% ରହିବା ନେଇ ଏହା ରିପୋର୍ଟରେ ପ୍ରକାଶ କରିଛି। ଫେବୃୟାରୀରେ ଏହି ଏଜେନ୍ସି ଭାରତର ବିକାଶ ହାର ୫.୪% ରହିବ ବୋଲି କହିଥିବା ବେଳେ ଏହା ପୂର୍ବରୁ ୬.୬% ରହିବା ନେଇ ପୂର୍ବାନୁମାନ କରିଥିଲା। କରୋନାର ପ୍ରଭାବ ଯେତେ ଦିନ ରହିବ ଏହା ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ଆଶଙ୍କାକୁ ବଢାଇବ। ଏହି ସମୟରେ ଜି-୨୦ ଦେଶଗୁଡିକର ବିକାଶ ହାର ମନ୍ଥର ରହିବା ନେଇ ଆଶଙ୍କା କରାଯାଇଛି।

## ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ବଢୁଛି

ନୂଆଦିଲ୍ଲୀ,୧୭-୩

କରୋନାର ପ୍ରଭାବରେ ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ସ୍ଥିତି ମାଡି ଆସୁଛି। ଷ୍ଟକ ବଜାର କାରବାର ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହେଉଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି। ଏହା ଦ୍ୱାରା ଆମେରିକା ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ଆଡକୁ ବଢୁଛି। ଷ୍ଟକ ବଜାର ଏବଂ ଅର୍ଥ ବ୍ୟବସ୍ଥାରେ ଏକ ପ୍ରକାରର ଜଡତା ଆସିଯାଇଛି। ବହୁ ପରିଶ୍ରମ ପରେ ଏହାକୁ ଠିକ୍ କରାଯାଇଥିଲା। ପରିସ୍ଥିତି ଠିକ୍ ହେବା ପରେ ପୁଣି ଥରେ ଅର୍ଥବ୍ୟବସ୍ଥାରେ ଉନ୍ନତି ଆସିବ। ଏହା ପୁଣି ଥରେ ଅଭିବୃଦ୍ଧି ପଥରେ ଅଗ୍ରସର ହେବ ବୋଲି ଟ୍ରମ୍ପ କହିଛନ୍ତି।

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

No. Exam. 763 /2020,S.J.S.V.,Puri Date: 17.03.2020

**NOTIFICATION**

In pursuance to Government instructions and as a Precautionary measure to check spreas of Corona Virus (COVID-19) the Shastri IInd Year Examination, 2020 scheduled to be held from 23.03.2020 is hereby postponed until further orders. The list of examination centres which was scheduled to be displayed in the University website on 16.03.2020 is also hereby postponed.

The revised dates shall be notified in due course of time. All concerned are requested to remain in constant touch with the University website : www.sjsv.nic.in for further instructions.

By order of Vice-Chancellor
Sd./- D.D. Rana
Controller of Examinations

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER PHULBANI (R&B) CIRCLE, PHULBANI**
Phone : - 06842 254004 Email: sernbphulbani@gmail.com
**INVITATION FOR BIDS (IFB)** No. B-818
Bid Identification No. SE-(R&B)-PLB- 03/2019-20
**No. 361 Dated. 13.03.2020**

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of Road works detailed in the table below from eligible contractors. | | |
| 2 | Nature of work | :- | Road work |
| 3 | No. of tenders | :- | 2 Nos of Road works |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | Special class & Super Class |
| 6 | Date & Time of sale & receipt of bids | :- | 10.00 AM of 24.03.2020 to 5.00PM of 07.04.2020 |
| 7 | Date of Opening of bid | :- | 11.00 AM of 08.04.2020 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd/-Er. M.K. Tripathy
Superintending Engineer, Phulbani (R&B) Circle, Phulbani
OIPR-34129/11/0006/1920

**OFFICE OF THE EXECUTIVE ENGINEER**
**P.H. DIVISION KORAPUT** C-583
e-mail –eephkrp@nic.in, eephkrp@gmail.com
GOVERNMENT OF ODISHA "e" procurement Notice
**e-procurement Notice for 2019-20**
Bid Identification No.EE,P.H.KPT-13 of 2019-20 Dt.13.03.2020

| | | |
|---|---|---|
| 1. | Name of the works | 3 nos |
| 2. | Estimated Cost | From Rs.13.00 to 17.00 lakh (Approx.) |
| 3. | Period of completion | 3 months |
| 4. | Date & time of availability of bid document in the portal | From 11.00 A.M. of 23.03.2020 to 05.00 P.M. of 03.04.2020 |
| 5. | Last date / time of receipt of bids in the portal | 05.00 P.M. of 03.04.2020 |
| 6. | Date & time of opening of bids | 11.00 A.M. of 04.04.2020 |
| 8. | Name and address of the Officer Inviting Bid | Executive Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in"
Sd/-
(Er. Sarbeswar Jena)
Executive Engineer,
P.H. Division, Koraput
OIPR-13008/11/0011/1920

**ODISHA STATE MEDICAL CORPORATION LIMITED.** No. CAD-1128
(A Government of Odisha Undertaking)
Office: Convent Square, In front of Ram Mandir, Bhubaneswar – 751001, Odisha
Website: www.osmcl.nic.in, e-mail: rec.osmcl@nic.in

No. 02 /OSMCL/HR/2020 **Advertisement for recruitment** Date : 07.03.2020

Odisha State Medical Corporation Ltd. (OSMCL), Bhubaneswar invites online applications from eligible candidates for filling up the following vacant posts of the Corporation. For details of the post like scale of pay, eligibility criteria selection modalities, general instructions / information, guideline for filling up of the online application form, mode etc., the applicants may visit the **"online recruitment" section** of OSMCL website - www.osmcl.nic.in.

| Sl. No. | Name of the Post | Total nos. of posts | Reservation category | Scale of Pay (Pay Band) & Grade Pay |
|---|---|---|---|---|
| 1 | Sr. Manager – IT | 1 | UR – 1 | As per ORSP 2017: Rs 67700/-, Level: 13 |
| 2 | Biomedical Engineer | 2 | ST – 2 (W – 1) | As per ORSP 2017: Rs 56100/-, Level: 12 |
| Contractual engagement under "KHUSHI" programme | | | | |
| Sl. No. | Name of the Positions | Total nos. of posts | | Remuneration (Consolidated) |
| 3 | Logistics Assistant | 1 no. (Unreserved) | | Rs. 20,000/- per Month |

N.B. **The contractual engagement of the position mentioned in Sl. No. 3 above is purely contractual in nature.**

Interested applicants must fill up the online application form and upload the supporting documents in the "Online Recruitment" section of OSMCL website www.osmcl.nic.in. Submission of online application forms will close on ***08.04.2020, 11:59 PM***.

After filling up of the online application form, applicants must download the application forms, sign the same and send them along with the supporting self-attested documents only by speed post / registered post to the following address:

***Odisha State Medical Corporation Ltd., In front of Ram Mandir, Convent Square, Bhubaneswar, Odisha, 751001*** **on or before 20.04.2020, 5.30 PM.**

**Last date of receipt of applications and documents by speed post / registered post is 20.04.2020, 5.30 PM.** Any application received by speed post / registered post after **20.04.2020, 5.30 PM** will be rejected.

Envelops must be superscribed with the name of the post applied for along with the applicants application number.

Sd/ Managing Director Odisha State Medical Corporation
OIPR-10112/11/0030/1920

**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ଫାର୍ମମାନଙ୍କର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.L-112 :- ଚଳିତ ବର୍ଷ ୨୦୧୯-୨୦୨୦ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନିମ୍ନୋକ୍ତ ଫାର୍ମମାନଙ୍କର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ/ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, କାମାକ୍ଷାନଗରଙ୍କ କାର୍ଯ୍ୟାଳୟରେ ଟ.୫୦/-ଙ୍କା ବିନିମୟରେ ସରକାରୀ କାର୍ଯ୍ୟଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୩୦.୦୩.୨୦୨୦ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା୨୯।୦୩।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନା ଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ
OIPR-01067/11/0001/1920

ଓଡ଼ିଶା ସରକାର
ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

**ଆଧାର ପଞ୍ଜିକରଣ କାର୍ଯ୍ୟକ୍ରମ ସାମୟିକ ସ୍ଥଗିତ**

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭୂତାଣୁକୁ ଆଖିରେ ରଖି ଓକାକ୍ ଅଧୀନରେ ଚାଲୁଥିବା ସମସ୍ତ ଆଧାର ପଞ୍ଜିକରଣ ଓ ଆଧାର ସଂଶୋଧନ କେନ୍ଦ୍ରଗୁଡିକ ମାର୍ଚ୍ଚ ୩୧, ୨୦୨୦ ପର୍ଯ୍ୟନ୍ତ ସାମୟିକ ଭାବେ ବନ୍ଦ ରହିବ।

ବିଶ୍ୱର ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ କରିବାକୁ ସମସ୍ତ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ।

ଧରିତ୍ରୀ
DHARITRI
ବୁଧବାର, ୧୮ ମାର୍ଚ୍ଚ, ୨୦୨୦



> ପାକିସ୍ତାନ ସୁପର ଲିଗ୍‌ରୁ ଫେରିବା ପରେ ଜ୍ୱର ଓ ଶୁଖିଲା କାଶ ପାଇଁ ମୁଁ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିଛି, ହେଲେ ଏପର୍ଯ୍ୟନ୍ତ କୋଭିଡ୍-୧୯ ପରୀକ୍ଷା କରିନାହିଁ ।
>
> -ଆଲେକ୍ସ ହେଲ୍ସ, ଇଂଲଣ୍ଡ ବ୍ୟାଟ୍ସମ୍ୟାନ



> କୋଭିଡ୍-୧୯ ପରୀକ୍ଷା ପରେ ଯାଇ ସରକାର ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ମନୋନୀତ ଆଥ୍‌ଲେଟମାନଙ୍କୁ ଟ୍ରେନିଂ ପାଇଁ ଅନୁମତି ଦେବା ଉଚିତ ।
>
> -ବିମଳ କୁମାର, ପୂର୍ବତନ ବ୍ୟାଡମିଣ୍ଟନ ମୁଖ୍ୟ କୋଚ୍



## ସଂକ୍ଷେପରେ

### ଜାପାନ ଅଲିମ୍ପିକ କମିଟି ଉପମୁଖ୍ୟ ସଂକ୍ରମିତ

**ଟୋକିଓ,୧୭।୩ (ଏଏଫ୍‌ପି):** କରୋନା ଭାଇରସ୍ ଦ୍ୱାରା ଜାପାନ ଅଲିମ୍ପିକ କମିଟି ଉପମୁଖ୍ୟ କୋଜୋ ତାସିମା ସଂକ୍ରମିତ ହୋଇଛନ୍ତି। ସେ ନିଜେ ଏ ନେଇ ସ୍ୱୀକାର କରିଛନ୍ତି। ଫଳରେ ଏବେ ଟୋକିଓ ଅଲିମ୍ପିକ୍ସ ନିରାପଦରେ ଆୟୋଜନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ମୋର ପରୀକ୍ଷା କରାଯାଇଥିଲା। ମୋଠାରେ ଭାଇରସ ଥିବା ଜଣାପଡ଼ିଛି ବୋଲି ତାସିମା କହିଛନ୍ତି। ଜାପାନ ଫୁଟବଲ ଆସୋସିଏଶନ ମାଧ୍ୟମରେ ସେ ଏହି କଥା ଜଣାଇଛନ୍ତି। ତାସିମା ମଧ୍ୟ ଜାପାନ ଫୁଟବଲ ଆସୋସିଏଶନ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ମୋତେ ସାମାନ୍ୟ ଜ୍ୱର ହୋଇଥିଲା। ପ୍ରଥମେ ନିମୁନିଆର ଲକ୍ଷଣ ଥିବା ଆଶଙ୍କା କରୁଥିଲୁ। ତେବେ ମଙ୍ଗଳବାର ତାଙ୍କଠାରେ କରୋନା ଭାଇରସ ଥିବା ଜଣାପଡ଼ିଥିଲା। ଏହି ଭାଇରସକୁ ନିୟନ୍ତ୍ରଣ କରିବା ପାଇଁ ଇତିମଧ୍ୟରେ ଅଲିମ୍ପିକ୍ସ ସଂକ୍ରାନ୍ତରେ ସବୁ ଉତ୍ସବକୁ ସୀମିତ କରାଯିବ ବୋଲି ଟୋକିଓ ୨୦୨୦ ଆୟୋଜକ କମିଟି ନିଷ୍ପତ୍ତି ନେଇଛି। ଗ୍ରୀସ୍‌ରେ ଅଲିମ୍ପିକ୍ ମଶାଲ ପ୍ରଜ୍ୱଳିତ ହୋଇଛି ଓ ଏହା ଶୁକ୍ରବାର ଉତ୍ତର ଜାପାନରେ ଆସି ପହଞ୍ଚିବ। ଫୁକୁସିମାରେ ଆସନ୍ତା ୨୬ ତାରିଖରେ ମାଶାଲ ରାଲି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବର୍ତ୍ତମାନ ସବୁକିଛି ଅନିଶ୍ଚିତତା ଆଡକୁ ଚାଲିଯାଇଛି।

### ପୁରୁଷ ଟି୨୦ ବିଶ୍ୱକପ୍ ନିର୍ଦ୍ଧାରିତ ସମୟରେ ହେବ

**ସିଡ୍‌ନୀ, ୧୭।୩ (ପି.ଟି.):** କୋଭିଡ୍-୧୯ର ପ୍ରକୋପ ସତ୍ତ୍ୱେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଦେଶରେ ପୁରୁଷ ଟି୨୦ ବିଶ୍ୱ କପ୍ ଅନୁଷ୍ଠିତ ହେବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମଙ୍ଗଳବାର ପ୍ରକାଶ କରିଛି। କରୋନା ଭାଇରସ ଯୋଗୁ ବିଶ୍ୱବ୍ୟାପୀ କ୍ରୀଡ଼ା ବାଧା ସୃଷ୍ଟି ହୋଇଛି। ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟରେ ଏହାଦ୍ୱାରା ପ୍ରଭାବିତ ହୋଇଛି। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କେଭିନ୍ ରବର୍ଟ୍ସ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିରେ କେବେ ସୁଧାର ଆସିବ ତାହା କହିହେବ ନାହିଁ। କିଛି ସପ୍ତାହ ମଧ୍ୟରେ ଏଥିରେ ସୁଧାର ଆସିପାରେ। ଅକ୍ଟୋବର ଓ ନଭେମ୍ବରରେ ଟି୨୦ ପୁରୁଷ ବିଶ୍ୱକପ୍ ବେଳକୁ ସବୁ ଠିକ୍ ହୋଇଯାଇଥିବା ବୋଲି ଆମର ଆଶା। ପୁରୁଷ ଟି୨୦ ବିଶ୍ୱକପ୍ ୧୨ଟି ଦଳକୁ ନେଇ ମୁଖ୍ୟ ପ୍ରତିଯୋଗିତା ଅକ୍ଟୋବର ୨୪ରୁ ହେବ। ଏମସିଜିରେ ଫାଇନାଲ ନଭେମ୍ବର ୧୫ରେ ହେବ।

# ଯୁବ ଫୁଟ୍‌ବଲ କୋଚ୍‌ଙ୍କ ବିୟୋଗ

**ମାଡ୍ରିଡ୍, ୧୭।୩ (ପି.ଟି.):** ପ୍ରାଣଘାତୀ କରୋନା ଭାଇରସ୍ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିସାରିଛି। ଏହାର ସଦ୍ୟତମ ଶିକାର ହୋଇଛନ୍ତି ସ୍ପେନ ମଲାଗା ସହରର ଜଣେ ଯୁବ ଫୁଟ୍‌ବଲ କୋଚ୍। କରୋନା ଭାଇରସ୍ ଯୋଗୁ ମଙ୍ଗଳବାର ୨୧ ବର୍ଷୀୟ ଏହି ଫୁଟ୍‌ବଲ କୋଚ୍‌ଙ୍କ ଜୀବନ ଚାଲିଯାଇଛି। ତାଙ୍କ ନାମ ହେଉଛି ଫ୍ରାନ୍‌ସିସ୍କୋର ଗାର୍ସିଆ। ସ୍ପାନିଶ ଲିଗ୍ ଦ୍ୱିତୀୟ ଡିଭିଜନ ଦଳ ଆଟ୍‌ଲେଟିକୋ ପୋର୍ଟାଡ ଜୁନିୟର ଦଳର ପ୍ରଶିକ୍ଷକ ଦାୟିତ୍ୱ ସେ ତୁଲାଉଥିଲେ। କରୋନା ଭାଇରସ୍ ଆକ୍ରାନ୍ତ ଜଣାପଡ଼ିବା ପରେ ଗାର୍ସିଆଙ୍କୁ ସ୍ଥାନୀୟ ଏକ ମେଡିକାଲରେ ଆଇସୋଲେଶନରେ

## ପ୍ରାଣ ନେଲା କରୋନା

ରଖାଯାଇଥିଲା। ପରେ ସେ କ୍ୟାନସରରେ ପୀଡ଼ିତ ଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଚିକିତ୍ସିତ ହେଉଥିବା ଅବସ୍ଥାରେ ସେ ପ୍ରାଣତ୍ୟାଗ କରିଥିଲେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ସ୍ପେନରେ କରୋନା ଭାଇରସ୍‌ରେ ମୃତ୍ୟୁବରଣ କରିବାରେ ସେ ୫ମ ସର୍ବକନିଷ୍ଠ ବ୍ୟକ୍ତିଥିଲେ ବୋଲି ଜାଣିବାକୁ ମିଳିଛି। 'କୋଚ୍ ଫ୍ରାନସିସ୍କୋ ଗାର୍ସିଆଙ୍କ ବିୟୋଗ ଆମକୁ ବହୁତ ଦୁଃଖ ଦେଇଛି। ତାଙ୍କ ପରିବାର, ବନ୍ଧୁ, ନିକଟତମ ବନ୍ଧୁଙ୍କ ପ୍ରତି ଗଭୀର ଶୋକବ୍ୟକ୍ତ କରୁଛୁ। ତୁମ ବିନା ଆମେ କିଛି କରିପାରିବୁ ନାହିଁ କି ତୁମକୁ କଦାପି ଭୁଲିବୁନି' ବୋଲି ଆଟ୍‌ଲେଟିକୋ ପୋର୍ଟାଡ କ୍ଲବ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ଫ୍ରାନସିସ୍କୋର ଗାର୍ସିଆ

### ସ୍ପାନିଶ କ୍ଲବ ଭାଲେନ୍‌ସିଆର ଏକତୃତୀୟାଂଶ ଖେଳାଳି ଆକ୍ରାନ୍ତ

**ମାଡ୍ରିଡ୍, ୧୭।୩ (ଏଏଫ୍‌ପି):** ସ୍ପେନ ଫୁଟ୍‌ବଲ କ୍ଲବ ଭାଲେନସିଆ ଦଳର ୩୫ ପ୍ରତିଶତ ଖେଳାଳି ମାରାତ୍ମକ କରୋନା ଭାଇରସ୍‌ରେ ଆକ୍ରାନ୍ତ ରହିଛନ୍ତି। କ୍ଲବର ଏକତୃତୀୟାଂଶ ଖେଳାଳି ଓ ଷ୍ଟାଫ୍‌ଙ୍କ ରିପୋର୍ଟ ପଜିଟିଭ ବାହାରିଥିବା କ୍ଲବ ପକ୍ଷରୁ ଘୋଷଣା କରାଯାଇଛି। ଭାଲେନସିଆ ଗତ ମାସରେ ଆଟ୍‌ଲାଣ୍ଟା ବିପକ୍ଷ ଚାମ୍ପିୟନ୍ସ ଲିଗ୍ ରାଉଣ୍ଡ-୧୬ ମ୍ୟାଚ୍ ଖେଳିବା ଲାଗି ଇଟାଲୀର ମିଲାନ ସହର ଗସ୍ତ କରିଥିଲା। ସେହି ସମୟରେ ଖେଳାଳିଙ୍କ ମଧ୍ୟରେ ଭାଇରସ୍ ବ୍ୟାପିଥିବା କ୍ଲବ ପକ୍ଷରୁ କୁହାଯାଇଛି। 'ମ୍ୟାଚ୍ ପରେ କ୍ଲବ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା ସତ୍ତ୍ୱେ ବର୍ତ୍ତମାନର ରିପୋର୍ଟରେ ୩୫ ପ୍ରତିଶତ ପଜିଟିଭ ବାହାରିଛି। ସମସ୍ତଙ୍କୁ ବର୍ତ୍ତମାନ ଘରେ ଆଇସୋଲେଶନ୍‌ରେ ରଖାଯାଇ ମେଡିକାଲ ଚିକିତ୍ସା ଯୋଗାଇ ଦିଆଯାଉଛି' ବୋଲି ଭାଲେନସିଆ କ୍ଲବ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କରୋନା ଦ୍ୱାରା ୟୁରୋପ୍‌ରେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ସ୍ପେନ ୨ୟ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ସ୍ପେନରେ ୯୧୦୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ୩୦୯ ଜଣ ମୃତ୍ୟୁବରଣ କରିସାରିଛନ୍ତି।



ସ୍ପେନ ଫୁଟ୍‌ବଲ କ୍ଲବ ଭାଲେନ୍‌ସିଆର ଖେଳାଳିମାନେ।

# ଅଷ୍ଟ୍ରେଲିଆ ଖେଳାଳିଙ୍କ ଆଇପିଏଲ୍ ଚୁକ୍ତି ସମୀକ୍ଷା କରିବ ସିଏ



ଡେଭିଡ୍ ୱାର୍ନର ଓ ଗ୍ଲେନ୍ ମାକ୍ସୱେଲ୍।

**ମେଲବୋର୍ନ, ୧୭।୩ (ପି.ଟି.)**

କରୋନା ଭାଇରସ୍‌ର ପ୍ରକୋପକୁ ନଜରରେ ରଖି ଅଷ୍ଟ୍ରେଲିଆ କ୍ରିକେଟର୍‌ମାନେ ସେମାନଙ୍କ ଲୋଭନୀୟ ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍) ଚୁକ୍ତି ଛାଡ଼ିପାରନ୍ତି। ମଙ୍ଗଳବାର ସ୍ଥାନୀୟ ଗଣମାଧ୍ୟମରେ ଏହି ରିପୋର୍ଟ ପ୍ରକାଶ ପାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ସେମାନଙ୍କ ଖେଳାଳିଙ୍କୁ ଅଫିସିଆଲି ଭାବେ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ସିଏର ମୁଖ୍ୟ କାର୍ଯ୍ୟନିର୍ବାହୀ କେଭିନ ରବର୍ଟ୍ସ କହିଛନ୍ତି, ଆଇପିଏଲ୍ ଫ୍ରାଞ୍ଚାଇଜ୍ ସହ ଖେଳାଳି ବ୍ୟକ୍ତିଗତ ଚୁକ୍ତି କରିଛନ୍ତି ଏବଂ ସେମାନଙ୍କୁ ନିଜେ ହିଁ ନିଷ୍ପତ୍ତି ନେବାକୁ ପଡ଼ିବ କି ସେମାନେ ଚଳିତ ବର୍ଷ ଆଇପିଏଲ୍ ଖେଳିବେ କି ନାହିଁ। 'ଆମେ କେବଳ ପରାମର୍ଶ ପ୍ରଦାନ କରିବୁ। ଆମେ ଜାଣୁଛୁ ଯେ ଅଷ୍ଟ୍ରେଲିଆ ଖେଳାଳି ବ୍ୟକ୍ତିଗତ ଭାବେ ଆଇପିଏଲ୍ ଫ୍ରାଞ୍ଚାଇଜ ସହ ଚୁକ୍ତି କରିଛନ୍ତି। ଶୀଘ୍ର ସେହି ସମୟ ଆସିବ, ଯେତେବେଳେ କି ଖେଳାଳି ଆମ ପରାମର୍ଶ ଲୋଡ଼ିବେ। ଆଶା କରୁଛି କି ଅନିଶ୍ଚିତତାର ଏହି ପରିସ୍ଥିତିରେ ଖେଳାଳି ସଠିକ୍ ନିଷ୍ପତ୍ତି ନେବେ' ବୋଲି ରବର୍ଟ୍ସ କହିଛନ୍ତି। ଅଷ୍ଟ୍ରେଲିଆ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ଓ ବ୍ରିଟେନରେ ଅନୁଷ୍ଠିତ ଦି ହଣ୍ଡ୍ରେଡ୍ ସିରିଜରେ ସେମାନଙ୍କ ଖେଳାଳିଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦେବ କି ନାହିଁ ସେ ନେଇ କ୍ରିକେଟ୍ ଅଷ୍ଟ୍ରେଲିଆ ଚିନ୍ତା କରୁଛି। ଆଇପିଏଲ୍ ସହ ୧୭ ଜଣ ଅଷ୍ଟ୍ରେଲୀୟ ଖେଳାଳି ଚୁକ୍ତି କରିଛନ୍ତି। ସେହିଭଳି ପ୍ରକାଶିତ ରିପୋର୍ଟ ଅନୁସାରେ, ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ, ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍, ଓପନର୍ ଡେଭିଡ୍ ୱାର୍ନର ଓ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଚୁକ୍ତି ଛାଡ଼ିବା ପାଇଁ କୁହାଯାଇପାରେ।

## ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର ସସ୍‌ପେଣ୍ଡ

**ଲଣ୍ଡନ, ୧୭।୩ (ଏଏଫ୍‌ପି):** କରୋନା ଭାଇରସ ଭୟ ଯୋଗୁ ଲଣ୍ଡନରେ ଚାଲିଥିବା ୟୁରୋପିଆନ ବକ୍ସିଂ କ୍ୱାଲିଫାୟର୍ସକୁ ସୋମବାର ସସ୍‌ପେଣ୍ଡ କରାଯାଇଛି। ଇଭେଣ୍ଟକୁ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ ଜାରି ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଦି ବକ୍ସିଂ ରୋଡ୍ ଟୁ ଟୋକିଓ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ଚାଲିଥାନ୍ତା। ମାତ୍ର ସୋମବାର ସାନ୍ଧ୍ୟକାଳୀନ ସେସନ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଲଣ୍ଡନରେ ଆୟୋଜିତ ଏହି ପ୍ରତି ଯୋଗିତାରେ ୟୁରୋପର ୧୨ଟି ଦେଶର ୩୫୦ ମହିଳା ଓ ପୁରୁଷ ବକ୍ସର ଭାଗ ନେଉଥିଲେ। ଏଥିରୁ ୧୨ଜଣ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତେ। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)ର ବକ୍ସିଂ ଟାସ୍କ ଫୋର୍ସ (ବିଟିଏଫ୍) ରବିବାର କହିଥିଲା ସୋମବାରଠାରୁ ଇଭେଣ୍ଟର ଅବଶିଷ୍ଟାଂଶ ରୁଦ୍ଧଦ୍ୱାରରେ ହେବ।

# ୯.୬ କୋଟି ହରାଇ ପାରନ୍ତି ଷ୍ଟାର୍କ

**ମେଲବୋର୍ନ, ୧୭।୩:** ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ କୋଲକାତା ନାଇଟ୍ ରାଇଡର୍ସ ସହ ୨୦୧୮ରେ କରିଥିବା ଚୁକ୍ତି ଅନୁଯାୟୀ ୯.୬ କୋଟି ଟଙ୍କା ହରାଇପାରନ୍ତି। ଷ୍ଟାର୍କ ଆଇପିଏଲ୍‌ର ୨୦୨୦ ସଂସ୍କରଣ ଖେଳାଳି ନିଲାମୀ ପ୍ରକ୍ରିୟା ପୂର୍ବରୁ ଏଥିରୁ ଓହରି ଯାଇଥିଲେ। ସେହିଭଳି ଆଇସିସି ବିଶ୍ୱକପ୍ ଓ ଆଶେସ ସିରିଜକୁ ନଜରରେ ରଖି ଏହି ବାମହାତୀ ବୋଲର ଆଇପିଏଲ୍‌ର ୨୦୧୯ ସଂସ୍କରଣରେ ମଧ୍ୟ ଭାଗ ନେଇ ନ ଥିଲେ। ଶେଷଥର ପାଇଁ ସେ ୨୦୧୮ ଆଇପିଏଲ୍ ନିଲାମିରେ ଭାଗ ନେଇଥିଲେ। ଯେଉଁଥିରେ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ୍ ଷ୍ଟାର୍କଙ୍କୁ ୯.୬ କୋଟି ଟଙ୍କାରେ କ୍ରୟ କରିଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକାରେ ଖେଳୁଥିବାବେଳେ ଗୋଡ଼ରେ ଆଘାତ ଲାଗିବାରୁ ଷ୍ଟାର୍କ ସେହିବର୍ଷ ଆଇପିଏଲ୍‌ରେ ଗୋଟିଏ ମଧ୍ୟ ମ୍ୟାଚ୍ ଖେଳିପାରି ନ ଥିଲେ। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ଷ୍ଟାର୍କ ୨୦୧୮ ଆଇପିଏଲ୍ ଚୁକ୍ତି ଅନୁଯାୟୀ ୯.୬ କୋଟି ଟଙ୍କା ହରାଇପାରନ୍ତି। ପ୍ରତିପକ୍ଷ ଓକିଲଙ୍କ ଦାବି କରିଛନ୍ତି ଯେ, ଷ୍ଟାର୍କଙ୍କ ଗୋଡ଼ରେ ଯେଉଁ ଆଘାତ ଲାଗିଥିବା ଏବଂ ତାଙ୍କୁ ଆଇପିଏଲ୍‌ରୁ ଦୂରେଇ ରହିବାକୁ ପଡ଼ିଥିଲା ତାହା ଅଚାନକ କିମ୍ବା ଅପ୍ରତ୍ୟାଶିତ ନ ଥିଲା। ଷ୍ଟାର୍କ ବର୍ତ୍ତମାନ ଭିକ୍ଟୋରିଆର କେଣ୍ଟ୍ରି କୋର୍ଟରେ ଲଣ୍ଡନସ୍ଥିତ ଇନ୍‌ସୁରାନ୍ସ ମାର୍କେଟ୍ ବିରୋଧରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ଯେଉଁଠାରେ ଜଣେ ବ୍ୟକ୍ତି ଏହିଭଳି 'ସ୍ୱତନ୍ତ୍ର' ଘଟଣାର କଭରେଜ୍ କରିପାରିବ।



# ଡୋପ୍ ଟେଷ୍ଟ: ୪ ନାବାଳକ ଆଥଲେଟ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ହୋଇଥିବା ଡୋପ୍ ଟେଷ୍ଟରେ ଧରାପଡ଼ି ୪ ନାବାଳକ ଆଥ୍‌ଲେଟ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ୍ ରହିଛନ୍ତି। ଗତ ନଭେମ୍ବରରେ ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ୧୭ତମ ମିଲୋ ଜାତୀୟ ଆନ୍ତଃ ଜିଲା ଜୁନିୟର ଆଥଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ହୋଇଥିବା ଡୋପ୍ ଟେଷ୍ଟରେ ଏହି ଦୁଇ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ୍‌ଙ୍କ ପଜିଟିଭ୍ ଆସିଥିଲା। ଉଭୟଙ୍କୁ ପିଛିଲା ଜାନୁୟାରୀ ୩୧ରୁ ସାମୟିକ ସସ୍‌ପେଣ୍ଡ କରାଯାଇଥିବା ନାଡା ମଙ୍ଗଳବାର ପ୍ରକାଶ କରିଛି। ଅନ୍ୟ ଦୁଇ ନାବାଳକଙ୍କ ମଧ୍ୟରେ ଜଣେ ବକ୍ସର ଓ ଜଣେ ଭଲିବଲ୍ ଖେଳାଳି ଅଛନ୍ତି। ଗତବର୍ଷ ନଭେମ୍ବରରେ ୬୫ତମ ନ୍ୟାଶନାଲ ସ୍କୁଲ ଗେମ୍ସ (୧୪ବର୍ଷରୁ କମ୍ ବକ୍ସିଂ) ଚାମ୍ପିୟନଶିପ୍ ସମୟରେ ହୋଇଥିବା ବକ୍ସର ଜଣକ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କୁ ଫେବୃୟାରୀ ୬ରୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଗତବର୍ଷ ଅନୁଷ୍ଠିତ ୬୫ତମ ନ୍ୟାନାଲ ସ୍କୁଲ ଗେମ୍ସ ଚାମ୍ପିୟନଶିପ୍ ବେଳେ ହୋଇଥିବା ଡୋପ୍ ଟେଷ୍ଟରେ ଭଲିବଲ ଖେଳାଳି ଜଣକ ଧରାପଡ଼ିଥିଲେ। ତାଙ୍କୁ ଜାନୁୟାରୀ ୩୧ରୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଟେଷ୍ଟ ବେଳେ ଏସିଆନ ଜୁନିୟର ହାମର ଥ୍ରୋ ଚାମ୍ପିୟନ ଆଶିଷ ଝାକରଙ୍କର ମଧ୍ୟ ପଜିଟିଭ ଆସିଥିଲା। ଗତ ସେପ୍ଟେମ୍ବରରେ ପୁଣେଠାରେ ଅନୁଷ୍ଠିତ ସର୍ଭିସେସ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଆଶିଷଙ୍କୁ ମଧ୍ୟ ସାମୟିକ ବାସନ୍ଦ କରାଯାଇଛି।

# ହେଲ୍ସଙ୍କଠାରେ ଲକ୍ଷଣ: ରାଜା

**କରାଚୀ,୧୭।୩ (ପି.ଟି.):** ଚଳିତ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)କୁ ସ୍ଥଗିତ ରଖିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଙ୍ଗଳବାର ନିଷ୍ପତ୍ତି ନେଇଛି। ଜଣେ ବିଦେଶୀ ଖେଳାଳିଙ୍କଠାରେ କାରୋନା ଭାଇରସନ (କୋଭିଡ- ୧୯) ଲକ୍ଷଣ ଦେଖାଦେଇଛି ବୋଲି ପିସିବି ସ୍ପଷ୍ଟ କରିଛି। ତେବେ ଇଂଲଣ୍ଡ ତାରକା କ୍ରିକେଟର ଆଲେକ୍ସ ହେଲ୍ସଙ୍କଠାରେ ଏହି ଲକ୍ଷଣ ଦେଖାଯାଇଛି ବୋଲି ପୂର୍ବତନ ପାକିସ୍ତାନ



ଅଧିନାୟକ ତଥା ଭାଷ୍ୟକାର ରମିଜ ରାଜା ଦାବି କରିଛନ୍ତି। ପିଏସ୍‌ଏଲ୍ ନକ୍ ଆଉଟ ପର୍ଯ୍ୟାୟ ତଥା ସେମିଫାଇନାଲରେ ପ୍ରବେଶ କରିଥିଲା। ଲାହୋରରେ ମଙ୍ଗଳବାର ସେମିଫାଇନାଲ ଓ ବୁଧବାର ଫାଇନାଲ ଖେଳାଯିବାରୁ କାର୍ଯ୍ୟକ୍ରମ ରହିଥିଲା। କରୋନା ଭାଇରସ କାରଣରୁ ପିସିବି ଲିଗ୍‌କୁ ୪ ଦିନ ଛୋଟ କରିଥିଲା। କିନ୍ତୁ ଶେଷରେ ପିସିବି ଏହି ଲିଗ୍ ସ୍ଥଗିତ କରିବାକୁ ବାଧ୍ୟ ହୋଇଛି। ପରିସ୍ଥିତି ନେଇ ବିସ୍ତୃତ ଭାବେ ଆଲୋଚନା କରିବା ପରେ ଆମେ ଏପରି ନିଷ୍ପତ୍ତି ନେଇଛୁ ବୋଲି ପିସିବି ମୁଖ୍ୟ କାର୍ଯ୍ୟ ନିର୍ବାହୀ ୱାସିମ୍ ଖାନ କହିଛନ୍ତି। ଜଣେ ଖେଳାଳି ପାକିସ୍ତାନ ଛାଡିବା ପରେ ତାଙ୍କଠାରେ ଏହି ଭାଇରସର ଲକ୍ଷଣ ଦେଖିବାକୁ ମିଳିଥିବା କଥା କହିଥିଲେ। ତେବେ ଏ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାପୂର୍ବରୁ କୌଣସି ମାମଲା ଆଦୌ ଆସିନାହିଁ। ଅନ୍ୟପଟେ ସମ୍ପୃକ୍ତ ଖେଳାଳି ଜଣକ ଆଲେକ୍ସ ହେଲ୍ସ ହୋଇପାରନ୍ତି ବୋଲି ରାଜା କହିଛନ୍ତି। ସାବଧାନତା ଦୃଷ୍ଟିକୋଣରୁ ପିଏସ୍‌ଏଲର ସବୁ ଖେଳାଳି ଓ ବ୍ରଡକାଷ୍ଟରଙ୍କ ପରୀକ୍ଷା କରାଯାଇଛି। ତେବେ ହେଲ୍ସଙ୍କଠାରେ ଦେଖାଦେଇଥିବା ଲକ୍ଷଣ କରୋନ ଭାଇରସ କାରଣରୁ କହିବା ଠିକ୍ ହେବ ନାହିଁ ବୋଲି ରାଜା କହିଛନ୍ତି। ତାଙ୍କର ଏପର୍ଯ୍ୟନ୍ତ ପରୀକ୍ଷା ହୋଇନାହିଁ। ଇଂଲଣ୍ଡରେ ପହଞ୍ଚିବା ପରେ ୩୧ ବର୍ଷୀୟ ହେଲ୍ସ ନିଜଆଡୁ ଆସୋଲେଶନରେ ରହିଛନ୍ତି। ରବିବାର ସକାଳୁ ମୋତେ ଜ୍ୱର ହୋଇଥିବା ଜାଣିବାକୁ ପାଇଥିଲି। ପରେ ମୋର କ୍ରମାଗତ ଭାବେ କାଶ ହୋଇଥିଲା ବୋଲି ହେଲ୍ସ କହିଛନ୍ତି। ପରୀକ୍ଷା ହୋଇ ନ ଥିବାରୁ ଏବେ କିଛି କହିବା କଷ୍ଟକର ବୋଲି ସେ କହିଛନ୍ତି। ପିଏସ୍‌ଏଲ୍‌ରେ ସାମିଲ ହୋଇଥିବା ୩୪ ବିଦେଶୀ ଖେଳାଳି ଗତ ସପ୍ତାହରେ ଘରକୁ ଫେରିବା ଆରମ୍ଭ କରିଛନ୍ତି। କୌଣସି ଖେଳାଳିଙ୍କୁ ଲିଗ୍‌ରୁ ଫେରିବାରେ ରୋକାଯିବ ନାହିଁ ବୋଲି ପିସିବି କହିଛି। ପୂର୍ବରୁ ସେମବାର ପିସିବି ବାଂଲାଦେଶ ବିପକ୍ଷ ଦିନିକିଆ ଓ ଟେଷ୍ଟ ସିରିଜକୁ ମଧ୍ୟ ବାତିଲ କରିସାରିଛି। ସେହିପରି ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ଦିନିକିଆ କପ୍‌କୁ ମଧ୍ୟ ବାତିଲ କରାଯାଇଛି।

# ମୋଟର ରେସିଂ କ୍ୟାଲେଣ୍ଡର ପ୍ରଭାବିତ

କରୋନା ଭାଇରସ ସଂକ୍ରମଣ ପ୍ରଭାବରେ ଅନ୍ୟ କ୍ରୀଡ଼ାଭଳି ମୋଟରରେସିଂ କ୍ୟାଲେଣ୍ଡର ମଧ୍ୟ ପ୍ରଭାବିତ ହୋଇଛି। ଏହା ମଧ୍ୟରେ ସମ୍ପୃକ୍ତ ରହିଛି ଫର୍ମୁଲାୱାନ, ମୋଟୋ ଜିପି, ଫର୍ମୁଲା-ଇ, ୱାର୍ଲ୍ଡ ଏଣ୍ଡୁରାନ୍ସ ଚାମ୍ପିୟନଶିପ୍। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଥମ ୫ଟି ଫର୍ମୁଲାୱାନ ମୋଟରରେସିଂ ଗ୍ରାଁ ପ୍ରି ସମ୍ପର୍କରେ ନିଷ୍ପତ୍ତି ନିଆ ଯାଇଛି। ସିଜନର ମୁଖଶାଳା କୁହା ଯାଉଥିବା ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ବାତିଲ ହୋଇଥିବାବେଳେ ଅନ୍ୟ ୪ଟି ଗ୍ରାଁ ପ୍ରିକୁ ସ୍ଥଗିତ ରଖା ଯାଇଛି। ତା' ମଧ୍ୟରେ ରହିଛି ବାହାରିନ, ଭିଏତନାମ, ଚାଇନିଜ୍, ଡଚ୍ ଓ ସ୍ପାନିଶ ଗ୍ରାଁ ପ୍ରି। ଆଗାମୀ ଦିନରେ ହେବାକୁଥିବା ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି।

ମୋଟର ସ୍ପୋର୍ଟ୍ସର ସର୍ବୋଚ୍ଚ ସଂସ୍ଥା(ଏଫଆଇଏ) ପକ୍ଷରୁ ଏକ କ୍ରାଇସେସ ସେଲ୍ ଗଠନ କରାଯାଇଛି। ଗୋଟିଏ ଦିନ ବ୍ୟବଧାନରେ ବୈଠକ ଅନୁଷ୍ଠିତ ହୋଇ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଉଛି। ଆମେରିକାରେ ଅନେକ ରେସ୍ ବାତିଲ କରାଯାଇଥିବାବେଳେ ପ୍ରଶଂସକଙ୍କ ସହିତ ମିଶିବା ଉପରେ କଟକଣା ଲଗା ଯାଇଛି। ଚାଇନାରେ କରୋନା ଭାଇରସ ସଂକ୍ରମଣ ପରେ ପ୍ରଥମେ ଚାଇନିଜ୍ ଗ୍ରାଁ ପ୍ରିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଏହାପରେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଉପରେ ସମସ୍ତଙ୍କ ନଜର ରହିଥିଲା। ପ୍ରଥମ ଦିବସ ପ୍ରାକ୍ଟିସ ପାଇଁ ସମସ୍ତ ଗାଡ଼ିକୁ ଲାଇନ୍‌ଅପ୍ କରାଯାଇଥିଲା। ମାତ୍ର ମ୍ୟାକଲରେନ ଟିମ୍‌ର ଜଣେ ସଦସ୍ୟ ଭାଇରସରେ ଆକ୍ରାନ୍ତ ହୋଇଥିବା ଜଣା ପଡ଼ିବାପରେ ଅଭ୍ୟାସ ସେସନକୁ ପ୍ରଥମେ ସ୍ଥଗିତ ରଖାଯାଇଥିଲା ଏବଂ ପରେ ଗ୍ରାଁ ପ୍ରିକୁ ବାତିଲ କରାଗଲା। ପରବର୍ତ୍ତୀ ରେସ୍ ଗୁଡ଼ିକୁ ବିନା ଦର୍ଶକରେ କରାଇବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଷ୍ପତ୍ତି ହୋଇଥିଲେ ହେଁ ପରେ ସ୍ଥଗିତ ରଖା ଯାଇଥିଲା।



| ଗ୍ରାଁ ପ୍ରି | ସମୟ | ଷ୍ଟାଟସ |
|---|---|---|
| ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି | ମାର୍ଚ୍ଚ ୧୩ରୁ ୧୫ | ବାତିଲ |
| ବାହାରିନ ଗ୍ରାଁ ପ୍ରି | ମାର୍ଚ୍ଚ ୨୦ରୁ ୨୨ | ସ୍ଥଗିତ |
| ଭିଏତନାମ ଗ୍ରାଁ ପ୍ରି | ଏପ୍ରିଲ ୩ରୁ ୫ | ସ୍ଥଗିତ |
| ଚାଇନିଜ ଗ୍ରାଁ ପ୍ରି | ଏପ୍ରିଲ ୧୭ରୁ ୧୯ | ସ୍ଥଗିତ |
| ଡଚ୍ ଗ୍ରାଁ ପ୍ରି | ମେ ୧ରୁ ୩ | ସ୍ଥଗିତ |
| ସ୍ପାନିଶ ଗ୍ରାଁ ପ୍ରି | ମେ ୮ରୁ ୧୦ | ସ୍ଥଗିତ |

ଧରିତ୍ରୀ
DHARITRI
ବୁଧବାର, ୧୮ ମାର୍ଚ୍ଚ, ୨୦୨୦



"କରୋନା ଭାଇରସ୍ ଯୋଗୁ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବ କି ନା ସେ ସମ୍ପର୍କରେ କେବେ ନିଷ୍ପତ୍ତି ନିଆଯିବ ଦିନ ଧାର୍ଯ୍ୟ ହୋଇ ନାହିଁ ।
–ଜନ୍ କୋଟ୍ସ
ଟୋକିଓ କୋଅର୍ଡିନେଶନ କମିଶନ ଚେୟାରମ୍ୟାନ



"କରୋନା ଭାଇରସ୍‌ର ପ୍ରଭାବ ଯେ ପର୍ଯ୍ୟନ୍ତ ନ ହଟିଛି ସେ ପର୍ଯ୍ୟନ୍ତ କୌଣସି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବା ଉଚିତ୍ ହେବ ନାହିଁ ।
–ଟାଇଗର ଉଡ୍ସ, ଗଲ୍‌ଫ ସୁପରଷ୍ଟାର



## 'ଇଣ୍ଡୋ- ପାକ୍ ମ୍ୟାଚ୍ ବିନା ଟେଷ୍ଟ ଚାମ୍ପିୟନଶିପ୍‌ର ମାନେ କିଛି ନାହିଁ

**କରାଚୀ, ୧୭।୩ (ପି.ଟି.):** ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରା ନ ଗଲେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ର ମାନେ କିଛି ନାହିଁ। ଏକଥା କହିଛନ୍ତି ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ଓ୍ୱାକର ୟୁନିସ୍। ଟେଷ୍ଟ ଚାମ୍ପିୟନଶିପ୍‌ରେ ବିଶ୍ୱର ଶ୍ରେଷ୍ଠ ୯ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଏହି ଦେଶଗୁଡିକ ପରସ୍ପର ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବେ। ସର୍ବାଧିକ ପଏଣ୍ଟ ପାଇ ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବାକୁ ଥିବା ଦଳ ୨୦୨୧ ଜୁନ୍‌ରେ ଇଂଲଣ୍ଡରେ ଫାଇନାଲରେ ପରସ୍ପରକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କ ଭଲ ନାହିଁ ବୋଲି ଜାଣିଛି। ଏପରିକି ଦୁଇ ଦେଶର ସରକାରଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ କହିଲେ ଚଳେ। ତେବେ ଏପରିସ୍ଥଳେ ଚାମ୍ପିୟନଶିପ୍‌ରେ ଆଇସିସି ସକ୍ରିୟ ଭୂମିକା ନେବାର ଆବଶ୍ୟକ ରହିଛି ବୋଲି ଓ୍ୱାକର କ୍ରିକ୍‌ବଜ ୟୁଟ୍ୟୁବ ଚ୍ୟାନେଲକୁ ସାକ୍ଷାତକାର ଦେଇ କହିଛନ୍ତି। ଆଇସିସି ଦୁଇ ଦେଶ ମଧ୍ୟରେ କ୍ରିକେଟ ସିରିଜକୁ ପୁଣି ଥରେ ଆରମ୍ଭ କରିବା ପାଇଁ ପ୍ରୟାସ ଆରମ୍ଭ କରିବା ଉଚିତ।

# ୟୁରୋ ୨୦୨୦ ସ୍ଥଗିତ

**ଲାଉସାନେ, ୧୭।୩ (ଏଏଫ୍‌ପି)**

ୟୁନିୟନ ଅଫ୍ ୟୁରୋପିଆନ୍ ଫୁଟ୍‌ବଲ ଆଶୋସିଏଶନ୍ସ (ୟୁଫା) ୨୦୨୧ ପର୍ଯ୍ୟନ୍ତ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖିଛି। ମଙ୍ଗଳବାର ୟୁରୋପିଆନ ଫୁଟ୍‌ବଲ ଗଭର୍ଣ୍ଣିଂବଡ଼ିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଇଭେଣ୍ଟ ମହାଦେଶର ବିଭିନ୍ନ ସ୍ଥାନର ଜୁନ୍ ଓ ଜୁଲାଇରେ ଖେଳାଯାଇଥାନ୍ତା। କରୋନା ଭାଇରସ୍ ବ୍ୟାପିବାରେ ଲାଗିଥିବାରୁ ସମଗ୍ର ବିଶ୍ୱରେ କ୍ରୀଡ଼ା ଏକ ପ୍ରକାର ସ୍ଥିର ହୋଇଯାଇଛି। ବହୁ ଦେଶ ସେମାନଙ୍କ ସୀମାନ୍ତକୁ ବନ୍ଦ କରିଦେଇଛନ୍ତି। କୋଭିଡ୍-୧୯ ଏମରଜେନ୍ସି ଯୋଗୁ ସମସ୍ତ ଘରୋଇ ପ୍ରତିଯୋଗିତା ମଧ୍ୟ ସ୍ଥଗିତ ରଖାଯାଇଛି। ସେଗୁଡ଼ିକ ଶେଷ ହେବା ଦରକାର। ୟୁଫା ଚାମ୍ପିୟନ୍ସ ଲିଗ୍ ଏବଂ କ୍ଲବଗୁଡ଼ିକୁ ନେଇ ୟୁରୋପା ଲିଗ୍ ପ୍ରତିଯୋଗିତାକୁ ଇତିମଧ୍ୟରେ ସସ୍‌ପେଣ୍ଡ କରାଯାଇଛି। ଉଭୟ ପ୍ରି-କ୍ୱାର୍ଟର ପର୍ଯ୍ୟାୟରେ ପହଞ୍ଚିସାରିଥିଲା। ଦେଶ ବିଦେଶ ଯାତାୟାତ କଟକଣା ଉଠିବା ପରେ ଯାଇ ଅସମାପ୍ତ ପ୍ରତିଯୋଗିତା ଗୁଡ଼ିକ ସମ୍ପନ୍ନ ହେବ। କହିବାକୁ ଗଲେ ୟୁରୋପ ବର୍ତ୍ତମାନ କରୋନା ଭାଇରସ ସଂକ୍ରମଣର କେନ୍ଦ୍ର ସ୍ଥଳ ପାଲଟିଯାଇଛି। ଇଟାଲି ଓ ସ୍ପେନ ପରେ ଫ୍ରାନ୍ସରେ ଅଧିକ ସଂଖ୍ୟାରେ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଫଳ ସ୍ୱରୂପ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିଲେ ୟୁରୋପ ନେତାମାନେ ମହାଦେଶରେ ସେମାନଙ୍କ ଗସ୍ତକ୍ରମ ସ୍ଥଗିତ ରଖିଛନ୍ତି। ଖବର ଅନୁସାରେ କେବଳ ଇଟାଲୀରେ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ୨,୧୦୦ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ରୋମ୍‌ରେ ୟୁରୋ ୨୦୨୦ର ଓପନିଂ ଗେମ୍ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନ ପରିସ୍ଥିତିରେ ୟୁରୋପରେ ସମସ୍ତ ପ୍ରକାର ଫୁଟ୍‌ବଲ ଟୁର୍ନାମେଣ୍ଟକୁ ସ୍ଥଗିତ ରଖିବା ଉଚିତ୍ ବୋଲି ଇଟାଲି ଫୁଟ୍‌ବଲ ଫେଡେରେଶନ ମୁଖ୍ୟ ଗାବ୍ରିଲି ଗ୍ରାଭିନା ପୂର୍ବରୁ ସମସ୍ତଙ୍କୁ ନିବେଦନ କରି ସାରିଛନ୍ତି। ୟୁରୋ ୨୦୨୦ର ମ୍ୟାଚ୍‌ଗୁଡ଼ିକ ଡବଲିନ ଓ ବିଲ୍‌ବାଉଠାରୁ ଆରମ୍ଭ କରି ସେଣ୍ଟ ପିଟର୍ସବର୍ଗ ଓ ବାକୁ ପର୍ଯ୍ୟନ୍ତ ମହାଦେଶର ୧୨ଟି ସହରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ସେମିଫାଇନାଲ ଓ ଫାଇନାଲ ଲଣ୍ଡନରେ ଖେଳାଯାଇଥାନ୍ତା। ମହିଳା ୟୁରୋପିଆନ ଚାମ୍ପିୟନଶିପ୍ ଆସନ୍ତା ଜୁଲାଇ ୭ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବ। ଫାଇନାଲ ଓ୍ୱେମ୍ବଲିଠାରେ ଖେଳାଯିବ। ୟୁଫା ମଧ୍ୟ ଆସନ୍ତା ବର୍ଷ ଜୁନ୍‌ରେ ହଙ୍ଗେରୀ ଓ ସ୍ଲୋଭେନିଆରେ ୨୧ ବର୍ଷରୁ କମ୍ ୟୁରୋ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରିବା ଲାଗି ଯୋଜନା କରିଛି। ୟୁରୋରେ ଭାଗ ନେବାକୁ ଥିବା ୨୪ଟି ଟିମ୍ ମଧ୍ୟରୁ ୨୦ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପ୍ଲେ-ଅଫ୍ ଜରିଆରେ ଅନ୍ୟ ୪ଟି ଦଳ ନିର୍ଦ୍ଧାରଣ କରାଯାଇଥାନ୍ତା। ଏହି ମ୍ୟାଚ ଗୁଡ଼ିକ ପରେ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି।




## ଅଲିମ୍ପିକ୍ସ ଟ୍ରାଏଲ୍‌ରେ ଭାଗନେଲେ ଭାରତୀୟ ଶୁଟର

**ନୂଆଦିଲ୍ଲୀ, ୧୭।୩ (ପି.ଟି.):** କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ସମଗ୍ର ବିଶ୍ୱରେ ଜୀବନଯାତ୍ରା ଉପରେ ପ୍ରଭାବ ପକାଇଥିବା ବେଳେ ଭାରତର ଟପ୍ ଶୁଟରମାନେ ସୋମବାର ଅଲିମ୍ପିକ ସିଲେକ୍ସନ ଟ୍ରାଏଲ୍‌ରେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ କାର୍ଣ୍ଣି ସିଂ ଶୁଟିଂ ରେଞ୍ଜ୍‌ରେ ମନୁ ଭାକର, ଚିଙ୍କି ଯାଦବ, ଅପୂର୍ବି ଚାଣ୍ଡେଲା, ମେହୁଲି ଘୋଷ ଏବଂ ଇଲାଭେନିଲ ଭାଲାରିଭାନଙ୍କ ସମେତ ବହୁ ଶୁଟର ସେମାନଙ୍କ ପିସ୍ତଲ ଓ ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କରୋନା ଭାଇରସ କାରଣରୁ ଭାରତ ଗତ ମାସରେ ଅନୁଷ୍ଠିତ ନିକୋସିଆ ଶଟ୍‌ଗନ୍ ଓ୍ୱାର୍ଲ୍ଡ କପ୍‌ରୁ ଓହରିଯାଇଥିଲା। ପରେ ଦିଲ୍ଲୀରେ ମାର୍ଚ୍ଚ ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌କୁ ମେ ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଯେଉଁମାନେ ଉପରୋକ୍ତ ଦୁଇ ବିଶ୍ୱକପ୍‌ରେ ଭାଗ ନେବାଲାଗି ମନୋନୀତ ହୋଇଥିଲେ, ସେମାନେ ଫାଇନାଲ ଟ୍ରାଏଲ୍‌ରେ ଭାଗ ନେଇଥିଲେ।

## ଅଲିମ୍ପିକ୍ସ ପ୍ରସ୍ତୁତିକୁ ଛାଡି ସବୁ ଜାତୀୟ ଶିବିର ସ୍ଥଗିତ ରଖିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭।୩(ପି.ଟି.):** କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସବୁ ଜାତୀୟ ପ୍ରଶିକ୍ଷଣ ଶିବିରକୁ ସ୍ଥଗିତ ରଖାଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ କହିଛନ୍ତି। ତେବେ ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରଶିକ୍ଷଣ ଜାରି ରଖିଥିବା ଖେଳାଳିମାନେ ସେମାନଙ୍କ ପ୍ରସ୍ତୁତି ଜାରି ରଖିବେ ଓ ପରବର୍ତ୍ତୀ ନିର୍ଦ୍ଦେଶ ଦିଆ ନ ଯିବା ପର୍ଯ୍ୟନ୍ତ ଏପରି ଚାଲୁ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଚାଲିଥିବା ସବୁ ପ୍ରକାର ଏକାଡେମିକ ଟ୍ରେନିଂକୁ ମଧ୍ୟ ସସ୍‌ପେଣ୍ଡ କରାଯାଇଛି। ଉଲ୍ଲେଖଥାଉ କି, ଅଲିମ୍ପିକ୍ସ ଜାପାନ ରାଜଧାନୀ ଟୋକିଓରେ ଚଳିତ ବର୍ଷ ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ସଂକ୍ରାନ୍ତ ପ୍ରସ୍ତୁତି ତଥା ଶିବିରକୁ ବାଦ୍ ଦେଲେ ସବୁ ଜାତୀୟ ଶିବିରକୁ ସ୍ଥଗିତ ରଖିବାକୁ ସାଇ ତରଫରୁ କୁହାଯାଇଛି ବୋଲି ରିଜିଜୁ ଟୁଇଟ୍ କରିଛନ୍ତି। ତେବେ ଏହି ନିଷ୍ପତ୍ତି ଅସ୍ଥାୟୀ ଓ ଯଦି ପରିସ୍ଥିତିରେ ଉନ୍ନତି ଘଟେ ତାହାଲେ ଟ୍ରେନିଂକୁ ପୁଣି ଥରେ ଆରମ୍ଭ କରାଯିବ ବୋଲି ରିଜିଜୁ ଟୁଇଟ୍ କହିଛନ୍ତି। କ୍ରୀଡ଼ାବିତ୍‌ଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସାବଧାନତା ଅବଲମ୍ବନ ପୂର୍ବକ ଏହି ନିଷ୍ପତ୍ତି ନେବାକୁ ହେଲା। ତେବେ ଯୁବ ଆଥଲେଟ୍‌ଙ୍କୁ ନିରାଶ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ପରିସ୍ଥିତି ଉପରେ ନଜର ରଖାଯାଇଛି ଓ ଏଥିରେ ଉନ୍ନତି ହେଲେ ପୁଣି ଟ୍ରେନିଂ ପୂର୍ବପରି ଆରମ୍ଭ ହେବ।

ଉଲ୍ଲେଖଥାଉ କି, ଭାରତରେ ଶୁଟିଂ ବିଶ୍ୱକପ୍, ଇଣ୍ଡିଆନ ଓପନ ଗଲ୍ଫକୁ ସ୍ଥଗିତ ରଖାଯାଇଛି।

## ପୁଅକୁ ହାତଧୁଆ ଶିଖାଇଲେ ସାନିଆ

**ନୂଆଦିଲ୍ଲୀ, ୧୭।୩:** କରୋନା ଭାଇରସ୍ ବର୍ତ୍ତମାନ ସାରା ବିଶ୍ୱରେ ବର୍ତ୍ତମାନ ଏହାର ଆତଙ୍କ ଖେଳାଇ ଚାଲିଛି। ଏହାକୁ ପ୍ରତିହତ କରିବା ଲାଗି କୌଣସି ଭ୍ୟାକସିନ ବାହାରି ନାହିଁ। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ଭଲ ଭାବରେ ହାତକୁ ଧୋଇଲେ ଏହି ମାରାତ୍ମକ ଭାଇରସ୍‌କୁ ରୋକାଯାଇ ପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ସେଥିଲାଗି ଲୋକଙ୍କ ମଧ୍ୟରେ ହାତକୁ ସଫା ରଖିବା ଲାଗି ସଚେତନତା ସୃଷ୍ଟି କରାଯାଉଛି। ଏହି ଅବସରରେ ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ତାଙ୍କ ପୁଅ ଇଜ୍‌ହାନଙ୍କୁ ହାତ ଧୋଇବାର ସଠିକ ଉପାୟ ବିଷୟରେ ଶିଖାଉଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି, ଯାହା ବେଶ୍ ଚର୍ଚ୍ଚାରେ ରହିଛି। ସାନିଆ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ସାନିଟାଇଜର ସହାୟତାରେ ପୁଅ ଇଜ୍‌ହାନଙ୍କୁ ହାତ ସଫା କରିବାର ଉପାୟ ଶିଖାଉଥିବାର ଦେଖିବାକୁ ମିଳିଛି। ସାନିଆ ଇଜ୍‌ହାନଙ୍କ ହାତରେ ସାନିଟାଇଜର ଲଗାଇବା ପରେ ସେ ଏହାକୁ ଦୁଇ ପାପୁଲିରେ ବୋଲି ସଫା କରୁଛନ୍ତି। ସାନିଆଙ୍କ ଏହି ପଦକ୍ଷେପକୁ ଅନେକ ବେଶ୍ ପ୍ରଶଂସା ମଧ୍ୟ କରିଛନ୍ତି। ପ୍ରକାଶଯୋଗ୍ୟ, ମାତୃତ୍ୱ ପରେ ସାନିଆ ବହୁଦିନ ଧରି ଟେନିସରୁ ଦୂରେଇ ରହିଥିଲେ।



ଗତ ଜାନୁୟାରୀରେ ସେ କୋର୍ଟ୍‌କୁ ପ୍ରତ୍ୟାବର୍ତ୍ତନ କରି ହୋବାର୍ଟ ଇଣ୍ଟରନ୍ୟାଶନାଲ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସାନିଆ ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

## ଇଣ୍ଡିଆନ ଗ୍ରାଁ ପ୍ରି-୧ ପାଇଁ କଟକଣା

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ଇଣ୍ଡିଆନ ଗ୍ରାଁ ପ୍ରି-୧ ଆଥଲେଟିକ୍ସ ଚଳିତ ମାସ ୨୦ରେ ଅନୁଷ୍ଠିତ ହେବ। ନ୍ୟାଶନାଲ କୋଚିଂ କ୍ୟାମ୍ପରେ ସାମିଲ ଥିବା ଆଥଲେଟ୍‌ମାନେ ଏଥିରେ କେବଳ ଭାଗ ନେଇପାରିବେ ବୋଲି ଏଏଫଆଇ(ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ) ପକ୍ଷରୁ ପ୍ରକାଶ କରାଯାଇଛି। ''କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୨୦ରେ ପଟିଆଲାର ସାଇ ଏନଏସ-ଏନଆଇଏସରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ କେବଳ ନ୍ୟାଶନାଲ କ୍ୟାମ୍ପରେ ସାମିଲ ଥିବା ଆଥଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ'' ବୋଲି ଏଏଫଆଇ ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ଅର୍ଥାତ୍ ସୋମବାର ଏଏଫଆଇ ପକ୍ଷରୁ କୁହା ଯାଇଥିଲା ଯେ ଇଣ୍ଡିଆନ ଗ୍ରାଁ ପ୍ରିରେ କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କୁ ମଧ୍ୟ ଅଂଶଗ୍ରହଣର ସୁଯୋଗ ଦିଆଯିବ। ସାଇ ଏନଏସ-ଏନଆଇଏସ ଗେଟ୍ ନିକଟରେ ମେଡିକାଲ ଚେକ୍‌ଅପ୍ ପରେ ଆଥଲେଟ୍‌ମାନଙ୍କୁ ଭିତରକୁ ପ୍ରବେଶ ସୁଯୋଗ ମିଳିବ। ବିନା ଦର୍ଶକରେ ଏହି ଦୁଇ ଗ୍ରାଁ ପ୍ରି ଅନୁଷ୍ଠିତ ହେବ। ମାତ୍ର ଏହାର ଗୋଟିଏ ଦିନପରେ ଏଏଫଆଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଛି। ଯାହାକୁ ଦେଶର ବହୁ ଆଥଲେଟ୍‌ଙ୍କୁ ଭାଗ ନେବାରୁ ବଞ୍ଚିତ କରିବ।

ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଆଥଲେଟ୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତ ଜାତୀୟ କ୍ୟାମ୍ପକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଆଥଲେଟ୍‌ମାନେ ଯେପରି ଘରକୁ ଯାଇପାରିବେ ସେଥିନେଇ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ବ୍ୟବସ୍ଥା କରିବ। ସରକାରଙ୍କ ଆଡଭାଇଜରି ଅନୁସାରେ କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କୁ ସାଇ ଏନଏସ-ଏନଆଇଏସ ଭିତରକୁ ଏଣ୍ଟ୍ରି ଦିଆଯାଇ ପାରିବ ନାହିଁ ବୋଲି ଏଏଫଆଇ ପକ୍ଷରୁ ପ୍ରକାଶ କରାଯାଇଛି। କ୍ୟାମ୍ପ ବାହାରର ଆଥଲେଟ୍‌ଙ୍କ ଏଣ୍ଟ୍ରି ଫି' ଦୁଇ ସପ୍ତାହ ମଧ୍ୟରେ ଫେରାଇ ଦିଆଯିବ ବୋଲି କୁହାଯାଇଛି। ସ୍ଥିତି ସୁଧୁରିଲେ ସରକାରଙ୍କ କଟକଣା ଉଠିଲେ ଏଏଫଆଇ ପକ୍ଷରୁ ନୂଆ ପ୍ରତିଯୋଗିତା ଆୟୋଜନ କରାଯାଇ ଅନ୍ୟ ଆଥଲେଟ୍ ମାନଙ୍କୁ ସୁଯୋଗ ଦିଆଯିବ ବୋଲି ପ୍ରକାଶ କରାଯାଇଛି। ଇଣ୍ଡିଆନ ଗ୍ରାଁ ପ୍ରି-୨ ମାର୍ଚ୍ଚ ୨୫ରେ ସେହି ପଟିଆଲାରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ପୁରୁଷ ୨୦୦, ୮୦୦ ମିଟର ରେସ୍, ୪୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍‌ପୁଟ ଓ ଜାଭେଲିନ ଥ୍ରୋ ହେବ। ସେହିପରି ମହିଳା ବିଭାଗରେ ମହିଳା ୧୦୦, ୨୦୦, ୮୦୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ, ଜାଭେଲିନ ଥ୍ରୋ ଇଭେଣ୍ଟ ଆୟୋଜିତ ହେବ।

**ନ୍ୟାଶନାଲ କ୍ୟାମ୍ପରେ ଥିବା ଆଥଲେଟ୍‌ମାନେ କେବଳ ପ୍ରତିଯୋଗିତାରେ ଭାଗ ନେଇପାରିବେ: ଏଏଫଆଇ**



ନ୍ୟୁ ସାଉଥ୍‌ୱେଲ୍ସ ଦଳର ଖେଳାଳିମାନେ।

## ନ୍ୟୁ ସାଉଥ୍ ୱେଲ୍ସ ଚାମ୍ପିୟନ ଘୋଷିତ

ସିଡ୍‌ନୀ, ୧୭।୩ (ଏଏଫ୍‌ପି)- ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ସିଫେଲ୍ଡ ସିଲ୍ଡରେ ନ୍ୟୁ ସାଉଥ୍ ୱେଲ୍ସ ଚାମ୍ପିୟନ ହୋଇଛି। କରୋନାର ଭୟାବହତାକୁ ଲକ୍ଷ୍ୟ ରଖି ଏହି ଟୁର୍ନାମେଣ୍ଟକୁ ଅଧାରୁ ମଙ୍ଗଳବାର ବାତିଲ୍ ଘୋଷଣା କରାଯାଇଛି। ପ୍ରତିଯୋଗିତାର ୯ମ ରାଉଣ୍ଡ ସରିଯାଇଥିବାବେଳେ ନ୍ୟୁ ସାଉଥ୍ ୱେଲ୍ସ ପଏଣ୍ଟ ତାଲିକାର ଶୀର୍ଷରେ ରହିଥିଲା। ଫଳରେ ଏହି ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ନ୍ୟୁ ସାଉଥ୍ ୱେଲ୍ସ ବିଜେତା ହୋଇଛି। ବିନା ଦର୍ଶକରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ମଧ୍ୟ ଅଷ୍ଟ୍ରେଲିଆ ବାତିଲ୍ କରିଦେଇଛି। 'ପ୍ରଶଂସକ, ଖେଳାଳି, ଷ୍ଟାଫ୍, ଭଲ୍ୟୁଣ୍ଟିୟର୍ସ ଓ ମ୍ୟାଚ୍ ଅଫିସିଆଲଙ୍କ ସୁରକ୍ଷା ଲାଗି ସମସ୍ତ ପ୍ରକାର କ୍ରିକେଟ୍‌କୁ ବାତିଲ୍ କରିବା ସହିତ ସମସ୍ତ କ୍ରିକେଟ୍ ଅଫିସର ଷ୍ଟାଫ୍ ଘରେ ରହି କାମ କରିବେ' ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମୁଖ୍ୟ କେଭିନ୍ ରବର୍ଟସ କହିଛନ୍ତି। ଅଷ୍ଟ୍ରେଲିଆରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୦୦ କରୋନା ଭାଇରସ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇସାରିଛି।

# ୩୦ ବର୍ଷରେ ସାଇନା

**ନୂଆଦିଲ୍ଲୀ, ୧୭।୩:** ଲୋକପ୍ରିୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ମଙ୍ଗଳବାର ୩୦ ବର୍ଷରେ ପଦାର୍ପଣ କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ୧୯୯୦ରେ ହରିୟାଣାର ହିସାର ଜିଲାରେ ଜନ୍ମଗ୍ରହଣ କରିଥିଲେ। ଏହି ଅବସରରେ ଭାରତୀୟ କ୍ରୀଡ଼ାଜଗତରୁ ସାଇନାଙ୍କ ନିକଟକୁ ଜନ୍ମଦିନ ଶୁଭେଚ୍ଛାର ସୁଅ ଛୁଟିଛି। ସାଇନାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଖେଳାଳିଙ୍କ ତାଲିକାରେ ଭେଟେରାନ କ୍ରିକେଟର୍ ଯୁବରାଜ ସିଂ, ଇର୍ଫାନ ପଠାନ, ରେସ୍‌ଲର ଯୋଗେଶ୍ୱର ଦତ୍ତ, ସାଥୀ ବ୍ୟାଡ୍‌ମିଣ୍ଟନ ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ପ୍ରମୁଖ ରହିଛନ୍ତି। 'ଆମର ଚାମ୍ପିୟନଙ୍କୁ ଜନ୍ମଦିନର ଅଭିନନ୍ଦନ' ବୋଲି ଯୁବରାଜ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ସେହିଭଳି ଚଳିତ ବର୍ଷ ତୁମ ଲାଗି ସଫଳମୟ ହେଉ ବୋଲି ଇର୍ଫାନ ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ମହିଳା ସିଙ୍ଗଲ୍ସ ଖେଳାଳି ବର୍ତ୍ତମାନ ସୁଦ୍ଧା କ୍ୟାରିୟରରେ ୨୪ ଅନ୍ତର୍ଜାତୀୟ ଟାଇଟଲ୍ ଜିତି ସାରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପଦ୍ମଶ୍ରୀ, ପଦ୍ମ ଭୂଷଣ, ରାଜୀବ ଗାନ୍ଧୀ ଖେଳରତ୍ନ ପରି ସମ୍ମାନଜନକ ପୁରସ୍କାର ଜିତିସାରିଥିବା ସାଇନା ୨୦୧୮ରେ ସାଥୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁପଲ୍ଲୀ କାଶ୍ୟପଙ୍କ ହାତ ଧରିଥିଲେ। ଗତବର୍ଷ ବିଧିବଦ୍ଧ ଭାବେ ସେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଥିଲେ।



## କିଛି ରୋଚକ ତଥ୍ୟ

- ବ୍ୟାଡ୍‌ମିଣ୍ଟନ ଖେଳିବା ପୂର୍ବରୁ ସାଇନା କରାଟେରେ ଜଣେ ଚାମ୍ପିୟନ ଖେଳାଳି ଥିଲେ। ସେ ବ୍ରାଉନ୍ ବେଲ୍ଟର ଅଧିକାରିଣୀ ରହିଥିଲେ।
- ସାଇନାଙ୍କ ବାପା ହରବୀର ସିଂ ଓ ମା ଉଷା ନେହ୍ୱାଲ ହରିୟାଣାରେ ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ରହିଥିଲେ।
- ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ଜଣ ବ୍ରାଣ୍ଡ୍ ଆମ୍ବାସାଡରଙ୍କ ମଧ୍ୟରୁ ସେ ଅନ୍ୟତମ।
- ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସାଇନା ଅଲିମ୍ପିକରେ ପଦକ ଜିତିବାର ଗୌରବ ଲାଭ କରିଥିଲେ।
- ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଜିତିଥିବା ମୋଟ୍ ୪ ପଦକ ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ରହିଛି।
- ପ୍ରତି ମ୍ୟାଚ୍ ଜିତିବା ପରେ ଆଇସକ୍ରିମ ସହ ସେ ସେଲିବ୍ରେଶନ କରିଥାନ୍ତି।
- ସାଇନାଙ୍କ ବଡ଼ ଭଉଣୀ ଅଂଶୁ ନେହ୍ୱାଲ ଜଣେ ମଡେଲ।
- ପ୍ରଥମବ୍ୟାଡ୍‌ମିଣ୍ଟନଖେଳାଳିଭାବେସେଦୁଇଥରଏସିଆନ ଷ୍ଟେଟ୍ ଲାଇଡ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨ଥର ଜିତିଛନ୍ତି।

## ମନେ ପଡ଼ନ୍ତି

୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଧବ ସାହୁ
ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ
ଆବିର୍ଭାବ: ୦୭।୦୪।୧୯୫୭
ତିରୋଧାନ: ୦୭।୦୪।୨୦୦୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ଶାନ୍ତି, ପୁତ୍ର: ସୁମନ।
ଧ-୬୯୪୦୧

୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୧୫୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୮/୨୦୨୦ Bhubaneswar, Wednesday, March 18/2020

# ଦାବି ଦୋହରାଇଲେ ସସ୍ମିତ: ଓଡ଼ିଶାକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମିଳୁ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ଗତ ଫେବ୍ରୁୟାରୀରେ ଭୁବନେଶ୍ୱରଠାରେ ୨୪ତମ ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ ରଖାଯାଇଥିବା ଦାବିକୁ ମଙ୍ଗଳବାର ସସ୍ମିତ ପାତ୍ର ପାର୍ଲାମେଣ୍ଟରେ ଦୋହରାଇଛନ୍ତି।

ସ୍ୱତନ୍ତ୍ରଭାବେ ରାଜ୍ୟ ପ୍ରସଙ୍ଗ ଉପସ୍ଥାପନ କରି ସସ୍ମିତ କହିଥିଲେ ଯେ, ଟେଲି ଯୋଗାଯୋଗ ଆବଶ୍ୟକତା, ବ୍ୟାଙ୍କିଙ୍ଗ୍ ସୁବିଧା, ରେଳ ଓ ରାଜପଥକୁ ନେଇ ଯଦି ଜାତୀୟସ୍ତରୀୟ ମୂଲ୍ୟାଙ୍କନ କରାଯାଏ, ତେବେ ପୂର୍ବ ଭାରତ ବହୁ ପଛୁଆ ରହିଥିବା ମନେହୁଏ। ତେଣୁ ଏହି ଅଞ୍ଚଳକୁ ଅଧିକ ଅଗ୍ରଣୀ କରିବା ପାଇଁ ଦାବି କରାଯାଉଥିବା କ୍ଷେତ୍ରରେ କେନ୍ଦ୍ର ଦ୍ୱିଗୁଣ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଓଡ଼ିଶା ଦେଶକୁ ସର୍ବାଧିକ ଖଣିଜ ସମ୍ପଦ ଯୋଗାଉଥିବା ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତ ରଖିଥିଲେ। ଦେଶର ଉତ୍ପାଦନ ଏବଂ ଶକ୍ତି କ୍ଷେତ୍ରରେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହେଲେ ୨୦୧୨ ମସିହା ପରଠାରୁ କୋଇଲା ରୟାଲଟି ସଂଶୋଧନ କରାଯାଇ ନାହିଁ। ଅନୁରୂପଭାବେ ଏନର୍ଜି ସେସ୍‌ରୁ ରାଜ୍ୟକୁ ମଧ୍ୟ ଅଂଶ ମିଳିବା ଦରକାର ବୋଲି ସସ୍ମିତ କହିଥିଲେ। ତେଣୁ ପୂର୍ବଭାରତ ବିଶେଷ ଭାବେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରୁ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ